
ପ୍ରଥମ ବର୍ଷ                ବଶିଷ୍ଟ ଦୋଳ ସଂଖ୍ୟା                ସନ ୧୩୩୩ ସାଲ




# ଉତ୍କଳ

ରାୟ ବାହାଦୁର ବ୍ରଜକିଶୋର ଦାସ—ସଂପାଦକ ।

ବାର୍ଷିକ ମୂଲ୍ୟ—ସହର ପାଇଁ ଟ ୩ ୲        ମଫସଲ ପାଇଁ ଟ ୩୵        ଭିଃ ପିଃରେ ଟ ୪ ୲

Digitized by srujanika@gmail.com

FOR

# EVERY THING IN LINE.

# HALFTONE AND ELECTRO BLOCKS.

—PLEASE TRY—

# THE BARUNEE KALA VABAN.

*PROCESS WORKERS & ENGRAVERS, BANKABAZAR, CUTTACK.*

**Minimum Charges & Prompt Execution is**

## OUR POINT OF VIEW

BLOCKS ARE CHARGED EVEN 10% LESS CALCUTTA PRICE

## Write for Particulars

ସାମାନ୍ୟ ବ୍ଲକଟି ଲାଗି

ଆଉ କଲିକତା ଲେଖି ହଇରାଣ ଓ କ୍ଷତିଗ୍ରସ୍ତ ହେବାକୁ ପଡ଼ିବ ନାହିଁ ।

ଲାଇନ, ହାଫଟୋନ ଓ ଇଲେକ୍ଟ୍ରୋର ସମସ୍ତ ପ୍ରକାର ବ୍ଲକ ଆମ୍ଭେମାନେ

# କଲିକତାଠାରୁ ସୁଲଭରେ ହାତପାଖରେ

# ତିଆର କରି ଦେବୁଁ ।

—ଏଣିକି—

ଟ୍ରେନ୍ ବନ୍ଦ ଓ ଅନ୍ୟାନ୍ୟ କାମ ଲାଗି ସୁଦ୍ଧା ଅଠଦିନରୁ ବେଶି ସମୟ
ଅପେକ୍ଷା କରିବାକୁ ପଡ଼ିବ ନାହିଁ ।

ଯଦି ଥରେ

# ବାରୁଣୀ କଳା-ଭବନ

ବାଙ୍କାବଜାର କଟକ

ରେ

ଆପଣ ବ୍ଲକପାଇଁ ଅର୍ଡର ଦିଅନ୍ତୁ ।

ବିଭିନ୍ନ ପ୍ରକାରର ବ୍ଲକମାନଙ୍କ ମୂଲ୍ୟ ତାଲିକାପାଇଁ ପତ୍ର ଲେଖନ୍ତୁ ।

Digitized by srujanika@gmail.com

# କଟକ ପ୍ରିଣ୍ଟିଂ କମ୍ପାନୀ ଲିମିଟେଡ

ଦରଘାବଜାର—କଟକ ।

ବହି ବନ୍ଧା ଓ ତହିଁଉପରେ ସୁନେଲି ଓ ରୂପେଲି ଅକ୍ଷରରେ ନାମ ଛପା ଆମ ପ୍ରେସରେ ହୋଇଥାଏ ।

ରୁଲ୍ ଏମ୍ବସ୍ ଓ ନମ୍ବର ଦେବା କାମ ଗ୍ରାହକଙ୍କ ରୁଚି-ଅନୁସାରେ କରୁଁ ।

ଚିଠିକାଗଜ, ଭିଜିଟିଂ କାର୍ଡ—

—ନିମନ୍ତ୍ରଣ ପତ୍ର—

ସ୍ନେହୋପହାର ପ୍ରୀତ୍ୟୁପହାର ଇତ୍ୟାଦି ଛପାଇବା ଆମର ବିଶେଷତ୍ୱ ।

ତାଳପତ୍ର, ଭୂର୍ଜପତ୍ର, ଚମଡ଼ା, ରୁମାଲ ପ୍ରଭୃତି ଯାବତୀୟ ବସ୍ତୁଉପରେ ଛପାଇବାର ଆମର ବିଶେଷ ବ୍ୟବସ୍ଥା ଅଛି ।

—ଏ ଛଡ଼ା—

ସମସ୍ତ ପ୍ରକାର ବହି ଫର୍ମ ଖାତା, ଚେକ୍, ହ୍ୟାଣ୍ଡବିଲ୍, ଆଦି ଇଂରାଜୀ, ଓଡ଼ିଆ, ବଙ୍ଗଳା, ଓ ଦେବନାଗରୀ ଭାଷାରେ ଅଧୁନିକ ରୁଚିସଙ୍ଗତ ଢଙ୍ଗରେ ଛାପିବାରେ ଆମ୍ଭର ବହୁଦିନର ଅଭିଜ୍ଞତା ଅଛି ।

☞ ଥରେ ମାତ୍ର ପରୀକ୍ଷା ପ୍ରାର୍ଥନୀୟ ।

ଆମ୍ଭ ପୁସ୍ତକଦୋକାନରେ ସବୁପ୍ରକାର ସ୍କୁଲପାଠ୍ୟ ସାହିତ୍ୟିକ ଓ ପୌରାଣିକ ପୁସ୍ତକମାନ ଉଚିତ କମିଶନରେ ମିଳେ । ଏ ଛଡ଼ା ଯାବତୀୟ ଷ୍ଟେସନାରୀ ଦ୍ରବ୍ୟ ମଧ୍ୟ ବିକ୍ରୟ ପାଇଁ ଯଥେଷ୍ଟ ପରିମାଣରେ ଗଚ୍ଛିତ ଥାଏ । ଏ ବିଷୟରେ ବିଜ୍ଞାପନର ଅତିଶୟୋକ୍ତି ପ୍ରୟୋଜନ ନାହିଁ ।

Digitized by srujanika@gmail.com

# IT IS NOT QUANTITY THAT SELLS.
# BUT QUALITY.

## The Tropical Agency

*GOVERNMENT AND RAILWAY CONTRACTORS.*

TULSIPUR ROAD, CUTTACK.

HAS OUTSTOOD EVERY OTHER CABINET MAKER OF ORISSA.

FOR

# — QUALITY. —

WHICH WILL CONVINCE YOU ALSO

IF YOU PLACE YOUR ORDERS ONCE

FOR

Tables, Chairs, Cushion Chairs, Hall Stands, Twin Beds, Chest of Drawers or any thing of Furniture and House hold effects.—

# WITH US.

*OFFICE FURNITURE A SPECIALITY.*

---

ଫଟୋଗ୍ରାଫି ଓ ସାଇକଲର ଯାବତୀୟ ସରଞ୍ଜାମ ପାଇଁ ।

# ଏନ୍ ଏନ୍ ମିତ୍ର

ଲାଲବାଗ କଟକଙ୍କ ପାଖକୁ ଆସନ୍ତୁ ।

ପୁରୁଣା ନଷ୍ଟପ୍ରାୟ ଫଟୋଗ୍ରାଫ ପୁଣି ନୂଆ କରିବାକୁ, ଶ୍ରେଷ୍ଠ ଫଟୋଗ୍ରାଫ ବଡ କରିବାକୁ ଓ ବଜାରର ଅନ୍ୟାନ୍ୟ ଦୋକାନ ଅପେକ୍ଷା ଶସ୍ତାରେ ଫଟୋଗ୍ରାଫର ସମସ୍ତ ପ୍ରକାର ସାଜ ସରଞ୍ଜାମ ଯୋଗାଇବାକୁ ଏହି ଦୋକାନ ସବୁଠାରୁ ଭଲ । ଏ ଛଡ଼ା ସାଇକଲର ସବୁପ୍ରକାର କଳକବ୍ଜା ଓ ନୂଆ ସାଇକଲମାନ କଲିକତା ଦରରେ ଏଠି ପାଇପାରିବେ । ସାଇକଲ ମରାମତି ମଧ୍ୟ ଅମ୍ଭ ଦୋକାନରେ ହୁଏ ।

ଥରେ ପରୀକ୍ଷା ପ୍ରାର୍ଥନୀୟ ।


Digitized by srujanika@gmail.com

# ଏ, ସୋମଶେଖରମ୍

ଏଣ୍ଡ ସନ୍ସ

ଚୌଧୁରୀ ବଜାର—କଟକ ।

ଦେଶୀଲୁଗା ବିକ୍ରେତା ଓ ପ୍ରସ୍ତୁତକାରକ, ମାନ୍ଦ୍ରାଜ, ସେଲମ୍, ଓପାଡ୍ଡୁ, ମଦୁରା, ଗୋଦାବରୀ, ବ୍ରହ୍ମପୁରୀ ଧୋତି, ଯୋଡ଼, ଶାଢ଼ୀମାନ ଅନ୍ୟ କେଉଁଠି ଏତେ ଶସ୍ତା ଓ ସୁବିଧାରେ ମିଳେନାହିଁ । କାରଣ ଆମର ନିଜର କଳ କାରଖାନା ଅଛି ।

ଉତ୍କଳର ମହାରାଜା, ରାଜା, ଜମିଦାରମାନଙ୍କର ପଟ୍ଟ ପଟାଣି, ନବାବ, ନୃତ୍ୟ ଆଦରେ ଠିକାନେଇ ଆମ୍ଭେ-ମାନେ ବହୁକାଳରୁ ପ୍ରଶଂସା ପାଇ ଆସୁଛୁଁ ।

ଖଦଡ଼ ଶାଢ଼ୀ, ଧୋତି, ଚଦର, ଗାମୁଛା

ଆମ୍ଭ ଦୋକାନ ଭଳି କେଉଁଠି ଶସ୍ତା ମିଳେନାହିଁ । ମଫସଲର ଅର୍ଡ଼ରମାନ ଶୀଘ୍ର ଯତ୍ନରେ ପଠାଯାଇଥାଏ — ଥରେ ପରୀକ୍ଷା ପ୍ରାର୍ଥନୀୟ ।

---

କବିରାଜ ହରେକୃଷ୍ଣ ଦାସଙ୍କର

# ଆତୁର ସହାୟ ଔଷଧାଳୟ ।

ଚୌଧୁରୀ ବଜାର, କଟକ ।

ପ୍ରତ୍ୟକ୍ଷ ଫଳପ୍ରଦ ଶାସ୍ତ୍ରୀୟ ଔଷଧମାନ ପୂର୍ଣ୍ଣମାତ୍ରାରେ ଏବଂ ବିଶୁଦ୍ଧ ଭାବରେ ବାରମ୍ବାର ପ୍ରସ୍ତୁତ କରି ଆମ୍ଭ ଔଷଧ ମାନଙ୍କର ଯେ ପ୍ରକାର ବୈଶିଷ୍ଟ୍ୟ ଜନ୍ମିଅଛି ତାହା ଅନ୍ୟ କୁତ୍ରାପି ସୁଦୁର୍ଲ୍ଲଭ । ଅର୍ଥାତ୍ ଆତୁର ସହାୟ ଔଷଧାଳୟର ଔଷଧ ପ୍ରସ୍ତୁତପ୍ରଣାଳୀ, ପାକ ପ୍ରଣାଳୀ, ଆସ୍ୱାଦାନ ବିଶି ଷ୍ଟତା ଓ ଉପକାରିତା ଅନନ୍ୟ ସାଧାରଣ ।

# ମ୍ୟାଲେରିୟାର ସର୍ବଶ୍ରେଷ୍ଠ ଔଷଧ

ଯକୃତ୍ ଓ ପ୍ଲୀହା ସଂଯୁକ୍ତ ସର୍ବପ୍ରକାର ଜ୍ୱର, ଏ ଛଡ଼ା ଚରକ ଓ ସୁଶ୍ରୁତ ଶାସ୍ତ୍ରାନୁମୋଦିତ ସର୍ବଔଷଧ ରସ, ମୋଦକ, ବଟିକା ଅବଲେହ ଓ ଭସ୍ମଆଦି ସର୍ବଦା ଅତି ସୁଲଭ ମୂଲ୍ୟରେ ଆମ୍ଭଠାରେ ବିକ୍ରୟ ପାଇଁ ବହୁଳ ପରିମାଣରେ ପ୍ରସ୍ତୁତ ଥାଏ ।

ଥରେ ପରୀକ୍ଷା ପ୍ରାର୍ଥନୀୟ ।


Digitized by srujanika@gmail.com

କଟକର ସର୍ବଶ୍ରେଷ୍ଠ ସାଇକେଲ ବିକ୍ରେତା

# ଓଡ଼ିଶା ସାଇକେଲ ଓ ଜୁଏଲରି ଷ୍ଟୋର ।

ବାଲୁବଜାର—କଟକ ।

## ଗଭର୍ଣ୍ଣମେଣ୍ଟ ଓ ସୌଦାଗରୀ ଅଫିସ କଣ୍ଟ୍ରାକ୍ଟର

ନୂଆ ସାଇକଲ ଓ ତାହାର ଯେତେପ୍ରକାର ଦରକାରୀ ଜିନିଷ ସମସ୍ତ ଶସ୍ତାରେ ମିଳେ

| | |
|---|---|
| Rudge—Whitworth<br>Rs. 120/-<br>Rs. 125/- | Raleigh<br>(Popular)<br>Rs 125/- |

B. S. A New and Old models Rs. 150-250.

| | |
|---|---|
| Royal Oak<br>150/- | Triumph Humber<br>150/- 140/- |

Lucas Bell—From 3/- to 5/-

Gas and Oil Lamps. 3/-to 25/-

Dunlop Pnumatic Tyre. and Tubes

Inflators. 1/4 to 8/-

ପୁରୁଣା ସାଇକଲର ମରାମତି ସର୍ବୋତ୍କୃଷ୍ଟ । ସୁନା, ରୂପାର ସମସ୍ତ ପ୍ରକାର ଗହଣା ମଧ୍ୟ ଏଠାରେ ମିଳେ ।

ମଫସଲର ଅର୍ଡ଼ର ପଠାଇ ଦିଆଯାଏ ।

ସଂପୂର୍ଣ୍ଣ ଉତ୍କଳୀୟ ଅନୁଷ୍ଠାନ

କଟକର ସୁବିଖ୍ୟାତ ବସ୍ତ୍ର ବ୍ୟବସାୟୀ

# କୃପାସିନ୍ଧୁ ପୃଷ୍ଟି ଏଣ୍ଡ ବ୍ରଦର୍ସ

ଚୌଧୁରୀ ବଜାର—କଟକ ।

ବନାରସୀ ଅଲପକା ଶାଢ଼ୀ ବାହାରିଲା ଦିନୁ ସବୁ ଶାଢ଼ୀର ବେଶୀ ମାଗଣା ପଡ଼ିଗଲାଣି । ମାତ୍ର ମାନ୍ଦ୍ରାଜ ଓ ଢାକାଇ ଶାଢ଼ୀର ବିକ୍ରୀ କମିନାହିଁ ।

ଆମର ଏଠି ଦେଶୀ ବିଲାତି ସର୍ବପ୍ରକାର ଲୁଗା ଯଥା—ଶାଢ଼ୀ ଶୀତଲୁଗା ମିଳେ ।

କୋଟ କମିଜର ଲୁଗା, ମଲମଲ କନା, ରେଶମ କନା, କମ୍ବଳ, ଗାଲିଚା, ସତରଞ୍ଜି ଆଦି ସମସ୍ତ ମିଳେ । ବ୍ୟବସାୟୀମାନଙ୍କୁ ଭଲ କମିସନ ଦିଆଯାଏ । ବନାରସୀ ଶାଢ଼ୀ ଟ୧୫୲ରୁ ଟ୧୦୦୲ ଯୋଡ଼ା ଟ୨୫୲ରୁ ଟ୧୦୦୲, ଜିନିଷ ପସନ୍ଦ ନ ହେଲେ ଓ୍ୟାପସ ନିଆଯାଏ ।

Digitized by srujanika@gmail.com

# RESERVED FOR

## Asiatic Government Security Life Assurance Company Limited.

## HEAD OFFICE---*BANGALOR* (*S. India.*)

The best and the cheapest Life Office of India.

**For Prospectus & forms**

*Please apply to—*

*A. Das—B. L.*

**BANKABAZAR, CUTTACK.**

---

ଓଡ଼ିଶାର ଏକମାତ୍ର ପ୍ରସିଦ୍ଧ ଓ ବିଶ୍ୱସ୍ତ ହୋମିଓପ୍ୟାଥିକ୍

ଡାକ୍ତର

# ବାବୁ ଅଭିନ୍ନଚନ୍ଦ୍ର ରାଓ ଏଲ୍, ଏମ୍, ଏସ୍, ଏସ୍ ।

ଲାଲବାଗ—କଟକ ।

ଆଧୁନିକ ମ୍ୟାଲେରିଆର ସର୍ବଶ୍ରେଷ୍ଠ ମହୌଷଧ—ଅଭିନ୍ନସୁଧା ଏକଶିଶି ବ୍ୟବହାର କଲେ ବହୁ ପୁରାତନ ମ୍ୟାଲେରିଆ ଓ ପ୍ଲୀହା ସଂଯୁକ୍ତ ଜ୍ୱର ନିଶ୍ଚୟ ଆରୋଗ୍ୟ ହୁଏ ।

ତିକ୍ତ ଓ ବିସ୍ୱାଦ ଔଷଧ ସେବନରେ ଯେଉଁମାନଙ୍କର ଆପତ୍ତି ସେମାନେ ଡାକ୍ତର ଅଭିନ୍ନଙ୍କ ଫିବର ସ୍ପେସିଫିକ୍ ବ୍ୟବହାର କରି ଏକଦିନରେ ନିରାମୟ ହୋଇପାରନ୍ତି ।

ଦେଶବ୍ୟାପୀ କଲେରାର ଅବ୍ୟର୍ଥ ମହୌଷଧ ଆମ୍ଭଠାରେ ମିଳେ ।

—ଏ ଛଡ଼ା—

ହୋମିଓପ୍ୟାଥିକ୍ ମତେ ଶିଶୁରୋଗ ଚିକିତ୍ସା ବିଷୟରେ ଯଥେଷ୍ଟ ଖ୍ୟାତି ଅର୍ଜନ କରିଅଛନ୍ତି ।

ଦେଶର ଦୁଃସ୍ଥ ଆତୁର ରୋଗୀଗଣ ଥରେ ଆସି ପରୀକ୍ଷା କରନ୍ତୁ ।

Digitized by srujanika@gmail.com

ବିଦର୍ଭା ଦମୟନ୍ତୀ ହଂସକୁ ଦୂତ କରି ପଠାଇଥିଲେ

ଏକଥା ତ ପୁରାଣରେ ଶୁଣାଯାଏ

କିନ୍ତୁ

କେତେଜଣ ଲୋକ ତାହା ପ୍ରକୃତରେ ବିଶ୍ୱାସ କରନ୍ତି ?

—ସେହିପରି—

ଏକସ୍ଥାନରେ ବସି ଓଡ଼ିଆ, ଇଂରାଜୀ, ବଙ୍ଗଳା ଆଦି ସମସ୍ତ ଭାଷାର ସବୁଭଲ ପୁରୁଣା, ନୂଆ ବହି ଯେ ଏକାଠି ମିଳିପାରିବ—



—ଥରେ ନିଜେ ଆସି—

# ପ୍ରାଚୀ ଭଣ୍ଡାର—

ଗୋଃ ଅଃ ବାଲୁବଜାର ସ୍ୱନ୍ଦନାଚୌକ କଟକରେ ପହଞ୍ଚି

# ଆଖିରେ ନ ଦେଖିଲେ

ଆପଣ ବିଶ୍ୱାସ କରିବେନାହିଁ ।

ଖାଲି ବହି ନୁହେଁ, ଲେଖାପଢ଼ାର ସମସ୍ତ ସରଞ୍ଜାମ ଓ ଷ୍ଟେସନାରୀ ଦ୍ରବ୍ୟମାନ ମଧ୍ୟ ପାଞ୍ଚ ପଚିଶ ରକମର ଏଠି ଦେଖିପାରିବେ ଓ କିଣିପାରିବେ ।

ମଫସଲର ଅର୍ଡରମାନ ସୁବିଧାରେ ପଠାଇଥାଉଁ ।

Digitized by srujanika@gmail.com

# ସୁଚୀପତ୍ର

## ବିଷୟ ସୂଚୀ—


ବିଷୟ — ପୃଷ୍ଠା

୧। ଫଗୁଣର ରେଶମୀ ପବନ ······(ପଦ୍ୟ)
ଶ୍ରୀ ନିକୁଞ୍ଜକିଶୋର ଦାସ । ୧୨୫

୨। ମଣିଆହରଣ—
ଯାଜପୁର—ଶ୍ରୀ କରୁଣାକର କର ଏମ୍ ଏ
କାବ୍ୟ ବ୍ୟାକରଣ ତୀର୍ଥ ୧୨୭

୩। 'କନ୍ଦୁ' (ଗଳ୍ପ)—
ଶ୍ରୀ ବୈଷ୍ଣବଚରଣ ଦାସ ଏମ ଏ ୧୩୩

୪। କବିତାରେ ବିଷୟ ବିଗ୍ରହ (୨)
ଶ୍ରୀ ଗୋବିନ୍ଦ ତ୍ରିପାଠୀ ଏମ, ଏ ୧୪୫

୫। ବସନ୍ତ ଉଷା ଆକାଶେ···(ପଦ୍ୟ) ୧୪୯

୬। ‍ାରୁକଳା—
ମୂର୍ତ୍ତି ଓ ମନ୍ଦିର (୨) ୧୫୦

୭। ଖଣ୍ଡପଡ଼ା ଓ ଦଶପଲ୍ଲାର ଅନୁଭୂତି
ଶ୍ରୀ ଶଶିଭୂଷଣରାୟ ୧୫୬

୮। ଅବର୍ଗ୍ୟ 'ବ'—ଶ୍ରୀ ଗୋପାଳଚନ୍ଦ୍ର ପ୍ରହରାଜ ୧୭୪

୯। ଭୂତକୋଠି (ଗଳ୍ପ)—ଉପେନ୍ଦ୍ରକିଶୋର ଦାସ ୧୭୭

୧୦। ବୀଥିବୈଚିତ୍ର—
ଜଗତ୍‌ବସ୍ତାର ପ୍ରତିକାର ଶ୍ରୀ ପ୍ରସନ୍ନକୁମାର ଦାସ ୧୮୭

୧୧। କୃଷିକ୍ଷେତ୍ର—
ଉଦ୍ଭିଦର ବର୍ଣ୍ଣସୃଷ୍ଟି ୧୯୧

୧୨। ପ୍ରତିମା ବିସର୍ଜନ (ଗଳ୍ପ) ଶ୍ରୀ ଜଗନ୍ନାଥ ଦାସ ୧୯୪

୧୩। ଦେଖିଥାଅ କେନ୍ତେ ଦିନେ
ଶ୍ରୀ ଗୋଦାବରୀଶ ମିଶ୍ର (ପଦ୍ୟ) ଏମ୍ ଏ, ୧୯୯

୧୪। କାଚ ଓ କାଂଚନ
୧। କାଗଜକଥା ୨୦୧
୨। କାଚ ଚିକଣ ୨୦୪
୩। ଶିଳ୍ପସଂକେତ ୨୦୭

୧୫। ସପ୍ତସ୍ୱର ଓ ହାରମୋନିୟମ୍
ଶ୍ରୀ ଗୋଲୋକନାଥ ମହାପାତ୍ର ୨୦୮

୧୬। କବି ଓ କବିତା—ଶ୍ରୀ ଚନ୍ଦ୍ରଶେଖର ମିଶ୍ର ବି,ଏ ୨୧୦

୧୭। ଓଡ଼ିଆ ପଖାଳଭାତ
ଶ୍ରୀ ବୈଷ୍ଣବଚରଣ ଦାସ ଏମ୍ ଏ ୨୧୭


## ଚିତ୍ର ସୂଚୀ ।

### ବିବର୍ଣ୍ଣ ଚିତ୍ର


୧ । ନୂରଜାହାଁଙ୍କ ପରାଜୟ - ଶିଳ୍ପୀ-ଶ୍ରୀ ପୂର୍ଣ୍ଣଚନ୍ଦ୍ର ସିଂହ

୨ । ପ୍ରତୀକ୍ଷମାଣା ,, ଶ୍ରୀଉପେନ୍ଦ୍ରକିଶୋରଦାସ


### ଏକବର୍ଣ୍ଣ ଚିତ୍ର ।


୩ । ପୁରୀର ଗଜପତି ରାଜା ଶ୍ରୀରାମଚନ୍ଦ୍ର ଦେବ

୪ । ଜଳଦେବୀ ୧୪୪

୫ । ମହିଷମର୍ଦ୍ଦିନୀ ମୂର୍ତ୍ତି (ଶ୍ରୀଚି°) ୧୫୩

୬ । ନାଗ ମୂର୍ତ୍ତି ( ,, ) ୧୫୪

୭ । ଜଗଦ୍ବିଜୟୀ ଡା: ଭର୍ଣ୍ଣୋ ୧୮୭

୮ । ବାରବର୍ଷ ବୟସ୍କ ମେଷ ୧୮୭

୯ । ସେହି ମେଷ ସଙ୍ଗିନୀ ଓ ଶାବକ ସହିତ ୧୮୬

୧୦ । ଏକବୟସର ଦୁଇଟି ଛେଳିଛୁଆ ୧୮୮

୧୧ । ଝିଓ ୧୯୦

୧୨ । ଛୁଣ୍ଡାକନା ବଛାଇ ୨୦୧

୧୩ । କାଗଜହେବା ପୂର୍ବରୁ ଶସର ରାସାୟନିକ
ପ୍ରକ୍ରିୟା ୨୦୨

୧୪ । ଶସ ୨୦୩

୧୫ । କାଗଜଛିଆଣୀ ୨୦୩

୧୬ । ପାଲସକରିବା ଯନ୍ତ୍ର ୨୦୪

୧୭ । ପିରାମିଡ୍‌ର ଚିତ୍ରକାଂଚନଆଭା ୨୩୨

୧୮ । ଅନ୍ଧ ମତ୍ସ୍ୟ ୨୩୯


Digitized by srujanika@gmail.com

ବଷୟ ସୂଚୀ—


୧୮। ଦରଅପାସ୍ତ୍ର
ମିଶର—ଶ୍ରୀ ବଂଶୀଧର ଦାସ ୧୨୯
୧୯। ଧାମରା ଶ୍ରୀ ଚନ୍ଦ୍ରମଣିଦାସ ଏମ୍. ଏ ୧୩୭
୨୦। ପ୍ରତବନ୍ଧ
୧। ଅନ୍ଧମସ୍ତ୍ୟ ୧୩୯
୨। ପୃଥିବୀର ସବୁଠାରୁ ପୁରୁଣାମାର୍କା ୧୩୯
୩। ସିନ୍ଦୁକଘର ୧୪୦
୪। ସ୍ୱୟଂ କ୍ରିୟ ଗତନର୍ଦ୍ଦେଶକ ଯନ୍ତ୍ର ୧୪୦
୫। ଜଳବଶୋଧକ ଯନ୍ତ୍ର ୧୪୧
୬। ଆଣବକ ବସ୍ତୁର ଗତବେଗ ୧୪୧
୧ । ରଙ୍ଗମଂଚ—
୧। ନୃତ୍ୟସମ୍ବନ୍ଧେ ଯତ୍ କିଞ୍ଚିତ୍
ଶ୍ରୀ କୃଷ୍ଣପ୍ରସାଦ ବସୁ ୧୪୩
୨। ସିଦ୍ଧାର୍ଥ ( ନାଟକ )
ଶ୍ରୀ ନକୁଞ୍ଜକଶୋର ଦାସ ବି-ଏ ୧୪୫
୨୨। ଯାକୀର ଅନ୍ତିମଦାନ ( ପଦ୍ୟ )
ଶ୍ରୀ ଦେବେନ୍ଦ୍ରକୁମାର ସିଂହ ୧୫୩
୨୩। ଧର୍ମସଙ୍ଘ
ସୂଫୀମତ-ଶ୍ରୀ ଜଗନ୍ନାଥ ଦାସ ଏମ୍. ଏ ୧୫୫
୨୪। ବନମୟ—
ଜିଜ୍ଞାସା ୧୫୯
ମୀମାଂସା ୧୬୦
୨୫। ଅନ୍ତଃପୁର—
୧। ବଦୁଲା ଦେବୀ ଶ୍ରୀ ଜଗବନ୍ଧୁ ସିଂହ ୧୬୨
୨। ନାରୀ ଓ ସମାଜ ଶ୍ରୀ ଗୋପାଳଚନ୍ଦ୍ର ଦାସ ୧୬୯
୩। ପିତୃତ୍ୱ ଓ ମାତୃତ୍ୱ ୧୬୩
୨୬। ବେକାରର ନୌକରୀ (ବ୍ୟଙ୍ଗ କବତା)
ଶ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ର ୧୬୫
୨୭। ବୁଢିଆଣୀ ଜାଲ-- ୧୬୬
ପୁସ୍ତକ ପରିଚୟ ଲେଖନୀ
୨୮। ସଂକଳନ—
୨୯ । ବବଧ ପ୍ରସଂଗ—
୧ । ପୁରୀ ରାଜବଂଶ
ଶ୍ରୀ ବ୍ରଜବନ୍ଧୁ ଦାସ ଏମ ଏ, ବି, ଏଲ୍ ୧୮୧
୨ । ଭୁବନେଶ୍ୱର ମନ୍ଦିରର ଜୀର୍ଣ୍ଣୋଦ୍ଧାର
ଶ୍ରୀ ରାଜକିଶୋର ମହାନ୍ତି ୧୮୬
୩ । ବିୟୋଗବାର୍ତ୍ତା ୧୮୬
୪ । ଇନ୍ଦୋର ମମତାଜ ରହସ୍ୟ ୧୮୮
୩୦ । ଚିତ୍ରପରିଚୟ ୧୯୦


ଚିତ୍ର ସୂଚୀ—



୧୯ । ପୃଥିବୀର ସବୁଠାରୁ ପୁରୁଣା ମାର୍କା ୧୩୯
୨୦ । ନାଉଇୟର୍କର ସିନ୍ଦୁକଘର ୧୪୦
୨୧ । ଜାହାଜର ସ୍ୱୟଂକ୍ରିୟ ଗତିନର୍ଦ୍ଦେଶକ ଯନ୍ତ୍ର ୧୪୦
୨୨ । ଜଳବଶୋଧକ ଯନ୍ତ୍ର ୧୪୧
୨୩ । ଅର୍ଦ୍ଧଗ୍ଲାସ ଜଳ ମଧ୍ୟରେ ସଂଘର୍ଷ ୧୪୧
୨୪ । ବେଗଗାମୀ ରେଲର ସଂଘର୍ଷ ୧୪୧
୨୫ । (କ) ବନ୍ଧୁକ ବା ତୋପର ଗତି
(ଖ) ରେଲଗାଡିର ଗତି
(ଗ) ମଟରସାଇକଲ୍‌ର ଗତି
(ଘ) ମଟରକାରର ଗତି
(ଙ) ଏରୋପ୍ଲେନ୍‌ର ଗତି ୧୪୨
୨୬ । ଭୀମ ଓ ଦ୍ରୌପଦୀ ୧୬୪
୨୭ । ଖବରକାଗଜ ଖଣ୍ଡିକ ୧୬୪
୨୮ । ଗୁଳିଗଲେ ହୋଇ ଧପ୍ ଧପ୍ ୧୬୫
୨୯ । ଡସ୍‌ପେପସିଆ ଧଇଲା…… ୧୬୬
୩୦ । ହୋଇଗଲେ ଜଣେ ଜନ୍‌କୋ ୧୬୬
୩୧ । ୰ପଣ୍ଡିତ କୃପାସିନ୍ଧୁ ମିଶ୍ର ୧୮୬
୩୨ । ୰ସତ୍ୟବ୍ରତ ପଟ୍ଟନାୟକ ୧୮୬
୩୩ । ଇନ୍ଦୋରର ଭୂତପୂର୍ବ ମହାରାଜା ୧୮୮
୩୪ । ମମତାଜ ବେଗମ ୧୮୮
୩୫ । ମିଃ ବାଉଲା ୧୮୮
୩୬ । ଇନ୍ଦୋରର ଗାଦୀନସୀନ ରାଜା ୧୮୯


Digitized by srujanika@gmail.com

# THE SUN OPTICAL Co.

**Opthalmic opticians and Dealers in all sorts of optical and scientfic instruments.**

## 1/1 CORNWALIS STREET, CALCUTTA.



*All requirements.*

In Scientifically fit Smart Style Eyeglasses, Operaglasse, field glasse, microscopes, and other Scientific instruments.

*Are promptly supplied*

And we stand guarantee for the Scientific accuracy of Specified qualities of Goods made or supplied by us.

*For the right thing at the right price Come to us.*

---

ଥରେ ପରୀକ୍ଷା ପ୍ରାର୍ଥନୀୟ ।

ଉତ୍କଳର ବହୁରଜା ମହାରଜାଙ୍କ ଠାରୁ ପ୍ରଶଂସାପତ୍ର ପ୍ରାପ୍ତ ଯାବତୀୟ ମନୋହାରୀ ଦ୍ରବ୍ୟର ବିକ୍ରେତା ଏବଂ His master's Voice Gramophone Company ର ଓଡ଼ିଶାରେ ଏକମାତ୍ର

ଏଜେଣ୍ଟ

# କେ, ବି, ମୁଖାର୍ଜି

ବାଲୁବଜାର—କଟକ ଦୋକାନକୁ ଥରେ ଆସିଲେ ଆପଣଙ୍କର ଯାହା ଲୋଡ଼ା ତାହା ପାଇପାରିବେ ।

ସୁଗନ୍ଧ ଏସେନ୍ସ, ସାବୁନ, ବାସନାତେଲ, ସିରପ୍, ଗେଞ୍ଜି, କମ୍ପାଠ ବୁଣା ଜଲସୂତା ଇତ୍ୟାଦି—ଫାଉଣ୍ଟେନ୍ ପେନ୍, କଲମ୍, କାଳି ଆଦି କେତେ ଜିନସମାନ ମିଳେ । ବଜାରର ଦରଠାରୁ କେତେ ଶସ୍ତା ଓ ସୁବିଧା ଥରେ ଦେଖିଲେ ଜାଣିବେ । ମଫସଲର ଅର୍ଡ଼ରମାନ ସୁବିଧାରେ ପଠାଇ ଦିଆଯାଏ ।

ଗ୍ରାମଫୋନ ଏଠାରେ କଲିକତା ଦରରେ ମିଳେ ।

ଡାକନାମ—ମସ୍ତାନବାବୁ


Digitized by srujanika@gmail.com




ନୂର-ଜାହାଁଙ୍କ ପରାଜୟ

ବାରୁଣୀକଳା-
ଭବନ କଟକ
ଚାନ୍ଦି ବଜାର

ଚିତ୍ରାଧିକାର

ଶିଳ୍ପୀ—ଶ୍ରୀ ପୂର୍ଣ୍ଣଚନ୍ଦ୍ର ସିଂହ

Digitized by srujanika@gmail.com



ନିଦାଘ ସଂଖ୍ୟା ପ୍ରଥମବର୍ଷ ୧୩୩୩

ଫଗୁଣର ରେଶମୀ-ପବନ
ଦେଇଗଲା ବଉଳ-ବାସନା—
ପାହିପଡ଼ି ଘୁମେଇ ସପଦ
ପୂରିଗଲା ସରତ୍-ଅଗଣା ।

ଫାଙ୍କେ ଫାଙ୍କେ ପଥର-ଗହ୍ୱରୁ
ଝଲଦଶେ ରୂପେଲି-ଲହର—
ଫୁଟି ପଶି ଜଉର ନଗୃଢ଼େ
ଲୋଟିଯାଏ ଜୀବନ-ଜୁଆର ।

ଫିଟି ଛୁଟିଗଲାଣି ଅଜଣା-
ପାପସୃଷ୍ଟି ଅଶେଷ ଜଞ୍ଜାଳ—
ଫୁଲ ଫୁଟି ଯାଇଛୁ ଅସୀମେ
ଅପରନ୍ତ ଅନନ୍ଦ-ହିଲ୍ଲୋଳ ।

Digitized by srujanika@gmail.com

ଫୁଟୁଯାଇ ରବରଶ୍ମି ରେଖା—
ଛବ ଲେଖା କଳା ଧଳା ଯୋଡ଼
ଫୁଙ୍କି ଯହେ ମଳ ଧୂଳି ଯେତେ
ଜୀବ ଜଡ ସବୁ କରେ ଜଡ଼ ।

ହେଉ-ହଜା ସହଜ ହରଷ
ମାତଉଠେ ଜୀବନ୍ୟାସ ପାଇ—
ଅକ୍ଷିଅଗ ମହାମୁକ୍ତ ମେଲେ
ଥକା ମନ ନୃଞ୍ଜର ଉଠଇ ।

ସାଗ୍ ହୋଇ ଯାଇଚ୍ଛି ଜହ୍ନରେ
ଖା!ଲବଲ ନଈ ପରବତ—
ନଈବାଲ ଜହ୍ନପର୍ ଶେଯେ
ଶୋଇଛ୍ନି ରେ ଦିଗନ୍ତ ଅନନ୍ତ ।

ଶ୍ରୀ ନକୁଞ୍ଜକଶୋର ଦାସ ।

Digitized by srujanika@gmail.com



# ଯାଜପୁର ।

( ପୂର୍ବାନୁବୃତ୍ତି )

ଶ୍ରୀ କରୁଣାକର କର ।

କପିଳସଂହିତା ପ୍ରାଚୀମାହାତ୍ମ୍ୟ ଏବଂ ପୁରୁଷୋତ୍ତମ-ପ୍ରଭୃତି କେତେକ ଉପପୁରାଣମାନ ଉପର୍ଯ୍ୟୁକ୍ତ ମାହାତ୍ମ୍ୟ ଗଦାତୀର୍ଥ । ଗୟାସୁରବଧର ଏକସ୍ତର ଉପରକୁ ଯାଇ ବର୍ଣ୍ଣନା କରିଅଛନ୍ତି :—ବିଷ୍ଣୁ ଗୟାସୁରକୁ ବଧ କରି ତାହାର ଅସ୍ଥିର ଓ ବିଚଳିତ ଶରୀରର ବିଭିନ୍ନ-ସ୍ଥାନରେ ଭିନ୍ନ ଭିନ୍ନ ଅସ୍ତ୍ର ଶସ୍ତ୍ର ସ୍ଥାପିତ କରି ତାହାକୁ ସ୍ଥିର ଏବଂ ନିସ୍ତବ୍ଧ କରିଥିଲେ । ବିଷ୍ଣୁ ଗୟକୁ ବଧକରି ନିଜର ବିଜୟଚିହ୍ନସ୍ୱରୂପ ଉତ୍କଳର ବିଭିନ୍ନ ସ୍ଥାନରେ ନିଜର ଆୟୁଧ-ଚତୁଷ୍ଟୟ ସ୍ଥାପିତ କରିଥିଲେ—ଅର୍ଥାତ୍ ପୁରୁଷୋତ୍ତମରେ ଶଙ୍ଖ, ଭୁବନେଶ୍ୱରରେ ଚକ୍ର, ଯାଜପୁରରେ ଗଦା ଏବଂ କୋଣାର୍କରେ ପଦ୍ମ ସ୍ଥାପିତ କରିଥିଲେ । ତଦନୁସାରେ ଉତ୍କଳର ସର୍ବଶ୍ରେଷ୍ଠ କ୍ଷେତ୍ରଚତୁଷ୍ଟୟ ୪ ଗୋଟି ନାମ ବହନ କରିଅଛନ୍ତି ଯଥା:—ପୁରୁଷୋତ୍ତମ—ଶଙ୍ଖକ୍ଷେତ୍ର; ଭୁବନେଶ୍ୱର—ଚକ୍ରକ୍ଷେତ୍ର; ଯାଜପୁର—ଗଦାକ୍ଷେତ୍ର ଏବଂ କୋଣାର୍କ—ପଦ୍ମକ୍ଷେତ୍ର । ସୁତରାଂ ଏହି ଆଖ୍ୟାୟିକାନୁସାରେ ଯାଜପୁରର ଗଦାକ୍ଷେତ୍ର ନାମଟି ମଧ୍ୟ ପ୍ରଚଳିତ ଅଛି, ଶେଷୋକ୍ତ ଉପପୁରାଣମାନଙ୍କର ବର୍ଣ୍ଣନା କେବଳ ପୌରାଣିକ ଭିତ୍ତିରେ ଅବସ୍ଥିତ । ଗୟାସୁରବଧକୁ ଅତିରଞ୍ଜିତ କରି ଉତ୍କଳର ଶ୍ରେଷ୍ଠ ତୀର୍ଥମାନଙ୍କର ବିଭାଗମାତ୍ର ପ୍ରଦାନ କରିଅଛି । ଏଥିରେ କୌଣସି ଐତିହାସିକ ତତ୍ତ୍ୱ ପ୍ରଚ୍ଛନ୍ନ-ଭାବରେ ନିହିତ ଥିବାର ଆଶା କରିବା ବିଡମ୍ବନାମାତ୍ର । ଅତଏବ ଏହି ଉପାଖ୍ୟାନ କେତେକ ଉପପୁରାଣମାନଙ୍କ ଭିନ୍ନ ଅନ୍ୟ କୌଣସି ପୁରାଣରେ ଦୃଷ୍ଟ ହୁଏନାହିଁ । ବର୍ତ୍ତମାନ ଏ ସମସ୍ତ ଆଖ୍ୟାୟିକାମାନ ଜଣାଇ ଦେଉଅଛନ୍ତି ଯେ ଯାଜପୁର ଉତ୍କଳର ସର୍ବଶ୍ରେଷ୍ଠ କ୍ଷେତ୍ରଚତୁଷ୍ଟୟଙ୍କର ଅନ୍ୟତମ; ଏହା ବୈଷ୍ଣବଗଣଙ୍କର ମଧ୍ୟ ପ୍ରଧାନ ତୀର୍ଥସ୍ଥାନ ଏବଂ ଏହି କ୍ଷେତ୍ର ସର୍ବବିଧ ହିନ୍ଦୁ ଯାତ୍ରୀମାନଙ୍କର ପ୍ରଧାନ ସମାଗମ ସ୍ଥଳୀ ଅଟେ ।

ଉତ୍କଳରେ ବିରଜାତାପନୀନାମରେ ଗୋଟିଏ ଉପନିଷଦ ପ୍ରଚଳିତ ଅଛି । ପୁସ୍ତକର ନାମରୁ ତାହାର

ବିରଜାତାପନୀରେ ବିରଜାକ୍ଷେତ୍ରର ବର୍ଣ୍ଣନା ଓ ସୀମା ।

ଶାକ୍ତତ୍ୱ ପ୍ରତିପାଦନ କରୁଅଛି, ସୁତରାଂ ସେ ବିଷୟରେ ବିଶେଷ କିଛି ଲେଖିବା ଅନାବଶ୍ୟକ । ତଥାପି ପୁସ୍ତକଟି ଯାଜପୁର କ୍ଷେତ୍ରବିଷୟରେ ଅନେକ ଉପାଦାନ ପ୍ରଦାନ କରୁଅଛି । ଏହିଠାରେ ସେହି ଉପାଦାନ ମଧ୍ୟ ପରୀକ୍ଷା କରି ଦେଖିନେବା ଉଚିତ । ବିରଜାତାପନୀରେ ଲିଖିତ ଅଛି :—ବ୍ରହ୍ମା ଯଜ୍ଞରେ ଦୀକ୍ଷିତ

Digitized by srujanika@gmail.com

ଥିବାବେଳେ ତାହାଙ୍କର ଯଜ୍ଞକୁଣ୍ଡରୁ ଯଜ୍ଞବରାହ ଏବଂ ବିରଜାଦେବୀ ଉଦ୍ଭୂତ ହୋଇଥିଲେ । ବୈତରଣୀର ତଟପ୍ରଦେଶରେ ସେହି ବରାହଦେବ ଅବସ୍ଥିତ, କିନ୍ତୁ ସେଠାରୁ ପ୍ରାୟ ଏକ କ୍ରୋଶଦୂରରେ ବିରଜାଦେବୀ ନିଜର ଆସନରେ ବିରାଜିତ ରହିଅଛନ୍ତି । ବିରଜାଦେବୀଙ୍କର ଅଳ୍ପଦୂର ଉତ୍ତରରେ ବ୍ରହ୍ମାଙ୍କର ଯଜ୍ଞର ଶୁଭସ୍ତମ୍ଭ ବିଦ୍ୟମାନ । ବିରଜାଦେବୀ ଏବଂ ଯଜ୍ଞବରାହଦେବଙ୍କ ମଧ୍ୟରେ ହଂସରେଖା, ପଦ୍ମରେଖା ଏବଂ ଚକ୍ରରେଖା ନାମରେ ସ୍ରୋତସ୍ୱତୀ ଏବଂ ଗୁପ୍ତଗଙ୍ଗା, ମନ୍ଦାକିନୀ ଏବଂ ବୈତରଣୀ ନାମରେ ତୀର୍ଥଦ୍ୱୟ ମଧ୍ୟ ବହୁଅଛନ୍ତି । ବୈତରଣୀତଟରେ ଅଷ୍ଟମାତୃକା ଦେବୀ ଏବଂ ତାହାଙ୍କ ନିକଟରେ ମୁକ୍ତୀଶ୍ୱର ମହାଶମ୍ଭୁ ବିଦ୍ୟମାନ ରହିଅଛନ୍ତି । ସେହି ମୁକ୍ତୀଶ୍ୱରଙ୍କର ପଶ୍ଚିମଭାଗରେ ଅନ୍ତର୍ବେଦୀ—ଏହି ଅନ୍ତର୍ବେଦୀରେ ବ୍ରହ୍ମାଙ୍କ ଯଜ୍ଞକାଳରେ ଦେବତାମାନଙ୍କର ସଭାଗୃହ ସ୍ଥାପିତ ହୋଇଥିଲା, ସେହିହେତୁରୁ ଏହି ସ୍ଥାନ ସଭାସ୍ଥଳୀରୂପରେ ପରିଚିତ ହୋଇଅଛି । ସେହି ସ୍ଥାନର ପୂର୍ବରେ ଏକ କ୍ରୋଶାନ୍ତରରେ ଉତ୍ତରବାହିନୀ ନାମକ ତୀର୍ଥରେ ଶିବଲିଙ୍ଗ ଅବସ୍ଥିତ । ଏହି ସ୍ଥାନରେ ଅଶୋକାଷ୍ଟମୀରେ କେତେକଦିନ ପର୍ଯ୍ୟନ୍ତ ଯାତ୍ରା ହୁଏ ଏବଂ ପ୍ରଭୂତ ସ୍ଥାନସ୍ଥ ଯାତ୍ରୀଙ୍କର ସମାଗମ ହୋଇଥାଏ । ସେହି ଶିବଲିଙ୍ଗ ହରିହର-ମିଳିତ ମୂର୍ତ୍ତି—ଅର୍ଥାତ୍ ଏହି ମୂର୍ତ୍ତିରେ ହରିହର ଏକାତ୍ମଭାବରେ ମିଳିତ ହୋଇଅଛନ୍ତି । ଏହି ସ୍ଥାନରେ କୁରୁବଂଶୀୟ କୃଷ୍ଣଙ୍କ ପୁତ୍ର ପ୍ରଦ୍ୟୁମ୍ନ ତପସ୍ୟା ସାଧନ କରି ଏହି ସ୍ଥାନର ମାହାତ୍ମ୍ୟ ବର୍ଦ୍ଧିତ କରି ଯାଇଅଛନ୍ତି ।

ବିରଜାଦେବୀଙ୍କର ଦକ୍ଷିଣରେ ସୋମତୀର୍ଥ, ସେଠାରେ ସୋମେଶ୍ୱର ନାମରେ ପ୍ରସିଦ୍ଧ ଲିଙ୍ଗ ବିରାଜିତ । ତାହାର ପୂର୍ବଭାଗରେ ତ୍ରିକୋଣନାମରେ ପ୍ରସିଦ୍ଧ ଲିଙ୍ଗ ଏବଂ ତାହାର ପୂର୍ବରେ ଗୋକର୍ଣ୍ଣ ତୀର୍ଥ ରହିଅଛି । ବରାହ ଓ ବିରଜାଦେବୀଙ୍କର ମଧ୍ୟଭାଗରେ ଆଖଣ୍ଡଳେଶ୍ୱର ଅବସ୍ଥିତ । ବରାହନାଥଙ୍କ ପୂର୍ବଭାଗରେ ଗୁପ୍ତଗଙ୍ଗାନାମକ ତୀର୍ଥରେ ଗଙ୍ଗେଶ୍ୱର ଶମ୍ଭୁ; ତାହାର ନିକଟରେ ପାତାଳଗଙ୍ଗା ଏବଂ ତାହାର ଉତ୍ତରରେ ବାରୁଣୀ ତୀର୍ଥ । ବିରଜାଦେବୀଙ୍କର ଚତୁଃପାର୍ଶ୍ୱରେ ଅଷ୍ଟଶମ୍ଭୁ, ଦ୍ୱାଦଶ ଭୈରବ ଏବଂ ଦ୍ୱାଦଶମାଧବ-ମୂର୍ତ୍ତି ସ୍ଥାପିତ ଥିଲେ—ବର୍ତ୍ତମାନ ସେମାନଙ୍କର ସତ୍ତା ନାହିଁ । ବିରଜାକ୍ଷେତ୍ରର ଆୟତନ ୨ ଯୋଜନ ବିସ୍ତୃତ ଅର୍ଥାତ୍ ଦୀର୍ଘ ପ୍ରସ୍ଥରେ ୮କ୍ରୋଶ ବିସ୍ତୃତଥିଲା । ବିରଜାକ୍ଷେତ୍ର ଶକଟାକାରରେ ବର୍ଣ୍ଣିତ ହୋଇଅଛି । ସେହି ୮କ୍ରୋଶ ବିସ୍ତୃତ ଶକଟାକାର କ୍ଷେତ୍ରର ୩କୋଣରେ ବିଲେଶ୍ୱର, ଖିଲାଟେଶ୍ୱର ଏବଂ ବଟେଶ୍ୱର ଶମ୍ଭୁ ଅବସ୍ଥାପିତ ହୋଇ କ୍ଷେତ୍ରର ସୀମା ନିର୍ଦ୍ଦେଶ କରୁଅଛନ୍ତି । ଏହିକ୍ଷେତ୍ରର ବିଭିନ୍ନ ସ୍ଥାନମାନଙ୍କରେ କୋଟି୨ ଶମ୍ଭୁ ବିରାଜିତଥିଲେ । ବର୍ତ୍ତମାନ ଯାହା ହରିମୁକୁନ୍ଦପୁର ନାମରେ ପରିଚିତ ହେଉଅଛି—ସେହି ସ୍ଥାନ ବ୍ରହ୍ମାଙ୍କର ଯଜ୍ଞସ୍ଥଳୀ ଥିଲା ବୋଲି କଥିତହୁଏ, ଏବଂ ଏହି ସ୍ଥାନରେ ଦଶସହସ୍ର ବେଦପାରଗ ବ୍ରାହ୍ମଣ ବାସ କରୁଥିଲେ ।

ବିରଜାତାପନୀ ବିଶେଷ ପୁରାତନ ଗ୍ରନ୍ଥ ନୁହେଁ ଏବଂ ଏହା ଯାଜପୁର ନିବାସୀ କୌଣସି ବ୍ରାହ୍ମଣଙ୍କର ରଚନା ଅଟେ ।

ସେହି ପୁସ୍ତକର ଉପାଦେୟତା।

ସୁତରାଂ ତାହାଉପରେ କୌଣସି ଆସ୍ଥାସ୍ଥାପନ କରି ଐତିହାସିକ ତତ୍ତ୍ୱ ନିର୍ଣ୍ଣୟ କରି ହେବନାହିଁ ସତ୍ୟ; ତଥାପି ତାହା ଇତିହାସର ଅନ୍ଧକାର-କକ୍ଷରେ ନିହିତ, ମୁସଲମାନମାନଙ୍କର ଅତ୍ୟାଚାରରେ ଜର୍ଜ୍ଜରିତ ଏବଂ ବିନଷ୍ଟ ଅତୀତର ସେହି ଯାଜପୁର କ୍ଷେତ୍ରର ଅନେକ ମନ୍ଦିରର ନାମ ଓ ଛାୟା ପ୍ରଦାନ କରୁଅଛି । ଅଦ୍ୟାପି ସେହି ତୀର୍ଥ ଓ ମନ୍ଦିରମାନଙ୍କ ମଧ୍ୟରୁ କେତେକ ରହିଅଛି କେତେକ ମଧ୍ୟ ନଷ୍ଟହୋଇ ସତ୍ତା ହରାଇଅଛି । ଏହି କ୍ଷୁଦ୍ର ପ୍ରବନ୍ଧରେ ଯାଜପୁରର ଅସଂଖ୍ୟ ମନ୍ଦିର ଓ ତୀର୍ଥର ଆଲୋଚନା କରି ହେବନାହିଁ, କେବଳ ପ୍ରଧାନ୨ ଐତିହାସିକ ମନ୍ଦିର ଏବଂ କାରୁକାର୍ଯ୍ୟ ସୂତ୍ରପାତମାତ୍ର ହେବ । ସୁତରାଂ ସମସ୍ତଙ୍କ ସମ୍ମୁଖରେ ବିରଜାତାପନୀର ଛାୟା ପ୍ରଦାନକରି ତାହାର ଆଲୋଚନାରୁ ବିରତ ହେଲି ।

ଯାଜପୁରକ୍ଷେତ୍ର ଶକଟାକାରରେ ବର୍ଣ୍ଣିତ ହୋଇଅଛି । ତାହାମଧ୍ୟ ଅସମ୍ଭବ ନୁହେ । ଅଦ୍ୟାପି ଯାଜପୁରକ୍ଷେତ୍ରର ସୀମାସୂଚକ ଶିବମନ୍ଦିରତ୍ରୟ ରହିଅଛି । ସେମାନେ ଯାଜପୁରର ତିନିକୋଣରେ ଅବସ୍ଥିତ, ସାଧାରଣତଃ ଉତ୍କଳର ବିଭିନ୍ନ କ୍ଷେତ୍ରମାନ ଭିନ୍ନ୨ ଆକାରରେ

ବିରଜାକ୍ଷେତ୍ର ଶକଟାକାର

Digitized by srujanika@gmail.com

ଗଠିତ ହୋଇଥିଲେ । ପୁରୀର ଶଙ୍ଖତୀର୍ଥ କମଠାକାରରେ ଗଠିତ, ସେହିପରି ଯାଜପୁରର ଗଦାତୀର୍ଥ ଶକଟାକାରରେ ବର୍ଣ୍ଣିତ ହୋଇଅଛି । ଯାଜପୁର ଏହି କ୍ଷେତ୍ରସୀମା ମନ୍ଦିର-ମାନଙ୍କର ପରସ୍ପର ସଙ୍ଗେ ୨ ଏକ ଶକଟାକୃତି ଧାରଣ କରି-ଥିଲା । ସୀମାନିର୍ଦ୍ଦେଶକ ମନ୍ଦିରଦ୍ୱୟ ଦର୍ଶନକଲେ ତାହାର ଆକାର ସହଜରେ ଉପଲବ୍ଧି ହେବ । ପୂର୍ବୋକ୍ତ ବିରଜା-ତାପସୀ କଥିତ କ୍ଷେତ୍ର ଏବଂ ମନ୍ଦିରମାନ ଯେ ସେଠାରେ ଥିଲା ତାହା ମଧ୍ୟ ଅସମ୍ଭବ ନୁହେ । ସୁତରାଂ ବିରଜାତାପସୀ ଲକ୍ଷିତ ଯାଜପୁରକ୍ଷେତ୍ରର ସୀମା ଓ କ୍ଷେତ୍ରମାନଙ୍କର ଅସ୍ତିତ୍ୱ ସ୍ୱୀକାରକରି ବ୍ରହ୍ମପୁରାଣ ଏବଂ କପିଳସଂହିତା ବର୍ଣ୍ଣିତ ଯାଜପୁର ତୀର୍ଥ ଏବଂ ଦେବଦେବୀମାନଙ୍କର ନାମମଧ୍ୟ ଏଠାରେ ବିବୃତ ହେଲା—

ବ୍ରହ୍ମପୁରାଣରେ ଲକ୍ଷିତ ଅଛି:—

ବିରଜେ ବିରଜା ମାତା ବ୍ରହ୍ମଣା ସମ୍ପ୍ରତିଷ୍ଠିତା ।
ଯସ୍ୟାଃ ସନ୍ଦର୍ଶନାନ୍ମର୍ତ୍ତ୍ୟଃ ପୁନାତ୍ୟାସପ୍ତମଂ କୁଳଂ ॥
ସକୃଦ୍ଦୃଷ୍ଟ୍ୱା ତୁ ତାଂ ଦେବୀଂ ଭକ୍ତ୍ୟା ପୂଜ୍ୟ ପ୍ରଣମ୍ୟ ଚ ।
ନରଃ ସ୍ୱବଂଶମୁଦ୍ଧୃତ୍ୟ ମମ ଲୋକଂ ସ ଗଚ୍ଛତି ॥
ଅନ୍ୟାଶ୍ଚ ତତ୍ର ତିଷ୍ଠନ୍ତି ବିରଜେ ଲୋକମାତରଃ ।
ସର୍ବପାପହରା ଦେବ୍ୟୋ ବରଦା ଭକ୍ତବତ୍ସଲାଃ ॥
ଆସ୍ତେ ବୈତରଣୀ ଯତ୍ର ସର୍ବପାପହରା ନଦୀ ।
ଯସ୍ୟାଂ ସ୍ନାତ୍ୱା ନରଶ୍ରେଷ୍ଠଃ ସର୍ବପାପୈଃ ପ୍ରମୁଚ୍ୟତେ ॥
ଆସ୍ତେ ସ୍ୱୟମ୍ଭୂ ସ୍ତତ୍ରୈବ କ୍ରୋଡରୂପୀ ହରିଃ ସ୍ୱୟଂ ।
ଦୃଷ୍ଟ୍ୱା ପ୍ରଣମ୍ୟ ତଂ ଭକ୍ତ୍ୟା ପରଂ ବିଷ୍ଣୁଂ ବ୍ରଜନ୍ତି ତେ ॥
କାପିଳେ ଗୋଗ୍ରହେ ସୋମେ ତୀର୍ଥେ ଚାଲାବୁସଂଜ୍ଞିତେ ।
ମୃତ୍ୟୁଞ୍ଜୟେ କ୍ରୋଡ଼ତୀର୍ଥେ ବାସୁଳେ ସିଦ୍ଧକେଶ୍ୱରେ ॥
ସର୍ବପାପ ବିନିର୍ମୁକ୍ତୋ ବିମାନକରମାସ୍ଥିତଃ ।
ଉପଗୀୟମାନୋ ଗନ୍ଧର୍ବୈର୍ମମ ଲୋକେ ମହୀୟତେ ॥
ବିରଜେ ଯୋ ମମ କ୍ଷେତ୍ରେ ପିଣ୍ଡଦାନଂ କରୋତି ବୈ ।
ସ କରୋତ୍ୟକ୍ଷୟାଂ ତୃପ୍ତିଂ ପିତୃଣାଂ ନାତ୍ର ସଂଶୟଃ ॥
ମମ କ୍ଷେତ୍ରେ ମୁନିଶ୍ରେଷ୍ଠାଃ ବିରଜେ ଯେ କଳେବରଂ ।
ପରିତ୍ୟଜନ୍ତି ପୁରୁଷାସ୍ତେ ମୋକ୍ଷଂ ପ୍ରାପ୍ନୁବନ୍ତି ବୈ ॥

( ବ୍ରଃ ପୁଃ ୪୨ ଅ ୧୦ ୧ ଶ୍ଳୋକ )

ସର୍ବ ପ୍ରଥମରେ ଏହି ସମସ୍ତ ପୁରାଣ ଓ ଉପପୁରାଣ—ମାନଙ୍କରୁ ତୀର୍ଥମାହାତ୍ମ୍ୟ ଉଦ୍ଧାର କରିବା ଅନାବଶ୍ୟକ ବୋଧ ହୋଇପାରେ । କିନ୍ତୁ ମୁସଲମାନ-ମାନଙ୍କ ଅତ୍ୟାଚାରରେ ଯାଜପୁରର ଅଧିକ ତୀର୍ଥ ଓ ମନ୍ଦିର ବିନଷ୍ଟ ହୋଇ-ଅଛି । ସୁତରାଂ ଯାଜପୁରର ପୁରାତନ ଗୌରବ ଏବଂ ମନ୍ଦିର ଓ ତୀର୍ଥମାନଙ୍କର ବିଭବ ଜାଣିବାକୁ ହେଲେ ପୁରାଣ-ମାନଙ୍କର ପ୍ରତ୍ୟେକ ପଂକ୍ତି ଅନୁସନ୍ଧାନ କରିବାକୁ ପଡିବ । ସେହି ହେତୁରୁ ପୁରାଣବର୍ଣ୍ଣିତ ତୀର୍ଥମାନଙ୍କର ନାମ ସଂକ୍ଷେ-ପରେ ପ୍ରଦତ୍ତ ହେଲା । ବ୍ରହ୍ମପୁରାଣରେ ଯାଜପୁର ବ୍ରହ୍ମ-କ୍ଷେତ୍ରରୂପରେ କଥିତ ହୋଇଅଛି—କାରଣ ବ୍ରହ୍ମା, ଏହି କ୍ଷେତ୍ରରେ ଯଜ୍ଞାନୁଷ୍ଠାନ କରି ନିମ୍ନ-ଲିଖିତ ତୀର୍ଥମାନ ସ୍ଥାପିତ କରିଥିଲେ ।

ପୁରାଣମାନଙ୍କର ଉପାଦେୟତା ।

ବ୍ରହ୍ମପୁରାଣରେ ବ୍ରହ୍ମକ୍ଷେତ୍ର ଓ ଅନ୍ୟାନ୍ୟ ମନ୍ଦିର

୧-ବିରଜାଦେବୀ ୨-ଲୋକମାତୃ ପ୍ରଭୃତି ଅନ୍ୟାନ୍ୟ ଦେବୀବୃନ୍ଦ ୩-କ୍ରୋଡ଼େଶ୍ୱର ବିଷ୍ଣୁ ୪-ସ୍ୱୟମ୍ଭୂ ବ୍ରହ୍ମାଙ୍କର ମନ୍ଦିର ୫-କପିଳ ଗୋଗ୍ରହ, ସୋମ ଏବଂ ଅଲାବୁତୀର୍ଥ, ୬-ମୃତ୍ୟୁଞ୍ଜୟ ବାସୁଳ ଏବଂ ସିଦ୍ଧକେଶ୍ୱର ପ୍ରଭୃତି ମନ୍ଦିରମାନ ।

ବ୍ରହ୍ମପୁରାଣୋକ୍ତ ମନ୍ଦିରମାନଙ୍କ ମଧ୍ୟରୁ ବର୍ତ୍ତମାନ କେବଳ ବିରଜା, ମୃତ୍ୟୁଞ୍ଜୟ ଏବଂ ସିଦ୍ଧକେଶ୍ୱରଙ୍କ ମନ୍ଦିର ଅବସ୍ଥିତ ରହିଅଛି । ଯଦି ବ୍ରହ୍ମ-ପୁରାଣୋକ୍ତ ମନ୍ଦିରମାନଙ୍କର ଅସ୍ତିତ୍ୱ ସତ୍ୟ ହୁଏ, ତାହାହେଲେ ଅନ୍ୟାନ୍ୟ ସମସ୍ତ ମନ୍ଦିର ବିନଷ୍ଟ ହୋଇଅଛି ।

ବ୍ରହ୍ମପୁରାଣର ମନ୍ଦିର ଏବଂ ଆଧୁନିକ ମନ୍ଦିରର ତୁଳନା ।

ବର୍ତ୍ତମାନ ସେହି ମନ୍ଦିରମାନଙ୍କର ସ୍ଥାନ ପର୍ଯ୍ୟନ୍ତ ନିର୍ଣ୍ଣୟ କରିବା ଅତୀବ ଦୁରୂହ ବ୍ୟାପାର ଅଟେ । ଯାଜପୁର ବ୍ରହ୍ମାଙ୍କ ଯଜ୍ଞସହିତ ସଂପୃକ୍ତ ଥିବାର ବିଷୟ ପୁରାଣ-ମାନଙ୍କରେ ବର୍ଣ୍ଣିତ ହୋଇଅଛି ଏବଂ କିମ୍ବଦନ୍ତୀ ମଧ୍ୟ ଅଦ୍ୟାବଧି ପ୍ରଚଳିତ ଅଛି । ସୁତରାଂ ଯାଜପୁରରେ ବ୍ରହ୍ମାଙ୍କର ମନ୍ଦିର ଉତ୍ତୋଳିତ ହୋଇଥିବାର ବିଶେଷ ସମ୍ଭାବନା କରିଯାଏ । ବ୍ରହ୍ମପୁରାଣରେ ମଧ୍ୟ ସ୍ୱୟମ୍ଭୂ ବ୍ରହ୍ମାଙ୍କର ମନ୍ଦିର ବିଷୟ ଲିଖିତ ଅଛି । ସୁତରାଂ ତାହା ଉକ୍ତ ସମ୍ଭାବନାକୁ ପ୍ରମାଣିତ କରି ସତ୍ୟରେ ପରିଣତ କରୁଅଛି, କିନ୍ତୁ ଆକ୍ଷେପର ବିଷୟ—ସମସ୍ତ ଭାରତ-

Digitized by srujanika@gmail.com

ବର୍ଷପ୍ରାୟ ଯାଜପୁରରେ ମଧ ବ୍ରହ୍ମାଙ୍କ ମନ୍ଦିରର ଅସ୍ତିତ୍ୱ ନାହିଁ । ବୋଧହୁଏ ଯାଜପୁରର ବ୍ରହ୍ମମନ୍ଦିର ବିନଷ୍ଟ ହୋଇଅଛି । ଯାଜପୁର ସମଗ୍ର ଉତ୍କଳଖଣ୍ଡରେ ଶାକ୍ତମାନଙ୍କର ସର୍ବପ୍ରଧାନ ପୀଠ ଅଟେ । ସେଠାରେ ଅନେକ ଦେବୀମନ୍ଦିର ଥିବାର କଥା ସତ୍ୟପର ପ୍ରତୀତ ହୁଏ, କିନ୍ତୁ ଶାକ୍ତଧର୍ମ୍ମର ଚିହ୍ନସ୍ୱରୂପ ବର୍ତ୍ତମାନ କେବଳ ବିରଜାଦେବୀଙ୍କର ମନ୍ଦିର ଯାଜପୁରରେ ରହିଅଛି । ଅନ୍ୟାନ୍ୟ ସମସ୍ତ ଦେବୀମନ୍ଦିର କାଳର କରାଳ-କବଳରେ କବଳିତ ଏବଂ ବିଜେତାଙ୍କର ସମାଧିମନ୍ଦିର ନିର୍ମ୍ମାଣରେ ପର୍ଯ୍ୟବସିତ ହୋଇଅଛି ।

କପିଳସଂହିତାରେ ବିରଜାକ୍ଷେତ୍ର ଏବଂ ଅନ୍ୟାନ୍ୟ ତୀର୍ଥ
ଓ ମନ୍ଦିର ବର୍ଣ୍ଣନା ।

କପିଳସଂହିତାରେ ମଧ ଯାଜପୁରବର୍ଣ୍ଣନାରେ କଥିତ ଅଛି:—

କଥୟାମି ମହାପୁଣ୍ୟଂ ବିରଜାଖ୍ୟଂ ସୁନିର୍ମ୍ମଳଂ ।
ଯତ୍ର କ୍ଷେତ୍ରଂ ସୃଷ୍ଟିରକ୍ଷାର୍ଥଂ ବ୍ରହ୍ମଣା ଚ ପୁରସ୍କୃତଂ ॥
ତସ୍ମିନ୍ ତୀର୍ଥେ ଦ୍ୱିଜଶ୍ରେଷ୍ଠା ବିରଜା ବିରଜଃପ୍ରଦଂ ।
ବିରଜାମୁଖମାଲୋକ୍ୟ ରଜଃ ପ୍ରକ୍ଷାଳନଂ ଫଳଂ ॥
ତତ୍ର ଶ୍ରୀ ବିରଜାଦେବୀ ଭକ୍ତି ମୁକ୍ତି ପ୍ରଦାୟିନୀ ।
ସାଧକାନାଂ ହିତାର୍ଥାୟ ବିରଜା ଉତ୍କଳେ ସ୍ଥିତା ॥
ଦଶବର୍ଷ ସହସ୍ରାଣି କାଶ୍ୟାଂ ପୂଜୟତେ ହରଂ ।
ଯତ୍ତତ୍ର ଫଳମବାପ୍ନୋତି ବିରଜାଲୋକନେ ନରଃ ॥
ବରାହରୂପୀ ଭଗବାନ୍ ତତ୍ରାସ୍ତେ ମୁକ୍ତିଦାୟକଃ ।
ତଂ ଦୃଷ୍ଟ୍ୱା ପୂଜୟିତ୍ୱା ଚ ବିଷ୍ଣୁଲୋକମବାପ୍ନୁୟାତ୍ ॥
ଆଖଣ୍ଡଳସ୍ତୁ ତତ୍ରାସ୍ତେ ପାର୍ବତୀଶୋ ଜଗଦ୍ଗୁରୁଃ ।
ତମାଲୋକ୍ୟ ପ୍ରୟତ୍ନେନ ଯମଦଣ୍ଡଞ୍ଚ ମୁଞ୍ଚତି ॥
କ୍ରୋଡାଖଣ୍ଡଳୟୋର୍ମଧ୍ୟେ ଦେବାନାଂ ଦୁର୍ଲ୍ଲଭେ ପଦେ ।
ମୁକ୍ତିଂ ଗଚ୍ଛନ୍ତି କିଂଚାଦ୍ୟାଃ କିଂପୁନର୍ମାନବା ମତାଃ ॥
ତତ୍ର ମୁକ୍ତେଶ୍ୱରଂ ଲିଙ୍ଗଂ ମୁକ୍ତିଦଂ ପାପନାଶନଂ ।
ଯଂ ଦୃଷ୍ଟ୍ୱା ଚ ପୁରା ବିପ୍ରା ଯଯୁର୍ମୁକ୍ତିଂ ତ୍ରିବର୍ଗତାଃ ।
ତତ୍ର ଶ୍ରୀ ବିରଜେ ଦେବ୍ୟେ ଦେବ୍ୟା ଈଶାନକୋଣତଃ ।
ଗୟାକାଭିର୍ମହାପୁଣ୍ୟଃ ପିତୃଣାଂ ମୁକ୍ତିଦାୟକଃ ।
ତତ୍ର ପିଣ୍ଡଂ ପ୍ରୟଚ୍ଛନ୍ତି ନରା ଯେ ବୀତକଲ୍ମଷାଃ ।
ପିତୃନୁଦ୍ଧୃତ୍ୟ ନରକାଦ୍ଧ୍ୱେ ବ୍ରଜନ୍ତି ପରଂ ହରେଃ ।
ତତ୍ର ବୈତରଣୀ ଦେବୀ ନଦୀ ମୁକ୍ତିପ୍ରଦାୟିନୀ ।
ତସ୍ୟାଂ ସ୍ନାତ୍ୱା ନରଶ୍ରେଷ୍ଠୋ ଦୃଷ୍ଟ୍ୱା ଶ୍ରୀଦଂଷ୍ଟ୍ରିଣଂ ହରିଂ ॥
କୁଳକୋଟିସମାଯୁକ୍ତୋ ବ୍ରଜେଦ୍‌ବିଷ୍ଣୁପୁରଂ ଦ୍ୱିଜାଃ ।
ତ୍ରିଲୋଚନସ୍ତୁ ତତ୍ରାସ୍ତେ ଭବପାପବିମୋଚନଃ ॥

ତତ୍ର କ୍ଷେତ୍ରବରେ ବିପ୍ରାଃ କପିଳଂ ତୀର୍ଥମୁତ୍ତମଂ ।

*

ତତ୍ରୈବ ଗୋଗୃହଂ ତୀର୍ଥଂ ମୁନୀନ୍ଦ୍ରୈରୁପଶୋଭିତଂ ।

*

ସୋମତୀର୍ଥ-ବରଂ ଗୁପ୍ତେ ନିର୍ମ୍ମିତଂ ବୈ ହିମାଂଶୁନା ।

*

ଅଲାବୁସଂଜ୍ଞିତଂ ନାମ ତତ୍ରାସ୍ତେ ବିରଜେଶ୍ୱରୀ ।

*

ତତ୍ର ମୃତ୍ୟୁଞ୍ଜୟଂ ନାମ ତୀର୍ଥଂ ଦେବଗଣୈଃ ସ୍ତୁତଂ ।

କପିଳସଂହିତାନୁସାରେ ନିମ୍ନୋକ୍ତ ମନ୍ଦିର ଓ ତୀର୍ଥମାନ ଯାଜପୁରରେ ଅବସ୍ଥିତ ଥିଲି । ୧-ବିରଜାଦେବୀଙ୍କ ମନ୍ଦିର ୨-ବରାହନାଥ ମନ୍ଦିର ୩-ଆଖଣ୍ଡଳେଶ୍ୱର ମନ୍ଦିର ୪-କ୍ରୋଡେଶ୍ୱର ମନ୍ଦିର ୫-ମୁକ୍ତେଶ୍ୱର ମନ୍ଦିର ୬-ତ୍ରିଲୋଚନେଶ୍ୱର ମନ୍ଦିର ୭-ମୃତ୍ୟୁଞ୍ଜୟ ମନ୍ଦିର ୮-କପିଳ ତୀର୍ଥ—ଗୋଗୃହ, ସୋମ ଏବଂ ଅଲାବୁ ତୀର୍ଥ ୯-ଗୟାନାଭି ୧୦-ନୃସିଂହନାଥ ମନ୍ଦିର ।

କପିଳସଂହିତା ଅଳ୍ପଦିନର ଗ୍ରନ୍ଥ, ତହିଁରେ ବର୍ଣ୍ଣିତ ବିରଜାକ୍ଷେତ୍ରର ଅଧିକାଂଶ ମନ୍ଦିର ଅଦ୍ୟାପି ଜର୍ଜର ଭଗ୍ନଶିଖର କପିଳସଂହିତା ଓ ଉତ୍ତୋଳିତ କରିଅଛି—ତଥାପି ତନ୍ମଧ୍ୟରୁ ଅଧୁନିକ ମନ୍ଦିର କ୍ରୋଡ଼େଶ୍ୱର, ତ୍ରିଲୋଚନେଶ୍ୱର ଏବଂ ତୁଳନା ନୃସିଂହନାଥମନ୍ଦିର ଦୃଷ୍ଟିଗୋଚର ହୁଏନାହିଁ । ଯାଜପୁର ନଗରମଧ୍ୟରେ ଆଖଣ୍ଡଳେଶ୍ୱର ମନ୍ଦିର ରହିଅଛି । କିମ୍ବଦନ୍ତୀ ପ୍ରଚଳିତ ଅଛି —ଇନ୍ଦ୍ର ଏହିସ୍ଥାନରେ ତପସ୍ୟା କରି ଗୌତମଶାପଜନିତ ସହସ୍ର ଯୋନିରୁ ମୁକ୍ତିଲାଭ କରିଥିଲେ ।

Digitized by srujanika@gmail.com

**ପ୍ରାଚୀନ ଓ ଆଧୁନିକ ଯାଜପୁର**

ପୂର୍ବକାଳରେ ଯାଜପୁର ତୀର୍ଥ ଏବଂ ଦେବ ଦେବୀଙ୍କ ମନ୍ଦିରମାନଙ୍କର ପରସ୍ପର ସହିତ ଉପର ଶ୍ରୀସମୃଦ୍ଧିଶାଳୀ ହୋଇ ମନ୍ଦିର ଶୋଭାରେ ଯାତ୍ରୀମାନଙ୍କର ମନ ହରଣ କରୁଥିଲା ଏବଂ ହିନ୍ଦୁ-ତୀର୍ଥମାନଙ୍କ ମଧ୍ୟରେ ଦିନକୁ ଦିନ ଖ୍ୟାତିଲାଭ କରୁଥିଲା ସେ ବିଷୟମାନ ଉପର୍ଯ୍ୟୁକ୍ତ ତୀର୍ଥ ମାହାତ୍ମ୍ୟରୁ ସ୍ପଷ୍ଟରୂପରେ ପ୍ରମାଣିତ ହେଉଅଛି । କିନ୍ତୁ ବର୍ତ୍ତମାନ ଯାଜପୁରର ସେ ପୂର୍ବ ବିଭବ ନାହିଁ । ବର୍ତ୍ତମାନ ଏହା ଶତ୍ରୁର ନିର୍ଯ୍ୟାତନରେ ନିଜର ଶୋଭା-ସମ୍ପଦ ହରାଇ ମନ୍ଦିର—ଶ୍ମଶାନରେ ପରିଣତ ହୋଇଅଛି । ଏଠାରେ ପୁରାଣ ଏବଂ ଉପପୁରାଣରେ ଲିଖିତ ଯାଜପୁରର ପୂର୍ବ ମନ୍ଦିରମାନଙ୍କର ନାମ ପ୍ରଦତ୍ତ ହେଲା । ଏହି ସ୍ଥାନରେ ଆଉ ଯେ କେତେ ଅସଂଖ୍ୟ ମନ୍ଦିର ନିର୍ମିତ ହୋଇଥିଲା, ତାହାର ଇୟତ୍ତା ନାହିଁ—କେବଳ ଲୋକବାର୍ତ୍ତା ତାହାର ଏକମାତ୍ର ସାକ୍ଷୀ । ବର୍ତ୍ତମାନ ଯେଉଁ ସମସ୍ତ ମନ୍ଦିରମାନ ଶତ୍ରୁମାନଙ୍କର ଏବଂ କାଳର କରାଳ-ବ୍ୟାଦାନରୁ ଆତ୍ମରକ୍ଷା କରିଅଛନ୍ତି ସେମାନଙ୍କର ନାମ ଓ ପରିଚୟ ପରେ ପ୍ରଦତ୍ତ ହେବ । ଏହି ସ୍ଥଳରେ କେବଳ ପୌରାଣିକ ଏବଂ ଲୌକିକ ଆଖ୍ୟାୟିକାମାନ ଆଲୋଚିତ ହେଲା ।

**ବୈତରଣୀନଦୀ ।**

ଯାଜପୁର ବୈତରଣୀ ନଦୀର ତୀରପ୍ରଦେଶରେ ଅବସ୍ଥିତ । ବର୍ତ୍ତମାନ ସେହି ନଦୀ ବିଷୟକ ଲୋକବାର୍ତ୍ତାର ଆଲୋଚନା କରାଯାଉ । ବୈତରଣୀନଦୀ ଅତି ଭୀଷଣ ଓ ପବିତ୍ର । ଏହି ନଦୀ ହିନ୍ଦୁମାନଙ୍କର ଯମଦ୍ୱାରର ପ୍ରବେଶ ମାର୍ଗରେ ପ୍ରବାହିତ ଏବଂ ତାହାର ତୀର ପ୍ରଦେଶ ବହୁଦୂର ପର୍ଯ୍ୟନ୍ତ ସର୍ବଦା ତପ୍ତ ବାଲୁକା ବ୍ୟାପ୍ତ ହୋଇଥାଏ । ମୃତ ଆତ୍ମାକୁ ଯମରାଜାଙ୍କର ଦ୍ୱାରଦେଶରେ ପ୍ରବେଶ କଲା ପୂର୍ବରୁ ପଥମଧ୍ୟରେ ଏହି ତପ୍ତ ବାଲୁକାମୟୀ ବୈତରଣୀର ଗର୍ଭ ଦେଇ ପାର ହେବାକୁ ପଡ଼େ । ସୁତରାଂ ମୃତ ଆତ୍ମା ପକ୍ଷରେ ଏହି ତପ୍ତ ବାଲୁକା ପାର ହେବା ଏକାନ୍ତ କ୍ଳେଶଦାୟକ ହୁଏ । ସେଥିଯୋଗୁଁ ଲୋକେ ଗୋପୁଚ୍ଛ ଧାରଣ କରି ଅକ୍ଳେଶରେ ଏହି ନଦୀ ପାର ହୋଇଯିବେ ବୋଲି ମୃତ୍ୟୁପୂର୍ବରୁ ଗୋଦାନ କରିଥାନ୍ତି ନଦୀର ନାମ ମଧ୍ୟ ତଦନୁସାରେ ହୋଇଅଛି । ବିତରଣ—ଅର୍ଥାତ୍ ଦାନ (ଗୋ ଦାନ) ଦ୍ୱାରା ଏହି ନଦୀ ପାର ହେବାକୁ ହୁଏ ବୋଲି ନଦୀଟିର ନାମ ବୈତରଣୀ ହୋଇଅଛି । ଏହି ନଦୀ ପ୍ରେତଲୋକରେ ଅବସ୍ଥିତ । କିନ୍ତୁ ସେହି ସ୍ୱର୍ଗ ବା ପ୍ରେତଲୋକର ବୈତରଣୀ ନଦୀ ସହିତ ଯାଜପୁରର ବୈତରଣୀର କି ସାମଞ୍ଜସ୍ୟ ରହିଅଛି—ସେ ବିଷୟରେ ପୁରାଣକର୍ତ୍ତାମାନେ ନୀରବ । ତଥାପି ନାମ ସାମ୍ୟଯୋଗୁଁ ଏହି ନଦୀ ହିନ୍ଦୁଦୃଷ୍ଟିରେ ଅତି ପବିତ୍ର । ସେମାନେ ନାମ ସାମଞ୍ଜସ୍ୟରେ ସ୍ଖଳିତ ହୋଇ ପ୍ରେତଲୋକର ବୈତରଣୀ ନଦୀ ପାରହେବା ଉଦ୍ଦେଶ୍ୟରେ ଯାଜପୁରର ବୈତରଣୀତଟରେ ଗୋ-ଦାନ କରିଥାନ୍ତି । ଅଦ୍ୟାବଧି ଧର୍ମ୍ମବିଶ୍ୱାସୀ ହିନ୍ଦୁମାନେ ସେହି ପ୍ରଥାପ୍ରତି ଅନାସ୍ଥା ପ୍ରଦର୍ଶନ କରିନାହାନ୍ତି । ଉତ୍କଳରେ ବୈତରଣୀ ଗଙ୍ଗା ନାମରେ ମଧ୍ୟ ପରିଚିତ ଅଟେ । କପିଳସଂହିତାରେ କଥିତ ଅଛି "ଗଙ୍ଗା ଦେବୀତ୍ୟସୌ ବିପ୍ରାଃ ସତ୍ୟଂ ସତ୍ୟଂ ନ ସଂଶୟଃ" । କିମ୍ବଦନ୍ତୀ ମଧ୍ୟ ପ୍ରଚଳିତ ଅଛି—ବ୍ରହ୍ମାଙ୍କ ଯଜ୍ଞକାଳରେ ଗଙ୍ଗାଦେବୀ ପୃଥିବୀର ତଳେ ତଳେ ପ୍ରବାହିତ ହୋଇ ଆସି ଯାଜପୁର ନିକଟରେ ପ୍ରକାଶ ଭାବରେ ସ୍ରୋତରୂପରେ ବହିର୍ଗତ ହୋଇଥିଲେ । ସାଧାରଣତଃ ବାରୁଣୀଯାତ୍ରା ତ ଗଙ୍ଗାତୀରରେ ଗୃହୀତ ହେବାର ବିଧିବିଧାନ ରହିଅଛି, କିନ୍ତୁ ସେହି ବାରୁଣୀ ସ୍ନାନ ବୈତରଣୀ ନଦୀରେ ହେଉଥିବାରୁ ଏହି ପ୍ରଥା ମଧ୍ୟ ଉକ୍ତ କିମ୍ବଦନ୍ତୀ ଓ ଲୋକବାର୍ତ୍ତାକୁ ସମର୍ଥନ କରୁଅଛି । ଏହି କିମ୍ବଦନ୍ତୀ ଉପରେ ଆସ୍ଥା ସ୍ଥାପନ କରି Hunter ସାହେବ ବୈତରଣୀକୁ ପ୍ରଥମରେ Under ground Current ଭୂ ମଧ୍ୟସ୍ଥ ସ୍ରୋତ ଭାବି ତାହାର ମୂଳ ନିର୍ଣ୍ଣୟରେ ପ୍ରବୃତ୍ତ ହୋଇଥିଲେ । କର୍ମ୍ମଚାରୀମାନେ ମଧ୍ୟ ଅରଣ୍ୟବ୍ୟାପ୍ତ ନଦୀତୀରକୁ ଦୁର୍ଗମ ଦେଖି Hunter ସାହେବଙ୍କର ଭ୍ରମ ଧାରଣାକୁ ଦୃଢ଼ତର କରିଥିଲେ । କିନ୍ତୁ ପରେ ଉକ୍ତ ସାହେବ ନିଜେ ଯାଇ ଅନୁସନ୍ଧାନ କରି ସ୍ଥିର କରିଥିଲେ—ବୈତରଣୀ ନଦୀ କେନ୍ଦୁଝରର ଉତ୍ତର ପଶ୍ଚିମ ଦିଗସ୍ଥିତ ଗୋନାସିକା ପର୍ବତରୁ ନିର୍ଗତ ହୋଇ କେନ୍ଦୁଝରର ଓ ମୟୂରଭଞ୍ଜର ସୀମାନ୍ତ ରେଖାରୂପରେ ଦକ୍ଷିଣଦିଗରେ ପ୍ରବାହିତ ହୋଇଅଛି । କିଛିଦୂର ପରେ କଟକ ଏବଂ

Digitized by srujanika@gmail.com

ବାଲେଶ୍ୱର ଜିଲ୍ଲାର ସୀମା ମଧ୍ୟ ନିର୍ଦ୍ଦେଶ କରି ଯାଜପୁର ସନ୍ନିକଟରେ ପ୍ରବାହିତ ହୋଇଅଛି । ତାହାପରେ ବୈତରଣୀ ନଦୀ ଯାଜପୁରର ଅଳ୍ପଦୂରରେ ବ୍ରାହ୍ମଣୀ ସହିତ ମିଳିତ ହୋଇ ଧାମରାଠାରେ False Point ବନ୍ଦରରେ ସମୁଦ୍ରରେ ପତିତ ହୋଇଅଛି । ପୂର୍ବକାଳରେ False Point. ବନ୍ଦରରୁ ଧାମରା ଦେଇ ବ୍ରାହ୍ମଣୀ ଏବଂ ବୈତରଣୀ ନଦୀରେ ବାଣିଜ୍ୟ ପ୍ରଚଳିତ ଥିଲା; ସେଥିପାଇଁ ଯାଜପୁର ଅତ୍ୟଧିକ ଖ୍ୟାତି ଲାଭ କରି ସମୃଦ୍ଧିଶାଳୀ ହୋଇଥିଲା ବୋଲି କେହି କେହି ବିଶ୍ୱାସ କରନ୍ତି, କିନ୍ତୁ ବର୍ତ୍ତମାନ ଏହି ନଦୀଦ୍ୱୟର ମୁଖ ଓ ଗର୍ତ୍ତ ବନ୍ଦ ଓ ବାଲୁକାବୃତ ହୋଇଯିବାରୁ ଯାଜପୁରର ବାଣିଜ୍ୟ ବ୍ୟବସାୟ ପ୍ରାୟ ଲୋପ ପାଇଅଛି । "Most of the trade passes through ଧାମରା at the mouth of ବୈତରଣୀ and False Point where ships, can ride in an road way constitute the only anchorage in the coast [Hunter and Cuttack Dt. Gazetteer."]

ଅଦ୍ୟାପି ବାଲେଶ୍ୱରରେ ନୌବାଣିଜ୍ୟର ଚିହ୍ନ ଏବଂ ଲୋକବାର୍ତ୍ତା ପ୍ରଚଳିତ ଅଛି, କିନ୍ତୁ ଯାଜପୁର ତାହାର ଅନେକ କାଳ ପୂର୍ବରୁ ନିଜର ବାଣିଜ୍ୟ ରାଜ୍ୟ ହରାଇ ଦୁରବସ୍ଥା ଭୋଗ କରୁଅଛି । ବର୍ତ୍ତମାନ ଉତ୍କଳର

ଯାଜପୁର ଏବଂ ଉତ୍କଳରେ ବାଣିଜ୍ୟ ।

ସେହି ପୁରାତନ ସମୁଦ୍ର ଯାତ୍ରା ଏବଂ ବାଣିଜ୍ୟ ସ୍ୱପ୍ନରାଜ୍ୟର କଥା ହୋଇଅଛି । ଉତ୍କଳ ଯେ ଦିନେ ଭାରତ ସହିତ ସମୁଦ୍ର ମଧ୍ୟବର୍ତ୍ତୀ ଦ୍ୱୀପମାନଙ୍କରେ ସମ୍ପର୍କ ସ୍ଥାପିତ କରି ସିଂହଳ ଯାଭା ପ୍ରଭୃତି ଦ୍ୱୀପମାନଙ୍କର ଭାରତୀୟ ଶିକ୍ଷା ଦୀକ୍ଷା ପ୍ରଚାର କରି ପ୍ରଭୂତ ଖ୍ୟାତି ଏବଂ ଧନ ଲାଭ କରିଥିଲା, ତାହା ଐତିହାସିକମାନେ ସ୍ୱୀକାର କରନ୍ତିନାହିଁ । ପରର କଥାତ ଦୂରର କଥା, ଅଦ୍ୟାପ ଉତ୍କଳର କେହି୨ ଯୋଗ୍ୟତମ ପୁତ୍ର ଏହି କଥାକୁ ଥଟ୍ଟା ପରିହାସରେ ଉଡ଼ାଇ ଦେଇଥାନ୍ତି ! ତାହାତ ପ୍ରକୃତ କଥା, ଜାତି ପତିତ ଏବଂ ବିଜିତ ହେଲେ ତାହାର ପୂର୍ବଗୌରବ ସ୍ମୃତି ପର୍ଯ୍ୟନ୍ତ ଲୋପ ପାଇଥାଏ, ଅନ୍ୟମାନେ ତାହାକୁ ନିଜର ପୂର୍ବ ପୁରୁଷଙ୍କର ଗୌରବସ୍ଥାନରୁ ବଞ୍ଚିତ, ବିରତ କରିବାକୁ ସର୍ବଦା ତତ୍ପର ଥାଆନ୍ତି । ତାହା ନ ହୋଇଥିଲେ କାହିଁକି କେହି୨ ଐତିହାସିକମାନେ ଉତ୍କଳକୁ କୁତ୍ସିତ ଚିତ୍ରରେ ଅଙ୍କିତ କରି ଅବଶେଷ କରି କହିଥାନ୍ତେ "ଉତ୍କଳ ଦେଶରେ କୌଣସି ସ୍ମୃତି ଯାହାର ଗୌରବ କାହାଣୀ ନାହିଁ, ଏହିଦେଶରେ ଗର୍ବ କରିବାର କୌଣସି କାରଣନାହିଁ, ଉତ୍କଳର ଇତିହାସ କେବଳ ଏକ ଅର୍ଦ୍ଧସଭ୍ୟ ଜାତିର ଇତିହାସ ଭିନ୍ନ ଅନ୍ୟ କିଛି ନୁହେଁ ।" ଲୋକେ ପରର ଇତିହାସ ଅଧ୍ୟୟନ ନ କରି ଏହିପରି କୁତ୍ସା ରଚନା କରି କିପରି ବା ନିଜକୁ ଲଜ୍ଜିତ ବୋଧ କରନ୍ତିନାହିଁ ? ସେହି ନିନ୍ଦା ଓ ଅପବାଦମାନ ଆମ୍ଭମାନଙ୍କୁ ଅକୁଣ୍ଠିତ ଚିତ୍ତରେ ଏବଂ ଅବନତମସ୍ତକରେ ଗ୍ରହଣ କରିବାକୁ ହେଉଥିଲା, କିନ୍ତୁ ଉତ୍କଳର ସେହିଦିନ ବିତିଯାଇଅଛି । ଉତ୍କଳର ପ୍ରତ୍ୟେକ ମନ୍ଦିର ପ୍ରତିଗ୍ରାମ ଏବଂ ପ୍ରତ୍ୟେକ ନଦୀପର୍ଯ୍ୟନ୍ତ ତାହାର ଶିଳ୍ପ ଏବଂ ବୀର୍ଯ୍ୟର ଗାଥା ଗାନକରି ଭାରତରେ ଉତ୍କଳର ସ୍ଥାନ ନିର୍ଦ୍ଦେଶ କରୁଅଛନ୍ତି । ଆଜି ସେହି ଯାଜପୁର ନିଜର ଶୋଭାରାଶି ହରାଇଥିଲେ ମଧ୍ୟ ତାହାର ଭଗ୍ନାବଶିଷ୍ଟ ପୂର୍ବ ବିଭବ ଲୋକଙ୍କର ଦୃଷ୍ଟି ଆକର୍ଷଣ କରୁଛି, କେହି୨ ତାହାର ବାଣିଜ୍ୟ ସମ୍ପତ୍ତିର ଗାନ ମଧ୍ୟ କରିବାକୁ ବିସ୍ମୃତ ହୋଇନାହାନ୍ତି । ଯାହାହେଉ ଯାଜପୁର ଯେ ଦିନେ ବୈତରଣୀ କୃପାରୁ ବାଣିଜ୍ୟସ୍ଥଳୀ ହୋଇ ଖ୍ୟାତି ଲଭିଥିଲା, ସେ ବିଷୟରେ କୌଣସି ସନ୍ଦେହ ନାହିଁ । କିନ୍ତୁ ସେ ବର୍ତ୍ତମାନ ପୁରାତନ ବାଣିଜ୍ୟସହିତ ନିଜର ପୂର୍ବନାମ ପର୍ଯ୍ୟନ୍ତ ହରାଇବସିଛି । ବର୍ତ୍ତମାନ ପୂର୍ବୋକ୍ତ ପୌରାଣିକ ଏବଂ ଲୌକିକ ବାର୍ତ୍ତା ସାହାଯ୍ୟରେ ଯାଜପୁରର ପ୍ରକୃତ ନାମର ଆଲୋଚନା କରାଯାଉ ।

କ୍ରମଶଃ—

Digitized by srujanika@gmail.com

# 'କିନ୍ତୁ'

ଶ୍ରୀ ବୈଷ୍ଣବଚରଣ ଦାସ ।

ଭଗ୍ନୀ ଜାମାତାଙ୍କ ପରାମର୍ଶ ଶୁଣି ରଘୁବାବୁଙ୍କ ଆଖିରୁ ଆନନ୍ଦାଶ୍ରୁ ଗଡ଼ିପଡ଼ିଲା । କିନ୍ତୁ—

ଜୁଆଇଁ ପ୍ରକାରାନ୍ତରେ କହିପଠାଇଥିଲେ—ମୁଁ କିଛି ଚାହେଁନାହିଁ, କେବଳ ପାଏଟି ସୁନ୍ଦର ହୋଇଥିବ ଓ ଭଲ ଲେଖାପଢ଼ା ଜାଣିଥିବ । ଯୌତୁକାଦି ଆର୍ଥିକ ଚିନ୍ତା-ସମ୍ବନ୍ଧରେ ରଘୁବାବୁଙ୍କ ମୁଣ୍ଡରୁ ଯେପରି ଏକଦିଗରେ ଗୋଟାଏ ବଡ଼ ପଥର ବୋଝ ଖସିଗଲା, ଅନ୍ୟଦିଗରେ ବଡ଼ ଝିଅ ଲକ୍ଷ୍ମୀ ପଢ଼ା ଶୁଣା କରିନାହିଁ ବୋଲି ମନକୁଣ୍ଠା ଦ୍ୱିଗୁଣ ଦୂନା ହୋଇଗଲା । ନିଜର ଦୁରବସ୍ଥାଯୋଗୁଁ ପ୍ରାଣପ୍ରିୟା ଲକ୍ଷ୍ମୀଟିକୁ ଦୋଅଲବେଇରେ ଦବାକୁ ବସିଲେ, ସେଥିରେ ବି ଅଦୃଷ୍ଟ ବାଦ ସାଧିଲା ! ହାୟ ! ଝିଅଟିକୁ ଅତି ଗେଲବସର କରିଥିବାରୁ ସିନା ସେ ପାଠ ଶାଠ ନାଁ ଧରିଲାନାହିଁ—ନ ହେଲେ ଏତେ ସୁନ୍ଦର ପାଏଟି ହାତରୁ ଯାଆନ୍ତା ନା ! ଦୋଅଲବେଇ ହେଲେ କ'ଣ ହେଲା—ବୟସତ ଜମାରୁ ୨୬, ପିଲାଟା ନା ଆଉ କ'ଣ ? ଫେରେ ଧନସମ୍ପଦର ବା କେଉଁ ଊଣା ଅଛି, ଚାକିରିଟା କଥାତ ଛାଡ଼ିଦିଅ ସେଥିରେ ପୁଣି ଯାହା ଦେଲେ ସନ୍ତୋଷ ! ଯାହାଠୁଁ ବଳି ସୁଯୋଗ କାହୁଁ ମିଳିବ !

କିନ୍ତୁ—

ନା, ସବୁଦୋଷତ ନଖୀବୋଉର ! ଗେଲବସରତ କରିଥିଲା ସେଇ ! ନଖୀକୁ ପାଠପଢ଼େଇ ଦେଲା ନାହିଁତ ସେଇ ! ହେଲା ଏବେ ବଡ଼ ଝିଅ ପ୍ରଥମପିଲା, ସେଥି-ଯୋଗେ ସେ ଆଉ ସଂସାରରୁ ବାହାର ହୋଇଗଲା କି !

ରଘୁବାବୁ ଭାବି ଭାବି ଆକୁଳ ହୋଇଉଠିଲେ—କାହା-ରିକୁ କିଛି ନ କହି ଭିତରକୁ ଯାଇଁ ନଖୀବୋଉଙ୍କୁ ଡାକି ସବୁ ହାଲ କହିଲେ—କହିବା ବାହୁଲ୍ୟ ଯେ ଏତେ ବଡ଼ ସୁଯୋଗଟା ନଷ୍ଟ ହୋଇଯିବାର ଏକମାତ୍ର କାରଣ ସେଇ ନଖୀବୋଉ, ଆଉ କେହି ନୁହେ । ଏଟା ବି ସଙ୍ଗେ ସଙ୍ଗେ ତାଙ୍କୁ କଡ଼ାମିଠା କଥାରେ ଶୁଣାଇଦେଲେ । ନଖୀବୋଉ ସବୁ ବୁଝିଲେ । ନିଜର ଦୋଷ ବୋଲି ମନେ ମନେ ସ୍ୱୀକାର ମଧ୍ୟ କଲେ, କିନ୍ତୁ ତାଙ୍କ ଝିଅ ଯେ କେବେହେଁ ଅପାତ୍ରରେ ପଡ଼ିବ—ଅଭିମ୍ୟାତ ( ବାତୁଅ ) ରହିବାତ ତୁଚ୍ଛା ଅସମ୍ଭବ—ଯାହା କେବେହେଁ ଭାବି ପାରିଲେ-ନାହିଁ । ତେଣୁ ସ୍ୱାମୀଙ୍କ ବିଷାଦଭାବ ଦେଖି ହସରେ ଉଡ଼ାଇଦବାକୁ ବସିଲେ । ରଘୁବାବୁ ବିରକ୍ତହୋଇ ଘରେ ଚୁପ୍‌କରି ପଡ଼ି ରହି କ'ଣ ସବୁ ଭାବିବାକୁ ଲାଗିଲେ ।

ପ୍ରାୟ ଅଧଘଣ୍ଟାଏ ଏହିପରି ପଡ଼ିରହି ହଠାତ୍ ଉଠିବସି ଖୁବ୍ ଦଉପାଟିରେ "ସର ଲୋ ସର" ବୋଲି ଡାକ ପକାଇବାରୁ ଗୋଟିଏ ୧୪।୧୫ ବର୍ଷର ଝିଅ ଆସି ମୁଣ୍ଡ-ପାଖରେ ଛିଡ଼ାହେଲା । ରଘୁବାବୁ କହିଲେ "ଝିଅ, ଟିକୁ ମୋ ଚସମାଟା ବାହାରଘରୁ ନେଇ ଆସିଲୁ ! ହଁ, ସେଠି ଭଙ୍ଗାହୋଇ ଯେଉଁ କାଗଜଖଣ୍ଡ ପଡ଼ିଛି ତାକୁ ବି ଆଣିବୁ—ଦୁଆତ କଲମତ ଏଇଠି ଅଛି, ଯା"

ଅଳ୍ପ ସମୟରେ ସର ଅର୍ଥାତ୍ ସରସ୍ୱତୀ ରଘୁବାବୁଙ୍କ ସାନ ଝିଅ ସେ ଜିନିଷ ସବୁ ନେଇଆସି ପହଞ୍ଚିଲା । ରଘୁବାବୁ କହିଲେ "ମା—ମୋ ହାତ କାହିଁକି ଆଜି ଥରୁଛି, ତୁ ମୋ ପାଇଁ ଦୁଇଖଣ୍ଡ ଚିଠି ଲେଖିଦବୁ? ଆ'ଲୋ ସୁନାଝିଅଟା ପରା !" ଯାହା କହି ଝିଅ ପିଠିରେ ହାତମାରି ତାକୁ ନିଜ କଡ଼ରେ ବସାଇ କାଗଜ କଲମ ତା' ଆଡ଼କୁ ବଢ଼ାଇଦେଲେ । ନିଜର ବିଦ୍ୟା ଦେଖାଇବାର ଏପରି ସୁଯୋଗ ପାଇ ସର ଆନନ୍ଦ ମନରେ ଲେଖିବସିଲା—ରଘୁବାବୁ ଡାକୁଥାନ୍ତି ସେ ଲେଖୁଥାଏ ।

ସରଟି ଅସୁନ୍ଦର ନୁହେ—ତେବେ ବର୍ଣ୍ଣଟି ତାର ମଇଳା—ଗଢ଼ଣଟି ବେଶ୍ ସୁନ୍ଦର—ମୁହଁଟି ଜୁହାହେଲାପରି ତହିଁରେ ପୁଣି ଆଖିଯୋଡ଼ିକ ପଦ୍ମପାଖୁଡ଼ା ପରି—କିନ୍ତୁ ସେ କାଳୀ । ତା' ରଙ୍ଗଟା ପିଲାଦିନେ ଆହୁରି କଳା ଥିଲା ।

Digitized by srujanika@gmail.com

ଝିଅ ପରେ ଝିଅ ଆସିଲାବୋଲି ତ ବାପ ମା'ଙ୍କ ମନ ଫାଟି-ଯାଇଥିଲା । ତା'ପରେ ପୁଣି ଏଇଟି ହେଲା କାଳୀ । ତେଣୁ ସେ ଜନ୍ମରୁ ମା ବାପଙ୍କ ପୂର୍ଣ୍ଣ ସ୍ନେହ ଯତ୍ନରୁ ବଞ୍ଚିତ—ପକେଇ ଢ଼ଳେଇ ହେଲାପରି ବାଲ୍ୟ ଜୀବନଟା କଟାଇ ଏହିମାତ୍ର କୈଶୋରର ସ୍ଫୁଟମାନ ଦୀପ୍ତି ପାଉଛି । କିନ୍ତୁ ଝିଅ ଯେତିକି ବଢୁଛି ମା ବାପଙ୍କର ଚିନ୍ତା ସେତିକି ବଢୁଛି—ସେ ଯୋଗେ ତା' ଅବସ୍ଥାର ତିଳେବି ପରି-ବର୍ତ୍ତନ ଘଟିନାହିଁ । ତେବେ ଆସନ୍ନଯୌବନର ମଧୁମୟ ସ୍ପର୍ଶରେ ତା'ର ଯେ କି ପରିବର୍ତ୍ତନ ହେଉଛି ଏମନ୍ତ କି ତା'ର ରଙ୍ଗଟି ପର୍ଯ୍ୟନ୍ତ ଯେ ଫୁଟିଉଠିଲା ପରି ଚହଟି ଦିଶିଲାଣି—ଏତିକି ମାଆଙ୍କର ସାଗ୍ରହ ଦୃଷ୍ଟିରେ ନପଡି ଯାଇନାହିଁ ।

ଚିଠିଲେଖା ସରିଲାରୁ ରଘୁବାବୁ ସରସ୍ୱତୀଙ୍କୁ ବିଦାୟ କରିଦେଇ ପୁଣି ଚିନ୍ତାରେ ପଡି ଭାବିବାକୁ ଲାଗିଲେ । ଅନେକ କ୍ଷଣପରେ କିଏ ଆସି କହିଲା "କେନ୍ଦ୍ରାପଡାରୁ ଯେଉଁ ବ୍ରାହ୍ମଣ ଆସିଛନ୍ତି ସେ ଯିବାକୁ ବାହାରିଛନ୍ତି—ଦେଖାହେବାକୁ ଡାକୁଛନ୍ତି", "ହଉ ଚାଲ ଯାଉଛି" ବୋଲି କହି ରଘୁବାବୁ ତରବର ହୋଇ ସରସ୍ୱତୀ ଲିଖିତ ପତ୍ର ଦୁଇଖଣ୍ଡି ଗୋଟାଏ ଲଫାଫାରେ ପୂରାଇ ଅକମ୍ପିତ ହସ୍ତରେ ଶିରୋନାମା ଲେଖିଲେ—'ଆଶୀର୍ବାଦନୀୟ ଶ୍ରଦ୍ଧେୟ ଶ୍ରୀମାନ୍ ବନବିହାରୀ ଦାସ ବାବୁଜୀଉ ପାଇବେ—ସବଡେପୁଟି, କେନ୍ଦ୍ରାପଡା' ।

୨

"ଶୁଣୁଛ ହେ—ସେକଥା ମନେ ଅଛିଟି ?"

"କଉଁ କଥା ?" "ଆରେ—ତମକୁ ଏତେ କରି କହିଥିଲି ପରା ! ବାହାଘର ସିନା ହେଲା—ଜ୍ୱାଇଁଙ୍କୁ ନ କହିଦେଲେ କଥାଟା ଖରାପ ହେବ—ଦେଖ, ଦହିତୋରାଣି ବେଳେ ଠିକ ହେବ—କ'ଣ କହିପାରିବଟି ?" "ମୋତେ କାହିଁକି ଡରଲାଗୁଛି—ତେମେ କହିଦେଉ ନାଁ ?" "ନାଇଁ, ନାଇଁ—ମୁଁ କହିପାରିବି ନାହିଁ—ତେମେ ଯଦି ବାଗେଇ-କରି କହିପାରିବ ତ କହ—ସେଇବେଳଇ ଠିକ—ବୁଝିଲ ? କହିବ—ବାସ୍ତୁରେ ପଡି ଯାହା ମୁଁ କରିଛି—ଆଉ ଦୋଷ ମାଗିନେବ—" "କାଦବ, କାଟିବି—ହାତ ଓଠ ଧରିବ—ଆମ ଦୋଷଯୋଗେ ମୋ ନଶୀ ଯେପରି ଦଣ୍ଡ କଷଣ ନ ସହେ—ହାୟ—ଯାହା ଥିଲା କପାଳେ—" "କହିବ-ଜ୍ୱାଇଁ ଠିକିଏ ମନଦେଲେ କ'ଣ ନଶୀ ଆମର ପଢ଼ିଲେଖି ଜାଣିବ ନାହିଁକି ! ଦି ମାସକେ ହେଇଯିବ, ଇଏ କଉଁ କଥାର କଥା !" "ହେ—କିଛି ନ କହିଲେ କଣ ହୁଅନ୍ତା ? ବଳେ ତ ଜାଣିବେ—" "ନା, ନା ସେଟା ଭଲ ହବ ନାହିଁ—ଆମର କହିକରି ଦୋଷ ମାଗିନବା ଦରକାର—ଛି, ଛି—ଏତେ ହୀନକାମଟି କରିବାକୁ ପଡିବ ଯାହା ମୁଁ ସପନରେ ବି ଭାବି ନଥିଲି ! ନାଇଁ, ନାଇଁ—ସଫା କହିଦବାକୁ ହବ ଯେ ନଶୀ ଆମର ଲେଖିପଢ଼ି ଜାଣେନାହିଁ—ଯେଉଁ ଚିଠି ନଶୀ ଲେଖାବୋଲି ପଠା ଯାଇଥିଲା—ସେ ଜାଲ—ତେମେ ତ ଜାଣିଛ—ସବୁ ବୁଝାଇକହିଲେ ଜ୍ୱାଇଁ କ'ଣ ବୁଝିଯିବେ ନାହିଁକି ! କେତେ-ଭଲ ପିଲାଟି ଦେଖିଲ ନାହିଁ !" "ହେ—ଭଲପିଲା ତ—ମୁଁ ଯଦି ଆଗରୁ ଜାଣିଥାନ୍ତି—କେଭେଁ ଯାହା କରେଇଦେଇ ନଥାନ୍ତି ପରା ତମକୁ—କି—ମୋ ଝିଅକୁ କ'ଣ ବର ମିଳୁ ନଥିଲା କି !" "ଯା ହବାର ତ ହେଲାଣି—ବୁଝିଲ—ଏଇ କଥାଟି କର—ମୁଁ ପଛେ ସମ୍ମୁଖ ହେରକାଙ୍କ ହାତ ଗୋଡ ଧରି ଦୋଷ ମାଗିନେବି-ଜ୍ୱାଇଁଙ୍କ କଥା ଏକା ତମ ତକ !" "ହ—ମୋ ତକ୍—ପଚାରିବେନାହିଁ—ବିଚାରିବେନାହିଁ—ମନକୁ ଯାହା ଆସିଲା କରି ଚାଲିଯିବେ—ଏବେ ସମ୍ଭାଳୁଥା—ମୋ ତକ୍ !—କି ମୁଁ କିଛି କହିପାରିବି ନାହିଁ ଯା !"

ଏହାକହି ନଶୀବୋଉ ରାଗିକରି ସେଠାରୁ ଚାଲି ଯାଉଥିଲେ—ରଘୁବାବୁ ଅତିବ୍ୟସ୍ତ ହୋଇ ନମ୍ରଭାବରେ ତାଙ୍କ ସଙ୍ଗେ ସଙ୍ଗେ ଯାଇ ଅନେକ ବୁଝାଇଲେ—ଯାହା ନକଲେ ନଚଳେ । ନହେଲେ ନଶୀର ଦଶା କ'ଣ ହବ କେଜାଣି ! ନଶୀବୋଉ ଶେଷରେ କାନ୍ଦପକାଇ କହିଲେ "ମୋ ଝିଅକୁ ଦରିଆରେ ଭସେଇଦେଲେ ଦେଇଥାନ୍ତ—ଯାହା କାହିଁକି କଲ ! ହଉ ମୁଁ କହିବି ପଛକେ ଦେଖେଁ—ଜ୍ୱାଇଁ କଣ କହୁଛନ୍ତି ! ମୁଁ କଣ ଯାହା ଜାଣିଛି ଲୋ ମା ! ଧନିଅ ଇୟାଙ୍କ ବୁଦ୍ଧି— !

ରଘୁବାବୁ ଗମ୍ଭୀରଭାବରେ ସେଠାରୁ ଚାଲିଯାଉଁ ଯାଉଁ ଫେରିପଡି ପୁଣି କହିଲେ—"ଦେଖ ନଶୀବୋଉ—

Digitized by srujanika@gmail.com

ଆଉ ଗୋଟାଏ କଥା ! ନଣୀକୁ ଏ ବିଷୟ କେବେଁ କହିବ ନାହିଁଟି—ହାନିକରମୀ ତ ବଳେ ଜାଣିବ—ଆଗରୁ କହି କ'ଣ ଫଳ !

ବେଦୀକାର୍ଯ୍ୟ ସରିଲାବେଳକୁ ଦିନ ପ୍ରାୟ ୧୦ ଟା। ପୂର୍ବ ଦିନମାନ ଓପାସ ତା ଉପରେ ରାତି ଅନିଦ୍ରା। ବନ-ବିହାରୀ ବାବୁଙ୍କ ଗୋରାମୁହଁ ଶୁଖି କଳା ପଡ଼ିଯାଇଥିଲା। ତଥାପି ଗୋଟାଏ ଅଧୀର ବ୍ୟଗ୍ରତା ନେଇ ସେ ହୋମରେ ବସିଲେ—ପଣା ଟିକିଏ ସୁଦ୍ଧା ସ୍ପର୍ଶ କଲେନାହିଁ।

କିଏ କହିପାରେ ସେତେବେଳେ ତାଙ୍କମନର ନିଭୃତ କୋଣରେ ଆଉ ଗୋଟିଏ ଏହିପରି ଦିନର ସ୍ମୃତି ରହି ରହି ତାଙ୍କୁ କି ଭାବରେ ପୀଡ଼ା ଦେଉଥିଲା !

ହୋମକାର୍ଯ୍ୟ ଶେଷହେଲାମାତ୍ରକେ ଦହିତୋରାଣୀର ଡାକ ଆସିଲା। ସେତେବେଳକୁ ବରଯାତ୍ରୀମାନେ ସ୍ନାନାଦି ସାରି ଜଳଖିଆ ପେଟେ ପକାଇ (ମହାପ୍ରସାଦ ସେବା !) ଶୋଇବାର ଉଦ୍ୟୋଗ କଲେଣି। କେହି କେହି ଘୋରନିଦ୍ରାରେ ଆଚ୍ଛନ୍ନ ହୋଇ ସାରିଲେଣି। ଭିତରକୁ ଗଲାବେଳେ ବନବାବୁ ତାଙ୍କର ବନ୍ଧୁ ବିପିନବାବୁଙ୍କୁ (କେନ୍ଦ୍ରାପଡ଼ାର ସବ୍‌ରେଜିଷ୍ଟ୍ରାର) କହିକରି ଗଲେ ମୁଁ ଏଇ ଆସୁଚି ରହିଥା। ଏକାଠି ଶୋଇବା ! ହେଲେ ଫେରୁଁ ଫେରୁଁ ତାଙ୍କୁ ପ୍ରାୟ ଘ ୧ ଣ୍ଟାକାଳ ଲାଗିଗଲା—ବିପିନବାବୁ ଅନାଇ ଅନାଇ କେତେବେଳେ ଶୋଇପଡ଼ି-ଲେଣି ! ବନବାବୁ ଯେତେବେଳେ ତାଙ୍କୁ ଏକପ୍ରକାର ଘୋସାରି ଟାଣିଆଣିଲେ ସେତେବେଳେ ସେ ଧଡ଼ପଡ଼୍ ଝାଉଝୁଡ଼ ହୋଇ ଉଠି ବନବାବୁଙ୍କ ମୁହଁକୁ ବାଲୁବାଲୁ କରି ଚାହିଁରହିଲେ। ବନବାବୁଙ୍କ ଶୁଖିଲା ମୁହଁ ଆହୁରି କଳା ପଡ଼ିଯାଇଥାଏ—ଠିକ କଳାବି ନୁହେଁ—ସେଥି, ଯେପରି ରକ୍ତ ଟିକିଏ ବି ନାହିଁ ! କଠିନଭାବରେ ବିପିନ-ବାବୁଙ୍କ ଆଡ଼କୁ ଚାହିଁ ବରି କହିଲେ "ଦେଖ୍ ବିପିନ—ସମସ୍ତଙ୍କୁ ଉଠା—ଯିବା ବାହାରି !" "ବାହାରି ଯିବା ? କୁଆଡେ ମ ! କଥା କଣ ?" "କଥା ଆଉ ଛେନାଟିଡ଼ ! ମୋ ମୁଣ୍ଡରେ କାଳସାପଟିଏ ଥୋଇଲୁ ତୁ ଏକା !—ଆଗରେ ତୁ ପରି ଆସି ଦେଖି ଯାଇଥିଲୁ !—"

'କଣ, କଣ—ହେଲା କଣ !' ବୋଲି କହି ବିପିନ ବାବୁ ଆସି ବନବାବୁଙ୍କ ହାତଧରି ଗୋଟାଏ ଆଡ଼କୁ ଭିଡ଼ିନେଇ ହାଲ ପଚାରିଲେ। ବନବାବୁତ ରାଗିକରି ଅଜ୍ଞାନ ! ଯାଜପୁରିଆ ଖଣ୍ଡେ ଦେଇସେ ମୋତେ ଠକା-ଇଲେ—ଗଜା ମୂର୍ଖଟିଏ ଦେଲେ ମୋ ବେକରେ ବାନ୍ଧି—ହ୍ୱାଟ୍‌ସ୍ଲେର, ଧପାବାଜ, ଜାଲିଆ ଇତ୍ୟାଦି। ମୁଁ କେବେହେଁ ସେ ଝିଅକୁ ନେବିନାହିଁ ଇତ୍ୟାଦି ଇତ୍ୟାଦି ! ପୁଣି ସୁଆଗ ଦେଖ ! କଣ ନା—ଦୋଷ ଧେନବନାହିଁ—ଆମେ ଦୋଷ ମାଗି ନେଉଚୁଁ ! 'ବାହାରେ ! ସେ ଚିଠି ମୋ ପାଖରେ ଆଜଯାଏଁ ଅଛି—ମୁଁ ନାଲିଶ କରିବି—ଦେଖିବି ! କେଉଁଠି ମାମଲତକାର !' ବିପିନବାବୁ କ୍ରମେ କ୍ରମେ କଥାଟା ଅମଳ କଲେ—ଲକ୍ଷ୍ମୀଦେଇ—ଯାହାଙ୍କ ସହିତ ବନ-ବାବୁଙ୍କ ବାହାଘର ହୋଇଗଲା ସେ ନିରକ୍ଷର, ଯେଉଁ ଚିଠି ତାଙ୍କ ହାତଲେଖା ବୋଲି ବାବୁଙ୍କଠାକୁ ପଠାଯାଇଥିଲା ସେ ଅନ୍ୟ କାହାର ଲିଖିତ ! ତଥାପି, ଯାହାତ ହେବାର ହୋଇଗଲାଣି। କପାଳ କଥା—କିଏ କ'ଣ କରିବ ! ଏବେ ଚୁପ୍‌ଚାପ୍ ରହିଯିବା ଭଲ—ଆଉ ଉପାୟ କଣ ! ନାଃ ଯେତେ ବୁଝାଇଲେ ବି କିଛି ଫଳ ହେଲାନାହିଁ—ବନବାବୁ ଏକା ଜିଦଧରି ବସିଲେ—ଏଇ ମୁହୂର୍ତ୍ତରେ ଏଠାରୁ ବାହାରି ଚାଲିଯିବାକୁ ହେବ—କେବେହେଁ ସେ ଏଘର ଝିଅକୁ ବହୂକରି ନେବେନାହିଁ—

ବିପିନବାବୁ ବାଧ୍ୟ ହୋଇ ମୁରବୀମାନଙ୍କୁ ଡାକି ଘଟଣା କହିଲେ—କିଏ ଏକାଦମକେ ନାଁ ଓ କିଏ ଲଜ୍ଜାରେ ମାଟିରେ ମିଶିଗଲାପରି ହୋଇଗଲେ। ବନ-ବାବୁଙ୍କ ବାପା ଓ ଅନ୍ୟାନ୍ୟ ଆତ୍ମୀୟମାନେ ତାଙ୍କ ଜିଦ ଦେଖି ତତକ୍ଷଣେ ସେଠାରୁ ବାହାରିଯିବାର ସ୍ଥିରକରି ପକାଇଲେ—ତେବେ ବୁଢ଼ାଙ୍କ ମନରେ ସବୁଥାଏ କି ଖୋସାମତ ବରାମତ ଥୋଡ଼ା ମିଳୁ—ତା ପରେ ଦେଖାଯିବ—ଭଲକରି ଗୋଟାଏ ଶୋଧନ ଦେଇ ତା' ପରେ ବା ବହୂକୁ ଦେଲେ ନିଆଯାଇ ପାରେ !

ଭାରି ଗୋଟାଏ ହୁଲସ୍ଥୁଲ କାଣ୍ଡ ଲାଗିଗଲା ! ଡକା ହକା, ପାଟି ମୁଣ୍ଡ ଶୁଣି ରଘୁବାବୁ ଠା'ପୀଢ଼ାର ଆୟୋଜନ ଅନ୍ୟଲୋକଙ୍କ ହାତରେ ଦେଇ ଧାଇଁ ଆସି ଲମ୍ବହୋଇ ମୁରବୀମାନଙ୍କ ଗୋଡ଼ତଳେ ପଡ଼ିଯିବେ ବୋଲି ବସିଲେ

Digitized by srujanika@gmail.com

କିନ୍ତୁ ସମସ୍ତେ ତାଙ୍କୁ ଅଟକାଇଲେ ସୁଦ୍ଧା କେହି ପଦେ ଭଲକଥା ତାଙ୍କୁ କହିଲେନାହିଁ—କଥାରେ କୋଡ଼ାମାଡ଼ ଦେଖି ମେଖି ଆହୁରି ସଭ୍ୟ ଗାଳିମାନ କରଯୋଡ଼ରେ ସହି ଶେଷରେ ଅତି ବିକଳଭାବରେ ରଘୁବାବୁ କୁଆ-ଇଁଙ୍କ ଅଦ୍ଦଶାରେ ଚଉପାଢ଼ୀ ଗୃହଅଡ଼କୁ ଚାହିଁଲେ—କାହିଁ—କୁଆଇଁ କାହାନ୍ତି, ନା ତାଙ୍କ ସାଙ୍ଗମାନେ କାହାନ୍ତି ! ସମସ୍ତେ କେତେବେଳେ ବାହାରି ଚାଲି-ଗଲେଣି ? ମୁରବୀମାନେ ବି ଜାଣନ୍ତିନାହିଁ କେତେ-ବେଳେ ସେମାନେ ବାହାରିଗଲେ—ସେମାନେତ ନୂଆ ବନ୍ଧୁଟିକୁ ଉତ୍ତମ ମଧ୍ୟମ ଦବା ବ୍ୟବସ୍ଥାରେ ଉନ୍ମତ୍ତ ଥିଲେ ! ଯେତେବେଳେ ଜାଣିଲେ ଯେ ବର ଚାଲି-ଗଲେଣି ଚିତ୍କାର ଫୁତ୍କାର କରି ଏକସଙ୍ଗରେ ସମସ୍ତେ ଧାଇଁଲେ ତାଙ୍କୁ ଫେରାଇବାକୁ ! ସେମାନେ ଭାବିଥିଲେ କନ୍ୟାପକ୍ଷର ଏତେବଡ ଦୋଷଟା ଦେଖି ଗାଳି ଫଜତି ନକଲେ ତ ନୁହେଁ, ତା ଛଡ଼ା ନିଜ ଟେକ ରଖିବାପାଇଁ ଚାଲିଯିବାର ଛଳନା କରିବା ମଧ୍ୟ ମନ୍ଦ ଉପାୟ ନୁହେଁ ତାଙ୍କୁ ଜବ୍ଦ କରିବାକୁ ! ସତକୁ ସତ ଯେ ଚାଲିଯିବେ—ଏଡ଼େ ଲୋକହସା କଥାଟା ତାଙ୍କ ମନରେ ବାସ୍ତବରେ କେତେବେଳେ ସ୍ଥାନ ପାଇନାହିଁ । କିନ୍ତୁ—କଳିକାଳତ ! ଅଂରେଜୀ ପଢ଼ା ଟୋକାଗୁଡ଼ାଙ୍କୁ କିଏ ପାରିବ ! ବିହୂଟାତ କିଛି କାଣୀ ନୁହେଁ କି କାଲୁଣୀ ନୁହେଁ କି କୁଜୀ ବି ନୁହେଁ—ପାଠ ପଢିନାହିଁ—ଏଇତ ! ଏଇଟା ଏବେ କଉଁ ବଡ କଥାଟାଏ ! କେତେ ଲୋକତ କାଣୀ କୁଜୀ ଝିଅଙ୍କ ସ୍ଥାନରେ ଭଲ ମ ଗିଅଣା ଝିଅଙ୍କୁ ଦେଖାଇ ନିଜ ଦାୟରୁ ମୁକ୍ତ ହେଉଚନ୍ତି ! ହିଁ—ଯେମିତି ଦଉଚନ୍ତି ! ସମୟରେ ଧରା ପଡିଲେ ସେମିତି ଗାଳି ଖାଆନ୍ତି ମାଡ ପର୍ଯ୍ୟନ୍ତ ଖାଆନ୍ତି—ସେଥିଲାଗି କ'ଣ ବାହାଘର ରଦ୍ଦ ହୋଇ ଯାଉଥାଏ ନା କନ୍ୟାକୁ ଛାଡିଦେଇ ବର ପଳାଇ ଯାଉଥାଏ । ହେଃ !

ମୁରବୀମାନଙ୍କ ସହାନୁଭୂତି ପାଇ ରଘୁବାବୁ କାନ୍ଦି କାନ୍ଦି ତାଙ୍କର ସଙ୍ଗେ ସଙ୍ଗେ ଅନେକ ବାଟ ଗୋଡାଇଗଲେ କିନ୍ତୁ କିଛି ଫଳ ହେଲାନାହିଁ ! ବର ଏବଂ ତାଙ୍କ ସଙ୍ଗୀଗଣ କେତେବେଳୁଁ କାପରି ମଟର-ସାଇକେଲରେ ଚଢି ଯା'ଇ !

୩

ଅନେକ ଭାବି ଚିନ୍ତି ଲକ୍ଷ୍ମୀ ଠିକକଲା ଏଥର ସେ ଲେଖା ପଢ଼ା ଶିଖିବ । ବିଭାଘର ଦିନ ଘଟଣାର ଗୁରୁତ୍ୱ ଉପଲବ୍ଧି କରିପାରିଲେ ସୁଦ୍ଧା ପ୍ରଥମେ ତାକୁ ମିଥ୍ୟା ଆନନ୍ଦ ପ୍ରକାଶ କରିବାକୁ ପଡିଥିଲା—ବାପଘରେ ରହିବାଠୁଁ ବଳି ସୁଖ ମାଇପିଝିଅଙ୍କର ଆଉ ନାହିଁ ବୋଲି ପ୍ରଚଳିତ ଶାସ୍ତ୍ରୀୟ ନୀତିରେ ଅଛି । ତାର'ତ ଟିକିଏ ବେଶି ବୟସ ହୋଇ-ଯାଇଥିଲା—ଆହୁରି ମଧ୍ୟ ନାରୀତ୍ୱର ମାତୃତ୍ୱର କ୍ଷୁଧା ତାର ଜାଗି ଉଠିଥିଲା—ବିବାହ ପ୍ରସଙ୍ଗରେ ଆଉ ତହୁଁ ବଳି ଗୋଟାଏ ମାୟାମୋହ ତାର ଜନ୍ମି ଯାଇଥିଲା ସେହି ବରଟି ଉପରେ—ଯାହା ହାତରେ ତା ହାତ କ୍ଷଣକପାଇଁ ବନ୍ଧା ହୋଇ ତାକୁ ବେଦୀ ଉପରେ ଅଜ୍ଞାନ ହୋଇ ଯିବାକୁ ପଡିଥିଲା ! ସେ ଯୋଗେ ପ୍ରଥମେ ସେ ଭଲ ବୁଝିପାରିଲାନାହିଁ ତାର ଇଚ୍ଛା କଣ ହେଲା ! କ୍ରମେ ମନକୁ ମନ ନିଜ ଅବସ୍ଥାର ଗୁରୁତ୍ୱ ବୁଝିପାରିଲେ ସୁଦ୍ଧା ଲଜ୍ଜା ଓ ଅଭିମାନର ଯୁଗପତ୍ ଉନ୍ମେଷରେ ସେ ବାପ ମା ଆତ୍ମୀୟ ସ୍ୱଜନଙ୍କ ତାଡନା ଭର୍ତ୍ସନା ନିର୍ବିକାରରେ ଏଡ଼ି ଦେଇ ଯିବାକୁ ଲାଗିଲା ଓ କେବେଁ ଲେଖାପଢ଼ା ଶିଖିବାର ନାମ ମାତ୍ର ଧରିଲାନାହିଁ ! ଅଧିକନ୍ତୁ ବର ତାକୁ ନ ନେଇ ଛାଡି ଯାଇଥିବା ଯୋଗେ ଆନନ୍ଦ ପ୍ରକାଶ ମଧ୍ୟ କରି ନିଜକୁ ବେହାୟା ନିର୍ଲଜ୍ଜ ଅପବାଦରୁ ରକ୍ଷା କରି ଯାଇଥିଲା ! କିନ୍ତୁ କ୍ରମେ ତା ଅବସ୍ଥା ସମସ୍ତ ଚଳିତ ଅପ୍ରଚଳିତ ପ୍ରଥା ଓ ସଂସ୍କାରର ବାହାରେ ଯାଇଁ ପଡିଲା । ଅନ୍ୟାୟ ଲଜ୍ଜା ଓ ଚଳିତ ଶୋଭନ ଅଶୋଭନ ଜ୍ଞାନକୁ ବୁଡ଼ାଇ ପକାଇ ତା ମନରେ କ୍ରମେ ପ୍ରକୃତ ଲଜ୍ଜା ଓ ଧିକ୍କାର ଜାଗି ଉଠିଲା ଏଇଥିପାଇଁ ଯେ ସେ ତାର ସ୍ୱାମୀଙ୍କର ପରିତ୍ୟକ୍ତା—ପୁଣି କଉଁଥିପାଇଁ ନା ସାମାନ୍ୟ ଗୋଟାଏ ସହଜସାଧ୍ୟଶକ୍ତିର ଅଭାବ ଯୋଗୁଁ ! ଚିରଦବଳର ଜନ୍ମ ସଙ୍ଗେ ସଙ୍ଗେ ଓଡ଼ିଆ ନାରୀ-ମହଲର ପ୍ରଚଳିତ ରୀତିନୀତିର ଅସାରତା ଉପଲବ୍ଧି କରିପାରି ଲକ୍ଷ୍ମୀ ବସିଗଲା ନିଜକୁ ବାଞ୍ଛିତର ଯୋଗ୍ୟ କରିବାପାଇଁ—ତାର ସମସ୍ତ କୁଣ୍ଠା କଳ୍ମିଷ ଅଭିମାନ ଅପମାନକୁ ପଛରେ ପକାଇ !

ଲକ୍ଷ୍ମୀର ସାନ ଭଉଣୀ ସରସ୍ୱତୀ ମଧ୍ୟ ପ୍ରାଣପଣ ଯତ୍ନରେ ତାକୁ ଯଥାସାଧ୍ୟ ଶିକ୍ଷା ଦବାକୁ ଲାଗିଲା ।

Digitized by srujanika@gmail.com

ଏହିପରି ପ୍ରାୟ ମା ୬ ସ ଗତ ନ ହେଉଣୁଁ ଲକ୍ଷ୍ମୀ ଆନ୍ତରିକ ଚେଷ୍ଟା ଓ ଅଧ୍ୟବସାୟବଳରେ ବେଶ ଲେଖି ପଢ଼ି ପାରିଗଲା । ଅବଶ୍ୟ ଏଥିଯୋଗେ ତାକୁ ସ୍ତ୍ରୀ-ମହଲରେ ଅନେକ ଗଞ୍ଜନା ଓ ଅପମାନ ସହିବାକୁ ପଡ଼ିଲା, କିନ୍ତୁ ସେଥିପ୍ରତି ସେ ଭ୍ରୂକ୍ଷେପ ମାତ୍ର କଲା ନାହିଁ ।

*   *   *   *

ଏଣେ ଏ ମା ୬ ସ କାଳ ବନବିହାରୀ ବାବୁଙ୍କର ଓ ତାଙ୍କ ପିତାମାତାଙ୍କର ବିବାଦ ଚାଲିଥାଏ । ଆତ୍ମୀୟ ସ୍ୱଜନଙ୍କ ସମବେତ ଅନୁରୋଧ ଆଜ୍ଞା ଓ ବଳାତ୍କାରକୁ ପଛରେ ପକାଇ ବାବୁ ନିଶ୍ଚିନ୍ତ ମନରେ କେନ୍ଦ୍ରାପଡ଼ାର 'ଦ୍ୱିତୀୟଅଫିସର' (2nd Charge) ବଳିଷ୍ଠ ସ୍କନ୍ଧରେ ବହନ କରି ଯାଉଥାନ୍ତି—ଦ୍ୱିତୀୟ ଦାର କଥା ମନରୁ ସମୂଳେ ଦୂର କରି ବିପିନ ବାବୁଙ୍କର ଶତ ଅନୁରୋଧ ଶତ ଯୁକ୍ତି ତର୍କ ଏକ କଥାରେ ଉଡ଼ାଇ ଦେଇ ସେ ପ୍ରସଙ୍ଗ ପକାଇବାକୁ ଏକାବେଳକେ ନାରାଜ ବୋଲି ଅନେକ ଦିନରୁ ପ୍ରଚାର କରି ସାରିଲେଣି । ଅବଶ୍ୟ ବିପିନ ବାବୁଙ୍କର ଚେଷ୍ଟାର ତ୍ରୁଟି ନାହିଁ । ସେ ସେହିଦିନୁ ରଘୁ ବାବୁଙ୍କୁ ଢେର ବିନୟ ହୋଇ ଲେଖୁଥାନ୍ତି ଯେ ଲକ୍ଷ୍ମୀ ଦେଈଙ୍କୁ ଲେଖିପଢ଼ି ଶିଖାଅ । ଆଜକୁ ପ୍ରାୟ ମା ୧ ସ ପୂର୍ବେ ରଘୁ ବାବୁଙ୍କଠାରୁ ଆଶାଜନକ ଉତ୍ତର ପାଇ ବିପିନ ବାବୁ ପୁଣି ସେ ନିଷିଦ୍ଧ ପ୍ରସଙ୍ଗ ଉଠାଇଥିଲେ, କିନ୍ତୁ ବନ ବାବୁ 'ନା' ଛଡ଼ା ଆଉ କିଛି ଉତ୍ତର ଦେବାକୁ ରାଜିହେଲେ ନାହିଁ । ଶେଷକୁ ପନ୍ଦର ଦିନ ତଳେ ବିପିନ ବାବୁ ନିଜେ ଯାଇ ରଘୁବାବୁଙ୍କୁ କହି ଓ ଲକ୍ଷ୍ମୀ ଦେଈଙ୍କୁ ଶୁଣାଇ ଶୁଣାଇ ଥକିଲେ ତଥାପି ଲକ୍ଷ୍ମୀ ବନବାବୁଙ୍କଠାକୁ ଖଣ୍ଡେ ପତ୍ର ଦେବାକୁ ମୂଳରୁ ମଙ୍ଗିଲା ନାହିଁ ! ବିପିନବାବୁ ହାରି ମାନି ଫେରିଆସିଲେ—ମନେ ମନେ ଭାବିଲେ ଭଲା ଏକଗୁଆ ଲୋକଙ୍କ ପାଲରେ ପଡ଼ିଲି ! ଫେରି ଆସିଲାବେଳେ ରଘୁବାବୁଙ୍କୁ ଢେର କରି କହି ଆସିଥିଲେ କି ଯେ କୌଣସିମତେ ହେଉ ଲକ୍ଷ୍ମୀଙ୍କଠାରୁ ଖଣ୍ଡେ ପତ୍ର ବାବୁଙ୍କଠାକୁ ଯିବା ଦରକାର—ଯଦି ଦୁହିଙ୍କର ମିଳନ କରାଇବାର କୌଣସି ଉପାୟ ଥାଏତ ସେ ଏଇ—ଆଉ ଯେତେଶୀଘ୍ର ହୋଇପାରେ ସେତେଭଲ । ଏ ବିଷୟ ଅବଶ୍ୟ ବିପିନବାବୁ ବନବାବୁଙ୍କଠାରୁ ଗୋପନରେ ରଖିଥାନ୍ତି—ତଥାପି ତାଙ୍କମନରେ ଆଶା ଓ ଉତ୍କଣ୍ଠା ତାଙ୍କୁ ଥୟ ରଖିଦେଉ ନ ଥାଏ ! ଅବଶ୍ୟ ପ୍ରତିଦିନ ଡାକ ଆସିବା ସମୟରେ ସେ ଆସି ବନବାବୁଙ୍କ ଘରେ ବସିଥାନ୍ତି ଓ ଆଇଲା ଡାକତକ ସବୁ ଦେଖି ଦେଖି ଯାଆନ୍ତି—କିନ୍ତୁ ଆଜିଯାଏ ସବୁଦିନେ ତାଙ୍କୁ ନିରାଶ ହେବାକୁ ପଡ଼ୁଛି !

ଆଜି କୌଣସି କାରଣବଶତଃ ସେ ଠିକ ସମୟରେ ଆସିପାରି ନ ଥିଲେ । ଆସି ପହଞ୍ଚିଲାବେଳକୁ ପ୍ରାୟ ୧୦ ଟା—କଚେରି ଯିବାପାଇଁ ସେଆଡ଼ୁ ପ୍ରସ୍ତୁତ ହୋଇକରି ଆସିଥାନ୍ତି । ଆସି ଦେଖିଲେ ବାବୁଙ୍କ ଡାକ ଖୋଲାହୋଇନାହିଁ—ବାବୁ କୁଆଡେ ବାହାରିଛନ୍ତି । ଆଇଲା ଡାକତକ ଖେଳଉଁ ଖେଳଉଁ ହଠାତ୍ ଗୋଟିଏ ଲଫାଫା ଉପରେ ତାଙ୍କ ନଜର ପଡ଼ିଗଲା—ସେ ଶିରୋନାମାରୁ ଲକ୍ଷ୍ମୀର ହାତଅକ୍ଷର ଚିହ୍ନିପାରି ଉତ୍ଫୁଲ୍ଲ ହୋଇଉଠିଲେ ଏହି ସମୟରେ ବି ସ୍ୟାଙ୍କୁ ବନବାବୁ ଆସି ପହଞ୍ଚିଗଲେ । "ଆଗେ ଏଇ ଚିଠିଖଣ୍ଡ ଖୋଲି ପଢ଼" ବୋଲି କହି ବିପିନବାବୁ ଉକ୍ତ ଲଫାଫାଟି ବାବୁଙ୍କ ହାତକୁ ବଢ଼ାଇଦେଲେ । "ଏଇଟା ଗୋଟାଏ କଉଁଠୁ ଆସିଛମ" ବୋଲିକହି ବାବୁ ଧୀରେ ସୁସ୍ଥେ ଲଫାଫାଟାକୁ ଚିରିଲେ—ଚିରିସାରି ଚିଠିଖଣ୍ଡ କାଢ଼ି ଭାଙ୍ଗିଖୋଲି ଆଗେ ଲେଖକର ନାମଟା ଦେଖିନେଲେ ଓ ସଙ୍ଗେ ସଙ୍ଗେ ଚିଠି ଖଣ୍ଡିକ ବିପିନବାବୁଙ୍କ ଆଡ଼କୁ ଫୋପାଡ଼ିଦେଇ କହିଲେ "ଫେରେ ଜାଲ୍ ! ପଢ଼ୁଥା ତେମେ" ! ବିପିନବାବୁ ପାଠକରି ପଢ଼ିଲେ—

କୁଆଁସରପୁର
ବୁଧବାର

ଜୀବିତେଶ !

ଗୋଟାଏ ବିଶେଷ କଥାଅଛି । ସେଥିଯୋଗେ ବିଳେପଣି ଲେଖୁଛି । ମୁଁ କୌଣସିଗୁଣରେ ଆପଣଙ୍କର ଯୋଗ୍ୟ ନୁହେ—ମୋତେ ପରିତ୍ୟାଗକଲେ ଭଲକଲେ । ନିଜେ କାହିଁକି ଆଉ ଗୋଟିଏ ବାହାହୋଇ ପଡ଼ୁନାହାନ୍ତି ? ମୋ ପାଇଁ ଯଦି ବାହାହୋଇ ପାରୁନଥାନ୍ତି ତା ହେଲେ ମୋତେ ଧିକ୍ ? ବୋଧହୁଏ ସେଇୟା ? କିନ୍ତୁ ମୁଁ କହିଦେଉଛି ଅଳ୍ପଦିନେ ଆପଣଙ୍କୁ

Digitized by srujanika@gmail.com

ପ୍ରକୃତରେ ବିବାହ କରିବାକୁ ହେବ । ସେଥି-ଯୋଗେ ମୁଁ ଗୋଟିଏ ମାତୃଣୀନେଇ ଆପଣଙ୍କ ଠାରେ ଆଜି କୃପାଭିଖାରିଣୀ ! ଅନୁରୋଧଟି ରଖିବେକି ? ଜାଣନ୍ତି ମୋର ହତଭାଗ୍ୟ ପିତା କେତେ ଗରିବ ! ମୋର ଗୋଟିଏ ସାନଭଉଣୀ ଅଛି—ତାରନାମ ସରସ୍ୱତୀ । ଯାହାର ହାତ-ଲେଖା ଦେଖି ମୋର ବୋଲି ଜାଣି ଆପଣ ମୋତେ ବିବାହ କରିବାକୁ ସ୍ୱୀକୃତ ହୋଇଥିଲେ ସେ ସେଇ ସରସ୍ୱତୀ । ଦୟାକରି ଯଦି ତାକୁଇ ବିଭାକରନ୍ତେ ତାହେଲେ ମୁଁ ଜନ୍ମ ଜନ୍ମ ଆପ-ଣଙ୍କଠାରେ ଋଣୀ ହୋଇ ରହନ୍ତି ? ଏତିକି କରିବେ କି ? ଆପଣଙ୍କ ଶ୍ରୀଚରଣ ମାତ୍ର ଏ ଜୀବନରେ ମୁଁ ଦେଖିଚି—ବେଦୀଉପରେ ଆଉ କିଛି ଦେଖିବାର ସୁବିଧା ହୋଇନାହିଁ ? ସେହି ଶ୍ରୀଚରଣରେ ଶତକୋଟି ପ୍ରଣାମକରି ଅଭାଗିନୀ ଦରବିଦାୟ ନେଉଚି । ଇତି ।

ଅପରାଧିନୀ
ଦାସୀ – ଲକ୍ଷ୍ମୀ

ଚିଠିଖଣ୍ଡିକ ପଢ଼ି ବିପିନବାବୁ ଖପ୍‌କରି ଚଉକିରୁ ଡେଇଁଉଠିଲେ ଓ ଆକ୍ରମଣ କଲାପରି ବନବାବୁଙ୍କ ଆଗକୁ ଡେଇଁପଡ଼ି କହିଲେ "ଦେଖ—ବିହାରୀବାବୁ—ତମେ ଏଇକ୍ଷଣି ଯାଜପୁର ଯିବାକୁ ଯା—ନହେଲେ ନାରୀହତ୍ୟା ପାପଲାଗିବ ମୁଁ କହିଦଉଚି ।" ଚିଠି ଶୁଣି ବନବାବୁଙ୍କ ମୁହଁ ବି ଶୁଖିଯାଇଥିଲା—ତଥାପି ସେ କଠିନଭାବରେହିଁ କହିଲେ "ଯାମ୍, ଏଚିଠିଟା ଜାଲ୍ ନୁହେ ସ୍ଥିର ପ୍ରମାଣ କଣ ? ପ୍ରମାଣ ? ପ୍ରମାଣ ? ଦେଖ ଏ କାଗଜଟାକୁ ଟିକିଏ ଭଲକରି ଦେଖ—ଏଇ ଯଉଁ ଜାଗା୨ ଫୁଲିଲା୨ ଦିଶୁଚି ତାର ଅର୍ଥ କଣ ବୁଝିପାରୁନାହଁ ? ଆଉ ଏଚିଠି ଲକ୍ଷ୍ମୀଙ୍କର ସ୍ୱୀର ଅକ୍ଷର ପ୍ରମାଣ ଗୁହିଁତ ଦେଖ—ଏହା କହି ବିପିନ-ବାବୁ ଲକ୍ଷ୍ମୀର ହାତଲେଖା ଯେଉଁ କାଗଜ ଖଣ୍ଡିକ ସେ କୌଶଳରେ ରଘୁବାବୁଙ୍କଠାରୁ ଅଣିଥିଲେ ଏବଂ ଆଜ-ଯାଏଁ ଭରସି ଦେଖାଇ ପାରିନଥିଲେ ବନବାବୁଙ୍କୁ—ସେହି ହସ୍ତାକ୍ଷର ଖାତାର ପଦଟି ବାବୁଙ୍କ ହାତକୁ ବଢ଼ାଇ ଦେଲେ !

ବନବାବୁ କିଛିକ୍ଷଣ ଏ କାଗଜ ସେ କାଗଜକୁ ମିଳାଇ ଦେଖି ହଠାତ୍ କାଠହୋଇ ଭୂଇଁରେ ଲଥ୍‌କରି ବସି-ପଡ଼ିଲେ—ସତେ ଯେପରି ତାଙ୍କଠୁ ସବୁ ଶକ୍ତି ଯାକ କ୍ଷଣକେ କୁଆଡ଼େ ଉଡ଼ିଚାଲିଗଲା । ନାରୀହତ୍ୟା—ହଁ, ସତେ-ତ ? ଲକ୍ଷ୍ମୀ ଅବଶ୍ୟ ଆତ୍ମହତ୍ୟାର ସଂକଳ୍ପ କରିଛି । ଏଇକଥାଟା ଯୁଗପତ୍ ଦୁହିଙ୍କ ମନରେ ଉଦିତ ହୋଇ ଜଣକୁ ଦୁର୍ବଳ କରିକରି ପକାଇଲା ଓ ଅନ୍ୟକୁ ଶହେ ଲୋକର ଶକ୍ତି ଆଣିଦେଲା । ବିପିନବାବୁ ବାଉଳାଙ୍କପରି ବନବାବୁଙ୍କୁ ଭିଡ଼ି ଓଟାରି ପକାଇ କହିଲେ "ଏ ମାଇକି-ନାମି ରଖ—ଏଇ ମୁହୂର୍ତ୍ତରେ ଉଠ, ସାଇକେଲ ଧର—ଯିବା ବାହାର—ଟିକିଏ ଡେରିହେଲେ କଣ ହେବ କେଜାଣି" । ଏଣେ ମନେ୨ ଭାବିଲେ ହୁଏତ ଯେଉଁ ଅନିଷ୍ଟ ହେବାର ତାହା ଏତେବେଳକୁ ହୋଇ ସାରିଲାଣି ହୁଏତ ରଘୁବାବୁ ପହଁଚାତ ଜାମାତାଙ୍କୁ ଖବର ଦବାର ଆବଶ୍ୟକତା ଦେଖିନାହାନ୍ତି—ବିପିନବାବୁ S. D. O. ଙ୍କୁ କହି ଅନୁମତି ଆଣିବାକୁ ବାହାର ଯାଉଁ୨ କହିଲେ " ଦେଖ ବିହାରୀ—ଉଠ, ଯଦି କିଛି ଯିମ୍ପିଯିମ୍ପି କରିବାର ଥାଏ ତ ଯାଅ ଶେଷ କରିନିଅ—ମୁଁ ଏଇ ଆଇଲି ବୋଲି ।"

S. D. O. ବଙ୍ଗାଳୀ ଭଦ୍ରଲୋକ, ଏଘଟନା ଶୁଣି ଅନୁମତି ଦେଲେ ଓ ବିପିନବାବୁଙ୍କ ସଙ୍ଗେ୨ ବନବାବୁଙ୍କ ଘରଠାକୁ ମଧ୍ୟ ଅସିଲେ । ବିପିନବାବୁ ଗଲାବେଳକୁ ବନବାବୁଙ୍କୁ ଯେଉଁଭାବରେ ବସିଥିବାର ଦେଖିଯାଇଥିଲେ ଫେରି ମଧ୍ୟ ସେହିଭାବରେ ବସିଥିବାର ଦେଖିଲେ । ଏମା-ନଙ୍କୁ ଅସିବାର ଦେଖି ସେ ହଠାତ୍ ଜାଗରିତ ହେଲାପରି ଧଡ଼ପଡ଼ ହୋଇ ଉଠିପଡ଼ି ଲୁଗା ବଦଳାଇ ପକାଇଲେ ଓ ଆବଶ୍ୟକୀୟ କେତେକ ଜିନିଷ ପକେଟରେ ନେଇ ସାଇକେଲ ଖଣ୍ଡି ଧରି ବାହାରି ପଡ଼ିଲେ—ଆଉ କାହା-ରିକୁ କିଛି କହିଲେନାହିଁ । ବିପିନବାବୁ ମଧ୍ୟ ମୌନ-ଭାବରେ ନିଜ ସାଇକେଲଟି ଧରି ତାଙ୍କର ଅନୁସରଣ କଲେ । ବାଟରେ ନିଜବସାଠାରେ ବନବାବୁଙ୍କୁ ଅଟକାଇ ନିଜେ ଲୁଗା ବଦଳାଇ ନେଲେ ଓ ତାଙ୍କୁ ଜୋରକରି କିଛି ଖୁଆଇଲେ ।

Digitized by srujanika@gmail.com

## ୪

ରଘୁବାବୁଙ୍କ ବଳାତ୍କାରରେ ଓ ସମସ୍ତଙ୍କ ଗାଳି-ଫଜିତରେ ଲକ୍ଷ୍ମୀ ଯେଉଁଦିନ କିହାତି ବ୍ୟତିବ୍ୟସ୍ତ ହୋଇ-ପଡ଼ିଲା ସେଦିନ ବାଧ୍ୟହୋଇ ରଘୁବାବୁଙ୍କୁ ଜବାବଦେଲା ଯେ ସେ ଚିଠିଖଣ୍ଡେ ବନବାବୁଙ୍କ ଠାକୁ ଲେଖିକର ତାଙ୍କୁ-ଦବ । ସେତିକବେଳେ ପ୍ରତିଜ୍ଞା ମଧ୍ୟ କଲା ଯେ ଏମାନେ ସମସ୍ତେ ଯେପରିଭାବରେ ଚିଠି ଗ୍ରହ୍ଣ କରନ୍ତି ଅର୍ଥାତ୍ ଯେଉଁ-ଚିଠି ପୁନର୍ମିଳନ ଘଟାଇପାରିବ—ସେ କେବେଁ ସେପରି ଚିଠି ଲେଖିବନାହିଁ । ଅଯାଚିତଭାବରେ ଅପରିଚିତ ଏବଂଭୂତ ସ୍ୱାମିଙ୍କଠାକୁ ଚିଠିଲେଖିବାର ଅପମାନ ଓ ଲଜ୍ଜାରେତ ତା ମନ ଏକାବେଳକେ ବିଦ୍ରୋହୀହୋଇ ଉଠିଥିଲା—ତାଉପରେ ପିତା ମାତାଙ୍କର ତାଡନା ଭର୍ତ୍ସନା ତାକୁ ଆଘାତ ଉପରେ ଆଘାତ ଦେଇ ତା ଜୀବନକୁ ବିଷମୟ କରିପକାଇଲା । ସେ ଅନେକ ଭାବି ଗୋଟିଏ ସୂକ୍ଷ୍ମ ଉପାୟ ସ୍ଥିର କରିନେଲା—ଆତ୍ମହତ୍ୟା—ଯାହାର ଶୀତଳ ବାହୁଚ୍ଛାୟାରେ ଲକ୍ଷ୍ମୀପରି ଅଗଣିତ ଦୁଃଖିନୀ ନାରୀ ଶାନ୍ତି ଲୋଡିଥାନ୍ତି । ସେ ପ୍ରଥମେ ଭାବିଥିଲା କାଲି ବାପା ତାକୁ ଖୋଜିଲା ପୂର୍ବରୁ ସେ କଣିଅର ମଞ୍ଜି ଖାଇ ସମସ୍ତଙ୍କଠାରୁ ଚିରବିଦାୟ ନେଇପାରିଥିବ । କିନ୍ତୁ ରାତିରେ ଶୋଇ ଶୋଇ ଭାବୁ ଭାବୁ ତାକୁ ଅନ୍ଧାର ଗୋଟାଏ ବାଟ ଦିଶିଲା । ଆତ୍ମହତ୍ୟା କରିବାର ପ୍ରତିଜ୍ଞାରୁ ବିଚ୍ୟୁତ ନ ହୋଇ ଯଦି ଚିଠିଖଣ୍ଡେ ଲେଖେତ ଦୋଷ କ'ଣ ? ଚିଠି-ଖଣ୍ଡେ ଯାହି ତାହିକରି ଲେଖି ରଖିଗଲେ ବାପାବି ଖୁସୀ-ହେବେ ସେ ମଧ୍ୟ ଶାନ୍ତିହେବେ—ଠିକ୍ହବ ! କିନ୍ତୁ ଯାହି ତାହି ଚିଠି ଲେଖିବାର ପ୍ରାୟସ ତାର ମୃତ୍ୟୁରୁ ଫଳ-ପ୍ରଦ ହେଲାନାହିଁ ! ଶଏଥର ସେ ହେଙ୍ଗଲାମିରେ ଆରମ୍ଭକରେ କିନ୍ତୁ ହୃଦୟ ତାର କହେ ସମୁଦାୟ ଯେ ଯାଇଁ ସେହି ଚିଠିଟିରେ ପଶିଯିବ-ଲେଖା ହୋଇଯିବ ! ଯାହି ତାହି ଚିଠି ଲେଖିବାର ଅବସ୍ଥାତ ତାର ନୁହେ ସେତେବେଳେ ! ଶତଚେଷ୍ଟା ବ୍ୟର୍ଥହେଲାରୁ ବିରକ୍ତ-ହୋଇ ଲକ୍ଷ୍ମୀ ଭାବିଲା "ଚିଠିଲେଖିବା ଆଉ କଉଁଲାଭ ! ଯାଃ ଥାଉ ! ମରିବତ— ଚିଠିଖଣ୍ଡକ ମୋତେ ସର-ଗକୁ ନବ !" ଏହା ଭାବି ଲକ୍ଷ୍ମୀ ମନେ ମନେ ହସିଲା ! ଆତ୍ମ-ହତ୍ୟାକଲେ ତାର ସ୍ଥାନ କଉଁଠି ହବ ! " ସରଗ ହଉ ନରକ ହଉ ଏଠାଠଉଁ କଷ୍ଟେଁ ଭଲହୋଇଥିବ ! ମର-ବାକୁ ହବ—ହଁ ହବ'ତ ଅ ! ସେ ଧୀରସ୍ଥିର ଭାବରେ ନିଃଶବ୍ଦ ରାତିରେ ପ୍ରତୀକ୍ଷାକରି ରହିଲା । ସ୍ୟାତେ କାହାର ପାଟି ଶୁଭୁଥାଏ—ଏଇଲାଗେ ଯଦି ବିଷଖାଉଚି ତ କିଏ-କାଳେ ଜାଣିଯିବ—ନା, ସବୁ ଶୂନଶାନ ହେଇଯାଉ । ଅପେକ୍ଷାକରି ବିଛଣାରେ ପଡି ଛଟପଟ ହେବାକୁ ଲାଗିଲା । କଲ୍ଲୁ ବୁଲି ବୁଲି ସେହିସବୁ ପୂର୍ବଚିନ୍ତା ଆସି ତା ମନକୁ ଅଧିକାର କରିପକାଇଲା । ନିଜର ଦୁଃଖକଥା ଭାବି ତାକୁ ଇତି ପୂର୍ବରୁ କାନ୍ଦିମାଡିଥିଲେ ସୁଦ୍ଧା ସେ ମୋଟେ କାନ୍ଦି-ନଥିଲା ଏପର୍ଯ୍ୟନ୍ତ । ବର୍ତ୍ତମାନ ଅଜଣାରେ ତାଠୁଁ ଲୁହ-ଧାର ପରେ ଧାର ବହି ଚାଲିଗଲା । ଓଃ ! କି ଶାନ୍ତି ! କି ଆରାମ ! ଲୋକମାନେ ସରଗକୁ ଯାନ୍ତି—ସରଗ କ'ଣ ଖାଲି ଏଇ ଲୁହରେ ଗଢ଼ା । ସେଠି କଣ ଆଖିରୁ ସବୁବେଳେ ଲୁହ ଗଡୁଥାଏ କି ? ସରଗ ହଉ ନରକ ହଉ ସେହିଲୁହ ରାଇଜକୁ ଯାଆନ୍ତି କି ଯଉଁଠି ପେଟକ ହସିବାଠୁ ଟୋପାକ ଲୁହ ବଡ ! ଭାବୁଁ ଭାବୁଁ ଲକ୍ଷ୍ମୀର ହୃଦୟ କି ଗୋଟାଏ ମଧୁର ସ୍ୱାଦରେ ଭରି ଉଠିଲା—ଗୋଟାଏ ଗଭୀର ଶାନ୍ତି, ଗୋଟିଏ ଆଶ୍ଚର୍ଯ୍ୟ ଆନନ୍ଦ ତାର ସମସ୍ତ ପ୍ରକୃତିକୁ ଯେପରି କ୍ଷଣକେ ମଣ୍ଡି ଦେଇଗଲା । ତା କ୍ଷୁଦ୍ର ଜୀବନର ସମସ୍ତ ଅଭାବ ଅଭିଯୋଗ କ୍ଳେଶ କଷ୍ଟ ଦ୍ୱିଧା କ୍ଳେଶ ସୁଖ ଦୁଃଖ ସବୁକୁ ସମାନ ସମତଳ କରି, ପ୍ରବୃତ୍ତି ନିବୃତ୍ତିର ସମସ୍ତ ଖେଳକୁ ଏକାବେଳକେ ଓଲଟାଇ ପାଲଟାଇ ଏକ କରି ଆଉ ତା ହୃଦୟରେ ନାହିଁ ଅଭିମାନ ଅପମାନ ହିଂସା ଦ୍ୱେଷ ରାଗ ବିରାଗର ଚିହ୍ନ—ଆଉ ତା ହୃଦୟରେ ନାହିଁ ସ୍ୱାଦୁ ଅସ୍ୱାଦୁ ସୁଖ ଦୁଃଖର ଲେଶ ! ଏତିକବେଳେ ତା ମନରେ ହେଲା ମରିବ ତ । ହତଭାଗ୍ୟ ପିତାଙ୍କର କିଛି ଉପକାର କରେଁ—ଖାଲି ଏକା ପିତାଙ୍କର କାହିଁକି, ତାର ମନେ ହେଲା ଯଦି ଶକ୍ତି ଥାଆନ୍ତା ସେ ସମସ୍ତ ସଂସାରର କିଛି ନା କିଛି ଉପକାର କରି ଯାଆନ୍ତା ! ଆଉ ତାର ସ୍ୱାମିଙ୍କ ଠାକୁ ପତ୍ର ଲେଖିବାରେ ଆପତ୍ତି ବା ଲଜ୍ଜା ନାହିଁ—ଅଥଚ ହୃଦୟ ଅଜ୍ଞାତ ହୋଇ ପଡ଼ିବାର ମଧ୍ୟ ବାଟ ନାହିଁ । ଏତିକବେଳେ ହୃଦୟର ଲହୁ ଅଶ୍ରୁରେ ଅଭିଷିକ୍ତ କରି ଆଦରରେ ଲେଖିଗଲା ସେଇ ପର୍ବୋକ୍ତ ଚିଠି ଖଣ୍ଡ—

Digitized by srujanika@gmail.com

ଲେଖି ସାରିଲାବେଳକୁ ତାର ଅନ୍ତରର ନିସ୍ତବ୍ଧତା ପରି ଗୋଟାଏ ବାହ୍ୟିକ ନିସ୍ତବ୍ଧତା ତାର ଚତୁର୍ଦ୍ଦିଗରେ ବିରାଜ କରୁଛି । ଝରକାବାଟେ ଆକାଶକୁ ଅନାଇଲା କୃଷ୍ଣପକ୍ଷ ରାତି । କ୍ଷୁଦ୍ର ଝରକାଟି ବାଟେ ଖାଲି ଗୋଟିଏ ଉଜ୍ଜ୍ୱଳ ତାରା ତାକୁ ଦିଶିଲା ! ସେ ଯେପରି ଗୋଟାଏ ଅପଲକ ଚକ୍ଷୁର ସ୍ଥିର ଚାହାଣୀ—ଏହିପରି ତାକୁ ଲାଗିଲା ସେତେବେଳେ ! ତାର ଭୟ ହେଲା—ସେ ଆଉ ତାରାଟି ଆଡ଼କୁ ଚାହିଁ ପାରିଲାନାହିଁ । ଚିଠିଖଣ୍ଡିକ ଲଫାଫା-ଟିରେ ପୂରାଇ ମୁଦି ଦେଲା ବେଳକୁ ତାର ମନେ ହେଲା କାଲିତ ନୁହେଁ—ପରିଦିନ 'ସେ' ଏହାକୁ ପାଇବେ । ପାଇକରି କ'ଣ କରିବେ ଭଲା ! ଅବଶ୍ୟ ବୁଝି ପାରିବେ ମୁଁ ମଲିଣି ତେବେ କ'ଣ ମୋ ପାଇଁ ତାଙ୍କ ହୃଦୟ କୋଣରେ ଭଲେ ସ୍ଥାନ ହେବନାହିଁ । ହଁ ଧାଇଁ ଆସିବେ ବା କାହିଁକି ! ମୁଁତ ମରିସାରିଥିବି—ଏହାତ ବୁଝିବେ, ଫେରିଆସିବେ କାହିଁକି—ହଠାତ୍ ତାର ମନେ ହେଲା—ହାୟ ! ଥରେ ତାଙ୍କୁ ଭଲ କରି ଦେଖିଥାନ୍ତି ମରିବା ପୂର୍ବରୁ ! ଏହା କ'ଣ ସମ୍ଭବ ହୋଇ ନ ପାରେ—କେଜାଣି ? ସିଏ କାହିଁକି ମୋ ପାଇଁ ଏତେ କଷ୍ଟ କରି ଆସିବେ । ନ ହେଲେ ବା ଆଜି ବିଷ ନ ଖାଇ ପରିଦିନ ସକାଳୁ ବଡ଼ ଅନ୍ଧାରରୁ ଖାଆନ୍ତି—ସେଆଡ଼େ ଚିଠି ଖଣ୍ଡିକ ପାଇ ଯଦି ସାଇକେଲରେ ଆସନ୍ତେ—ବାଟ ୮ କୋଶତ—ତାହେଲେ ମଲାପୂର୍ବରୁ ଥରେ ତାଙ୍କୁ ଦେଖନ୍ତି ! ଚିଠି ଖଣ୍ଡ ଖୋଲି ଏ କଥା ଟିକିଏ ଲେଖି ଦେବି କି ଆଉ, ନା, ନାଃ, କେଉଁ ମୁହଁରେ ଏହା ଲେଖିବି ! ମୁଁ ମଲେତ ତାଙ୍କୁ ଭଲ—ମରିବି—ଆଉ ଫେରେ ଏଆଡ଼େ ସେଆଡ଼େ ମନ କାହିଁକି ? ହଁ ତେବେ, ସରକୁ ଯଦି ବାହା ହୁଅନ୍ତି ମୋ କଥା ବେଳେବେଳେ ମନେ ପଡ଼ି ପାରେ—

ଏତିକିବେଳେ ସର ଦୁଆର ସେପଟୁ ଡାକିଲା "ଦେଇ, ବୋଉ କହିଲା ମୁଁ ଏଠି ଶୋଇବି !"

ଲକ୍ଷ୍ମୀ ଚମକିପଡ଼ି ଧଡ଼ପଡ଼୍ ହୋଇ ଉଠିବସିଲା—ତରବର ହୋଇ କଣିଆର ମଞ୍ଜିତକ ଝରକାଉପରେ ମରା ହୋଇଥିବା ପଟାଟିଉପରେ ଥୋଇ ଦେଲାବେଳେ ଦେଖିଲା ସେଇ ତାରାଟି ସେହିପରି ମିଟିମିଟିକରି ତା ଆଡ଼କୁ ଚାହିଁ ରହିଛି—ହସୁଛି କି ଆଉସତେ !

ସରସ୍ୱତୀ ଭିତରକୁ ଆସି ଆଖି ମଳି ମଳି କହିଲା—"ଦେଇ—ତୁ ଏତେବେଳଯାଏଁ ଶୋଇନୁ ? ମୁଁ ବୋଉପାଖରେ ହାଣ୍ଡିଶାଳରେ ବସି ବସି ଶୋଇ ପଡ଼ିଥିଲି, ବୋଉ ଏଇକ୍ଷଣି ମୋତେ ଉଠେଇ ଦେଲାଟି—କହିଲା ତୋରିପାଖରେ ଶୋଇବି—ଦେଇ, ତୁ କ'ଣ କରୁଥିଲୁକି" "ମୁଁ ପରା ଚିଠି ଲେଖୁଥିଲି" । "ଲେଖିସାରିଲୁଣି ? କାହିଁଦେଖେଁ" ! ଲକ୍ଷ୍ମୀ ଲଫାଫାଟି ତକିଆତଳୁ କାଢ଼ି ବଢ଼ାଇ ଦେଲା । ସର ତାକୁ ଓଲଟପାଲଟକରି ଦେଖୁଛି—ସେଆଡ଼ୁ ରଘୁବାବୁ ଦ୍ୱାରପାଖରୁ ଡାକି କହିଲେ "ହଇଲୋ ସର—ଶୋଇଲୁ ? ଦେଇ ଶୋଇଲାଣି ନା ଚାହିଁଛି ?" ଦେଇତ ଚାହିଁଛି—ଚିଠି ଲେଖୁଥିଲା ଏଇ ଚିଠିଲେଖା ସରିଲାଣି" ଏହାକହି ସର ଚିଠିଖଣ୍ଡିକ ରଘୁବାବୁଙ୍କ ହାତକୁ ବଢ଼ାଇଦେଲା—ଲକ୍ଷ୍ମୀ ମୁହଁ ତଳକୁ ପୋତି ବସିଥାଏ । ଚିଠିଖଣ୍ଡ ନେଇ ବାହାରି ଗଲାବେଳେ ରଘୁବାବୁ କହିଲେ ଦେ ଏବେ ଶୋଇପଡ଼୍—ଦୁଆରଟା ଦିଅନାହିଁ—ମେଲା ଥାଉ ।

*

ରଘୁବାବୁଙ୍କ ମନରେ ଭୟ ପଶି ଯାଇଥିଲା - ଲକ୍ଷ୍ମୀର ପ୍ରତିଜ୍ଞା କଠିନ ମୁଖର ଭାବଟି ଦେଖି ? ତାଙ୍କୁ ସେ ରାତିସାରା ମୂଳରୁ ନିଦ ହେଲାନାହିଁ । ଶେଷରେ ଯେତେବେଳେ ଘରଧନ୍ଦା ନିବାଡ଼ି କରି ନଖୀ ବୋଉ ଶୋଇବାକୁ ଯେ ଘରକୁ ଆସିଲେ ରଘୁବାବୁ ତାଙ୍କୁ ନିଜର ଭୟ କଥା ଜଣାଇଲେ । ନଖୀବୋଉତ ଏକାବେଳେକେ ଅଧୀର ହୋଇ ଉଠିଲେ—ତାଙ୍କୁ ଏତେକଥା କ'ଣ ଜଣାଅଛି ! "ଯାଏ ସେ ସାନଟାକୁ ତା ପାଖକୁ ପଠାଇ ଦେଇ ଆସେ—ସେଇଟା ହାଣ୍ଡିଶାଳେ ପଡ଼ି ଶୋଇଚି ଉଠିବାକୁ ନାହିଁ" । ସରସ୍ୱତୀକୁ ଲକ୍ଷ୍ମୀପାଖରେ ଶୋଇବାକୁ ପଠାଇଦେଇ ଫେରି ଆସିଲା ପରେ ବି ସ୍ୱାମୀ ସ୍ତ୍ରୀ ନିଶ୍ଚିନ୍ତ ହୋଇ ପାରିଲେନାହିଁ—ଗୋଟାଏ ଅଜଣା ଭୟରେ ଦୁହେଁ ବିଚଳିତ ହୋଇ ଉଠିଲେ । "ଯାଏଁ ମୁଁ ଟିକିଏ ଦେଖି ଆସେଁ" ବୋଲି କହି ରଘୁବାବୁ ବାହାରିଲା ବେଳକୁ ନଖୀ ବୋଉ ବି ସାଙ୍ଗେ ସାଙ୍ଗେ ବାହାରିଲେ । ଚିଠି ଖଣ୍ଡିକ ନେଇ ଆସିଲାବେଳେ ଲକ୍ଷ୍ମୀର ଧୀର ସଂଯତ ଭାବ ଦେଖି ରଘୁବାବୁଙ୍କ ମନରେ କେତେକ ଦମ୍ଭ ଆସିଥିଲା ତଥାପି ଦୁଆର ଖୋଲା ରଖିବାକୁ କହିଆସିଲେ । ରାତିସାରା ତାଙ୍କ

Digitized by srujanika@gmail.com

ର ଆଉ ନିଦ ହେଲାନାହିଁ—ଥରକୁ ଥର ଯାଇ ଦୁଆର ଝିଙ୍କାଏ ଖୋଲି ଚନ୍ଦ୍ରାମଗ୍ନ ଦୁଇଝିଅଙ୍କୁ ଦେଖି ଆସିବାକୁ ଲାଗିଲେ ।

ସଭ ପାହିଲାରୁ ଉଠି ନିତ୍ୟକର୍ମ ସାରି ଲକ୍ଷ୍ମୀଲିଖିତ ଚିଠି ଖଣ୍ଡିକ ନେଇ ରଘୁବାବୁ ବାହାରିଗଲେ ବଜାର ପୁରକୁ—ପୋଷ୍ଟ ଅଫିସରୁ ଟିକଟ ନେଇ ନିଜେ ଚିଠି ଖଣ୍ଡ ଡାକରେ ଦବାପାଇଁ ! ଫେରିଲାବେଳକୁ ଦିନ ପ୍ରାୟ ଦୁଇପହର । ଏଣେ ନାଖୀ ବୋଉ କଅଁଳ ଗାଧୁଆ-ବେଳେ ଯାଇ ଲକ୍ଷ୍ମୀ ଶୋଇଥିବା ଘରେ ପଶି ଏକୋଣ ସେକୋଣ ବିଛଣା ତଳ ଗୁରୁଆଡେ ଖୋଜିବାକୁ ଆରମ୍ଭ କରିଦେଲେ—କଣ ଯେ ଖୋଜୁଥାନ୍ତି କେଜାଣି ! ବିଛଣା ମୁଣ୍ଡ ପାଖରେ ଗାଦିଏ କାଗଜ ଟିକି ଟିକି ହୋଇ ପଡିଥିବାର ଦେଖିଲେ—ତକିଆତଳେ ଦୁଇଗୁର ଖଣ୍ଡ ଅଲେଖା କାଗଜ ଓ ଶୁଖିଲା ପାନ ଦୁଇଖଣ୍ଡି ପାଇଲେ । ଖୋଜୁଥିବା ଜିନିଷକୁ କେଉଁଠାରେ ନପାଇ ଫେରିଲାବେଳେ ଝରକା ଉପରେ ମରା ହୋଇଥିବା ପଟାଖଣ୍ଡିକ ଉପରେ ତାଙ୍କର ନଜର ପଡିଲା—ହାତେ ଲମ୍ବ ପଟ୍ଟାଖଣ୍ଡେ, ଦୁଇଟା କିଲା ମରାହୋଇ ତା ଉପରେ ଥୁଆ ହୋଇଛି ଓ ତା ଉପରେ ଖଣ୍ଡେ ଦୁଇଖଣ୍ଡ ବହି, ଦୁଆତ, ସିଲଟ, ସିଲଟ-ପେନସିଲ ଇତ୍ୟାଦି କେତେ ଜିନିଷ ରଖାହୋଇଛି । ପଟା ଖଣ୍ଡିକ ଧୀରେ ଧୀରେ ତଳକୁ ଓହ୍ଲାଇ ଆଣିଲେ ଏବଂ ସାଙ୍ଗେ ସାଙ୍ଗେ ଗଣ୍ଡାଏ ହବ କଣି ଅର ମଞ୍ଜି ତଳେ ବୁଣି ହୋଇ ପଡିଗଲା, 'ଆଲୋ ପଡେ ତ !' ବୋଲି ମନେ ମନେ କହି ଗାଲରେ ହାତ ଦେଇ ଦଣ୍ଡେ ବସିଗଲେ । ତା ପରେ ମଞ୍ଜି ଗୁଡିକ ଗୋଟାଇ ଧରି ବାହାରି ଯାଉଥିଲେ ଲକ୍ଷ୍ମୀକୁ ଖୋଜି—ଏତିକି ବେଳେ ଲକ୍ଷ୍ମୀପ୍ୟାତୁ ଦେବ୍ୟସ୍ନାନ ପରେ ବିଶନ୍ନ ଭାବରେ ଆସି ସେ ଘରେ ପଶିଲା—ଦେଖି ଦେଖି ପ୍ରହସ୍ତାପର ସରସ୍ୱତୀ ବି ଆସୁଛି ? ନାଖୀ ବୋଉ କିଛି କହିପାରିଲେ ନାହିଁ ଧଡ୍ କରି ଧାଇଁ ଆସି ଲକ୍ଷ୍ମୀର ଗୋଟାଏ ହାତ ସବଳେ ଧରି ପକାଇ ତାକୁ ଏକାବେଳକେ ଲଙ୍ଗଳା କରି ପକାଇଲେ । ଯେଉଁ ଧୂଆଲୁଗା ଖଣ୍ଡିକ ଲକ୍ଷ୍ମୀ ଏ ହମାଏ ଗାଧୋଇ ସାରି ପିନ୍ଧିକରି ଆସିଥିଲା ସେ ଖଣ୍ଡିକର ପଣନ୍ତ ଧରି ଏତେ ଜୋରରେ ଆଉ ଏତେ ଆକସ୍ମିକ ଭାବରେ ଭିଡିଦେଲେ ଯେ ଲକ୍ଷ୍ମୀ ଅବଦ୍ଭୂତ୍ ଲଙ୍ଗଳା ହୋଇପଡିଲା; ସରସ୍ୱତୀ ତ ଭାବା ! ଲକ୍ଷ୍ମୀ ବି କମ୍ ନୁହେ—କିନ୍ତୁ ଲଙ୍ଗଳା ହବାଠୁଁ ବଳି ତାକୁ ତାର ଧରା ପଡିବାକୁ—ସେ ବୁଝି ପାରିଥିଲା ଯେ ବୋଉ ସେ ପଟାହିଁ ଉପରୁ ତାର ମତଲବର ସାକ୍ଷୀ କଣି-ଅଁର ମଞ୍ଜି ଗୁଡିକ ଖୋଜି ବାହାର କରି ସାରିଲାଣି—କି ଭୁଲ ହୋଇଗଲା ତାର ! ସେ ବସି ପଡିଲା—ତାର ସମସ୍ତ ଲଜ୍ଜାକୁ ଢାଙ୍କିବା ଅଭିପ୍ରାୟରେ କିନ୍ତୁ ବୋଉ ଲକ୍ଷ୍ମୀ ଆଖିରୁ ଆଉ ଫଳ ନ ବାହାରିବାର ଦେଖି କେତେକ ନିଶ୍ଚିନ୍ତ ହୋଇ ଏତେବେଳେ କଥା କହିଲେ--କହିଲେ 'ହାଁଲୋ, ସତ୍ୟାନାଶିଯୁଣି—ଇଏ କଣ?' ଲକ୍ଷ୍ମୀ ଆଉ ତାଙ୍କ ପ୍ରସାରିତ ହାତରେ ଥିବା କଣିଅଁର ଫଳ ଆଡକୁ ଚାହିଁବାକୁ ବି ସାହସ କଲାନାହିଁ—ସବୁ ସେ ବୁଝି ସାରିଥିଲା । କାଠହୋଇ ବସିରହିଲା ସେହିପରି । ଉଗ୍ର ମୂର୍ତ୍ତି ଧାରଣ କରି ବୋଉ ସରସ୍ୱତୀକୁ ଧରି ଧମକା ଦେଇ କହିଲେ "ହଇଲୋ ! ଅକର୍ମିଠା ତତେ ପରା ମୁଁ ଏତେକରି ବୁଝାଇ କହିଥିଲି ଲୋ ।" ସେ କହିଲା "ମୁଁ କଣ କରିବି !" ହଠାତ୍ ନାଖୀ ବୋଉଙ୍କର ରାଗ-ତମ ସବୁ କୁଆଡେ ଉଭେଇଗଲା— ଲକ୍ଷ୍ମୀକୁ ଲୁଗା ପୁଣି ପିନ୍ଧାଇ ଦେଉଁ ଦେଉଁ ବଡପାଟି କରି କାନ୍ଦିକି ବସିଲେ "ପଟାକପାଳୀ କରମରେ ଏଇଆ ଥିଲାଲୋ—ମୋ ରଙ୍କୁଣୀଥାଳ !" ଇତ୍ୟାଦି ଇତ୍ୟାଦି । ଲକ୍ଷ୍ମୀ କିଛି କହିପାରିଲା ନାହିଁ—ନୀରବରେ ଅଶ୍ରୁମୋଚନ କରିଗଲା ! ହଠାତ୍ ପୁଣି କଣ ଭାବି ନାଖୀବୋଉ କାନ୍ଦନା ବନ୍ଦକରି ଲକ୍ଷ୍ମୀକୁ କୁଣ୍ଢାଇ ଧରିଲେ ଓ ସେହିପରି ଭିଡି ଭିଡି ନେଇଗଲେ ନିଜ ଘରକୁ । ସେଠାରେ ଦୁଇ ଭଉଣୀଙ୍କୁ ଜଳଖିଆ ଚୁଡା ଗୁଡ ବଳପୂର୍ବକ ଖୁଆଇ ପହରା ଦେଇ ବସିଲେ ଲକ୍ଷ୍ମୀଙ୍କୁ । "ଆସୁ ତୋ ବାପା !" ବୋଲି କହି ସେ ବସିଲେ ବାଡକୁ ଆଉଜି ଲକ୍ଷ୍ମୀର ହାତଟି ଧରି ଆଉ ସେଠାରୁ ଉଠିଲେ ନାହିଁ କି ଦୁଇଜଣଙ୍କ ଆଖିରୁ ନିଦ ବି ଶୁଖିଲାନାହିଁ ।

ଚିଠି ଖଣ୍ଡିକ ଡାକରେ ଦେଇ କେତେକ ଆଶ୍ୱସ୍ତ-ଭାବରେ ଫେରିଲାବେଳକୁ ରଘୁବାବୁ ଦେଖିଲେ ଏ କାଣ୍ଡ ! ଘରଦ୍ୱାର ହୋଡାଇ ଘରେ ଭାଉଣୀ ବସାଇ ଦେଇ ବୋଉକୁ ଗୁଡିଲ କାନ୍ଦିବାକୁ ଉଙ୍କା ଉପରେ ଉଙ୍କା


Digitized by srujanika@gmail.com

ପକାଉଚ ! ବୋଉଠାରୁ ନ ଘୁଞ୍ଚିଲେ ସଇଲା ! ଘଟଣା ଶୁଣି ରଘୁବାବୁ କହିଲେ "ଝିମ୍ଫି—ଇସ୍ସେ ତୋର କ ବୁଦ୍ଧି କହିଲୁ !" ନଣ୍ଡୀବୋଉ ବଣିଲେଇ ହୋଇ କହିଲେ "ତମର ଭାଷା ବୁଦ୍ଧି ନୁହେଁ—ଝିଅ ବୁଦ୍ଧିକି ପୁଣି କନ୍ଦୁଛନ୍ତି ଇସ୍ସେ!" ହଠାତ୍ ରଘୁବାବୁଙ୍କ ମନରେ ପଡିଲା ସେ ଚିଠି କଥା ଯଉଁ ଚିଠି ସେ ଡାକରେ ଦେଇ ଆସିଲେ— ସେଥିରେ କଣ ଲେଖାଥିଲା ! ଲକ୍ଷ୍ମୀକୁ ପଚାରି ୨ ଥକିଲେ ସେ କିଛି ଉତ୍ତର ଦେଲାନାହିଁ—ଖାଲି ଅଧୋମୁଖରେ ନୀରବରେ କାନ୍ଦିବାକୁ ଲାଗିଲା ! ଏଥିରେ କିଛି ଫଳ ନାହିଁ ଦେଖି ରଘୁବାବୁ ତରବରରେ ବିପିନବାବୁଙ୍କଠାକୁ ଖଣ୍ଡେ ଚିଠି ଲେଖିଲେ ସବୁ ଘଟଣା ହାଲ ବର୍ଣ୍ଣନା କରି ! ସେ ଚିଠି ଖଣ୍ଡିକ ମୁଦି ପାଇରୁ ଗୋଟିଏ ବିଚକ୍ଷଣ ଭଣ୍ଡାରୀକୁ ଖୋସାମତ କରି ତାର ହାତରେ ପୋଷ୍ଟାଫିସକୁ ଠିକଣ ପାଇଁ ଗୁରୁପଇସା ସହିତ ପଠାଇଲେ । ସେ ଭଣ୍ଡାରୀ ସନ୍ଧ୍ୟାରେ ଫେରି ଖବର ଦେଲା ଯେ ସେ ବଜୁକୁଷ୍ଟରେ ଠିକଣ ଖଣ୍ଡିଏ କଣି ବାବୁଙ୍କ ହାତ ଗୋଡ ଧରି ଚିଠି ଡାକ ଥଳରେ ଦେଇକରି ଆସିଚ ! ଭଣ୍ଡାରୀଟି ଅବଶ୍ୟ ଠିକଣ କଣିବା କଥାଟି ମିଛ କହିଲା କିନ୍ତୁ ଡାକରେ ଦବା କଥାଟା ସତ ! ତେବେ ବେରଂ ଯାଇଥିବାରୁ ବିପିନବାବୁ ସେ ଚିଠି ସମୟରେ ପାଇ ପାରିଲେ ନାହିଁ—ସେତ ଅଫିସକୁ ଯାଇ ନାହାନ୍ତି, ନହେଲେ ପାଇଥାନ୍ତେ ଓ ଯେତେ ବ୍ୟସ୍ତ ହୋଇ ତାଙ୍କ ବନବାବୁଙ୍କୁ ନେଇ ଧାଇଁବାକୁ ପଡିଲା ସେତକ ପଡି ନ ଥାନ୍ତା ।

ସେ ଯାହାହେଉ—ବନବାବୁ ଓ ବିପିନବାବୁ କୁଆଁସରପୁର ଗାଁ ମୁଣ୍ଡେ ପହଞ୍ଚିଲା ବେଳକୁ ବେଳ ଅସି ବୁଡଲଣି । ଗାଁ ମୁଣ୍ଡେ ଇସ୍କୁଲ ପିଣ୍ଡାରେ ବସିପଡି ବନବାବୁ କହିଲେ "ବିପିନ, ମୁଁ ସେଠିକି କେଉଁ ଯାଇପାରିବି ନାହିଁ! ମୁଁ ଏଇଠି ବସିଲି, ତୁ ଯା, ଦେଖି କଣ ହାଲ ! ବଞ୍ଚିଥିବ ଯଦି ମୁଁ ଯିବି ନହେଲେ—" ବିପିନବାବୁ ଆଉ ବିଳମ୍ବ ନକରି ସଳଖେ ଯାଇଁ ରଘୁବାବୁଙ୍କ ଦାଣ୍ଡରେ ଅଶଙ୍କା କମ୍ପିତ କଣ୍ଠରେ ଡାକିଲେ "ରଘୁବାବୁ ! ରଘୁବାବୁ ଅଛନ୍ତି !" ରଘୁବାବୁ ଲକ୍ଷ୍ମୀକୁ ତା ବୋଉ ଜିମା କରି ବାହାରି ଆସିଲେ । ବିପିନବାବୁଙ୍କୁ ଦେଖି ଆନନ୍ଦ-ଆବେଗରେ ତାଙ୍କୁ କୁଣ୍ଢାଇପକାଇ ବୁଢ଼ା ଆଗେ କାନ୍ଦିଗଲେ ପରସ୍ତେ—ତା ପରେ ସବୁ ହାଲ କହିବାକୁ ପଡିଲା—କାରଣ ବିପିନବାବୁତ ଶୁଭଖବର ପାଇ ନାହାନ୍ତି—ସେ ଯେଉଁ ଭୟଙ୍କର ଆସିଥିଲେ ତାହା ପାଠକଙ୍କୁତ ଅବିଦିତ ନାହିଁ !

ବିପିନବାବୁ କହିଲେ "ଆପଣଙ୍କ କୁଆଁଇଁ ଆସିଚନ୍ତି—ଗାଁ ମୁଣ୍ଡେ ବସିଚନ୍ତି—" "ସତେ ! ଚାଲ ବାବୁ—ତାଙ୍କୁ ନେଇ ଆସିବା !" ବୋଲି କହି ରଘୁବାବୁ ଅଗ୍ରସର ହେଲେ । ବିପିନବାବୁ ତାଙ୍କୁ ଅଟକାଇ କହିଲେ "ଦେଖନ୍ତୁ ସେତ ଆସିଚନ୍ତି—ଆସିବେ ଏ ଠିକ । ଅଉ ତରବରରେ ପ୍ରୟୋଜନ କଣ ? ଆପଣ କାହାରିକୁ କିଛି କହନ୍ତୁ ନାହିଁ—ମୁଁ ଯାଉଛି ତାଙ୍କୁ ଡାକି ଆଣୁଚି !" ଏହା କହି ସାଇକେଲରେ ପୁଣି ଚଢ଼ିବାକୁ ଯାଉଁ ୨ ବିପିନବାବୁ ଫେରି ରଘୁବାବୁଙ୍କୁ ଫୁସ୍ ୨ କରି କଣ ସବୁ କହିଲେ । ରଘୁବାବୁ ମୁଣ୍ଡ ହଲାଇ ସମ୍ମତି ଜଣାଇଲେ । ବିପିନବାବୁ ସାଇକେଲରେ ଚଢ଼ି ୨ କହିଲେ "ବୁଝି ସାବଧାନ, ଆଜ୍ଞା—କେହି ଯେପରି କିଛି ନଜାଣନ୍ତି ! ଲକ୍ଷ୍ମୀଦେଈଙ୍କୁବି କିଛି ବୋଲି କିଛି ଜଣାଇବେ ନାହିଁ —"

* *

ସଞ୍ଜ ଅନ୍ଧକାର ମାଡି ଆସୁଛି । ଅଧା ଅନ୍ଧାର ଅଧା ଆଲୁଅରେ ସଂସାରର ତାବତୀୟ ଜନଷ ଜନପ୍ରାଣୀ ସମସ୍ତେ ଛବିରେ ଅଙ୍କା ହେଲା ପରି ରଙ୍ଗା ୨ ଦିଶୁଛନ୍ତି । ଲକ୍ଷ୍ମୀ ତାର ସେଇ ଛୋଟଘରଟିର ଛୋଟ ଝରକାବାଟେ ଅନାଇ ଦେଖୁଛି ବାରୁଣୀର ସେହି ରଙ୍ଗର ଖେଳ । ଆଲୁଅ ଅନ୍ଧାରର ଯୁଦ୍ଧରେ ପ୍ରକୃତି ଲଜ୍ଜିତ ହୋଇ କପରି ଓଢ଼ଣାଟିଏ ନିଜ ଉପରେ ଭିଡ ଧରୁଚନ୍ତି ! ଆଉ ନିଜ ଅବସ୍ଥା ସଙ୍ଗରେ ତୁଳନାକରି ଭାବୁଚି । ସେ ଘରେ ଆଉ କେହି ନାହିଁ—ଦିନମାନ ତାକୁ ବାପା ବୋଉ ଜଗି ୨ ଏଇ ପ୍ରାୟ ଅଧ-ଘଣ୍ଟେ ହେଲା ତାକୁ ଅବ୍ୟାହତି ଦେଇଚନ୍ତି—ସେ ଭାବି ଆକୁଳ ହେଉଚି କପରି ପୁଣି ସେ ବିଷ ସଂଗ୍ରହ କରିବ । କପରି କେତେବେଳେ ବିଷ ଖାଇ ତାର ପ୍ରତିଜ୍ଞା ପୂରଣ କରିବ ! ଏପରି ଜଣାଶୁଣା ହୋଇଯିବାରୁ ତାର ଲଜ୍ଜାର ଆଉ ସୀମା ନାହିଁ—ତାକୁ ସବୁଠଉଁ ବଳି ପୀଡା ଦଉଚି ଏଇ ଲଜ୍ଜା ଯେ ସେ ଚିଠି ଖଣ୍ଡି ତାର ପାଇ ଭାବିଥିବେ ସେ ମଲାଣି ବୋଲି ଅଥଚ — ସେତ ଏଇ ବଞ୍ଚି ରହିଛି-

Digitized by srujanika@gmail.com

ନିଲଠା ଜୀବନ ତାର ଯିବାର ଆଉ କଣ ବାକି ଉପାୟ ନାହିଁ !—ହଁ, ଯେତେ ଚଟି ପାଇ ସାରବେଣି ତେବେ— ଏତିକିବେଳେ ସରସ୍ୱତୀ ଦୁଆର ସେପଟୁ ଡାକି କହିଲା "ଦେଇ, ବିଛଣାରେ ଶୋଇପଡ଼ନ୍ତ, କେତେ ଠିଆ ଠିଆ ଭାବୁଚୁ !" ସରସ୍ୱତୀ କଥାରେ ପ୍ରଚ୍ଛନ୍ନ ବିଦ୍ରୂପ ଓ ସ୍ୱର ପରିହାସପୂର୍ଣ୍ଣ ! ଲକ୍ଷ୍ମୀକୁ ଜଣା ନଥିଲା ଯେ ସେ ତାକୁ ଦୁଆରଦେଇ ସେପଟୁଁ କଣିଚ ବୋଲି ! ସେ କହିଲା "କିଲୋ ! ଶୋଇମି କାହିଁକି !" ସେ ସିଅଡ଼ୁ କହିଲା "ଚୁପ୍ ଦେଇ, ଚୁପ୍ କର, ମୋଗୁଣେ !" ଏତିକିବେଳେ ଅନ୍ୟ ଲୋକଙ୍କର ପୁରୁଷଙ୍କର କଣ୍ଠସ୍ୱର ତା କାନରେ ପଡ଼ିଲା— ସେ ଭାବିଲା—କିଏ ? ତା ଦୁଆରପାଖରେ କରି ଦୁଇଜଣଙ୍କର ଏହିପରି କଥାବାର୍ତ୍ତା ତା କାନକୁ ଗଲା— ଜଣେ କହୁଚନ୍ତି, ଯାଙ୍କ କଣ୍ଠସ୍ୱର ସେ ଦୋ ଦୋ'ଚହ୍ନା କଲା । ମନେହେଲା ସେପରି 'ତାଙ୍କ' ସାଙ୍ଗେ ସେଇ ବାବୁଟି ଯିଏ ୧୦।୧୫ ଦିନ ପୂର୍ବରୁ ଏଥକୁ ଆସିଥିଲେ ସେଇ "ହିଁ, ଏଇ ଘରେ ରୋଗିଣୀ ଅଛନ୍ତି !" ଅନ୍ୟ ସ୍ୱରରେ ପ୍ରଶ୍ନ ହେଲା "ବାପା କାହାନ୍ତି ?" ଉତ୍ତର ହେଲା "ବାପା ବୈଦ୍ୟଙ୍କୁ ଡାକିଯାଇଚନ୍ତି ।" "ବୋଉ ସେଇ ଘରେ ରୋଗୀପାଖରେ ଅଛନ୍ତି ! ଯାଅ—ଦେଖିବଯେ" ଏତିକି-ବେଳେ ଦ୍ୱାର ଖୋଲାହେବାର ଶବ୍ଦ ହେଲା । "ତେମେ ଆସୁନା" ବୋଲି କହି କିଏ ସେ ଘରେ ପଶିଲା । ଆଉ ସାଙ୍ଗେ ସାଙ୍ଗେ ସ୍ୟାଡ୍ ଦୁଆର ବନ୍ଦ ହୋଇଗଲା— ଜଞ୍ଜିରର ଝଣ ଝଣ ଶବ୍ଦକୁ ଡୁବାଇ ସରସ୍ୱତୀ କଣ୍ଠରେ ଶୁଭିଲା "ଦେଇ—ଦେଖ୍ ଦେଖ୍—ବଣବିରାଡ଼ି ତୋ ଘରେ ପଶିଲାଲୋ ।" ଗୋଟାଏ ବଡ଼ ହସ କ୍ରମେ ଦୂରକୁ ଦୂରକୁ ଚାଲିଗଲା !

ବନବିହାରୀ ବାବୁ ଏପରିଭାବରେ ସେ ଘରେ ପଶି ଦେଖିଲେ କି ଧରା ଦେବୀ-ପ୍ରତିମାଟିଏ ତାଙ୍କର ସମ୍ମୁଖୀନ ! ବିହ୍ୱଳ ଭାବରେ ଯ୍ୟାଡେ ସ୍ୟାଡେ ଚାହିଁଲେ—ଆଉ ତ କେହି କୁଆଡ଼େ ନାହିଁ ! ତାଙ୍କୁ ବିପିନବାବୁ କହିଥିଲେ ଯେ ଲକ୍ଷ୍ମୀଙ୍କର ଦଶା ଅଧି ଶେଷଉପରେ—ମରିବା ପୂର୍ବରୁ ଥରେ ଯଦି ଦେଖାକରିବ ତ ଚାଲ ! ଏହିବୁ କଣ ତାହେଲେ ମିଛ ? ତେବେ ଏଇ କଣ ଲକ୍ଷ୍ମୀ—ବନବିହାରୀ ବାବୁ ଅବଶ ହୋଇ ସେହିଠାରେ ବସିପଡ଼ିଲେ ।

ଏତିକିବେଳେ ଦ୍ୱାର ଧୀରେ ଧୀରେ ଖୋଲିଗଲା ଓ ଗୋଟିଏ ଲଣ୍ଠନ କିଏ ଅଳ୍ପ ଫାଙ୍କବାଟେ ଭିତରେ ଥୋଇ-ଦେଇ ପୁଣି ଚଟ୍‌କିର ଦ୍ୱାର ଜଞ୍ଜିର ଲଗାଇଦେଲା ! ଆଉ ଲକ୍ଷ୍ମୀ ! ସେତ ବନବିହାରୀବାବୁଙ୍କୁ ସେଠାରେ ସେହିପରିଭାବରେ ଦେଖି ଯଉଁଠି କାଠପୁତୁଳାଟିପରି ଛିଡ଼ା ହୋଇଥିଲା ସେଇଠି ସେହିପରି ଲଜ୍ଜାସଙ୍କୋଚହୀନ ଭାବରେ ଛିଡ଼ାହୋଇ ରହିଲା ! କିଛିକ୍ଷଣ ପରେ ବନବିହାରୀ ବାବୁ ଜାଗ୍ରତ ହେଲାପରି ଉଠିଆସି ଯେତେବେଳେ ତା ହାତଯୋଡ଼ିକ ଧରିପକାଇ ତାକୁ ନିଜ ବକ୍ଷକୁ ଅଉଜାଇ ଆଣିଲେ ସେତେବେଳେ ବି ସେ ବାଧା ବା ଆପତ୍ତି କିଛି କଲାନାହିଁ । ସେ ଅଜ୍ଞାନ ହୋଇ ଯାଇଥିଲା !

ଲକ୍ଷ୍ମୀର ଯେତେବେଳେ ଜ୍ଞାନ ହେଲା, ସେତେବେଳକୁ ସେ ବିଛଣାଉପରେ ଶୋଇଚି ଆଉ ତାହା ମୁଣ୍ଡ ଓ ପିଠି କାହାର ବକ୍ଷରେ ସଯତ୍ନରେ ରକ୍ଷିତ ! ସେ ଧୀରେ ୨ ଆଖି ଖୋଲି ଚାହିଁଲାବେଳକୁ ଦେଖିଲା କାହାର ଯୋଡ଼ାଏ ଉତ୍କଣ୍ଠାପୂର୍ଣ୍ଣ ଚକ୍ଷୁ ତା ମୁହଁଉପରେ ସ୍ଥାପିତ । ଲଜ୍ଜାରେ ସେ ଲୁଗା ଟାଣିଦେଇ ଉଠିବସିଲା କିନ୍ତୁ ପୁଣି କାହାର ଯୋଡ଼ାଏ ବଳିଷ୍ଠବାହୁ ତାକୁ ବେଷ୍ଟନ କରି-ପକାଇ ଓ ସେ ଏଥର ମୁହାଁମୁହିଁ କାହାର ପ୍ରଶସ୍ତ ବକ୍ଷରେ ମିଶିଯାଇ ତାର ପ୍ରକାଣ୍ଡ ଲଜ୍ଜାକୁ ସେହିଠାରେ ଲୁଚାଇ ରଖିବାର ପ୍ରବୃତ୍ତି ପାଇଲା !

*

ବିପିନବାବୁ ଦ୍ୱାର ସେପଟୁ ଡାକିଲେ "ହଇହେ ବନବାବୁ—ରୋଗୀର ହାଲ କଣ ? ଦେଖ, ନିହାଲ କରିବ ନାହିଁଟି ତାଙ୍କୁ !" "ଏ ବିପିନ ! ଦୁଆର ଖୋଲିଦେ ଭଲା ବୋଉହେଉକା ସବୁ କଣ ଭାବୁଥିବେ ଭଲା ! ଛି, ଛି !" "ରହ, ରହ—ଖିଆପିଆ ସବୁ ଠିକ ହୋଇଗଲେ ଡାକିବ ରହିଥା ! ରଘୁବାବୁ ଯ୍ୟାଡେ ଯାଇ ସବାସି ବେହେରା ବନ୍ଦବସ୍ତକରି ଆସିଲେଣି— ଏବେ କି ବିଚାର ?" "ମୋ ହାତରେ ଆଉ କେଉଁ କଥାରେ ଭାଇ—" "ଯାହା ହାତରେ ସବୁକଥା ତାଙ୍କର ଶ୍ରୀଚରଣଙ୍କୁ ହେଲେ ପଚାର—

Digitized by srujanika@gmail.com

ବନବାବୁ କହିଲେ "ଲକ୍ଷ୍ମୀ—ତମକୁ ମୁଁ ସାଙ୍ଗରେ ନେଇଯିବ !" ଲକ୍ଷ୍ମୀ ଲଜ୍ଜାକ୍ଷୀଣ କଣ୍ଠରେ କହିଲା "ମୁଁ ଯାଉଥାଏଁତ !" ବନବାବୁ ତା'ର ନତ ମସ୍ତକକୁ ଟେକି ନିଜର ମୁଖ ସନ୍ନିକଟକୁ ଆଣି ତା' ଆଖିଉପରେ ନିଜ ଆଖିକୁ ସ୍ଥାପିତକରି କୋମଳ ସ୍ୱରରେ କହିଲେ "ଯିବ ନାହିଁ ?" ଏତେ ସନ୍ନିକଟରୁ ପ୍ରଶ୍ନଟା ଆସୁଥିବାରୁ ବୋଧହୁଏ ଲକ୍ଷ୍ମୀ ଆଉ 'ନା' କହିପାରିଲାନାହିଁ ! କହିଲା ସ୍ୱାମୀଙ୍କ ଶତଚେଷ୍ଟା ବ୍ୟର୍ଥକରି ମୁଣ୍ଡ ତଳକୁ ପୋତି ତାଙ୍କ ଛାତି ନିକଟରେହିଁ କହିଲା "ଯିବ ଯେ କିନ୍ତୁ—" "କିନ୍ତୁ ପେଟରେ ଗୋଟାଏ କ'ଣ ?" "ମୋର ସେଇ ଚିଠା ମତେ ଦେଲେଯାଇଁ ଯିବ—" ବନବାବୁ ପକେଟରୁ ଚିଠିଖଣ୍ଡ କାଢ଼ି ଅଳପ୍ ହସି ଲକ୍ଷ୍ମୀହାତକୁ ବଢ଼ାଇଦେଲେ-କହିଲେ "ମୁଁ ସେ ଚିଠିକୁ ପ୍ରେମ୍‌ବାନ୍ଧି ରଖିବ ଭବଚି—ଗ୍ଲେଇଯିବ ଜାଣିଥା ! ଲକ୍ଷ୍ମୀ ଚିଠିଖଣ୍ଡକୁ ସଯତ୍ନରେ ଧରି କହିଲା "ମୁଁତ ଯାଉଥାଏଁ ଆଉ !" ଏହା କହି ପ୍ରାୟ ମୁହଁ ମୋଡିଦେଇ ବସିଲା । ବନବାବୁ ହାତମାନ କହିଲେ "ତମେ ନ ଗଲେ ମୁଁବି ଏଇଠି ଧାରଣାଦେଇ ପଡିଥିବି"—ଏହା କହି ଲମ୍ବତମ୍ବ ହୋଇ ପଡିଯିବାର ଆୟୋଜନ କରିବାରୁ ଲକ୍ଷ୍ମୀ ନିଜ ବାହୁ-ବଳରେ ତାଙ୍କୁ ସ୍ୱସ୍ଥାନରେ ରଖି ହସ ହସ ମୁଖରେ କହିଲା "କି ! ଡେପେଇ ଆସିଥିଲ ସରସ୍ୱତୀକୁ ବାହାହବାକୁ-ତାକୁଇ ନେଇଯିବ ଯାଉନା !" ବନବାବୁ ଆନନ୍ଦାତି-ଶଯ୍ୟରେ ଲକ୍ଷ୍ମୀକୁ ସବଳେ ଆଲିଙ୍ଗନ କରିପକାଇ କହିଲେ "ହଁ—ସରସ୍ୱତୀକୁ ବାହା ହୁଅନ୍ତି - କିନ୍ତୁ—" ଏତିକିବେଳେ ବନବାବୁ ଗୋଟିଏ ଦୀର୍ଘଚୁମ୍ବନରେ ବାକ୍‌ଶକ୍ତି ରହିତ ହୋଇଯିବାରୁ କିନ୍ତୁର ତଥ୍ୟ ଆଉ ମିଳିଲାନାହିଁ ।



Digitized by srujanika@gmail.com

# କବିତାରେ ବିଷୟ ବିଚାର ।

## ( ୨ )

ଶ୍ରୀ ଗୋବିନ୍ଦ ତ୍ରିପାଠି ।

ପୂର୍ବବର୍ତ୍ତୀ ସଂଖ୍ୟାରେ ମୁଁ କହିଥିଲି କବିତାରେ ବିଷୟପ୍ରଶ୍ନ—ଅବାନ୍ତର । କବିତାକୁ ଦାର୍ଶନିକ ତତ୍ତ୍ୱ-ସମଷ୍ଟିର ସଂହାର ସ୍ୱରୂପ ଅଥବା ଉପନ୍ୟାସର ନାୟକ ନାୟିକାଙ୍କ ଗଳ୍ପାମୋଦ ସଦୃଶ ଦେଖିବା କେତେକ ସମାଲୋଚକଙ୍କର ସ୍ୱଭାବସିଦ୍ଧ । କବିତା ଗୁଣକ୍ୟ ଶ୍ଳୋକମାଳା ପରି କୌଣସି ଗୋଟିଏ ନୀତିର ବିଷଦ ବ୍ୟାଖ୍ୟା ହେବ, ନହେଲେ ହୃଦୟସ୍ପର୍ଶୀ କୌଣସି ବିଷୟର ଅବତାରଣା କରି ଓଜସ୍ୱିନୀ ଭାଷା ସାହାଯ୍ୟରେ ପାଠକ ମନରେ ଆବେଗ ସୃଷ୍ଟି କରିବ, ଏପରି ମତବାଦ କେତେକ ବଡ଼ ବଡ଼ ସମାଲୋଚକଙ୍କଠାରେ ଦେଖାଯାଏ । ଅବଶ୍ୟ କବିତା କଳାବିଦ୍ୟାର ଏକତମ ଶାଖାରୂପେ ମନୁଷ୍ୟ ମନରେ ଆବେଗ ଓ ଆଲୋଡ଼ନ ଆଣେ, ହୃଦୟରେ ବେଳେ ବେଳେ ପ୍ରବଳ ଝଞ୍ଜିକାର ଉନ୍ମାଦନାମୟ ଅସଂହତ ତାଣ୍ଡବ ସୃଷ୍ଟି କରେ, ପୁଣି ବେଳେ ବେଳେ ବାସନ୍ତୀ ଉଷାର ହାସ୍ୟକଲ୍ଲୋଳ ମେଲଇ ଦିଏ । ନୀତିର ପ୍ରଖ୍ୟାପନ ମଧ୍ୟ ଏଥିରେ ନିତାନ୍ତ ଅବାନ୍ତର ନୁହେ । ତେବେ ମୋ କହିବାର କଥା ଯେ, ଏସବୁ କବିତାରେ ଆନୁସଙ୍ଗିକ, ବା ପ୍ରତ୍ୟାସଙ୍ଗିକ, ପ୍ରାସଙ୍ଗିକ ନୁହେ । ସମାଲୋଚକ ଏସବୁ ବିଷୟ କବିତାରେ ଖୋଜିବସିଲେ କବିତାର ମର୍ଯ୍ୟାଦା ହାନି କରିବେ । ଏହିହେତୁରୁ ପୃଥିବୀର ବଡ଼ ୨ କବିମାନଙ୍କ ମଧ୍ୟରେ କେହି ନୈତିକତା, ବା ଦର୍ଶନଶାସ୍ତ୍ରର ଆଶ୍ରୟ ଗ୍ରହଣ କରିନାହାନ୍ତି—ନିଜ କବିତ୍ୱ ପ୍ରକାଶ କରିବା ନିମନ୍ତେ । ଯେତେବେଳେ ସେମାନେ ପ୍ରସଙ୍ଗକ୍ରମେ କୌଣସି ନୀତି-ଗର୍ଭିକ ବା ଦର୍ଶନତତ୍ତ୍ୱ ସୂଚକସ୍ଥାନ ବା ଘଟଣାକୁ ଆସିଛନ୍ତି, ସେତେବେଳେ ସେମାନେ ସାମାନ୍ୟ କଥାରେ ସେହି ନୀତିର ଯୋଗ୍ୟତା ସମ୍ପାଦନ କରି ପୁନର୍ବାର ଅବରୁଦ୍ଧ କବିତା ସ୍ରୋତରେ ନିଜକୁ ଭସାଇ ଦେଇଛନ୍ତି । ଯେଉଁଠାରେ ବା ସେମାନେ ନୈତିକତାର ବହୁଳ ବ୍ୟାଖ୍ୟାନ ନିମନ୍ତେ ପ୍ରୟାସ ସ୍ୱୀକାର କରିଛନ୍ତି, ସେଠାରେ ସେମାନଙ୍କର ଚ୍ୟୁତି ଘଟିଛି । ଆମ୍ଭେମାନେ ଏ ସ୍ଥାନରେ ଏ ବିଷୟର କେତେକଟି ଉଦାହରଣ ଦେଇ ବୁଝାଇ ଦେବୁଁ । ପ୍ରଥମରେ ଦୁଇଟି ସାଧାରଣ ଦୃଷ୍ଟାନ୍ତ ଦେଖନ୍ତୁ; ସେକସପିୟରଙ୍କ 'ହାମ୍‌ଲେଟ୍‌' ବୋଧହୁଏ ଅଧିକାଂଶ ପଢ଼ିଥିବେ, ସେଥିରେ ବୃଦ୍ଧ ପଲୋନିୟସଙ୍କର ଲାଏର୍ଟିସ୍‌ଙ୍କ ପ୍ରତି ଉପଦେଶ—

'Neither a lender nor a borrower be'

ପ୍ରଭୃତି ସହିତ ମୁମୂର୍ଷୁ ହାମ୍‌ଲେଟଙ୍କର ହୋରେସିଓଙ୍କ ପ୍ରତି ଶେଷୋକ୍ତି, ଅଥବା ଗେଟେଙ୍କ ଫଷ୍ଟର ସଂସାର-ବିରାଗ ବର୍ଣ୍ଣନାସହିତ ଅର୍ଦ୍ଧସ୍ୱପ୍ନରେ ଭଗ୍ନ ପାହାଡ଼ଉପରେ ବହୁବିଧ ଆକୃତି ବିଶିଷ୍ଟ ଅଦ୍ଭୁତ ଭୌତିକ ଜୀବମାନଙ୍କର ଶୋଭାଯାତ୍ରା ବର୍ଣ୍ଣନା, କାଳିଦାସଙ୍କ କଣ୍ୱଙ୍କର ସକୁନ୍ତଳା ବିଦାୟବେଳେ ଦୁଃଖସହିତ କଣ୍ୱଙ୍କର ଶକୁନ୍ତଳାପ୍ରତି ଉପଦେଶ, ସାମନ୍ତସିଂହାରଙ୍କର ପ୍ରୀତି ବର୍ଣ୍ଣନାସହିତ ଯଶୋଦାଙ୍କ ବିଳାପ ଏବଂ ପରିଶେଷରେ ରାଧାନାଥଙ୍କ ଦରବାରସହିତ ମହାଯାତ୍ରାର ଯୁଦ୍ଧ ବର୍ଣ୍ଣନା ବା ସହ୍ୟାଦ୍ରିର ପ୍ରାକୃତିକ ଦୃଶ୍ୟ ବର୍ଣ୍ଣନା ତୁଳନାକଲେ ପ୍ରତ୍ୟେକେ ଦେଖିପାରିବେ, ନୈତିକତା ବା ଦାର୍ଶନିକତ୍ୱ କିପରି କବିକୁ ତାହାର ଉଚ୍ଚଶିଖରରୁ ନିମ୍ନକୁ ଅବନତ କରି ଆଣେ । ଅବଶ୍ୟ ଉଲ୍ଲେଖିତ ନୈତିକ ବିଷୟ-ମାନଙ୍କ ମଧ୍ୟରେ ଯେ କବିତ୍ୱର କୌଣସି ବିକାଶ ନାହିଁ, ତାହା ମୋ କହିବାର ଉଦ୍ଦେଶ୍ୟ ନୁହେ; କିନ୍ତୁ ସେ କବିତ୍ୱ ବିଷୟର ଉଚ୍ଚତା ବା ଗୁରୁତା ନେଇ ନୁହେଁ ।

ଆନୁସଙ୍ଗିକ ସମ୍ବନ୍ଧ ଓ ସେଥିରୁ ନାୟକ, ନାୟିକା ବା କବିଙ୍କ ଯେ ଭାବାଭିବ୍ୟକ୍ତି ହୋଇଛି ସେହିହେତୁରୁ ସେ ବିଷୟ ପଦରେ ଆଲୋଚ୍ୟ । ମୋ କହିବାର କଥା, ବିଷୟର ଗୁରୁତା ବା ଗାମ୍ଭୀର୍ଯ୍ୟ ନେଇ କବିତାର ଗୁରୁତା ବା ଗାମ୍ଭୀର୍ଯ୍ୟ ଠିକ୍ କରାଯାଇପାରେ ନାହିଁ । କବି ନିତାନ୍ତ କ୍ଷୁଦ୍ର କଥା ନେଇ ଲେଖିପାରେ ଅଥବା ବଡ଼ ଦାର୍ଶନିକ ତତ୍ତ୍ୱର ଅବତାରଣା କରିପାରୁ



Digitized by srujanika@gmail.com

ଯାଇ ନିଜର କବିତ୍ୱ ପ୍ରକାଶ କରିପାରେ । ବର୍ଣ୍ଣସ୍ ମୂଷା, ଫୁଲ, ଗଛ ଇତ୍ୟାଦି ବିଷୟରେ କବିତା ଲେଖି ବିତ୍ତ, ଆଉ ମିଲ୍‌ଟନ୍ ବାଇବଲ୍‌ର ବିଷୟ ଉଦାହୃତ କରି ଜଗଦ୍‌ବିଖ୍ୟାତ ।

ତା'ହେଲେ ଆମ୍ଭେମାନେ ଦେଖିଲୁ, କବିତା ନୀତି-ଶାସ୍ତ୍ର ବା ଦର୍ଶନଶାସ୍ତ୍ରର ଅବରୋଧ ମାନେନାହିଁ, ମାନିବା ମଧ୍ୟ ପ୍ରୟୋଜନୀୟ ବୋଲି ଭାବେ ନାହିଁ । ଇଂରେଜରେ ଅସ୍କାରୱାଇଲ୍‌ଡ୍ ବୋଲି ଜଣେ ଲେଖକ କହିଥିଲେ 'କଳା ମାତ୍ରକେ ଅନୈତିକ' (All art is immoral) ଅସ୍କାରୱାଇଲ୍‌ଡ୍‌ଙ୍କୁ କେହି କେହି ତାଙ୍କ ଜୀବନର ଦୁହାଇ ଦେଇ ଉଚ୍ଛୃଙ୍ଖଳ ବୋଲି କହି ପାରନ୍ତି । ସେଥିପାଇଁ ଆଉଜଣେ ଖ୍ୟାତନାମା ସମାଲୋଚକଙ୍କ ଉକ୍ତି ଉଦ୍ଧାର କରୁଛି । ଏ ବିଲାତର ଗୋଟିଏ ପ୍ରସିଦ୍ଧ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ନାମ, ଇ.ଏ. ଗ୍ରିନିଂ ଲାମ୍ବର୍ଣ୍ଣ । ସେ ମହାଶୟ କହନ୍ତି, କଳାର ଧୀଶକ୍ତି ସହିତ ଯେପରି କୌଣସି ସମ୍ବନ୍ଧ ନାହିଁ, ନୈତିକତା ସହିତ ମଧ୍ୟ ସେହି-ପରି । ଆମ୍ଭମାନଙ୍କ ମଧ୍ୟରେ ଏପରି କିଛି ଅଛି, ଯାହା ଧୀ ଓ ନୈତିକତା ଠାରୁ ପ୍ରାଚୀନତର । ଯାହା ମନୁଷ୍ୟର ପତନ ପୂର୍ବେ ଏଡେନ୍‌ରେ ଥିଲା । ମନୁଷ୍ୟ ହୃଦୟର ଏହି ବିଭବ ସହିତ କଳାର ବିହାର । ନୈତିକତା କବିତା ପରି ଅନୁଭୂତିର ବିଷୟ ନୁହେଁ, ମାତ୍ର ବୁଦ୍ଧିର ବିଷୟ । ଯେପରି ସ୍ତ୍ରୀ ଓ ପୁଂସତ୍ୱ ମନୁଷ୍ୟ ହୃଦୟରେ ଭାବ ବିକାର ଆଣେ, କଳା ସେହିପରି ବିକାର ଆଣିପାରେ, ମାତ୍ର ତାହା ପାପ ନୁହେଁ, ଅନ୍ୟାୟ ନୁହେ । ଅନ୍ୟାୟ ଇଚ୍ଛାରେ ହୁଏ, କିନ୍ତୁ ଅନୁଭୂତିରେ ବା ଆବେଗରେ ହୁଏ ନାହିଁ । ଯେଉଁ ସ୍ଥାନରେ ଜ୍ଞାନର ଅଭାବ, ସେଠାରେ ସାଧୁତା ଥାଇପାରେ, କିନ୍ତୁ ନୈତିକତା ନାହିଁ, (Art has no more to do with morality than with intellect. It speaks to something in us that is older than either, that existed in Eden before the fall. Morality is not feeling, like poetry, but willing. Art may move the feelings as the sex does, but is no more an evil: the evil is in the will, not in the emotions. Where there is no knowledge, there may be innocence but there is no morality.) ପାଠକମାନେ ଏଥିରୁ ଦେଖି ପାରିବେ ଯେଉଁ କାଞ୍ଚା ଇଂରେଜି ପାଠ ଆମ୍ଭମାନଙ୍କର ସଭ୍ୟ ସମାଲୋଚକମାନେ ପ୍ରାଚୀନ ଓଡ଼ିଆ ସାହିତ୍ୟ ପ୍ରତି ଯେ କଟୂ କଟାକ୍ଷ କରିଥାନ୍ତି ତାହା କେତେଦୂର ସମୀଚୀନ । ଲେଖକଙ୍କର ରୁଚି, ଶିକ୍ଷା ଓ ମତ ଗତି ଅନୁସାରେ କବିତାର ବିଷୟ ପରିବର୍ତ୍ତିତ ଓ ପରିପୋଷିତ ହୋଇଥାଏ, ସମାଲୋଚକ ସମାଲୋଚନା କଲାବେଳେ ସେ ସମସ୍ତ ବିଷୟରେ ଯଥାଯଥ ଆଲୋ-ଚନା କରିବା ଉଚିତ । କାବ୍ୟ ତଥାକଥିତ ଶୃଙ୍ଗାର ରସ ପ୍ରଧାନ ହେଉ ବା ବୀର ରସ ପ୍ରଧାନ ହେଉ, ସମାଲୋଚକ-ଙ୍କର ମନେ ରଖିବା ଉଚିତ, ପ୍ରକୃତ କବି ଯେ ଯେ କୌଣସି ରସ ବିଶେଷକୁ ଉଦାହୃତ କରିବା ନିମନ୍ତେ କବିତା ଲେଖେ ନାହିଁ, ତାହାର ହୃଦୟଭାବ ନେଇ କବିତାର ରସ ସୃଷ୍ଟି ହୁଏ । ସୁତରାଂ ସେହି ଭାବରେ ପ୍ରଖ୍ୟାପନ ଓ ସଂପ୍ରସାରଣ ଦେଖିବାର ଜିନିଷ ।

ତେବେ ପୃଥିବୀର କାବ୍ୟ ସମଷ୍ଟି ଆଲୋଚନା କଲେ ଆମ୍ଭେମାନେ କାବ୍ୟ ବିଷୟର କେତେକଟି ନମୁନା ପାଇ ଥାଉଁ, କାବ୍ୟ ହେଉ, ଉପନ୍ୟାସ ହେଉ, ନାଟକ ହେଉ ବା କ୍ଷୁଦ୍ର କବିତା ହେଉ—ସମସ୍ତ କବିର ପ୍ରାଣ-ଗତ ବିଷୟ ନେଇ ଲିଖିତ । କବି ତାହାର ଦୀର୍ଘଜୀବନରେ ବହୁ କଷ୍ଟ ସହି, ବହୁନିର୍ଯ୍ୟାତନା ସ୍ୱୀକାରକରି ଯେଉଁ ଜ୍ଞାନ ଓ ଉପଲବ୍ଧି ଲାଭ କରିଥାଏ, ତାହାରି ପ୍ରବେଦନାରେ ଯାହାଲେଖା, ଆମ୍ଭେମାନେ ତାହାକୁ କବିତା ଆଖ୍ୟା ଦେଇଥାଉଁ । ହେମ୍ୟାଁ ଭେଲ୍ଁ ଥରେ କହିଥିଲେ "A great soul struggles all its life long in sorrow to divert your illness for an hour —" ଜଣେ ଜଣେ ମହାତ୍ମା ତାଙ୍କର ଜୀବନବ୍ୟାପି ଦୁଃଖ ଯନ୍ତ୍ରଣା ଭୋଗକରି ଯାହା ଲେଖିଯାନ୍ତି, ତାହାପଢି ଆମ୍ଭେମାନେ ଆମ୍ଭମାନଙ୍କ ଆଳସ୍ୟମୟ ଜୀବନରୁ ଘଣ୍ଟେଖଣ୍ଡେ କଟାଇ-ଦେଉଁ । ହୃଦୟର କ୍ଷୁଦ୍ରତା ଏବଂ ରୁଚିର ସଙ୍କୀର୍ଣ୍ଣତା ହେତୁ ଯଦି ସେତିକ ମଧ୍ୟ ଆମ୍ଭେମାନେ କରିନପାରୁଁ, ତାହେଲେ ସେ ଦୋଷ ଆମ୍ଭମାନଙ୍କର, କବିର ନୁହେଁ । ଏହିପରି ଭାବରେ ଦେଖିଲେ କବିତାର ବିଷୟରେ କେବଳ କଳା କୁଶଳତା ନ ଦେଖି ଆମ୍ଭେମାନେ କବିଜୀବନର ଗୁପ୍ତ-

Digitized by srujanika@gmail.com

ରହସ୍ୟ ଉପଲବ୍ଧି କରିପାରିବୁଁ । ଅବଶ୍ୟ କବିତାର ବହିର୍‌ବରଣ ସେଥିପାଇଁ ଆମ୍ଭମାନଙ୍କୁ ବାଦ୍ ଦେବାକୁ ପଡ଼ିବ । କବି ଯେ ଗଳ୍ପ ବା ଘଟଣାର ବିବରଣ ଦେଉଅଛନ୍ତି, ତାଙ୍କ ଜୀବନରେ ତାହା ନ ଘଟି ପାରିଥାଏ, ନ ଘଟିବାହିଁ ବିଶେଷ ସମ୍ଭବ; କାରଣ କବି ଯେତେବେଳେ ତାଙ୍କ ହୃଦୟର ଅନ୍ତରତମ ପ୍ରଦେଶ ଉନ୍ମୁକ୍ତ କରି ଆମ୍ଭମାନଙ୍କୁ ତାହାର ପରିଦର୍ଶନ ନିମନ୍ତେ ଆହ୍ୱାନ କରନ୍ତି, ସେତେବେଳେ ସେ ନିଜର ବ୍ୟକ୍ତିତ୍ୱ, ବିଶେଷତ୍ୱଟିକି ଘୋଡ଼ାଇବାପାଇଁ ଯଥାସାଧ୍ୟ ଚେଷ୍ଟା କରିଥିବେ । କେତେକ ସମାଲୋଚକ ଜର୍ମାନ ସମାଲୋଚକମାନଙ୍କ ପନ୍ଥାଙ୍କ ଅନୁସରଣ କରି କବି କଳ୍ପିତ ବିଷୟ ସମସ୍ତ ମଧ୍ୟରେ କବି ଜୀବନ ଅନ୍ୱେଷଣ କରନ୍ତି । ଏପରି ଅନ୍ୱେଷଣ ବୃଥା ପ୍ରୟାସ ମାତ୍ର । କବିତାରେ କଳ୍ପିତ ଘଟଣାପ୍ରତି ଦୃଷ୍ଟି ନ ଦେଇ ସେହି ଘଟଣା କେଉଁ ମର୍ମନ୍ତୁଦ, ହୃଦୟସ୍ପର୍ଶୀଭାବର ଉଦ୍‌ବୋଧନ କରୁଛି, ତାହାହିଁ ଦେଖିବାର କଥା । କବିର ମାନସିକ ବୃତ୍ତି ସବୁବେଳେ ଉପମା ଉପମେୟ ନେଇ ବ୍ୟାପୃତ । ରୂପକତାରେ (allegory) ରେ ଭାବ ପ୍ରକାଶକରିବା ତାହାର ଗୋଟିଏ ସ୍ୱଭାବ ସିଦ୍ଧ ପ୍ରକୃତି । କାଳିଦାସ ଶକୁନ୍ତଳାଙ୍କର ଦୁଃଖ ବର୍ଣ୍ଣନା ବା ଦୁଷ୍ମନ୍ତଙ୍କର ବିରହ ବ୍ୟଥା ଲେଖିବାର ଦେଖି ଯଦିକେହି ସମାଲୋଚକ କାଳିଦାସଙ୍କୁ ପ୍ରକୃତରେ କୌଣସି ପ୍ରଣୟିନୀର ବିରହରେ ବ୍ୟଥିତହେବାର ଅନୁମାନ କରନ୍ତି, ତା ହେଲେ ସେପରି ଅନୁମାନ ଅଭ୍ରାନ୍ତ ବୋଲି କୁହାଯାଇପାରେନାହିଁ । ପ୍ରେମ ଯନ୍ତ୍ରଣା ଦେଖାଇବାକୁ ଯାଇ, ଏକ ଅବିନଶ୍ୱର ନୀତିର ଉଦାହରଣ ଦେଇଅଛନ୍ତି—ମନୁଷ୍ୟଜୀବନରେ ଆକାଂକ୍ଷିତ ବସ୍ତୁପ୍ରତି ଅଭିଳାଷ ଏବଂ ସେହିଅଭିଳାଷର ଅପୂର୍ଣ୍ଣତାରେ ହୃଦୟର ଦାରୁଣ ଯନ୍ତ୍ରଣା । ଏହି ଆକାଂକ୍ଷିତ ବସ୍ତୁ—ଧନ ହୋଇପାରେ, ମାନ ହୋଇପାରେ, ଶାରୀରିକ, ପାର୍ଥିବ ପ୍ରେମ ହୋଇପାରେ ଅଥବା ଉଚ୍ଚ ଆଦର୍ଶ ହୋଇପାରେ । କବିର ସଦାଜୀବନ୍ତ ଏବଂ ସଦା ବିଚଳିତ ମନରେ କୌଣସି ଆକାଂକ୍ଷା ପ୍ରଣୟିନୀର ରୂପଗ୍ରହଣ କରିବସେ; ଏବଂ ସେହି ଆକାଂକ୍ଷାଠାରୁ ଦୂରରେ ରହି କବି ନିଜହୃଦୟରେ ଯେ ଆବେଗ ଯନ୍ତ୍ରଣା ଓ ଅଧୀରତା ଅନୁଭବ କରେ, ତାହାହିଁ ସେ ପ୍ରେମିକ ପ୍ରେମିକାଙ୍କର ବିରହ ବ୍ୟଥାରେ ପ୍ରକାଶ କରିଥାଏ । ସେଲିଙ୍କର ପ୍ରମିଥିଅସ୍ ଗଭୀର ଯନ୍ତ୍ରଣାରେ ନିପୀଡ଼ିତ, କାରଣ ସେ ପ୍ରତିଷ୍ଠିତ ଶାସନରେ ଅନ୍ୟାୟ ଦେଖି, ସେହି ଅନ୍ୟାୟର ସଂସ୍କାର ନିମନ୍ତେ ଯତ୍ନ କରିଥିଲେ । ଏହି ପ୍ରମିଥିଅସ୍ ଗଳ୍ପଟିର ଅନୁଧ୍ୟାନକଲେ ଆମ୍ଭେମାନେ କବି ଜୀବନର ରୂପକତା ପୂର୍ଣ୍ଣମାତ୍ରାରେ ଅନୁଭବ କରିବୁଁ । ଗ୍ରୀକ୍ ନାଟକକାର ଏସ୍‌ଚିଲସ୍ ଏହିଗଳ୍ପ ଅବଲମ୍ବନରେ ଏକ ନାଟକ ଲେଖିଥିଲେ । ସେଥିରେ ସେ ଦେଖାଇଥିଲେ ପ୍ରମିଥିଅସ୍, ସୃଷ୍ଟିର ଅଧିନାୟକ ଜୁପିଟରଙ୍କ ବିରୁଦ୍ଧ ଶାସନ ସତ୍ତ୍ୱେ ମନୁଷ୍ୟସମାଜକୁ ଜ୍ଞାନାଲୋକ ପ୍ରଦାନକରିବାକୁ ଚେଷ୍ଟାକରିବାରୁ ଏହିଦଣ୍ଡ ଓ ନିର୍ଯ୍ୟାତନ ଭୋଗକରିଥିଲେ । ଏଥିରେ ପ୍ରମିଥିଅସ୍‌ଙ୍କର ଦଣ୍ଡହିଁ ସାର, ତାଙ୍କର ମୁକ୍ତିନାହିଁ । କାରଣ ଗ୍ରୀକ୍‌ଲେଖକ ତାଙ୍କସମାଜ ଓ ସମୟର ପ୍ରଭାବରେ ଶୃଙ୍ଖଳିତହୋଇ ଭାବିଥିଲେ ସଂସାରରେ ନ୍ୟାୟ ସବୁବେଳେ ଜୟୀ ହୁଏନାହିଁ । ଯାହା ଦୃଢ଼ଭିତ୍ତି ଉପରେ ଅବସ୍ଥାପିତ, ତାହାର ପରିବର୍ତ୍ତନ ନ୍ୟାୟ ନିମନ୍ତେ ମଧ୍ୟ କରିବା ଅନ୍ୟାୟ ଓ ଅସମ୍ଭବ । ଯୌବନର ଅନ୍ଧ ବିଶ୍ୱାସରେ ଶୃଙ୍ଖଳିତ ହୋଇ ଏହି ନୀତିର ବିରୋଧ କାର୍ଯ୍ୟ କଲେ ଯାତନା ଓ ପତନ ଅବଶ୍ୟମ୍ଭାବୀ । ଏସ୍‌ଚିଲସ୍‌ଙ୍କଠାରୁ ସେଲିଙ୍କ ସମୟ ପର୍ଯ୍ୟନ୍ତ—ବହୁ ସମୟ ଗତ ହୋଇଛି । ଫରାସି ବିଦ୍ରୋହୀ ଆସି ଦେଖାଇ ଦେଇଛି, ଦୃଢ଼ସ୍ଥାପିତ ଶାସନରେ ବିଶୃଙ୍ଖଳା ଘଟିଲେ ତାହାର ଅପନୋଦନକରି ତା'ର ସ୍ଥାନରେ ସୁଶୃଙ୍ଖଳା ସ୍ଥାପନ କରାଯାଇପାରେ ଓ କରିବା ଉଚିତ । ଯାହା ଅନ୍ୟାୟ ତାହା ଯେ କୌଣସି ଅବସ୍ଥାରେ ଏବଂ ଯେ କୌଣସି ସମୟରେ ଉଚ୍ଛେଦ୍ୟ ଏବଂ ଯାହା ନ୍ୟାୟ ତାହା ଅବସ୍ଥାପ୍ୟ । ସେଲି ଏ ଦୃଶ୍ୟ ନିଜେ ଆଖିରେ ଦେଖିଅଛନ୍ତି । ତାଙ୍କର ହୃଦୟରେ ସମାଜର ନିର୍ଯ୍ୟାତନା ବେଳେ ବେଳେ ନିରାଶାର ଛାୟାପାତ କରିଥିଲେ ମଧ୍ୟ ମନୁଷ୍ୟର ଶେଷ ମୁକ୍ତି ସମ୍ବନ୍ଧେ ତାଙ୍କର ପୂର୍ଣ୍ଣ ବିଶ୍ୱାସ ରହିଛି । ସେହିହେତୁରୁ ତାଙ୍କର ପ୍ରମିଥିଅସ୍ ସମସ୍ତ ଯନ୍ତ୍ରଣା ଦୃଢ଼ଭାବରେ ସହ୍ୟ କରି ଶେଷ ମୁକ୍ତି, ନ୍ୟାୟର ଅବଶ୍ୟମ୍ଭାବୀ ମଙ୍ଗଳ ପରିଣାମକୁ ଅପେକ୍ଷା କରି ରହିଅଛନ୍ତି । ପ୍ରକୃତରେ ଶେଷରେ ମୁକ୍ତି ହେଲି ।

Digitized by srujanika@gmail.com

ନ୍ୟାୟର ପ୍ରତିକାର ହୋଇ ଅନ୍ୟାୟର ପତନରେ ସମ୍ପ୍ରଦାୟ ସଂସାର ଜାଗ୍ରତ ହୋଇ ଉଠିଲା । ସେଲି ତାଙ୍କ ଜୀବନରେ ଏହି ଅନ୍ୟାୟ, ଏହି ଅସମ ବ୍ୟବହାର ଅନୁଭବ କରିଥିଲେ ଏବଂ ଅନୁଭବ କରି ତାହାର ପ୍ରତିକାର ନିମନ୍ତେ ବ୍ରତୀ ହୋଇ ଉଠିଥିଲେ । ସମାଜ ଦ୍ୱାରା ପରିତ୍ୟକ୍ତ, ଘୃଣିତ ଓ ତାଡିତ ହୋଇ ମଧ୍ୟ ସେ ଏହି ଶେଷ ଆଶା ହୃଦୟରେ ପୋଷଣ କରି ପ୍ରାଣତ୍ୟାଗ କରିଥିଲେ । ଆଜି ବହୁଦିନ ପରେ ତାଙ୍କର ସେ ଆଶା ଫଳବତୀ ହେବା ଉପରେ । ଉଭୟ କବି ନିଜ ହୃଦୟର ଅନୁଭୂତି, ଯାହା ଯାହା ଅଙ୍ଗେ ନିଭେଇଥିଲେ ତାହା, ବର୍ଣ୍ଣନା କରି ଅଛନ୍ତି— ରୂପକ ଭାବରେ । ସେଥିମଧ୍ୟରେ ଯଦି ବୈଷମ୍ୟ ଘଟିଥାଏ ତା'ହେଲେ ତାର କାରଣ କବିମାନଙ୍କର ଉନ୍ମେଷ ପ୍ରାପ୍ତ ଜ୍ଞାନ ଗରିମାର ତାରତମ୍ୟ ଓ ଯୁଗଧର୍ମର ପରିବର୍ତ୍ତନ ।

କବି ଯାହା ଜାଣିଛି, ଯାହା ଅନୁଭବ କରିଛି ତାହାହିଁ ସେ ଲେଖିବ । ଟେନିସନ୍ ଥରେ କହିଥିଲେ 'It does not matter what we say, if people know, but it matters everything how we say it' ଲୋକେ ଯାହା ଜାଣନ୍ତି, ଏପରି ଯେ କୌଣସି କଥା ଆମ୍ଭେମାନେ କହିପାରୁଁ, ସେଥିରେ କିଛି ଯାଏ ଆସେନାହିଁ, କିନ୍ତୁ ସେହିକଥା ଆମ୍ଭେମାନେ କିପରି କହୁଁ, ତାହାହିଁ ଦେଖିବାର ବିଷୟ । ଲୋକେ ଯାହା ଜାଣନ୍ତି, କବି ତାହା ଜାଣେ । ଦେଶ କାଳ ପାତ୍ର ବିବେଚନାରେ କବିର କଳ୍ପନାଶକ୍ତି କାର୍ଯ୍ୟ କରେ । କବି କଳ୍ପନା ବଳରେ ସ୍ୱର୍ଗକୁ ପୃଥିବୀ ଉପରକୁ ଟାଣିଆଣି ପାରେ, କିନ୍ତୁ ସେହି ସ୍ୱର୍ଗକୁ ସେ ଏପରିଭାବରେ ରଞ୍ଜିତ କରିବ, ଯେପରି ମନୁଷ୍ୟର ଆଖିରେ ତାହା ସୁନ୍ଦର ଅଥଚ ସ୍ୱାଭାବିକହେବ । ଅସ୍ୱାଭାବିକ, ଅତିରଞ୍ଜିତ ଚିତ୍ର କବିତା ନୁହେ । କଳ୍ପନାକୁ ଯଥେଚ୍ଛ ବିଚରଣ କରିବାକୁ ଛାଡିଦେଇ କବିତା ଲେଖିଲେ, ସେ କବିତାରୁ କବିହିର ଗୌରବଶ୍ରୀ ଅନ୍ତର୍ହିତ ହୋଇଯିବ । ସେଥିପାଇଁ ପ୍ରକୃତ କବି ସ୍ଥାନ-କାଳପାତ୍ରର ଆବରଣୀରେ ନିଜକୁ ଆବଦ୍ଧ କରି କବିତା ଲେଖନ୍ତି । ଟେନିସନଙ୍କର ନାୟିକାମାନେ ସମସ୍ତେ କୌତୁକପରାୟଣା ସବଳା ଇଂରେଜ ଗ୍ରାମ କନ୍ୟା । ସେଲିଙ୍କର ସିଥିନା ଏହି ଅବରୋଧର ଅନ୍ତରାଳରୁ କେବଳ ଗୋଟିଏ ଛାୟା ମାତ୍ର ।

ଉପେନ୍ଦ୍ରଭଞ୍ଜଙ୍କର କବିତା ଅଶ୍ଳୀଳ, ଏବଂ ବର୍ତ୍ତମାନ ସଭ୍ୟ ସଂସ୍କୃତ ସମାଜର ଦୃଷ୍ଟିରେ କୁରୁଚି ପୂର୍ଣ୍ଣ । ମୁଁ ଆଗରୁ କହିଛି, ଏପରି ସଂକୀର୍ଣ୍ଣତା ଭିତରେ ଉପେନ୍ଦ୍ରଭଞ୍ଜଙ୍କୁ ନିର୍ବାସନ ଦଣ୍ଡଦେବା ସାଧୁ ସମାଲୋଚନା ନୀତିର ବିରୋଧୀ । ଉପେନ୍ଦ୍ରଭଞ୍ଜ ରୁଚି ଶାସ୍ତ୍ର ବା ନୀତିଶାସ୍ତ୍ର ଲେଖିନାହାନ୍ତି—ସେ ଲେଖିଛନ୍ତି କବିତା । ଯାହା ମନୁଷ୍ୟ ସମାଜକୁ ଜଣା— ତାହାର ଅଭିବ୍ୟକ୍ତି; ଆକାଂକ୍ଷିତର କଳ୍ପନାରେ ହୃଦୟ-ନିର ଆନନ୍ଦ, ତାହାର ବିରହରେ ପ୍ରାଣର ଗଭୀର ବେଦନା ଏବଂ ତାହାର ମିଳନରେ ଆନନ୍ଦର, ଆମୋଦର ଆବେଗର ଉଦ୍ଦାମ ସ୍ଫୂର୍ତ୍ତି । ଏହା ଲେଖିବାକୁ ଯାଇ ସେ କବିତାକୁ ଟିକିଏ ବିଶେଷ ରସମୟ କରିପକାଇ ପାରିଥାନ୍ତି କିନ୍ତୁ ତାଙ୍କ ସମୟର ବହୁଜନାନୁମୋଦିତ କଳା ନିୟମ ତାଙ୍କୁ ସେହି ପନ୍ଥା ଅବଲମ୍ବନ କରିବାକୁ ବାଧ୍ୟ କରି-ଥିଲା । ଚନ୍ଦ୍ରଭାନୁର ପ୍ରେମକୁ, ଲାବଣ୍ୟବତୀର ବିଳାସକୁ ଆମ୍ଭେମାନେ ଏପରି ବିଷ ଦୃଷ୍ଟିରେ ଦେଖୁ କାହିଁକି ? ଶ୍ରୀକୃଷ୍ଣ ରାସଲୀଳା ଆମ୍ଭମାନଙ୍କ ଚକ୍ଷୁଃଶୂଳ କେଉଁ ହେଉରୁ ? ଯେଉଁମାନେ ଗ୍ରୀକ୍ ନାଟକ କେଡି-ପସ୍ ଟିରାନସ୍ ପଢ଼ିଥିବେ, ସେମାନେ ଦେଖିଥିବେ, ତା'ର ମଧ୍ୟରେ ଯେ ବିଭତ୍ସକାଣ୍ଡ ନିହିତ ରହିଛି, ତାହା ଅପେକ୍ଷା କ'ଣ ଚନ୍ଦ୍ରଭାନୁର ପ୍ରେମ ବିଶେଷ କଳଙ୍କିତ ? ମାତା ପ୍ରତି ସନ୍ତାନର ସ୍ୱାମୀପ୍ରେମ ଅଭିନେତାମାନଙ୍କ ଦ୍ୱାରା ଜ୍ୱଳନ୍ତ ଆକାରରେ ରଙ୍ଗମଞ୍ଚରେ ଅଭିନୀତ ହେବା ଅପେକ୍ଷା ଚନ୍ଦ୍ରଭାନୁର ବାସର ଘର ବର୍ଣ୍ଣନା କ'ଣ ଅତିଶୟ ଦୁର୍ବହ ପାପଜଡିତ ? ବାଇରନ୍ଙ୍କ ମାନ୍‌ଫ୍ରେଡ ଓ କେନ୍‌ନାମକ ନାଟକ ଦ୍ୱୟରେ ଭାଇଭଉଣୀମାନଙ୍କ ମଧ୍ୟରେ ଅବୈଧ ପ୍ରଣୟର ଯେ ଦୃଢ଼ ନିର୍ଣ୍ଣୟ କରାଯାଇଛି ତା' ଅପେକ୍ଷା କ'ଣ ଧର୍ମରୂପକତା ଦ୍ୱାରା ଆବୃତ ଶ୍ରୀକୃଷ୍ଣ ରାସଲୀଳା ବିଶେଷ ଦୋଷାବହ ? ଆଶ୍ଚର୍ଯ୍ୟକଥା, ଯେଉଁ-ମାନେ ଯଜାତି ଓ ବିମଳାଙ୍କର ରସମୟ ପ୍ରଣୟ କାହାଣୀ ଏବଂ ଗଙ୍ଗେଶ୍ୱରଦେବଙ୍କ ଅଶ୍ରୁତପୂର୍ବ ବ୍ୟଭିଚାର ବର୍ଣ୍ଣ-ନାକୁ କବିତାର ଆଖ୍ୟା ଦେଇଥାନ୍ତି, ସେହିମାନେହିଁ ଚନ୍ଦ୍ରଭାନୁ ଓ ଲାବଣ୍ୟବତୀର ବୈଧ, ଦାମ୍ପତ୍ୟ ପ୍ରଣୟକୁ

Digitized by srujanika@gmail.com

ଅଶ୍ଳୀଳ ବୋଲି ବର୍ଜନ କରିପାରନ୍ତି । ଆମ୍ଭେମାନେ ଏ ସମସ୍ତ ଉଦାହରଣ ଦେଇ କୌଣସି କବି ବା ଲେଖକଙ୍କ ପ୍ରତି ଅଯଥା ଆକ୍ରୋଶ କରୁନାହୁଁ, କାରଣ ଆମ୍ଭେମାନେ ଦେଖାଇବାକୁ ଚାହୁଁ ଯେ ଏ ସମସ୍ତ ଘଟଣା ମନୁଷ୍ୟର ଜ୍ଞାନାଗତ ନୁହେଁ, ସୁତରାଂ କବିତାର ବିଷୟ ମଧ୍ୟରେ ଅନ୍ତର୍ଭୁକ୍ତ ହୋଇପାରେ ।

ତା'ପରେ ଉପେନ୍ଦ୍ରଭଞ୍ଜଙ୍କ କାବ୍ୟ ସାହିତ୍ୟରେ ବର୍ଣ୍ଣନାର ପାଶବତା ବା ଅଶ୍ଳୀଳତା ପ୍ରତି କେହି କେହି କଟାକ୍ଷ କରିପାରନ୍ତି କିନ୍ତୁ ଆମ୍ଭେମାନେ କହୁଁ ଉପେନ୍ଦ୍ରଭଞ୍ଜ ଚିରନ୍ତନ ପ୍ରଥାର ଅନୁସରଣ କରିଅଛନ୍ତି ମାତ୍ର । ଇଂରେଜୀ ସାହିତ୍ୟରେ କାହିଁକି, ସମୁଦାୟ ପାଶ୍ଚାତ୍ୟ ସାହିତ୍ୟରେ ମଧ୍ୟ ସର୍ବାଙ୍ଗ ଶରୀରବର୍ଣ୍ଣନା ସ୍ଥାନ ପାଇନାହିଁ; ତଥାପି ସ୍ଥଳ ବିଶେଷରେ ଯୁବତୀମାନଙ୍କର 'Rounded Breast' ଏବଂ 'Rounded Shoulders' 'White neck' ପ୍ରଭୃତିର ବର୍ଣ୍ଣନା ବିରଳ ନୁହେଁ । ଉପେନ୍ଦ୍ରଭଞ୍ଜ ଏହି ବର୍ଣ୍ଣନାର ବାହୁଲ୍ୟକରି କେବଳ ତାଙ୍କର ପୂର୍ବବର୍ତ୍ତୀ କାଳିଦାସ, ଶ୍ରୀହର୍ଷ, ମାଘ ଓ ବାଣଭଟ୍ଟ ପ୍ରଭୃତି ମହାକବିମାନଙ୍କର ପଦାଙ୍କ ଅନୁସରଣ କରିଅଛନ୍ତି ମାତ୍ର । ବିଶେଷତଃ ଏ ସମସ୍ତ ବିଷୟର ବିସ୍ତୃତ ଅବାନ୍ତର ମାତ୍ର, କାରଣ ମୁଁ ଆଗରୁ କହିଅଛି, କଳା—ସ୍ତ୍ରୀତ୍ୱ ଓ ପୁଂସ୍ତ୍ୱର ଆବେଗ ଓ ଅନୁଭୂତି ଆଣିପାରେ, କିନ୍ତୁ ତାହା ପାପନୁହେଁ, ଅନ୍ୟାୟ ନୁହେଁ । ଆଧୁନିକ ଯୁଗର ପାଶ୍ଚାତ୍ୟ ସମାଲୋଚକ ଏହି ଯେ ମତ ପ୍ରଦାନ କରିଅଛନ୍ତି, ବହୁବର୍ଷ ତଳେ ଆର୍ଯ୍ୟ କଳାବିଦ୍ ତାହା ଅନୁଭବ କରିପାରିଥିଲେ ଏବଂ ସେହି ଅନୁଭୂତିଦ୍ୱାରା ଚାଳିତହୋଇ କାବ୍ୟକୁ ରସାତ୍ମକ ବୋଲି ସ୍ୱୀକାର କରିଯାଇଅଛନ୍ତି ।

ପରବର୍ତ୍ତୀ ସଂଖ୍ୟାରେ କାବ୍ୟର ବା କବିତାରେ ଯୌବନାଦି ବିଷୟର କିଞ୍ଚିତ୍ ଆଲୋଚନା କରାଯାଇ ଉପସଂହାର କରାଯିବ ।

---

ବସନ୍ତ ଉଷା ଆକାଶେ ଦୋଳି ଉତ୍ସବ
ସୁରଭି-ସମୀର ସ୍ପର୍ଶେ ସୁଖ ବିଭବ ।
ଉଚ୍ଛୁଳାଇଦେଲାଣି ମୋ ଦେହ ଜୀବନ
ବିହଗ-କାକଳି, ମଧୁ କୁସୁମମାନ
ପ୍ରକୃତି କୋଳେ ମୁଁ ନିତ୍ୟ କୋଳାହଳମୟ
ପ୍ରକୃତି ମୁଖର ସୁଖେ ପୂର୍ଣ୍ଣ ମୋ ହୃଦୟ ।

ନବୀନ ଜୀବନେ ମୋର ଅନନ୍ତ ଆଶା
କର୍ତ୍ତବ୍ୟ ଜୀବନୀ ମୋର ପ୍ରଭୁ ଭରସା ।
କାଳବକ୍ଷେ ଖୋଦିବାକୁ ଅମର ଅକ୍ଷର
ସତତ ପ୍ରୟାସ ମୋର ଲକ୍ଷ୍ୟ ଏ ପ୍ରାଣର ।
ବିବେକଦର୍ଶିତ ପଥେ ଯିବି ସ୍ଥିରପଦେ
ସାହା ହେବେ ବିଶ୍ୱପତି ସଂପଦେ ବିପଦେ ।

---



Digitized by srujanika@gmail.com




# ମୂର୍ତ୍ତି ଓ ମନ୍ଦିର ।

( ୨ )

( କଲିକତା ମିଉଜିୟମର ଅଧ୍ୟକ୍ଷ ଶ୍ରୀଯୁକ୍ତ ରମାପ୍ରସାଦ ଚନ୍ଦଙ୍କ ରଚନା । )

## ( ୪ )

ମଥୁରାର ଶକ—କୁଷାଣ ଯୁଗର ଶିଳ୍ପୀଗଣ ମୂର୍ତ୍ତିର କାଯ୍ୟମାନ ଗଢ଼ିବାକୁ ସମର୍ଥ ହୋଇଥିଲେ, କିନ୍ତୁ ସେହି କାଯ୍ୟରେ ମଧ୍ୟ ଓ ପ୍ରାଚ୍ୟ ଭାରତର ଗୁପ୍ତ ଯୁଗର ଶିଳ୍ପୀମାନେ ସଜୀବତା ଏବଂ ରସୋଦ୍ଦୀପନୀ ଶକ୍ତି ସଞ୍ଚାରିତ କରିଥିଲେ । ଖ୍ରୀଷ୍ଟୀୟ ଚତୁର୍ଥ ଶତାବ୍ଦୀର ପ୍ରଥମ ଭାଗରେ ପ୍ରାଚ୍ୟ ଭାରତରେ ଗୁପ୍ତ ରାଜ୍ୟ ପ୍ରତିଷ୍ଠିତ ହୋଇଥିଲା, ଏବଂ ଚତୁର୍ଥ ଶତାବ୍ଦୀ ଶେଷ ହେବା ପୂର୍ବରୁ ପ୍ରାୟ ସମସ୍ତ ଆର୍ଯ୍ୟାବର୍ତ୍ତ ଗୁପ୍ତ ସମ୍ରାଟମାନଙ୍କର ପଦାନତ ହୋଇଥିଲା । ଏହି ଶତାବ୍ଦୀରେ ରାଷ୍ଟ୍ରୀୟ ଏକତା ପ୍ରତିଷ୍ଠାର ସଙ୍ଗେ ସଙ୍ଗେ ଆଉ ଗୋଟିଏ ମହତ୍ତର ବ୍ୟାପାର ସଂଘଟିତ ହୋଇଥିଲା । ଆର୍ଯ୍ୟାବର୍ତ୍ତର ପ୍ରାଚୀନ ଅର୍ବାଚୀନ, ଦେଶୀୟ ବିଦେଶୀୟ, ସମସ୍ତ ପ୍ରକାର ଶିକ୍ଷା ଦୀକ୍ଷାର ସମନ୍ୱୟ ଫଳରେ ଯାହା ବର୍ତ୍ତମାନ ହିନ୍ଦୁ ସଭ୍ୟତା ବୋଲି ପରିଚିତ ତାହା ଆବିର୍ଭୂତ ହୋଇଥିଲା । କୁଷାଣ ସମ୍ରାଟମାନଙ୍କର ସମୟରେ ବୋଧହୁଏ ଏହି ସମନ୍ୱୟର ସୂତ୍ରପାତ ହୋଇଥିଲା । କୁଷାଣ-ଯୁଗରେ ଏ ବ୍ୟାପାର କେତେଦୂର ଅଗ୍ରସର ହୋଇଥିଲା ତାହାର ସମ୍ୟକ ପରିଚୟ ଶେଷ କୁଷାଣ—ସମ୍ରାଟ ବାସୁଦେବ ନାମରୁ ମିଳେ । ଅଧ୍ୟାପକ କାର୍ଣ୍ଣ ( ଭନ୍ଦୁକର୍ଣ୍ଣ ) ଦେଖାଇଅଛନ୍ତି ଯେ ଭଗବଦ୍‌ଗୀତାର ଉପଦିଷ୍ଟ ଭକ୍ତି-ତତ୍ତ୍ୱ ସହିତ ମହାଯାନ ମତ ସଦ୍ଧର୍ମପୁଣ୍ଡରୀକରେ ନିବଦ୍ଧ ଉପଦେଶାବଳୀର ବିଶେଷ ସାଦୃଶ୍ୟ ଅଛି । କୁଷାଣ-ଗୁପ୍ତ ଯୁଗରେ ଭକ୍ତିର ପ୍ରଚାର ନିଶ୍ଚୟ ଶିକ୍ଷା ଦୀକ୍ଷା ସମନ୍ୱୟର ବିଶେଷ ସହାୟତା କରିଥିଲା । ଯେତେବେଳେ ପ୍ରାଚୀନ ଜ୍ଞାନମାର୍ଗ ଏବଂ ବୌଦ୍ଧ ନୀତିମାର୍ଗ ପ୍ରବଳ ଥିଲା ସେତେବେଳେ ମଧ୍ୟ ନିମ୍ନ ଅଧିକାରୀ ସାଧକମାନେ କେବଳ ଧର୍ମ-ତୃଷ୍ଣାର ତୃପ୍ତିସାଧନ ନିମିତ୍ତ ଶିଳ୍ପର ଆଶ୍ରୟ ନେଉଥିଲେ କିନ୍ତୁ ଭକ୍ତି-ସାକାର ଧ୍ୟାନକୁ ସାଧକସମାଜର ସର୍ବୋଚ୍ଚ-ସ୍ତରରେ ପହଞ୍ଚାଇ ଉଚ୍ଚାଙ୍ଗ ଶିଳ୍ପର ଅଭ୍ୟୁଦୟ ସାଧନ କରିଥିଲା । ମନୁଷ୍ୟର ସର୍ବୋଚ୍ଚ କଳ୍ପନାଟି ଈଶ୍ୱର କଳ୍ପନା; ଏବଂ ଐଶ୍ୱରିକ ଭାବକୁ ନୟନ-ମନର ଗୋଚରରେ ଆଣିବାହିଁ ମନୁଷ୍ୟସୃଷ୍ଟ ଶିଳ୍ପର ସର୍ବୋଚ୍ଚ ଲକ୍ଷ୍ୟ । ଗୁପ୍ତ ଯୁଗର ଭକ୍ତମାନେ ମଥୁରା କାରଖାନାରେ ଉଦ୍ଭାବିତ କାଯ୍ୟ ଧରି ସେହି ସେହି ମହାନ୍ ଲକ୍ଷ୍ୟ ସାଧନରେ ବ୍ରତୀ ହୋଇଥିଲେ । ସେମାନଙ୍କର ଏହି ମହାବ୍ରତ ସାଧିତ ହୋଇଥିଲା । ଭାରତର ଶିଳ୍ପୀ ଦେବଭାବ ପ୍ରକାଶରେ ଯେତେଦୂର ସଫଳତା ଲାଭ



Digitized by srujanika@gmail.com

କରିଅଛନ୍ତି ପୃଥିବୀର ଆଉ କୌଣସି ଦେଶରେ ଆଉ କୌଣସି ଯୁଗରେ ଶିଳ୍ପୀମାନେ ସେତେଦୂର ଅଗ୍ରସର ହୋଇପାରିନାହାନ୍ତି । ଆର୍ଯ୍ୟାବର୍ତ୍ତରେ ଗୁପ୍ତଯୁଗରେ ଯେଉଁ ମନ୍ଦିର ଓ ମୂର୍ତ୍ତି ନିର୍ମାଣ ରୀତି ଅର୍ଥାତ୍ ସ୍ଥାପତ୍ୟ ଓ ଓ ଭାସ୍କର୍ଯ୍ୟ ପ୍ରବର୍ତ୍ତିତ ହୋଇଥିଲା ତାହା ନାନା ପରିବର୍ତ୍ତନ ଭିତରେ ନାନା ଶାଖା ପ୍ରଶାଖା ବିସ୍ତାର କରି ପ୍ରାୟ ସହସ୍ର ବର୍ଷ ଜୀବିତ ଥିଲା । ଏହି ସୁଦୀର୍ଘ କାଳର ଆର୍ଯ୍ୟାବର୍ତ୍ତ—ଶିଳ୍ପର ଇତିହାସର ଅତି ସଂକ୍ଷିପ୍ତ ପରିଚୟ ପ୍ରଦାନ କରିବା ଏଠାରେ ଅସମ୍ଭବ । ଏଠାରେ କେବଳ ଯତ୍ସାମାନ୍ୟ ଉଦାହରଣ ଦେଇ ଏହାର ଅନ୍ତର୍ନିହିତ ରସ-ଧାରାର ଆଭାଷ ଦେବାର ଚେଷ୍ଟା କରୁଅଛୁ ।

ଏହି ମଧ୍ୟଯୁଗର ସ୍ଥାପତ୍ୟର ପରିଣତି ଶିଖର ବା ମଞ୍ଜରୀବିଶିଷ୍ଟ ମନ୍ଦିର । ମନ୍ଦିରର ନିମ୍ନଭାଗ ଗର୍ଭଗୃହ ଓ ଉପରିଭାଗ ଶିଖର ନାମରେ ପରିଚିତ । ଗର୍ଭଗୃହ ଗବାକ୍ଷ-ବର୍ଜ୍ଜିତ । ଏହା ଭିତରେ ଆଲୋକ ପ୍ରବେଶର ଏକମାତ୍ର ପଥ ସମ୍ମୁଖଦ୍ୱାର । ସୁତରାଂ ଅର୍ଦ୍ଧ ଅନ୍ଧକାରରେ ଅଥବା ପ୍ରଦୀପର କ୍ଷୀଣ ଆଲୋକ ଭିନ୍ନ ଗର୍ଭଗୃହର ଅଭ୍ୟନ୍ତରରେ ପ୍ରତିଷ୍ଠିତ ଆରାଧ୍ୟ-ବସ୍ତୁ ବା ପ୍ରତିମା ଦର୍ଶନ କରିବାର ଉପାୟ ନାହିଁ । ଅନ୍ଧକାର ଅଜ୍ଞେୟତା ସୂଚକ । ଅର୍ଦ୍ଧ-ଅନ୍ଧକାର ରହସ୍ୟର ସୂଚନା ଦିଏ । ମନୁଷ୍ୟର ପ୍ରକୃତ ଆରାଧ୍ୟ ବସ୍ତୁ ଅଜ୍ଞେୟ ନୁହେ, କିନ୍ତୁ ଅତୀନ୍ଦ୍ରିୟ ଏବଂ ରହସ୍ୟାବୃତ ଗର୍ଭଗୃହର ଅଭ୍ୟନ୍ତରର ଅର୍ଦ୍ଧାନ୍ଧକାର ସର୍ବଦା ଉପାସକଙ୍କୁ ଏ ତଥ୍ୟ ସ୍ମରଣ କରାଇ ଦିଏ ।

ଭାରତୀୟ ମନ୍ଦିରନିର୍ମାଣପଦ୍ଧତିର ଆଉ ଗୋଟିଏ ବିଶେଷତ୍ୱ ଏହି ଯେ ଉପରିଭାଗର ଭାରବହନ ପାଇଁ ଖିଲାଣ ବଦଳରେ ସମାନ୍ତରାଳ ଭାବରେ ପ୍ରସ୍ତରଖଣ୍ଡ ବା ଇଷ୍ଟକ ସଜ୍ଜିତ ହୁଏ । ହିନ୍ଦୁମାନେ ଯେ ପୂର୍ବକାଳରେ ଖିଲାଣ କାର୍ଯ୍ୟ ଜାଣିଥିଲେ ତାହାର ପ୍ରମାଣର ଅଭାବ ନାହିଁ । ଖିଲାଣ ଅତି ପ୍ରାଚୀନ କାଳରେ ବେବିଲନରେ ଆବିଷ୍କୃତ ହୋଇଥିଲା । ଗ୍ରୀକ୍‌ମାନେ ବେବିଲନରୁ ଅନେକ ବିଷୟ ଧାର କରିଥିଲେ ସିନା ଖିଲାଣ ନେଇନଥିଲେ । ତାହାର କାରଣ ଖିଲାଣ ସେମାନଙ୍କର ଭାବ ଓ ରୁଚିସହିତ ଖାପ ଖାଉନଥିଲା । ହିନ୍ଦୁମାନେ ମଧ୍ୟ ସେହି କାରଣରୁ ମନ୍ଦିର ଦେହରେ ଖିଲାଣ ବ୍ୟବହାର କରିନଥିଲେ । ଆଉ ଭାରବହନ ନିମନ୍ତେ ସମାନ୍ତରାଳରେ ସଜ୍ଜିତ ପ୍ରସ୍ତରଫଳକ ବା ଇଷ୍ଟକ-ଖଣ୍ଡ ଶାନ୍ତଭାବ, ସଂଯମ ଓ ତିତିକ୍ଷାର ସୂଚକ । କିନ୍ତୁ ହିନ୍ଦୁମନ୍ଦିରର ଉଚ୍ଚ ଶିଖର ହିନ୍ଦୁହୃଦୟର ଆଉ ଗୋଟିଏ ଭାବ ସୂଚନା କରିଏ । ତାହା ଗର୍ଭଗୃହର ଆରାଧ୍ୟ ବସ୍ତୁରେ ତୃପ୍ତ ନହୋଇ ଆକାଶ-ବ୍ୟାପୀ ଅନନ୍ତ'ର ଅନ୍ତରରେ ପହୁଁଚିବାପାଇଁ ଊର୍ଦ୍ଧ୍ୱମୁଖୀ ପ୍ରବଳ ଆକାଂକ୍ଷା । ଗଥିକ ଗିର୍ଜାର ଶିଖର ସୂକ୍ଷ୍ମାଗ୍ର ଖିଲାନର ପୃଷ୍ଠାରୂଢ଼ ହୋଇ ଏହି ଆକାଂକ୍ଷାଟିକୁ ଅଧିକ ତୀବ୍ରତର ଭାବରେ ପ୍ରକାଶ-କରେ । କିନ୍ତୁ ଗଥିକ ଆକାଂକ୍ଷାର ଏହି ତୀବ୍ରତା ସହିତ ଅସହିଷ୍ଣୁତା ଜଡ଼ିତଥିଲାପରି ବୋଧହୁଏ । ହିନ୍ଦୁ ମନ୍ଦିରର ଶିଖରରେ ଏହି ଊର୍ଦ୍ଧ୍ୱମୁଖୀ ଆକାଂକ୍ଷା ସହିତ ସଂଯମ ଓ ତିତିକ୍ଷାର ସାମଞ୍ଜସ୍ୟ ସାଧିତ ହୋଇଅଛି ।

ହିନ୍ଦୁର ପ୍ରାଚୀନ ସ୍ଥାପତ୍ୟ ହିନ୍ଦୁସଭ୍ୟତାର ସ୍ୱଭାବଗତ ଆଉ ଗୋଟିଏ ଲକ୍ଷଣ ପ୍ରକାଶ କରେ । ଏହା କହିବା ବାହୁଲ୍ୟ ଯେ ଶିଳ୍ପଶାସ୍ତ୍ରରେ ମନ୍ଦିରନିର୍ମାଣସମ୍ବନ୍ଧରେ ବିସ୍ତୃତ ନିୟମ ଅଛି । ତାହା ପାଠକଲେ ମନେ ହୁଏ ଯେ ହିନ୍ଦୁର ସ୍ଥାପତ୍ୟ ନିର୍ଜୀବ ନକଲନବିଶୀ; ସେଥିରେ ଶିଳ୍ପୀର ବ୍ୟକ୍ତିଗତ ସ୍ୱାଧୀନତା ଏବଂ ଉଦ୍ଭାବନୀ ଶକ୍ତି ନିୟୋଗର ବିନ୍ଦୁମାତ୍ର ଅବକାଶ ନାହିଁ; କିନ୍ତୁ ଯେ ସମସ୍ତ ପ୍ରାଚୀନ ମନ୍ଦିର ଏପର୍ଯ୍ୟନ୍ତ ବିଦ୍ୟମାନ ଅଛି ତାହା ପରୀକ୍ଷା-କଲେ ଦେଖାଯାଏ ଯେ ସ୍ଥାପତ୍ୟରେ ହିନ୍ଦୁର ଉଦ୍ଭାବନୀ ଶକ୍ତି ଆଶ୍ଚର୍ଯ୍ୟରୂପେ ପ୍ରକାଶ ପାଇଅଛି । ଯେ ସମସ୍ତ ମନ୍ଦିର ବର୍ତ୍ତମାନ ବିଦ୍ୟମାନ ଅଛି ସେ ଗୁଡ଼ିକରେ ଆକାରରେ ଅନେକ ବୈଚିତ୍ର୍ୟ ଲକ୍ଷିତ ହୁଏ ଏବଂ ମନ୍ଦିରର ଶୋଭାସଂପାଦକ ଭାସ୍କର୍ଯ୍ୟରତ ବୈଚିତ୍ର୍ୟର ଇୟତ୍ତା ନାହିଁ ।

ଆର୍ଯ୍ୟାବର୍ତ୍ତର ମଧ୍ୟଯୁଗର ମନ୍ଦିରମଧ୍ୟରେ ଭୁବନେଶ୍ୱରର ଲିଙ୍ଗରାଜ ମନ୍ଦିର ସର୍ବୋଚ୍ଚ ଏବଂ ସର୍ବାପେକ୍ଷା ସୁନ୍ଦର । ଚିତ୍ରରେ ଏ ମନ୍ଦିରର ପ୍ରାଙ୍ଗଣରୁ ଆରମ୍ଭକରି ଶିଖରର ଅର୍ଦ୍ଧଭାଗ ପର୍ଯ୍ୟନ୍ତ ପ୍ରଦର୍ଶିତ ହୋଇଅଛି । ଏହି ମନ୍ଦିରର ପୀଠ ନାହିଁ । ଗର୍ଭଗୃହର ପ୍ରାଚୀର ପ୍ରାଙ୍ଗଣରୁ ଏକାବେଳକେ ଗାନ୍ଥିଣି ହୋଇ ଉପରକୁ ଉଠିଅଛି । ଶିଖରଟି ବଙ୍କିମଭାବରେ ଗଢ଼ା ହୋଇଥିଲେ ମଧ୍ୟ

Digitized by srujanika@gmail.com

ମନ୍ଦିରର ଉଚ୍ଚତା ନିମିତ୍ତ ଶିଖରର ବଙ୍କିମ ଗୁଣ ଶୀଘ୍ର ଲକ୍ଷିତ ହୁଏନାହିଁ; ମନେହୁଏ ଯେପରି କି ଶିଖରଟି ଢଳି ପଡ଼ୁଅଛି । ଅଥଚ ଶିଖରଟି ପ୍ରକୃତ ପ୍ରସ୍ତାବରେ ଈଷତ୍ ବଙ୍କାହେବାରୁ ସେହି ବଙ୍କିମଭାବ ଚକ୍ଷୁର ପୀଡ଼ାଦାୟକ ହୁଏନାହିଁ । ପ୍ରାଙ୍ଗଣରେ ପ୍ରବେଶକରି ମନ୍ଦିରର ଅଟଳକ ଆଡ଼କୁ ଅନାଇଲେ ବୋଧହୁଏ ଯେପରିକି କେହି ମନଃପ୍ରାଣ ଊର୍ଦ୍ଧ୍ୱକୁ ଉଠାଇ ନେଉଅଛି । ଏହି ବିରାଟ ରେଖ ଦେଉଳର ରେଖା ଯେପରି ମନୋହର, ଏହାର ସମସ୍ତ ଅଂଶ ମଧ୍ୟ ସେହିପରି ମନନଯୋଗ୍ୟ ।

ଲିଙ୍ଗରାଜ ଦେଉଳର ବହିର୍ଭାଗର କାରୁକାର୍ଯ୍ୟ ଏବଂ ଭାସ୍କର୍ଯ୍ୟ ସୁନ୍ଦର ଏବଂ ଦିଶେ ମଧ୍ୟ ସୁନ୍ଦର । ଅନେକ ମନ୍ଦିରର କାରୁକାର୍ଯ୍ୟ ସୁନ୍ଦର ହେଲେ ମଧ୍ୟ ସୁନ୍ଦର ଦିଶେନାହିଁ । କାରଣ କାରୁକାର୍ଯ୍ୟର ବାହୁଲ୍ୟ ହେତୁ କୌଣସି ଅଂଶ ଭଲରୂପେ ଦେଖାଯାଏନାହିଁ ବା ଉପଭୋଗ କରିହୁଏନାହିଁ । ଲିଙ୍ଗରାଜ ମନ୍ଦିରର କାରୁକାର୍ଯ୍ୟରେ ଏରୂପ ଚକ୍ଷୁର ପୀଡ଼ାଦାୟକ ବାହୁଲ୍ୟ ନାହିଁ । ମନ୍ଦିର-ଦେହରେ ଯେ ପାର୍ଶ୍ୱଦେବତାର ମୂର୍ତ୍ତି, ଅଷ୍ଟଦିଗପାଳର ମୂର୍ତ୍ତି, ଏବଂ ଐତିହାସିକ ବା ପୌରାଣିକ ଦୃଶ୍ୟ ଅଙ୍କିତ ହୋଇଅଛି, ତାହାର ପ୍ରତ୍ୟେକଟିର ଚାରିଦିଗରେ ମନୋହର ଲତାକର୍ମ ଅଛି । କିନ୍ତୁ ଲତାକର୍ମର ବାହାରେ କିଛି ସ୍ଥାନ କାରୁକାର୍ଯ୍ୟ ବିହୀନ ଫାଙ୍କ ଥିବାରୁ ଏହି ପ୍ରତିମା ଓ ଲତାକର୍ମ ଭଲରୂପେ ଦେଖିହୁଏ । ତେବେ ଲିଙ୍ଗରାଜ ମନ୍ଦିର ଦେହର ଏରୂପ ମୋହିନୀ ନୃତ୍ୟ, ଗୁରୁଦେବ ଶିଷ୍ୟମାନଙ୍କୁ ଉପଦେଶଦାନରେ ରତ, ଏପରି ସ୍ୱଭାବ-ସମ୍ମତ ସୌମ୍ୟମୂର୍ତ୍ତି ଆଉ କେଉଁଠାରେ ଦେଖିଅଛି ବୋଲି ମନେହୁଏ ନାହିଁ ।

( ୪ )

ହିନ୍ଦୁର ଦେବତାକଳ୍ପନାର ପ୍ରଧାନ ବିଶେଷତ୍ୱ ଏହି ଯେ ହିନ୍ଦୁର ଦେବତା ଏକାଧାରରେ ଉପାସ୍ୟ ଓ ଉପାସକ । ଋକ୍‌ମନ୍ତ୍ରରେ ଅଛି, ଯଜ୍ଞଭାଗୀ ଦେବତାମାନେ ନିଜେ ଯଜ୍ଞକରି ସ୍ୱର୍ଗଲାଭ କରିଥିଲେ । ଯଜୁର୍ବେଦ ମତରେ ସ୍ୱୟଂ ପ୍ରଜାପତି ପ୍ରଜାସୃଷ୍ଟି ନିମିତ୍ତ ତପସ୍ୟା କରିଥିଲେ । ମହାଭାରତ ପୁରାଣାଦିରେ ପୁନଃ ପୁନଃ ଉକ୍ତ ହୋଇଅଛି ଯେ ଯେ ଶିବ ମହାଯୋଗୀ, ଏବଂ ବ୍ରହ୍ମା ବିଷ୍ଣୁ ପ୍ରଭୃତି ପ୍ରୟୋଜନ ଅନୁସାରେ ତପଶ୍ଚରଣ କରନ୍ତି । ମଧ୍ୟଯୁଗର ଦେବଦେବୀର ଉତ୍କୃଷ୍ଟ ନିଦର୍ଶନରେ ଏହି ଉପାସ୍ୟ ଉପାସକ ଭାବର ସୁନ୍ଦର ମଧୁର ମିଳନ ଦେଖାଯାଏ । ଦେବତାର ପ୍ରତିମା ଦେହରେ ଉପାସ୍ୟ ଦେବତାର ଲକ୍ଷଣ ସକଳ ବିଦ୍ୟମାନ ରହିଅଛି, କିନ୍ତୁ ମୁଖମଣ୍ଡଳରେ ଗଭୀର ଧ୍ୟାନମଗ୍ନ ଉପାସକର ଭାବ ବେଶ ଫୁଟିଉଠିଅଛି । ଏକସଙ୍ଗରେ ଅନେକଗୁଡ଼ିଏ ମୂର୍ତ୍ତି ଦେଖିଲେ ମନେହୁଏ ଯେ—

"କେତେ ଯୋଗୀନ୍ଦ୍ର ଋଷି ମୁନିଗଣ
ନ ଜାଣି କି ଧ୍ୟାନେ ଛନ୍ତି ମଗ୍ନ ।"

ମଧ୍ୟଯୁଗର ହିନ୍ଦୁ ଶିଳ୍ପୀଗଣ ସ୍ଥିରଭାବରେ ଉପବିଷ୍ଟ ବା ଦଣ୍ଡାୟମାନ ମୂର୍ତ୍ତିରେ ଏହି ଧ୍ୟାନ ବା ଯୋଗର ଭାବ ପ୍ରକାଶକରି କ୍ଷାନ୍ତ ହୋଇ ନଥିଲେ, ଅନେକ ମୂର୍ତ୍ତିରେ କ୍ଷିପ୍ରଗତି ସହିତ ଏହି ଭାବ ଫୁଟାଇବାକୁ ମଧ୍ୟ ସମର୍ଥ ହୋଇଥିଲେ ଏବଂ ଅନେକ ମୂର୍ତ୍ତିରେ ଅନ୍ୟପ୍ରକାର ଭାବ ମଧ୍ୟ ପ୍ରକାଶ କରିଥିଲେ । ଏଥର ମୋର ମୟୂରଭଞ୍ଜ ରାଜ୍ୟର ପ୍ରାଚୀନ ରାଜଧାନୀ ଖିଚିଙ୍ଗ, ତାମ୍ର ଶାସନୋକ୍ତ ଖିଜିଙ୍ଗ-କୋଟ୍ଟର ଭଗ୍ନାବଶେଷ ଖୋଳିବାର ସୌଭାଗ୍ୟ ଘଟିଥିଲା । ମୟୂରଭଞ୍ଜର ବର୍ତ୍ତମାନ ଅଧିପତିଙ୍କର ପୂର୍ବପୁରୁଷ ବଶିଷ୍ଠଗୋତ୍ରୀୟ ଭଞ୍ଜବଂଶୀୟ ପ୍ରାଚୀନ ନୃପତିଗଣ ସମ୍ଭବତଃ ଦଶମ ଏକାଦଶ ଶତାବ୍ଦୀରେ ଖିଚିଙ୍ଗ ଠାକୁରାଣୀଙ୍କର ବର୍ତ୍ତମାନ ମନ୍ଦିରର ସନ୍ନିହିତ ଭଗ୍ନସ୍ତୂପରେ ପରିଣତ ମନ୍ଦିରଗୁଡ଼ିକ ନିର୍ମାଣ କରିଥିଲେ । ଏହି ଭଗ୍ନସ୍ତୂପରୁ ସଂଗ୍ରହ କରି ବା ଖନନକରି ଯେଉଁ ପ୍ରତିମାଗୁଡ଼ିକର ଭଗ୍ନାଂଶ ପାଇଅଛି ଉଦାହରଣସ୍ୱରୂପ ତାହାର କେତୋଟି ଚିତ୍ର ଏଠାରେ ପ୍ରକାଶ କରୁଅଛି ।

କୂର୍ମପୁରାଣ ଅନ୍ତର୍ଗତ ଈଶ୍ୱରଗୀତାରେ କଥିତ ହୋଇଅଛି ଯେ ଏକଦା ସନକ, ସନନ୍ଦ, ସନତ୍କୁମାର, କପିଳ, କଣାଦ ଆଦି ମୁନିଗଣ ନର-ନାରାୟଣଙ୍କ ନିକଟରେ ଉପସ୍ଥିତହୋଇ ଜ୍ଞାନଯୋଗ ସମ୍ବନ୍ଧରେ ଉପଦେଶ ମାଗିଥିଲେ । ସେତେବେଳେ ନରଋଷି ଅନ୍ତର୍ହିତହେଲେ ଏବଂ ନାରାୟଣ ତାପସ ବେଶ ପରିତ୍ୟାଗକରି ଶଙ୍ଖ, ଚକ୍ର,

Digitized by srujanika@gmail.com

ଗଦା, ପଦ୍ମ ଧାରଣକଲେ । ଏ ସମୟରେ ଶଶାଙ୍କ-ଶେଖର ଶିବ ଆସି ସେଠାରେ ଉପସ୍ଥିତ ହେଲେ ଏବଂ ନର ନାରାୟଣଙ୍କ ଅନୁରୋଧ ଅନୁସାରେ ଋଷିମାନଙ୍କ ନିକଟରେ ଜ୍ଞାନଯୋଗ ବ୍ୟାଖ୍ୟା କରିବାକୁ ଲାଗିଲେ । ଉପସଂହାରରେ ଶିବ କହିଲେ—

"ସୋଽହଂ ପ୍ରେରୟିତା ଦେବଃ
　　　　ପରମାନନ୍ଦ ସଂସ୍ଥିତଃ ।
ନୃତ୍ୟାମି ଯୋଗୀ ସତତଂ
　　　　ଯସ୍ତଦ୍ବେଦ ସ ଯୋଗବିତ୍ ॥"

"(ଜଗତ୍) ପ୍ରେରୟିତା (ପରିଚାଳକ), ପରମାନନ୍ଦମୟ ଯୋଗୀ (ଯୋଗାଭ୍ୟାସରତ) ସେହି ମୁଁ ସର୍ବଦା ନୃତ୍ୟ କରିଥାଏଁ; ତାହା ଯେ ଜାଣେ ସେ ଯୋଗବିତ୍ ।" ତତ୍ପରେ :—

"ଏତାବଦୁକ୍ତ୍ୱା ଭଗବାନ୍
　　　　ଯୋଗିନାଂ ପରମେଶ୍ୱରଃ ।
ନନର୍ତ୍ତ ପରମଂ ଭାବ—
　　　　ମୈଶ୍ୱରଂ ସମ୍ପ୍ରଦର୍ଶୟନ୍ ।"

ଏହା କହି ଯୋଗୀମାନଙ୍କର ପରମେଶ୍ୱର ଭଗବାନ୍ (ଶିବ) ପରମ ଐଶ୍ୱର ଭାବ ଦେଖାଇ ନୃତ୍ୟ କରିଥିଲେ ।

ତଳରେ ଦେଖାଯିବ ଗୋଟିଏ ନଟରାଜ ପ୍ରତିମାର ଉପରର ଅଂଶ ଏବଂ ପାଦପୀଠ କୌଣସି ରକମ ଯୋଡ଼ଯାଡ଼ କରି ଫଟୋ ଉଠା ହୋଇଅଛି । ପ୍ରତିମାଦେହର ଅଧିକାଂଶ ଭାଗ ଏ ପର୍ଯ୍ୟନ୍ତ ମିଳିନାହିଁ । ତଥାପି ଏ ଭଗ୍ନାଂଶ ଦେଖି ମନେହୁଏ ପୁରାଣର ବର୍ଣ୍ଣନା ଯେପରି କି ମୂର୍ତ୍ତି-ଧାରଣ କରିଅଛି । ନଟରାଜ ମୂର୍ତ୍ତିର ମୁଖମଣ୍ଡଳରେ ଚିତ୍ତବୃତ୍ତିର ସମ୍ପୂର୍ଣ୍ଣ ନିରୋଧଜାତ ଯୋଗାନନ୍ଦ ସମାଧିର ଭାବ ଚମତ୍କାର ପ୍ରତିବମ୍ବିତ ହୋଇଅଛି; କମନୀୟ ଦେହଟି ଧୀର ଗମ୍ଭୀର ଭାବରେ ନୃତ୍ୟଛଳରେ ବିଶ୍ୱଲୀଳା ଅଭି-ନୟ କରୁଅଛି । ତାମିଲ ଦେଶର ସୁପ୍ରସିଦ୍ଧ ନଟରାଜ ମୂର୍ତ୍ତିରେ ଗତିଶୀଳତା ପ୍ରବଳତର । ଖିଚଙ୍ଗର ମୂର୍ତ୍ତିରେ ଗତିର ଓ ସ୍ଥିତିର, ଜ୍ଞାନ ଓ କର୍ମର ସାମଞ୍ଜସ୍ୟ ସାଧିତ ହୋଇଅଛି ।



ମହିଷମର୍ଦ୍ଦିନୀ ମୂର୍ତ୍ତି (　　)

ତଳରେ ଖିଚିଙ୍ଗରେ ପ୍ରାପ୍ତ ଗୋଟିଏ ମହିଷମର୍ଦ୍ଦିନୀ ମୂର୍ତ୍ତି । ଏ ମୂର୍ତ୍ତିର ନିମ୍ନଭାଗ ବଡ଼ ଅସାବଧାନତା ସହିତ ଖୋଦିତ ହୋଇଅଛି । ବୋଧହୁଏ ଅନାଡ଼ିହାତର କାର୍ଯ୍ୟ । କିନ୍ତୁ ଉପରାର୍ଦ୍ଧ ବଡ଼ ସୁନ୍ଦର । ମାର୍କଣ୍ଡେୟ ପୁରାଣ ଅନ୍ତର୍ଗତ ଦେବୀମାହାତ୍ମ୍ୟରେ ମହିଷମର୍ଦ୍ଦିନୀ ସ୍ତବରେ ଉକ୍ତ ହୋଇଅଛି :—

Digitized by srujanika@gmail.com

"ଚତ୍ରେ କୃପା ସମରନିଷ୍ଠୁରତା ଚ ଦୃଷ୍ଟ୍ୟା
ତ୍ୱଯ୍ୟେବ ଦେବି ବରଦେ ଭୁବନତ୍ରୟେପି ।"

ହେ ଦେବି ! ଏକା ତୁମ୍ଭଠାରେ ଚିତ୍ତରେ କୃପା ଓ ସମରନିଷ୍ଠୁରତା ଏକାଥ ଦେଖାଯାଏ; ତୁମ୍ଭେ ତ୍ରିଭୁବନର ବରଦାୟିନୀ ଅଛ ।" ଏ ମୂର୍ତ୍ତିର ମୁଖ ମଣ୍ଡଳରେ ପୁରାଣୋକ୍ତ ଭାବ ସୁନ୍ଦର ଫୁଟି ଉଠିଅଛି । ଦେବୀ ଯେପରି ଇଚ୍ଛା ବିରୁଦ୍ଧରେ କଠୋର କର୍ତ୍ତବ୍ୟଜ୍ଞାନର ଅନୁରୋଧରେ ଏହି ନିଷ୍ଠୁର ଅସୁର ବିନାଶ କାର୍ଯ୍ୟ କରୁଅଛନ୍ତି । ପ୍ରାଚୀନ ଗ୍ରୀକ୍ ଭାସ୍କରମାନେ ହିରାକ୍ଲିସ୍ କର୍ତ୍ତୃକ ସିଂହ ବିନାଶର ଚିତ୍ରରେ ବା ଅନ୍ୟ କୌଣସି ଅନୁରୂପ ଘଟଣାର ଚିତ୍ର ଅଙ୍କିତ କଲାବେଳେ ନିଧନକାରୀ ଦେବତାଙ୍କର ମୁଖମଣ୍ଡଳ କେତେକଟା ସୌମ୍ୟ କରିଅଛନ୍ତି । କି ପ୍ରାଚୀନ ଗ୍ରୀସ, କି ପ୍ରାଚୀନ ଭାରତବର୍ଷ ସବୁଠାରେ ଦେବାସୁର ଯୁଦ୍ଧରେ ଅସୁର ବିନାଶର ଚିତ୍ରରେ ଗୀତାର —

"ଯୋଗସ୍ଥଃ କୁରୁକର୍ମାଣି
ସଙ୍ଗଂ ତ୍ୟକ୍ତ୍ୱା ଧନଞ୍ଜୟ"

ଏହି ଆଦର୍ଶ ପ୍ରଦର୍ଶିତ ହୋଇଅଛି, କିନ୍ତୁ ଗ୍ରୀକ୍ ଭାସ୍କର୍ଯ୍ୟରେ ହତ୍ୟାକାରୀର ଚିତ୍ରରେ କୃପା ପ୍ରକାଶିତ ହୋଇନାହିଁ ।

ଚିତ୍ରରେ ଖିଚିଙ୍ଗର ଲୁପ୍ତ ବଡ଼ ମନ୍ଦିରର ଗୋଟିଏ ନାଗ ମୂର୍ତ୍ତି-ବିମ୍ବୁଘ୍ନ ବିସ୍ତାରିତ ନେତ୍ରରେ କ'ଣ ଦେଖୁଅଛି ।

ଚିତ୍ରରେ ଆଉ ଗୋଟିଏ ନାଗ ଅବୋଧ ଦେବତାର ଗଳାରେ ମାଳା ଦବାକୁ ଉଦ୍ୟତ । ମୁଖମଣ୍ଡଳ ଆନନ୍ଦରେ ଢ଼ଳ ଢ଼ଳ ।

ଯେଉଁ ମନ୍ଦିରର ଶୋଭା ସମ୍ପାଦନ ନିମିତ୍ତ ଖିଚିଙ୍ଗର ( ମହିଷମର୍ଦ୍ଦିନୀ ଛଡ଼ା ) ଏହି କେତୋଟି ଏବଂ ଆହୁରି ଅନେକ ଦେବଦେବୀର ଓ ନାଗନାଗୀର ମୂର୍ତ୍ତିଗଠିତ ହୋଇଥିଲା ତାହା ଆକାରରେ ଭୁବନେଶ୍ୱରର 'ବ୍ରହ୍ମେଶ୍ୱର' ବା 'ରାଜାରାଣୀଙ୍କ' ମନ୍ଦିର ଅପେକ୍ଷା ବଡ଼ ନ ହେଲେ ମଧ୍ୟ ସୌନ୍ଦର୍ଯ୍ୟରେ ଅତୁଳନୀୟ ଥିଲା । ଯାହା କିଛି



ନାଗ ମୂର୍ତ୍ତି ( ଖିଚିଂ )

Digitized by srujanika@gmail.com

ଭଗ୍ନାଂଶ ଆମ୍ଭେମାନେ ଏପର୍ଯ୍ୟନ୍ତ ସଂଗ୍ରହ କରିବାକୁ ସମର୍ଥ ହୋଇଅଛୁଁ ତାହା ଅବଲମ୍ବନକରି ଠିକରେ ଯେ ସେ ମନ୍ଦିରର ପୂର୍ଣ୍ଣାବୟବ ଦେଖାଇପାରିବୁଁ ଏପରି ସାହସ ହୁଏନାହିଁ । ତେବେ ଏପର୍ଯ୍ୟନ୍ତ କହିପାରୁଁ ଯେ ଏହି ମନ୍ଦିରର ଗର୍ଭଗୃହର ବାହାରର ଅଲଂକାରରେ ଅସାଧାରଣ କଳା କୌଶଳ ଏବଂ ସୁରୁଚିର ପରିଚୟ ମିଳେ । ବାହୁଲ୍ୟ ଏବଂ ଇନ୍ଦ୍ରିୟ-ପରାୟଣତାର ନିଦର୍ଶନ ଅପେକ୍ଷାକୃତ ବିରଳ । ଯେଉଁ ଜିନିଷଟି ଭଲ ଲାଗେ ତାହା ଅତି-ପ୍ରକାଶିତ ବା ଅତି ସ୍ଫୀତ କରି ଦେଖାଇବା ଶିଳ୍ପରେ ଇନ୍ଦ୍ରିୟ ପରାୟଣତାର ପରିଚାୟକ ଓ ଅଲଂକାରର ବାହୁଲ୍ୟ ମଧ୍ୟ ଇନ୍ଦ୍ରିୟ ପରାୟଣତାର ନିଦର୍ଶନ । ଖିଚିଙ୍ଗର ବଡ଼ ମନ୍ଦିରରେ ଏହି ଇନ୍ଦ୍ରିୟ ପରାୟଣତା ଲକ୍ଷିତ ହୁଏନାହିଁ । ତାହାର ସମସ୍ତ ଅଙ୍ଗ ସଂଯତ ଭାବରେ ଅଲଙ୍କୃତ ହୋଇଥିଲା । ଏ ମନ୍ଦିରର ଶିଖରରେ ଅତି ଅଳ୍ପ କାରୁକାର୍ଯ୍ୟ ଥିଲା ଯେଉଁସ୍ଥାନରେ ଅଳଙ୍କାର ସହଜରେ ଦେଖାଯାଏନାହିଁ ସେ ସ୍ଥାନ ଅଲଙ୍କୃତ କରିବା ବିଡମ୍ବନା ମାତ୍ର; ଉଚ୍ଚ ମନ୍ଦିରର ଶିଖର କାରୁକାର୍ଯ୍ୟରେ ଖଚିତ କରିବା ବୃଥା-ପରିଶ୍ରମ ଛଡ଼ା ଆଉ କ'ଣ ହୋଇପାରେ ? ଲିଙ୍ଗରାଜ ମନ୍ଦିରର ଶିଖର ପ୍ରାୟ ଅଳଙ୍କାର ରହିତ । ମନ୍ଦିରର ସୌନ୍ଦର୍ଯ୍ୟ, ଭିତ୍ତିଗଠନର ଭଙ୍ଗୀ ଓ ମନନଯୋଗୀ ଅଙ୍ଗାବୟବ ଉପରେ ନିର୍ଭରକରେ । ଯେ ଅଲଙ୍କାର ସେହି ଭଙ୍ଗୀ ଓ ମନନତାକୁ ଦର୍ଶକର ଅଗୋଚରରେ ରଖେ ସେ ଅଲଙ୍କାରକୁ ସ୍ୱଚ୍ଛନ୍ଦ ଭାବରେ ଦେଖିବାକୁ ଯେତେ ସୁନ୍ଦର ଏବଂ ସରସ ହୋଇଥିଲେ ମଧ୍ୟ ମନ୍ଦିର ହିସାବରେ କଦର୍ଯ୍ୟ ।

( ୬ )

ସୁନ୍ଦର ମୂର୍ତ୍ତି ଓ ମନ୍ଦିରର ଦର୍ଶନ ଯେପରି ରସବୋଧ ବୃତ୍ତି ସ୍ଫୁରଣର ସହାୟତାକରେ ସେହିପରି କାର୍ଯ୍ୟକାରୀ-ବୃତ୍ତି ପ୍ରସ୍ଫୁରଣର ମଧ୍ୟ ସହାୟତା କରିଥାଏ । ଲିଙ୍ଗରାଜପରି ମହାନ୍ ମନ୍ଦିର ଗଢ଼ିବାକୁ ଓ ସଜାଇବାକୁ ଯେ ଅସାମାନ୍ୟ ଧୈର୍ଯ୍ୟ, ସାବଧାନତା ଓ ଶ୍ରମଶୀଳତା ଆବଶ୍ୟକ ହୋଇଥିଲା ତାହା ପୁନଃ ପୁନଃ ସ୍ମରଣକଲେ ସ୍ମରଣକର୍ତ୍ତାର ଅଭ୍ୟାସଗତ ଜଡ଼ତା ଏବଂ ଉଚ୍ଛୃଙ୍ଖଳତା କେତେକ ପରିମାଣରେ ଶିଥିଳ ନ ହୋଇ ରହିପାରେନାହିଁ । ଅନ୍ୟଜାତିର ଏପ୍ରକାର କୀର୍ତ୍ତି ଦେଖିଲେ ଅନେକ ସମୟରେ ନୈରାଶ୍ୟର ଉଦୟ ହୋଇପାରେ; କିନ୍ତୁ ନିଜଜାତିର ନିଜଜାତିର ମହାନ୍ କୀର୍ତ୍ତି ହୃଦୟରେ ଆଶାର ସଞ୍ଚାର କରିଥାଏ । ଓଡ଼ିଶା ବା କେତେବଡ଼ ଦେଶ ! ପ୍ରକୃତ ପ୍ରସ୍ତାବରେ ଓଡ଼ିଶା ବା କେତେଦିନ ପାଇଁ ଏକେବାରେ ସ୍ୱାଧୀନଥିଲା ? ଓଡ଼ିଶାର ରାଜାଙ୍କୁ ଗୌଡ଼ାଧିପର ପ୍ରାଧାନ୍ୟ ସ୍ୱୀକାର କରିବାକୁ ନଚେତ୍ ଦକ୍ଷିଣ କଳିଙ୍ଗ ରାଜାର ପଦାନତ ହେବାକୁ ପଡ଼ୁଥିଲା । ଗଙ୍ଗାବଂଶୀୟମାନେ ଦକ୍ଷିଣ କଳିଙ୍ଗରୁ ଆସି ଓଡ଼ିଶା ଜୟ କରିଥିଲେ ସୁଦ୍ଧା ଶିକ୍ଷାଦୀକ୍ଷା କ୍ଷେତ୍ରରେ ସେମାନେ ଓଡ଼ିଆମାନଙ୍କଠାରେ ରୋମ ସାମ୍ରାଜ୍ୟର ପ୍ରାଚୀନ ଗ୍ରୀସଠାରେ ପରାଜୟ ସ୍ୱୀକାରପରି ପରାଜୟ ସ୍ୱୀକାର କରିବାକୁ ବାଧ୍ୟ ହୋଇଥିଲେ । ଭାରତରେ ମଧ୍ୟ ଶକ, ତୁଖାର, ହୂନ ପ୍ରଭୃତି ଆକ୍ରମଣକାରୀମାନଙ୍କୁ ପ୍ରାଚୀନ ହିନ୍ଦୁମାନଙ୍କଠାରେ ଅବନତ ହେବାକୁ ପଡ଼ିଥିଲା । ବସ୍ତୁତଃ ଇତିହାସରେ ଦେଖାଯାଏ ଯେ ବାହୁବଳର ଅସାଧ୍ୟ କାର୍ଯ୍ୟ ଶିକ୍ଷାଦୀକ୍ଷାବଳରେ ସାଧିହୁଏ । ଶିକ୍ଷାଦୀକ୍ଷାବଳରେ ସ୍ୱରାଜ୍ୟ ଛଡ଼ା ସାମ୍ରାଜ୍ୟ ମଧ୍ୟ ଲାଭ ହୋଇଥାଏ ।

Digitized by srujanika@gmail.com

# ଖଣ୍ଡପଡ଼ା ଓ ଦଶପଲ୍ଲାର ଅନୁଭୂତି ।

ଶ୍ରୀ ଶଶିଭୂଷଣ ରାୟ ।

ଉତ୍କଳର ଅରଣ୍ୟ ପ୍ରକୃତି ! ତୋ ଭଳି ମୋହୋମନରେ ଆନନ୍ଦ ପ୍ରଦାନ କରିବାକୁ ଆଉ କେହି ସମର୍ଥ ନୁହନ୍ତି ! ତିନିବର୍ଷ ବୟସରୁ ସପ୍ତଶଯ୍ୟା ପର୍ଯ୍ୟନ୍ତକୁ ମୋହୋର ପରମାରାଧ୍ୟ ୰ ପିତୃଦେବଙ୍କ ନିର୍ଦ୍ଦେଶରୁ ତହିଁ ସମସ୍ତ ଜୀବନର ବହୁ ପରିବର୍ତ୍ତନ ମଧ୍ୟରେ ତୋହର ଦର୍ଶନ ଓ ଅନୁଶୀଳନ କରିବାରେ ଚିରଭ୍ୟସ୍ତ ହୋଇ କି ପରିମାଣରେ ମୁଁ କୃତାର୍ଥ ଓ ଚରିତାର୍ଥ ହୋଇଅଛି ତାହା ମୋହୋମନ ଜାଣେ, ଆଉ କାହାକୁ କହିବି, କହିଲେ କିଏ ଶୁଣିବ ? ତୋହାର ପ୍ରତ୍ୟେକ ଅଂଶ ମୋହୋମନକୁ ପ୍ରତି ମୂହୂର୍ତ୍ତିରେ କି ପରିମାଣରେ ଓଟାରି ନେଉଅଛି, ସ୍ମରଣକରି ହୃଦୟ କେଉଁ ଅପୂର୍ବ ପୁଲକରେ ନୃତ୍ୟ କରୁଅଛି, ତାହା କାହାରିକୁ ବୁଝାଇବାର ସମତା ଅଥବା ଭାଷା ମୋହୋର ନାହିଁ । ସହରର ବ୍ୟସ୍ତତାରୂପ ଅଳିଆଗଦା ମଧ୍ୟରେ ଦିନ କଟାଇ ଏହାମଧ୍ୟରେ ଯେତେବେଳେ ନଦୀ ସୈକତର ତଣ୍ଡିବୁଦାଠାରୁ କେନ୍ଦୁଝର ରାଜ୍ୟର ଭୂୟାଁପୀଢ଼ ପର୍ବତମାଳାର ଭୀମକାନ୍ତ ଦୃଶ୍ୟ ମନଶ୍ଚକ୍ଷୁରେ ପଡ଼ିଯାଏ, ସେତେବେଳେ ହୃଦୟ କେଉଁ ଅପୂର୍ବ ଆନନ୍ଦରେ କେଉଁଆଡ଼କୁ ଧାଇଁଯାଏ, ତାହା କହିବି କିପରି ? ତୋହର ସେହି ପ୍ରୀତି ପ୍ରଫୁଲ୍ଲ—ଦୃଷ୍ଟି ସର୍ବଦା ମତେ ଘେରି ରହିଅଛି ଏବଂ ଏଥିରୁ ଶ୍ରଦ୍ଧା, ପ୍ରେମ ଓ ସ୍ନେହ ସର୍ବଦା ଉଚ୍ଛ୍ୱସିତ ହୋଇ ମୋତେ ବୁଡ଼ାଇ ଦେଉଅଛି । ଏହି ହେତୁରୁ ବର୍ଷମଧ୍ୟରେ କେତେଥର ତୋହ କୋଡ଼କୁ ଝାମ୍ପି ପଡ଼ୁଅଛି, ପଡ଼ିବାର କଳ୍ପନା କରୁଅଛି ଏବଂ କଳ୍ପନା ସଫଳହେଲେ ସ୍ୱର୍ଗସୁଖ ଅନୁଭବ କରୁଅଛି । ତୁ ମୋହୋର ସ୍ୱପ୍ନର ସୁଖ କଳ୍ପନାର ଶାନ୍ତି, ମର୍ମଘାତର ପ୍ରଲେପ ଏବଂ ଚିନ୍ତାର ବିରାମସିନ୍ଧୁ !

ଯେଉଁଦିନ ମୋହୋର ଶ୍ରଦ୍ଧେୟ ବନ୍ଧୁ ଖଣ୍ଡପଡ଼ା-ରାଜ୍ୟର ବର୍ତ୍ତମାନ କର୍ଣ୍ଣଧାର ଭଗତବଲ୍ଲଭ ବାବୁଙ୍କର ସ୍ନେହ-ପୂର୍ଣ୍ଣ ପତ୍ର ପାଇଲି, ସେ ଦିନ ମୋହର ହୃଦୟ ଅପୂର୍ବ-ଆନନ୍ଦରେ ଅଭିଷିକ୍ତ ହେଲା । ସେ ମୋହୋର ଖଣ୍ଡପଡ଼ା ଦର୍ଶନର ସମସ୍ତ ବନ୍ଦୋବସ୍ତ କରିବାକୁ ଅଗ୍ରହାନ୍ୱିତ । ଯାହା ଖୋଜୁଥିଲି ତାହା ପାଇଗଲି । ଶରତର ପ୍ରକୃତି ବର୍ଷା – ଧୌତହୋଇ ଅପୂର୍ବ ଲାବଣ୍ୟ ରାଶିରେ କି ଭଳି କମନୀୟ ହୋଇଥାଏ, ଏବଂ ଚିରକାଳର ପୁରାତନ ଚନ୍ଦ୍ର ତାହାଙ୍କର ହ୍ରାସ ବୃଦ୍ଧିରୂପ ସମସ୍ତ ପରିବର୍ତ୍ତନମଧ୍ୟରେ ସୁଦ୍ଧା ଶରତରେ ରୌପ୍ୟ ପରିଚ୍ଛଦ ଧାରଣକରି ସଂସାରକୁ କେତେ ସ୍ନିଗ୍ଧ କରିଦିଅନ୍ତି, ତାହାର ବିସ୍ତୃତ ପ୍ରମାଣ ଅରଣ୍ୟ-ପ୍ରକୃତିରେ ସୁସ୍ପଷ୍ଟ । ଏହି ହେତୁରୁ ଭଗତବଲ୍ଲଭ ବାବୁଙ୍କର ଏହି ପତ୍ର ମୋହୋ ହୃଦୟରେ ଆଶା ଓ ଆନନ୍ଦର ମାୟା-ତୁଳିକା ବୁଲାଇଦେଇ ଭ୍ରମଣୋପଯୋଗୀ ଆୟୋଜନରେ ମତାଇ ଦେଲା ।

ବାଷ୍ପୀୟ ଶକଟରେ କଟକରୁ ଅପରାହ୍ଣରେ ବାହାରି କଣ୍ଟିଣି ଆସି ସେଠାରୁ ସନ୍ଧ୍ୟାସମୟରେ ହସ୍ତୀ ପୃଷ୍ଠରେ ବାହାରିଲି । ମାର୍ଗର ଉଭୟପାର୍ଶ୍ୱରେ ପକ୍ୱ ଧାନ୍ୟକ୍ଷେତ୍ର ଚନ୍ଦ୍ରାଲୋକୋଦ୍ଭାସିତ । ମନୋମୋହିନୀ ପ୍ରକୃତିଙ୍କର କି ସୁନ୍ଦର ଶୋଭା ! ରଜନୀ ଜ୍ୟୋତ୍ସ୍ନାସ୍ନାତା—ଏହାର ଫୁଲ୍ଲାଧରରେ ହାସ୍ୟରାଶି ଉଛୁଳି ଉଠୁଅଛି । ଚତୁର୍ଦ୍ଦିଗ ସୌନ୍ଦର୍ଯ୍ୟର ସାରବସ୍ତୁ ହୃଦୟରେ ଧାରଣକରି ମନସୁଖରେ ହସୁଅଛି—ନବତରଙ୍ଗରେ ଭସିଯାଉଅଛି । ଧରଣୀର ନାନାଞ୍ଚଳରେ ଚନ୍ଦ୍ରକର ଲେଖା ସୁସ୍ପଷ୍ଟ ପ୍ରତିଭାତ ।

ମାର୍ଗର ବାମପାର୍ଶ୍ୱରେ ଖୋରଧାର ବରୁଣୀ ପର୍ବତର ପ୍ରସାରିତ ନୀଳିମା ମଧ୍ୟରେ କଳ୍ପନା ପୁଲକିତ ଓ କଳନା—କୁହେଳିକାବୃତ ନୟନ ସ୍ଥାପନ କରି ଆମ୍ଭେମାନେ ଖୋରଧା ବଜାର ଏବଂ କଚେରୀ, ସ୍କୁଲ ପ୍ରଭୃତି ଅତିକ୍ରମ କଲୁଁ । ଉଭୟ ପାର୍ଶ୍ୱସ୍ଥିତ ଧାନ୍ୟ—କ୍ଷେତ୍ର ମଧ୍ୟସ୍ଥିତ ଚନ୍ଦ୍ରିକା ନର୍ତ୍ତନର ଶୋଭା ଦର୍ଶନ କରି



Digitized by srujanika@gmail.com

ନିର୍ମଳ ପୁଲକଧାରରେ ଅନ୍ତର ଅଭିସିଞ୍ଚିତ ଓ ଉଚ୍ଛ୍ୱସିତ ହୋଇ ଉଠୁଥିଲା । ଦକ୍ଷିଣପାର୍ଶ୍ୱରେ ବାର୍କିର ମହାପର୍ବତ ଦିଗ୍ବଳୟରେ ସୁସ୍ପଷ୍ଟ କୃଷ୍ଣଦେହ ଉତ୍ତୋଳନ କରି ଦେଇଥିଲା ଏବଂ ବାମପାର୍ଶ୍ୱରେ ଅତି ଉତ୍କୃଷ୍ଟ ପ୍ରସ୍ରବଣ ନିକଟସ୍ଥ ସୁବିସ୍ତୀର୍ଣ୍ଣ ଧାନ୍ୟ-କ୍ଷେତ୍ର ଚନ୍ଦ୍ରିକା-ସ୍ନାତ ହୋଇ ଶାନ୍ତ ପୁଲକୋଦ୍ଭାସିତ ଦିଶୁଥିଲା । ଚନ୍ଦ୍ରର ରଜତ-ଶୁଭ୍ର କିରଣ ଚତୁର୍ଦ୍ଦିଗ ପ୍ଲାବିତ କରି ଦେଇଥିଲା । ସ୍ଥାନେ ସ୍ଥାନେ ବୃକ୍ଷରାଜି ଉଭୟପାର୍ଶ୍ୱରେ ନିଷ୍ପନ୍ଦଭାବରେ ଦଣ୍ଡାୟମାନ ରହି ପତ୍ର ଶାଖା ବିସ୍ତାରପୂର୍ବକ ଚନ୍ଦ୍ରାଲୋକ ଅବରୋଧ କରୁଥିଲା । ସମୟ ସମୟରେ ଦୂରରୁ ଝିଲ୍ଲିଧ୍ୱନି ପ୍ରକୃତିର ନିସ୍ତବ୍ଧତାକୁ ଭଙ୍ଗ କରି ଦେଉଥିଲା ମାତ୍ର ।

ଆମ୍ଭେମାନେ ବାଘମାରି ଡାକବଙ୍ଗଳା ଉତ୍ତାରୁ ସୋନପୁର ମାର୍ଗ (ଦକ୍ଷିଣ ମହାନଦୀ ମାର୍ଗ) ଅବଲମ୍ବନ କଲୁଁ । ରାତ୍ରି ଶେଷ ହେବା ସମୟରେ ଆମ୍ଭେମାନେ କଳାପଥର ଗ୍ରାମ ଅତିକ୍ରମ କରି ଖଣ୍ଡପଡ଼ା ରାଜ୍ୟର ଆରମ୍ଭ କାଳୀ ଗିରି ନଦୀ—ନିକଟରେ ପହୁଞ୍ଚିଲୁଁ । ଏହା କ୍ଷୁଦ୍ର ଗିରିନଦୀ ହେଲେହେଁ ବର୍ଷା ସମୟରେ କ୍ରୋଶ-ବ୍ୟାପୀ ବିସ୍ତୃତି ଲାଭ କରିଥାଏ । ବର୍ତ୍ତମାନ କ୍ଷୀଣ-ତୋୟା ହୋଇ ମହାନଦୀଆଡ଼କୁ ପ୍ରବାହିତା । ଏଠାରୁ ଏକମାଇଲ୍ ଦୂରବର୍ତ୍ତୀ ଫତେଗଡ଼ ନାମକ ଗ୍ରାମର ସ୍କୁଲ୍ ଗୃହରେ ରାତ୍ରି-ଜାଗରଣ-ଜନିତ ଅବସାଦ ମେଣ୍ଟାଇ ଅପରାହ୍ଣରେ ଖଣ୍ଡପଡ଼ା ଗଡ଼ ଅଭିମୁଖରେ ବାହାରିଲୁ । କିଛିଦୂର ନିବିଡ଼ ଅରଣ୍ୟ, ଏହା ଉତ୍ତାରୁ ଉଭୟପାର୍ଶ୍ୱରେ ପ୍ରକାଣ୍ଡ ଧାନ୍ୟ-କ୍ଷେତ୍ରର ହରିତିମା । ଯେଉଁମାର୍ଗରେ ଯାଉଥିଲୁଁ ତାହା ଦକ୍ଷିଣ ମହାନଦୀ ରଥ୍ୟାରୁ ଶାଖା ରଥ୍ୟା ଖଣ୍ଡପଡ଼ା ଗଡ଼କୁ ଭଗତବାବୁଙ୍କର ନିର୍ଦ୍ଦେଶାନୁସାରେ ନିର୍ମିତ ହୋଇଅଛି । ଧାନ୍ୟକ୍ଷେତ୍ରର ହରିତିମା ପୁଣି ସ୍ଥାନେ ସ୍ଥାନେ ଆମ୍ରୋଦ୍ୟାନରେ ଲୁଚି ଯାଉଅଛି । ପୁଣି ଆମ୍ରୋଦ୍ୟାନ ଶେଷହେଲେ ବିସ୍ତୀର୍ଣ୍ଣ ଧାନ୍ୟକ୍ଷେତ୍ର ବାହାରି ପଡ଼ୁଅଛି । ମାର୍ଗରେ ଯାଉଁ ଯାଉଁ ପ୍ରାୟ ୫।୬ ଥର ଏହିପରି ହୋଇଥିଲା । ଏହା ଦେଖି ଓଡ଼ିଶାର ଇତିହାସ ପ୍ରଣେତା ହଣ୍ଟର ସାହେବଙ୍କର ଖଣ୍ଡପଡ଼ା ସମ୍ବନ୍ଧୀୟ ଉକ୍ତି ସ୍ମରଣ ହେବା ସ୍ୱାଭାବିକ । ଏହା ଏହି "Khandpara is a very valuable territory and one of the most highly cultivated of the Tributary States. Fine Sal timbers abounds in the hilly parts of the State and magnificent mangoe and banyan trees stud the plains."

ବାସ୍ତବିକ୍ ୨୪୪ ବର୍ଗମାଇଲ ପରିମିତ ଖଣ୍ଡପଡ଼ା ରାଜ୍ୟରେ ଯେତେ ଆମ୍ରବୃକ୍ଷର ସଂସ୍ଥିତି, ଅନୁପାତରେ ଏତେ ଆମ୍ରବୃକ୍ଷ ଓଡ଼ିଶାର ଅନ୍ୟ ଗଡ଼ଜାତ ରାଜ୍ୟରେ ବୋଧହୁଏ ନାହିଁ ।

କିଛିଦୂର ଉତ୍ତାରୁ ପ୍ରକାଣ୍ଡ କୋଚିଲା-ବନମଧ୍ୟରେ କୁସୁମୀନଦୀ ପଡ଼ିଲା । ଏହା ଘୁମସର ଅଞ୍ଚଳରୁ ନୟାଗଡ଼ ରାଜ୍ୟ ମଧ୍ୟ ଦେଇ ପ୍ରବାହିତା ହୋଇ ଖଣ୍ଡପଡ଼ା ଗଡ଼ର ପୂର୍ବପାର୍ଶ୍ୱ ପର୍ଯ୍ୟନ୍ତ ବିସ୍ତୃତ । ପଶ୍ଚିମ ପାର୍ଶ୍ୱରେ ସୁନାମୁହିଁ ନାମକ କ୍ଷୁଦ୍ର ଗିରି-ନଦୀ ଖଣ୍ଡପଡ଼ା ରାଜ୍ୟର ଭୀମ ଦର୍ଶନ ରାଜଗିରି ପର୍ବତମାଳାରୁ ବାହାରି କୁସୁମୀ ସହିତ ସଂଯୁକ୍ତ ହୋଇଅଛି । ଦଶପଲ୍ଲାର ଅରଣ୍ୟ ପ୍ରଦେଶରୁ କୁଆଁରିଆ ଗିରି-ନଦୀ ବାହାରି ଖଣ୍ଡପଡ଼ା ରାଜ୍ୟମଧ୍ୟରେ ପ୍ରବାହିତ ହୋଇ ଏହି କୁସୁମୀ ସହିତ ମିଶି ସମସ୍ତର ଏକତ୍ର ସଂମିଶ୍ରଣରେ କମେଇ ନାମ ଧାରଣ କରି କରଦ ନଦୀରୂପେ ଖଣ୍ଡପଡ଼ା ରାଜ୍ୟର ସୁପ୍ରସିଦ୍ଧ କଣ୍ଟିଲୋ ପାଖରେ ମହାନଦୀକୁ ଜଳ ଯୋଗାଉଅଛି ।

ଆମ୍ଭେମାନେ ଖଣ୍ଡପଡ଼ା ଗଡ଼ରେ ସନ୍ଧ୍ୟାଉତ୍ତାରୁ ପହଞ୍ଚି ଭଗତବାବୁଙ୍କ ସହିତ ମିଳିତ ହେଲୁଁ । ସେତେ-ବେଳେ ତାହାଙ୍କର ସରଳତାପୂର୍ଣ୍ଣ ସ୍ୱପ୍ନମୟ ଦୃଷ୍ଟି ଏବଂ ଶ୍ରଦ୍ଧା ଓ ଭକ୍ତିର ଅକପଟ ଅଭିବ୍ୟକ୍ତି ମୋତେ ବଡ଼ ଭଲ ବୋଧ ହେଉଥିଲା ।

ପରଦିନ ପ୍ରତ୍ୟୂଷରୁ ଖଣ୍ଡପଡ଼ା ଗଡ଼ର ପ୍ରାୟ ପ୍ରତ୍ୟେକ ଅଂଶ ଦର୍ଶନ କଲୁଁ । ସ୍ୱର୍ଗୀୟ ରାଜା ନଟବର ସିଂହଙ୍କର ପ୍ରସିଦ୍ଧ ବାଲବଗିଚ୍ଚାର ଚିହ୍ନମାତ୍ର ଅଛି । ଏହା ଦିନେ ଉତ୍କଳରେ ବିଖ୍ୟାତ ଉଦ୍ୟାନ ବୋଲି ସୁପରିଚିତ ଥିଲା ଏବଂ ବାମଣ୍ଡାର ୰ରାଜା ସର୍ ବାସୁଦେବ ସୁଢ଼ଳଦେବଙ୍କର ପ୍ରସିଦ୍ଧ ଆଦର୍ଶ ଉଦ୍ୟାନର ସମକକ୍ଷ ଥିଲା । ବର୍ତ୍ତମାନ ଏହାର କଙ୍କାଳ ପଡ଼ିରହିଅଛି । ଏହି ବଗିଚ୍ଚା-ସମ୍ବନ୍ଧରେ ଗୋଟିଏ ସୁନ୍ଦର ସତ୍ୟଗଳ୍ପ ଶୁଣିଲି । ଥରେ ଉତ୍କଳର

Digitized by srujanika@gmail.com

ଜଣେ ସୁପ୍ରସିଦ୍ଧ ଉପାଧିଧାରୀ ଗଭର୍ଣ୍ଣମେଣ୍ଟ କର୍ମଚାରୀ ବାଲି-ବଗିଚା ଦେଖି କହିଲେ "ଏ ବଗିଚାରେ ସବୁ ଅଛି ଦେଖିଲି, ମାତ୍ର ଗୋଟିଏ ଦ୍ରବ୍ୟ ନାହିଁ—ତାହା ଛତୁ। ବଙ୍ଗଳାରେ ଛତୁର ଚଞ୍ଚିରୁ ଛତୁ ଉତ୍ପନ୍ନ ହୋଇଥାଏ, ଏଠାରେ ତାହାର ପରୀକ୍ଷା ହେବାର ଆବଶ୍ୟକ।" ଏହା ଶୁଣି ରାଜା ନଟବର ସିଂହ ମନେରଖିଲେ ଏବଂ ପ୍ରାୟ ଏକପକ୍ଷାହ ଉତ୍ତାରୁ ଯେତେବେଳେ ସେହି କର୍ମଚାରୀ ଖଣ୍ଡପଡା-ମାର୍ଗରେ ପ୍ରତ୍ୟାବର୍ତ୍ତନ କଲେ, ତାହାର ୪୫ ଦିନ ପୂର୍ବରୁ ବୈଶାଖମାସର ପ୍ରଖର ରୌଦ୍ର ମଧ୍ୟରେ ସୁଦ୍ଧା ଦିବାରାତ୍ରି କୁଠାଗୁଡିକରେ ପାଣି ଦେଇ ଛତୁ ଉତ୍ପନ୍ନ କରାଇ ସେହି କର୍ମଚାରୀଙ୍କ ନିକଟକୁ ପ୍ରେରଣ କଲେ। କର୍ମଚାରୀ ମହାଶୟ ସେହି ପ୍ରଖର ଗ୍ରୀଷ୍ମକାଳରେ ଛତୁ ଦେଖି ଅବାକ୍ ହୋଇଥିଲେ।

ଖଣ୍ଡପଡା ଗଡର ଗୋପୀନାଥମୂର୍ତ୍ତିର ଗଠନ ଓ ଆକୃତି ସତ୍ୟବାଦୀର ସାକ୍ଷୀଗୋପାଳ କିମ୍ବା ରେମୁଣାର କ୍ଷୀରଚୋରା ଗୋପୀନାଥ ମୂର୍ତ୍ତି ସହିତ ତୁଳିତ ହେବାର ଯୋଗ୍ୟ। ଗୋପୀନାଥଙ୍କର ନିକଟରେ ଜଗନ୍ନାଥଙ୍କର ସୁବୃହତ୍ ମନ୍ଦିର ଦଣ୍ଡାୟମାନ। ଏହାର ମୁଖଶାଳା ବହୁ ଅର୍ଥ ବ୍ୟୟରେ ୰ରାଜା ନଟବର ସିଂହ ନିର୍ମାଣ କରିଥିଲେ, ମାତ୍ର କେତେକ କାର୍ଯ୍ୟ ଅସମ୍ପୂର୍ଣ୍ଣ ରହିଯାଇଅଛି।

ଖଣ୍ଡପଡ଼ା ରାଜବାଟୀ ଏକସମୟରେ ସୁଦୃଶ୍ୟ ଥିଲା। ସୁଧା-ଧବଳିତ ସୌଧାବଳୀର ପ୍ରାଚୁର୍ଯ୍ୟ ଏଥିରେ ଦୃଷ୍ଟ ନ ହେଲେହେଁ ଚତୁଷ୍ପାର୍ଶ୍ୱର ଦୃଶ୍ୟ ଏବଂ ବୃହତ୍ ପୁଷ୍କରିଣୀ ପ୍ରଭୃତିରେ ଶୋଭିତ ହୋଇଥିଲା, ମାତ୍ର ଆଜିକାଲି ଅନେକାଂଶ ନଷ୍ଟପ୍ରାୟ।

ଖଣ୍ଡପଡା ଗଡ ପ୍ରାୟ ୧୫୦୦ ଘରର ବସତିରେ ଗଠିତ। ଏ ସମସ୍ତରୁ ଅଧିକାଂଶ ପ୍ରାୟ ଉଚ୍ଚଜାତି ବିଶିଷ୍ଟ। ଏହି ବସତିମଧ୍ୟରେ ଭାରତ-ମାର୍ତ୍ତଣ୍ଡ ଜ୍ୟୋତିଷ-ଶେଖର ୰ମହାମହୋପାଧ୍ୟାୟ ଚନ୍ଦ୍ରଶେଖର ସାମନ୍ତଙ୍କର ଜୀର୍ଣ୍ଣ ଆବାସ ଲକ୍ଷିତ ହେଲା। ଏହି ଆବାସ ଦେଖି ଉତ୍କଳ କବିଙ୍କର ନିମ୍ନ ପଂକ୍ତି ଦ୍ୱୟ ସ୍ମରଣ ହେଲା :—

"ସଦା, ଆହା, ରୋଗ-ଯନ୍ତ୍ରଣାରେ କ୍ଷୀଣ,
ଜଣର ଦାରୁଣ ଚିନ୍ତାରେ ମଳିନ।"

୰ଚନ୍ଦ୍ରଶେଖରଙ୍କର ସ୍ୱର୍ଗାରୋହଣପୂର୍ବରୁ ସେ କଟକର ଗୋଟିଏ ଦରବାରକୁ ନିମନ୍ତ୍ରିତ ହୋଇ ଆସିଥିଲେ। କଟକର ଚାନ୍ଦିନୀଚୌକସ୍ଥିତ ମାର୍ଗରେ ଥିବା ଗୋଟିଏ ନିମ୍ବଗଛ ମୂଳରେ ତୈଜସ ସାମଗ୍ରୀ ଏବଂ ଦୁଇଜଣ ଭୃତ୍ୟ ସହିତ ତାହାଙ୍କୁ ବସିଥିବାର ଦେଖି ମୁଁ ସେହି ମାର୍ଗରେ ଯାଉଥିବାବେଳେ ପଚାରିଥିଲି "ଆପଣ ଏପରିସ୍ଥାନରେ ବସିଅଛନ୍ତି କାହିଁକି ?" ମୋହୋର ପ୍ରଶ୍ନ ଶୁଣି ତାହାଙ୍କର ଅଶ୍ରୁକ୍ଲିଷ୍ଟ ମୁଖ ଉପରେ ଗୋଟିଏ ମ୍ଳାନହାସ୍ୟ ବର୍ଷଣ—ଭୂଯିଷ୍ଠ ମେଘଉପରେ ଚକିତ ବିଦ୍ୟୁତ୍‌ସ୍ଫୁରଣ ଭଳି ଖେଳିଗଲା ଏବଂ ମୋତେ କହିଲେ "ବାବୁ ! ଏଠାରେ ତିନିଘଣ୍ଟା ବସିରହିଲିଣି, ବସା ଗୋଟିଏ ଖୋଜି ଖୋଜି ପାଇ-ନାହିଁ, ପଚାରିବାକୁ କେହି ନାହାନ୍ତି।" ଉତ୍କଳ-ଶେଖରଙ୍କର ଏହି ଉତ୍ତର ଶୁଣି ମୋହର ନେତ୍ର ଅଶ୍ରୁସିକ୍ତ ହେଲା ଏବଂ ମୁଁ ଏକଘଣ୍ଟା ମଧ୍ୟରେ ତାହାଙ୍କର ସମସ୍ତ ବନ୍ଦୋବସ୍ତ କରିଦେଇ ପ୍ରାୟ ଦଶଦିନ ତାହାଙ୍କୁ କଟକବାସର ବନ୍ଦୋବସ୍ତ କରିଦେଇ ଧନ୍ୟ ହୋଇଥିଲି। ତାହାଙ୍କର ସମସ୍ତ କଥା ଏଠାରେ ସ୍ମରଣ କରି କୃତାର୍ଥ ହେଲି। ତାହାଙ୍କର ଆବାସରେ ବର୍ତ୍ତମାନ ଦୁଇ ପୁତ୍ର ବିଦ୍ୟମାନ।

ଏହି ଆବାସ ନିକଟରେ ମୋହର ପରମବନ୍ଧୁ ପଣ୍ଡିତ ଚନ୍ଦ୍ରଶେଖର ମିଶ୍ର କାବ୍ୟତୀର୍ଥଙ୍କର ଘର। ତାହାଙ୍କର ଗୃହକୁ ଯାଇ ତାହାଙ୍କର ଭ୍ରାତୃପୁତ୍ର କମଳାକ୍ଷ-କାନ୍ତ ହରିହର ମିଶ୍ର ବି, ଏ, ଙ୍କ ସହିତ ପରିଚିତ ହେଲି। ଖଣ୍ଡପଡା ରାଜ୍ୟର ବର୍ତ୍ତମାନ ଏ ରତ୍ନସ୍ୱରୂପ। ସରଳତା, ବିଶ୍ୱପ୍ରେମିକତା ଓ ଧର୍ମ୍ମପ୍ରାଣତା ଯେଉଁ ପଣ୍ଡିତ ଚନ୍ଦ୍ରଶେଖରଙ୍କର ବଦନମଣ୍ଡଳ ଗଠିତ। ତାହାଙ୍କର ଭ୍ରାତୃପୁତ୍ର ହରିହର ବାବୁ ବର୍ତ୍ତମାନ କଲେଜରେ ଏମ୍, ଏ ପଢ଼ୁଅଛନ୍ତି। ଆଶା କରେ କଲେଜର ପୁସ୍ତକଗତ ଶିକ୍ଷାଠାରୁ ପ୍ରକୃତ ମନୁଷ୍ୟତ୍ୱ ଅର୍ଜ୍ଜନ ଶିକ୍ଷାରେ ଏ ସମଧିକ ଶ୍ରଦ୍ଧାବାନ ହେବେ।

ଖଣ୍ଡପଡା ଗଡର ନିମ୍ନରେ ସୁନାମୁହିଁ ଗିରିନଦୀ ବୋହିଯାଉଅଛି। ଏହି ଉପରର ଗୋଟିଏ ଅଂଶର ନାମ ବେସର-ବଠା ଜଙ୍ଗଲ। ପୂର୍ବେ ଏଠାରେ ବେସର ବାଜ ଏ ଜଙ୍ଗଲକୁ ମୃଗୟା ଉଦ୍ଦେଶ୍ୟରେ ଆସି ସଙ୍ଗେ ସଙ୍ଗେ

Digitized by srujanika@gmail.com

ସଫଳକାମ ହୋଇ ବଣା ବେସରର ସଦ୍ବ୍ୟବହାର କରୁଥିଲେ ବୋଲି ଏହାର ଏପରି ନାମକରଣ ହୋଇଅଛି ।

ଅପରାହ୍ଣରେ ଭଗତବାବୁ ଏବଂ ଖଣ୍ଡପଡ଼ାର ସୁଯୋଗ୍ୟ ପୁଲିସ ଇନ୍‌ସ୍‌ପେକ୍ଟର ଧର୍ମାନନ୍ଦବାବୁ ଉଭୟେ ମିଶି ମୋତେ ନୟାଗଡ଼ ରାଜ୍ୟର ସୀମାନ୍ତବର୍ତ୍ତୀ ବାଲୁଗାଁ ନାମକ ଗ୍ରାମକୁ ମୋଟରରେ ନେଇଗଲେ । ମାର୍ଗରେ ୰ରାଜା ନଟବର ସିଂହଙ୍କର ନନ୍ଦନବନ ବୋଲି ଅତି ବିସ୍ତୃତ ଆମ୍ରୋଦ୍ୟାନ ଦେଖିଦେଖି ଆମ୍ଭେମାନେ ଅଗ୍ରସର ହେଲୁଁ । ଏହାପ୍ରାୟ ୩୫ ମାଇଲ ଲମ୍ବ ଏବଂ ସମସ୍ତପ୍ରକାର ଭଲ ଆମ୍ରବୃକ୍ଷରେ ଏହି ତୋଟା ଦମସ୍ତି ଗଠିତ । ଏହାମଧ୍ୟରେ ଖଣ୍ଡପଡ଼ାର ନୂତନ ସୁବୃହତ୍ ଡ଼ାକବଙ୍ଗଳା ନିର୍ମିତ ହେଉଅଛି । ଏହାର ଅବସ୍ଥାନ ସ୍ଥାନ କବିଜନ ଲୋଭନୀୟ ଏବଂ ମୃଗୟୁ ଆକର୍ଷଣ—କ୍ଷମ ।

ମାର୍ଗର ବାମପାର୍ଶ୍ୱରେ ଖୋର୍ଦ୍ଧା—ବୋଲଗଡ଼ ଅଞ୍ଚଳର ଦନ୍ତୁରିତ ପର୍ବତମାଳା ଖଣ୍ଡପଡ଼ା ରାଜ୍ୟର ପର୍ବତମାଳା ସହିତ ଏବଂ ଦକ୍ଷିଣପାର୍ଶ୍ୱରେ ଖଣ୍ଡପଡ଼ାର ବିରାଟ ରାଜଗିରି ପର୍ବତମାଳାର ଗଗନସ୍ପର୍ଶୀ ଚକୁଲଖାଇ ନାମକ ଶୃଙ୍ଗ ସଗର୍ବରେ ମସ୍ତକୋତ୍ତୋଳନ କରିଅଛି । ଏହାର ଉଚ୍ଚତା ପ୍ରାୟ ୨୪୦୦ ଫୁଟ ଦୂରକୁ ନୟାଗଡ଼ ରାଜ୍ୟର ଅସଂଖ୍ୟ ପର୍ବତସମୂହ ମଧ୍ୟରୁ ବିରାଟ ଖଣ୍ଡାକୃତି ଶଳଆପର୍ବତ ନଭସ୍ତମ୍ଭନ କରିଅଛି । ଚତୁର୍ଦ୍ଦିଗ ପାର୍ବତ୍ୟ—ପ୍ରକୃତିର ବିଶାଳ ପ୍ରଦର୍ଶନୀ ଉଦ୍ଘାଟିତ କରିଦେଇ ଥିଲା ।

ଏହି ମାର୍ଗଟି ମଧ୍ୟ ଭଗତବାବୁଙ୍କର କୀର୍ତ୍ତି । ଏହାମଧ୍ୟରେ ଗୋଟିଏ ଘାଟି ପଡ଼ିଲା । ଏ ସ୍ଥାନଟି ଅନବରତ ବ୍ୟାଘ୍ରସଙ୍କୁଳ ।

ମୋଟର ଗାଡ଼ି ଅଠମାଇଲ ଅତିକ୍ରମକରି ଆମ୍ଭମାନଙ୍କୁ ବାଲୁଗାଁରେ ପହଁଞ୍ଚାଇଦେଲା । ସେଠାରେ ସ୍କୁଲ ଗୃହରେ ନୟାଗଡ଼ ରାଜ୍ୟର କର୍ଣ୍ଣଧାର ରାୟ ସାହେବ ଅନିରୁଦ୍ଧ ପଟେଲ ଏମ୍, ବି, ଇ, ମହୋଦୟ ଉପସ୍ଥିତଥିଲେ । ଖଣ୍ଡପଡ଼ା ଏବଂ ନୟାଗଡ଼ ଏହି ଉଭୟ ରାଜ୍ୟର କର୍ଣ୍ଣଧାରଙ୍କର ସମ୍ମିଳନରେ କୌଣସି ରାଜନୀତିର ସଂଶ୍ରବ ରହିଥିଲା—ଏଣୁ ମୁଁ ଦୂରରେ କିଛିକ୍ଷଣ ,ଅବସ୍ଥାନ କରିଥିଲି । ଉତ୍କଳର ଜଣେ ଉପାଧ୍ୟମାନ କବି ଗାଇଅଛନ୍ତି :—

" ରାଜନୀତି ସିନା କରତର ଦାନ୍ତ
ଘିଞ୍ଚିଲେ ଠେଲିଲେ କାଟେ ।"

ଏଣୁ ମୁଁ ସବୁବେଳେ ରାଜନୀତିଠାରୁ ଦୂରରେ ଅବସ୍ଥାନ କରିଥାଏଁ । ରାଜନୀତିର ପରାମର୍ଶ ଉତ୍ତାରୁ ଅନିରୁଦ୍ଧବାବୁ ନୟାଗଡ଼ ଏବଂ ଆମ୍ଭେମାନେ ଖଣ୍ଡପଡ଼ା ଗଡ଼କୁ ସନ୍ଧ୍ୟାପୂର୍ବରୁ ବାହୁଡ଼ିଲୁଁ ।

ସନ୍ଧ୍ୟାରେ ଦଶପଲ୍ଲାରାଜ୍ୟର କର୍ଣ୍ଣଧାର ବାବୁ ଭାବଗ୍ରାହୀ ବିଶ୍ୱାଳଙ୍କର ସ୍ନେହପୂର୍ଣ୍ଣ ପତ୍ର ପାଇ ଅଳ୍ପସମୟ ସକାଶେ ଦଶପଲ୍ଲା ଯିବାର ଆୟୋଜନରେ ବ୍ୟସ୍ତହେଲି । ଏଠାରୁ ପାଲ୍କି ଯାନରେ ପରଦିବସ ରାତ୍ରିରେ ଦଶପଲ୍ଲା ଅଭିମୁଖରେ ବାହାରିଲି । ମୋହୋର ଭୃତ୍ୟ ଓ ପାଚକ ପ୍ରଭୃତି ହସ୍ତୀପୃଷ୍ଠରେ ଆସୀନ ହେଲେ । ସମସ୍ତ ରାତ୍ରିର ଜ୍ୟୋତ୍ସ୍ନାଲୋକରେ ମାର୍ଗର ଉଭୟ ପାର୍ଶ୍ୱସ୍ଥିତ ଘୋର ଅରଣ୍ୟ ମଧ୍ୟରେ ପେଚକର ନାନାପ୍ରକାର ଶବ୍ଦ, ମୃଗ ଏବଂ ଶମ୍ବରର କୁହାଟ ଶୁଭୁଥିଲା । ରଜତ-ଜ୍ୟୋତ୍ସ୍ନା-ବନ୍ୟାରେ ଚତୁର୍ଦ୍ଦିଗ ଭାସିଯାଉଥିଲା । ଶରତର ପବନ ଜଳ-ଉନ୍ମାଦ—କାହାଣୀ ସମସ୍ତଙ୍କୁ ଶୁଣାଇ ଚତୁର୍ଦ୍ଦିଗରେ ଖେଳି ବୁଲୁଥିଲା ଏବଂ ଶରତ୍-ବିକଶିତ ପ୍ରଫୁଲ୍ଲ-କାନନରୁ ଫୁଲର ପାରିଜାତ-ଗନ୍ଧ ବିତରିତ ହେଉଥିଲା ।

ଜ୍ୟୋତ୍ସ୍ନାମୟୀ ରଜନୀରେ ଅରଣ୍ୟ—ରାଜପଥ ସୁସ୍ପଷ୍ଟ ପ୍ରକାଶିତ ହେଉଥିଲା । ପଥର ଉଭୟ ପାର୍ଶ୍ୱବର୍ତ୍ତୀ ପ୍ରକାଣ୍ଡ ଶାଳବନର ମନୋହାରିଣୀ ଶୋଭା ନୟନର ତୃପ୍ତିସାଧନ କରୁଥିଲା । ବୃକ୍ଷରାଜି ନୀରବ ଓ ନିଷ୍ପନ୍ଦ ହୋଇ ଦଣ୍ଡାୟମାନ ରହିଥିଲେହେଁ ସେମାନେ ସୁଧାକରର ସୁଧାଂଶୁରାଜି ମଧ୍ୟରେ ନିମଜ୍ଜିତ ରହି ପୂର୍ଣ୍ଣ ତୃପ୍ତି ଓ ସୁଖ ଅନୁଭବ କରୁଥିଲେ । ସେମାନଙ୍କର ସରସ ହୃଦୟ ମଧ୍ୟରେ ସ୍ୱର୍ଗୀୟ ସଙ୍ଗୀତର ଝଙ୍କାର ଉତ୍ଥିତ ହେଉଥିଲା ବୋଲି ବୋଧହେଲା ।

ଗୋଟିଏ ଗ୍ରାମ ନିକଟରେ ପାଲ୍କି ରଖି ବାହକମାନେ କିଛିକ୍ଷଣ ବିଶ୍ରାମ ନେଲେ । ଏହି ସାମାନ୍ୟ ସମୟଟିକୁ ବିଶ୍ରାମ ଛଳରେ ସୁବା ଗଳ୍ପ, ଗୀତ ଏବଂ ଚକ୍‌ମକ୍‌ମଣିରୁ ଅଗ୍ନି ଉତ୍ପାଦନପୂର୍ବକ "କାହାଳୀ" ସେବାରେ ଅତିବାହିତ

Digitized by srujanika@gmail.com

ହେଲା । ଗୀତଗୁଡ଼ିକମଧ୍ୟରୁ ଗୋଟିଏ ପଦ ମୋ ମନରେ ଲାଗିଗଲା । ତାହା ଏହି :—

" ସରଗରେ ବୁଣିଥିଲି ଖୋରଧା ଧନଆଁ,
ଧନଆଁର ଭାବ ନେଲା ବଦେଶୀ ବଣିଆ " ।

ରାତି ଅଧିକ ହେବାରୁ ନିଦ୍ରାକର୍ଷଣ ହେଲା, ସୁତରାଂ ପାଲ୍କି ମଧ୍ୟରେ ନିଦ୍ରିତ ହେଲି ।

ପ୍ରାଭାତିକ ସୂର୍ଯ୍ୟ ଯେତେବେଳେ ତାହାଙ୍କର କୋମଳ ରଶ୍ମିପାତରେ ଶିଶିରସିକ୍ତ ପୃଷ୍ପସମୂହକୁ ଉଜ୍ଜ୍ୱଳ କରି ଦେଉଥିଲେ ସେତେବେଳେ ନିଦ୍ରାଭଙ୍ଗ ହେଲା । କଳ୍ପନାଲୋକ ଆନନ୍ଦ ମଧୁରରୂପେ ଉଚ୍ଛଳ ଉଠି ବାସ୍ତବ ରାଜ୍ୟରେ ନୟନ ସମକ୍ଷରେ ପ୍ରତିଭାତ ହେଲା ।

ମାର୍ଗର ବାମପାର୍ଶ୍ୱରେ ଖଣ୍ଡପଡ଼ା ରାଜ୍ୟର ସାନୁଅମୂଣ୍ଡି ପର୍ବତଶ୍ରେଣୀର ଭୀଷଣ ଦର୍ଶନ-ଜାଳମା ଦଶପଲ୍ଲା ରାଜ୍ୟ-ସୀମା ପର୍ଯ୍ୟନ୍ତ ବିସ୍ତୃତ । ଏହାର ସର୍ବୋଚ୍ଚ ଶୃଙ୍ଗର ଉଚ୍ଚତା ୧୬୨୯ ଫୁଟ ଏବଂ ଏହା ଦେଖିବାକୁ ଠିକ୍ ଉତ୍ତୋଳିତ ଫଣ ସର୍ପ-ଭଳି । ଏହି ମାର୍ଗ ଖଣ୍ଡପଡାର ନୂଆଗଡ଼ା ଗ୍ରାମ ଅର୍ଥାତ୍ ଦଶପଲ୍ଲାର ପ୍ରାନ୍ତ ପର୍ଯ୍ୟନ୍ତ ଗେଡବାବୁଙ୍କର ଅମଳରେ ନିର୍ମିତ ହୋଇଅଛି ।

ଶରତ୍କାଳର ପ୍ରଖର ରବି-କର ମର୍ତ୍ତ୍ୟଭୂମି ଆଚ୍ଛନ୍ନ କରିଦେଲା ଏବଂ କ୍ରମଶଃ ବେଳ ବେଶିହେବାରୁ ରୌଦ୍ର ତେଜ କଠିଣ ହୋଇ ସ୍ୱକୀୟ ଲୀଳା—ବିଳାସ ବିଧାନ କରିଦେଲା ।

ଦଶପଲ୍ଲା ରାଜ୍ୟରେ ପ୍ରବେଶକରି ଏହାର ଜଗନ୍ନାଥ-ପ୍ରସାଦ ନାମକ ପ୍ରଥମ ଗ୍ରାମରେ ମଧ୍ୟାହ୍ନବାସ ସକାଶେ ପ୍ରସ୍ତୁତ ହେଲୁଁ । ଏଠାରେ ଭବଗ୍ରାହୀବାବୁଙ୍କର ଆଦେଶାନୁସାରେ ସମସ୍ତ ସୁବିଧା ହୋଇଥିଲା । ଏ ଗ୍ରାମଟି ସମୃଦ୍ଧ; ପୁଷ୍କରଣୀ, ଦେଉଳ ପ୍ରଭୃତି ଏହାର ଶୋଭା ବୃଦ୍ଧି କରୁଅଛି ।

ଅପରାହ୍ନ ଅଢ଼େଇଟା ବେଳେ ଏଠାରୁ ଅଗ୍ରସର ହେଲୁଁ । ଅଳ୍ପଦିନର ଉତ୍ତାରୁ ଗଣିଆଠାରୁ ଦଶପଲ୍ଲା ଗଡ଼ ପର୍ଯ୍ୟନ୍ତ ଯେଉଁ ମାର୍ଗ ନିର୍ମିତ ହୋଇଅଛି, ସେହି ମାର୍ଗ ଅବଲମ୍ବନ କରିବାକୁ ହେଲା । ମାର୍ଗର ଦକ୍ଷିଣପାର୍ଶ୍ୱରେ ଦଶପଲ୍ଲାର ବଙ୍କାମୁଣ୍ଡା ପର୍ବତ ଏବଂ ଅଗଣିତ ଶୈଳଶ୍ରେଣୀ ଏବଂ ବାମପାର୍ଶ୍ୱରେ ଖଣ୍ଡପଡ଼ା ନୟାଗଡ଼ ଏବଂ ଦଶପଲ୍ଲାର ଶୈଳଶ୍ରେଣୀ ପୁଞ୍ଜୀଭୂତ ହୋଇ ଶୈଳ—ସମ୍ମିଳନର ବିରାଟ ଦୃଶ୍ୟ ନଭଃପଟରେ ଅଙ୍କନକରି ଦେଇଥିଲେ । ସୂର୍ଯ୍ୟର ଶେଷରଶ୍ମି ଯେତେବେଳେ ମାୟାତୁଳିକା ସ୍ପର୍ଶରେ ପଶ୍ଚିମାକାଶ ରଞ୍ଜିତକଲା ସେତେବେଳେ ଏକ ଅଜ୍ଞାତ ମାୟାରାଜ୍ୟର ସୀମାରେଖା ନିକଟକୁ କିଏ ମୋହୋର ମନକୁ ଟାଣିନେଲା; କିଏ କହିବ ?

ସନ୍ଧ୍ୟାର ଅବ୍ୟବହିତ ପରକ୍ଷଣରେ ଆମ୍ଭେମାନେ ଦଶ-ପଲ୍ଲାର କୁଞ୍ଜବନ ଗଡ଼ରେ ଉପସ୍ଥିତ ହେଲୁଁ । ଗଡର ମାର୍ଗପାର୍ଶ୍ୱସ୍ଥିତ ପୁଷ୍କରଣୀ ଘାଟର ଚତ୍ୱରରେ ଭବଗ୍ରାହୀ ବାବୁ ଉପବିଷ୍ଟ ଥିଲେ—ଅନେକଦିନ ଉତ୍ତାରୁ ସାକ୍ଷାତ୍ ହେଲୁମାନେ ସ୍ନେହାଲିଙ୍ଗନରେ ମୁଗ୍ଧ କରିଦେଲେ । ଏହାଙ୍କର ପ୍ରତିଭା ପ୍ରଦୀପ୍ତ ଶାନ୍ତ ମୁଖଶ୍ରୀର ଦୃଷ୍ଟିରୁ ପ୍ରୀତି ଉଜ୍ଜ୍ୱଳ ପଡୁଥିବାପ୍ରାୟ ବୋଧହେଲା । ପ୍ରଶାନ୍ତ ଲଲାଟରେ ଗରିମାଲେଖା ଅଭ୍ରାନ୍ତଭାବରେ ଅଙ୍କିତ । ଦୃଷ୍ଟିରେ ଅନନ୍ତ-ଭାଷା, ଅନନ୍ତ ଅତୃପ୍ତି ଏବଂ ଅନନ୍ତ ଆକାଂକ୍ଷା ଉଦ୍ବେଳିତ ।

ଏହାଙ୍କସହିତ ଦଶପଲ୍ଲାର ତହସିଲଦାର ବାବୁ ଗୋବିନ୍ଦପ୍ରସାଦ ସିଂହ ମହାଶୟ ଆସୀନ ଥିଲେ । ଏ ମହାଶୟ ବାଲ୍ୟକାଳରୁ ମୋହୋର ସୁପରିଚିତ । ସରଳତା ଓ ଉଦାରତା ଏହାଙ୍କର ଚରିତ୍ରଗୁଣ ।

ଉଭୟଙ୍କର ସୌଜନ୍ୟ ଓ ଶିଷ୍ଟାଗ୍ରହରେ ଆକୃଷ୍ଟ-ହୋଇ ମୋହୋର ଆବାସସ୍ଥଳ ଡାକବଙ୍ଗଳାକୁ ଗଲି । ଉଭୟେ ସେଠାରେ ବହୁକ୍ଷଣ ବ୍ୟାପୀ ବାକ୍ୟାଳାପରେ ମୋତେ କୃତାର୍ଥ କରିଦେଲେ । ଅନେକଦିନର ବନ୍ଧୁ ପୁରାତନ କଥା ମଧ୍ୟରେ ସମସ୍ତେ ପ୍ରାୟ ଦୁଇଘଣ୍ଟା ନିମ-ଜ୍ଜିତ ରହିଥିଲୁଁ ।

ଡାକବଙ୍ଗଳାଟି କ୍ଷୁଦ୍ର ହେଲେହେଁ କୁଆଁରିଆ ନଦୀ ଉପରେ ଅବସ୍ଥିତ । ନଦୀର ଅପରପାର୍ଶ୍ୱରେ କ୍ଷୁଦ୍ର ଅରଣ୍ୟ ବିସ୍ତୃତ—ନିକଟରେ ନଦୀଉପରେ ନୟାଗଡ଼ ମାର୍ଗକୁ ଯିବାସକାଶେ ପ୍ରକାଣ୍ଡ ଲୌହସେତୁ । ଏହିସ୍ଥାନ ଏକ-ସମୟରେ ବ୍ୟାଘ୍ର ଭଲ୍ଲୁକଙ୍କର ଆବାସସ୍ଥଳ ଥିଲା, ସମସ୍ତ ଜଙ୍ଗଲ ପରିଷ୍କାରକରି ଏହି ବଙ୍ଗଳା ନିର୍ମିତ ହୋଇଅଛି ।

Digitized by srujanika@gmail.com

ପରଦିନ ପ୍ରତ୍ୟୁଷରୁ ଦଶପଲ୍ଲାଗଡର ସମସ୍ତ ଅଂଶ ଦେଖିଲି । ବସତି ହିସାବରେ ଏହା କ୍ଷୁଦ୍ର ହେଲେହେଁ ଭବଗ୍ରାହୀ ବାବୁଙ୍କ ପ୍ରସାଦରୁ କୁଞ୍ଜବନଗଡ ନାମ ସାର୍ଥକ ହୋଇଅଛି । ନାରିକେଳ ଓ ଆମ୍ରବୃକ୍ଷ ଉଭୟ ପାର୍ଶ୍ୱରେ ସଯତ୍ନ ରୋପିତ । ଏହି ବୃକ୍ଷସମୂହର ରକ୍ଷଣାବେକ୍ଷଣ ପ୍ରତି ସର୍ବଦା କର୍ତ୍ତୃପକ୍ଷଙ୍କ ସତର୍କ ଦୃଷ୍ଟି । କେବଳ ଏତିକି ନୁହେଁ—ଦଶପଲ୍ଲା ରାଜ୍ୟର ୫୬୮ ବର୍ଗ ମାଇଲବ୍ୟାପୀ ଭୂଖଣ୍ଡର ଅଧିକାଂଶ ଅଞ୍ଚଳରେ ଲକ୍ଷ ଲକ୍ଷ ଆମ୍ବ ଓ ତାଳଗଛ ବିଗତ ୨୨ ବର୍ଷହେଲା ଭବଗ୍ରାହୀ ବାବୁ ରୋପଣ କରି ରକ୍ଷଣାବେକ୍ଷଣ କରୁଅଛନ୍ତି—ଏଥିର ବିଶେଷତ୍ୱ ଏହି ଯେ ଏ ସମସ୍ତର ଫଳ ପ୍ରଜାମାନେ ଭୋଗକରିବେ ପ୍ରଜାମାନଙ୍କ ସହିତ ଏହି ସର୍ତ୍ତ ହୋଇଅଛି । ପ୍ରତି ଗ୍ରାମର ସୀମାନ୍ତରେ ତାଳଗଛ ରୋପିତ, ପ୍ରତ୍ୟେକ ମାର୍ଗର ଉଭୟ ପାର୍ଶ୍ୱରେ ବଉଳ ଶୁକୁଣ୍ଡା କମ୍ବା ଶିରୀଷ ପ୍ରଭୃତି ବୃକ୍ଷ ପରିବର୍ତ୍ତରେ ଆମ୍ର ବୃକ୍ଷ ରୋପିତ । ଶାସନସମ୍ବନ୍ଧୀୟ ସମସ୍ତ କାର୍ଯ୍ୟାଳୟ ସ୍କୁଲ ପ୍ରଭୃତି ଭବଗ୍ରାହୀ ବାବୁଙ୍କ ଅମଳରେ ନିର୍ମିତ ହୋଇଥିଲେହେଁ, ଭବଗ୍ରାହୀ ବାବୁଙ୍କର ଏହି ବୃକ୍ଷରୋପଣ କୀର୍ତ୍ତି ସମସ୍ତଙ୍କୁ ବଳିପଡିଅଛି । ଲକ୍ଷ ଲକ୍ଷ ଆମ୍ବ ଓ ତାଳ ଟାକୁଆ ସଂଗ୍ରହ କରି ସେଥିରୁ ଚଛି ଉତ୍ତାରି ଦଶପଲ୍ଲାର ପ୍ରତ୍ୟେକ ଅଞ୍ଚଳ, ଦୂରସ୍ଥିତ ଘୁମସର ପ୍ରାନ୍ତ କନ୍ଧ ପଲ୍ଲୀସମୂହରେ ସୁଦ୍ଧା ( ପ୍ରେରଣକରି ) ଲଗାଇ ବଞ୍ଚାଇବାର ବ୍ୟବସ୍ଥା କରିଅଛନ୍ତି, ଏବଂ ପ୍ରଜାମାନେ ଫଳଭୋଗୀ ହେବେ ବୋଲି ସର୍ତ୍ତ ଲିଖିତ ହୋଇ ଅଛି । ଏତଦ୍ୱାରା ଭବିଷ୍ୟତରେ ରାଜ୍ୟର ପ୍ରକୃତ ସମୃଦ୍ଧିର ଆଶା କରିବା ସଙ୍ଗତ ନୁହେଁ କି ?

ସକାଳ ଓଳି ରାଜବାଟୀକୁ ଯାଇ ଅପ୍ରାପ୍ତ-ବ୍ୟବହାର ରାଜା କିଶୋରଚନ୍ଦ୍ର ଭଞ୍ଜ ମହୋଦୟଙ୍କ ସହିତ ସାକ୍ଷାତ କଲି । ପାରିକୁଦ ରାଜବଂଶରୁ ଏ ପୋଷ୍ୟପୁତ୍ରରୂପେ ଦଶପଲ୍ଲା ସିଂହାସନରେ ଗୃହୀତ । ରାୟପୁର ରାଜକୁମାର କଲେଜରେ ରାଜା ମହୋଦୟ ବର୍ତ୍ତମାନ ଶିକ୍ଷାଲାଭ କରୁଅଛନ୍ତି । ଏହାଙ୍କ ସହିତ ପ୍ରାୟ ଦୁଇଘଣ୍ଟା ବ୍ୟାପୀ ନାନା ବିଷୟରେ କଥୋପକଥନ ହେଲା । ଏହାଙ୍କର ମଧୁର ରୂପରେ, କଣ୍ଠସ୍ୱରର ସ୍ନିଗ୍ଧ ମାଧୁରୀରେ, ସ୍ନିଗ୍ଧୋଜ୍ଜ୍ୱଳ ନୟନ ଯୋଡିକର ସରଳ ମଧୁମୟ ହାସ୍ୟରେ ଏ ଭଳି ଗୋଟିଏ ଭାବ ଉଚ୍ଛୁଳି ଉଠୁଥିଲା, କି ଭଳି ଅମୃତମୟ ପୁଣି ଦେବତ୍ୱର ଆଭାସ ତହିଁରେ ପ୍ରକାଶିତ ହେଉଥିଲା ଯହିଁରେ ତାହାଙ୍କ ଆଡ଼କୁ ଅନ୍ତରର ଗଭୀରତମ ପ୍ରଦେଶରୁ ଗୋଟିଏ ସଶ୍ରଦ୍ଧ ସ୍ନେହାକର୍ଷଣ ଆସିବା ସ୍ୱାଭାବିକ ।

ରାଜବାଟୀର ସିଂହଦ୍ୱାର ଏବଂ ମଧ୍ୟ ଅଗଣାର ଦ୍ୱାର-ଖିଡିକିମାନଙ୍କରେ ଅନେକ ଛିଦ୍ର—ପୂର୍ବ କନ୍ଧ-ମେଳିର ସୂଚନା ଦେଉଅଛି । ଏହି ସମସ୍ତ ଛିଦ୍ରଦ୍ୱାରା ରାଜବାଟୀରେ ଥିବା କର୍ମଚାରିବୃନ୍ଦ ୪ଟି ରାଜଦେବାରବୃନ୍ଦ ବନ୍ଧୁକର ଗୁଳିରେ ଆତ୍ମରକ୍ଷା କରିବାକୁ ସମର୍ଥ ହୋଇଥିଲେ । ଏ ସମ୍ବନ୍ଧରେ ଅନେକ ଅବାନ୍ତର କଥା ଚତୁର୍ଦ୍ଦିଗରେ ଆତ୍ମପ୍ରକାଶ କରିଥିଲେହେଁ, ଅଧିକାଂଶ କଥାଗୁଡିକ ରାଜନୀତି ସଂଶ୍ଳିଷ୍ଟ; ସୁତରାଂ ମୁଁ ତହିଁରେ ସବୁକାଳରେ ନୀରବ । ବର୍ତ୍ତମାନ ସମସ୍ତ ଗଣ୍ଡଗୋଳ ପ୍ରଶମିତ ଏବଂ ଦଶପଲ୍ଲା ରାଜ୍ୟର ଭାବୀ ମଙ୍ଗଳ ସକାଶେ ଭବଗ୍ରାହୀ ବାବୁ ପୂର୍ଣ୍ଣ ମନୋଯୋଗୀ । ଏତିକି ଦେଖି ଆମ୍ଭେମାନେ ପରିତୃପ୍ତ ହେଲୁଁ ଯେ କୁଞ୍ଜବନ ଗଡର ସାମାନ୍ୟ ପରିମିତ ଭୂମି ସୁଦ୍ଧା ବୃଥା ଛାଡ଼ନାହିଁ, କୌଣସି ରୂପ ଆୟକର ଉଦ୍ଭିଦ ଦ୍ୱାରା ସେହି ଭୂମି ମଣ୍ଡିତ ହୋଇଅଛି । କେବଳ ଗଡ଼ ନୁହେଁ, ରାଜ୍ୟର ପ୍ରାୟ ସର୍ବତ୍ର ଏହି ଚେଷ୍ଟା ଲାଗିଅଛି । ସମସ୍ତ ଦିନବ୍ୟାପୀ ଏହି ସବୁ ଦର୍ଶନ ଓ ତଥ୍ୟ ସଂଗ୍ରହରେ ବ୍ୟାପୃତ ରହିଲି । ଗୋଟିଏ ଅହୋରାତ୍ର ଭବଗ୍ରାହୀ ବାବୁଙ୍କର ସାମୀପ୍ୟ ଓ ସାହଚର୍ଯ୍ୟରୁ ମୋହର ହୃଦୟ ତାହାଙ୍କ ପ୍ରତି ଲାଖି ରହିଥିଲା । ଏହି ସାମାନ୍ୟ ସମୟବ୍ୟାପୀ ଅବସ୍ଥାନ ମୋତେ ପୂର୍ଣ୍ଣ ଅତୃପ୍ତିରେ ବୁଡ଼ାଇ ଦେଇଥିଲା ମାତ୍ର । ରାଜକାର୍ଯ୍ୟରେ ସେ ଦୂରବର୍ତ୍ତୀ ଘୁମସର ଅଞ୍ଚଳକୁ ଶୀଘ୍ର ଯିବେ ବୋଲି ମୁଁ ତାହାଙ୍କଠାରୁ କୃତଜ୍ଞ ହୃଦୟରେ ବିଦାୟ ଗ୍ରହଣ କରିବାକୁ ବାଧ୍ୟ ହୋଇଥିଲି ।

ପରଦିବସ ପ୍ରାତଃକାଳରୁ ଆକାଶରେ ଭୀଷଣ ମେଘୋଦୟ ଦେଖି ଆମ୍ଭେମାନେ ଅତି ସତ୍ୱର ଖଣ୍ଡପଡା ଗଡ଼ ଅଭିମୁଖରେ ବାହାରିଲୁଁ । ଖଣ୍ଡପଡ଼ାର ସୀମାନ୍ତ ଗ୍ରାମ ନୂଆପଡାର ଅନତିଦୂରରେ କୁଆଁରିଆ ଗିରିନଦୀ ପ୍ରବାହିତା । ଏହି ନଦୀ ଅତିକ୍ରମ କରି ଆମ୍ଭେମାନେ ଶାରଦୀୟ ବର୍ଷାର ବିରାଟ ମହିମା ଉପଭୋଗ କଲୁଁ ।

Digitized by srujanika@gmail.com

ଏଠାରେ ମୁଁ ପାଲ୍କୀ ପରିତ୍ୟାଗ କରି ପାଲ୍କୀ ପଶ୍ଚାତ୍ତରେ କର୍ଦ୍ଦମାକ୍ତ ପିଚ୍ଛିଳ ମାର୍ଗରେ ଚାଲିଲି ।

ଚପଳା—ଚମକିତ ଶାରଦୀୟ ବୃଷ୍ଟି ଆବିର୍ଭୂତା ହେଲା । ଏହା ଆଷାଢ଼ର ପ୍ରଥମ ଦିବସର କ୍ରୀଡ଼ାରତ ମତ୍ତକରିସମ ଆକାଶ—ଗାତ୍ରରେ ନବନୀଳ ମେଘଖଣ୍ଡ ନୁହେ, ଘନମେଘରେ ଆଦ୍ୟନ୍ତ ଭରା ଆଶ୍ୱିନର ଅପରାହ୍ଣ । ଆକାଶ ଘନ-ନୀଳ-ମେଘମାଳାରେ ଆବୃତ, କାନନରେ ଘନ ଗାଢ଼ ଶ୍ୟାମଳିମା ତରଳ କୁଜ୍ଝଟିକା ବ୍ୟାପ୍ତ—ବିରହୀ ନିଶ୍ୱାସ ଯେପରି ଶତ ଶତ ବିରହୀଙ୍କର ବାଷ୍ପମୟ ହୃଦୟ ଖୋଜି କାନ୍ଦି ଉଠୁଅଛି । ଚତୁର୍ଦ୍ଦିଗ କୌଣସି ମନ୍ତ୍ରବଳରେ ସ୍ତିମିତ ଆଛନ୍ତି, କେବଳ ମଧ୍ୟେ ମଧ୍ୟେ କନକ-ନିକଷ ସ୍ନିଗ୍ଧ ବିଦ୍ୟୁତ୍ ସ୍ଫୁରିତ ନତମୁଖ ପଲ୍ଲବସମୂହର ଚକ୍ଷୁରୁ ଅଶ୍ରୁଜଳ ଝର ଝର ହୋଇ ଝଡ଼ି ପଡ଼ୁଅଛି । କୋଟି ଅଶ୍ରୁସିକ୍ତ ନୟନ-ନୀର ଅବିଶ୍ରାନ୍ତ ବର୍ଷିତ ଏବଂ ସମସ୍ତ ଧରଣୀର ମୁଖଛବି ଶୋକାଛନ୍ନ ବୋଲି ବୋଧ ହେଉଥିଲା ।

ଏହି ପିଚ୍ଛିଳ ମାର୍ଗରେ ଚାଲୁଁ ଚାଲୁଁ ୪।୫ ଥର ପତନରୁ ମୁଁ ରକ୍ଷା ପାଇଥିଲେହେଁ, ଅନବରତ ବୃଷ୍ଟିରେ ଯଥେଷ୍ଟ ପରିମାଣରେ ଭିଜିବାକୁ ହୋଇଥିଲା । ଏହି ଆର୍ଦ୍ରାବସ୍ଥାରେ କୋଶକଗ୍ରାମ ଅତିକ୍ରମକରି ଖଣ୍ଡପଡ଼ା ରାଜ୍ୟର ଅଁଲାପଟା ନାମକ ସୁବୃହତ୍ ଖମାର ଗୃହରେ ଉପସ୍ଥିତ ହେଲୁଁ । ଏହାକୁ ଖମାରଗୃହ ନ କହି ରାଜ-ନିବାସ କହିଲେ ଅଧିକତର ସଙ୍ଗତହେବ । ସ୍ୱର୍ଗୀୟ ରାଜା ନଟବର ସିଂହ-ଙ୍କର ଏହିଭଳି ଖମାରଗୃହ ରାଜ୍ୟରେ ଆଉ ୩।୪ ସ୍ଥାନରେ ରହିଅଛି । ଏହାମଧ୍ୟରେ ଓରବାଲୁ ଗ୍ରାମରେ ଖମାରଗୃହ ପ୍ରଧାନ । ଏହା ନିକଟରେ ଗୋଟିଏ ଉଷ୍ଣ ପ୍ରସ୍ରବଣ ଅଛି । ଅଁଲାପଟାର ଖମାର ଗୃହର ପ୍ରାୟ ୪।୫ ଗୋଟି ସୁବୃହତ୍ ଅଗଣା—ପ୍ରତ୍ୟେକ ଅଗଣାର ଚତୁଃପାର୍ଶ୍ୱରେ ପ୍ରକାଣ୍ଡ ପ୍ରକାଣ୍ଡ ଗୃହଶ୍ରେଣୀ, ଉଦ୍ୟାନ, କୂପ ପ୍ରଭୃତିରେ ଏହି ଖମାରଗୃହ ମଣ୍ଡିତ । ଏହି ଗୃହର ଏକକୋଣରେ ଆମ୍ଭେମାନେ ରାତ୍ରି-ବାସର ସୁବିଧାପାଇଁ କୃତାର୍ଥ ହେଲୁଁ । ସମସ୍ତ ରାତ୍ରିବ୍ୟାପୀ ବୃଷ୍ଟି, ମେଘ ଗର୍ଜ୍ଜନ ଓ ପବନର ଭୀଷଣ ଶବ୍ଦର ବିରାମ ଲକ୍ଷିତ ହେଲାନାହିଁ ।

ପରଦିନ ପ୍ରତ୍ୟୁଷରୁ ଆମ୍ଭେମାନେ ଖଣ୍ଡପଡ଼ା ଗଡ଼ରେ ଉପସ୍ଥିତ ହେଲୁଁ । ଏଠାରେ ସପ୍ତାହବ୍ୟାପୀ ଦିବାରାତ୍ରି ବର୍ଷା ହେଉଥିଲା । ମାତ୍ର ଏହି ବୃଷ୍ଟିର ପ୍ରକୋପ ସତ୍ତ୍ୱେକରି ସୁଦ୍ଧା କେତେକ ପ୍ରାକୃତିକ ଦୃଶ୍ୟ ଦର୍ଶନଲାଭରୁ ବଞ୍ଚିତ ହୋଇନାହିଁ ।

ଦିନେ ଖଣ୍ଡପଡ଼ା ଗଡ଼ରୁ ଦୁଇମାଇଲ ଦୂରବର୍ତ୍ତୀ ଠାଙ୍ଗରା ଖପର ଶୈଳ ଆରୋହଣ କରିବାକୁ ଯାଇଥିଲି । ବ୍ୟାଘ୍ର ପ୍ରଭୃତି ହିଂସ୍ର ଜନ୍ତୁଙ୍କର ଉପଦ୍ରବ ନିବାରଣାର୍ଥ ୪।୫ ଜଣ ବାଣୁଆ ମଧ୍ୟ ମୋହୋସଙ୍ଗରେ ଯାଇଥିଲେ । ବର୍ଷାରେ ଶୈଳଗାତ୍ର ସ୍ଥାନେ ସ୍ଥାନେ ପିଚ୍ଛିଳ ହେଲେହେଁ ସୋପାନ ପରମ୍ପରାର ସଂଯୋଗରେ ଦ୍ୱିତଳ ଗୃହ ଉପରକୁ ଉଠିବାକୁ ଯେପରି କାହାର କଷ୍ଟ ହୋଇ ନ ଥାଏ ସେହି-ପରି ପର୍ବତର ଲମ୍ବିତ, ଆନତ ଓ ବୃକ୍ଷଦେହ ଭାଙ୍ଗି ତାହାର ଶିଖରଦେଶରେ ଉପନୀତ ହେବାକୁ କାହାର କିଛିମାତ୍ର କଷ୍ଟ ଅଥବା ଶ୍ରମବୋଧ ହେଲାନାହିଁ । ଶିଖର-ଦେଶ ପ୍ରଶସ୍ତ ସୁତରାଂ ତାହା ବିସ୍ତୃତ, ଈଷତ୍ ଆନତ କୃଷ୍ଣ ପ୍ରସ୍ତରର ପ୍ରାଙ୍ଗଣ ବୋଲି ପ୍ରତୀୟମାନ ହେଉଥିଲା । ଏହାଉପରୁ ଖଣ୍ଡପଡ଼ାର ସର୍ବୋଚ୍ଚ ପର୍ବତ ରାଜଗିରିର ଅପରୂପ ଦୃଶ୍ୟ ଏବଂ ଗୋଶୃଙ୍ଗ ପର୍ବତର ଗାଢ଼ ନୀଳିମା ଦେଖି ମୁଗ୍ଧ ହେଲି । ନରସିଂହପୁର ରାଜ୍ୟର ବୁଢ଼ାବୁଢ଼ୀ ଘାଟିର ବିଶାଳ ଦନ୍ତୁରିତ ନୀଳିମା ଗଗନପଟରେ ଚିତ୍ରାଙ୍କିତ ମହାନଦୀତୀରସ୍ଥ ଖଣ୍ଡପଡ଼ା ରାଜ୍ୟର ସିଧାମୂଳା ପର୍ବତ ଖଣ୍ଡପଡ଼ାର ଅଗଣିତ ଶୈଳାବଳୀ ମଧ୍ୟରୁ ଉଙ୍କି ମାରୁଅଛି । ବାଙ୍କିର ଶୈଳାବଳୀ, ଦୂରଦିକ୍‌ପଟରେ ଧାନ୍ୟକ୍ଷେତ୍ର ମଧ୍ୟରୁ ବୈଦ୍ୟେଶ୍ୱର ନିକଟସ୍ଥ ଅଲସୁଆ ଶୈଳ—ପ୍ରକାଣ୍ଡ ବାନର ମୁହଁପୋତି ବସିଥିବା ଦୃଶ୍ୟର ଭ୍ରମ ଉପୁଜାଉଅଛି । ଦକ୍ଷିଣ ପୂର୍ବକୁ ଖଣ୍ଡପଡ଼ା ରାଜ୍ୟର ଓଳାସର ପର୍ବତଶ୍ରେଣୀ ଖୋରଧା ଅଞ୍ଚଳର କେତେକ ଅଜ୍ଞାତନାମା ଶୈଳ ଏବଂ ଅପରପାର୍ଶ୍ୱରେ ଦଶପଲ୍ଲା ରାଜ୍ୟର ଅଗଣିତ ପର୍ବତମାଳା ଗଗନ ସ୍ପର୍ଶ କରିଅଛି । ଏହା ଉପରରୁ ମେଘସମୂହର ନାନାଲୀଳା ଦେଖି ଧନ୍ୟ-ହେଲି ! ମେଘସମୂହ କୁଞ୍ଚିତ ଧୂମରାଶି ପ୍ରାୟ ଘନବନ୍ୟସ୍ତ କାର୍ପାସରାଶି ପ୍ରାୟ ପର୍ବତର ନିବିଡ଼ ଅରଣ୍ୟମଧ୍ୟରେ ଓ ଉପରେ ଖେଳି ବୁଲୁଅଛି, କେଉଁଠାରେ ପର୍ବତରୁ ଓହ୍ଲାଇପଡ଼ି ପବନ ସହଚର ସାହଚର୍ଯ୍ୟରେ ପର୍ବତର ତଳଦେଶରେ ପ୍ରଚଣ୍ଡ ବୃଷ୍ଟିଧାରାର ସୂଚନା କରୁଅଛି ।

Digitized by srujanika@gmail.com

ଏଥିରୁ ଅବତରଣକରି ଆମ୍ଭେମାନେ ପ୍ରାୟ ଏକ-ମାଇଲ ଦୂରବର୍ତ୍ତୀ ବଡଠାସର ନାମକ ପ୍ରକାଣ୍ଡ ପଥର ଚଟାଣ ଦେଖିବାକୁ ଯାଇଥିଲୁଁ । ଏହି ଚଟାଣଟି ପ୍ରାୟ ୨୦୦୦ ହାତ ଲମ୍ବ ଏବଂ ସ୍ଥଳ ବିଶେଷରେ ୨୦୦ ହାତରୁ ୫୦୦ ହାତ ପର୍ଯ୍ୟନ୍ତ ଚଉଡ଼ା । ସ୍ୱର୍ଗୀୟ ରାଜା ନଟବର ସିଂହ ଏହା ନିକଟରେ ନାନାପ୍ରକାର ଗଛ ଲଗାଇ ଅନେକ ଘର ପ୍ରସ୍ତୁତକରି କୂପ, ପୁଷ୍କରଣୀ ଖୋଳାଇ ଏହାକୁ କାନନ ବିହାରର ସର୍ବୋତ୍କୃଷ୍ଟ ଆଶ୍ରମରୂପେ ପରିଣତ କରିଥିଲେ । ବର୍ତ୍ତମାନ ଗୃହ-ଗୁଡିକର ପରିତ୍ୟକ୍ତ ଭିତ୍ତି, କନିଅର, କାଠଚମ୍ପା, ଲେମ୍ବୁ, ପଣସ, ସାଗୁଆନ ପ୍ରଭୃତି ବୃକ୍ଷ ସମୂହ ଘୋରାରଣ୍ୟ-ମଧ୍ୟରେ ଜୀବିତ ରହି ପୂର୍ବ ଗୌରବର ସାକ୍ଷ୍ୟପ୍ରଦାନ କରୁଅଛି, ମାତ୍ର ଚତୁର୍ମ୍ମାସ୍ୟା ସମୟରେ ସ୍ୱର୍ଗୀୟ ରାଜା ନଟବର ସିଂହଙ୍କର "ବଡ ଠାସରଭୋଜ" ନାମରେ ଗୋଟିଏ ପ୍ରଧାନ ଉତ୍ସବ ବହୁଦିନ ପର୍ଯ୍ୟନ୍ତ ଲାଗିରହୁ-ଥିଲା । ରାଜ୍ୟର ପ୍ରଜା, ବ୍ରାହ୍ମଣ ଓ ଭଦ୍ରଲୋକମାନଙ୍କୁ ନିମନ୍ତ୍ରଣକରି ଏଠାରେ ଆମୋଦ ପ୍ରମୋଦ ଓ ଆହାର୍ଯ୍ୟ ପ୍ରଦାନ କରିବାର ଯଥେଷ୍ଟ ବ୍ୟବସ୍ଥା ଥିଲା । ଆଜିପର୍ଯ୍ୟନ୍ତ ଏହି କଥାମାନ ସ୍ମରଣକରି ବହୁଲୋକେ ଝୁରୁଥାଆନ୍ତି ।

ଏହାର ପରଦିନ ଗଡର ଅତି ନିକଟବର୍ତ୍ତୀ ମାଲତି-ମୁଣ୍ଡିଆ ଓ ସେବତି ମୁଣ୍ଡିଆ ଉଭୟ ଶୈଳରେ ଆରୋହଣ କରିଥିଲି । ଉଭୟ ଶୈଳ କ୍ଷୁଦ୍ର ହେଲେହେଁ ଚତୁର୍ଦ୍ଦିଗର ଦୃଶ୍ୟରାଜି ଅତ୍ୟନ୍ତ ମନୋ-ମୋହକର । ଏହା-ଉପରେ ଚେଣ୍ଡ୍ରିଆମର୍ଦ୍ଦନନାମକ ଏକପ୍ରକାର ବୃକ୍ଷ ଦେଖିଲି । ଅନେକ ପରିମାଣରେ ଏହା ଧଅ ବୃକ୍ଷର ଅନୁ-ରୂପ ହେଲେହେଁ ଏହାର କାଣ୍ଡ ଶୁକ୍ଳତାରେ ସମସ୍ତଙ୍କର ମନୋହରଣ କରୁଅଛି ।

ଗଡର ନିମ୍ନରେ ଯେଉଁ ସୁନାମୁହିଁ ଗିରି-ନଦୀ ପ୍ରବା-ହିତା ହେଉଅଛି ଏହାର ଗୋଟିଏ ଅଂଶରେ ଜଣେ ପରମହଂସଙ୍କର ଅନେକ ଦିନର କୁଟୀର ରହିଅଛି ଏବଂ ଏହା ନିକଟରେ ଗୋଟିଏ ବକୁଳ ବୃକ୍ଷମୂଳରେ ଚତ୍ୱର ପ୍ରତିଷ୍ଠିତ । ଏହି ଚତ୍ୱର ଉପରେ ସନ୍ଧ୍ୟାପୂର୍ବରୁ କିଛୁ-ସମୟ ଅତିବାହିତ କରିବାର ସୁଯୋଗ କେତୋଟି ଦିନ ମୁଁ ପାଇଥିଲି । ଦୂରବର୍ତ୍ତୀ ଜଗନ୍ନାଥ ଏବଂ ଗୋପୀନାଥ-ଙ୍କର ଦେଉଳ ସମୂହର ଘଣ୍ଟାଧ୍ୱନିତ ହୋଇ ଛାୟାଚ୍ଛନ୍ନ ଗଗନତଳ ଧୂପବନ୍ଦ ବନ୍ଦନା ଗୀତରେ ପରିପୂର୍ଣ୍ଣ ହେଉ-ଥାଏ ଏବଂ ସୁନାମୁହିଁ ନଦୀର ଅପରପାର୍ଶ୍ୱସ୍ଥିତ ବଣ ମଧ୍ୟରୁ ଶୃଗାଳର " ହୁକ୍କା,ହୁଆ ଡାକ ଏହା ସହିତ ମିଶିଯାଏ । ଆକାଶରେ ଅସଂଖ୍ୟ ହୀରକଖଣ୍ଡ, ନିମ୍ନରେ ବୃକ୍ଷ ସମୂହରେ ଅଗଣିତ ଖଦ୍ୟୋତ ପ୍ରଭା, ଏବଂ ବୃକ୍ଷତଳର ସ୍ତୂପୀକୃତ ଅନ୍ଧକାରମଧ୍ୟରେ ଝିଲ୍ଲିଦଳ ତାର ସ୍ୱରରେ ଅଶ୍ରାନ୍ତ ସଙ୍ଗୀତାଲାପ କରି ବିଜନ ସ୍ଥାନର ନୈଶ ଗାମ୍ଭୀର୍ଯ୍ୟ ଶତ-ଗୁଣ ବର୍ଦ୍ଧନ କରୁଥାଆନ୍ତି । ଏଠାରେ ସ୍ମରଣହେଲା— ଯେତେବେଳେ ଶିଶୁ ଥିଲି, ସେତେବେଳେ ଅନ୍ଧକାର-ଆଡକୁ ହାତ ବଢ଼ାଇ ଆଈ କହୁଥିଲେ " ସେଠାରେ କୋକବାୟା ବସିଅଛି, ଯେଉଁ ପିଲା କାନ୍ଦିବ, ତାହାକୁ-ଘେନି ପଳାଇବ ।" ଏହା ଶୁଣି ରୋଦନ ଓ ଚାପଲ୍ୟ ଉଭୟହିଁ ଅନ୍ତର୍ହିତ ହେଉଥିଲା । ଭୟରେ ଛାତି କମ୍ପି-ଉଠୁଥିଲା ଏବଂ ଆଈଙ୍କର ମାଳାକୋଳ ତଳେ ମୁଣ୍ଡ-ଗୁଞ୍ଜିଦେଇ ତାହାଙ୍କର ପଣନ୍ତରେ ଆଶ୍ରୟ ନେଉଥିଲି । ବାଲ୍ୟକାଳର ପାଳୟିତ୍ରୀ, ସ୍ନେହ, ଆଦର ଓ ଯତ୍ନ ପ୍ରଭୃ-ତିର ଅକ୍ଷୟ-ଭଣ୍ଡାର, ସଂସାର-ସୁଖର କେନ୍ଦ୍ର-ସ୍ୱରୂପିଣୀ ପରାର୍ଥମୟୀ ମାତୃଦେବୀ ମଧ୍ୟ ସ୍ତନ୍ୟପାନ ସମୟରେ ଏହିଭୟ ଦେଇ ଯାଇଥିଲେ । ସେ ସଂସାରରୁ ବିଦାୟ ନେଇଯାଇ ଅଛନ୍ତି, ମାତ୍ର ଏହି ଭୟ ଆଜଯାଏ ଗଲାନାହିଁ କାହିଁକି ? ଯେତେ ଶିକ୍ଷିତ ହୁଅନ୍ତୁ ପଛକେ ଗଛତଳ ଅନ୍ଧାରରେ କି ଅନିର୍ଦ୍ଦିଷ୍ଟ ଓ ଅନିର୍ଦ୍ଦେଶ୍ୟ ଭୟ ଲୁଚିରହିଥାଏ, ସେଠାକୁ ଗଲାମାତ୍ରେହିଁ ମନେ ପଡିଯାଏ । ଶିକ୍ଷିତମାନେ କେବଳ ସର୍ପଭୟ କଥାକହି ଭୁଲାଇ ଦେଇପାରନ୍ତି, ମାତ୍ର ହୃଦୟମଧ୍ୟରେ ସେହି ଅନ୍ଧକାରରେ କଅଣ ଅଜ୍ଞାନିତ ଭୟ ଲୁଚି ରହିଥାଏ କିଏ କହିବ ?

ଖଣ୍ଡପଡା ରାଜ୍ୟରେ ସଙ୍ଗୀତର ଚର୍ଚ୍ଚା ଯଥେଷ୍ଟ ରହିଅଛି, ସାନବଡ ମିଶି ପ୍ରାୟ ୫୬।୫୮ ଗୋଟା ନୃତ୍ୟଦଳ ଅଛନ୍ତି । ୪।୫ ଗୋଟାଦଳର ଅଭିନୟଦେଖିବାର ସୁବିଧାମୋହୋର ର ସନ୍ଧ୍ୟାରେ ହୋଇଥିଲା ପ୍ରାଚୀନ ଓଡିଆ ରାଗିଣୀର କେତେକ ଗୀତ ଏଠାରେ ଶୁଣି ବଡ ଆନନ୍ଦିତହେଲି । ଆଜକାଲି ଶିକ୍ଷିତ ସମାଜରୁ ପ୍ରାଚୀନ ଓଡିଆ ଗୀତ ସମୂହର ଆଦର ଉଠି-

Digitized by srujanika@gmail.com

ଗଲଣି—ଯାହା ରହିଅଛି ଅଳ୍ପଦିନ ମଧ୍ୟରେ ଲୁପ୍ତହେବ । ଜୀବନୀ ଶକ୍ତିର କ୍ରମଶଃ ହ୍ରାସହିଁ ଏହାର ସର୍ବପ୍ରଧାନ କାରଣ । ଅନ୍ୟାନ୍ୟ ବିଷୟରେ ସଂକ୍ଷିପ୍ତ ସଂସ୍କରଣର ପ୍ରଚଳନ ଯେପରି ଶକ୍ତିହ୍ରାସ କିମ୍ବା ଅକ୍ଷମତାର ପରିଚୟ ଦେଉଅଛି, କଠିନ ରାଗିଣୀର ଗୀତ ଗାଇବାର ମଧ୍ୟ ସେପରି ସମସ୍ତେ ପରାଙ୍ମୁଖ । ଏଥିରେ ନିଶ୍ୱାସ ପ୍ରଶ୍ୱାସର ଯେଉଁ ଶକ୍ତି ଆବଶ୍ୟକ ହୁଏ, ଯେତେ ବଳର ପ୍ରୟୋଜନ ହୁଏ, ଆଧୁନିକ ରାଗିଣୀର ଗୀତ ସମୂହରେ ତାହାର ଦଶମାଂଶ ସୁଦ୍ଧା ପ୍ରୟୋଜନ ହୋଇ ନ ଥାଏ । ପିଲାମାନଙ୍କର ଘୁଡ଼ି ଉଡ଼ାଇବା ଆଜକାଲି ଦେଖିଲେ ମଧ୍ୟ ଏହିଭଳି ଦେଖାଯାଏ । ୨୫।୩୦ ବର୍ଷ ପୂର୍ବେ ପିଲାମାନେ ଯେଉଁ ଘୁଡ଼ି ଉଡ଼ାଉଥିଲେ, ତାହା ପ୍ରକାଣ୍ଡ ମନୁଷ୍ୟାକୃତି ପ୍ରକାଣ୍ଡ ବିଭୁଜ ଚତୁର୍ଭୁଜ ଭଳି ଥିଲା, ମୋଟ ସୂତଲି ଆବଶ୍ୟକ ହେଉଥିଲା, ପ୍ରଚଣ୍ଡ ବିକ୍ରମ ଏବଂ ବଳ ବ୍ୟୟ ହେଉଥିଲା । ମାତ୍ର ଆଜ କାଲିର ଅଧଲା କିମ୍ବା ଏକପଇସାର ଘୁଡ଼ିରେ ପରୁସୂତା ଲଗାଇ ସହସ୍ର ସହସ୍ର ପିଲାମାନେ ଟାଣୁଅଛନ୍ତି, ସେମାନଙ୍କ ପକ୍ଷରେ ବେଶି ଓଜନର ବଡ଼ ଘୁଡ଼ି ଉଡ଼ାଇବା ଅସମ୍ଭବ ଏବଂ ଏହି ଘୁଡ଼ିର ଅସ୍ତିତ୍ୱ ଯେ ଏକ ସମୟରେ ଥିଲା ଏହା ସହଜରେ ବିଶ୍ୱାସ କରିବାକୁ ଅଧିକାଂଶ ପଶ୍ଚାତ୍ପଦ—କ୍ରମଶଃ ବଳ ଏବଂ ସାହସହୀନ ହୋଇ ପ୍ରତ୍ୟେକ ସାଂସାରିକ ଆଚରଣରେ ଏହିଭଳି ସୂକ୍ଷ୍ମତାର ଆବିର୍ଭାବ ହେଉ ଅଛି କିନା ?

ଓଡ଼ିଶାର ପ୍ରାଚୀନ ଓଡ଼ିଆ ଗୀତ ଏବଂ ଛନ୍ଦସମୂହର ଆଖଡ଼ା ପ୍ରଭୃତି ଗୋଟିପୁଅ ନାଚ ଉତ୍କଳର ଅତି ପ୍ରାଚୀନ ଓ ଶ୍ରେଷ୍ଠ ସମ୍ପତ୍ତି । ମାତ୍ର ଏହି ସମ୍ପତ୍ତି ରକ୍ଷଣାବେକ୍ଷଣର କୌଣସି ଚେଷ୍ଟା ଶିକ୍ଷିତ ସମାଜ ନିକଟରେ ଘୃଣ୍ୟ ବୋଲି ପରିଚିତ । ଅଧିକାଂଶ ପରିହାସ କରିବାକୁ ଉନ୍ମୁଖ । ଏ ସମ୍ବନ୍ଧରେ ବଙ୍ଗର ସୁବିଖ୍ୟାତ "ହିନ୍ଦୁ ପେଟ୍ରିୟଟ" ପତ୍ରିକା କଅଣ କହୁଅଛନ୍ତି ତାହା ଥରେ ଶିକ୍ଷିତ ସମାଜ ମନଦେଇ ଅବଧାନକୁ ଆଣନ୍ତୁ । ନିମ୍ନରେ ତହିଁରୁ କେତେକାଂଶ ଉଦ୍ଧୃତ କରିବା ଆବଶ୍ୟକ ମନେକଲୁ ।

Viewed from the standpoint of pure art, the action of the *Gutipo* dancers abounds with artistic beauties and histrionic brilliances that may well refute the plausible theory that we owe our stage wholly to Western imitation. The beautiful twinkle of their eyes, the graceful movements of their hands, a pose of dignity in all their bearings, charactrise their performance and raise it at times to the topmost rung of historionic art. Their play rise very much in our estimation when we contrast them with the ranting performances of the Bengali jatra parties, which forcibly put us in mind of the play of the Athenian mechanics in the Midsummer Nights dream. The *Gutipo* dance, as a piece of indigenous art having its roots in the religious life of the province, deserves sympathy and encouragement.

*

The part played in the mediaeval days in Europe by bards and roving ministrals in the survival of letters, has its humble counterpart in the work of *Gutipo* dances. They have done a distinct service to Oriya lterature which no one, as yet, has come forward to recognise. The master-writers of Oriya devotional poetry have attained their present popularity with the masses through the instrumentality of the "*Akhras*'. Literature that is confined to the happy few is sure to die out in course of ages. But when it is popularised and rooted deep in the affection of the people as a whole, its lease of life is almost interminable. The "*Akhras*" can claim as a matter of right a tribute of praise from every lover of literature, when they have kept alive the flame of learning by popularising the best Oriya poetry among the masses.—( *Hindoo Patriot Sept 8, 1917.* )

ବଙ୍ଗର ସୁପ୍ରସିଦ୍ଧ ସମ୍ବାଦପତ୍ରର ମତ ଏହିପରି । ଆଉ ଆମ୍ଭେମାନେ ଅଡ଼ହୂରରେ ଗୋଟିପୁଅ ନାଚକୁ ରଖି-ଦେବାକୁ ଅଭ୍ୟସ୍ତହୋଇ "ଅଶ୍ଳୀଳ" ଏବଂ "ଘୃଣ୍ୟ" ବୋଲି ଉପହାସ କରୁଅଛୁଁ ଏବଂ ସଭ୍ୟସମିତି ଥିଏଟର ପ୍ରଭୃତିରେ ସହଜ ବଙ୍ଗୀୟ ଗୀତସମୂହର ରାଗିଣୀ ଓଡ଼ିଆ—ସଙ୍ଗୀତ ରଚନାରେ ପ୍ରବର୍ତ୍ତିତ କରି ନିଜ ବାହାଦୁରୀର

Digitized by srujanika@gmail.com

ପରାକାଷ୍ଠା ଦେଖାଉଅଛନ୍ତି ! ଆମ ଦେଶରେ ଗର୍ଭିଣୀର କଅଣ ଦୁର୍ଭିକ୍ଷ ପଡ଼ିଅଛି ? ତାହା ନୁହେଁ, ଶକ୍ତି ଓ ବଳର ଅଭାବ ସବୁଥିରେହିଁ ସଂକ୍ଷିପ୍ତ ସଂସ୍କରଣ ପ୍ରଚଳିତ ।

ଶିକ୍ଷିତ ସମାଜରେ ପ୍ରାଚୀନ ଓଡ଼ିଆ—ସଙ୍ଗୀତର ଆଦର ଦେଖିଲେ **ପ୍ରାଣ** ପୁଲକିତ ହୁଏ ଏବଂ ହୃଦୟ ଧନ୍ୟ ହୁଏ । ଖଣ୍ଡପଡ଼ାର କର୍ଣ୍ଣଧାର ଭଗତ ବାବୁଙ୍କର ପୂର୍ବରୁ ଏ ବିଷୟରେ ଚର୍ଚ୍ଚା ରହିଅଛି ଏବଂ ଆଜକାଲି ଶୁଭଦୃଷ୍ଟି ପଡ଼ିଅଛି । ଏହି ସମସ୍ତ ନାଟ୍ୟ-ସମାଜକୁ ସେ ସର୍ବଦା ଉତ୍ସାହଦେବାକୁ ବଦ୍ଧପରିକର ହୋଇଅଛନ୍ତି । ବିଭିନ୍ନପ୍ରକାର ନାଟ୍ୟ-ସମ୍ପ୍ରଦାୟର ଅଭିନୟ ଦେଖାଇ ମୋତେ କୃତାର୍ଥ କରିଥିଲେ । ଖଣ୍ଡପଡ଼ା ରାଜ୍ୟର ସୁପ୍ରସିଦ୍ଧ କଣ୍ଟିଲୋ ଗ୍ରାମରେ ଗୋଟିଏ ଥିଏଟର ଦଳର ସଂଗଠନ ମଧ୍ୟ ଭଗତବାବୁଙ୍କର କୀର୍ତ୍ତି । ମାତ୍ର ଏହି ଥିଏଟରଠାରୁ ପ୍ରାଚୀନ ଓଡ଼ିଆ ନାଟ୍ୟ ସମ୍ପ୍ରଦାୟ ସମ୍ପ୍ରସାରିତ ହୋଇ ପ୍ରାଚୀନ ଉତ୍କଳର ସମ୍ପତ୍ତିଗୁଡ଼ିକ ଯେବେ ସାଧାରଣ ସମାଜରେ ବିସ୍ତୃତ ହୁଏ, ତେବେ ସମଗ୍ର ଖଣ୍ଡପଡ଼ା ଧନ୍ୟହେବ, ସମଗ୍ର ଉତ୍କଳର ଅନ୍ୟାନ୍ୟ ଅଂଶ ଏହା ଅନୁକରଣ କରୁଥିବେ ।

ଦିନେ ପ୍ରତ୍ୟୁଷରୁ ବୃଷ୍ଟିର ଆଧିକ୍ୟ ନ ଦେଖି ମୁଁ ମୋହୋର ଅନୁଚରଦ୍ୱୟ ସହିତ ସାରଣ୍ଡା ଝାସର ଦେଖିବାକୁ ହସ୍ତୀପୃଷ୍ଠରେ ବାହାରିଲି । ସାରଣ୍ଡା ନାମ ଅନେକ-ସ୍ଥଳରେ ମୋହର ସୁପରିଚିତ । ଏହାର ଅପଭ୍ରଂଶ ଶବ୍ଦ ବୋଧହୁଏ ଉଚ୍ଚଭୂମି ବୋଲି ଅନୁମିତ ହେଲା । ଏହି ସାରଣ୍ଡା ଖଣ୍ଡପଡ଼ା ଗଡ଼ରୁ ପ୍ରାୟ ୧୦ ମାଇଲ୍ ବାଟ । ପ୍ରଥମେ ଆମ୍ଭେମାନେ ଏଠାରୁ ଖଲସାହି ନାମକ ପ୍ରସିଦ୍ଧ ଗ୍ରାମ ପର୍ଯ୍ୟନ୍ତ ଗଲୁଁ । ସେଠାରୁ ଜଣେ ବନ୍ଧୁକଧାରୀ ବାଣୁଆ ଆମ୍ଭମାନଙ୍କ ସଙ୍ଗରେ ଯିବାର କଥା । ହାତୀ ମାହୁନ୍ତ ଜଣେ ବାଣୁଆ ଘରପାଖରେ ହାତୀ ରଖି ବାଣୁଆକୁ ୪।୫ ଥର ଡାକଦେଲା । ବାଣୁଆ ନିରୁତ୍ତର ! ଅଳ୍ପକ୍ଷଣ ଉତ୍ତାରୁ ବାଣୁଆର ୩।୪ ବର୍ଷର ଗୋଟିଏ ଉଲଙ୍ଗ ପୁତ୍ର ଗୋଟିଏ ସଜନା ଶାଖାକୁ ଅଶ୍ୱରୂପରେ ପରିଣତ କରି ଅଶ୍ୱାରୋହଣର କଳ୍ପିତ ଆନନ୍ଦ ଉପଭୋଗ କରୁଁ କରୁଁ ଆମ୍ଭମାନଙ୍କ ସମ୍ମୁଖରେ ଉପସ୍ଥିତ ହେଲା । ତାହାର ଡାହାଣ ହାତରେ ଗୋଟିଏ ଗୁଳୁଣ୍ଡା ଡାଳର ଗୋଟିଏ ଗୁଣ୍ଠ ଓ ବାମହସ୍ତରେ ଜୀର୍ଣ୍ଣ ରଙ୍କୁର ଗୋଟିଏ ଘୋଡ଼ାଲଗାମ ଭଳି,—ଅନ୍ୟସ୍ଥାନର କିଛି ମାତ୍ର ବସ୍ତ୍ର ନଥିଲା, କିନ୍ତୁ ସେ ବିଚିତ୍ର ହସ୍ତୀପୃଷ୍ଠ ସମାସୀନ ତିନୋଟି ଲୋକଙ୍କୁ ଏରୂପ ସ୍ଥାନରେ ତାହାର ପିତୃ ସନ୍ଦର୍ଶନ କାମନାରେ ଦଣ୍ଡାୟମାନ ଦେଖି କିଛି ନିରୁତ୍ସାହ ହୋଇଗଲା, ପରକ୍ଷଣରେ କୌତୂହଳ ଦୀପ୍ତ ଦୃଷ୍ଟି ଆମ୍ଭମାନଙ୍କ ମୁଖଉପରେ ସ୍ଥାପନ କରି କହିଲା "ବାପା ନାହିଁ, ଗାଧୋଇଯାଇଛି ।

ଅଗତ୍ୟା ଅନ୍ୟଲୋକ ଦ୍ୱାରା ଆମ୍ଭେମାନେ ତାହାକୁ ଖବରଦେଇ ଗ୍ରାମ ପ୍ରାନ୍ତସ୍ଥିତ ଆମ୍ବତୋଟା ନିକଟରେ ହାତୀ ରଖିଲୁଁ । ଏକଘଣ୍ଟା ଉତ୍ତାରୁ ବାଣୁଆ ଗୋଟିଏ ବନ୍ଧୁକ ଧରି ଆସିଲାରୁ ଆମ୍ଭେମାନେ ଗନ୍ତବ୍ୟ ପଥରେ ଅଗ୍ରସର ହେଲୁଁ ।

ଏଠାରୁ ଆରଣ୍ୟ ମାର୍ଗର ହରିତ୍‌ଶୋଭା ମଧ୍ୟରେ ଆମ୍ଭେମାନେ ବୁଡ଼ିଗଲୁଁ । ଉଭୟପାର୍ଶ୍ୱରେ ସମୁଚ୍ଚ ଗିରିମାଳା ନାନା ବୃକ୍ଷ-ଭୂଷିତ ହୋଇ ସଗର୍ବରେ ଦଣ୍ଡାୟମାନ । କେତେ ଅଜ୍ଞାତନାମା ସୁକଣ୍ଠ ଆରଣ୍ୟପକ୍ଷୀ ବୃକ୍ଷ ଶାଖାରେ ଉପବେଶନ କରି ନିଃଶଙ୍କ ଚିତ୍ତରେ ଅମୃତଧାରା ବର୍ଷଣ କରୁଥିଲେ । ଆରଣ୍ୟ କପୋତର କୂଜନରେ ଏହି ବନଭୂମି ସର୍ବଦା ପ୍ରତିଧ୍ୱନିତ ଏବଂ ସମୟ ସମୟରେ କୋଚିଲାଖାଇ ପକ୍ଷୀର କର୍କଶ ରବ ଏହି କପୋତ କୂଜନର ମାଧୁରୀ ଉପଲବ୍ଧିରେ ବିଘ୍ନ ଜନ୍ମାଇ ଦେଉଥିଲା ସିନା !

ପ୍ରାୟ ୬ ମାଇଲ୍ ଏହିଭଳି ଅରଣ୍ୟ ମଧ୍ୟରେ ଯାଇ ଆମ୍ଭେମାନେ କଠା ନୂଆପଲ୍ଲୀ ଗ୍ରାମମଧ୍ୟରେ ପ୍ରବେଶ-କଲୁଁ । ଏହା ଉତ୍ତାରୁ କେତେକ ଧାନ୍ୟ—କ୍ଷେତ୍ର ଓ କେତେକ ଅରଣ୍ୟ ଅତିକ୍ରମ କରି ଶମ୍ବରବନ୍ଧା ଓ ନୂଆଗାଁ ଗ୍ରାମ ମଧ୍ୟ ଦେଇ ସାରଣ୍ଡା ଗ୍ରାମର ଉପକଣ୍ଠବର୍ତ୍ତୀ ନିବିଡ଼ ବନମଧ୍ୟରେ ପ୍ରବିଷ୍ଟ ହେଲୁଁ ।

ଏହି ବନ ଅତିକ୍ରମ କରି ସାରଣ୍ଡା ଝାସରର ଲଳିତ ଭୀଷଣ ଦୃଶ୍ୟରେ ଆତ୍ମବିସ୍ମୃତ ହୋଇଗଲି । ଆମ୍ବଖୋଲ୍



Digitized by srujanika@gmail.com

ପଙ୍କଉମାଳା ଓ ଗ୍ରାମଗିରି ପଙ୍କଉମାଳାର ଉପତ୍ୟକା ମଧ୍ୟସ୍ଥିତ ସ୍ୱ-ଉଚ୍ଚ ଭୂମି ଉପରେ ଐରାବତହସ୍ତିଭଳି ଏହି ପ୍ରକାଣ୍ଡ ପାଷାଣଖଣ୍ଡ ବିଶ୍ରାମ ନେଇଅଛି । ଏହା ଉପରେ ଏକସଙ୍ଗରେ ପ୍ରାୟ ପାଞ୍ଚସହସ୍ର ମନୁଷ୍ୟ ବସି ଆହାର କରି ପାରନ୍ତି । କନ୍ଧମାନଙ୍କର ପ୍ରସିଦ୍ଧ ଦେବୀ ଗ୍ରାମଚଣ୍ଡୀଙ୍କର ମୂର୍ତ୍ତି ଏହାର ମଧ୍ୟଭାଗରେ ପ୍ରତିଷ୍ଠିତା । ଏହାର ଚତୁର୍ଦ୍ଦିଗରେ ଅଗଣିତ ଶୈଳମାଳା ଘୋରାରଣ୍ୟ ଭୂଷିତ ହୋଇ ଲଳିତ ଭୀଷଣ ଦୃଶ୍ୟର ପ୍ରଦର୍ଶନୀ ଫିଟାଇ ଦେଇଅଛି । ଅଗଣିତ ଶାଳ, ମହୁଲ, ଅସନ, ଭେରୁ, କ୍ଷୀର, କୁରୁମ, ଅଁଳା, ବାହାଡା ପ୍ରଭୃତି ବୃକ୍ଷ-ସମୂହରେ ଏହି ପଙ୍କଉମାଳା ପରିପୂର୍ଣ୍ଣ ।

ଚତୁର୍ଦ୍ଦିଗରେ ସହସ୍ର ସହସ୍ର ବୃକ୍ଷରାଜିର ଅପୂର୍ବ ହରିତଶୋଭା—ତହିଁରେ ପାର୍ବତ୍ୟ ନିର୍ଝରସମୂହର ଉଲ୍ଲାସମୟୀ କ୍ରୀଡା । ନିମ୍ନୋନ୍ନତ ଭୂମି, ବୃହତ୍ ଅଜଗର ସର୍ପଭଳି ଦୂରବର୍ତ୍ତୀ ଶୈଳଶ୍ରେଣୀ, ନିର୍ଜନ ମନୋରମ ପ୍ରାନ୍ତର ଓ ଆମ୍ରକାନନମଧ୍ୟରେ କ୍ଷୁଦ୍ର କ୍ଷୁଦ୍ର ଗ୍ରାମସମୂହ । ପଙ୍କଉସମୂହର ଭୀଷଣ ଗମ୍ଭୀରମୂର୍ତ୍ତି, ପ୍ରକୃତିର ନୀରବତା ସହିତ ମିଶିଯାଇ ଭୀତି-ମିଶ୍ରିତ ଆନନ୍ଦ ସ୍ରୋତରେ କେଉଁ ଅଜ୍ଞାତ ସ୍ଥାନକୁ ଭସାଇ ନେଇଯାଉଥିଲା, ତାହା କିପରି କହିବି ? ଯାଦୁ ମନ୍ତ୍ରବଳରେ ମୋହୋର କଳ୍ପନାଦ୍ୱାର ଫିଟିଗଲା, ଚିତ୍ତବୃତ୍ତି ମାର୍ଜ୍ଜିତ ଓ ବିକଶିତହେଲା, ହୃଦୟ ପ୍ରଶସ୍ତ ଓ ମୁକ୍ତ ହୋଇଗଲା । ମୋହୋର କ୍ଷୁଦ୍ର ଜୀବନରେ ଏହା ଗୋଟିଏ ମହାଦିନ ଏବଂ ଏହି ଦିନରେ ମୁଁ ପ୍ରକୃତି ଦିବ୍ୟପବିତ୍ର ଆନନ୍ଦର ଅଧିକାରୀ ହୋଇ ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ଏହି ଦିନକୁ ସ୍ମରଣ କରୁଥିବି ।

ଏହି ଦୃଶ୍ୟ ଦେଖିଲେ ମାନସ-ଚକ୍ଷୁରେ ସ୍ୱର୍ଗରାଜ୍ୟର ଅସ୍ପଷ୍ଟ ଛାୟା ହଠାତ୍ ପଡଯାଏ । ହୃଦୟ ପ୍ରସାରିତହୋଇ ଯେପରି ବ୍ରହ୍ମାଣ୍ଡମୟ ପରିବ୍ୟାପ୍ତ ହୁଏ—ମୋହମୁଗ୍ଧ ମାନବର ଅସାର କୋଳାହଳରେ ପ୍ରାଣ ବ୍ୟଥିତହୁଏ, ଜଗତର ଧନ, ଜନ, ମାନ ଐଶ୍ୱର୍ଯ୍ୟ ଅତିଶୟ ଅକିଞ୍ଚିତ୍କର ବୋଧ ହେଉଥାଏ ଏବଂ ରାଗ, ଦ୍ୱେଷ ଅଭିମାନ ପ୍ରଭୃତି ଲୁକାୟିତ ହୋଇଯାଏ । ପ୍ରକୃତରେ ସମଗ୍ର ଉତ୍କଳରେ ଏହା ଗୋଟିଏ ଅପରୂପ ଦୃଶ୍ୟ ।

ସାରଣ୍ଡା ଚାପଡ଼ା ପ୍ରସ୍ତର ଉପରୁ ଓହ୍ଲାଇ ବନପଥରେ ଆମ୍ଭେମାନେ ସାରଣ୍ଡା କନ୍ଧପଲ୍ଲୀକୁ ଆସି ଜଣେ କନ୍ଧଙ୍କର ପିଣ୍ଡାରେ ବସିଗଲୁଁ । ସମସ୍ତ ଗ୍ରାମର ପ୍ରାୟ ଅଧିକାଂଶ ସ୍ତ୍ରୀଲୋକ ହାତିକୁ ଯେପରି ନମସ୍କାରକରି ଫୁଲହୁଳି ପକାଇ ଧାନ୍ୟାଞ୍ଜଳି ଅର୍ପଣକରି ବନ୍ଦାପନା କଲେ ତାହା କୌତୂହଳର ଉଦ୍ରେକ କରିବା ସ୍ୱାଭାବିକ ।

ଏହି କନ୍ଧପଲ୍ଲୀ କେତେ ପବିତ୍ର ଏବଂ ସ୍ୱାଭାବିକ ସୌନ୍ଦର୍ଯ୍ୟ ବିତରଣ ପ୍ରୟାସୀ ତାହା ସ୍ୱଚକ୍ଷୁରେ ନ ଦେଖିଲେ ବିଶ୍ୱାସ ହେବନାହିଁ । ଏହି ନିରୀହ କନ୍ଧମାନଙ୍କର ଏକଘଣ୍ଟା ବ୍ୟାପୀ ସହବାସରେ ମୁଁ ଯେଉଁ ଆନନ୍ଦ ଉପଭୋଗ କରିଅଛି, କହିବାକୁ ଲଜ୍ଜା ଓ ଦୁଃଖ ହୁଏ—ଅନେକ ଶିକ୍ଷିତ ଓ ମାର୍ଜ୍ଜିତରୁଚି ବ୍ୟକ୍ତିମାନଙ୍କର ସହବାସରେ ଯାହା ଭୋଗ କରିବାକୁ ସମର୍ଥ ହୋଇନାହିଁ । ଗ୍ରାମର ଆବାଳ-ବୃଦ୍ଧ-ବନିତା ସେହି ଏକଘଣ୍ଟା ମଧ୍ୟରେ ମୋତେ ଯେପରି ସ୍ନେହ, ଦୟା ଓ ବିଶ୍ୱାସର ଚକ୍ଷୁରେ ଦେଖିଥିଲେ ମୁଁ ତାହାର ସମ୍ପୂର୍ଣ୍ଣ ଅଯୋଗ୍ୟ ହେଲେହେଁ ସେହିକଥା ମୋହୋର ଆମରଣ ସ୍ମରଣ ରହିଥିବ । ଏମାନଙ୍କର ସରଳ ବ୍ୟବହାରରେ ଯେଉଁ ପବିତ୍ରତା ଓ ସୌନ୍ଦର୍ଯ୍ୟର ପ୍ରତିମୂର୍ତ୍ତି ଉପଲବ୍ଧି କରିଅଛି ତାହାର ଅସ୍ପଷ୍ଟ ଛାୟା ମଧ୍ୟ କୌଣସି ଗର୍ବ୍ବିତରୁଚି ଦ୍ୱିତଳ ଓ ତ୍ରିତଳ ପ୍ରାସାଦରେ ମୁଁ ପାଇନାହିଁ । ଏହି ଅଜ୍ଞାତନାମା ସାରଣ୍ଡା କନ୍ଧପଲ୍ଲୀରେ ନିଜର ସାମାନ୍ୟ ବିଦ୍ୟାଭିମାନ ଓ ଜ୍ଞାନ-ଗରିମା ଚୂର୍ଣ୍ଣହୋଇ ଯାଇଥିଲା ସିନା !

ଅପରାହ୍ନରେ ଆମ୍ଭେମାନେ ପ୍ରତ୍ୟାବର୍ତ୍ତନ ମାର୍ଗରେ ଗୋଟିଏ ଅଦ୍ଭୁତାକୃତିର ମନୁଷ୍ୟ ଦେଖିଲୁଁ । ସେ ମଧ୍ୟପ୍ରଦେଶ ଅନ୍ତର୍ଗତ ବିଳାସପୁରର ଲୋକ—ପୁରୀ ଦର୍ଶନରୁ ପ୍ରତ୍ୟାବୃତ୍ତ ହୋଇ କର୍ଣ୍ଣିଲେ ମାର୍ଗରେ ଯିବା ସମୟରେ ଏହି ଗଡର ନାମ ଶୁଣି ଦେଖି ପୁଣି ସେହି ମାର୍ଗରେ ଫେରିଯିବ—ବୋଲି କହିଲା । ବାଲ୍ୟକାଳରେ ଜ୍ୟାମିତିରେ ପାଠ କରିଥିଲି "ବିସ୍ତାରବିହୀନ ଦୈର୍ଘ୍ୟର ନାମ ରେଖା" । ସେହି ସଂଜ୍ଞା ମନେପଡିଗଲା ? ମୁଖ ଖଣ୍ଡିକ କି କଦର୍ଯ୍ୟ ! — ଅସ୍ଥି ଉପରେ କେବଳ ଚର୍ମ୍ମର ଆବରଣ, ଭିତରକୁ ମାଂସର ସମ୍ପର୍କନାହିଁ; ଉଭୟ ଚକ୍ଷୁର

Digitized by srujanika@gmail.com

ଅସ୍ଥି ଉଚ୍ଚ ହୋଇ ଉଠିଅଛି, ପିଙ୍ଗଳ ବର୍ଣ୍ଣର ଚକ୍ଷୁ କୋଟର ପ୍ରବିଷ୍ଟ, ଭ୍ରୂ ସମସ୍ତ ପାଚିଲା—ବକପକ୍ଷୀଭଳି ଶୁଭ୍ର। ଅଧରୋଷ୍ଠ—ଦ୍ୱିଧା ଭିନ୍ନକରି ଦୁଇଟି ଗଜଦନ୍ତ ସମ୍ମୁଖରେ ପ୍ରକାଶିତ। ସେମାନେ କି ଶୋଭା ବିକାଶ କରୁଥିଲେ ନ ଦେଖିଲେ ସମ୍ୟକ୍ ଉପଲବ୍ଧି ହେବା କଠିଣ। ରାତିରେ ହଠାତ୍ ଏହି ମୂର୍ତ୍ତି ଦେଖିଲେ ଭୟ କରିବନାହିଁ ଏଭଳି ସାହସୀ ଲୋକ କେତେଜଣ ଅଛନ୍ତି ଅନୁମାନ କରିବା କଠିଣ।

ପରଦିନ ଏଠାରୁ କଣ୍ଟିଲୋ ମାର୍ଗରେ ପ୍ରତ୍ୟାବର୍ତ୍ତନର ଆୟୋଜନ ହେଲା। ଏଠାରେ ସପ୍ତାହବ୍ୟାପୀ ଅବସ୍ଥାନ ମୋହୋ ଜୀବନରେ ଉତ୍ସବପୂର୍ଣ୍ଣ ହୋଇଥିଲା। ଭଗତବାବୁଙ୍କର ଖଣ୍ଡପଡ଼ା ସହିତ ସମ୍ବନ୍ଧ ତାହାଙ୍କର ବାଲ୍ୟକାଳରୁ। ତାହାଙ୍କର ପିତା ଏଠାରେ ବହୁବର୍ଷ ଦେୱାନପଦରେ ପ୍ରତିଷ୍ଠିତ ଥିଲେ। ପିତା ଉତ୍ତାରୁ ପୁତ୍ର ଦେୱାନପଦରେ ନିଯୁକ୍ତ ହୋଇ ସ୍ୱର୍ଗୀୟ ରାଜା ରାମଚନ୍ଦ୍ରସିଂହଙ୍କ ରାଜତ୍ୱରେ ଆସି ରାଜାଙ୍କର ପରଲୋକ ଉତ୍ତାରୁ ରାଜ୍ୟର କର୍ଣ୍ଣଧାରରୂପେ ପ୍ରତିଷ୍ଠିତ ହୋଇଅଛନ୍ତି। ରାଜ୍ୟର ସମସ୍ତ ଅଂଶର ପ୍ରଜାମାନେ ଏହାଙ୍କୁ ପୁରୁଣା ଦେୱାନଙ୍କର ପୁଅବୋଲି ନିତାନ୍ତ ସରଳଭାବରେ ଆଦର କରିଥାଆନ୍ତି। ଏହାଙ୍କ ମୁଖରେ ବୁଦ୍ଧିମତ୍ତାର ଔଜ୍ଜ୍ୱଲ୍ୟ ଏବଂ କର୍ମ୍ମଠ ଜନୋଚିତ ଉଦ୍ୟମଶୀଳତାର ଚିହ୍ନ ସୁପରିସ୍ଫୁଟ। ଗତ କେତେକ ଦିବସର ମଧୁର ସାମୀପ୍ୟ ଓ ସାହଚର୍ଯ୍ୟରୁ ବିଚ୍ଛିନ୍ନହୋଇ ଏହାଙ୍କ ନିକଟରୁ ଆସିବା ମୋହୋପକ୍ଷରେ ବାସ୍ତବିକ କଷ୍ଟକର ହୋଇଥିଲା। ସମସ୍ତ ଖଣ୍ଡପଡ଼ା ରାଜ୍ୟର ଚତୁଃପାର୍ଶ୍ୱ ଭ୍ରମଣ କରିବା ସକାଶେ ଏ ମହାଶୟ ଯେଉଁ ଆଶାତୀତ ସୁବନ୍ଦୋବସ୍ତ କରିଦେଇଥିଲେ, ତହିଁରେ ପୂର୍ଣ୍ଣ କୃତଜ୍ଞତାରେ ମୋହୋର ହୃଦୟ ପରିପୂର୍ଣ୍ଣ ହୋଇଥିଲା, ମାତ୍ର ପ୍ରକାଶ କରିବାର ଭାଷା ବିଦାୟବେଳେ ଖୋଜି ପାଇଲିନାହିଁ। ଖଣ୍ଡପଡ଼ା ରାଜ୍ୟର ଆଉ ଗୋଟିଏ ଦର୍ଶନୀୟ ସ୍ଥାନ ଦେଖିବାରେ ମୁଁ ବଞ୍ଚିତ ହୋଇଅଛି। ତାହା ଖୋରଧା ସୀମା ନିକଟରେ ଅବସ୍ଥିତ—ନାମ ମୁଣ୍ଡିଆପଡ଼ା। ଏହାଥରେ ଦେଖିବାକୁ ଭଗତବାବୁଙ୍କର ପୁନଃପୁନଃ ଆଗ୍ରହାନ୍ୱିତ ଅନୁରୋଧ କେବେହେଁ ବିସ୍ମୃତ ହେବନାହିଁ। ମାତ୍ର ପ୍ରବଳ ବୃଷ୍ଟି ଏହି କେତେକ ଦିନ ମଧ୍ୟରେ ଏହା କରି ଦେଲାନାହିଁ। ଏହା ବିଧାତାଙ୍କ ଇଚ୍ଛାରେ ଭବିଷ୍ୟତକୁ ରହିଲା ଏହା କହି ମୁଁ ବିଦାୟନେଲି।

ଆମ୍ଭେମାନେ ଖଲସାହି ଗ୍ରାମ ମଧ୍ୟଦେଇ ଭିନ୍ନମାର୍ଗରେ କଣ୍ଟିଲୋ ଅଭିମୁଖରେ ବାହାରିଲୁଁ। ଖଲସାହି ଖଣ୍ଡପଡ଼ା ରାଜ୍ୟର ଗୋଟିଏ ପ୍ରଧାନଗ୍ରାମ। ଏହାର ଘରସଂଖ୍ୟା ପ୍ରାୟ ତିନିଶତ। ଗ୍ରାମ ମଧ୍ୟରେ କେତୋଟି ଦେବାଳୟ ରହିଅଛି।

ପୂର୍ବଦିନରୁ ବୃଷ୍ଟି ଛାଡ଼ିଯାଇଥିଲା, ଏଣୁ ଆଜି ଟାଣଖରା ହୋଇଥିଲା। ଶରତର ଦ୍ୱିପ୍ରହରରେ ପ୍ରକୃତି ଗମ୍ଭୀର ଅଥଚ ଅନଳମୁଖୀ। ରୌଦ୍ର—ବିଶୁଷ୍କ ଧରଣୀର ଉଷ୍ଣଶ୍ୱାସରେ ପ୍ରକୃତିର ହୃଦୟ ଶୀର୍ଣ୍ଣ ଓ ବ୍ୟଥିତ। ମାତ୍ର ଆକାଶ ଆଡ଼କୁ ଚାହିଁ ଗୋଟିଏ ଚାତକପକ୍ଷୀ ଆମ୍ଭମାନଙ୍କର ମାର୍ଗପାର୍ଶ୍ୱସ୍ଥ ଗୋଟିଏ ଗଛରେ ବସି ଏହି ତପ୍ତଧରଣୀର ବକ୍ଷ ବିଦୀର୍ଣ୍ଣକରି ଟୋପାଏ ପାଣି ପାଇବାକୁ ଚିତ୍କାର କରୁଥିଲା।

ଯେଉଁଠାରେ କୁଆଁରିଆ ଓ କୁସୁମୀ ନଦୀଦ୍ୱୟ ଏକତ୍ର ମିଶି କମେଇନଦୀ ନାମ ଧାରଣ କରିଅଛି ତାହାର ପ୍ରାୟ ଏକମାଇଲ ଉପରକୁ ଆମ୍ଭେମାନେ ହସ୍ତୀରୁ ଅବତରଣ କରି ଦୁଇଖଣ୍ଡ କାଠୁଆ ଯୋଡ଼ିଦେଇ କମେଇ ଗିରିନଦୀରେ ଭାସି ଚାଲିଲୁ। ଏ ନଦୀର ସ୍ରୋତ ଅତ୍ୟନ୍ତ ପ୍ରଖର, ଏହା କେଉଁଠାରେ ସ୍ଥୂଳ ରୌପ୍ୟ ରେଖାଭଳି ପ୍ରଲମ୍ବିତ, କେଉଁଠାରେ ଭୀଷଣ ଶବ୍ଦରେ ପ୍ରସ୍ତରମୟ ଉଚ୍ଚସ୍ଥାନରୁ ଡେଇଁପଡ଼ି ଫେନପୁଞ୍ଜ ଉଦ୍ଗୀରଣ କରୁଥିଲା—କେଉଁଠାରେ ବକ୍ରଗତି ଧାରଣକରି ପ୍ରକାଣ୍ଡ ସର୍ପର ଭ୍ରମ ଜନ୍ମାଉଥିଲା। ଏହି ଗିରି ନଦୀର ଉଭୟପାର୍ଶ୍ୱର ଦୃଶ୍ୟ ଅତି ମନୋରମ। ଦୂରକୁ ଗୋଶିଙ୍ଗ ପର୍ବତର ଗାଢ଼ନୀଳିମା ଏବଂ ନଦୀତଟ ସ୍ଥିତ କ୍ଷୁଦ୍ର କ୍ଷୁଦ୍ର ଅରଣ୍ୟ ଭୂଷିତ ଶୈଳାବଳୀର ଉଜ୍ଜ୍ୱଳ ହରିତିମା ଉଭୟ ନୟନକୁ କିପରି ସାର୍ଥକ କରୁଥାଆନ୍ତି ତାହା ଅପରକୁ ବୁଝାଇବା ବୃଥା। ଗୋଶିଙ୍ଗ ପର୍ବତ ୧୩୬୦ ଫୁଟ ଉଚ୍ଚ।

ସନ୍ଧ୍ୟାର ରକ୍ତିମରାଗରେ ଦିଗନ୍ତ ସମୁଦ୍ଭାସିତ। ଖଣ୍ଡ ବିଖଣ୍ଡ ହରିତ ମେଘକୋଡ଼ରେ ସମୁଜ୍ଜ୍ୱଳ ରକ୍ତବର୍ଣ୍ଣ ରେଖାସମୂହ ଭାସି ଭାସି ଭ୍ରମଣ କରୁଥିଲା। ତନ୍ନିମ୍ନରେ

Digitized by srujanika@gmail.com

ଦିଗନ୍ତ ପ୍ରସାରିତ ଆକାଶ—ଏହା ତଳରେ ଶ୍ୟାମ-ହରିତ୍ ପତ୍ରଦଳ ଶୋଭିତ ନିଶ୍ଚଳ ଦଣ୍ଡାୟମାନ ବୃକ୍ଷରାଜି ଏବଂ ସର୍ବନିମ୍ନରେ ତଟଭୂମି ଚୁମ୍ବନ ପୂର୍ବକ ଏହି ଗିରି-ନଦୀର ଖରସ୍ରୋତ ସଶବ୍ଦରେ ପ୍ରବାହିତ ।

କମେଇ ଗିରିନଦୀ ଯେଉଁଠାରେ ମହାନଦୀକୁ ଜଳ-କର ଦେଇ ପୁଷ୍ଟ କରୁଅଛି ସେହି ସ୍ଥାନରେ ଅବତରଣ କଲୁଁ ! ଏଠାରୁ କଣ୍ଟିଲୋ ଗ୍ରାମ ପ୍ରାୟ ଏକ ସହସ୍ର ହସ୍ତ ଦୂରରେ ଅବସ୍ଥିତ, ସୁତରାଂ ସନ୍ଧ୍ୟାପୂର୍ବରୁ ଯାଇଁ ନିର୍ଦ୍ଦିଷ୍ଟ ଆବାସରେ ଆଶ୍ରୟ ନେଇଥିଲୁଁ । ସେତେବେଳେ ଶ୍ରାନ୍ତ ଦିବା ସଂସାରକୁ ପଶ୍ଚାତ୍ତଟରେ ପକାଇ ଦେଇ ଅବସାଦ—ବିଜଡ଼ିତ—ପଦରେ ଧୀରେ ଧୀରେ ଚାଲି ଯାଉଥିଲା ଏବଂ ସ୍ତବ୍ଧ-ପ୍ରକୃତି ଅଙ୍ଗରେ ସନ୍ଧ୍ୟାର ଶୀତଳ ଛାୟା ଆସି ଅଳ୍ପ ଅଳ୍ପ ମାତ୍ରାରେ ଘୋଡ଼ାଇ ଦେଉଥିଲା ।

ଯେତେବେଳେ ଊଷା ନୀଳ ନିଶାର ଅନ୍ଧକାର ଘୁଞ୍ଚାଇବାକୁ ସଚେଷ୍ଟ ଏବଂ ସପ୍ତର୍ଷି ନକ୍ଷତ୍ରର "ସୁବର୍ଣ୍ଣ ବେଙ୍ଗଳା" ନୀଳସାଗରରେ ଭାସମାନ ସେତେବେଳେ ଶଯ୍ୟା ଛାଡ଼ି ଆବାସ ନିକଟସ୍ଥ ଗୋଟିଏ ପୁରାତନ ପୁଷ୍କରଣୀ ତଟକୁ ଆସିଲି । ପୁଷ୍କରଣୀର ଚତୁର୍ଦ୍ଦିଗସ୍ଥ ନିମ୍ନ ଭୂମିରେ ଶ୍ୟାମଳ ଧାନ୍ୟ-ବୃକ୍ଷ-ସମୂହ ସହର୍ଷଚିତ୍ତରେ ଉଚ୍ଚଶୀର୍ଷ ହୋଇ ପ୍ରଭାତ-ସମୀର ସଂସ୍ପର୍ଶରେ ଦୋହୋଲୁଥିଲା । ଉଚ୍ଚ ଭୂମିର ସ୍ଥାନେ ସ୍ଥାନେ କାଶକୁସୁମ ଫୁଟି ଅପୂର୍ବ ଶ୍ୱେତ-ଶୋଭା ବିସ୍ତାର କରୁଥିଲା ! ପୁଷ୍କରଣୀର ଚତୁର୍ଦ୍ଦିଗରେ ବହୁଶାଖ ବଟ—ଅଶ୍ୱତ୍ଥ ବୃକ୍ଷସମୂହ ଛିଡ଼ା ହୋଇ ଅତୀତ—ଦୀର୍ଘ ଦିବସର କେତେ କାହାଣୀର ମୂକ ସାକ୍ଷ୍ୟ ଦେଉଥିଲେ ।

ଦୀର୍ଘ ଦିବସର ପୁରାତନ ପୁଷ୍କରଣୀ—କୁମୁଦ ଓ ଶୈବାଳମାଳା ବକ୍ଷରେ ଦେନି ପ୍ରଭାତ ପବନରେ ଢୁଳାଉଥିଲା । ପାଣିକୁଆ, ଖଞ୍ଜନ ଓ କାଣ୍ଠିବଗ ପ୍ରଭୃତି ଜଳଚର ପକ୍ଷୀଗୁଡ଼ିକ ସେଠାରେ ସହସ୍ର ଯାଇ ଅତିମାତ୍ର ବ୍ୟସ୍ତତା ସହକାରେ ଦୈନନ୍ଦିନ କାର୍ଯ୍ୟ ଆରମ୍ଭ କରି ଦେଇଥିଲେ । ଦୂରକୁ—ନୀରବ, ଅର୍ଦ୍ଧ ନିଦ୍ରିତ ନୀଳ ପୂର୍ବାକାଶରେ ଧଳସା ଭକ୍ତ—ମନ୍ଦାର ଫୁଲ ଫୁଟି ଉଠିଲା—ଦେଖୁଁ ଦେଖୁଁ ଆହୁରି ରକ୍ତବର୍ଣ୍ଣ—ଏହା ଉପରୁ ଉଦୟୋନ୍ମୁଖ ସୂର୍ଯ୍ୟ ପ୍ରକାଶିତ ହେଲେ ।

ପ୍ରାତଃକୃତ୍ୟ ଶେଷକରି ସ୍ନାନାନ୍ତେ କଣ୍ଟିଲୋ ଗ୍ରାମର ପ୍ରସିଦ୍ଧ ନୀଳମାଧବ ଦେବଙ୍କର ମନ୍ଦିର ଦର୍ଶନାର୍ଥ ବାହାରିଲି । ସମଗ୍ର ଉତ୍କଳରେ ଏହା ଦର୍ଶନୀୟ ସ୍ଥାନ । ମହାନଦୀ ତୀରସ୍ଥ ଗୋଟିଏ ଉଚ୍ଚ ଶୈଳ ଉପରେ ଏହା ନିର୍ମିତ । ଶୈଳାରୋହଣ କରିବାକୁ ଶୈଳତଳରୁ ମନ୍ଦିରପର୍ଯ୍ୟନ୍ତ ଚତୁର୍ଦ୍ଦିଗରେ ପ୍ରସ୍ତର ସୋପାନ ଗ୍ରଥିତ । ପୁରୀ ମନ୍ଦିରର ଅନୁକରଣରେ ଶୈଳୋପରି ପ୍ରାଚୀର, ଦ୍ୱାର ଏବଂ ବେଢ଼ା ମଧ୍ୟସ୍ଥିତ ବହୁ ମନ୍ଦିର ଏହାର ଶୋଭା ବର୍ଦ୍ଧନ କରୁଅଛି । ଏହି ପ୍ରାକାର ମଧ୍ୟସ୍ଥିତ ମନ୍ଦିର ଅଗଣାମଧ୍ୟରେ ଅନେକ ପ୍ରାଚୀନ ଇଷ୍ଟକ ଦେଖିଲି । ଏହା ଯେପରି ମୋଟ, ସେହିପରି ଲମ୍ବ, ଚିକ୍କଣ ଅଥଚ ଶକ୍ତ । କେତେ କାଳ ହେଲା ଏହା ବ୍ୟବହୃତ ହୋଇ ମଧ୍ୟ ପ୍ରସ୍ତରଭଳି ଶକ୍ତ । ନୀଳମାଧବଙ୍କର ବିଗ୍ରହ ସ୍ୱର୍ଣ୍ଣ ରୌପ୍ୟରେ ସଜ୍ଜିତ । ସିଂହାସନ ମଧ୍ୟ ରୌପ୍ୟ-ନିର୍ମିତ ।

ମନ୍ଦିରସମ୍ମୁଖସ୍ଥ ଚତ୍ୱରରେ ଦଣ୍ଡାୟମାନ ହେଲେ ପ୍ରକୃତିର ବିରାଟ ଶୋଭାରୁ ନୟନ ଫେରାଇ ନେବାକୁ ମନ ବଳେନାହିଁ । ପୂର୍ବ ଦିଗରେ ମହାନଦୀ ସୈକତ-ରାଶିମଧ୍ୟରୁ ବଡ଼ାମ୍ବାର ସିଂହନାଥ ମୁଣ୍ଡିଆ ଗୋଟାଏ କଳା ମାଟିଆ ଭଳି ଏବଂ ବୈଦ୍ୟେଶ୍ୱରର ପର୍ବତ ଗୋଟିଏ ପ୍ରକାଣ୍ଡ ହସ୍ତୀ ଶୋଇଥିବାର ଭ୍ରମ ଜନ୍ମାଉଅଛି । ଏହାର ଦୂରକୁ ଏକଆଡ଼େ ବାଙ୍କିର ମହାପର୍ବତ ଅନ୍ୟ ଆଡ଼େ ବଡ଼ାମ୍ବାର କୁମାରଙ୍ଗ ପର୍ବତ ଗଗନ ସ୍ପର୍ଶ କରିଅଛନ୍ତି । ଉତ୍ତରରେ ବଡ଼ାମ୍ବା ଏବଂ ନରସିଂହପୁରର ରାଜ୍ୟ-ଦ୍ୱୟର ଅଗଣିତ ପର୍ବତ-ଶୃଙ୍ଗମାନର ନୀଳ ଦେହ ଆକାଶ-ପଟରେ ମୁଦ୍ରିତ । ଦକ୍ଷିଣକୁ ଖଣ୍ଡପଡ଼ା ରାଜ୍ୟର ସମସ୍ତ ପର୍ବତମାଳା । ବିଶେଷତଃ ରଜଗିରି ଏବଂ ଗୋ-ଶିଙ୍ଗର ସମୁଚ୍ଚ ଶୃଙ୍ଗମାନ ଗୋଟିକ ଉପରୁ ଗୋଟିଏ ହୋଇ ଗଗନ ଅଧିକାର କରିଅଛନ୍ତି । ପଶ୍ଚିମରେ ଅଗଣିତ ସମୁଦ୍ର-ତରଙ୍ଗ ଭଳି ନୀଳ ପର୍ବତରାଶି ସ୍ତର ସ୍ତର ହୋଇ ସଜ୍ଜିତ । ଖଣ୍ଡପଡ଼ା ପ୍ରାନ୍ତର ସିଧାମୂଳା ପର୍ବତର ସାନ ବଡ଼ ହୋଇ ଯୋଡ଼ିଏ ନୀଳ ଝିଙ୍କିଜ, ଏହାର ପଛକୁ ଦଶପଲ୍ଲାର ବିରାଟ ମଣିଭଦ୍ରା, ବଙ୍କା-

Digitized by srujanika@gmail.com

ମୁଣ୍ଡା, ଛମୁଣ୍ଡିଆ ସମୀପସ୍ଥ ପର୍ବତ, ଏହାର ପଛକୁ ଉତ୍କଳର ଦୁର୍ଗାରାଜର ମହତ୍ତ୍ୱମଣି ଭୀଷଣ-ଦର୍ଶନ ସାତକୋଶିଆର ପ୍ରବେଶ ଦ୍ୱାର । ଏକଆଡ଼େ ବାଇଗଣିଆ ପର୍ବତ, ଅନ୍ୟ ଆଡ଼େ ଦଶପଲ୍ଲା ରାଜ୍ୟର ସର୍ବୋଚ୍ଚ ପର୍ବତ ଗୋମ୍ୟାଲତଓର ବିରାଟ ମୂର୍ତ୍ତି । ଏହାର ଠିକଏ ପଛକୁ ଅଠମଲ୍ଲିକ ରାଜ୍ୟର ପଞ୍ଚଧାର ପର୍ବତର ତଳ ଶୃଙ୍ଗରଗୋଟି ଶୃଙ୍ଗ ସୁସ୍ପଷ୍ଟ । ସବୁଆଡ଼େ ଆଖି ବୁଲାଇଦେଲେ ପ୍ରକୃତ-ଭକ୍ତମାନେ କାର୍ଯ୍ୟକ୍ଷଣ ଆତ୍ମବିସ୍ମୃତ ହୋଇ ଇଂରାଜ କବି Byronଙ୍କର ଭାଷାରେ ହଠାତ୍ କହିଉଠିବେ—

"I love not man the less; but Nature more !"

କଣ୍ଟିଲୋ ପ୍ରକାଣ୍ଡ ଗ୍ରାମ—ପ୍ରାୟ ୮୦୦।୯୦୦ ଘରର ବସତି ଏଠାରେ ଅବସ୍ଥିତ । ଅନେକ ମହାଜନ ଏବଂ ବ୍ୟବସାୟୀରେ ଏ ଗ୍ରାମଟି ସମୃଦ୍ଧ ଏବଂ କଂସା ଓ ପିତ୍ତଳବାସନ ସକାଶେ ଚିରପ୍ରସିଦ୍ଧ । ମାତ୍ର ପୂର୍ବେ ଏହାର ସମୃଦ୍ଧି ପରାକାଷ୍ଠା ଲଭିଥିଲା—ସେତେବେଳେ ସୁଦୂର ରାଯ୍ପୁର ଓ ମଧ୍ୟଭାରତର ନାନା ଅଂଶରୁ ଜଗନ୍ନାଥ ଯାତ୍ରୀ ଏହିମାର୍ଗରେ ଯାଉଥିଲେ—ଆଜକାଲି ରେଲ ପ୍ରସାଦରୁ କେବଳ ସମ୍ବଲହୀନ ଗରିବ ଯାତ୍ରୀମାନେ ଏହି ମାର୍ଗରେ ଆସନ୍ତି, ଏଣୁ ଗ୍ରାମର ପୂର୍ବ ସମୃଦ୍ଧି ଲୁପ୍ତ-ପ୍ରାୟ । କାଳର ପରିବର୍ତ୍ତନ ସଙ୍ଗେ ସଙ୍ଗେ ପ୍ରତ୍ୟେକ ସ୍ଥାନର ଅବସ୍ଥା ଏହିପରି ହୋଇଅଛି । କାଳ ତାହାର କବଳ ଗ୍ରାସରେ କେତେ ଅତୀତର କାହାଣୀ ଲୁଚାଇ ଦେଇଅଛି, ଅତୀତର କେତେ ଲୁପ୍ତ କାହାଣୀ ପୁଣି ପ୍ରକାଶ କରି-ଦେଇଅଛି । କେତେ ଅଜାଣ ବନ୍ଧୁ ମହାପିଣ୍ଡରେ ଜୀବନ ସଞ୍ଚାର ହୋଇଅଛି, କେତେ ମହାପଣ୍ଡ ଭାଙ୍ଗି ପଡ଼ି ଅକାଶ ମହାକାଶରେ ମିଶିଯାଇଅଛି, କେତେ ଅଦୃଷ୍ଟ ତାକୁ ବୁଲି ବୁଲି ସଂସାର ସେଉ କେତେ ପରିବର୍ତ୍ତନ କରିଅଛି । କେତେ ପ୍ରାଣରେ ଶାନ୍ତି ଏବଂ ହାସ୍ୟର ଲୀଳା ଖେଳିଅଛି ଏବଂ କେତେ ହୃଦୟ ଭାଙ୍ଗି, ଚୂର୍ଣ୍ଣ ହୋଇଯାଇ ପବନରେ ମିଶି କେଉଁ ଦିଗନ୍ତ କ୍ରୋଡ଼ରେ ମିଶିଯାଇ-ଅଛି କିଏ ଜାଣେ !

କଣ୍ଟିଲୋର ଡାକବଙ୍ଗଳା ନିକଟରେ ପୋଷ୍ଟଅଫିସ ରହିଅଛି । ଏଠାର ପୋଷ୍ଟ ମାଷ୍ଟର ବାବୁ ଗଙ୍ଗାନାରାୟଣ ଦାସ ଅତି ସଜ୍ଜନ—ଏହାଙ୍କର ସ୍ନେହ, ସୌଜନ୍ୟ, ଶିଷ୍ଟାଚାରରେ ଅତିମାତ୍ର ମୁଗ୍ଧ ହେଲି । ମହାନଦୀର ଗୋଟିଏ ଘାଟକୁ ଉଦ୍ଦେଶ୍ୟେ ଯାଇଥିଲୁଁ । ମୋହର କଟକ ପ୍ରତ୍ୟାଗମନ ସକାଶେ ଗୋଟିଏ ବଡ଼ ନୌକା ସଜ୍ଜିତ ହେଉଥିଲା—ମାତ୍ର ପ୍ରାୟ ୪।୫ ଘଣ୍ଟା ବିଳମ୍ବ ଦେଖି ନାଉରୀମାନଙ୍କୁ ଯଥାଯୋଗ୍ୟ ଉପଦେଶ ଦେଲୁଁ । ମୃଦୁ ମନ୍ଦ ସମୀରଣରେ ମହାନଦୀ ଜଳରେ ମୃଦୁ ମୃଦୁ ହିଲ୍ଲୋଳ ନୃତ୍ୟ କରୁଥିଲା । ବାଳକ ବାଳିକାବୃନ୍ଦ ଘାଟରେ ଯୁଗପତ୍ ଚପଳତା ଏବଂ ମୁଖରତାର ଚୂଡ଼ାନ୍ତ ପରିଚୟ ଦେଉଥିଲେ—କାହାର ସାଧ୍ୟ ସେମାନଙ୍କୁ ନିବୃତ୍ତକରେ ? କେହି ଅର୍ଦ୍ଧ—ନିମଜ୍ଜିତ, କେହି ଅବା ଅଗ୍ରୀବ—ନିମଜ୍ଜିତ ହୋଇ ମହୋଲ୍ଲାସରେ ଜଳକ୍ରୀଡ଼ା-ରତ, କେହି କେହି ପିତ୍ତଳଗରା ଉପରେ ଭରଦେଇ ଇତସ୍ତତଃ ସନ୍ତରଣ-ବ୍ୟାପୃତ । ଏମାନଙ୍କର କଳରବରେ ଘାଟ ଶବ୍ଦାୟମାନ । ବର୍ଷୀୟସୀମାନେ ସେ କୋଳାହଳରେ ବିରକ୍ତହୋଇ ମଧ୍ୟେ ମଧ୍ୟେ ସେମାନଙ୍କୁ ତିରସ୍କାର କରୁଅଛନ୍ତି, ଯୁବତୀ ଏବଂ କିଶୋରୀମାନେ ବାଳିକାମାନଙ୍କ ଉପରେ ଅତିଶୟ ବିରକ୍ତ ହେଉଅଛନ୍ତି । ସେମାନଙ୍କର ଏବଂବିଧ କ୍ରୀଡ଼ାପରତାର ଅସାରତା ଅନୁଭବକରି ସେମାନେ ମନେ ମନେ ଏବଂ ପ୍ରକାଶ୍ୟରେ ମହାବିରକ୍ତ ହେଉଥିଲେ । କିନ୍ତୁ ସେମାନେ ସ୍ଥିରଚିତ୍ତରେ ପ୍ରଣିଧାନକଲେ ବୁଝିପାରନ୍ତେ ଏକ ସମୟରେ ସେମାନେ ମଧ୍ୟ ଏହି ଅସାର ଉନ୍ମତ୍ତତାକୁ ସାର ଜ୍ଞାନକରି ଅପରିସୀମ ଆନନ୍ଦ ଉପଭୋଗ କରିଥିଲେ । ତାହା ବେଶିଦିନର କଥାନୁହେଁ, ମାତ୍ର ଗୋଟିଏ କଅଣ ଇନ୍ଦ୍ରଜାଲ ପ୍ରଭାବରୁ ସେ ଭାବ ଅକସ୍ମାତ୍ ପରିବର୍ତ୍ତିତ ହୋଇଅଛି । ସେମାନଙ୍କର ନବୀନ ଜୀବନରେ ସଂସାରକୁ ବର୍ତ୍ତମାନ ଭିନ୍ନ ଚକ୍ଷୁରେ ଦେଖୁଅଛନ୍ତି । ସେମାନେ ବର୍ତ୍ତମାନ ଗାତ୍ର—ମାର୍ଜ୍ଜନାରେ ଭୂରିପରିମାଣ ଆୟାସ ସ୍ୱୀକାରରେ ବ୍ୟାପୃତା ଏବଂ ହରିଦ୍ରା ଲେପନରେ ମୁଖ ସୌନ୍ଦର୍ଯ୍ୟ ବର୍ଦ୍ଧନର ପ୍ରୟାସିନୀ ବୋଧ ହେଉଥିଲା ।

ଅପରାହ୍ନ ଦୁଇଟା ବେଳେ ଆମ୍ଭମାନଙ୍କର ନୌକା—ଯାତ୍ରା ଆରମ୍ଭହେଲା । ଗଙ୍ଗାନାରାୟଣ ବାବୁ ଦୟାବହି ଘାଟ-ପର୍ଯ୍ୟନ୍ତ ଆସି ଅପୂର୍ଣ୍ଣ ବନ୍ଦୋବସ୍ତଗୁଡ଼ିକ ପୂର୍ଣ୍ଣକରି ଦେଇଥିଲେ । ନୌକାରେ ୪।୫ ଗୋଟି କୋଠରି, ସୁତରାଂ

Digitized by srujanika@gmail.com

ପ୍ରକାଣ୍ଡ ନୌକାରେ ଦ୍ରବ୍ୟାଦି ସହ ମୋହନ ସଙ୍ଗରେ-ଥିବା ଦୁଇଜଣଙ୍କୁ ଯେପରି ଅନାୟାସରେ ଏବଂ ସ୍ୱଚ୍ଛନ୍ଦରେ ଆଶ୍ରୟ ଲାଭକଲେ । ମହାନଦୀର ଦକ୍ଷିଣ କୂଳରେ ନୌକା ଚାଲିଲା । ଖଣ୍ଡପଡ଼ା ରାଜ୍ୟର ହନୁମନ୍ତପ୍ରସାଦ ପର୍ବତର ତଳଦେଶରେ ନୌକା ଚାଲିଥାଏ ।

ପର୍ବତର ପୂର୍ବାଂଶରେ କ୍ଷୁଦ୍ର ଗିରି-ନଦୀ ବିସର୍ପିତ ଗତିରେ ଅନନ୍ତ ଅରଣ୍ୟ ମଧ୍ୟରୁ ଅଦୃଶ୍ୟ ଭାବରେ ବାହାରି ମହାନଦୀକୁ ଜଳ-କର* ପ୍ରଦାନ କରୁଥିଲା । ସୂର୍ଯ୍ୟ-ରଶ୍ମିମାଳା ବନର ସୁଚିକ୍କଣ ହରିତ୍ ପତ୍ରରାଜି ଉପରେ ବିକୀର୍ଣ୍ଣ ହୋଇ ମନୋହର ଶୋଭାର ସୃଷ୍ଟି କରୁଥିଲା । ପର୍ବତର ପଶ୍ଚିମଦିଗରେ ଅରଣ୍ୟ ମଧ୍ୟସ୍ଥିତ ପ୍ରକାଣ୍ଡ କୃଷ୍ଣ ପ୍ରସ୍ତରସମୂହ ଇତସ୍ତତଃ ବିକ୍ଷିପ୍ତ ଓ ବିନ୍ୟସ୍ତ ହୋଇ ସେହି ସ୍ଥାନର ଭୀଷଣତା ଦ୍ୱିଗୁଣିତ କରିଦେଉଥିଲା । ପର୍ବତର ଗୋଟିଏ ଗୋଟିଏ ଫାଟ ଅନ୍ଧକାରମୟ ଓ ଲତାକୀର୍ଣ୍ଣ ହୋଇ ମନରେ ସର୍ପ ଓ ହିଂସ୍ର ଜନ୍ତୁଭୟ ଉପୁଜାଉଥିଲା । ନଦୀର ଅପରପାର୍ଶ୍ୱରେ ବଡ଼ମ୍ବାର ସୁପ୍ରସିଦ୍ଧ ଭଟ୍ଟାରିକାଦେବୀଙ୍କର ଦେଉଳ ସୂର୍ଯ୍ୟକିରଣରେ ଝଟକୁଥିଲା ।

ନୌକା ଅଗ୍ରସର ହୋଇ ଖଣ୍ଡପଡ଼ାର ପ୍ରସିଦ୍ଧ ବ୍ୟବସାୟ-ସ୍ଥଳୀ ପଦ୍ମାବତୀ ଗ୍ରାମପାର୍ଶ୍ୱରେ ଚାଲିଲା । ସୂର୍ଯ୍ୟଦେବ ଅସ୍ତାଚଳକୁ ଯିବାର ଉଦ୍ୟୋଗ କରୁଥିଲେ । ହନୁମନ୍ତପ୍ରସାଦ ପର୍ବତର କୃଷ୍ଣଛାୟା ଧୀରେ ଧୀରେ ବହୁଦୂର ପର୍ଯ୍ୟନ୍ତ ବିସ୍ତୃତ ହୋଇଥିଲା । ଅଦୂରବର୍ତ୍ତୀ ଗ୍ରାମରୁ ଅସ୍ପଷ୍ଟ କଳରବ ଉତ୍ଥିତ ହେଉଥିଲା । ଗଉଡ଼-ପିଲାମାନେ ଗୋ—ମହିଷର ପଲ ଯେପରି ବନମଧ୍ୟରୁ ବାହୁଡ଼ି ଆସୁଥିଲେ ଏବଂ ସୁମଧୁର କଣ୍ଠରେ ଗୋଟିଏ ଗ୍ରାମ୍ୟ ଗୀତର ପଦ ଗାଇ ଗାଇ ଉଲ୍ଲାସ ହୃଦୟରେ "କଇଁର, ଶଙ୍ଖି, ନେତ" ପ୍ରଭୃତି ଗୋରୁମାନଙ୍କୁ ଖୋଜ ଖୋଜ ପରକ୍ଷଣରେ ପରସ୍ପର କଜିଆ ଲଗାଇ ଦେଉଥିଲେ । ସୁଶୀତଳ ସାନ୍ଧ୍ୟ ସମୀରଣରେ ବୃକ୍ଷ ପତ୍ରର ମର୍ମରଧ୍ୱନି ଉଠୁଥିଲା ।

ପଦ୍ମାବତୀ ଗ୍ରାମର ଅନେକ ସମୃଦ୍ଧ ମହାନଦୀ ଲୋପ କରିଦେଲାଣି । ଦେଉଳ ଓ କୋଠାଘରଗୁଡ଼ିକ ମହାନଦୀ ଗ୍ରାସ କରିଅଛି ଏବଂ ଅନ୍ୟାନ୍ୟ ବୃହ ସମସ୍ତ ମହାନଦୀ ଗର୍ଭକୁ ଯିବାକୁ ବସିଅଛି । ଏହାର ସମ୍ମୁଖସ୍ଥ ନଦୀଗର୍ଭର ବାଲିରେ ନୌକା ରଖିଲୁଁ ।

କୃଷ୍ଣପକ୍ଷର ରାତି, ଅନନ୍ତ ଅନ୍ଧକାର ତାହାର ନୀରବ ପକ୍ଷପୁଟରେ ଜଗତ୍ ଆଚ୍ଛନ୍ନକରି ଭୁବନେଦରେ ପଡ଼ି ରହିଅଛି, କେବଳ ଦୂର ଆକାଶରେ ଲକ୍ଷ ଲକ୍ଷ ତାରକାର ସ୍ତିମିତ ଦୃଷ୍ଟି, ନଦୀର ସ୍ୱଚ୍ଛଜଳରେ ସେମାନଙ୍କର ବିମଳ-ଶ୍ୱେତ ଜ୍ୟୋତି ପ୍ରତିଫଳିତ ହେଉଅଛି । ନଦୀର ବାଲି ଅତଡ଼ା ଉପରେ ଗୋଟିଏ ଝିଙ୍କାରି ତାହାର ନୈଶ-ସଙ୍ଗୀତର ଆଖଡ଼ା ଜମାଇଦେଇଥିଲା, କିନ୍ତୁ ମୋହନର ପଦଶବ୍ଦରେ ସେ ସଙ୍କୁଚିତ ହୋଇ ତାହାର କର୍କଶ ଧ୍ୱନି କିଛିକ୍ଷଣ ବନ୍ଦ ରଖିଦେଲା; କିନ୍ତୁ ଶୀଘ୍ରହିଁ ପୂର୍ଣ୍ଣୋତ୍ସାହରେ ସଙ୍ଗୀତ ଆରମ୍ଭ କରିଦେଲା । ନଦୀର କଳକଳ ସ୍ୱନ ବ୍ୟତୀତ ଦୂରର କାଠୁଆଡ଼ଘରୁ ମତ୍ସ୍ୟଜୀବିଙ୍କର ଉଚ୍ଛ୍ୱସିତ ସଙ୍ଗୀତ ବଡ଼ ମଧୁର ବୋଧ ହେଉଥିଲା ।

ଏହି ସଙ୍ଗୀତରୁ ସେମାନଙ୍କର ହୃଦୟ କେଉଁ ଅପାର୍ଥିବ ରତ୍ନର ସନ୍ଧାନପାଇ ତାହା ଲାଭକରିବା ସକାଶେ ଆକୁଳ ହୋଇ ଉଠୁଥିଲା, ତାହା ସେମାନେ ଜାଣନ୍ତି ନାହିଁ, କିନ୍ତୁ ସେମାନଙ୍କ ଗୀତର ରାଗିଣୀର ବ୍ୟାକୁଳତା, ହୃଦୟର ଅନ୍ଧକାରମଧ୍ୟରେ ଆବଦ୍ଧ ନ ରହି, ବହିଃପ୍ରକୃତି ସହିତ ଅନ୍ତଃପ୍ରକୃତିର କୋମଳ ମଧୁରସମ୍ବନ୍ଧ ସଂସ୍ଥାପିତ କରିଦିଏ । ଏହି ହେତୁରୁ ସେମାନଙ୍କର ହୃଦୟ ଓ ମନ ଝଙ୍କୃତକରି ବହୁପୂର୍ବ ଯୁଗର ପଲ୍ଲୀଜୀବନର ସୁଖ, ଦୁଃଖ ଆଶା, ଭୟ, ବେଦନା ଓ ମୋହରେ ଜଡ଼ିତ ଗୋଟିଏ ଗୋଟିଏ କରୁଣ ସଙ୍ଗୀତୋଚ୍ଛ୍ୱାସ ସେମାନଙ୍କର ମୁକ୍ତ କଣ୍ଠରୁ ନବଜୀବନ ଲାଭକରିଥାଏ ମାତ୍ର ।

ପ୍ରତ୍ୟୁଷରୁ ବଡ଼ମ୍ବାର ପ୍ରସିଦ୍ଧ ଦ୍ୱୀପ-ଶୈଳ ସିଂହନାଥ ପାର୍ଶ୍ୱରେ ନୌକା ଚାଲିଲା । ଏଠାରେ ସିଂହନାଥ ଶିବଙ୍କର ମନ୍ଦିର ଗୋଟିଏ ଦର୍ଶନୀୟ ବସ୍ତୁ । ଭୁବନେଶ୍ୱର ଅଞ୍ଚଳର ମନ୍ଦିର ସମୂହରେ ପ୍ରସ୍ତର କାରୁ ଦୁଇପ୍ରକାର:—ଗୋଟିଏ ଉଠାକାର୍ଯ୍ୟ, ଗୋଟିଏ ଖୋଳାକାର୍ଯ୍ୟ । ମାତ୍ର ସିଂହନାଥଙ୍କର ଦେଉଳରେ ଉଭୟ କାର୍ଯ୍ୟର ସୁନ୍ଦର ନମୁନା

Digitized by srujanika@gmail.com

ରହିଅଛି। ଏହା ନିକଟରେ ରାୟସାହେବ ମୋହନ ସୁରୁକି ଗୋଟିଏ ଧର୍ମଶାଳା ଅଳ୍ପଦିନ ପୂର୍ବେ ପ୍ରସ୍ତୁତ କରଦେଇ ପ୍ରତ୍ୟେକ ଯାତ୍ରୀର ମହୋପକାର ସାଧନ କରୁଅଛନ୍ତି।

ଅପରପାର୍ଶ୍ୱରେ ବୈଦ୍ୟେଶ୍ୱର ଗ୍ରାମ। ଏହି ଗ୍ରାମର ପଶ୍ଚିମରେ କ୍ଷୁଦ୍ର କଣ୍ଟକ ବନାକୀର୍ଣ୍ଣ ଗୋଟିଏ ଶୈଳ ହାତୀ ଶୋଇଲା ଭଳି ପଡ଼ିରହିଅଛି। ଏହି ଶୈଳତଳେ ବୈଦ୍ୟନାଥ ଶିବ ପ୍ରତିଷ୍ଠିତ ଏବଂ ଗ୍ରାମର ପୂର୍ବାଂଶରେ ଗୋଟିଏ କ୍ଷୁଦ୍ର ଶୈଳ ଉପରେ ରାମନାଥ ଶିବଙ୍କର ମନ୍ଦିର-ହିଁ ସୁସ୍ପଷ୍ଟ ପରିଦୃଶ୍ୟମାନ।

ନୌକାର ଗତିବେଳେ ପ୍ରାୟ ପାଞ୍ଚମାଇଲ ଦୂରକୁ ଏକପାର୍ଶ୍ୱରେ ବଡ଼ମ୍ବା ରାଜ୍ୟର କୁମାରଙ୍ଗ ପର୍ବତ ଏବଂ ଅନ୍ୟ ପାର୍ଶ୍ୱରେ ବାଙ୍କିର ମହାପର୍ବତ ଏହି ଉଭୟର ଦୃଶ୍ୟ ଅତି ରମଣୀୟ ବୋଧ ହେଉଥିଲା। ମହାନଦୀର ଏହି ଅଂଶରୁ ପର୍ବତର ଉଚ୍ଚତା କମିଗଲା।

"ନାବିକ- ଅର୍ଚ୍ଚିତ ଚର୍ଚ୍ଚିକା" ଦେବୀଙ୍କର ମନ୍ଦିର ଚର୍ଚ୍ଚିକା ଗ୍ରାମର ପ୍ରାନ୍ତରେ। ଚର୍ଚ୍ଚିକାରେ ବାଙ୍କିର ସମସ୍ତ ରାଜ-କାର୍ଯ୍ୟାଳୟ ଏବଂ ଡାକବଙ୍ଗଳା ନଦୀଗର୍ଭରୁ ସ୍ପଷ୍ଟ ପରି-ଦୃଶ୍ୟମାନ। ଏଠାରେ ମହାନଦୀର ଏକପାର୍ଶ୍ୱ ତିଗିରିଆ-ରାଜ୍ୟ, ଅପରପାର୍ଶ୍ୱ ବାଙ୍କି। ମାତ୍ର ଅଳ୍ପଦୂର ଉତ୍ତାରୁ ତିଗି-ରିଆ ରାଜ୍ୟ ପ୍ରାନ୍ତରେ ପୁଣି ବାଙ୍କି ପଡ଼ିଲା, ମାତ୍ର ଅପର-ପାର୍ଶ୍ୱ ଡୋମପଡ଼ା।

ବାଙ୍କିର ରତାଗଡ଼ ନାମକ ମହାନଦୀ ତଟର ଶୈଳ ଉପରେ ଗୋଟିଏ ପ୍ରାଚୀନ ଶିବମନ୍ଦିର ରହିଅଛି, ଏହା ନିକଟରେ ଗୋଟିଏ ସୁନ୍ଦରବଙ୍ଗଳା ଅଳ୍ପଦିନ ହେବ ପ୍ରସ୍ତୁତ ହୋଇଅଛି। ଏହାର ପ୍ରାୟ ଏକମାଇଲ ତଳକୁ ସୁବର୍ଣ୍ଣପୁର ଗ୍ରାମ। ପ୍ରକୃତି-ପିପାସୁଙ୍କ ପକ୍ଷରେ ସୁବର୍ଣ୍ଣପୁର ଗ୍ରାମ ଉପକଣ୍ଠସ୍ଥ ଅଂଶୁପା ହ୍ରଦର ସନ୍ଦର୍ଶନ ଅମୃତତୁଲ୍ୟ। ଶୈଳ-ବେଷ୍ଟିତ ମଧୁରଜଳର ଏତେବଡ଼ ହ୍ରଦ ଉତ୍କଳରେ ଆଉ ଦ୍ୱିତୀୟ ନାହିଁ।

ଅପର ପାର୍ଶ୍ୱରେ ଡୋମପଡ଼ା କାଳିକା-ପ୍ରସାଦ ରାଜ-ଭବନ ନଦୀର ପ୍ରସ୍ତର-ତଟ ଉପରେ ନିଜ ଗୌରବାନ୍ୱିତ ଅସ୍ତିତ୍ୱର ପରିଚୟ ଦେଉଅଛି। ଏହାପ୍ରାୟ ୭୦ ବର୍ଷ ପୂର୍ବେ ଡୋମପଡ଼ା ଅଧୀଶ୍ୱର ୰ବ୍ରଜେନ୍ଦ୍ର ମାନସିଂହ କର୍ତ୍ତୃକ ନିର୍ମିତ ହୋଇଥିଲା।

ଏହା ଉତ୍ତାରୁ ଓସ୍ତିଆ ଓ ଫୁଲବାର ଗ୍ରାମଦ୍ୱୟ ପଡ଼ିଲା। ଏହାର ପ୍ରାନ୍ତରେ ନଦୀକୂଳକୁ ଶ୍ମଶାନ। ଏହା ନିକଟରେ ଗୋଟିଏ ଶିମିଳି ବୃକ୍ଷ ଆକାଶରେ ଶାଖା-ବାହୁ ପ୍ରସାରିତ କରି ବିକଟାକାର ପ୍ରେତ ଭଳି ସ୍ତବ୍ଧ ଭାବରେ ଦଣ୍ଡାୟମାନ। ଟିକିଏ ଦୂରକୁ ୩।୪ ଗୋଟି ବିଲୁଆ ଗୋଟିଏ ଅର୍ଦ୍ଧଦଗ୍ଧ ମୃତଦେହ ଘେନି ଟଣାଟଣି ଲଗାଇଅଛନ୍ତି, ପରସ୍ପରକୁ ଆକ୍ର-ମଣ ପୂର୍ବକ " ଖ୍ୟାକ୍ ଖ୍ୟାକ୍ " ଶବ୍ଦରେ ଶ୍ମଶାନର ନିସ୍ତ-ବ୍ଧତା ଭଙ୍ଗ କରୁଅଛନ୍ତି। ଚତୁର୍ଦ୍ଦିଗରେ କେତେଗୋଟା ନରମୁଣ୍ଡ ପଡ଼ି ରହିଅଛି; ଶ୍ୱେତବର୍ଣ୍ଣ ଅସ୍ଥିରାଶି ଇତସ୍ତତଃ ବିକ୍ଷିପ୍ତ; ଟିକିଏ ଦୂରରେ ଗୋଟିଏ କନ୍ଥା ପଡ଼ିଥିଲା ତାହାକୁ ଛିଣ୍ଡାଇ ତହିଁରୁ ଶୃଗାଳମାନେ ତୁଳା କାଢ଼ି ପକାଇଲେଣି। କେଉଁଠାରେ ମାଠିଆ, କେଉଁଠାରେ ଛିଣ୍ଡାମଶିଣା, ଚିତା-ଭସ୍ମ ସମୀପରେ ଅର୍ଦ୍ଧଦଗ୍ଧ କାଷ୍ଠଖଣ୍ଡ ଓ ସୁଦୀର୍ଘ ବଂଶଦଣ୍ଡ। ହଠାତ୍ ୫।୬ ଗୋଟି ଶାଗୁଣା ଉପରୁ ଉଡ଼ିଆସି ସେହି ଅର୍ଦ୍ଧଦଗ୍ଧ ମୃତଦେହ ଉପରେ ପଡ଼ିଯିବାରୁ ବିଲୁଆମାନେ କ୍ରମଶଃ ଘୁଞ୍ଚିଦେଲେ। ଆମ୍ଭେମାନେ ଏହି ଦୃଶ୍ୟସକାଶେ ନୌକାକୁ କିଛିକ୍ଷଣ ରଖି ଦେଖୁଥିଲୁଁ। ଶ୍ମଶାନର ଗର୍ତ୍ତ-ସମୂହରୁ ମୃତ୍ତିକା ବିଦୀର୍ଣ୍ଣ କରି ଶବକୁ ବିଲୁଆ ବାହାରକୁ ଓଟାରିଆଣନ୍ତି, ମାତ୍ର ଶବ-ମାଂସର ପୂର୍ଣ୍ଣ ଆସ୍ୱାଦନ ତାହାଙ୍କ ଭାଗ୍ୟରେ ନାହିଁ—ସେତେବେଳକୁ ଶକୁନପଲ ମାଡ଼ି-ବସନ୍ତି, ଏହା ମୁଁ ଅନେକଥର ଦେଖିଅଛି। ଶକୁନପଲ କବଳରୁ ଓଟାରିନେବା ଶୃଗାଳପକ୍ଷରେ ବଡ଼ କଠିଣ। ଶବ-ଟାଣି ବାହାର କରିବାକୁ ଶୃଗାଳହିଁ କ୍ଷମ—ମାତ୍ର ଏତେ-ପରିଶ୍ରମର ପୁରସ୍କାର ତାହା ଭାଗ୍ୟରେ କ୍ୱଚିତ୍ ଘଟିଥାଏ।

ଆମ୍ଭେମାନେ ଏଠାରେ ସ୍ନାନାହାର କରିବା ସକାଶେ ନୌକା କିଛି ଦୂରରେ ରଖିବାରୁ ଶ୍ମଶାନର ସର୍ବପ୍ରଧାନ ଦୃଶ୍ୟ ଆଖିରେ ପଡ଼ିଗଲା। କିୟତ୍କ୍ଷଣ ଉତ୍ତାରୁ କେତେଜଣ ଶବବାହକ ଗୋଟିଏ ଶବକୁ ସଂସ୍କାରାର୍ଥ ଆଣିଲେ। କେତେଦିନର ରୋଗ ତାପ ଯନ୍ତ୍ରଣାରୁ ମୁକ୍ତହୋଇ ଏହି ଶବ ଏଠାକୁ ଆସିଅଛି, ତାହାର ଇତିହାସ ଆମ୍ଭମାନଙ୍କୁ ଜଣାନାହିଁ, କିନ୍ତୁ ତାହାବୋଲି ତ ତାହାର ସ୍ନେହ ଓ

Digitized by srujanika@gmail.com

ପ୍ରେମର ଅଭାବ ସଂସାରରେ ନଥିଲା । ପୃଥିବୀରେ ସେ ଯାହାର ହୃଦୟର "କଲ୍ପନା" ସ୍ୱରୂପ ଥିଲା ତାହାର ଆଜି କେଉଁ ଦୁର୍ଦ୍ଦଶା ! ତାହାର ଅଙ୍ଗ ଏହି ମହାନଦୀତୀରର ଶ୍ମଶାନରେ ଆଜି ପ୍ରୋଥିତ ହେଲା—ଅଳ୍ପକ୍ଷଣ ଉତ୍ତାରୁ ଶୃଗାଳ କୌଳ ଶକୁନ ଦଳର ଆହାର୍ଯ୍ୟ ସଂସ୍ଥାନ କରିଦେବ । ଜୀବନର ନଶ୍ୱରତାର ଗୋଟିଏ ଜାଜ୍ୱଲ୍ୟମାନ ପ୍ରମାଣ ସମ୍ମୁଖରେ ଦେଖି ଆକୁଳ ହେଲି । ଭାବିଲି ଏଭଳି କେତେ ବିରହ ଓ ବିଷାଦର ଅଭ୍ୟନ୍ତର ମଧ୍ୟରେ ମାନବ ଜୀବନ ପ୍ରତ୍ୟହ ଅନନ୍ତ କାଳସାଗରରେ ଭାସି ଯାଉଅଛି—ମୃତ୍ୟୁର ଚିରବିସ୍ତୃତ-ସମାଚ୍ଛନ୍ନ ଅଲଙ୍ଘ୍ୟ ବ୍ୟବଧାନ ଅତିକ୍ରମ କରିବାହିଁ ଆମ୍ଭମାନଙ୍କର ଅମରଜୀବନ ଲାଭକରିବାର ଅନ୍ୟତମ ଉପାୟ । ଏଠାରେ ମହାକବି Wordsworthଙ୍କର କେତେକ ଧାଡି ସ୍ମରଣ ହେଲା :—

" Man who is from God sent forth,
Doth yet again to God return,
Such ebb and flow must ever be,
Then, wherefore should we mourn

ଆପାତତଃ ମନ ପ୍ରଫୁଲ୍ଲ କରିବାର ଅନ୍ୟତମ ଉପାୟ ମଧ୍ୟ ସମ୍ମୁଖରେ ମିଳିଗଲା । ଯୋଡିଏ ମହାଜନୀ ନୌକା ଆମ୍ଭମାନଙ୍କର ପାର୍ଶ୍ୱ ଦେଇ ଖରସ୍ରୋତରେ ଭାସି ଯାଉଥିଲା । ଆମ୍ଭମାନଙ୍କର ନାଉରୀ ଅନ୍ୟ ନୌକାର ନାଉରୀଙ୍କୁ ତୀବ୍ରସ୍ୱରରେ ଚିତ୍କାର କରି ପଚାରିଲା "ପଟୁଆ କେଉଁଠାର ?" ତେଣୁ ତୀବ୍ର ସ୍ୱରରେ ଉତ୍ତର ଆସିଲା "ନରସିଂହପୁର, ଏକତାଳ ।"

ନୌକା ସ୍ରୋତରେ ଭସାଇଦେଇ ଆମ୍ଭେମାନେ ଆଠଗଡ଼ର ଅମିସ୍ମୃ କୁଦ ଅତିକ୍ରମ କରି ଆଠଗଡର ପ୍ରଧାନ ବାଣିଜ୍ୟସ୍ଥଳୀ କନ୍ଦରପୁର ଗ୍ରାମର ଘାଟପାଖକୁ ଆସିଲୁଁ । ଅପରାହ୍ନର ଲୋହିତ ରବିକର-ସମ୍ପାତରେ ମହାନଦୀ ବକ୍ଷ ଝକ୍‌ମକ୍ କରୁଥିଲା । ବଡ ବଡ଼ ମହାଜନୀ ପଟୁଆ ଲକ୍ଷ୍ୟ ପଥରେ ଧାଇଁ ଯାଉଥିଲା । ପଟୁଆ ଦୁଇପ୍ରକାର ରୂପେ ମହାନଦୀରେ ଖ୍ୟାତ । ମହାନଦୀର ବିଷମ ଶଯ୍ୟାରେ ଯେଉଁ ସବୁ ଅଥର ବଡ ନୌକାମାନ ସମ୍ବଲପୁର, ସୋନପୁର, ବଉଦ ଓ ଆଠମଲ୍ଲିକ ପ୍ରଭୃତିରୁ ଆସେ ତାହା 'ଘାଡୁଆ' ପଟୁଆ ଏବଂ ଅନ୍ୟ ସମସ୍ତ ବଡ ବଡ଼ ନୌକାମାନ 'ଓଡଆ' ପଟୁଆ ନାମରେ ଅଭିହିତ ।

ପଲ୍ଲୀ ଯୁବତୀମାନେ କଳସୀକକ୍ଷରେ ଜଳ ଆଣିବାକୁ ପ୍ରସ୍ତର ରାଶି ଉପରେ ମହାନଦୀ କୂଳକୁ ଚାଲିଅଛନ୍ତି । ନଦୀତୀରସ୍ଥ ବୃକ୍ଷକୁଞ୍ଜାବଳୀର ଉପରକୁ ଗୋଟିଏ ଝେପି ଚଢ଼େଇ ନିଜର ସ୍ୱର ଲାଳିତ୍ୟରେ ସମସ୍ତଙ୍କୁ ମୁଗ୍ଧ କରୁଥିଲା ଏବଂ ଏହି ସମସ୍ତ ଦେଖିଁ ୨ ନୌକାର ଛାଲ ଉପରେ ବସି ଦିକ୍ ଚକ୍ରବାଳ-ସୀମାରେ ବନାନୀ-ଶ୍ୟାମଳ ଆଠଗଡର ଶୈଳାବଳୀର ସୌମ୍ୟମୂର୍ତ୍ତି ନିର୍ନିମେଷ ନେତ୍ରରେ ଦେଖୁଥିଲି ।

ଅଳ୍ପଦୂର ଉତ୍ତାରୁ ଆଠଗଡର ରାଉତରାପୁର ଗ୍ରାମ ଶୈଳକାନ୍ତରେ ନଦୀରୁ ଅନେକ ଊର୍ଦ୍ଧ୍ୱରେ ଅବସ୍ଥିତ । ଏ ଗ୍ରାମରେ ଗୋଟିଏ ପ୍ରାଚୀନ ଦୁର୍ଗର ସ୍ମୃତି ବିଜଡିତ । ଅପରପାର୍ଶ୍ୱରେ ଡୋମପଡାର ପ୍ରାଚୀରାକୃତି ଶୈଳଶ୍ରେଣୀ ତଳେ ମହାନଦୀ ତୀରବର୍ତ୍ତୀ ଦେବୀଦ୍ୱାର ମନ୍ଦିର । ରାତ୍ରିବାସ ସକାଶେ ଏହାର କିଛି ଦୂରକୁ ନୌକା ରଖିବାକୁ ହୋଇଥିଲା ।

ସୂର୍ଯ୍ୟଦେବ ବହୁକ୍ଷଣ ପୂର୍ବରୁ ଅସ୍ତ ଯାଇଅଛନ୍ତି । ଦିବାଶେଷର ଅସ୍ପଷ୍ଟାଲୋକ ଗୋ-ଧୂଳି ଅନ୍ଧକାର ସହିତ ମିଶିଯାଇ ଅପୂର୍ବ ଶ୍ରୀ ଧାରଣ କରିଅଛି । ମଳିନାମ୍ବରା ରମଣୀଭଳି ଧରଣୀ ତିମିରରୂପ ମଳିନବାସ ପରିହିତା ହୋଇ ଦେଖାଦେଲେ । ସ୍ନିଗ୍ଧ ଶାନ୍ତ ସାନ୍ଧ୍ୟ ସମୀର ପାର୍ବତ୍ୟ—ଲତାର କୁସୁମାବଳୀ ଦୋହଲାଇ ହିଲ୍ଲୋଳିତ କରୁଥିଲା । ସମ୍ମୁଖରେ ଅନୁଚ୍ଚ ଶୈଳମାଳା ଅଙ୍ଗରେ ସନ୍ଧ୍ୟାର ଅନ୍ଧକାର ବୋଲି ପ୍ରାବୃଟର ଭୀମକାନ୍ତ ଜଳଦସ୍ତମ୍ଭ ଭଳି ନୀଳକାନ୍ତି ବିସ୍ତାର କରି ଦଣ୍ଡାୟମାନ । ଶୈଳ ପାଦମୂଳରେ ବୃକ୍ଷବେଷ୍ଟିତ ଗୋଟିଏ କୁଟୀର, ତାହାର ଜଳା କବାଟରୁ କ୍ଷୀଣ ଦୀପାଲୋକ ପରିଦୃଷ୍ଟ ହେଉଥିଲା ।

ଅନ୍ଧକାରପ୍ଲାବିତ ବନଭୂମିର ବିରାଟ ସୌନ୍ଦର୍ଯ୍ୟ କେବଳ ଉପଭୋଗ ଯୋଗ୍ୟ, ଲେଖି ବୁଝାଇବା ବିଫଳ-ପ୍ରୟାସ । ଅନ୍ଧକାରମଧ୍ୟରେ ଖଦ୍ୟୋତ ତୀବ୍ର-ଗତିରେ ଉଡଇଁ ବୁଲି ବୁଲି ଶ୍ୟାମାଙ୍ଗିନୀ ରଜନୀର କବରୀ ଉଜ୍ଜ୍ୱଳ

Digitized by srujanika@gmail.com

କରି ଦେଉଅଛି, ପବନ ସେହି ଅନ୍ଧକାର ମଧ୍ୟରୁ ବନ୍ୟ ପୁଷ୍ପର ସୁଗନ୍ଧ ଘେନିଯାଇ ଦର୍ଶକ-ନିକଟରେ ପହଞ୍ଚାଇ ଦେଉଅଛି ।

ଏ ଗୁଡ଼ିକ ଦେଖି ମୁହୂର୍ତ୍ତମଧ୍ୟରେ କେତେ ମାଧୁର୍ଯ୍ୟ, କେତେ ପବିତ୍ରତା, କେତେ ଅତୃପ୍ତ ଆକାଙ୍କ୍ଷା, କେତେ ସୌନ୍ଦର୍ଯ୍ୟରାଶି ହୃଦୟମଧ୍ୟରେ ଉପୁଜି ଉଠି ପୁଣି ସେହି ହୃଦୟରେ ବିଲୀନ ହୋଇଗଲା !

ପରଦିନ ଯେତେବେଳେ ନୌକା ଛାଡ଼ିଲୁଁ ସେତେବେଳେ ପ୍ରଭାତାରୁଣ-କିରଣ ନଶିର ଶିଶିରସିକ୍ତ ମହାନଦୀ ଅତଡ଼ା ଉପରେ କେବଳ ପଡ଼ିଥିଲା—ଅତଡ଼ା ଉପରର କୋଚିଲା ବୃକ୍ଷଶାଖାରେ ଭଉଢଥ-ବଧୂ ହୃଦୟ ଗାଥାର ପ୍ରଥମ ଆବୃତ୍ତି କରି ପକାଉଥିଲା, କେବଳ ଅଦୂରସ୍ଥିତ ଶେଫାଳିକା ବୃକ୍ଷରୁ ପବନରେ ଝଡ଼ି ଭୂମି ଶଯ୍ୟାରେ ଗଡ଼ ଗଡ଼ କ୍ଷୀଣ ସୁଗନ୍ଧ ଚତୁର୍ଦ୍ଦିଗରେ ବିସ୍ତୃଦେଇ ତାହାର କୁସୁମ ଜନ୍ମର ସାର୍ଥକତା ସମ୍ପାଦନର ଚେଷ୍ଟା କରୁଥିଲା ମାତ୍ର ।

ଅଳ୍ପଦୂର ଉତ୍ତାରୁ ନରାଜର ସିଦ୍ଧନାଥ ମୁଣ୍ଡିଆ ଉପରୁ ସିଦ୍ଧନାଥଙ୍କର ଦେଉଳ ଦିଶିଲା । ନଦୀର ଅପରପାର୍ଶ୍ୱରେ ସପେଶ୍ୱରୀ ନଦୀ (ସାପୁଆ) ହିନ୍ଦୋଳ ଓ ଆଠଗଡ଼ ମଧ୍ୟ ଦେଇ ମହାନଦୀକୁ ଜଳକର ଦେଉଅଛି । ମହାନଦୀର ପାଣି ନରାଜଠାରୁ ପ୍ରଥମ ଖରଚ ହେଲା କାଠଯୋଡ଼ୀରୁ । ମହାନଦୀର ଆରମ୍ଭ ଠାରୁ ଏହିଠାରେହିଁ ତାହାର ପ୍ରଥମ ବ୍ୟୟ, ମାତ୍ର ଜନ୍ମଭୂମି ଠାରୁ ସେ କେବଳ ଆୟ କରି ଆସୁଥିଲା ।

କ୍ରମଶଃ ଉତ୍ତରପାର୍ଶ୍ୱରେ ନୂଆଶାସନ, ବ୍ରହ୍ମପୁର, କଖଡ଼, ବାଲିତୁଠ ପ୍ରଭୃତି ଗ୍ରାମ ଅତିକ୍ରମ କରି ଆମ୍ଭେମାନେ ବିଦ୍ୟାଧରପୁର ଗ୍ରାମର ତୁଠରେ କାର୍ଯ୍ୟବ୍ୟପଦେଶରେ ନୌକା ରଖିଲୁଁ । ନୌକା ରଖିବାର ଅବ୍ୟବହିତ ପରେ ଯୋଡ଼ିଏ ସ୍ତ୍ରୀ ଲୋକର ବଚସା ଆରମ୍ଭ ହେଲା—ଏବଂ ଏହି ବଚସା ଦାରୁଣ କଳହରେ ଆତ୍ମପ୍ରକାଶ କଲା । ଜଣେ ତୁଠ ଉପରେ ଏବଂ ଆଉ ଜଣେ ଗ୍ରାମ ତଳର ନଦୀ ଅତଡ଼ା ଉପରେ ଛିଡ଼ା ହୋଇ ଅନବରତ ଝୁଲୁଥିବାର ଦୃଶ୍ୟ କୌତୂହଳୋଦ୍ଦୀପକ ହେଲେହେଁ ସେମାନଙ୍କର ଅଶ୍ରାନ୍ତ-ରସନାର ଅଶ୍ଳୀଳ ବାକ୍ୟାବଳୀ ବିରାମ ଲଭିଲା ନାହିଁ । ଯେ ଅପେକ୍ଷାକୃତ ବୁଢ଼ୀ ତାହାର ଧୈର୍ଯ୍ୟଚ୍ୟୁତି ଘଟିଲା, ସେ ଦନ୍ତବିରଳ ମୁଖ ବିବରରୁ ଅସଂଯତ ବାକ୍ୟ ସହିତ ପ୍ରଚୁର ପରିମାଣରେ ନିଷ୍ଠୀବନ ବର୍ଷଣକଲା । ପ୍ରଥମ ଆକ୍ରମଣ ମୁହୂର୍ତ୍ତରେ ଗୃଳଥିଲା, ଅବଶେଷରେ କ୍ରୋଧର ଉତ୍ତେଜନା ଅଧିକ ହେବାମାତ୍ରେ ତୁଠକୁ ଯେ ପାଣି ସକାଶେ ଆସିଥିଲା ସେ ଗରାଟି ତଳକୁ ରଖିଦେଲା ଏବଂ ଉଭୟେହିଁ ହାତ ମୁହିଁର ନାନାରୂପ କୁତ୍ସିତ ଭଙ୍ଗୀ କରି କଣ୍ଠସ୍ୱର ସପ୍ତମକୁ ଉଠାଇ ପଲ୍ଲୀ ବିକମ୍ପିତ କରିଦେଲେ । ସାହିର ୪।୫ ଜଣ ଦୁଷ୍ଟପିଲା ଏହି କୋଳାହଳ ଶୁଣି ହସି ହସି ସେଠାକୁ ଧାଇଁଆସିଲେ ଏବଂ କରତାଳିଦେଇ "ନାରଦ ନାରଦ" ବୋଲି ନାଚୁଥିଲେ । ଏମାନଙ୍କର ସହର୍ଷ ଆବାହନରେ କଳହ-ଦେବତା ତାହାଙ୍କର ପ୍ରିୟତମ ବାହନ ଢେଙ୍କିରେ ଆରୋହଣକରି ଏହି ରୌଦ୍ରତପ୍ତ ମଧ୍ୟାହ୍ନରେ ସହସା ଶୂନ୍ୟଦେଶରୁ ଆସି ଦର୍ଶନ ଦେଇଥିଲେ କି ନାହିଁ ତାହା ନରଲୋକର ଦୃଷ୍ଟିକୁ ଆସିନାହିଁ ଏବଂ ଏହି ଗ୍ରାମ୍ୟ ବୀରାଙ୍ଗନାମାନଙ୍କର ଏହି କୋଳାହଳ କ୍ରମଶଃ ଘନୀଭୂତ ହୋଇଗଲା ଏବଂ ସାହିର ଅନେକ ସ୍ତ୍ରୀଲୋକହିଁ ଉଭୟ ପକ୍ଷରେ ଯୋଗଦାନ କରିବାକୁ ଯୁଦ୍ଧକ୍ଷେତ୍ରରେ ସମବେତ ହେଲେ । ଅନ୍ୟାନ୍ୟ ସ୍ତ୍ରୀଲୋକମାନେ କହି ଉଠିଲେ—ଆଜି ବର୍ଷର ଗୋଟିଏ ଦିନରେ ଏତେ କଜିଆ ଲଗାଇଛ କାହିଁକି ? ପ୍ରକୃତରେ ଆଜି ଦୀପାବଳୀ ଅମାବସ୍ୟା; ଏବଂ ପର୍ଯ୍ୟାଶ୍ରାଦ୍ଧ ଦିବସ । ଏହି ବିକ୍ଷୋଭିତ ମନ୍ତବ୍ୟ ସେମାନଙ୍କ କର୍ଣ୍ଣକୁ ଯାଇଥିଲା କି ନାହିଁ କହିପାରିବି ନାହିଁ, ମାତ୍ର ଏଠାରେ କାର୍ଯ୍ୟଶେଷକରି ଆମ୍ଭେମାନେ ଧବଳେଶ୍ୱରସ୍ଥ ନଭୃତ-ନିଳୟର ଘାଟରେ ନୌକା ଲଗାଇ ସ୍ନାନାହାର ଶେଷ କରିଥିଲୁଁ ।

ଅପରାହ୍ନରେ ଭୂଆସୁଣୀ ଗଛ ଅତିକ୍ରମକରି ବଡ଼ାନାଗି ଗ୍ରାମପ୍ରାନ୍ତରେ ନୌକା ରଖିଲୁଁ । କଟକରେ ଗୋଟିଏ କଥାଅଛି ଭୂଆସୁଣୀ ଗଛକୁ କେହି ଚିହ୍ନିପାରିବେ ନାହିଁ । ମାତ୍ର ରେଢ଼ାଖୋଲ, ସୋନପୁର, ବାମଣ୍ଡା ଏବଂ ପାଟଣା ପ୍ରଭୃତିରେ ଏ ବୃକ୍ଷର ପ୍ରଭୂତ ଅରଣ୍ୟ ମୁଁ ସ୍ୱଚକ୍ଷୁରେ ଦେଖିଅଛି । ଏହାକୁ ସେନ୍ଧାବୃକ୍ଷ କହନ୍ତି ।

ଖଣ୍ଡପଡ଼ା ଓ ଦଶପଲ୍ଲା ଭ୍ରମଣ କାହାଣୀ ଶେଷହେଲା । ଖଣ୍ଡପଡ଼ାର ପ୍ରାୟ ଚତୁଃପାର୍ଶ୍ୱ ଦେଖିଅଛି, ଦଶପଲ୍ଲାର ଭୀଷଣ ଦର୍ଶନ ସାତକୋଶିଆ ପ୍ରାୟ ବିଂଶଥର ଦେଖିଅଛି । ଦଶପଲ୍ଲାର ଅନ୍ୟାନ୍ୟ ଅଂଶ ସହିତ ମୁଁ ଅବଶ୍ୟ ଅପରିଚିତ, ମାତ୍ର ସମଗ୍ର ଉତ୍କଳ ଖଣ୍ଡରେ କାହିଁକି ସମଗ୍ର ଭାରତରେ ସାତକୋଶିଆ ଦେଖିବାର ବସ୍ତୁ । ଗଭୀର ଦୁଃଖର କଥା ଏହି ବିରାଟ ପ୍ରାକୃତିକ ପ୍ରଦର୍ଶନୀ ଥରେ ମାତ୍ର ଉପଭୋଗ କରିବାକୁ ଉତ୍କଳର ଶିକ୍ଷିତ ସମାଜ ଔଦାସୀନ୍ୟ ପ୍ରଦର୍ଶନ କରିଥାଆନ୍ତି ।



Digitized by srujanika@gmail.com

# ଅବର୍ଗ୍ୟ 'ବ' ।

ଶ୍ରୀ ଗୋପାଳଚନ୍ଦ୍ର ପ୍ରହରାଜ ।

ଏହା ବ୍ୟଞ୍ଜନ ବର୍ଣ୍ଣମାଳାର ଊନତ୍ରିଂଶ ଅକ୍ଷର ଓ ଅବର୍ଗ୍ୟ ବର୍ଣ୍ଣମାଳାର ୪ର୍ଥ ଅକ୍ଷର । ଏହାର ଉଚ୍ଚାରଣ ସ୍ଥାନ ଦନ୍ତ ଓ ଓଷ୍ଠ ଥିବାରୁ ଏହାକୁ ଦନ୍ତୌଷ୍ଠ୍ୟ ବର୍ଣ୍ଣ ବୋଲାଯାଏ । ବର୍ଗ୍ୟ ବ ଅର୍ଥାତ୍ ପ ବର୍ଗର ୩ୟ ବର୍ଣ୍ଣ ଓଷ୍ଠ୍ୟ, ଏହା ଉଚ୍ଚାରଣ କରିବାପାଇଁ ୨ଟି ଓଷ୍ଠ ବ୍ୟବହୃତ ହୁଏ । ବର୍ଗ୍ୟ ବ ର ଉଚ୍ଚାରଣ ଇଂରେଜୀ 'B' (ବି) ଓ ପାରସୀ ୨ୟ ବର୍ଣ୍ଣ 'ବେ' ର ଉଚ୍ଚାରଣ ସଙ୍ଗେ ସମାନ କିନ୍ତୁ ଅବର୍ଗ୍ୟ ବ ଉଚ୍ଚାରଣରେ ଉପର ପାଟିର ଦାନ୍ତକୁ ତଳ ଓଠ ଉପରେ ଲଘୁଭାବରେ ଛୁଇଁ ଲାପର କରି ଠେକିବାକୁ ହୁଏ । ଏହି ଅନ୍ତଃସ୍ଥ ବ ର ଉଚ୍ଚାରଣ ଇଂରାଜୀ 'V' (ଭି) ଓ 'W' (ଡବଲଇଉ) ଓ ପାରସୀ 'ୱାଓ' ର ଉଚ୍ଚାରଣ ସଙ୍ଗେ ତୁଳନୀୟ । ଓଡ଼ିଆଭାଷାରେ ବର୍ଗ୍ୟ ବ ଓ ଅବର୍ଗ୍ୟ ବ ମଧ୍ୟରେ ଆକାରଗତ ପ୍ରଭେଦ ନ ଥିବାରୁ ଅବର୍ଗ୍ୟ ବ ଯୁକ୍ତ ଶବ୍ଦମାନ ବର୍ଗ୍ୟ ବ ପରି ଉଚ୍ଚାରିତହୋଇ ମୂଳତଃ ଯେଉଁ ଶବ୍ଦମାନଙ୍କରେ ସଂସ୍କୃତରେ ଅବର୍ଗ୍ୟ ବ ଅଛି ସେ ଗୁଡ଼ିକ ଭାଷାରେ ବର୍ଗ୍ୟ ବ ହୋଇସାରିଅଛି ।

ବର୍ଗ୍ୟ ବ ର ଉଚ୍ଚାରଣ 'ଅମ୍ବା' 'ଲମ୍ବ' 'ଉଦ୍ବୃତ୍ତ' 'ଉଦ୍ବହ' ଆଦି ଶବ୍ଦରେ ଲକ୍ଷିତହୁଏ । ଅବର୍ଗ୍ୟ ବ ର ଉଚ୍ଚାରଣ 'ପକ୍ୱ', 'ଅନସ୍ୱ', 'ଈଶ୍ୱର', 'ଦ୍ୱିତୀୟ' ଆଦି ଶବ୍ଦରେ ଲକ୍ଷିତହୁଏ ।

ସଂସ୍କୃତରେ ବର୍ଗ୍ୟ ବ ଓ ଅବର୍ଗ୍ୟ ବ ର ସ୍ୱାତନ୍ତ୍ର୍ୟ ରକ୍ଷିତ ହେଉଥିଲା, ଅବଶ୍ୟ ମଧ୍ୟ ହିନ୍ଦି, ମରହଟ୍ଟୀ ଆଦି କେତେକ ଆଧୁନିକ ଜୀବନ୍ତ ଭାଷାରେ ଏହି ଦୁଇଟି 'ବ' ର ସ୍ୱାତନ୍ତ୍ର୍ୟ ରକ୍ଷିତ ହେଉଅଛି । କିନ୍ତୁ ଓଡ଼ିଆ ଓ ବଙ୍ଗ-ଭାଷାରେ ଏହା ରକ୍ଷିତ ହେଉ ନ ଥିବାରୁ ଭାଷାରେ 'ବ' ଉଚ୍ଚାରଣ ଯୁକ୍ତ ଶବ୍ଦମାନଙ୍କ ପାଇଁ ସଂସ୍କୃତ ଡିକ୍ସନାରୀରେ ବର୍ଗ୍ୟ ବ ଓ ଅବର୍ଗ୍ୟ ବ ତଳେ ଖୋଜିବାକୁ ପଡ଼େ ଅଧିକନ୍ତୁ ମଧ୍ୟ ସଂସ୍କୃତରେ କେଉଁ ନିୟମ ଅନୁସାରେ ଶବ୍ଦରେଥିବା 'ବ' ବର୍ଗ୍ୟ ବା ଅବର୍ଗ୍ୟ ଏହା ଚିହ୍ନାଯିବ ତହିଁପାଇଁ ସୁସ୍ପଷ୍ଟ ବିଧି ମଧ୍ୟ ମିଳନାହିଁ । ସଂ-ବ୍ୟାକରଣର ଗୋଟିଏ ସୂତ୍ରରୁ ଦେଖାଯାଏ ଯେ ସନ୍ଧିର ନିୟମ ଅନୁସାରେ 'ଉ' ସ୍ଥାନରେ ଯେଉଁ 'ବ' ହୁଏ—ଯଥା, (ଅନୁ + ଏଷଣ = ଅନ୍ୱେଷଣ ) ଏବଂ ଯେଉଁ 'ବ' ସ୍ଥଳରେ ଉକାରହୁଏ (?) ଏବଂ ପ୍ରତ୍ୟୟର 'ବ' ( ଯଥା ବତ୍ ପ୍ରତ୍ୟୟ)କୁ ଅନ୍ତଃସ୍ଥ ବା ଅବର୍ଗ୍ୟ ବ ବୋଲି ବୁଝାଯିବ ।

ସଂସ୍କୃତ କୋଷକାରମାନେ ମଧ୍ୟ ଏ ସମ୍ବନ୍ଧେ ଅଖ୍ୟାକଆରରେ ଭୁଲ୍ ବୁଲୁଥିବାର ଦେଖାଯାଏ । ରାଜା ସର୍ ରାଧା କାନ୍ତଦେବଙ୍କ 'ସମର୍ଥକୋଷ' ରେ 'ବକ' ଓ 'ବକ' ଯୁକ୍ତ ଶବ୍ଦରୁ କେତେଗୁଡ଼ିଏ 'ବର୍ଗ୍ୟ ବ' ତଳେ ଓ କେତେଗୁଡ଼ିଏ ଶବ୍ଦ 'ଅବର୍ଗ୍ୟ ବ' ତଳେ ଲେଖାଯାଇ-ଅଛି ଓ 'ଲବଣ' 'ଲବଙ୍ଗ' ରେ ଥିବା ବ କୁ ବର୍ଗ୍ୟ ଓ ଅବର୍ଗ୍ୟ ଉଭୟବ ଲେଖାଯାଇଅଛି ।

ଓଡ଼ିଆ ଅଭିଧାନକାର ସଂସ୍କୃତ ଅଭିଧାନରେ ଯେଉଁ ଶବ୍ଦମାନ 'ବର୍ଗ୍ୟ ବ' ତଳେ ଦେଖିଅଛନ୍ତି ତାକୁ 'ବର୍ଗ୍ୟ ବ' ତଳେ, ଯେଉଁ ଶବ୍ଦମାନ 'ଅବର୍ଗ୍ୟ ବ' ତଳେ ଦେଖିଅଛନ୍ତି ତାକୁ ଅବର୍ଗ୍ୟ ତଳେ ଲେଖିଅଛନ୍ତି । ଓଡ଼ିଆରେ 'ବ' କାରାଦ୍ୟ କୌଣସି ଶବ୍ଦ ଖୋଜିବାକୁ ହେଲେ ପ୍ରଥମେ ବର୍ଗ୍ୟ ବ ତଳେ ଖୋଜିବାକୁ ପଡ଼େ, ସେଥିରେ ନ ପାଇଲେ ଅବର୍ଗ୍ୟ ବ ତଳେ ଖୋଜିବାକୁ ପଡ଼େ । ଜଗନ୍ନାଥ ରାଓ ବକାରାଦ୍ୟ ଦେଶଜ ଶବ୍ଦମାନଙ୍କୁ 'ଅବର୍ଗ୍ୟ ବ' ତଳେ ଲେଖିଅଛନ୍ତି ଓ ଗୋପୀନାଥ ନନ୍ଦ ଶର୍ମା ଦେଶଜ ଶବ୍ଦମାନଙ୍କୁ 'ବର୍ଗ୍ୟ ବ' ତଳେ ଲେଖିଅଛନ୍ତି ।

ଭାଷାରେ ବର୍ଗ୍ୟ ଓ ଅବର୍ଗ୍ୟ ବ ର ଉଚ୍ଚାରଣଭେଦ ରକ୍ଷା ହେଉନଥିବାରୁ 'ବ' କାରାଦ୍ୟ ସମସ୍ତ ଶବ୍ଦମାନଙ୍କ କେତେକ ବଙ୍ଗଭାଷାର କୋଷକାରମାନେ 'ବର୍ଗ୍ୟ ବ' ତଳେ ଲେଖିଅଛନ୍ତି । ଏହାଦ୍ୱାରା ଗୋଟିଏ ବକାରାଦ୍ୟ ଶବ୍ଦ ପାଇଁ ଦୁଇ ସ୍ଥାନ ଧରିବାକୁ ପଡ଼େନାହିଁ ।



Digitized by srujanika@gmail.com

ଏହିପ୍ରକାରେ ଭାଷାରେ ୬ଟି ବକୁ ମିଶାଇ ଏକ କରିସାରି ମଧ୍ୟ 'ଅବର୍ଗ୍ୟ ବ'ର ମୌଳିକ ଉଚ୍ଚାରଣରୁ ଭାଷା ତ୍ରାହି ପାଇପାରିନାହିଁ । ଇଂରାଜୀ W (ଡବଲ୍ୟୁ) ଓ ଫାରସୀ 'ୱଓଆଏ' ଅକ୍ଷରଯୁକ୍ତ ଯେଉଁ ଶବ୍ଦମାନ ଅବିକଳ ଆମ ଭାଷାକୁ ଆସିଅଛି ତାକୁ 'ବ' କରି ଲେଖିଲେ ଲୋକେ ଅବର୍ଗ୍ୟ ବ ଉଚ୍ଚାରଣ କରିବେନାହିଁ, ଏଥିପାଇଁ କେହି୨ ଏହି ଉଚ୍ଚାରଣକୁ 'ଉଅ' (ଉଆରଣ୍ଟ), କେହି୨ ଓ୍ୱ (ଓ୍ୱାରେଣ୍ଟ) କେହି ଓ୍ୟ (ଓ୍ୟାରଣ୍ଟ) କେହି୨ ଉ୍ୱ (ଉ୍ୱାରେଣ୍ଟ) ଓ ବଙ୍ଗଳାରେ ଓ୍ୟ (ଓ୍ୟାରଣ୍ଟ) ଦ୍ୱାରା ପ୍ରକାଶ କରୁଅଛନ୍ତି । କବି ରାଧାନାଥ ତାଙ୍କ 'ଦରବାର' ପଦ୍ୟରେ 'warrant' କୁ 'ବାରେଣ୍ଟ' କରିଅଛନ୍ତି ଓ ଲୋକେ ତାକୁ ବର୍ଗ୍ୟ ବ ଯୁକ୍ତ କରି ପଢ଼ୁଅଛନ୍ତି ।

ଦେଖିବାକୁ ଗଲେ 'ଅବର୍ଗ୍ୟ ବ'ର ଉ ଉଚ୍ଚାରଣ 'ଉଅ' ରୂପକ ଦୁଇଟି ଅକ୍ଷରର ପୃଥକ୍ ସନ୍ନିବେଶଦ୍ୱାରା ପ୍ରତିଭାତ ହୋଇପାରୁନାହିଁ—କିମ୍ବା ବଙ୍ଗଳାରେ ବ୍ୟବହୃତ 'ଓ୍ୟ'ଦ୍ୱାରା ପ୍ରତିଫଳିତ ହେଉନାହିଁ । 'ଓ'ରେ 'ବଫଳା' (ଓ୍ୱ) କିମ୍ବା 'ଓ'ରେ 'ଯଫଳା' (ଓ୍ୟ) ଦେବାଦ୍ୱାରା କେବଳ ଯେ 'ଅବର୍ଗ୍ୟ ବ'ର ପ୍ରକୃତ ଉଚ୍ଚାରଣ ପ୍ରତିଫଳିତ ହେଉନାହିଁ, ତାହାନୁହେଁ, କିନ୍ତୁ ସ୍ୱରବର୍ଣ୍ଣରେ ଫଳା ଯୋଗ କରିବା ସଂସ୍କୃତ ବ୍ୟାକରଣର ରୀତିବିରୁଦ୍ଧ । ଯେବେ ସ୍ୱରବର୍ଣ୍ଣରେ ଫଳା ଯୋଗକରି ଅବ୍ୟାକରଣିକ ଓ ରୀତିବିରୁଦ୍ଧ ନୂଆପାଠ କାଢ଼ିବାକୁ ହେଲା, ତେବେ 'ଅବର୍ଗ୍ୟ ବ' ଉ ରୁ ଉତ୍ପନ୍ନ ହୋଇଥିବାରୁ ତାହାର ପ୍ରକୃତ ଉଚ୍ଚାରଣକୁ ପ୍ରତିଫଳିତ କରିବାପାଇଁ 'ଉ'ରେ ବଫଳା (ଉ୍ୱ) ଦେଲେ ଏହା 'ଓ୍ୱ' ଓ 'ଓ୍ୟ' ଅପେକ୍ଷା ସ୍ପଷ୍ଟତର ଏବଂ ଶ୍ରୁତିତର ଉଚ୍ଚାରଣ ହେବ—ଏହା କଲେ ମଧ୍ୟ ସ୍ୱରବର୍ଣ୍ଣରେ ଫଳା ଯୋଗକରିବା ବ୍ୟାକରଣରୀତି ବିରୁଦ୍ଧ ହେବ—ଏତେ ଗୋଳକଧନ୍ଦାରୁ ରକ୍ଷା ପାଇବାର ଏକମାତ୍ର ଉପାୟ ଏହିକି 'ଯ୍ୱ' ଲେଖିବାଦ୍ୱାରା ଯେଉଁପରି 'ଇୟ' ଉଚ୍ଚାରଣକୁ 'ଯ' ଉଚ୍ଚାରଣଠାରୁ ପୃଥକ୍ ରଖାଯାଇଅଛି, 'ବ' ତଦ୍ରୂପ ଗୋଟିଏ କିଛି ପ୍ରଭେଦ-ଜ୍ଞାପକ ଚିହ୍ନ ଯୋଗକରି ତାକୁ 'ଅବର୍ଗ୍ୟ ବ'ରେ ପରିଣତ କରିବାହିଁ ଏ ସମସ୍ୟା ସମାଧାନର ଏକମାତ୍ର ଉପାୟ ଅଟେ । ଦେବନାଗରରେ ବ ( ඛ ) ର ପୁଡ଼ାରେ ଗୋଟିଏ କାଳଣୀ ଦେବାଦ୍ୱାରା ( ඛ ) ବର୍ଗ୍ୟ ଓ ଅବର୍ଗ୍ୟ ବ ର ପ୍ରଭେଦ ରକ୍ଷା କରାଯାଇଅଛି । ହିନ୍ଦିଭାଷାରେ ମଧ୍ୟ ବ ତଳେ ଗୋଟିଏ ବିନ୍ଦୁ ଦେଇ ( ଵ଼ ) ଅବର୍ଗ୍ୟ ବ କରାଯାଉଅଛି । ଆଧୁନିକ ବଙ୍ଗୀୟ ଭାଷାର ଲେଖକମାନେ ବଙ୍ଗଳା ବ ର ନିମ୍ନସ୍ଥ ପାର୍ଶ୍ୱ ରେଖା ଦ୍ୱୟଙ୍କ ନିମ୍ନକୋଣର ତଳେ ଗୋଟିଏ ବିନ୍ଦୁ ଦେଇ ( ব় ) ଅବର୍ଗ୍ୟ ବ କୁ ଚଳାଉଅଛନ୍ତି (ଯଥା—ଶ୍ରୀ ଯୁକ୍ତ ଜ୍ଞାନେନ୍ଦ୍ରମୋହନ ଦାସଙ୍କ 'ବାଙ୍ଗଲା-ଭାଷାର ଅଭିଧାନ', ) କିନ୍ତୁ ଲେଖିଲାବେଳେ ଟିକିଏ ଅସାବଧାନତା ଯୋଗୁଁ ଉକ୍ତ ବିନ୍ଦୁଟି ବାଁ ଆଡ଼କୁ ଘୁଞ୍ଚିଆସିଲେ ତାହା ବଙ୍ଗାକ୍ଷରର ( র ) ହୋଇଯିବ, ଏହି ଆଶଙ୍କାଥିବାରୁ କେହି କେହି ଲେଖକ ବଙ୍ଗଳା ବ ର ନିମ୍ନତମ ବାମପାର୍ଶ୍ୱ ରେଖାତଳେ ଗୋଟାଏ ଗାର ଟାଣିଦେଇ ( ব ) ଅବର୍ଗ୍ୟ ବକୁ ଚଳାଉଅଛନ୍ତି (ଯଥା ଅଗ୍ରଗଣ୍ୟ ଯୋଗେଶଚନ୍ଦ୍ର ରାୟ ବିଦ୍ୟାନିଧିଙ୍କ ବାଙ୍ଗାଲା ଶବ୍ଦ କୋଷ) । କିନ୍ତୁ ଫଳତଃ ଏହି ପ୍ରସ୍ତାବିତ ପରିବର୍ତ୍ତନ ଅବଧି ବଙ୍ଗୀୟ ସାହିତ୍ୟ ଓ ଲେଖାରେ ସର୍ବବାଦିସମ୍ମତ ରୂପେ ଗୃହୀତ ହୋଇନାହିଁ ।

ମୋର କ୍ଷୁଦ୍ର ମତରେ 'ଯ' ସଙ୍ଗେ 'ଯ୍ୱ' ର ଯେଉଁ ସମ୍ପର୍କ, ବର୍ଗ୍ୟ ବ ସଙ୍ଗେ ଅବର୍ଗ୍ୟ ବ ର ସେହି ସମ୍ପର୍କ ବିଦ୍ୟମାନଥିବା ଦୃଷ୍ଟିରେ 'ଅବର୍ଗ୍ୟ 'ବ' କୁ 'ବ୍ଵ' କରି ଚଳାଇଲେ ବ୍ୟବହାରରେ ବିଶେଷ ସୁବିଧା ଘଟିବ ଓ ଏହା ଓଡ଼ିଆ ଲିପିର ରୀତିବିରୁଦ୍ଧ ହେବନାହିଁ । ଏଥିପାଇଁ ଓଡ଼ିଆ 'ଯ୍ୱ'ର ନଜିର ଆଗରେ ଥୁଆ ହୋଇଅଛି । ଏହି ପ୍ରସ୍ତାବଟି ମୋର କେତେକ ସାହିତ୍ୟ-ରସିକ ବନ୍ଧୁଙ୍କ ମନକୁ ପାଉନଅଛି । ପକ୍ଷାନ୍ତରରେ କେତେକ ବିଶିଷ୍ଟ ବନ୍ଧୁ ହିନ୍ଦି ଭାଷାରେ 'ବ' ତଳେ ବିନ୍ଦୁ ଦେଇ ( ଵ଼ ) ଅବର୍ଗ୍ୟ ବ କୁ ଚଳାଇବାର ମତଦଅନ୍ତି ଓ ଏଥିପାଇଁ ଅକ୍ଷର ତଳେ ବିନ୍ଦୁ ଯୋଗକରି ଉଚ୍ଚାରଣର ପ୍ରଭେଦ ଦେଖାଇବାରେ ବ୍ୟବହୃତ ଡ଼, ଢ଼ର ନଜିର ମଧ୍ୟ ଦେଉଅଛନ୍ତି । କେହି କେହି ବନ୍ଧୁ 'ଲ' ଠାରୁ ପ୍ରଭେଦ ଜ୍ଞାପକ ପୁଚ୍ଛଯୁକ୍ତ 'ଳ' ର ଦୋହାଇଦେଇ ବ ରେ ଗୋଟିଏ ଥୋଉପାଦାର ବା ପୁଚ୍ଛ ଦେବାର ( ବ୍ର ) ପ୍ରସ୍ତାବ କରନ୍ତି, କିନ୍ତୁ ଏପରି କରିବା ଦ୍ୱାରା ଲେଖକର ସାମାନ୍ୟ ଅସାବଧାନତା ଯୋଗୁଁ (ଯଥା ବ୍ର) ଏହାକୁ 'ଭ' ଆକାରରେ ପାଠକ ଗୋଳମାଳ କରିବାର ଆଶଙ୍କା ଅଛି ।

Digitized by srujanika@gmail.com

ଯେ ହେଉ ବର୍ତ୍ତମାନ ଭାଷା ପ୍ରଚଳିତ କେତେ-ଗୁଡିଏ ଶବ୍ଦ ( ବିଶେଷତଃ ଇଂରାଜୀ ଓ ଯାବନିକ ଭାଷା-ଗତ ଶବ୍ଦମାନ ) ଅବର୍ଗ୍ୟ ବ ଉଚ୍ଚାରଣ ଯୁକ୍ତ ହୋଇ-ଥିବାରୁ ଓ ସାଧାରଣ ଲୋକେ ଏବଂ କତିପୟ ଲେଖକ-ମାନେ ଏହାକୁ 'ଓ୍ୱ' ଓ 'ଓ୍ୟ' ଦ୍ୱାରା ଚଳାଉଥିବାରୁ, ଏଥିପାଇଁ ଗୋଟିଏ ସମାଧାନ ଅତ୍ୟାବଶ୍ୟକୀୟ ହୋଇ ପଡ଼ୁଅଛି, ଓ ଏହି ପ୍ରଭେଦ ଜ୍ଞାପକ ଚିହ୍ନ କଅଣ ହେବ ତାହା ଆଲୋଚନା କରି ସ୍ଥିର କରିବାପାଇଁ ମୁଁ ବିନୀତ ଭାବରେ ସାହିତ୍ୟିକମାନଙ୍କୁ ଓ ସାହିତ୍ୟ-ସମାଜଙ୍କ ନିକଟରେ ଏ ପ୍ରସ୍ତାବ ଆଗତ କରୁଅଛି—ଓଡ଼ିଆଭାଷାର ଖଣ୍ଡିଏ ଶବ୍ଦକୋଷ ସଙ୍କଳନ କରିବାକୁ ଯାଇ ମୁଁ ଏହି ଧନ୍ଦକାରେ ଧନ୍ଦି ହେଉଅଛି ଓ ଆଶାକରେଁ ଯେ ଅଚିରେ ସାହିତ୍ୟ-ରସିକମାନେ ଓ ସାହିତ୍ୟ-ପତ୍ରିକାମାନଙ୍କର ସମ୍ପାଦକମାନେ ଏ ବିଷୟର ସମ୍ୟକ୍ ଆଲୋଚନା କରି ଓଡ଼ିଆଭାଷାର ଗୋଟିଏ ଅଭାବ ଦୂର କରିବେ ।

ଭାଷା ପ୍ରଚଳିତ ସଂସ୍କୃତ ମୂଳକ ଶବ୍ଦରେ ମଧ୍ୟ ଏହି ଅବର୍ଗ୍ୟ ବ ଉଚ୍ଚାରଣ ଦେଖାଯାଏ (ଯଥା ବାୃଉ ବା ଓ୍ୱାଉ= ସଂ, ବହୁବାର ଓ ଭବ୍ୟ;କିନ୍ତୁ ବହୁବାରର 'ବ' ବର୍ଗ୍ୟବ ଅଟେ ) କେହି କେହି ଏହାକୁ 'ଓଉ' ବୋଲି କହନ୍ତି ଓ ଲେଖନ୍ତି ।

ଇଂରାଜୀ ଭାଷାଗତ ବାୃଇନ୍, ବାୃଟର୍, ବାୃର୍, ବାୃରଣ୍ଟ ଓ ଯାବନିକ ବାୃକିବ୍, ବେବାୃ ଆଦି ଅନେକ ଶବ୍ଦ ଭାଷାରେ ଚଳୁଅଛି ଓ ସେ ଗୁଡ଼ିକର ଉଚ୍ଚାରଣର ସ୍ୱାତନ୍ତ୍ର୍ୟ ରକ୍ଷା କରିବା ଆବଶ୍ୟକ ହୋଇ ଉଠିଅଛି ।

---

## ଭୂତ—କୋଠୀ

ଉପେନ୍ଦ୍ରକିଶୋର ଦାସ ।

ଅନ୍ଧାର-ପାଶୋର୍ଗ୍ର ନିକାଞ୍ଚନ ସାଇବାଟରେ ଚହଲ ପକାଇ ପାଟିଶୁଭିଲା—ଘରବାଲା, କବାଟ ଫିଟା ।

ଶୀତଦିନ ରାତି, ଅଧରୁ ବଳିଗଲାଣି । ନିଘାଟ ଜାଡ଼ରେ ସାଇ ଗୋଟାକରେ କିଏ କୁଆଡ଼େ ଶୋଇ-ପଡ଼ିଛନ୍ତି । ରାସ୍ତା ଦୁଇପଟେ ଧାଡ଼ ଧାଡ଼ ଘର; ରଜାଝିଅ କଥାର ସପନପୁରୀ ପରି ଅଚେତ ଅଚଳ ହୋଇ ଠିଆ-ହୋଇଛି । ଖାଲି ଅନେକ ଦୂରରେ ଗୋଟିଏ ରାସ୍ତା—ଆଲୁଅ । ନିଖର ବଢି ତା'ର ମିଞ୍ଜି ମିଞ୍ଜି ହୋଇ ଆସୁଚ ଜାଡ଼ ପବନରେ ଥରେ ଥରେ; ଆଉ ତା'ଘତଳେ ଗୋଟିଏ ମଟିଆ-କୁକୁର ପେଟବିକଳରେ ସେତେବେଳ-ଯାଏଁ ମାଟି ଶୁଙ୍ଘି ଶୁଙ୍ଘି ବୁଲୁଚ । ସେତିକି ବେଳେ ରାସ୍ତା-ଉପରେ ଗୋଟିଏ ଛୋଟ ମାଟିଘର ଆଗରେ କିଏ ଡ଼ାକିଲା ଘରବାଲା, ଘରବାଲା ! କବାଟ ଫିଟା—

ଘଡ଼ିକପରେ ଘରଭିତରେ ଗୁଣ୍ତ ଶୁଭିଲା । ଓଦିଟିଏ ଧର ଗୋଟିଏ ବୁଢ଼ା ଦାଣ୍ତକବାଟ ଅଳ୍ପ ଫାଙ୍କକରି ପଦାକୁ-ଗୁହିଁଲା । ଖୁବ୍ ଡେଙ୍ଗା ହୋଇ ଜଣେ ବାବୁ, ମୁଣ୍ତରୁ ଗୋଡ଼ଯାଏ ଶାଲ ଘୋଡ଼ହୋଇ କବାଟପାଖେ ଠିଆ-ହୋଇଛି । ରାସ୍ତା ଉପରେ ଖଣ୍ତେ ଭଡ଼ାଗାଡ଼; କବାଟ ତାର ଗୁରିଆଡ଼ୁ ନିବୁଜ !

ବାବୁଟି ପଗ୍ଭରିଲା, ଘରବାଲା କିଏ—ତମେ ?

ବୁଢ଼ା ଟିକେ ଆଶ୍ଚର୍ଯ୍ୟହୋଇ କହିଲା; ହଁ, କାହିଁକି ?

ଗୋଟାଏ ଘର ତମର ଖାଲିଅଛି ଦିନେ ଭଡ଼ାଦବାକୁ ?

ଅଛି, ଗୋଟାଏ ଘର ଜମା ! ତେବେ ଏତେ ରାତିରେ—

ବାବୁ ବ୍ୟସ୍ତହୋଇ କହିଲା; ଏଇତ ରେଲରୁ ଇଆଡ଼େ ଆସୁଚି । ସେଇ ଗୋଟାଏ ଘର ଦରକାର ଆମର, ଆସ; ଟିକେ ଜଲ୍‌ଦି କବାଟ ଖୋଲିଦିଅ । ବାହାରେ ଭାରିଶୀତ ।

Digitized by srujanika@gmail.com

ବୁଢ଼ା ପ୍ରଥମେ ଭାବିଲା, ମନାକରିଦେବ । କିନ୍ତୁ ଏ ଶୀତରେ, ଅଧରାତିରେ ପୁଣି, ଦୁଆରମୁହଁରୁ ଗଳାଖିଆ ଫେରାଇଦେବ କୋଉ ପ୍ରାଣରେ ! ଦଣ୍ଡେ କ'ଣ ଭାବି କହିଲା; ହଉ, ଦଉଛି । ତେବେ ଅନେକ କାଳୁ ଘରଟା ବନ୍ଦ ହୋଇ ପଡ଼ିଛି । ଧୂଳି ବାଲି ମଇଳାରେ ଅଣ୍ଟିଏ ହବଣି; ରାତିରେ ଶୋଇବ ପୁଣି କୋଉଠି ?

ବାବୁଟି ଉଚ୍ଚାଟହୋଇ କହିଲା; ତମେ ଦେବଟି ଆଗ କବାଟ ଫିଟେଇ, ତେଣିକି ଦେଖାଯିବ । ଆଉ କେଇଟା ଘଣ୍ଟାଲାଗି କୋଉଠି ଟିକେ ମୁଣ୍ଡଗୁଞ୍ଜି ପଡ଼ିଗଲେ ଗଲା । ଶୀତ ପବନରେ ହାତହାତ ଯେ କେଞ୍ଚିମାରି ଗଲଣି—

ଘରୁ ଚାବିଆଣି ବୁଢ଼ା ରାସ୍ତାଉପରକୁ ଆସିଲା । ଆଗେ ଆଗେ ଆଲୁଅ ଦେଖାଇ ଖଣ୍ଡେଦୂର ଛଡ଼ା ଗୋଟାଏ ମୂକୁଳା ଫାଟକପାଖେ ଆସି ଠିଆହେଲା । ପାଚେରି ଭିତରେ ଖଣ୍ଡେ ବଡ଼ ଦୋମହଲାଘର । ଚାରିଆଡ଼ ତାରି ଅରମା କଣ୍ଟାଗଛରେ ଏକାଥରକେ ପେଣ୍ଡାଏ ଘୋଡ଼ାଇ ହୋଇପଡ଼ିଛି । ସଦର ଦରଜାରେ କୋଉ କାଳର ପୁରୁଣା କଳଙ୍କିଲଗା ତାଲାଟି ବହୁକଷ୍ଟରେ ଫିଟାଇ ବୁଢ଼ା କହିଲା; ଏଇ ଘର ବାବୁ, ରହିବ ଏଠି ?

ବାବୁଟି ଘରଭିତରକୁ ଚାହିଁଦେଇ ଖୁସି ହୋଇଗଲା । କହିଲା; ବାଃ-ବେଶଘରଟି । ପୁଣି ଦୋତାଲା । ଏଇଆକୁ ପୁଣି କହୁଥିଲ ଅଣ୍ଟିଏହୋଇ ପଡ଼ିଥିବ ? ଚାଲ ଉପର ଦେଖିବା—

ଉପର ତଳ ଚାରିଆଡ଼ ବୁଲି ବାବୁଟି କହିଲା; ବାଃ ବାଃ ଖାସାଘର । ଭଡ଼ା କେତେ, ମାସକୁ ?

ଦଣ୍ଡେଯାଏ କ'ଣ ଭାବି ବୁଢ଼ା କହିଲା; ଦଶଟଙ୍କା ।

ଦଶଟଙ୍କା ଯମା ? ତଳ, ଉପର ସବୁ ? ପକେଟରୁ ଚାରିଖଣ୍ଡ ଦଶଟଙ୍କିଆ ନୋଟ ବାହାରକରି, ବୁଢ଼ା-ହାତରେ ଦେଇ ବାବୁଟି କହିଲା, ହେଇ ନିଅ ତମ ଘରଭଡ଼ା ଚାରିମାସର, ଆଗୁରା । ଆମେ ସବୁ ଛମାସ ଏଠି ରହିବୁ ।

ଛ ମାସ ! !

ଘରବାଲା ଉତ୍ତର ବାହାରୁଥିଲା ଯିବାକୁ । କଥା-ଟୁଣି କାବାହୋଇ ଠିଆହେଲା । ବାବୁଟି ମୁହଁକୁ ଚାହିଁ ଟିକେ ଖାଲିହସିଲା । କହିଲା; ଗାଡ଼ିରୁ ଜିନିଷଙ୍କୁ ଆଣ ଘରଭିତରକୁ । ମୁଁ ଯାଉଛି ।

ଗାଡ଼ିଖଣ୍ଡ ଆଗରୁ ଆସି ଘର ସାମନାରେ ଠିଆ ହୋଇଥିଲା । କବାଟ ଖୋଲି ବାବୁଟି ଡାକିଲା; କୁସୁମ'ଆ ଘରକୁ ।

ଚାକରଟୋକା ଜିନିଷପତ୍ର ସବୁ ଘର ଭିତରକୁ ନେଇ ଆଗରୁ ଯାଇଥିଲା । ବାବୁଟି ଗାଡ଼ିଭିତରୁ ଗୋଟାଏ ଖୋଲପିନ୍ଧା ସାରଙ୍ଗୀ ଆଉ ଡୁବିତବଲା ହଳେ ବାହାର-କରିନେଇ ଆଗେ ଆଗେ ଚାଲିଲା । ପଛରେ କୁସୁମ ।

୨

ଛମାସ ହୋଇଗଲାଣି ବାବୁଟି ଏଘରକୁ ଆସିବାର । ତଳଉପର ଏତେଗୁଡ଼ାଏ ଘର; କିନ୍ତୁ ଭିତରେ ଚଳିବାକୁ ତିନୋଟି ଲୋକ ଜମା—ଦେଖିଲେ ସେଥିପାଇଁ ଘରେ କେହି ନ ଥିଲପରି ଲାଗେ ଦାଣ୍ଡକୁ । ଦିନେ ଦିନେ ବାବୁଟି ଖୁବ୍ ସଜବାଜ ହୋଇ ସକାଳୁ କୁଆଡ଼େ ଚାଲିଯାଏ, ସଞ୍ଜବେଳକୁ ଅନେକ ଗୁଡ଼ାଏ ବାବୁ ଭଦ୍ରଙ୍କୁ ସାଙ୍ଗରେ ନେଇ ଫେରେ । ସେଦିନ ରାତିରେ ଯେମିତି ବା ହାଟଘର ଲାଗିଯାଏ ଏ କୋଠାଖଣ୍ଡକରେ । ସବୁଘରେ ଆଲୁଅ ସୋ' ସା' ପାର୍ଟି ଆଉ ତା' ସଙ୍ଗେ ସଙ୍ଗେ ମାଇପି କଣ୍ଠରେ ଗୀତ ଶୁଣାଯାଏ । ସାଇଲୋକେ ଆଶ୍ଚର୍ଯ୍ୟ ହୋଇ ସେ ଗୀତ ଶୁଣନ୍ତି—ଦୂରରୁ ଠିଆହୋଇ । କିଏ କହେ-ବେଶ୍ୟା, କିଏ ବା କହେ—ନାହିଁ ନାହିଁ ବରମୀ-ବାଲି କିଏ ସେ ହବପରା ! କିନ୍ତୁ ସାହସକରି ଭିତରକୁ ଯାଇ କେହି ପଚାରନ୍ତିନାହିଁ ସେମାନେ କିଏ ? ଖାଲି ଆପଣା ଭିତରେ କେତେପ୍ରକାର ଭଲ ମନ୍ଦ ଧାରଣା କରିନେଇ, ହସାହସି ହୋଇ ଯେଝା ଘରକୁ ବାହୁଡ଼ନ୍ତି ।

ଶୀତ ଯାଇ ବସନ୍ତ ଆସିଲା; ଆମ୍ବଗଛ ଡାଳେ ଡାଳେ ନାଲିଆ ପତର-ବେଶନ ଖଞ୍ଜି । ଗୋଲବାଗ-ପାଖୁଡ଼ା-ପରି କୋଠା ବାଟରେ ଦିନକୁ ଦିନ ବେଶି ବେଶି ଲୋକଙ୍କ ଗୋଡ଼ ପଡ଼ିଲା । ଘରଭିତରେ ବେଶି ହସ, ବେଶି ଗୀତର ଢେଉ ଖେଳିଲା । ତା'ପରେ ଦିନେ ହଠାତ୍ ସେଇ 'ମାଲିକ ବାବୁଟି କୁଆଡ଼େ ଚାଲିଗଲା, ଆଗପରି ସବୁ

Digitized by srujanika@gmail.com

ଶୂନଶାନ କରିଦେଇ; ରାତିରେ ଆଉ ବସାକୁ ଫେରିଲା-ନାହିଁ । ସଞ୍ଜବେଳେ ଉପର ମହଲାର ଗୋଟାଏ ବଡ ଘରେ ଧୋବ ଫରଫର ବିଛଣା ଉପରେ ସେମିତି ସଫା ଗୋଟିାଏ ବଡ ଗୋଲ ତକିଆକୁ ଆଉଜି କୁସୁମ ଆପଣା ମନକୁ ବସି ଭଙ୍ଗା ସାରଙ୍ଗୀର ତାର ସଜାଉଥିଲା । ବାହାରେ—ଦିନ ଅଲୁଅ ସେତେବେଳକୁ ଲିଭି ଆସୁଥିଲା ଅଳ୍ପ ଅଳ୍ପ; ଆଉ ବସନ୍ତର ଉସୁମ ପବନରେ ଢଳାଢ ହୋଇ ଗୋଟାଏ କୋଇଲି ଗୋଡବାଣ-ପଡର-ଡ଼ାଳର ଉହାଡରେ ବସି ଭଙ୍ଗା କଣ୍ଠରେ ତାର ଶାଣ ଦେଉଥିଲା, କୁଉ, କୁ—ଉ—

ଅନ୍ଧାର ଘୋଟିଗଲା ଭଲକରି । ଘରଭିତରୁ କୁସୁମ ଡାକିଲା; କିଏ ଅଲୁଅ ଦେଇ ଯା ?

ଗୋଟାଏ ବଡ଼ ବଇଠିଲଗା ଅଲୁଅ ଧରି ଚାକର ଟୋକା ଘରଭିତରକୁ ଆସିଲା । ଅଲୁଅ ଥୋଇଦେଇ କହିଲା; ମା ଆଜି କ'ଣ ରୋଷେଇ ହେବନାହିଁ ?

ସାରଙ୍ଗୀରୁ ମୁହଁ ଫେରାଇ କୁସୁମ କହିଲା; ବାବୁତ ଆଜି ରାତିରେ ନାହିଁ, ତୋ ପାଇଁ ଏକା ଯାହା ଗଣ୍ଡାଏ ବସେଇ ଦେ ; ଖାଇସାରି ମୋ ଲାଗି ହୋଟେଲରୁ ଦିଟା ନେଇଆସିବୁ ।

ଚାକରଟୋକା ଚାଲିଗଲା । ସାରଙ୍ଗୀ ସଜାଡସାରି କୁସୁମ ବସି ବସି ଆପଣା ମନକୁ ଗୀତ ଗାଇଲା; ସାରଙ୍ଗୀ ବଜାଇ

ଘଡିଏ, ଦିଘଡି ବିତିଗଲା । ଗଛ ଗହଳ ଉହାଡରେ ବସି ଚଉଠି ଚାନ୍ଦ କଅଁଳ ଘାସ ଗାଲିଚା ଉପରେ ରୁପିଲି ମୂରୁଜଚିତା ଲେଖି ଦେଇଗଲା, ରାତି ଦେବତାପାଇଁ । ଅଗଣିରେ ବେଲଫୁଲର ମନଫୁଲଣିଆ ବାସନା ସଙ୍ଗ ବସନ୍ତ ଦିନର ଉଛାଟଲଗା ପବନ ମୁକୁଳା ଝିରିକବାଟ-ଦେଇ ପଶିଗଲା । କୁସୁମ ଅନେକ ବେଳଯାଏ ଗୀତ ବୋଲି ଶେଷରେ ବିରକ୍ତହୋଇ ସାରଙ୍ଗୀ ଥୋଇଦେଇ ଉଠିଲା ଖାଇବାକୁ ।

ପଲଙ୍କ ଉପରେ ଧୋବ ଫରଫର ବିଛଣା । ଝିରିକର କାଠ ଛଡବାଟେ ବୁଡିଲା ଜହ୍ନର କଅଁଳ ଅଳ୍ପଅଳ୍ପ ବିଛଣା ଉପରେ ଲମ୍ବିପଡିଥିଲା କଳାଡୋରିକଟା ଖଣ୍ଡେ ଜରିଚଦର ପରି । ଅଲୁଅଟା ଖୁବ୍ ମିଞ୍ଜି ମିଞ୍ଜି କରିଦେଇ କୁସୁମ ଆସି ଖଟଉପରେ ଶୋଇପଡିଲା । ମୁକୁଳା କବାଟ ବାଟେ ବାସବାଉଳା ଦକ୍ଷିଣାପବନ ବସନ୍ତର ସୁନାବସନ୍ତରି ମେଲଦେଇଗଲା ଘରଯାକ !

୩

କେତେ ରାତିରେ କେଜାଣି, ହଠାତ୍ କ'ଣ ଗୋଟାଏ ଶବ୍ଦରେ କୁସୁମର ନିଦ ଗୁଡ଼ିଁ କଳା ଭାଙ୍ଗି ଗଲା । ସେ ଧଡପଡ ହୋଇ ଖଟଉପରେ ଉଠିବସି ଚାହିଁଲା—

ଝିରିକ ପାଖେ; ଯୋଉଠି ସଞ୍ଜବେଳେ ଜହ୍ନଅଲୁଅ ଘଷିଯାଏଁ ଲମ୍ବି ପଡିଥିଲା—ଜହ୍ନ ଅଲୁଅଠୁଁ ଆହୁରି ଧଳା ଆହୁରି ବଡହୋଇ ସେଠି ଗୋଟାଏ କ'ଣ ଦିଶୁଚି ! ସେ ପ୍ରଥମେ ମନେକଲା, ଜହ୍ନ ଅଲୁଅ । କିନ୍ତୁ ବାହାର ସେତେବେଳକୁ ଗହଳ ଅନ୍ଧାର । ଚଉଠି ଜହ୍ନତ ବୁଡିଗଲେଣି କେତେବେଳୁଁ ! ଭୟରେ କୁସୁମର ଦିହଯାକ ଝାଳ କଣ୍ଡିଆସିଲା, ଦିହ ଥରିଗଲା । ତଥାପି ଖୁବ୍ ମନଦମ୍ଭକରି ସେ ପଚାରିଲା —କିଏ ସେ—?

କିଛି ଉତ୍ତର ନାହିଁ ।

କୁସୁମ ପୁଣି ଡାକିଲା । ବଡପାଟିକରି —କିଏ ?

ଧଳା ଛାଇଟା ଅସ୍ତେ ଅସ୍ତେ ଖଟପାଖକୁ ଆହୁରି ଲାଗିଆସିଲା ! ମାଇପି କଣ୍ଠରେ ଖୁବ୍ ଧୀରେ ଧୀରେ କହିଲା; ମୋରି ଘରେ, ମୋରି ଖଟଉପରେ ଶୋଇ ପୁଣି ମତେ ଏ କଥା ପଚାରୁଚ ?

କୁସୁମ ଚମକପଡି ଖୁବ୍ ଗୋଟାଏ ପାଟିକଲା । କିନ୍ତୁ ଭୟରେ ଗଳା ତା'ର ଶୁଖିଯାଇଥିଲା; ସେଥିରୁ ସ୍ୱର ବାହାରିଲାନାହିଁ । ଧଳା ଛାଇଟା ଖଟପାଖକୁ ଲାଗିଆସି ଧୀରେ ଧୀରେ କହିଲା; ଖାଲି ଆଜି ନୁହେଁ, କାଲି ନୁହେଁ, ଏ ଘର ଖାଲିପଡିଲାଦିନୁ ଜାଣ ମୁଁ ଏଠିକି ଆସୁଚି; ଏମିତି ରାତିଅଧରେ । ମୋର ମନକଥା କାହାରି ଆଗରେ କହି ଛୁଟି ପାଇବାକୁ; କିନ୍ତୁ ରୋଜ ଆସି ଫେରିଯାଏଁ । ଅନେକ ମନଷ ଏ ଘରେ ଥାଆନ୍ତି । କିଛି କହିପାରେ ନାହିଁ । ...

Digitized by srujanika@gmail.com

ବାହାରେ ଫଗୁଣର ମନଫରୁଣା ପବନ—ସାପୁଆ କେଳର ନାଉଁରୁମ୍ଭା ବଜାଉଥିଲା ସେତେବେଳକୁ, ନହକା ବାଉଁଶ ବୁଦାର ମଥାନଉପରେ । ଧଳାଛାଇଟା ଦଣ୍ଡେ ଚୁପହୋଇ କହିଲା—ବଡ କରୁଣ, ବଡ ଦୁଃଖ-ଫଟା ମୋ କାହାଣୀ ! ଭାବିଲେ, ଏ ଛାଇଦିହ ବି ଶୀତେଇ ଉଠୁଚି—ଆଜଯୁକା ଗ୍ରଞ୍ଜ କରତ ହୋଇଯାଉଚି 'କୋହ' ରେ । ତଥାପି ମୁଁ କହିବି ସବୁକଥା; ମୂଳରୁ ଶେଷଯାଏ । ନକହି ମୋର ଗତି ନାହିଁ—

ଦଣ୍ଡେ ଗଲା ।

କୁସୁମ ତାଟକାହୋଇ ଖଟଉପରେବସି ସବୁ ଶୁଣୁଥାଏ । ଦିହ ଯେମିତି ତାର ପଥର ପାଲଟି ଯାଉଚି ଡରରେ ! ଛାଇ କହିଲା—ଓଃ, ଦଣ୍ଡକର ଭୁଲପାଇଁ କେତେବଡ଼ ପ୍ରାୟଶ୍ଚିତ୍ତ ! ରଡ଼ ନିଆଁରେ ଯେମିତି ଦିହଗୋଟାକ ସନ୍ତୁଳି ହଉଚି ଦିନରାତି ! ମରି କି ବି ସେଥିରୁ ଯେମିତି ରକ୍ଷାନାହିଁ ମୋର ! ମୁଁ ପତିତା, ଲକ୍ଷ୍ମୀଛଡ ! ଏଇ ନଉଛୁଣା ମୁହଁରେ ପୁଣି ମୋ ଜୀବନର ପାପକଥା କହିବାକୁ ବସିଚି ତମଆଗେ ! ତମେ ମୋପାଇଁ ଦୁଃଖ କରନାଁ , ଘୃଣାରେ ଏଠୁ ଦୂରକରିଦିଅ ପଛେ; ସେଇ ମୋର ପ୍ରାୟଶ୍ଚିତ୍ତ, ସେଇ ମୋର ମୁକ୍ତି । ହଁ, ମୋର ବି ଦିନେ ପରିଚୟ ଥିଲା । ବାପା, ମା ସମସ୍ତେ ଥିଲେ । ଖୁବ ବଡଘରେ,ନା ହବ ବୋଲି ବାପା ତାଙ୍କର ସବୁ ଧନ ଦୌଲତ ବନ୍ଧାପକେଇ ମତେ ବାହା ଦେଇ-ଥିଲେ; କିନ୍ତୁ ଏତେ ସୁଖ ଏ ଅଲକ୍ଷଣୀ କପାଳରେ ସହିଲାନାହିଁ ପରି ! ବାହାହବାର ବର୍ଷେ ନପୁରୁଣୁ ଗୋଟାଏ କି ଜରରେ ବୋଲି ଶୁଣିଲି, ମୋ ସ୍ୱାମୀ ବିଦେଶରେ ଥାଇ ମରିଗଲେ । ସେ ଖବର ଯେତେ-ବେଳେ ଆମ ଘରକୁ ଆସିଲା, ବାପା ବୋଉ ହେଇକା ସମସ୍ତେ ରଡଛାଡ଼ି କାନ୍ଦିଲେ । ମୁଁ ବି କାନ୍ଦିଲି ତାଙ୍କ ଦେଖାଦେଖି'; କିନ୍ତୁ କିଛି ନବୁଝି—ମିଛଟାରେ ! ସ୍ୱାମୀ ମଲେ ସ୍ତ୍ରୀର କ'ଣ କ୍ଷତି, ସେକଥା ବୁଝିବାର ବୟସ ହୋଇ ନଥିଲା ମୋର ! ବାହାହବା ଦିନଟି ଛଡା 'ତାଙ୍କୁ' ଆଉ ଦିନକପାଇଁ ଯେ ମୁଁ ଦେଖିନାହିଁ ଆଖିରେ କେବେ ! ତାଙ୍କପାଇଁ ମତେ କାନ୍ଦିମାଉନ୍ଥା ବା କାହିଁକି ? କିନ୍ତୁ ଆଜ ଭାବେଁ ମୁଁ ଚଣ୍ଡାଳୁଣୀ ସେଇଦିନ ଜନମ ବହିଥିଲି କାହିଁକି, ଏଇ 'ଅନଭୋଗ' ପାଇବାକୁ ? ... ...

ଅନେକଦିନ ପରେ, ହେଲମେଲରେ ବାପା ସେ ଦୁଃଖ ଟିକେ୨ ପାଶୋରିପକାଇ ଅଗପରି କାମଦାମରେ ମନ ଦେଲେ । ବୋଉ କିନ୍ତୁ, ସେଇଦିନୁ ଯେ ବିଛଣା ଧରିଥିଲା, ଆଉ ଉଠିଲାନାହିଁ ସେଥିରୁ ! ଦିନକୁଦିନ ଖାଲି ଶୁଖି୨ କଣ୍ଟା ହେଇଗଲା । କେତେ ବଇଦ କେତେ କବିରାଜ ଲାଗିଲେ; ହୋଉଥିରେ କିଛି ହେଲାନାହିଁ । ଶେଷରେ ଦିନଗୋଟାଏ ଝାଡାରେ ସବୁ ଜଞ୍ଜାଳରୁ ଛୁଟି ନେଇ ସେ ଆଖି ବୁଜିଦେଲା ସବୁଦିନ ଲାଗି !

ଏତକ କହି, ଛାଇ ଟିକେ ଚୁପ ହେଲା । କଣ୍ଠ ତାର ଲୁହରେ ବୁଜିହେଇ ଯାଇଥିଲା କି କ'ଣ ! ଦଣ୍ଡକ-ପରେ ପୁଣି କହିଲା—ଆଗରୁ ତ କହିଚି, ଆମଘର ଭାରି ଗରିବ । ଜମି ବାଡ଼ୀ ଯାହା ଥିଲା ସବୁଯାକ ବନ୍ଧାପକେଇ ବାପା ମତେ ବାହା ଦେଇଥିଲେ । ଅନେକଦିନ ଯାଏ ଟଙ୍କା ନ ସୁଝିଲାରୁ, ଜମିବାଡ଼ ସବୁ ଦିନେ ନିଲାମ ହୋଇ-ଗଲା, ଖାଲି ଛପର ଖଣ୍ଡିକ ଛଡ ! ନିଲାମ ଯେ ଧରିଥିଲା, ଆମ ଓଳିତଳକୁ ଲାଗି ତାର ନୂଆ ବାଡ଼ ବସିଲା ତହିଁ-ଆରଦିନଠାରୁ । ବାପା ତାଙ୍କୁ ବହୁତ ନେହୁରା କଲେ; କିନ୍ତୁ ପୋଖରୀକି ଖାଲି ଟିକେ ଗାଧୋଇ ଯିବାକୁ ଗୃଷଣ୍ଡେ ବାଟ ପାଇଲେ ନାହିଁ ଯେତେ କହି୨ ।

ବାରବର୍ଷବେଳୁ ମୁଁ ବିଧବା, କିନ୍ତୁ ବାଡ଼ ଅପର କଉଁକଥାରେ ମୋର ବାରଣ ନଥିଲା ବଡହବାଯାଏଁ । ବୋଉ ବଞ୍ଚିଥିଲାବେଳେ ଦିନେ୨ ଏଇ କଥା ନେଇ ଗାଳିଦିଏ ବାପାଙ୍କୁ । ଦୁଧ ଦେଇ ସେଯେ ନାଗ ପାଳୁଚନ୍ତି ଏକଥା ମତେ ଦେଖେଇ ଅନେକଥର ତାଙ୍କୁ ମନେ କରେଇ ଦିଏ । ସବୁକଥା ଶୁଣି ବାପା ଖାଲି ଟିକେ ହସିଦିଅନ୍ତି କହନ୍ତି; ପିଲାଟା, ମନ ଖରାପ ହବ ତାକୁ କିଛି କହନା । ନଇଲେ, ବାପା ଯେମିତି ଉଦାସୀଆ ଲୋକ, ଟିକେ କଡା ହୋଇପାରିଥିଲେ,ଏ 'କୁଳଉଜ୍ଜଡା' ବୁଦ୍ଧି ମୋର କୁଆଡ଼େ ଛଡ ଯାଇଥାନ୍ତା; ଜୀବନ ଭରି ଏତେବଡ ପାପଭାର ମୁଣ୍ଡେଇ ବୁଲିବାକୁ ହେଇନଥାନ୍ତା ମତେ ସମସ୍ତଙ୍କ ଆଗରେ ! କିନ୍ତୁ ଛଡ ସେ କଥା

ବାପାତ ସହଜେ ଅଳପ କଥା କହନ୍ତି, ବୋଉ ମଲାଦିନ ସେ ପୁଣି ଆହୁରି ଗମ୍ଭୀର ହୋଇ ଗଲେ କେମିତି ।

Digitized by srujanika@gmail.com

ସକାଳୁ ସଞ୍ଜଯାଏ ଦାଣ୍ଡମେଲାଣ୍ଟରେ ଲୁଚହୋଇ ବସି-ଥାଆନ୍ତି; ଖାଇବାକୁ ଡାକଲେ ଦାନଭିତରେ ଥରେ ଅଧେ ଭିତରଖଣ୍ଡାକୁ ଆସନ୍ତି ଯାହା ସେତିକି । ଯେମିତି ଘରସାଙ୍ଗେ ତାଙ୍କର ସବୁ ବନ୍ଧନ ଛିଡିଯାଇଚି ! ଉନ୍ଧାବଢ଼ା ବାସନମଜା ଆଉ ଶୋଇବା ଭିତର ଦେଇ ଦିନଗୁଡାକ ମୋର ଏମିତି ଗୋଟି ଗୋଟି ହୋଇ କଟିଯାଏ । ସେତେ-ବେଳେ ଯଦି ସପ୍ନରେ ବି ଭାବିଥାନ୍ତି; ଏଇ ଅଲୋଡା ଜୀବନ-ଟାରେ ପୁଣି ଭଗବାନଙ୍କର ଏତେ ଲୋଡା ଅଛିବୋଲି !

ଦିନେ, ସକାଳୁ ସେଦିନ ବାପା ଗାଁ ଭିତରକୁ ଯାଇ-ଥିଲେ ମତେ ଜଣାନାଇଁ । ଉନ୍ଧାବଢ଼ା ସାରି ସବୁଦିନ ପରି ତାଙ୍କୁ ଡାକିବାକୁ ଗଲି ଦାଣ୍ଡକୁ । ଅଜାଣତରେ ଘର ଭିତରକୁ ପଶିଯାଇ ଚାହିଁଦେଲି—ବାପାଙ୍କ ପାଖେ ଗୋବର୍ଦ୍ଧନ ବସିଛନ୍ତି ! ଏ ସେଇ ଗଦେଇ ମହାପାତ୍ରଙ୍କ ପୁଅ, ଆମ ସର୍ବସ୍ୱ ଯେ ନିଲାମରେ ନେଇଚନ୍ତି ! ଭାବିଲି, ଫେରିଯିବି । କିନ୍ତୁ ଏତେବାଟ ତାଙ୍କ ଆଗରେ ଫେରି-ଯିବାକୁବି କେମିତି ଲାଜ ମାଡିଲା ସେତେବେଳେ । ଖୁଣ୍ଟ ଉହାଡରେ ମୁହଁପୋତି ସେମିତି ଠିଆହୋଇ ରହିଲି । କେତେବେଳେକେ କାଗଜପତ୍ର ଦେଖିସାରି ବାପା ଖାଇବାକୁ ଉଠିଆସିଲେ । ଖଣ୍ଡାକବାଟ ମୁନ୍ଦିଦେଲା-ବେଳେ ଦେଖିଲି—ଗୋବର୍ଦ୍ଧନ ପିଣ୍ଡାରେ ଠିଆ ହୋଇ ଏକଧ୍ୟାନରେ ମୋ ଆଡେ ଚାହିଁଚନ୍ତି । ରାଗରେ ହାଡ ଜଳିଗଲା । ଦୁଲ୍‌କିନା କବାଟ ଲଗାଇ ଦେଇ ଚାଲି-ଆସିଲି ।

ରାତିରେ ସେଦିନ ବାପା ଖାଇବସିଥିଲେ ଭିତର ପହଣ୍ଡରେ । କିଛି ନଜାଣିଲାପରି ତାଙ୍କୁ ପଚାରିଲି; ସକାଳେ ସେ କିଏ ଆସିଥିଲା କି ତମ ପାଖକୁ ? ବାପା କହିଲେ-ସେ ପରା ଗଦେଇ ମହାପାତ୍ରଙ୍କ ପୁଅ ଗୋବର୍ଦ୍ଧନ । ଆମର ବାଡିକି ଲାଗେ ତାଙ୍କଘର, ତୁ ଚିହ୍ନିନଉଁ ? ବଡ ଭଲ ପିଲାଟିଏ ଏକା । ସକାଳେ ଆଜି, ସେହି ପୋଖରୀ କି ଗାଧୋଇ ଯିବାକୁ ଠିକେ ବାଟ ଦବାକଥା କହିଲି, କହି-ଥିଲା, ଘରେ ବୁଝି କହିବ । ଆଜି ସଞ୍ଜବେଳେ ନିଜେ ପୁଣି ମୋ ପାଖକୁ ଦୌଡିଆସି ବାଟ ଫିଟେଇବାକୁ ମଞ୍ଜୁର ଦେଇଗଲା ।


ବାପାଙ୍କ ପ୍ରକୃତି ସବୁଦିନେ ଏମିତି ! ଟିକେ ଅନୁଗ୍ରହ ପାଇଲେ କାହାଠଉଁ, ତା'ର ହୋଇଯାଆନ୍ତି ଗୋଟିପଣେ !

ସେଇଦିନୁ ସଞ୍ଜବେଳେ ପୋଖରୀକି ଗାଧୋଇ ଗଲାବେଳେ ପ୍ରାୟ ଦେଖେଁ ଗୋବର୍ଦ୍ଧନ ଗୋଟାଏ ବନସୀ ଧରି ଆରପାଖ ଘାଟରେ ବସିଥାନ୍ତି, ସକାଳୁଁ ସଞ୍ଜଯାଏଁ ! ମତେ ଦେଖିଲେ, ମାଛଧରା ତାଙ୍କର କୁଆଡେ ପାଶୋରି ଯାଏ । ବନସୀଟା ସେଇଠି ଥୋଇଦେଇ, ବେହିଆଙ୍କ ପରି ମୋ ଆଡେ ଚାହିଁ ହସନ୍ତି । ପହିଲୁ ପହିଲୁ ହାଡ ଜଳି ଯାଉଥିଲା ସାହସ ଦେଖି ! ମନେ ହଉଥିଲା ଘରକୁ ଦୌଡିଯାଇ ବାପାଙ୍କୁ ଡାକିଆଣି ଦେଖାଇଦବାକୁ, ତାଙ୍କ 'ଭଲ ପିଲାଟି' ର ଭଲପଣ । କିନ୍ତୁ କେମିତି ଭାରି ଲାଜମାଡେ ଆଉ କାହା ଆଗରେ ଏ କଥାଟା ଖୋଲିବାକୁ—ଯେମିତି ମୋର ଏଥିରେ ଷୋଳପଣ ଦୋଷ, ଆଉ କାହାର କିଛି ନୁହେଁ ! ପାଣିଭିତରେ ଗୋଡଦିଟା ମୋର ପଥର ପାଲଟି ଯାଏ ଲାଜରେ ! ଯିବି ଯିବି ବୋଲି ଆଉ ଯାଇ ହୁଏନାହିଁ ।

ଗୋବର୍ଦ୍ଧନ ରୋଜ ଏମିତି ଆସନ୍ତି । ମୋର ଗାଧୋ-ଇଲାବେଳ ଜଣି ଏକାନ୍ତରେ ରୋଜ ଏମିତି କେତେ ଅଭଦ୍ର ଅସୁନ୍ଦର କଥା କହି ମତେ ଥଟ୍ଟା କରିଯାଆନ୍ତି । କେତେଥର ମନକୁ ଭାବେଁ—ମନାକରି ଦେବି ତାଙ୍କୁ ପୋଖରୀଘାଟ ମାଡିବାକୁ, କିନ୍ତୁ ଏ ପୋଖରୀ ଯେ ଏଇ-ଲାଗେ ତାଙ୍କର ! ଆମକୁ ଦୟାକରି ଟିକେ ଗାଧୋଇବାକୁ ଦଉଚନ୍ତି ସିନା; ମୁଁ ପୁଣି ମନାକରିବି କାହାକୁ ? କିନ୍ତୁ କ୍ରମେ ସବୁକଥା ଦିହସହା ହୋଇଗଲା । ଦିହସାରା ସେତେବେଳକୁ ଯେ ଆସନ୍ନ ଯୌବନର ମଳୟ-ପରଶ ଛୁଆଁଉଇଁ ଥରକୁଥର ଲେଉଟି ଯାଉଥିଲା, ପ୍ରାଣଭିତରେ କେତେ ସୁନେଲି ସପ୍ନ ଗଢ଼ିଦେଇ ! ସାଧ କ'ଣ ମୋର ତାକୁ ଏଡି ଦବା ?

ଦିନେ ଦିନେ ଅଜାଣତରେ କେତେବେଳେ ବୋଧ ହୁଏ ଆଖିଦିଟା ମୋର ତାଙ୍କ ଆଡକୁ ଫେରିଯାଏ । ବାସନମଜା ବନ୍ଦକରି ଏକଧ୍ୟାନରେ ତାଙ୍କର ଆଡ଼କୁ

Digitized by srujanika@gmail.com



ବୀର ଶ୍ରୀ ଗଜପତି-ଗୌଡ଼େଶ୍ୱର ନବକୋଟି କର୍ଣ୍ଣାଟ, କଳବର୍ଗେଶ୍ୱର
ବୀରାଧିବୀରବର ପ୍ରତାପ ଶ୍ରୀ ରାମଚନ୍ଦ୍ର ଦେବ ।

Digitized by srujanika@gmail.com

ଗୃହିଁରହେ, ବୋହୁଅଣୀଙ୍କ ପରି ! ସାହସପାଇ ଗୋବର୍ଦ୍ଧନ ମତେ ଲକ୍ଷକରି କେତେ ଇଙ୍ଗିତ କରନ୍ତି, ଏତେ ଦୂରରୁ ଭଲକରି ସବୁ କାନକୁ ଯାଏନାହିଁ ମୋର । ଗଲେବି ସେ ଆଡ଼କୁ ମନ ନଥିଲା ପରି ମୋ କାମସାରି ବେଗି ବେଗି ଘରକୁ ଚାଲିଆସେ । କିନ୍ତୁ ଦେବତାଙ୍କର ଛଡ଼ାଫୁଲପରି ଏଇ ନିହାତି ଅଲୋଡ଼ା ଜୀବନଟାରେ, ଏଇ ଦିଦିଗ ପଞ୍ଜରିହାଡ଼ ଦିଖଣ୍ଡ ଭିତରେ ପୁଣି ଏତେ ପ୍ରେମ ଏତେ ରସ କୋଉଠି ଥିଲା, ଦିନେ୨ ସେଇକଥା ଭାବି ଭାବି ବିଚଳିଲାଗେ ! ଗୋବର୍ଦ୍ଧନଙ୍କର ଏଇ ଚାହାଣୀ, ଏଇ ହସ ଯେ ମୋର ସବୁ ସାରିବ ଏକଥା ଦଣ୍ଡିକ ପାଇଁକି ହେଲେ ସେତେବେଳେ ମନକୁ ଆସିନାହିଁ । ଆସିଥିଲେ ବି 'ଚେତି' ଥାନ୍ତି କି ନା କେଜାଣି ?

ଦିନେ ସଞ୍ଜ ଗଡ଼ିଗଲା ପରେ ଅନେକ ଉଚ୍ଛୁରରେ ସେ ଦିନ ଗାଧୋଇବାକୁ ଗଲି । ପାହାଚ ଉପରେ ବସି, ଆପଣା ମନକୁ ପାଣିଉପରେ ଗାର କାଟୁଚି, ଗୋବର୍ଦ୍ଧନ କୁଆଡ଼ୁ ଆସି ମୋ ହାତରେ ଖଣ୍ଡେ ଧଳାକାଗଜ ଗୁଞ୍ଜିଦେଇ ଚାଲିଗଲେ । ଘୃଣାରେ ଚିଠିଖଣ୍ଡ ପାଣିକି ଫିଙ୍ଗିଦେଇ ବାସନ ମାଜି ବସିଲି । ମନରେ ଭଲମନ୍ଦ, କେତେ ପାଞ୍ଚ ହୋଇଗଲା । ଘରକୁ ଲେଉଟିଲାବେଳେ କି ଲୋଭରେ କେଜାଣି ଚିଠିଖଣ୍ଡ ପାଣିରୁ ଉଠେଇ ନେଇଗଲି । ଘର ଭିତରେ କବାଟ କିଳି, ଏକାନ୍ତରେ ଦୀପପାଖେ ନେଇ ପଢ଼ିଲି—"ମାଳତୀ, ପ୍ରାଣର ମାଳି, ମୁଁ ତୋର—ମୁଁ ତୋର—" ! ମୁଁ ସ୍ତ୍ରୀ, ପୁଣି ଯୁବତୀ ! ମତ୍ତି ଜଣେ ଭଲପାଏ—କଥାଟିରେ ଛାତିଭିତର କ'ଣ ହୋଇଗଲା ! ମନ କେମିତି 'ଉଦାସୀଆ' ହୋଇଗଲା ଚିଠିଖଣ୍ଡ ପଢ଼ି । କିନ୍ତୁ ମୋର ସେଥିରେ କ'ଣ ଅଛି କି ? ମୁଁ ତ ବିଧବା । ଲୋକଙ୍କ ଲେଖାରେ ଆମେ ସବୁ ପଥରରେ ତିଆରି

ଚିଠିଖଣ୍ଡ ଠିକ ଠିକ କରି ଚିରିପକାଇ, ଥକାହୋଇ ଘରଭିତରେ ବସିରହିଲି ! ବାହାରେ,—ପାଣି ପବନ ଏକାଠିକରି ସେତେବେଳକୁ ଗଛ ଫାଙ୍କେ୨ ଅନ୍ଧାରର କଳାଝିମିଟି ଶାଢ଼ୀ ବୁଣା ଲାଗିଥିଲା !

୫

ସେଇଦିନୁ ସଞ୍ଜବେଳେ ଏକୁଟିଆ ପୋଖରୀକି ଯିବା ବନ୍ଦକଲି । ବାପା ପଚାରିଲେ—"ପୋଖରୀକି ଯାଉନାହୁଁ କିଲୋ, ଆଜିକାଲି ?" କହିଲି; ଏକୁଟିଆ, ଡରମାଡେ ଯିବାକୁ !

ଆଉ ଦିନେ, ଦିପହରେ ଖାଇପିଇ ସାରି ଘରଭିତରେ ବସି ଲୁଗା ସିଉଁଚି; ବାଡପଟ ଝରକାବାଟେ ଆଉ ଖଣ୍ଡେ ଚିଠି ଆସି ମୋ କୋଳଉପରେ ପଡ଼ିଲା ! ପ୍ରଥମେ ଭାବିଲି—ବାପାଙ୍କୁ ନେଇ ଦେଖେଇଦିଏଁ, ସବୁ ରସିକପଣିଆ ଭାଙ୍ଗିଯିବ ଏକାଥରକେ ! ଉଠିବାକୁ ଯାଉଚି, ଝରକା ବାଟେ କାହା ଛାଇ ପଡ଼ିଲା । ଚାହିଁଲି ଗୋବର୍ଦ୍ଧନ ! ଆଖିଦିଟାରେ ତାଙ୍କର କ'ଣ ଥିଲା କେଜାଣି କୁହୁକ ଲାଗିଲାପରି ଚିଠିଖଣ୍ଡ ଉଠାଇନେଲି । ଲେଉଟି ଆସି ପୁଣି ଘରଭିତରେ ବସିଲି । ଗୋବର୍ଦ୍ଧନ ଚାଲିଗଲେ; ରାତିରେ ଶୋଇଲାବେଳେ ଅଣ୍ଟିରୁ ଚିଠିଖଣ୍ଡ ବାହାର କରି ଲୁଚିଇକରି ପଢ଼ିଲି—କେତେ ପ୍ରାଣଉଜୁଡ଼ା ସୁହାଗ କଥା, କେତେ ବୁଦ୍ଧି-ଜ୍ଞାନ-ହଜା ଗାରୁଡ଼ୀ ମନ୍ତ୍ର ତା' ଭିତରେ ଥିଲାଟି ? "ମୁଁ ତୋର, ମୁଁ ତୋର" ଏଇ କଥାଟି ପବନରେ ଭାସି ଆସି ମତେ ଏକାଥରେକେ ବାଇଆ କରିଦେଲା । ବୁଦ୍ଧି-ଜ୍ଞାନ ହଜାଇଦେଲା କେଉଁ ଅଥଳ ସମୁଦ୍ର ଭିତରେ !

ଆଗରୁ କହିଚି, ଜମିବାଡ଼ିତ ଆମର ସବୁ ଯାଇଥିଲା, ଖାଲି ଘରଖଣ୍ଡି ଛଡ଼ା । କିନ୍ତୁ ଘର କେମିତି ଚଳିବ ? ଦିମାସ ପରେ ସେଇ ଭାବନା ଆସି ବାପାଙ୍କୁ ଲାଗିଲା । ଆମର ଗାଁରେ କେତେଘର କରଣ, ଆମର କୋଉ ପୁରୁଷରେ ଯଜମାନ ଥିଲେ; ବାପା ତାଙ୍କ ପିଲାକାଳୁଁ ସେ ଭାର ଆଉଜଣକୁ ଦେଇଦେଇଥିଲେ, ଇଚ୍ଛାକରି ରୋଜଗାର ଅଭାବରୁ ଘର ଚଳିବା ଯହୁଁ କଷ୍ଟହେଲା, ଏ ବୁଢ଼ା ବୟସରେ ବି ବାଧହୋଇ ବାପା ସେ ପୁରୁଣା କେତେଘର ଯଜମାନଙ୍କ 'କାମ' ହାତକୁ ନେଲେ । ଦିନେ, କଅଁଳ ଗାଧୁଆ ବେଳକୁ ଗାଁରେ କାହାଘରେ କ'ଣ ଶ୍ରାଦ୍ଧଥିଲା ବୋଲି ବାପା ସକାଳୁଁ ଘରେ ନଥିଲେ । ଭିତରଘରେ, ମୁଁ ଏକା ରୋଷେଇ କରୁଚି, ଦାଣ୍ଡରେ

Digitized by srujanika@gmail.com

'ପଣ୍ଡିତେ ପଣ୍ଡିତେ' ବୋଲି ପାଟି ଶୁଭିଲା । ଜଲାକବାଟି ବାଟେ ଗୃହଁଲି ଗୋବର୍ଦ୍ଧନ ଡାକ ଡାକ ଆସି ଅଗଣାରେ ଠିଆ ହୋଇଚନ୍ତି ! ଛାତି ଭିତର ଦୁଲ୍ ଦୁଲ୍ ହେଇ ଥର ଗଲା । ଜୋରରେ ଖିଡ଼କିଟା ବୁଜିଦେଇ କାମରେ ମନ ଲଗାଇବାକୁ ଚେଷ୍ଟାକଲି । ଦଣ୍ଡକପରେ ଗୋବର୍ଦ୍ଧନ ଆସି ଠିଆହେଲେ—ମୁଁ ଯେଉଁଘରେଥିଲି ତାର ଦୁଆର-ମୁହଁରେ । ତାଙ୍କୁ ଦେଖି ମୁଣ୍ଡରେ ଲୁଗା ଟାଣିଦେଲି । ସେ ପଚାରିଲେ—ମାଳ ! ତମ ବାପା କାହାନ୍ତି କି ?

ମୁଣ୍ଡହଲାଇ ଜବାବଦେଲି—ନାହାନ୍ତି !

ସ୍ବଦେଆଡ଼କୁ ଥରେ ଭଲକରି ଗୃହଁ ସେ ମୋପାଖକୁ ଆହୁରି ଘୁଞ୍ଚିଆସିଲେ । ଅଟେ ସ୍ବ ଅସ୍ତେ କହିଲେ—ମାଳ ! ଆଉ କେତେଦିନ ଏମିତି ଗୃହଁବସିଥିବ ? ଭିତ୍ତରେ ଛାତି ଭିତର ଥରୁଥାଏ, କିଛି କହିଲିନାହିଁ ।

ସେ ପୁଣି କହିଲେ—ଆଜ, ଆଜ ରାତିରେ; କହିବୁ ଯେବେ, ଆସିବି । ଅନେକ କଥା ଅଛି ମୋର ତତେ କହିବାକୁ ।

ମୋଠଉଁ କିଛି ଜବାବ ନପାଇ, ଏତେ ଉଗୁସ୍ତି ତାଙ୍କର ! ଆସି ମୋ-ହାତ ଧଇଲେ । ଚମକିପଡ଼ି ହାତ ଟାଣିନେଇ ପଛକୁ ଘୁଞ୍ଚିଗଲି । ନେହୁରା ହେଲାପରି କହିଲି; କାହିଁକି ଆସିଲ ତମେ ଏଠିକି ? ଏଇକ୍ଷିଣା ବାପା ଆସିବେ । ଯା ଗୃଲିଯା, ତମ ଗୋଡ଼ ଧରୁଚି ।

ସେ ଫେରିଲେ । ଗଲାବେଳେ କହିଗଲେ ; ଆସିବି ଆସିବି, ଆଜ ରାତି ଅଧକୁ—ମାଳ ! ମୋପାଇଁ ଶୋଇପଡ଼ି-ନଥିବୁ ।

ସେ ଗୃଲିଗଲେ; ମୋ ଆଡ଼କୁ ଗୃହିଁ, ଟିକେ ହସି-ଦେଇ । ମୁଣ୍ଡ ଭିତରେ ମୋର ସେତେବେଳକୁ ନିଆଁ ଜଳୁଥିଲା !!

୬

ଖରାବେଳେ ସେଦିନ, ବାପାଆସି ଦାଣ୍ଡ ପିଣ୍ଡାରୁ ଡାକିଲେ; ମାଳତି ଶୁଣିଗଲୁ ମା—

ଗୋଡ଼ ଧୋଇବାକୁ ପାଣି ଢାଳେ ନେଇ, ଯାଇ ପାଖରେ ଠିଆହେଲି । ମୁହଁ ହାତ ଧୋଇସାରି ବାପା କହିଲେ; ଶୁଣିଲୁଣିନା ମାଳତି ଗୋବର୍ଦ୍ଧନ କଥା ?

ଛାତିଟା ଦାଉଁକିନା ପଡ଼ିଲା ! ସକାଳକଥା ସବୁ ଜାଣି ପାରିଚନ୍ତି କି ଇଏ ! ବହୁତ କଷ୍ଟରେ କହିଲି—କଣ ?

ସେ କହିଲେ—ସକାଳେ ଆଜ, ଘରକୁ ଫେରିଲା ବାଟରେ ଗୋବର୍ଦ୍ଧନ ସାଙ୍ଗେ ଦେଖାହେଲା । କଥାବାର୍ତ୍ତା ହଉ ହଉ ସେ କହିଲା; ପଣ୍ଡିତେ, ଦାଣ୍ଡ ମେଲାଟା ତ ଆମର ଖାଲିପଡ଼ିଚି, ମୁଁ ପିଲା ଯୋଗାଡ଼ କରିଦଉଚି, ତମେ ଖଣ୍ଡେ ଚାହାଲୀ ଆରମ୍ଭକର ସେଠି । ବେଶ ଦିପ-ଇସା ଆୟ ହବ, ତା ଉପରେ ସରକାରୀ ବୃତ୍ତିତ ଅଛି ମାସକୁ ମାସ ! କିଛି ନବଗୃର ମୁଁ ସେଇଥିରେ ରାଜି ହେଇ ଆସିଚି । କିଛି ନୋହିଲେ ଘରଖର୍ଚ୍ଚଟାତ ସେଥିରୁ ଚଳିଯିବ ! ତୋ ମନକୁ କେମିତି ଆସୁଚି ଏକଥା ?

କିଛି କହିଲିନାହିଁ । ତଳକୁ ମୁହଁପୋତି ଠିଆହେଇ ରହିଲି ସେଠି । ସେ ପୁଣି କହିଲେ—ବେଶିତ ନୁହେଁ, ଖରାବେଳେ ଜମା ଦିଘଡ଼ି କାମ । ରହିପାରିବୁଟିକି ଏକା, ମୁଁ ନଥିଲାବେଳେ ? ମୋ ମୁହଁକୁ ଗୃହିଁ ସେ ହସିଲେ । ଆଶ୍ଚର୍ଯ୍ୟହୋଇ ପଚାରିଲି; ଏକା !

ସେ ମୋ ପିଠିରେ ହାତରଖି କହିଲେ; କ'ଣ ଆଉ-କରିବ କହ ? ଆମର ଏଠି ଚାହାଲୀ କରିବାକଥା ତାକୁ କହିଥିଲି । ତାର କିନ୍ତୁ ଭାରିମନ ଚାହାଲୀଟା ତାଙ୍କରଘରେ ଆଗ ବସୁ । ପରୁଆ କ'ଣ, ଏଇ କେତେଟା ଦିନ ଟିକେ ଚଳିଯାଉ; ତାପରେ ପଛେ ଗୋବର୍ଦ୍ଧନକୁ କୁହାବୋଲା କରି ଏଠିକି ଉଠେଇ ଆଣିବା ।

କେତେବେଳେକେ ଅସ୍ତେ ଅସ୍ତେ ସେଠୁ ଗୃଲି-ଆସିଲି । ଏସବୁ ଯେ ସେଇ ଗୋବର୍ଦ୍ଧନଙ୍କ ଫିସାଦ, ମୋର ପାଇଁ ଖାଲି—ଏକଥା—ଜାଣିସୁଦ୍ଧା—ଅଜଣାପରି ଚୁପ୍ ହୋଇ ରହିଲି, କୋଉ ସୁଖର ଲୋଭରେ, ସେ କଥା ତାଙ୍କୁ ଜଣା, ଯିଏ ବସି ଏ ଦିନରାତି କରୁଚନ୍ତି ।

ସଞ୍ଜବେଳେ ସେଦିନ ଦୂରେ ବଲ ବଣ କୁହୁଡ଼ିଆଙ୍କର ଖସିତାଡ଼-ଜୁଆ ପରତ-ବିହରେ ମାଡ଼ି ଆସିଥାଏ—ଅଦିନ

Digitized by srujanika@gmail.com

ମେଘର ବହଳ ଚକଣ ବଉଦମାଳ । ବାଡ଼ୀପଛେ ଅରମା ବୁଦା ଗହଳିରେ ଚହଳପକାଇ ବତାସ-ପବନ ଗର୍ଜୁଥାଏ ଭାରି ଜୋରରେ । ଏକାଦଶୀ-ବୋଲି ଖିଆପିଆର କଞ୍ଜାଳ ନଥିଲା କାରୁ ଘରେ । ବାପା ସେଦିନ ସହଳ ସହଳ ଶୋଇବାକୁ ଗଲେ । ଅନେକ ବେଳଯାଏ ତାଙ୍କୁ ଘସି ଦେଇ, ଦୀପ ଲିଭାଇ, ଘରେ ଆସି ଶୋଇପଡ଼ିଲି । ପଦାରେ, ଚୂଲି ମଥାନ-ମଞ୍ଜା ଲିଭି ଉତରରେ ସେତେବେଳେ ବରଷା ରାଇ କାଇ ବାହା-ବାଇଦ ବସିଥିଲା, ଆଉ ସେ ଶବଦରେ ଉଛାଟହୋଇ ପଡ଼ିଆ ପାରିର ପାଗଳ ପବନ ମୂଦା କବାଟ ସାଙ୍ଗେ ବଳ-କସା କସି ହବାକୁ ଥରେ ଥରେ ଧାଇଁ ଆସୁଥିଲା ସତେକି ! ବରଷା-ବଳୁରା ଖେତ-ଖମାର-ଗହିର ମାଟିର ଓଦା-ବାସନା ମତେ ସେଦିନ ଯେମିତି ନିଶା ଲଗାଇଦେଇଥିଲା । ସେଇ ମହକ ନିଶା ସବାଟେ ଘରଭିତରେ ପଶି, କେତେଦିନର ପାଶୋରିଗଲା ସପନ ସାଇଜର କୋଉ ଦରଶୁଣା କଥା ମନେ ପକେଇ ଦଉଥିଲା ଥରେ ଥରେ । ରାତି ନିଶବଦ ଭିତରେ ବରଷାର ଅଣସର ଟିପି ଟିପି ଶୁଣି ଶୁଣି ଆଖିଦ'ଟା ମୋର କେତେବେଳେ କେଜାଣି ଅପଣାମନକୁ ଭାରିହୋଇ ଆସୁଥିଲା ନିଦରେ, କବାଟପାଖେ କାହା ପାଦ ଶୁଣି ଚଉଁକିନ ନିଦଟା ଭାଙ୍ଗିଗଲା । କବାଟ ଫିଟାଇ ଦେଖିଲି—ଗୋବର୍ଦ୍ଧନ

ସତେ ସେ ଆସିବେ ? ମୁଁ ତ ସପନରେ ଭାବିନଥିଲି ସ୍ତା ? ଭୟରେ କାଠହୋଇ ବକାଙ୍କପରି ଠିଆହୋଇ ରହିଲି । ମୁକୁଳା କବାଟବାଟେ ବତାସ ପବନ ପଶି ଘରଭିତରେ ଦୀପଟା କେତେବେଳୁ ଲିଭାଇଦେଇ ଯାଇଥିଲା ମୋର ସେ ଆଡ଼କୁ ନିଘାନାହିଁ ।

ଲାଜରେ ଡରରେ ପାଟି କରିବାକୁ ଯାଉଥିଲି ···

ଅନ୍ଧାରରେ, ଗୋବର୍ଦ୍ଧନ ଆସି ମୋ ହାତ ଧଇଲେ ।

୨

ସେଇଦିନଠୁଁ ଖଟିବେଳେ ବାପା ଗୃହଶାଳୀଙ୍କ ଚାଲିଗଲେ ଗୋବର୍ଦ୍ଧନ ପ୍ରାୟ ନିତି ଆମ ଘରକୁ ଆସନ୍ତି । କେତେ ମନଭୁଲା କଥା କହି କେତେ ପ୍ରକାର ନୂଆ ନୂଆ ଜିନିସ ଦେଇ ମୋ ମନ ପାଇବାକୁ ଚେଷ୍ଟା କରନ୍ତି ସେ ! ଜୀବନର ଏଇ ଅପୂର୍ବ ସୁଆଦପାଇ ମନ ମୋର ପାଗଳ ହୋଇଯାଇଥିଲା ଏକା'ଥରକେ, ଆଗପଛ ନବଚାରି ସେଇଥିରେ ନିଜକୁ ଭସାଇଦେଇ ଅଥିରା ହେଲି ।

ଦିନେ ଗୋବର୍ଦ୍ଧନ ଆସି କହିଲେ, ମାଳି, ଏମିତି ଚୋରଙ୍କପରି ସବୁବେଳେ ଡ଼ରି ଡରି ରହିବାକୁ ଆଉ ଭଲ ଲାଗୁନାହିଁ । ବିଶେଷରେ ତୋର ତ ତିନି ମାସ ଗଡ଼ିଯାଇଚି । ଚାଲି କୁଆଡ଼େ ପଳେଇଯିବା ଦିହେଁଯାକ ।

ଅଲକ୍ଷଣୀ ନିଲଜ ମୁଁ କେମିତି କେଜାଣି ସେଇଥିରେ ରାଜିହେଲି ।

ଦିନେ ଅଧରାତରେ, କାଉକୁଳି ମୁହଁରେ ସବୁଦିନଲାଗି ନିଆଁ ଲଗାଇଦେଇ ତାଙ୍କ ସାଙ୍ଗେ ଘରୁ ପଳାଇଗଲି । ସହରରୁ ଖଣ୍ଡେ ଦୂର ଛାଡ଼ି; ଗୋଟାଏ ଗାଁରେ ଆସି ରହିଲୁ ଦିହେଁଯାକ । ଗୋବର୍ଦ୍ଧନ ବଡ଼ଲୋକର ପିଲା । ଟଙ୍କା ପଇସାର ଅଭାବ ହେଲାନାହିଁ । ଅନେକଦିନ ବେଶ ସୁଖରେ କଟିଗଲା । ତାପରେ ହଠାତ୍ ଦିନେ ଗୋବର୍ଦ୍ଧନ ମତେ ଏକା ଛାଡ଼ିଦେଇ ଚାଲିଗଲେ—ଆଉ ଫେରିଲେନାହିଁ । ସେତେ ବେଳକୁ ମୋର ଦଶମାସ !

ତାପରେ ହାତରୁ ପଇସା ସରିଲେ, ଲୋକଙ୍କର ଯାହାହେବ ସେଇଆ ହେଲା । ହତଲକ୍ଷ୍ମୀ ବୋଲି ସେ ଗାଁରୁ ମତେ ସମସ୍ତେ ତଡ଼ିଦେଲେ । ଭଗବାନ ଜାଣନ୍ତି କେତେକଷ୍ଟରେ ଘୁସୁରି ଘୁସୁରି ଆସି ମୁଁ ଗାଁ ବାହାରେ ଗୋଟାଏ ଆମ୍ବ ତୋଟାରେ ଦିନରାତି ପଡ଼ିରହିଲି । ଗାଁ ଭିତରକୁ ଯିବା ଉପାୟନାହିଁ, ହାତରେ ବି ଗୋଟିଏ ବୋଲି ପଇସାନାହିଁ, ଦୁଇଦିନ ଖାଡ଼ା ଖାଡ଼ା ଉପାସ ରହି ସେଇ ଖରା କାକରରେ ପୁଣି ମୋର ଗୋଟିଏ ପିଲା ଜନ୍ମହେଲା; କିନ୍ତୁ ମୋର ସେତେବେଳକୁ ଚେତା ନଥିଲା ।

କେତେଦିନ ପରେ କେଜାଣି, ଚେତା ହେଲାରୁ ଦେଖିଲି ମୁଁ ଆସି ଏଇଘରେ ଅଛି । ଗୋଟିଏ ବୁଢ଼ୀ ଦିନରାତି ମୋର ସେବାକରେ । ପଚାରି ବୁଝିଲି ଏ ଘର ତାର ।

Digitized by srujanika@gmail.com

ପଦାରେ ଏମିତି ନିରାଶ୍ରହୋଇ ପଡ଼ିଥିବା ଦେଖି ସେ ଦୟାକରି ମତେ ଆଣି ଏଠି ରଖିଛି; ପିଲାଟି ମୋର କୁଆଡେ ସେଇଠି ମରିଗଲା !

ବୁଢ଼ିର ଆଦର ଯତ୍ନରେ, ଦିନ ଭଲହେବା ସାଙ୍ଗେ ସାଙ୍ଗେ ମୁଁ ତା' ପାଖେ ବନ୍ଧା ହୋଇଗଲି ଏକାଥରକେ । ଏ ପାପ-ହାତରେ ମହାପ୍ରସାଦ ଦେଇ ପୁଣି ତାକୁ ଧର୍ମ ମା' କଲି । ସେଇ ଦିନଠାରୁ କଥାବାର୍ତ୍ତାରେ ବୁଢ଼ୀ ମତେ ଝିଅପରି କରେ । ଭାବିଲି, ଭଗବାନ ମତେ ସବୁ ବିପଦରୁ ପାରିକରି ନେଲେ । ଏଥର ଜାତିକୂଳ ଯାଉ ପଛକେ, ପୋଡ଼ା ପେଟଟାର ଚିନ୍ତା ମତେ ଆଉ ପଡ଼ିବନାହିଁ ବୁଢ଼ୀ ଥିବାଯାଏଁ; କିନ୍ତୁ କେଡ଼େ ବଡ଼ ଭୀଷଣ ଥାନରେ ମୁଁ ଆସି ପହଞ୍ଚିଛି, ତା' ଯଦି ସ୍ୱପ୍ନରେ ସେତେବେଳେ ଭାବିଥାଆନ୍ତି ! !

୮

ଏଇଯାଏ କହି ଝିଅ ହଠାତ୍ କାନ୍ଦି କାନ୍ଦି ହୋଇ ଟିକେ ତୁନିହେଲା । ଦଣ୍ଡକପରେ ପୁଣି ଆରମ୍ଭକଲା; ରାତି ଆଉ ବେଶିନାହିଁ, ମୋ କଥାବି ଆସି ସରିବାକୁ ହେଲାଣି । ସେଇଠୁ, କେତେଦିନ ପରେ ଦିନେ ବୁଢ଼ୀପାଖରେ ବସି ଗପ ଅଳିଆଉଛି, ଦାଣ୍ଡ କବାଟ ମେଲାକରି ଗୋଟିଏ ଅଚିହ୍ନା-ଲୋକ କିଏ ସାଇକ ଅସିଲା । ଲାଜକରି ମୁଁ ଘରଭିତରକୁ ଉଠିଗଲି । ବୁଢ଼ୀ ତର ତର ହୋଇ ଘରୁ ଖଣ୍ଡେ ଆସନ ଆଣି ପିଣ୍ଡାରେ ପାରିଦେଲା । ଲୋକଟି ତା' ଉପରେ ଆସି ବସିଲା । ଘରଭିତରୁ ତାଙ୍କ କଥାବାର୍ତ୍ତା ସଫା ମୋ କାନକୁ ଆସୁଥାଏ । ଲୋକଟି ହସି ହସି ବୁଢ଼ିକି ପଚାରିଲା—

ଏ ନୂଆ 'ମାଲ'ଟି କେବେ ପୁଣି ଆସିଲା ?

ବୁଢ଼ୀ ତୁନି ତୁନି କହିଲା; ଦିମାସ ହେବ !

ଲୋକଟି ଖୁବ୍ ଖୁସିହୋଇ କହିଲା; ବେଶ୍ ବେଶ୍, ଗଣିବଙ୍କର ଏଥର କପାଳ ଖୋଲିଲା ତା'ହେଲେ । ମୁଁ ମନେକଲି ବା ଏ ବର୍ଷ ପିଞ୍ଜରା ଖାଲି ! ଏଥର ଆଡ୍ଡା ଖୁବ୍ ଜମିବ ଦିନାକେତେ ତା'ହେଲେ ?

ହଁ, ତମମାନଙ୍କ ଦୟା ଥିଲେ—ବୁଢ଼ୀ କହିଲା ।

ଘଡ଼ିଏଯାଏଁ, ଅନେକ ଦୁଃଖ ସୁଖ ହୋଇ ଲୋକଟି ଉଠିଲା ଯିବାକୁ । କିନ୍ତୁ ସେଇ ଧାପଦ କଥାରେ—ମୁଁ କାହା ହାବୁଡ଼ରେ ଆସି ପଡ଼ିଛି; ଏ କଥା ଯାହା ସେ ବୁଝେଇ ଦେଇଗଲା, ଏଡ଼େ ଓଲି ମୁଁ ସେ କଥା ଟିକେ-ହେଲେ ସେ ଦିନ ସମଜି ପାରିଲିନାହିଁ !

ତହିଁଆରଦିନ ରାତିରେ, ଏଇ ଘରେ, ଏଇ ଖଟ ଉପରେ ଶୋଇଛି; ସେ ଦିନର ସେଇ ଅଚିହ୍ନା ଲୋକଟି ସାଙ୍ଗରେ ବୁଢ଼ୀ ମୋ ଘରଭିତରକୁ ଆସିଲା । ସତରେ ସେତେବେଳଯାଏଁ ବି ମୁଁ କିଛି ବୁଝିପାରିନାହିଁ, ମଣ୍ଡରେ ଲୁଗାଦେଇ ଧଡ଼ପଡ ହୋଇ ଉଠିବସିଲି । ବୁଢ଼ୀ ମତେ କହିଲା; ମଲା, ଆମ ଗାଉନ୍ଦ ପାଖରେ ପୁଣି ତୋର ଏତେ ଲାଜ ଗୋଟାଏ କ'ଣ ଲୋ ? ଦେ, ବାବୁଙ୍କୁ ପାନ ଦେ ? ଆଦର ଭାବ କର, ମୁଁ ଯାଉଛି । ଲୋକଟିକି କହିଲା; ଆସ ବାବୁ, ଖଟ ଉପରକୁ, ବସ । ନୂଆ ପିଲା, ମାନ ଥାନ ଆଜିଯାଏ କିଛି ଜାଣିନାହିଁ, ତମେ ସିନା ତାକୁ ସବୁକଥାରେ ଚଳେଇନେବ । ଆସ, ବସ ମୁଁ ଯାଉଛି ।

କବାଟ ଅଡ଼େଇ ଦେଇ ବୁଢ଼ୀ ସେ ଘରୁ ଗୁଚିଲାଗଲା ।

ସେତେବେଳକେ ସତରେ ବୁଝିପାରିଲି କାହା ପାଲରେ ମୁଁ ଆସି ପଡ଼ିଛି ! ଜୀବନରେ କେଡ଼େ ବଡ଼ ଭୁଲ ମୁଁ କରିଛି ଦଣ୍ଡକ ଉତ୍ତେଜନାରେ ଘରୁ ବାହାରି ଆସି—ତା ଏତେବେଳେ ଯାଇଁ ହାଡ଼େ ହାଡ଼େ ଭଲକରି ଅନୁଭବ କଲି । କିନ୍ତୁ—କିନ୍ତୁ ମୋର ତ ଆଉ ଉପାୟ-ନାହିଁ ଏଥିରୁ ଉଦ୍ଧାର ହେବାକୁ ! ମନ ହଉଥାଏ ବଡ଼ ପାଟିକରି କାନ୍ଦିବାକୁ ! ଭଗବାନ ! ଭଗବାନ ! ! ମୁଁ ଆଉ ଯାହା ହୋଇପାରେ ପଛେ ମୁଁ ତ ବେଶ୍ୟା ନୁହେଁ ! ଗୋବର୍ଦ୍ଧନଙ୍କ ସାଙ୍ଗେ ଘରୁ ପଳେଇ ଆସିଥିଲି, ତାଙ୍କୁ ଭଲପାଏଁ ବୋଲି । ଆଜନ୍ମରୁ ଆଜିଯାଏ କେବଳ ସେହି ଜଣକୁ ଭଲପାଇଛି ବୋଲି କିନ୍ତୁ—

ଆଉ ଭାବିପାରିଲି ନାହିଁ । ପଦ୍ମାଚରିକ ପରି ସେତେବେଳକୁ ମୁଣ୍ଡ ମୋର ବୁଲିଉଥାଏ । ମନେ ହେଲା, ଏଠିକି ଆସିବା ଆଗରୁ ସେଇ ତୋଟାରେ ମୁଁ ଯେମିତି ମରି ପଡ଼ିଛି !

Digitized by srujanika@gmail.com

ଲୋକଟା ହସି ହସି ମୋ ହାତ ଧରିଲା ! ଘୃଣାରେ ହାତକୁ ଝିଙ୍କାଡ଼ିଦେଇ ଖଟ ଉପରୁ ଉଠିଗଲି

ମଦନଶାରେ ରଙ୍ଗା ଆଖି ତରାଟି ସେ କହିଲା; କେତେ ଛଟକ ଜାଣିଛି ତମେ ? ଆସ ସାଙ୍ଗ ପାଖକୁ ଆସ । ଝୁଲି ଝୁଲି ସେ ପୁଣି ମତେ ଧରିବାକୁ ଆସିଲା । ଆଖି ଦିଟାରେ ସେତେବେଳକୁ ମୋର ନିଆଁ ଲାଗିଥାଏ ରାଗରେ । ବଡ଼ ପାଟିକରି କହିଲି; ଘୁଞ୍ଚିଯା କହୁଚି । ମତେ କ'ଣ ବେଶ୍ୟାକରି ପାଇଚ ନା କ'ଣ ?

ଲୋକଟା ଖୁବ୍ ବଡ଼ ପାଟିକରି ହସି ଉଠିଲା ମୋ କଥା ଶୁଣି । କହିଲା; ବେଶ୍ୟା ନୁହଁତ କଣ ସାବିତ୍ରୀ ? ତୁ ବେଶ୍ୟା ତୋ ଝିଅ, ସେବି ବେଶ୍ୟା ।

କବାଟ ଫିଟେଇବାକୁ ଯାଉଥିଲି, କଥା ଶୁଣି ଫେରିଲି । 'ତାଜୁବ' ହୋଇ ପଚାରିଲି; ମୋ ଝିଅ—?

ହଁ ଗୋ ସାଙ୍ଗ ତମରି ଝିଅ । ଏବେ ଯୋଉଟି ଜନ୍ମ ହୋଇଥିଲା ତମେ ଏଠିକି ଆସିବା ଆଗୁରୁ । ଏଇ ବୁଢ଼ୀ ତାକୁ ଆଉ ଠାରେ ଏତେଦିନ ଲୁଚାଇରଖି ଏବେ ବିକିଲା ପରା ଆଉ ଗୋଟେ ଦାଗିଘରେ ! ମୁଁ ନିଜେ ତାକୁ ଟଙ୍କା ଆଣି ଦେଇଚି

ନିଶ୍ୱାସ ମୋର ବନ୍ଦହୋଇ ଆସୁଥିଲା କଥା ଶୁଣି । ବହୁତ କଷ୍ଟରେ ପଚାରିଲି; କୋଉଠି ?

ସେ କ'ଣ ଆଉ ଏଠି କି ? ଲୋକଟା କହିଲା; ତାକୁ ନେଇ ସେଇଦିନ ସେ ବ୍ରହ୍ମାଦେଶ ଚାଲିଗଲା ପରା !

ଆଉ ଶୁଣିବା ଦରକାର ନଥିଲା । ମଥା ଭିତରେ ବୁଦ୍ଧି ଜ୍ଞାନଯାକ ମୋର ସେତେବେଳକୁ ସବୁ କୁଆଡ଼େ ପୋଡ଼, ନିଆଁ ଲାଗି ଯାଇଥିଲା । ପାଗଳଙ୍କ ପରି କବାଟ ଫିଟାଇ ଟଳଟଳ ବାହାରକୁ ଦୌଡ଼ି ପଳାଇଲି ।

ବାହାରେ, ପିଣ୍ଡା ଅନ୍ଧାରରେ 'ବୁଢ଼ୀ' ଚୁପ୍ ହୋଇ ବସିଥିଲା ସେତେବେଳଯାଏଁ । ମତେ ଦେଖି କହିଲା; କଲେ ଚାଲିଆସିଲୁ ଯେ ?

ପାଟି ନ ଫିଟାଇ, ବୁଢ଼ୀର ଶୋଇବା ଘର ଭିତରକୁ ଚାଲିଗଲି, ପଛେ ପଛେ ସେ ଆସି ମୋ ହାତ ଧରିଲା । ରାଗରେ ଗର୍ଜିଉଠି କହିଲା; ଛତରଖାଇ, କଙ୍କାଲ୍, ମତେ ବଦନାମୀ କରିବୁ କଲେ ? ଯା ସେ ଘରକୁ ଭଲଗତି ଯେବେ ଅଛୁ ।

ଲୁଗାଗୁଡ଼ାଏ ଟାଣି ଟାଣି ନେଇ ବୁଢ଼ୀ ମତେ ପୁଣି ସେ ଘରକୁ ଗଲା । ଦୁଆରମୁହଁ ପାଖରେ ଡାକିଲା; ବାବୁ !

ଲୋକଟି ଘରଭିତରୁ ଉଠିଆସିଲା । ତା'ପରେ ଦିହେଁଯାକ ମତେ ଧରାଧରିକରି ନେଇ ଖଟ ଉପରେ ମାଡ଼ବସି ଶୁଆଇଦେଲେ । ଦିହଗୋଟାକ ସେତେ-ବେଳକୁ ମୋର ଝିମି ଝିମି ହୋଇ ଆସୁଥାଏ । ବାହାରୁ କବାଟ କିଳିଦେଇ ବୁଢ଼ୀ ଚାଲିଗଲା । ଲୋକଟା ମୋ ପାଖକୁ ଆସି ହସି ହସି କହିଲା; ସାବାସ ସାଙ୍ଗ ! ସ୍ତ୍ରୀ ନାଁ ସିନା କଥା !

ତା'ପରେ ସେ ହାତଧରି ମତେ ପାଖକୁ ଟାଣିନେଲା

ବାଧା ଦେଇନାହିଁ । ବାଧାଦବାର ଶକ୍ତି ସେତେ-ବେଳକୁ ଦିହରୁ ମୋର ସରି ଆସିଥିଲା । ବାହାରକୁ ଗଲାବେଳେ ବୁଢ଼ୀର ଅଫିମ କଉଟରୁ ବଡ଼କରି ଟେଳାଏ ଅଫିମ ଖାଇଦେଇଥିଲି, ମରିବି ବୋଲି । ଦିହଯାକ ତାର କାମ ଆରମ୍ଭ ହୋଇଯାଇଥିଲା ଠିକ୍ ସମୟକୁ

*

ଭୟରେ ତାଟକାହୋଇ କୁସୁମ ବଛଣାରେ ପଡ଼ିରହିଲା । କେତେବେଳେକେ ଠିକେ ମୁଣ୍ଡଟେକି ଦେଖିଲା, କେହି କୁଆଡ଼େ ନାହାନ୍ତି, ଖାଲି ଫଗୁଣର ଫଗୁ-ପବନ ଖାଦିଆ ପାହାନ୍ତି ଆଲୁଅ ଝିଟିକବାଟେ ଝଲା ଛାଇପରି ଲମ୍ବି ପଡ଼ୁଚି; ଘରଭିତରେ ବହଳ ଅନ୍ଧାର ଫିକା କରି !

*

ସେଇଦିନ ରାତି ଭୋରହବା ଆଗରୁ ସେ କୋଠା ଆଗପରି ଖାଲି ହୋଇଗଲା ...

ଖୁବ୍ ଝଡ଼ ତୋଫାନ ପରେ ଗାଁ ବାଲା ଦିନେ ତାଜୁବହୋଇ ଦେଖିଲେ—ଏତେବଡ଼ କୋଠାଟା ଏକାଥରେକେ ଭାଙ୍ଗି ଧୂଳି ହୋଇଯାଇଚି ... ...

Digitized by srujanika@gmail.com

# ବିଶ୍ୱ ବୈଚିତ୍ର୍ୟ

## ଜରାବସ୍ଥାର ପ୍ରତିକାର ।

ଶ୍ରୀ ପ୍ରମୋଦକୁମାର ଦାସ ।

ଅନନ୍ତ- ଯୌବନର ପ୍ରସ୍ରବଣ କେଉଁଠାରେ ? ଯୌବନର ଉଦ୍ଦାମ ଶକ୍ତି କାହିଁକି କ୍ଷଣକେ ଶିଥିଳ ହୋଇପଡେ ? ଏହି ପ୍ରଶ୍ନର ମୀମାଂସା କରିବାପାଇଁ ଅନେକ ତତ୍ତ୍ୱାନ୍ୱେଷୀ ଚେଷ୍ଟା କରିଅଛନ୍ତି; ମାତ୍ର ଡାକ୍ତର ସର୍ଜ-ଭରନୋ ( Dr. Serge Voronoff ) ଏହି ପ୍ରଶ୍ନର ଯେଉଁ ସହଜ ସିଦ୍ଧାନ୍ତର ସୂଚନା ସର୍ବଜଗତ ସମକ୍ଷରେ ପ୍ରକାଶିତ କରିଅଛନ୍ତି ତାହାହିଁ କେବଳ ଉଲ୍ଲେଖ-ଯୋଗ୍ୟ ।

ଆମ୍ଭେମାନେ ଶରୀରକୁ ଗୋଟିଏ କଳ ବୋଲି ଭାବିପାରୁଁ । ଏହି ଯନ୍ତ୍ରର ଅନେକ କ୍ଷୁଦ୍ର କ୍ଷୁଦ୍ର ଅଂଶ ଅଛି ।



ଡାକ୍ତର ଭରନୋ (Dr. Vornofi)

ପ୍ରତ୍ୟେକ ଅଂଶର ସଞ୍ଚାଳନ ପ୍ରକ୍ରିୟା ଉପରେ ସମଗ୍ର ଯନ୍ତ୍ରର ଗତିବିଧି ଓ ଅବସ୍ଥା ନିର୍ଭରକରେ ! ଡାକ୍ତର ଭରନୋ ଦେଖିଲେ ଯେ ମନୁଷ୍ୟର ଶରୀରରେ କେତେ-ଗୁଡିଏ ମାଂସଗ୍ରନ୍ଥି (Endocrine gland) ଅଛି ଯେଉଁ ସବୁର କାର୍ଯ୍ୟକାରଣୀ-ଶକ୍ତି ଉପରେ ଜୀବନୀଶକ୍ତିର ହ୍ରାସ ବୃଦ୍ଧି ନିର୍ଭରକରେ । କ୍ଲଡ୍ ବର୍ନାର୍ଡ (Claude Bernerd) କେତେଗୁଡିଏ ଶ୍ରମସାଧ୍ୟ ପର୍ଯ୍ୟବେକ୍ଷଣ ଓ ପରୀକ୍ଷଣଦ୍ୱାରା ସ୍ଥିରକଲେ ଯେ ଯକୃତର ଶକ୍ତିଉପରେ ଯକୃତ ଜୀବନୀଶକ୍ତି ନିର୍ଭରକରେ ଏବଂ ଏହା ସ୍ଥିରକରି gland theory କୁ ଅବିଶ୍ୱାସ କଲେ । କିନ୍ତୁ ତାହାଙ୍କପରେ Brown-Sequard ଙ୍କର ଗବେଷଣାରୁ ପ୍ରତୀୟ-ମାନ ହେଲା ଯେ ମସ୍ତିଷ୍କ ଜୀବନୀଶକ୍ତିର କେନ୍ଦ୍ରସ୍ଥଳ ନୁହେ, ମାତ୍ର ଥାଇରଏଡ୍ ମାଂସ-ଗ୍ରନ୍ଥି ( Thyroid gland ) ମାନଙ୍କରୁ ନିଃସୃତ ତରଳ ରସର ରାସାୟନିକ ପରିବର୍ତ୍ତନ ଦ୍ୱାରା ମସ୍ତିଷ୍କର କେତେକ ମାଂସଳ ପଦାର୍ଥ ବିଭିନ୍ନ ମାନସିକ ଅବସ୍ଥା, ଚିନ୍ତାର ସୃଜନା ହୁଏ ।

ଏହି ଥାଇରଏଡ୍ ମାଂସ-ଗ୍ରନ୍ଥିର ଅପୂର୍ଣ୍ଣ ସଞ୍ଚାଳନ ଓ ପ୍ରୟୋଗ ହେଲେ ଯୁବକମାନେ ମାନସିକ ଜରତ୍ୱ ଓ ଦୌର୍ବଲ୍ୟ ଭୋଗକରି ସମାଜର ଓ ନିଜର କର୍ତ୍ତବ୍ୟ ସାଧନ କରିବା ନିମନ୍ତେ ଅନୁପଯୁକ୍ତ ହୋଇପଡନ୍ତି । ତହିଁ ସଙ୍ଗେ ସଙ୍ଗେ ଶାରୀରିକ ଅବସ୍ଥା ମଧ୍ୟ ରୁଗ୍ଣ ଓ ଅପ୍ରାକୃତିକ ହୁଏ । ବଂଶ ପରଂପରାଗତ Thyroid ଦୌର୍ବଲ୍ୟ ଶିଶୁସନ୍ତାନ ମାନ-ଙ୍କର ଜୀବନରେ ଲକ୍ଷିତହୁଏ । ଜନ୍ମର ଅବ୍ୟବହିତ ପରେ ଜୀବଜନ୍ତୁଙ୍କର Thyroid gland ବାହାର କରିନେଲେ, ପରୀକ୍ଷାଦ୍ୱାରା ପ୍ରମାଣିତ ହୋଇଅଛି ଯେ ସେମାନଙ୍କର



Digitized by srujanika@gmail.com

ବର୍ଦ୍ଧନଶୀଳତା ପ୍ରାୟ ଲୋପ ହୋଇଯାଏ ଏବଂ ଅଠରଦଶ ମାସ ପରେ ଦେଖାଯାଇଅଛି ଯେ ଯେଉଁସବୁ ପ୍ରାଣୀର ଏ ମାଂସ-ଗ୍ରନ୍ଥି ନାହିଁ ସେହି ସବୁ ପ୍ରାଣୀ ଅପରାପର ଗ୍ଲାଣ୍ଡ ସହି ପ୍ରାଣୀଙ୍କଠାରୁ ସବ ବିଷୟରେ ନିକୃଷ୍ଟ ଓ ଦୁର୍ବଳ ।



ବାରବର୍ଷ ବୟସ୍କ ମେଷ । ଏହାଉପରେ ଡା: ଭରୋଁ ତାଙ୍କର ପରୀକ୍ଷା କରିଥିଲେ ।

ଗ୍ଲାଣ୍ଡର ଅନବସ୍ଥିତିରେ ମନୁଷ୍ୟର ଏକପ୍ରକାର ନୈରାଶ୍ୟ ଓ କାର୍ଯ୍ୟକରିବା ବିଷୟରେ ବୈରାଗ୍ୟ ଓ ଅକ୍ଷମତା ଆସେ ଏବଂ ତେଣୁ ସେ ଅଚିରେ ପ୍ରାଣତ୍ୟାଗ କରେ । ବୈଜ୍ଞାନିକମାନେ ଏହି ରୋଗକୁ Addisons disease କହନ୍ତି ।

ଡାକ୍ତର ଭରନୋ ବର୍ତ୍ତମାନ ୧୯୧୦ ଖ୍ରୀଷ୍ଟାବ୍ଦରୁ କେବଳ ଗୋଟିଏ ସୃଜନାଶକ୍ତି ସମ୍ପନ୍ନ ଗ୍ଲାଣ୍ଡ ବିଷୟରେ ପର୍ଯ୍ୟବେକ୍ଷଣ ଓ ପରୀକ୍ଷା କରୁଅଛନ୍ତି । ଆମ୍ଭେମାନେ ଜାଣୁଁ ଯେ ପ୍ରାକୃତିକ ହ୍ରାସ ଓ ଅବନତିର ବିରୁଦ୍ଧରେ ଯୁଦ୍ଧ କରିବା ସକାଶେ ଯେଉଁସବୁ ଶକ୍ତିର ପରିଚାଳନା ଆବଶ୍ୟକ ତାହାର ସମବାୟ 'ଜୀବନୀଶକ୍ତି' ବା 'ଜୀବନ' । ଯୌବନର ବିକାଶ ସମୟରେ କେତେକ ଶକ୍ତିର ପ୍ରସ୍ରବଣଦ୍ୱାର ଉନ୍ମୁକ୍ତ ଥାଏ ଏବଂ ଧୀରେ ଧୀରେ ସେହି ଦ୍ୱାରସବୁ ରୁଦ୍ଧ ହୋଇଆସେ । ଏହି ଅବନତିର ସମୟରେ ଏହି ହ୍ରାସ ସମୟରେ ଯଦି ସୃଜନା ଶକ୍ତିର ପ୍ରସ୍ରବଣ ଅବାରିତ ଭାବରେ ରକ୍ଷା କରାଯାଇପାରେ ତାହାହେଲେ ଜରାବସ୍ଥାର ପ୍ରତିକାର ଅସମ୍ଭବ ହେବନାହିଁ । ଏହି ଆଶାଦ୍ୱାରା ଅନୁପ୍ରାଣିତ ହୋଇ ଡାକ୍ତର ଭରନୋ ତାହାଙ୍କର ବହୁବିଧ ପର୍ଯ୍ୟବେକ୍ଷଣ ଓ ପରୀକ୍ଷଣର ସୂତ୍ରପାତ କଲେ ।

ଅନ୍ୟପକ୍ଷରେ ଯେଉଁମାନଙ୍କର Thyroid gland ଅଯଥାଭାବରେ ସଞ୍ଚାଳିତ ଓ ବୃଦ୍ଧିପ୍ରାପ୍ତ ହୁଏ ସେମାନେ ଏତେଦୂର ଉତ୍ସାହସମ୍ପନ୍ନ ଓ ସେମାନଙ୍କର ମାନସିକ ବୃତ୍ତି ଏତେ ଚଞ୍ଚଳ ଓ କାର୍ଯ୍ୟକ୍ଷମ ଯେ ଅବଶେଷରେ ସେମାନଙ୍କର ମସ୍ତିଷ୍କର ବିକୃତି ଘଟିଥାଏ । ଡାକ୍ତର ଭରନୋଙ୍କ ମତରେ କ୍ଷୁଦ୍ରାଦପି କ୍ଷୁଦ୍ରତମ ଗ୍ଲାଣ୍ଡ ମଧ୍ୟ ସମସ୍ତ ସମୟରେ ଜୀବନର ଗତିକୁ ପରିବର୍ତ୍ତିତ କରି ଦେଇପାରେ । ସେ କହନ୍ତି ଯେ ଥାଇରଏଡ଼୍ ଗ୍ଲାଣ୍ଡ ନିକଟରେ ଯେଉଁ ଚାରିଟି ପାରା ଥାଇରଏଡ଼୍ ଗ୍ଲାଣ୍ଡ ଅଛି ତାହାକୁ ବାହାର କରିଦେଲେ ସ୍ନାୟବିକ ବିକାରଦ୍ୱାରା ମନୁଷ୍ୟ ଅତିଅଳ୍ପ ସମୟ ମଧ୍ୟରେ ପ୍ରାଣତ୍ୟାଗ କରିବ । ସୁପ୍ରାରିନାଲ



ସେହି ମେଷ ତିନିବର୍ଷପରେ ତା'ର ସଙ୍ଗିନୀ ଓ ଦୁଇଟି ଶାବକ ସହିତ ।

ପ୍ରଥମେ ସେ ଅନେକ ମନୁଷ୍ୟ ଓ ଜୀବଜନ୍ତୁର ଶରୀରରୁ Thyroid gland ବହିଷ୍କୃତ କରି ଦେଖିଲେ ଯେ

Digitized by srujanika@gmail.com

ଏହି ପ୍ରାଣୀମାନଙ୍କର ମାଂସ ଅଯଥା କୋମଳ ଓ ସଙ୍କୁଚିତ ହେଲା । ସେମାନଙ୍କର ମାନସିକ ଶକ୍ତି ଧୀରେ ଧୀରେ ହ୍ରାସ ପ୍ରାପ୍ତ ହେଲା, ଶାରୀରିକ ଗଠନରେ ବିକାର ଲକ୍ଷିତ-ହେଲା, ରକ୍ତ କ୍ଷୀଣ ଓ ପାତଳ ହୋଇପଡ଼ିଲା । ଏଥିରୁ ଡାକ୍ତର ମହାଶୟ ଅନୁମାନ କଲେ ଯେ କୈନ୍ଦ୍ରିକ ଗ୍ଲାଣ୍ଡ-ମାନଙ୍କର ଅପୂର୍ଣ୍ଣ ସଞ୍ଚାଳନ ହେତୁରୁ ତରଳ ରସ ପ୍ରସ୍ରବଣରେ ବ୍ୟାଘାତ ଘଟିଲା ଏବଂ ତେଣୁ ଅନ୍ୟାନ୍ୟ ପାରିପାର୍ଶ୍ୱିକ ଗ୍ଲାଣ୍ଡର କାର୍ଯ୍ୟ ଏବଂ ତତ୍ସଙ୍ଗେ ସଙ୍ଗେ ସମଗ୍ର ଶାରୀରିକ ଯନ୍ତ୍ରର କାର୍ଯ୍ୟ କ୍ଷୀଣ ହୋଇଗଲା ।

ଅପରପକ୍ଷରେ ଡାକ୍ତର ମହାଶୟ ଅତ୍ୟଧିକ ଭାବରେ କାର୍ଯ୍ୟକ୍ଷମ ଗ୍ଲାଣ୍ଡ ସଂଯୁକ୍ତ ଗୋଟିଏ ନଅବର୍ଷର ବାଳକକୁ ପରୀକ୍ଷା କରି ଦେଖିଲେ ଯେ ସେ ଘନଶ୍ମଶ୍ରୁଳ, ତାହାର ହସ୍ତପଦ ଅସାମାନ୍ୟ ଭାବରେ ଲୋମଶ, ସେ ସ୍ଥିର ପ୍ରକୃତି ଏବଂ ପୂର୍ଣ୍ଣବୟସ୍କ ମନୁଷ୍ୟର ଆକୃତି ପାଇଅଛି । ଗ୍ଲାଣ୍ଡର ଅଯଥା ବୃଦ୍ଧି ସ୍ଥଗିତ କରି ଡାକ୍ତର ଦେଖିଲେ ଯେ ଛଅମାସ ମଧ୍ୟରେ ତାହାର ଶ୍ମଶ୍ରୁ ଓ ହସ୍ତପଦର ଲୋମରାଜି ସବୁ ଲୋପ ହୋଇଗଲା । ଅଯଥାବୃଦ୍ଧି ଏବଂ ମାନସିକ ଶକ୍ତି ହ୍ରାସ ହେଲା ଏବଂ ତାହାର ବାହ୍ୟିକ ଓ ଆଭ୍ୟନ୍ତରୀଣ ଆକାର ସମବୟସ୍କ ବାଳକମାନଙ୍କର ଆକାର ପ୍ରାପ୍ତ ହୋଇଗଲା । ଏହି ଦୁଇଟି ବିଚିତ୍ର ଅବସ୍ଥା ଏବଂ ତାହାର କାରଣ ଆଲୋଚନା କରି କରି ଡାକ୍ତର ସ୍ଥିରକଲେ ଯେ ନିଶ୍ଚୟ ସେ ଏହି ତଥ୍ୟର ମୀମାଂସା କରିବେ ।

୧୮୬୯ ଖ୍ରୀଷ୍ଟାବ୍ଦରେ Brown Sequard ଜୀବ-ଜନ୍ତୁର ଗ୍ଲାଣ୍ଡରୁ ନିଃସୃତ ରସ ନେଇ ମନୁଷ୍ୟ ଶରୀ-ରରେ ପ୍ରବେଶ କରାଇବାକୁ ଚେଷ୍ଟା କରିଥିଲେ । ଏହି ରସ ପ୍ରୟୋଗର ଫଳ କ୍ଷଣସ୍ଥାୟୀ ହେଲା କିନ୍ତୁ ତଥାପି ଏହା ପ୍ରମାଣିତ ହେଲା ଯେ ମନୁଷ୍ୟର ରସ ଓ ଜୀବଜନ୍ତୁଙ୍କର ରସ ମଧ୍ୟରେ କୌଣସି ରାସାୟନିକ (ଉପାଦାନ ଗତ) ପାର୍ଥକ୍ୟ ନାହିଁ । ତାହାହେଲେ ଆମ୍ଭେମାନେ ଦେଖିବାକୁ ପାଉଅଛୁଁ ଯେ ଉପାଦାନ ଗତ ପାର୍ଥକ୍ୟ ନ ଥିଲେ ମନୁଷ୍ୟର ରସ ଜୀବଜନ୍ତୁଙ୍କ ଶରୀରରେ ପ୍ରବେଶ କରା-ଯାଇ ପ୍ରକାଶପାଇଲେ ମଧ୍ୟ ଜୀବଜନ୍ତୁଙ୍କର ମାନସିକ ଶକ୍ତିର ସୂଚନା ହୋଇପାରିବନାହିଁ । ବସ୍ତୁତଃ ମନୁଷ୍ୟର Thyroid gland ଦେଇ ଜୀବଜନ୍ତୁ ଶରୀରରେ ଦିଆ ଯାଇଥିଲା କିନ୍ତୁ କୌଣସି ଫଳ ହେଲାନାହିଁ । ମେଷର ଗ୍ଲାଣ୍ଡ ମନୁଷ୍ୟମଧ୍ୟରେ ନିହିତକରି ମନୁଷ୍ୟକୁ ମୂଢ଼ କରାଯାଇ ପାରିଲାନାହିଁ । ଏହି ପରୀକ୍ଷଣରୁ ମୀମାଂସା ହେଲା ଯେ ରସର ଅନ୍ତର୍ନିହିତ ସୃଜନ ଶକ୍ତିର ବିକାଶ ଅଙ୍ଗପ୍ରତ୍ୟଙ୍ଗର ଅବୟବର ସ୍ଥାନ ଉପରେ ନିର୍ଭରକରେ ଅର୍ଥାତ୍ ଉପମା ଭାଷାରେ କହିବାକୁଗଲେ ଉଦ୍ଭିଦ-ବୀଜର ଶକ୍ତି ଯେପରି ମୃତ୍ତିକାର ଶକ୍ତିଗ୍ରାହିଣୀ ଅବସ୍ଥା ଉପରେ ନିର୍ଭରକରେ ସେହିପରି ଗ୍ଲାଣ୍ଡ ଜନିତ ରସର ପ୍ରଭାବ ଶରୀରର ଅବସ୍ଥା ଉପରେ ନିର୍ଭରକରେ !



ଏକ ବୟସର ଦୁଇଟି ଛେଳିଛୁଆ । ଡାହାଣଟିର ମାଂସଗ୍ରନ୍ଥି ପରିବର୍ତ୍ତିତ ଅବସ୍ଥା, ବାଁଟିର ସ୍ୱାଭାବିକ ଅବସ୍ଥା ।

ବୃକ୍ଷର 'କଲମ' ତିଆରି କରିବା ଯେପରି ଆବହମାନ କାଳରୁ ପ୍ରଚଳିତ ହୋଇ ଆସୁଅଛି, ଗ୍ଲାଣ୍ଡର 'କଲମ' ସେହିପରି ବହୁକାଳରୁ ଆରମ୍ଭ କରାହୋଇଅଛି । ୧୭୬୭ ଖ୍ରୀଷ୍ଟାବ୍ଦରେ ହଣ୍ଟର ସାହେବ କୁକ୍କୁଟି କୁକ୍କୁଟୀଙ୍କର ଗ୍ଲାଣ୍ଡ ପରିବର୍ତ୍ତନର ଉଦ୍ୟମ କରିଥିଲେ । ମନୁଷ୍ୟ ଓ ଶ୍ରେଷ୍ଠ ଜୀବଜନ୍ତୁଙ୍କ ଶରୀରରେ ଗ୍ଲାଣ୍ଡ କଲମ କରିବାର ଯେଉଁ-ସବୁ ପ୍ରଯତ୍ନ ହୋଇଥିଲା ତାହାର ଫଳ ଚିରସ୍ଥାୟୀ ହୋଇ-ପାରି ନ ଥିଲା—ତାହାର କାରଣ ଏହି ଯେ ଗ୍ଲାଣ୍ଡମାନ ନେଇ କେବଳ ଚର୍ମ୍ମର ଅଭ୍ୟନ୍ତରରେ ବା ସ୍ନାୟବିକ ପେଶୀମାନଙ୍କ ସହିତ କେବଳ ସଂଲଗ୍ନ କରିଦେଇ

Digitized by srujanika@gmail.com

ଡାକ୍ତରମାନେ ନିଶ୍ଚିନ୍ତ ହୋଇ ରହିଥିଲେ, ତେଣୁ ରସର କାର୍ଯ୍ୟ କ୍ଷଣସ୍ଥାୟୀ ହୋଇଥିଲା । ଡାକ୍ତର ବରନୋ ପରୀକ୍ଷାଦ୍ୱାରା ସ୍ଥିର କଲେ ଯେ ନବରୋପିତ ଗ୍ଲାଣ୍ଡରୁ ନିଃସୃତ ରସର କିୟଦଂଶ ମାତ୍ର କାର୍ଯ୍ୟକ୍ଷମ ହେବାପରେ ଗ୍ଲାଣ୍ଡସବୁ ନଷ୍ଟ ହେଉଅଛି । ତେଣୁ ସେ ଭାବିଲେ ଯେ ବୋଧହୁଏ ଏହିସବୁ ଗ୍ଲାଣ୍ଡ ନୂତନ ଶରୀରରେ ପ୍ରବେଶକରି ଖାଦ୍ୟାଭାବରୁ ମୃତ ହୋଇଅଛି ଏବଂ ଯଦି ଶରୀରରୁ ଉପଯୁକ୍ତ ଖାଦ୍ୟ ଆହରଣର ବନ୍ଦୋବସ୍ତ କରାଯାଇପାରେ ତାହାହେଲେ ଗ୍ଲାଣ୍ଡ ପରିପୁଷ୍ଟ ହୋଇ ଅନବରତ ବ୍ୟବହାର୍ଯ୍ୟ ରସ ସୃଷ୍ଟି କରିବ । ଉଦ୍ଭିଦ ଜୀବନରେ ଆମ୍ଭେମାନେ ଦେଖିଅଛୁଁ ଯେ—ଗୋଟିଏ ପରସ୍ପର ସହଯୋଗ ପ୍ରକ୍ରିୟା (Symbiosis) ଦ୍ୱାରା ବୃକ୍ଷରେ ନାଇଟ୍ରୋଜେନ ପୂର୍ଣ୍ଣ ପଦାର୍ଥର ବହୁଳ ସୃଷ୍ଟି ସାଧିତହୁଏ । ବୃକ୍ଷବହିଃସ୍ଥ ଗ୍ଲାଣ୍ଡ ସଦୃଶ ନୂତନ ପଦାର୍ଥକୁ ଆପଣା ଦେହରେ ଆଶ୍ରୟ ଦିଏ, ବୃକ୍ଷ ତାହାକୁ ଜୀବନରସ ଦେଇ ବର୍ଦ୍ଧିଷ୍ଣୁ କରେ ଏବଂ ସେହି ପଦାର୍ଥ ବୃକ୍ଷକୁ ବଳିଷ୍ଠ ଓ ସତେଜ କରେ । ୧୯୧୭ ଖ୍ରୀଷ୍ଟାବ୍ଦରେ ଡାକ୍ତରଙ୍କର ଜ୍ଞାନ-ଚକ୍ଷୁ ଉନ୍ମିଳିତ ହେଲା ଏବଂ ସେ ପରୀକ୍ଷା ଆରମ୍ଭ କଲେ

ପ୍ରଥମେ ସେ ଗ୍ଲାଣ୍ଡକୁ ସୂକ୍ଷ୍ମଭାଗରେ ଭାଗକରି ଦୁଇଟି ଭାଗ ନେଇ ପରସ୍ପରର ନିକଟରେ ଶରୀରମଧ୍ୟରେ ପ୍ରୋଥିତ କଲେ । ଦୁଇ ତିନମାସପରେ ଦେଖାଗଲା ଯେ ଲୋକଟିର ସ୍ମରଣଶକ୍ତି ବୃଦ୍ଧିପ୍ରାପ୍ତ ହୋଇଅଛି । ମାନସିକ ବୃତ୍ତି ସତେଜ ହୋଇଅଛି, ଚକ୍ଷୁର ଦୃଷ୍ଟି ପରିଷ୍କାର ହୋଇଅଛି । ଏହାପରେ ଡାକ୍ତର ଜୀବଜନ୍ତୁ, ବିଶେଷରେ ମେଷମାନଙ୍କ ଶରୀରରେ ପରୀକ୍ଷା କଲେ । ଆଲଜିରିୟା (Algeria) ରେ ଫରାସୀ ରାଜ୍ୟର ୩୦୦୦ ମେଷ ଅଛନ୍ତି । ଦେଶ ତାପପ୍ରଧାନ ହେବାରୁ ମେଷ ଲୋମର ଆୟତନ ଧୀରେ ୨ ହ୍ରାସ ପ୍ରାପ୍ତ ହେଉଥିଲା । ଡାକ୍ତର ପ୍ରତ୍ୟେକ ମେଷଶାବକ ଶରୀରରେ ଗ୍ଲାଣ୍ଡ ରୋପଣକରି ଅତ୍ୟାଶ୍ଚର୍ଯ୍ୟ ଫଳ ଦେଖିଲେ । ପ୍ରତ୍ୟେକ ମେଷର ଲୋମ ୧ ପାଉଣ୍ଡ ବୃଦ୍ଧିହେଲା ଏବଂ ମେଷମାନେ ଘନଲୋମଶାଳୀ ହେଲେ ।

୬ ହପ୍ତାର ଗୋଟିଏ ଛାଗ ଶିଶୁକୁ ଗ୍ଲାଣ୍ଡ ରୋପଣ କରି ଅନ୍ୟ ଗୋଟିଏ ଛାଗ ଶିଶୁସହିତ ତୁଳନା କରି ଦେଖାଗଲା ଯେ ପ୍ରଥମଛାଗର ଲୋମ ଦ୍ୱିତୀୟ ଛାଗର ଲୋମର ଦୁଇଗୁଣ ହୋଇଥିଲା । ଚିତ୍ର ଦେଖିଲେ ବୁଝାଯିବ କିପ୍ରକାରଭାବରେ ପରିବର୍ତ୍ତନ ଘଟିଥିଲା । ମେଷମାନେ ସାଧାରଣତଃ ବାର ବା ଚୌଦବର୍ଷ ପର୍ଯ୍ୟନ୍ତ ବଞ୍ଚନ୍ତି । ଅତିକଷ୍ଟରେ ଡାକ୍ତର ଗୋଟିଏ ଦୁର୍ବଳ ୧୬ ବର୍ଷର ମେଷ ପାଇଲେ । ମେଷଟି ଏତେ ଦୁର୍ବଳ ଯେ ସେ ଅନାୟାସରେ ଚଳପ୍ରଚଳ ହୋଇପାରୁ ନଥିଲା । ଦୁଇବର୍ଷର ଗୋଟିଏ ମେଷର ଗ୍ଲାଣ୍ଡ ନେଇ ସେ ଏହି ବୃଦ୍ଧ ମେଷର ଶରୀରରେ ରୋପଣ କଲେ । ତିନମାସପରେ ଦେଖାଗଲା ଯେ ମେଷ ବଳିଷ୍ଠ ସତେଜ ହୋଇ ସ୍ତ୍ରୀ ବିହାର ସମର୍ଥ ଓ ଯୁଦ୍ଧ କରିବାକୁ ପ୍ରସ୍ତୁତ ହେଲା । ଏବଂ ୮ ମାସପରେ ତାହାର ସଙ୍ଗିନୀ ଗୋଟିଏ ମେଷ ଶାବକ ଜନ୍ମକଲା ।

କେହି ୨ କହିପାରନ୍ତି ଯେ ଡାକ୍ତର ଆପଣାର ମାନସିକ ଶକ୍ତି ପ୍ରୟୋଗ କରି Auto Suggestion ଦ୍ୱାରା ଏହି ଆଶ୍ଚର୍ଯ୍ୟଜନକ ଫଳ ଦେଖାଇ ପାରିଥିଲେ । ତିନମାସପରେ ଦେଖାଗଲା ଯେ ଏହି ମେଷ ଧୀରେ ୨ ଦୁର୍ବଳ ହୋଇ ଆସୁଅଛି । ତେଣୁ ଡାକ୍ତର ନୂତନ ଗ୍ଲାଣ୍ଡ ରୋପଣ କଲେ । ଛଅ ବର୍ଷତଳେ ଏହି ପରୀକ୍ଷା କରାଯାଇଥିଲା ଏବଂ ଆଜିପର୍ଯ୍ୟନ୍ତ ମେଷଶାବକ ଉଜ୍ଜୀବିତ ହୋଇରହିଅଛି ଏବଂ ସୁନ୍ଦର ଘନଲୋମ ପ୍ରସ୍ତୁତ କରୁଅଛି ।

ଅନ୍ୟ ଜନ୍ତୁ ବିଷୟ ଛାଡ଼ିଦିଅନ୍ତୁ, କେବଳ ମେଷମାନଙ୍କର ପୁନରୁଜ୍ଜୀବନ, ନବଜାଗରଣଦ୍ୱାରା ଯେ ଜଗତର କେତେ ସାଂସାରିକ ଲାଭ ହୋଇପାରେ ତାହାର ଇୟତ୍ତାନାହିଁ । ଫ୍ରାନ୍ସ, କାନାଡ଼ା, ଆର୍ଜେଣ୍ଟିନ, ଅଷ୍ଟ୍ରେଲିଆ ମରକ୍କୋ, ଆମେରିକା, ଆଲଜେରିଆ ପ୍ରଭୃତି ସହରରେ ପ୍ରାୟ ୧୫୦,୦୦୦,୦୦୦ ରୁ ଊର୍ଦ୍ଧ୍ୱ ମେଷ ଅଛନ୍ତି ଏବଂ ସେମାନଙ୍କର ଉଜ୍ଜୀବନଦ୍ୱାରା ଅନେକ ଆର୍ଥିକ ଲାଭ ହୋଇପାରେ ।

ବର୍ତ୍ତମାନ ପ୍ରଶ୍ନ ହେଉଅଛି ମନୁଷ୍ୟର ନିଜର କଣ ଉପକାର ସାଧିତ ହୋଇପାରେ । ମନୁଷ୍ୟ କି ଜରାବସ୍ଥାର କୌଣସି ପ୍ରତିକାର କରିପାରେ ? ଅନେକ ସ୍ଥଳରେ ମନୁଷ୍ୟ ଗ୍ଲାଣ୍ଡଦ୍ୱାରା ଉଜ୍ଜୀବିତ କରାଯାଇଅଛି । ଅନେକ



Digitized by srujanika@gmail.com

ସ୍ଥଳରେ ହୀନବଳ ନୈରାଶ୍ୟଜଡ଼ିତ ଯୁବକମାନଙ୍କୁ ସତେଜ ପ୍ରସ୍ଫୁଟିତ କରା ହୋଇଅଛି । ଅନେକ ଜରାବସ୍ଥାର ପ୍ରଥମ ସୋପାନରେ ଅପରେସନ ପରେ ପୁନର୍ବାର ଯୌବନର ପ୍ରାରମ୍ଭର ଉଦ୍ଦାମ ଶକ୍ତିର ପରିଚୟ ପାଇଅଛନ୍ତି । ଆମ୍ଭେମାନେ ଶୁଣୁଅଛୁଁ ଅନେକ ସ୍ଥଳରେ Parathyroid extract ନାମକ ଗୋଟିଏ ଔଷଧ ବ୍ୟବହାରକରି କୌଣସି ରୁଗ୍ଣ ଅବସ୍ଥାରେ ଉନ୍ନତି ଓ ନବଜୀବନର ଆବିର୍ଭାବ ଲକ୍ଷିତ ହେଉଅଛି । ତେବେ ବର୍ତ୍ତମାନ ଅବସ୍ଥାରେ କୌଣସି ସିଦ୍ଧାନ୍ତରେ ଉପନୀତ ହୋଇପାରନାହୁଁ । ଆଶାକରୁଁ ଡାକ୍ତର ମହାଶୟଙ୍କର ଗବେଷଣାର ଉତ୍ତରୋତ୍ତର ବୃଦ୍ଧି ହେବ ଏବଂ ଆମ୍ଭେମାନେ ଜରାବସ୍ଥାର କୌଣସି ନିଶ୍ଚିନ୍ତ ପ୍ରତିକାର ପାଇପାରିବୁଁ ।

S. A.

---



—ଝଡ଼—

Digitized by srujanika@gmail.com




## ଉଦ୍ଭିଦର ବର୍ଣ୍ଣସୃଷ୍ଟି ।

(ପୂର୍ବାନୁବୃତ୍ତି ।)

ପୁଷ୍ପ ବିକଶିତ ହେଲେ ଶୀଘ୍ରହେଉ ବା ବିଳମ୍ବରେ ହେଉ ତାହାର ପୁଂଜନନେନ୍ଦ୍ରିୟ (Stamen) ସ୍ଥିତ ପରାଗକୋଷ ସବୁ ଫାଟି ପରାଗ ବିକୀରଣ କରିବାକୁ ପ୍ରସ୍ତୁତ ହୁଏ । କିନ୍ତୁ ଆମ ଉତ୍ପାଦକଙ୍କୁ ଏହି ପରାଗ କୋଷ ଫାଟିବା ପୂର୍ବରୁ ପୁଷ୍ପଟିକୁ କ୍ଲୀବ କରିଦେବାକୁ ହେବ । ଅର୍ଥାତ୍ ପୁଷ୍ପଟିର କଳିକାବସ୍ଥାରୁ ତାହାପାଇଁ ଉପଯୁକ୍ତ ବ୍ୟବସ୍ଥା କରିବାକୁ ହେବ । ଯଦି ଅନବଧାନତାବଶତଃ ପୁଷ୍ପଟି ପ୍ରସ୍ଫୁଟିତ ହୋଇ କିଛି ସମୟ ଅତୀତ ହୋଇଯାଏ ତେବେ ତାହାଉପରେ ଉତ୍ପାଦକଙ୍କର ନିର୍ବାଚିତ ପରାଗ-ନିଷେକ ସମ୍ପୂର୍ଣ୍ଣ ବ୍ୟର୍ଥ ହୋଇପାରେ । କାରଣ ଏଥିପୂର୍ବରୁ ସମ୍ପୂର୍ଣ୍ଣ ଅଲକ୍ଷିତରେ କାଳେ କୌଣସି ପ୍ରଜାପତି ବା ପତଙ୍ଗ ସେଥିରେ ପରାଗନିଷେକ କରି ଯାଇଥାଏ, ଏପ୍ରକାର ଆଶଙ୍କା ସମ୍ପୂର୍ଣ୍ଣ ସ୍ୱାଭାବିକ ! ସେଥିପାଇଁ କୁହାଗଲା—ପୁଷ୍ପଟି ପ୍ରସ୍ଫୁଟିତ ହେବା ପୂର୍ବରୁ ତାହାପ୍ରତି ତୀକ୍ଷ୍ଣ ଦୃଷ୍ଟିରଖି ଯେତେଶୀଘ୍ର ସମ୍ଭବ ତାହାର କ୍ଲୈବୀକରଣ କ୍ରିୟା ସମ୍ପନ୍ନ କରି ରଖିବା ଉଚିତ ।

ପୁଷ୍ପର ଆଭ୍ୟନ୍ତରୀଣ ଦଳଗୁଡିକୁ ଆହତ ନକରି କେବଳ ତାହାର ସମସ୍ତ ପୁଂଜନନେନ୍ଦ୍ରିୟ (Stamen) ଗୁଡିକ ସାବଧାନରେ ବିଚ୍ଛିନ୍ନ କରିପାରିଲେ ପୁଷ୍ପର କ୍ଲୈବୀକରଣ କାର୍ଯ୍ୟ ସମ୍ପନ୍ନ ହେଲାବୋଲି କୁହାଯିବ; କାରଣ ଏହାପରେ କୁସୁମଟିର ଅନ୍ୟ ପୁଷ୍ପର ପରାଗକେଶର ବ୍ୟତିରେକେ ଗର୍ଭଧାରଣ କରିବା କ୍ଷମତା ଲୋପ ପାଇବ କିନ୍ତୁ କହିବା ଯେତେ ସହଜ କାର୍ଯ୍ୟଟି କରିବା ଆଦୌ ତେତେ ସହଜ ନୁହେ । ପୁଣି ଯେତେବେଳେ ପୁଷ୍ପଟି ଅତି ସୂକ୍ଷ୍ମ ଓ କୋମଳ ବୃନ୍ତଦ୍ୱାରା ବୃକ୍ଷସହିତ ସଂଲଗ୍ନ ଥାଏ ସେତେବେଳେ ଏ କାର୍ଯ୍ୟ ଆହୁରି କଠିନ । ଆହୁରି କେତେକ ପୁଷ୍ପ ଅଛି ଯାହାର ପୁଂଜନନେନ୍ଦ୍ରିୟ ହୁଏତ ପୁଷ୍ପଦଳ (Petal) କିମ୍ବା ସ୍ତ୍ରୀ ଜନନେନ୍ଦ୍ରିୟ (Pistil) ସଙ୍ଗେ ଏପରି ଘନ ସନ୍ନିବିଷ୍ଟ ଯେ ଗୋଟିକୁ ଅକ୍ଷତ ରଖି ଅନ୍ୟଟି ବିଚ୍ଛିନ୍ନକରିବା ବଡ କଠିନ । ସେଥିପାଇଁ ପ୍ରଥମ ଶିକ୍ଷାର୍ଥୀଙ୍କୁ, ଯେ ସବୁ ଫୁଲର ଜନନେନ୍ଦ୍ରିୟ ସରଳଭାବରେ ବିନ୍ୟସ୍ତ, ଯାହାର ଦଳଗୁଡିକ ଖୁବ୍ ଛଡା ୨ ଏବଂ ପରାଗକେଶର ଓ ଗର୍ଭକେଶର ସହଜରେ ଚିହ୍ନି ହେଉଥିବ ଯେପରି କାଞ୍ଚନଫୁଲ (Bauhimia) ବା ଧୂତୁରା (Datura Sativa) ପ୍ରଭୃତି ସେହିସବୁ ଫୁଲ ନେଇ ପ୍ରଥମେ ପରୀକ୍ଷା ଆରମ୍ଭ କରିବାକୁ ସୁବିଧା । କେତେଗୁଡିଏ ଫୁଲ ଅଛି ଯାହାଙ୍କର ପରାଗକେଶର ସଂଖ୍ୟାରେ ଏତେ ବେଶି ଏବଂ ଏପରି ଜଟିଳ ଭାବରେ ବିନ୍ୟସ୍ତ ଯେ ସେଗୁଡିକୁ ବ୍ୟବଚ୍ଛେଦ କରିବା ଦୁରୂହ । ଏହିପ୍ରକାର ପୁଷ୍ପର କ୍ଲୈବୀକରଣ କାର୍ଯ୍ୟ ଅତ୍ୟନ୍ତ ଯତ୍ନ ସାପେକ୍ଷ; ବିଶେଷତଃ ନୂତନ ଶିକ୍ଷାର୍ଥୀମାନଙ୍କପକ୍ଷରେ । ସେଥିପାଇଁ ଏପ୍ରକାର ପୁଷ୍ପ ନେଇ କାର୍ଯ୍ୟ କରିବାକୁ ହେଲେ ସେମାନଙ୍କୁ ଗୋଟିଏ ଅଭିନବ



Digitized by srujanika@gmail.com

ଉପାୟର ସାହାଯ୍ୟ ଗ୍ରହଣ କରିବାକୁ ହେବ । ପୁଷ୍ପଟିର ପୁଂ ଜନନେନ୍ଦ୍ରିୟ ଛେଦନ କରିବାକୁ ଅର୍ଥେ ପ୍ରୟାସ ନକରି ଗୋଟିଏ ପତଳା ଲଫାପାର କଣରୁ କେତେକ ଅଂଶ କାଟିନେଇ ତାହାର ସୂକ୍ଷ୍ମ ଅଗ୍ରରେ ଗୋଟିଏ ଛିଦ୍ର କରି ଓ ପୁଷ୍ପଟି ଏହାଦ୍ୱାରା ସମ୍ପୂର୍ଣ୍ଣ ଅଚ୍ଛାଦାନ କରି କୋଣସ୍ଥିତ ଛିଦ୍ରରେ ଗର୍ଭକେଶରର ଅଗ୍ରଭାଗ ପଦାକୁ ବାହାରକରି-ଦେବ । ସାରୁଜାତୀୟ ( Aroioeal ) ଏବଂ ମନ୍ଦାର ( Hibiscus ) ଶ୍ରେଣୀର ଫଳମାନଙ୍କ ସମ୍ବନ୍ଧରେ ଏ ବିଧି ପ୍ରଯୁଜ୍ୟ ।

ଗ୍ରୀଷ୍ମକାଳରେ ପରାଗକୋଷ ଫାଟିବାକୁ ଯେତେ ସମୟ ଲାଗେ ଶୀତକାଳରେ ତଦପେକ୍ଷା ଅଧିକ ସମୟ ଲାଗେ; କିନ୍ତୁ କ୍ଲୀବତ୍ୱ କ୍ରିୟାରେ ସମୟର ସୀମା ନିର୍ଦ୍ଦେଶ ନକରିବା ଭଲ । ଯେଉଁଦିନ ଫାଟିବା କଥା ତାହାର ପୂର୍ବଦିନ ସନ୍ଧ୍ୟାସମୟରୁ କାମଟା ସାରିରଖିବା ଉଚିତ । କାରଣ ପରଦିନ ତର୨ ହୋଇ ସବୁ ଶ୍ରମ ପଣ୍ଡହୋଇ-ପାରେ । ସେ ଯାହାହେଉ ମନେକର ତମେ ଫୁଲଟିର କ୍ଲୀବତ୍ୱ ସମ୍ପାଦନରେ ସଫଳ ହେଲ; ବର୍ତ୍ତମାନ ଏହାକୁ ଏପରିଭାବରେ ରକ୍ଷା କରିବାକୁ ହେବ ଯେ କାହାର କୌଣସି ପ୍ରକାର ଉତ୍ପାତ ଏହାର ଅନିଷ୍ଟ ନକରିପାରେ । ସେଥିପାଇଁ କନାରେ କିମ୍ବା ହାଲୁକା ସ୍ୱଚ୍ଛ କାଗଜରେ ଫୁଲଟିକୁ ଆବୃତକରି ରଖିବ । ପୁଣି ସେଥିରେ ନିଜର ଅଭିରୁଚି ଅନୁସାରେ ପରାଗନିଷେକ କରିସାରିଲା ପରେ ମଧ୍ୟ ଫୁଲଟିକୁ ପୂର୍ବପରି କାଗଜ କିମ୍ବା କନାରେ ଆବୃତ-କରି ରଖିବାକୁ ହେବ ଯେପର୍ଯ୍ୟନ୍ତ ଫୁଲଟିର ଗର୍ଭଧାରଣ କ୍ଷମତା ସମ୍ପୂର୍ଣ୍ଣ ଲୁପ୍ତ ନହୋଇଛି ।

ପରାଗ ସଂଚୟ କରିବାକୁ ହେବ ଦିନକଆଗରୁ । ଯେ ଫୁଲକୁ ତମେ ଜନକ ହିସାବରେ ବ୍ୟବହାର କରି-ବାକୁ ଇଚ୍ଛାକର ତାହାର ଗୋଟିଏ ଅଫୁଟାକଢ଼ି ଯୋଡାଇ ପାଣିରେ ବୁଡାଇରଖିବ; କିମ୍ବା ଖାଲି ଯୋଡାଇ-ରଖିଲେ ଚଳିବ ହେଲା । ତା ପରେ ସ୍ପିରିଟରେ (Spirit) ଉଭୟ ହସ୍ତକୁ ଭଲରୂପେ ଧୋଇ ପରାଗକୋଷରୁ ହସ୍ତଦ୍ୱାରା ପରାଗ ସଂଚୟକରି ଖଣ୍ଡେ ପରିଷ୍କୃତ କାଗଜରେ ରେଣୁଗୁଡିକ ସାବଧାନରେ ଯୋଡାଇ ରଖିବାକୁ ହେବ ।

ଯେଉଁ ଦୁଇଜାତ ପୁଷ୍ପମଧ୍ୟରେ ଯୌନମିଳନ ଘଟାଇ-ବାର ସ୍ଥିରକରିଛ ସେଥିମଧ୍ୟରୁ ଗୋଟିକର ପୁଂଜନ-ନେନ୍ଦ୍ରିୟ ଗୁଡିକ ଦୂରେଇ ଛେଦନ କିମ୍ବା ଆବୃତ କରିବା-କାର୍ଯ୍ୟ ଏଥି ଆଗରୁ ସରିଛି । ବର୍ତ୍ତମାନ ପରାଗନିଷେକ କାର୍ଯ୍ୟ !

ପ୍ରାୟ ଦେଖାଯାଏ ଗର୍ଭକେଶରର ଅଗ୍ରଭାଗ ରେଣୁ-ଦ୍ୱାରା ନିଷିକ୍ତହେବାକୁ ପ୍ରସ୍ତୁତ ହେଲବେଳେ ତାହାର ଉପରିଭାଗ ଟିକିଏ ଅଠାଳିଆ ହୁଏ ଏବଂ ସେହି ସମ-ୟରେ ଫୁଲଟିରୁ ମଧ୍ୟ ଏକପ୍ରକାର ଗନ୍ଧ (?) ନିଃସୃତ ହୁଏ । ସେହି ଗନ୍ଧଦ୍ୱାରା କୀଟ ପତଙ୍ଗ ଆକୃଷ୍ଟ ହୋଇଯାଇ ପୁଷ୍ପର ଗର୍ଭାଧାନ କ୍ରିୟା ସମ୍ପନ୍ନକରନ୍ତି । ତମକୁ ମଧ୍ୟ ଏହି-ସମୟରେ ତମଫୁଲରେ ପରାଗନିଷେକ କରିବାକୁ ହେବ । କାରଣ କେତେକ ଘଣ୍ଟା ବିଳମ୍ବ ହୋଇଗଲେ, ଗର୍ଭ-କୋଷର ଅଗ୍ରଭାଗର ଅଠାଳିଆ ଅଂଶର ଶୁଖିଯିବା ସମ୍ଭା-ବନା ଏବଂ ତାହାହେଲେ ନିଷିକ୍ତ ପରାଗରୁ ସହଜରେ ବୀଜୋତ୍ପତ୍ତି ହେବନାହିଁ ।

ଯଦି କିଛି ବେଶି ରେଣୁ ସଂଗ୍ରହ କରିଥାଅ ତେବେ ଖରଚ କରିବାକୁ କାର୍ପଣ୍ୟ କରିବନାହିଁ; କାରଣ ପୁଷ୍ପର ପ୍ରତ୍ୟେକ ରେଣୁ ସୁପୁଷ୍ଟ ନୁହେଁ ଏବଂ ଅପରିପୁଷ୍ଟ ରେଣୁ ଗର୍ଭଉତ୍ପାଦନ କରିବାକୁ ଅକ୍ଷମ । ପୁଷ୍ପର ବୀଜଧାରଣ-ପକ୍ଷରେ ଗୋଟିଏ ମାତ୍ର ଉର୍ବରରେଣୁ ଯଥେଷ୍ଟ ହେଲେ ମଧ୍ୟ ବହୁରେଣୁ ସମ୍ପାତରେ ଅନିଷ୍ଟର ଆଶଙ୍କା ନାହିଁ ।

ପରାଗନିଷେକ ତ ସରିଲା । ଏହାପରେ ପୁଷ୍ପଟିକୁ ଦିନେ ଦୁଇଦିନ ଅଥବା ଯେପର୍ଯ୍ୟନ୍ତ ତାହାର ଗର୍ଭଧାରଣ କ୍ଷମତା ଲୁପ୍ତ ନ ହୋଇଥାଏ ସେପର୍ଯ୍ୟନ୍ତ ଆବୃତକରି ରଖିବା ପ୍ରୟୋଜନ । ଟେଣିକି ଉକ୍ତ ପୁଷ୍ପରୁ ବୀଜ ସଂଗୃ-ହୀତ ହେବାଯାଏ ଆଉକିଛି କାମନାହିଁ ।

ବୀଜ ସଂଗୃହୀତ ହେଲେ ମନେକରିବା ଉଚିତ ନୁହେଁ ଯେ ଆଉ ବିପଦ ନାହିଁ ବୋଲି । ବର୍ତ୍ତମାନ ସୁଦ୍ଧା ଅନେକ ଆପଦଅଛି ସେଗୁଡିକୁ ଅତିକ୍ରମ କରିପାରିଲେ ଯାଇ ସଫଳ ହେଲ ବୋଲି ବୁଝାଯିବ । ବର୍ଷଜୀବୀ ( ଯାହା ଏକବର୍ଷ ଭିତରେ ଗଛ, ଫୁଲ ଓ ଫଳହୋଇ

Digitized by srujanika@gmail.com

ମଉସୁମୀ ) ଗଛର ବୀଜ ଏ ବର୍ଷ ସଂଗ୍ରହକରି ପରବର୍ତ୍ତୀ ବର୍ଷପାଇଁ ଗୋଟିଏ ବୋତଲରେ ଉତ୍ତମରୂପେ ଠିପି-ଦେଇ ରଖିବ । ଯେପରି ସେଥିରେ ବାହାରର ବାୟୁ-ପଶି ନପାରେ । ବୀଜବପନ ସମୟ ହେଲେ ଅଳ୍ପ ଅଳ୍ପ-କରି ଦୁଇ ତିନି ଥରରେ ବପନ ଦରକାର । କାରଣ ପିପିଲିକା ବା ବୃଷ୍ଟିର ଆଧିକ୍ୟରୁ ପ୍ରଥମ କେତେଥର ଗଛ ନ ଉଠିପାରେ ।

ବୃକ୍ଷ ଏବଂ ଗୁଳ୍ମ ( Tree and Shrub ) ର ମଞ୍ଜି ପାକଲହେଲେ କିନ୍ତୁ ଲଗାଇଦେବା ଉଚିତ । କାରଣ ବେଶିଦିନ ରଖିଲେ ସେଥିରୁ ଚାରା ହେବାକୁ ବିଲମ୍ବ ହୋଇପାରେ । ଚାରା ଉତ୍ପନ୍ନ ହେଲେ ସେଗୁଡିକୁ ପ୍ରଖର ରୌଦ୍ର ଓ ଅତିବୃଷ୍ଟିରୁ ରକ୍ଷାକରିବାକୁ ହେବ, ପୁଣି ପିପିଲିକା, ଓ ଅନ୍ୟାନ୍ୟ ପକ୍ଷୀ ଯେପରି ଚାରାଗୁଡିକ ନଷ୍ଟ ନ କରନ୍ତି ସେଥିପ୍ରତି ମଧ୍ୟ ଦୃଷ୍ଟିଦେବା ଦରକାର । ଚାରାସବୁ ବଡ ହୋଇଗଲେ ତାକୁ ନେଇ ବଗିଚାରେ ଖଣ୍ଡେ ସ୍ଥାନ ଠିକ୍‌କରି ସେଠି ଲଗାଇବ ଏବଂ ଯେଉଁ-ଯେଉଁ ବୃକ୍ଷ ମଧ୍ୟରେ ଯୌନମିଳନ ଘଟାଇ ଏ ଚାରା-ଗୁଡିକ ମିଳିଛି ସେ ଦୁଇବୃକ୍ଷର ନାମ ଖଣ୍ଡେ ଟିଣ ଚକ୍ତିରେ-ଲେଖି ସେଠି ପୋତିରଖିବ । କିମ୍ବା ନିଜ ନୋଟବହିରେ ଲେଖି ରଖିବ ।

ଚାରାଗୁଡିକ ଯଥେଷ୍ଟ ବଡ ହେବାଯାଏ ନିୟମିତ ଜଳ ଦେବାଛଡା ଅନ୍ୟକିଛି କାର୍ଯ୍ୟନାହିଁ । କ୍ରମେ ସେଥିରୁ ପୁଷ୍ପଧାରଣ କଲେ ଉତ୍ପାଦକଙ୍କୁ ସେମାନଙ୍କ ପ୍ରତି ଟିକିଏ ଦୃଷ୍ଟିଦେବାକୁ ହେବ ଏ କଥା ଏଠି ସ୍ମରଣ କରାଇ-ଦେବା ଅନାବଶ୍ୟକ । କାରଣ ନିଜହାତରେ ଯେତେ-ବେଳେ ସୃଷ୍ଟି କରାଯାଇଛି, ତାର ଫଳାଫଳ କଣ ହେବ ଦେଖିବାକୁ ଉତ୍ପାଦକଙ୍କର ତ ସ୍ୱତଃ ଆଗ୍ରହ ଜନ୍ମିବା କଥା କିନ୍ତୁ ଏଣିକି ଉତ୍ପାଦକଙ୍କୁ ସଙ୍କର ବୃକ୍ଷଟିର ଗର୍ଭଧାରଣ କ୍ରିୟା ହାତରେ ନ କରି ପ୍ରକୃତି ଉପରେ ସମ୍ପୂର୍ଣ୍ଣ-ଭାବରେ ଛାଡିଦେବାକୁ ହେବ । ଅର୍ଥାତ୍ ସେମାନଙ୍କୁ ଆପେ ଆପେ ବଡ ହୋଇ ପୁଷ୍ପ ଓ ଫଳ ଧାରଣ କରିବାକୁ ସୁବିଧା ଦିଆଯିବ । କିନ୍ତୁ ପ୍ରତ୍ୟେକ ଚାରାଟିପ୍ରତି ସ୍ୱତନ୍ତ୍ର-ଭାବରେ ଲକ୍ଷ୍ୟରଖିବା ଦରକାର । ଏକବୃକ୍ଷରୁ ଉତ୍ପନ୍ନ ବୋଲି ପ୍ରତ୍ୟେକ ଚାରା ଯେ ପିତା ମାତାଙ୍କର ଦୋଷଗୁଣ ସମସ୍ତେ ଅଭିନ୍ନଭାବରେ ଗ୍ରହଣ କରିଥିବେ ଏହାର କିଛି ମାନେ ନାହିଁ । କେହି କେତେ ବେଶି ଦୋଷ ଗ୍ରହଣ କରି-ପାରେ, କେହି କେହି ପୁଣି ବେଶି ଗୁଣ ମଧ୍ୟ ଗ୍ରହଣ କରି-ପାରେ । ସେଥିପାଇଁ ପ୍ରତ୍ୟେକ ଚାରାକୁ ବିଶେଷ ଓ ସ୍ୱତନ୍ତ୍ରଭାବରେ ଲକ୍ଷକରି ଯେଉଁ ଚାରାଟିରେ ତୁମ୍ଭର ଅଭିଲଷିତ ଗୁଣ ବେଶି ଦେଖିବ ସେହିଟି ବା ସେହିପରି କେତୋଟି ଚାରା ରଖି ଅନାବଶ୍ୟକ ଚାରାଗୁଡିକ ନଷ୍ଟ କରିଦେବ ।

କଥାଟାକୁ ଟିକିଏ ଦୃଷ୍ଟାନ୍ତ ଦେଇ ବୁଝାଇଦେଲେ ଭଲହେବ । ମନେକର ଆମ ଦେଶୀ ବାଇଗଣ—ଫଳର ଆଧିକ୍ୟ ଓ ସ୍ୱାଦ ଏହାର ପ୍ରଧାନ ଗୁଣ; କିନ୍ତୁ ଦୋଷ ଭିତରେ ଆକାରରେ ଏହା ଅତ୍ୟନ୍ତ ଛୋଟ । ପୁଣି 'ମୁକ୍ତକେଶୀ' ( ବଡ କଳା ) ବାଇଗଣ । ଏହା ଦେଶୀ ବାଇଗଣଠାରୁ ଯଥେଷ୍ଟ ବଡ ଓ କୋମଳ ହେଲେ ମଧ୍ୟ ଫଳ ସଂଖ୍ୟା ନିତାନ୍ତ କମ ଓ ସ୍ୱାଦୁ ଦେଶୀ ବାଇଗଣଠାରୁ ନିକୃଷ୍ଟ । ଯଦି ଏହି ଦୁଇପ୍ରକାର ବାଇଗଣ ଭିତରେ ଯୌନମିଳନ ଘଟାଇବା ପ୍ରୟୋଜନହୁଏ ତେବେ ପ୍ରଥମ 'ପୁରୁଷ' ଯେ ସଙ୍କର ବୃକ୍ଷରେ ଉତ୍ପତ୍ତିହେବ ତାହା ଯେ ଦୁଇ ପ୍ରକାର ବାଇଗଣର ସମସ୍ତ ଉତ୍କୃଷ୍ଟ ଗୁଣ ଗ୍ରହଣ କରିବ ଏହାର କିଛି ମାନେ ନାହିଁ । ନୂତନ "ସଙ୍କର"ଟି ତାର ଜନକ ଜନନୀଙ୍କର ଭଲଗୁଣ ଯେତିକି ନେଇପାରେ ମନ୍ଦଗୁଣ ମଧ୍ୟ ସେତିକି ନେବା ସମ୍ଭବ ଏବଂ ସ୍ୱାଭାବିକ । କିନ୍ତୁ ଉତ୍ପାଦକ ଏତିକି ଦେଖି ନିରାଶ ହେଲେ ଚଳିବ-ନାହିଁ । ନୂତନ ସଙ୍କରଟିକୁ ସଯତ୍ନରେ ରକ୍ଷାକରି ତାକୁ ଆଉ ଦୁଇପୁରୁଷ ଯାଏ ପ୍ରକୃତି ( Nature ) ଉପରେ ଛାଡି ଦେବାକୁ ହେବ । ତାହାଦ୍ୱାରା ଯେ ସବୁ ଚାରା ଉତ୍ପନ୍ନ ହେବ ସେମାନଙ୍କ ଭିତରେ ଯେଉଁଟି ପିତୃମାତୃ-ଦତ୍ତ ଉତ୍ତମ ଗୁଣମାନ ସର୍ବାପେକ୍ଷା ଅଧିକ ପରିମାଣରେ ଗ୍ରହଣ କରିଥିବ ତାହାକୁ ରଖି ସହଜାତ ଅନ୍ୟାନ୍ୟ ନିକୃଷ୍ଟ ବୀଜପ୍ରଭେଦ (Rogues ବା Throw backs) ମାନଙ୍କୁ ସଯତ୍ନରେ ନଷ୍ଟକରି ଦେବାକୁ ହେବ । ପରେ ଉକ୍ତ ଉତ୍କୃଷ୍ଟ ଗୁଣ-ବିଶିଷ୍ଟ ପ୍ରଭେଦଟିକୁ ପୁଣି ଫଳବତୀ ହେବାକୁ ସୁବିଧାଦେଇ ତଜ୍ଜାତ ଚାରାମାନଙ୍କରୁ ପୂର୍ବପରି

Digitized by srujanika@gmail.com

ଯବାପେକ୍ଷା ଅଧିକ ଗୁଣଶାଳୀ ଗୁରୁତି ବାଛୁ ନେବାକୁ ହେବ । ଏହିପରି ପ୍ରକ୍ରିୟାରେ କ୍ରମେ ପୂର୍ବ ପୁରୁଷାର୍ଜିତ ଦୋଷଗୁଡ଼ିକ ଏକେ ଏକେ ଲୁପ୍ତହୋଇ ଶଙ୍କରତି ଗୋଟିଏ ଉପାଦେୟ ଓ ମୂଲ୍ୟବାନ୍ ନୂତନ ଜାତିରେ ପରିଣତ ହେବ ।

ଅର୍ବାଚୀନ ଉତ୍ପାଦକଙ୍କୁ ଆମ୍ଭେମାନେ ଧୀରେ ଧୀରେ ଅଗ୍ରସର ହେବାକୁ ପରାମର୍ଶ ଦେଉଁ । ବର୍ଣ୍ଣସଙ୍କର ଉତ୍ପାଦନ ଚେଷ୍ଟାରେ ସେ ଯେପରି ସତର୍କତାର ସହିତ ଅଗ୍ରସର ହେବାକୁ ଯତ୍ନବାନ୍ ହୁଅନ୍ତି, ତାହା ହେଲେ ସେ ଏପରି କେତେକ ଜିନିଷ ସେଥିଭିତରୁ ଶିଖିପାରିବେ ଯାହା କେହି କେବେ ବହି ପଢ଼ି ଶିଖିପାରେ ନା କିମ୍ବା ଯେ ଅଭିଜ୍ଞତା ସମୟ ସମୟରେ ବଡ଼ ବଡ଼ ପଣ୍ଡିତମାନେ ବହୁବର୍ଷ ପରିଶ୍ରମକରି ମଧ୍ୟ ସମ୍ପୂର୍ଣ୍ଣ ଆୟତ୍ତକରି ପାରିନଥିବେ ।

'ଉତ୍ପାଦକ'

---

## ପ୍ରତିମା-ବିସର୍ଜ୍ଜନ ।

( ରୁଷିଆର ଲେଖକ ମ୍ୟାକସିମ୍ ଗର୍କିଙ୍କ ବିଖ୍ୟାତ **Twenty six men and a girl** ର ଅନୁବାଦ ।)

ଶ୍ରୀ ଜଗନ୍ନାଥ ଦାସ ।

ଆମେ ଥିଲୁଁ ଛବିଶ ଜଣ—କୋଡ଼ିଏ ଛଅଟି ଜୀଅନ୍ତା କଳ । ଗୋଟିଏ ସନ୍ତସନ୍ତିଆ ଭୂଇଁ ତଳ ଗମ୍ଭୀରରେ ସକାଳୁ ସଞ୍ଜଯାଏଁ ଆମେ ମଇଦା ଦଳୁଁ, ତାକୁ ରୁଟି ବଳୁଁ । ଘର ତଳିଆ କୋଠରୀରେ ଝରକାଟିଏ ଥାଏ, ତା' ସାମ୍ନାରେ ଖଣ୍ଡେ ପକ୍କା ଅଗଣା, ସେଠା ସବୁବେଳେ ସନ୍ତସନ୍ତିଆ, ଶିଉଳି ଲାଗି ସବୁଜା ଦିଶୁଥାଏ, ଗୁହଆଡେ ତା'ର ଛଳୁ ଫୁଟିଥାଏ । ଝରକାଟି ଖୁବ୍ ଘନ ଲୁହା ବାଡରେ ଘେରା । ଝରକା ଝିଲ୍‌ମିଲ୍ ମଇଦା ଗୁଣ୍ଡିରେ ପୂରିଯାଇଥାଏ, ତା' ଭିତରଦେଇ ଟିକିଏ ଖରାକ ଆଲୁଅ ଆସିବା ଅସମ୍ଭବ !

ଝରକା ବାଟଦେଇ ଗଲାବେଳେ କୌଣସି ଭିଖାରୀକୁ ଆମେ କାଳେ ଖଣ୍ଡେ ଅଧେ ରୁଟି ଦେବୁଁ ବା ଆମ ଭିତରୁ କେହି କାମ ଛାଡି ଖାଇବାକୁ ନ ପାଇ ମାଗିଲେ ତାକୁ ଖଣ୍ଡେ ରୁଟି ଦେବୁଁ, ଏଥିପାଇଁ ଆମ ମାଲିକ ଖୁବ୍ ମୋଟା ମୋଟା ଲୁହା ବାଡ ଦେଇ ସେ ବାଟ ବନ୍ଦ କରିଦେଇ-ଥିଲେ । ସେ କେବେ ଆମ ନାଁ ଧରି ଡାକନ୍ତିନାହିଁ ଆମକୁ ବଦ୍‌ମାସ ବୋଲି ଡାକନ୍ତି । ଉପରଓଳି ମାଉଁସ ଖାଇବାକୁ ନ ଦେଇ ପଶୁ ପଁଟି ଖାଇବାକୁ ଦିଅନ୍ତି । ସେ କୋଠରୀ ଛାତ ଖୁବ୍ ନୀଚ୍ଚୁ, ଧୂଆଁରେ ଏକଦମ୍ କଳା ହୋଇଥାଏ, ଛାତଯାକ ବୁଢ଼ିଆଣୀ ବସା । ସେ ଘରଟି ଭିତରେ ଆମେ ଛବିଶଜଣ କୌଣସି ପ୍ରକାରେ ଠେସା ଠେସି ହୋଇ ଥାଉଁ । ବେଳେ ବେଳେ ଆମ ଦମ୍ ଅଟକି ଗଲାପରି ଲାଗୁଥାଏ । ସେଇ ଦ୍ୱାର ଦ୍ୱାର ମୋଟା ମଇଳା ଛିଡ଼ା ଫଟା ଜାମାଗୁଡ଼ାକ ଭିତରେ ଆମ୍ଭକୁ ବଡ ଏକୁଟିଆ ଲାଗୁଥାଏ । ବଡ କଷ୍ଟକର ସେ ଜୀବନ—ବଡ ବାଧୁଥାଏ ଆମ୍ଭକୁ । ନିଦ ନ ଅଣ୍ଟିଲେ ଯେପରି ବିରକ୍ତି ଆସେ ସେଇପରି ବିରକ୍ତି ନେଇ, ଅସନ୍ତୁଷ୍ଟ ହୋଇ ଦିନ୍ ପାଞ୍ଚଟାବେଳେ ଉଠୁଁ । ପୁଣି ଛଅଟା ନ ବାଜୁଣୁ ଥକା ନ ମେଣ୍ଟେଇ ଆଗଦିନ ରାତିରେ ଯୋଉଁ ମଇଦା ଚକଟା ହୋଇଥାଏ ତାକୁ ରୁଟି ବଲିବସୁଁ ନ ହେଲେ ଚକଟା ମଇଦାଗୁଡ଼ାକ ଶୁଖିଯିବ । କାମ କରିବାକୁ ଆମର

Digitized by srujanika@gmail.com

ମୋଟେ ଅଗ୍ରହ ନ ଥାଏ । ଦିନ ଗୋଟାକଯାକ—ବଡ଼ ଭୋରୁ ପୁଣି ରାତି ଦଶଟାଯାଏ କିଏ ଚକଟା ମଇଦାଗୁଡ଼ା ବସି ଦଳୁଥାଆନ୍ତି, କିଏ ଗୋଡ଼ ୨ ମଇଦା ଚକଟୁଥାଆନ୍ତି । ବେଳେ ଛୁଟିନାହିଁ, କାରଣ—ଛାଡ଼ିଦେଲେ ଚକଟା ମଇଦା-ଗୁଡ଼ା ନଷ୍ଟ ହୋଇଯିବ । ଏହିପରି ଦିନରାତି ମଇଦା ଚକଟା, ରୁଟି ବେଲା, ଲାଗିଥାଏ । ସାରାଦିନ ମଇଦା ସିଝେଇବା ପାଇଁ କେଟ୍‌ଲରେ ପାଣି ଶାଏଁଶାଏଁ ହୋଇ ଗରମ ହେଉଥାଏ । ସେ ସ୍ୱର ଯେମିତି କାନ୍ଦଣାପରି । ଆମ ରୁଟି କରିବାବାଲା ଖଣ୍ତି ଅନବରତ ଚାଲୁଥାଏ । ସିଝା ମଇଦା ନେଇ ଚୁଲି ଭିତରେ ପକାଏ, ପୁଣି ତିଆରି ରୁଟି ଆଣି ବାହାରେ ରଖେ । ଚୁଲି ଭିତରକୁ ମଇଦା ନେଲାବେଳେ ଚୁଲିରେ ଖଣ୍ତିଟା ବାଜି ଝଣର ଝଣର ହେଉଥାଏ—ସେ ଶବ୍ଦ ଶୁଣି ଶୁଣି ଭାରି ଚିଡ଼ମାଡ଼େ ।

ସକାଳୁ ସଞ୍ଜଯାଏ ଚୁଲିରେ କାଠ ଜଳୁଥାଏ । ନିଆଁର ନାଲିଆ ଝାମ୍ପ କାନ୍ଥରେ ପଡ଼ି ନାଚୁଥାଏ, ସତେ ଯେମିତି ଆମକୁ ଥଟ୍ଟା କରୁଛି । ବଡ଼ ଚୁଲିଟା ଅସୁର କଥାରେ ଅସୁରର ଅବାଗିଆ ମୁଣ୍ଡଟାପରି ଦିଶୁଥାଏ । ଯେପରି ଭୂଇଁ ଭିତରୁ ମୁଣ୍ଡଟା ବାହାରକରି ପାଟି ମେଲା କରିଦେଇଛି, ସେ ପାଟି ଭିତରଯାକ ନିଆଁ ସବୁବେଳେ ଆମ ଉପରକୁ ତତଲା ନିଶ୍ୱାସ ଫୋପାଡ଼ୁଛି । ପବନ ଯିବାପାଇଁ କଳା କଳା ଗାତ ଦୁଇଟା; ସେ ଅସୁରର ଆଖିପରି ଦିଶୁଥାଏ । ଆମକୁ ଜଣାଯାଉଥାଏ କି ଏ ଅସୁରଟା ସେ ଆଖି ଭିତରଦେଇ ଆମକୁ, ଆମ ଅସରନ୍ତି କାମକୁ ଜଗି ରହିଛି । ବଡ଼ ଭୀଷଣ ବଡ଼ ଭୟଙ୍କର ସେ ଆଖି ଦୁଇଟା ଠିକ୍ ତ ଅସୁର ଆଖିପରି—ସେମିତି କଡ଼ା-ସେମିତି ଦାରୁଣ । ସେ ଗାତଦୁଇଟା ଆମକୁ ଗୋଟାଏ ରକମ ଅବୁଝା ଚାହାଣିରେ ଚାହିଁଥାଆନ୍ତି—ସବୁଦିନେ ସବୁବେଳେ ଏଇପରି ଚାହାଣି । ଆମକୁ ଜଣାଯାଉଥାଏ ଯେପରିକି ଏ ଆଖିଦୁଇଟା ଆମଭଳି ସବୁଦିନିଆ ଗୋଲାମଗୁଡ଼ାଙ୍କୁ ଦେଖି ଦେଖି ଥକି ପଡ଼ିଲାଣି; ଜାଣି ସାରିଲାଣି ଆମେଗୁଡ଼ାକ ମଣିଷ ନୋହୁଁ ସେଥିପାଇଁ ଘୃଣାରେ ଏମିତି ଚାହିଁଛି—ଜଣାଶୁଣା ଲୋକ ମୂର୍ଖଙ୍କୁ ଅପମାନକରି ଚାହିଁଲାପରି ।

ଦିନଯାଏ, ପୁଣି ଦିନ ଆସେ, ଆମ ଗୋଡ଼ରେ ଲାଗି ଯୋଉଁ ଧୂଳି କାଦୁଅ ମାଟି ଘରକୁ ଆସେ ସେଇ ଧୂଳି କାଦୁଅରେ, ସେଇ ଗରମରେ ସେଇ ଅଠାଚଟାରେ ମଇଦା ଚକଟୁଥାଉଁ, ରୁଟି ଗଢ଼ୁଥାଉଁ, ଆମ ଧଅରୁ ଝାଳ ବୋହି ସବୁ ଭେଦିଯାଉଥାଏ । ଆମ କାମକୁ ଆମେ ଭାରି ଘୃଣା କରୁଥାଉଁ, ଆମେ ଯା ନିଜ ହାତରେ ତିଆରି କରୁଁ ତା ଆମ ପାଟିରେ କେବେ ବାଜେ ନା, ଶୁଖିଲା କଳାରୁଟି ଖାଉଁ । ଗୋଟାଏ ଲମ୍ବା ଟେବଲ ପାଖରେ ସାମନା ସାମନି ନଅ ନଅଜଣ ବସି ଦିନସାରା ରାତି ଦ୍ୱିପ୍ରହର ଯାଏ କଳଭଳି ହାତ ଆଙ୍ଗୁଠି ହଲେଇ କଟେଇଦଉଁ । ଗୋଟାଏ ରକମ କାମ ଦିନଯାକ କରି କରି ଆମେ ଏତେ ବିରକ୍ତ ହୋଇଗଲୁଣି ଯେ ଆମେ କଅଣ କରୁଛୁ ତା ପ୍ରତି ଆମର ନଜର ନ ଥାଏ । କେବଳ କଳ ଭଳି କାମ କରିଯାଉଥାଉଁ ।

ଆମର ନୂଆ କିଛି ଦେଖିବାର ବା କହିବାର ନ ଥିଲା । ଛବିଶଜଣଙ୍କ ଭିତରେତ ଦେଖାଦେଖି । ତା' ଆମେ ନିଜ ନିଜକୁ ଏତେ ଠିକ ନିଖିକରି ଦେଖିସାରି-ଲୁଣି ଯେ କାହା ମୁଣ୍ଡରେ କେତୋଟି ବାଳରେଖା ତା' ଆମେ ସହଜରେ କହିଦବୁ । ନିଜ ନିଜ ଭିତରେ ଯାହାକିଛି କୁହାକୁହି ହେବାର ତା' ଶେଷ କରିବାକୁ ଆମର ବେଶି ବିଳମ୍ବ ହଉ ନ ଥିଲା । କିଛି କହିବାକୁ ନ ଥିବାରୁ ଅନେକ ସମୟ ଆମେ ଚୁପ୍ ଚାପ୍ ହୋଇଥାଉଁ । କେବଳ ନିଜ ୨ ଭିତରେ ଗାଳି ମନ୍ଦ ଦିଆଦେଇ ହେଲେ ଯା କଥା କହୁଁ କିନ୍ତୁ ବରାବରତ ଆଉ କେହି ଦୋଷ କରୁ ନ ଥିବ ଯେ ଗାଳି ମନ୍ଦ ଦିନ ଚାଲିବ । ବିଶେଷତଃ ଆମେସବୁ ଏକା ନାଆରେ ଗୋଡ଼ ଦେଇଥାଉଁ, ଦୋଷ ଦେଖାଦେଖି ହେଲେ ଚଳନ୍ତା କୁଆଡ଼େ ? ଆମେ ନିଜ ଭିତରେ ଖୁବ୍ କମ ଦୋଷ ଦେଖୁଁ, ଆମେ ତ ଏକକାମର ସାଙ୍ଗୀ—ଆମର ଭଲମନ୍ଦ ବାଛିଲେତ କାମ ବନ୍ଦ ହୋଇଯାଆନ୍ତା । ଆମେ ସବୁ ଅଧାପ୍ରାଣ ହୋଇ କାଠ ପଥରପରି ପଡ଼ିଥାଉଁ । ଏ ଭିଡ଼କାମରେ ଆମ ମନ ଦଳପେଷି ହୋଇଯାଇଥାଏ । ଜଣାଶୁଣା ଲୋକେ ଆମେ ସବୁ—ଆମ ଭିତରେ ଚୁପ୍ ଚାପ୍ ହୋଇ ରହିବାଟା କି କଷ୍ଟକର ତା' ବେଶ୍ ଜାଣିହେବ ।

Digitized by srujanika@gmail.com

ଆମରତ କହିବା ପାଇଁ କିଛି ନ ଥାଏ—ଏତେ ନୀରସ ହୋଇପାଇଥାଏ ଆମ ଜୀବନ । ଅଜଣା ଅପରିଚିତ ଲୋକଙ୍କ ଭିତରେ କଥାବାର୍ତ୍ତା ନ ହୋଇ ରହିବାଟା ସହଜ କିନ୍ତୁ ଆମ ଭିତରେ ଏପରି ଚୁପ୍ ଚାପ୍ କି ଭୟଙ୍କର !

ବେଳେ ବେଳେ ଆମେ ଗୀତ ଗାଉଁ । ପହିଲେ କପଟ ଗାଉଁ—ଆମ ଭିତରୁ ଜଣେ କାମ କରୁ କରୁ ଘୋଡ଼ା ଦୌଡ଼ି ଦୌଡ଼ି ଥକିଲାବେଳେ ଯେପରି ନିଶ୍ୱାସ ପକାଏ ସେଇପରି ଦୀର୍ଘ ନିଶ୍ୱାସଟାଏ ପକାଏ; ତା' ପରେ ଆମେ ଗୀତ ଗାଇବାକୁ ବସୁଁ । ଧୀରେ ଧୀରେ ବୋହିଗଲା ପରି ସେ ସ୍ୱର୍ । ସେ ସୁର୍ ଧଇଲେ ଗାଇବାଲୋକଙ୍କ ମନରୁ ଡର କଟିଯିବ ।

ପହିଲେ ଜଣେ ଗୀତ ଧରେ, ଆଉ ସବୁ ଚୁପ୍ ହୋଇ ଶୁଣୁଥାଆନ୍ତି । ସେଇ ଘରତଳ କୋଠରୀର ଝିଲ୍ଲୀଙ୍କର ସ୍ତବ୍ଧ ତଳେ ଅଳପ ବେଳେ ଗୀତ ବନ୍ଦହୋଇ ଯାଏ, ଠିକ୍ ଯେମିତି ଦେଶ ଶେଷ ବଡ଼ ପଡ଼ଥାରେ ଶୀତଦିନର ପାଁଉଶିଆ ଘରଗତଲେ ଛୋଟ କଅଁଟି ଲଭ ଲଭ-ଲଭଯାଏ । ତା ପରେ ଆଉ ଜଣେ ଗୀତ ଧରେ; ସେଇ ଅଣ ଓସାର, ଅନ୍ଧାରିଆ କୋଠରି ଭିତରେ ଭୁଇଁଟି କଅଁଳ, କରୁଣ ସୁର ଶୁଣା ଯାଏ । ହଠାତ୍ ଏକ ସାଙ୍ଗରେ ସମସ୍ତେ ଗୀତ ଧରନ୍ତି, ଆଉ ଗୀତଟି ଲହଡ଼ିପରି ସ୍ୱରଆଡ଼େ ଖେଳି ବୁଲେ । ତା'ପରେ ସ୍ୱର ଉପରକୁ ଉପରକୁ ଚଢ଼େ; ଶେଷରେ ଏତେ ଚଢ଼ାରେ ଗୀତ ଗାଉ ଯେ ଆମକୁ ଜଣା ଯାଏ ଯେପରି ଆମର ସେ କଏଦଖାନା ଯନ୍ତ୍ରସନ୍ତ୍ରିଆ ଛିଡ଼ିଆ ପଥର କାନ୍ଥଗୁଡ଼ାକ ଆସ୍ତେ ଆସ୍ତେ ମେଲିଯାଉଛି । ଆମେ କୋଡ଼ଏ ୬ ଜଣ ଏକ ସାଙ୍ଗରେ ଗାଉଁ, ଆମର ଖୁବ୍ ଚଢ଼ା ସମସ୍ୱର ଗୀତରେ କୋଠରିଟି ସବୁ ପୂରିଯାଏ । ଜଣାଯାଏ ଯେମିତି କି ଆମ ସୁର ବାହୁନି ବାହୁନି କାନ୍ଥରେ ପିଟିଛିନ୍ନି ହୋଇ ଘରବାହାରକୁ ଅତିଦୂରକୁ ଗୁଳିଯାଉଛି । ସାଙ୍ଗେ ସାଙ୍ଗେ ଆମ ମନ ଟୋକାଏ କଅଁଳ କାମନାର, ଅସାର ଆଶାରେ ଭରିଯାଏ, କେତେ ପୁରୁଣା ଦୁଃଖର ସ୍ମୃତି ମେଲିଯାଏ, କେତେ ନୂଆ ନୂଆ କଥା ମନରେ ଉଇଁଯାଏ ।

ଗାୟକମାନେ ବଡ଼ ଗମ୍ଭୀର, ଗାଢ଼ ନିଶ୍ୱାସ ପକାନ୍ତି; ହଠାତ୍ ଜଣେ ଚୁପ୍ ହୋଇଯାଇଁ ଶୁଣେ, ଆଉମାନେ ଗାଉଥାଆନ୍ତି, ତା'ପରେ ସମସ୍ତଙ୍କ ସାଙ୍ଗରେ ନିଜ ସୁର୍ ମିଶେଇ ଦିଏ । ଆଉ ଜଣେ ଖୁବ୍ ଚାପି କରି "ଆହା—" ବୋଲି କହି ଆଖି ବୁଜିଦିଏ-ସତେ କି ଏହି ଭରା ଗମ୍ଭୀର-ସ୍ୱରନଦୀଟା ଆଗରେ ଗୋଟାଏ ବାଟ ଖୋଲିଦେଲା ! ଖୁବ୍ ଓସାର ବାଟଟି, ଝଲମଲ ହୋଇ ଖରା ପଡ଼ୁଛି; କାହିଁ ଯାଇଁ ଦୂର ପୃଥିବୀ ପାରକୁ ସେ ବାଟ ପଡ଼ିଛି, ଆଉ ସିଏ ଯାଇଁ ସେ ବାଟେ ହସିଖେଳି ବୁଲୁଛି ।

କାଲୁ କଅଁ ତେଜ ପୁଣି ସେ ବଡ଼ ଚୁଲିଟାରେ ଧପ ଧପ ହୋଇ ଉଠେ, ଚୁଲି ବାଲା ଖଣ୍ଡିତ ସେଇପରି ଝଣର୍ ଝଣର୍ ହୋଇ ଉଠେ, କେଟଲିରେ ପାଣି ପୁଣି ଶାଁଏ ଶାଁଏ ହୁଏ, ଆଗପରି ପୁଣି କଅଁ ଛାଇ ଆମ୍ଭକୁ ଇଙ୍ଗିତ କଲାପରି ନାଚେ । ଆମେ ଏମିତି ଅନ୍ୟଲୋକ ଗୀତ ଆଶ୍ରାକରି ଆମର ନୀରବ ବେଦନା ଗାଇଯାଉଁ । ଯେଉଁ ଜୀବନରୁ ଆନନ୍ଦ, ଆଲୋକ ହଜିଯାଇଛି ସେଇ ନିରାନନ୍ଦ ଜୀବନର ଘୋର ବେଦନା, ସେଇ ଗୋଲାମ-ଜୀବନର ଅସହ ବୋଝ ସେଇ ଗୀତ ସ୍ୱରରେ ଭସାଇଦିଉଁ ।

ଏମିତି ଆମେ କୋଡ଼ଏ ଛଅଜଣ ଗୋଟାଏ ବଡ଼ ପଥର ଘରତଳେ ସମାଧିହେଲାଆ ଗାତ ଭିତରେ ପଶି-ଥାଉଁ ଆମର ଜଣ ଜଣଙ୍କର ଜୀବନ ଏତେ ଭାରି ଜଣା-ଯାଏ ସତେକି ଆମେ ଏ ବଡ଼ ତେତାଲା ଘରଟା ଆମ କାନ୍ଧଉପରେ ଟେକିଧରିଛୁ ।

ସଙ୍ଗୀତ ଛଡ଼ା ଆମର ଆଉରି ଗୋଟିଏ ସୁଖଥିଲା ସେ ସୁଖ ଏତିକିରେ ଯେ ଆମେ ଜଣକୁ ଭଲ ପାଉଥିଲୁଁ-ଏତିକି ଆମର ଅନ୍ଧାର ଜୀବନରେ ଟିକିଏ ଆଲୁଅପରି, ମାଘମାସ ଜାଡ଼ରେ ଟିକିଏ ଖରାପରି ।

ଆମଘର ଦୋତାଲାରେ ଜରିକାମର ଗୋଟାଏ ଦୋକାନ ଥିଲା । ଜରିକାମ କରିବାକୁ କେତେ ଝିଅ-ଆସନ୍ତି—ତାଙ୍କ ସାଙ୍ଗରେ ଟାନିଆବୋଲି ଝିଅଟିଏ ଆସେ, ତାକୁ ଷୋଳବର୍ଷ । ପ୍ରତିଦିନ ସକାଳୁତାର ଗୋଲାପିରଙ୍ଗର ମୁହଁଟି ଆମଘର କାଚକବାଟ ଆରପଟୁ ଦେଖାଯାଏ, ତା ଆଖିଦିଓଟି ଖୁବ ଗାଢ଼-ନୀଳ ଓ ହସ ହସ । ପ୍ରତିଦିନ ଖୋଲୁ ଅତି ମଧୁର ସ୍ୱରରେ ଆମକୁ ଡାକେ—

Digitized by srujanika@gmail.com

"କଇଁଦ ଭାଇ, ମୋପାଇଁ ରୁଟି ରଖିଛନା, ଦିଅ ?" ନିତି ପରିଚିତ ତା'ର ପରିଷ୍କାର ସ୍ୱରଶୁଣି ଆମେସବୁ ଫେରିପଡ଼ି ଖୁସି ହୋଇ ତାର ହସ ହସ ମୁହଁଟି ଆଡ଼କୁ ଚାହୁଁ, କି ମଧୁର ତା ହସ ! ତା ଛୋଟ ନାକଟି କବାଟ କାଚରେ ଚୁପିହୋଇ ଯାଇଥାଏ, ତାର ଅଳ୍ପଖୋଲା ଓଠଦିଓଟି-ଭିତରୁ ମୁକ୍ତାପରି ଦାନ୍ତଗୁଡ଼ିକ ଚକ୍ ଚକ୍ କରୁଥାଏ, ନିତି ତାକୁ ଦେଖୁ; ନିତି ଆମ ଦୁଃଖପସରା ସୁଖରେ ପୂରିଯାଏ । ଆମେ ଗୋଟାକ ଉପରେ ଗୋଟାଏ ପଡ଼ି କବାଟ ଖୋଲିବାକୁ ଦୌଡ଼ୁ—ସେ ଘରଭିତରକୁ ଆସେ ଉଜ୍ଜ୍ୱଳ ଖେଳ କଉତୁକଭରା ମୁଣ୍ଡଟି ଟିକିଏ ବଙ୍କେଇ ଦେଇ ରୁଟି ଦେବାପାଇଁ ପଣନ୍ତ ଟେକିଧରି ହସୁଥାଏ । ତାର ଘନ, ଲମ୍ବ ସୁନାପରି ବାଳଗୁଡ଼ିକ କାନ୍ଧରୁ ବୋହି-ଆସି ଛାତିଉପରେ ପଡ଼ିଥାଏ । ଆମଘର ତଳଟା ଦୁଆର ଚାରିପାଉଛ ତଳେ ଆମେ ଯେତେବେଳେ ଉପରକୁ ଚାହିଁ ତାକୁ ସଖାଳୁ ଆଶୀର୍ବାଦ କରୁଁ ତା ପାଖରେ ଆମେ ଗୁଡ଼ାକ ସେତେବେଳେ କି ଅସୁନ୍ଦର ଅମେଳ ଦିଶୁଥାଉଁ । ତାକୁଇ କହିବାପାଇଁ ଆମେ ଖୁବ ଭଲ ଭଲ କଅଁଳ କଥା କହୁଁ, ନହେଲେ ଏପ୍ରକାର କଥା ଆମ ମୁହଁକୁ ବଡ଼ ଅଲଗା ଅଲଗା ଲାଗେ । ତାକୁ କଥା କହିଲା-ବେଳେ ନରମ ହୋଇଯାଏ ଆମ-ସ୍ୱର । ତା ପାଇଁ ଆମର ସବୁ ଅଲଗା । ଆମ ରୁଟିବାଲା ସବୁଠୁଁ ଭଲ ସବୁଠୁଁ ବାଦାମି ରୁଟି ହତାଏ ଚୁଲିରୁ ଆଣି ଝାନଅ ପଣନ୍ତରେ ପକାଇଦିଏ । ଆମେ ତାକୁ ନିତି ଚେତେଇ ଦେଉଁ "ଯା ଚାଲିଯା, ଆମ ମୁନିବ ଦେଖିବ" । ସେ ଟିକିଏ ଦୁଷ୍ଟାମି ହସ ହସି ଦେଇ ବିଦାହୋଇ ମୂଷାଟିପରି ଚୁପ୍‌କି ଚାଲି-ଯାଏ ।

ମୋଟେ ଏତିକି । କିନ୍ତୁ ସେ ଚାଲିଯିବା ପରେ ଢେର ବେଳଯାଏ ଆମେ ଖୁବ୍ ଖୁସିମନରେ କଥାବାର୍ତ୍ତା ହେଉଁ । ତା ପାଇଁ ଆମକଥା ସବୁଦିନେ ଏକପ୍ରକାର । ଆମେ ଆଉ ସେ ବରାବର ତ ଏକରମ୍, ଆମର ତ ନୂଆ କିଛି ନ ଥାଏ । କାଲି ଯା, ପହରଦିନ ଯା ଆଜି ତା ସବୁଦିନେ ତା—ତା'ର ମଧ୍ୟ ସେଇଆ ।

ମଣିଷପକ୍ଷରେ ଏମିତି ଏକାରକମ—ଏକା ଧାରଣା-ଧରା ଜୀବନ ବଡ଼ କଷ୍ଟ ବଡ଼ ଭୟଙ୍କର । ଅଦଳ ନାହିଁ ବଦଳ ନାହିଁ; ନିତି, ସବୁଦିନେ ଏକପ୍ରକାର ଏମିତିଆ ଧାରଣା-ଧରା ଜୀବନ ପିଣ୍ଡରେ ପ୍ରାଣକୁ ମାରିଦିଏ ନାହିଁ ସତ; କିନ୍ତୁ ବେଳକୁ ବେଳ ବଡ଼ବାଧେ—ବଡ଼ ଅସହ୍ୟ ହୁଏ । ସ୍ତ୍ରୀ-ଲୋକଙ୍କ କଥା କହିଲେ ଆମେ ସବୁଦିନେ ଏମି-ତିଆ ଅସଭ୍ୟ ବେହିଆ କଥା କହୁଁ ଯେ ବେଳେ-ବେଳେ ନିଜକୁ ନିଜେ ଲାଜମାଡ଼େ—ଘୃଣା ଲାଗେ । ବୋଧହୁଏ, ଆମେ ଯେଉଁ ସ୍ତ୍ରୀଲୋକଙ୍କ ସାଙ୍ଗରେ ଚଳପ୍ରଚଳ ହୋଇଥିଲୁଁ ସେମାନେ ବି ଆମରିପରି ବେହିଆ—ଏମିତିଆ କଥାର ଯୋଗ୍ୟ ।—କିନ୍ତୁ ଝାନଅ-ସମ୍ବନ୍ଧରେ ଆମେ ଦିନେହେଲେ ଗୋଟିଏ ବଦ୍‌କଥା କହିନାହୁଁ । ଆମଭିତରୁ କେହି ଜଣେ ବି ତାକୁ ଛୁଇଁ-ନାହୁଁ, ଦିନେହେଲେ ତାକୁ ଥଟ୍ଟା କରିନାହୁଁ । ଏମିତି-କିଛି କରିବାକୁ ବା କହିବାକୁ ଆମର ନଥାଏ ବୋଲି—କି କଣ କେଜାଣି ? ସେତ ଆମପାଖରେ ଖୁବ ଅଳ୍ପ ସମୟ ରହେ, ସେତ ଆକାଶରୁ ପଡ଼ନ୍ତା ତାରାଟିପରି ଆମଆଖି ଝଲସେଇ ନେଇ ଉଭେଇଯାଏ । ହୁଏତ ଛୋଟଟିଏ ଅତିସୁନ୍ଦରଟି—ଆଉ ସେହି ହିସାବରେ ସେ ଆମଭଳି ନିତାନ୍ତ ମୂର୍ଖଙ୍କଠୁ ବି ପୂଜା ଅସୁଲ କରିନିଏ । ଯାହା ଛଡ଼ା ବି—ଆମେ କଇଁଦ ଖଟି ଖଟି ପଶୁପରି—ବଳଦଙ୍କପରି ଧିମା ହୋଇଯାଇଥିଲେ ହେଲେ ଆମେ ମଣିଷ ତ, ସବୁ-ମଣିଷଙ୍କପରି ଯାହାକିଛି ଗୋଟାଏ ପୂଜା ନ କରି ରହି-ପାରୁ ନଥିଲୁଁ । ତାଠଉଁ ବଳି ଆମଆଖିକି ଆଉ କିଛି ଲାଗିଲାନାହିଁ ତା ଛଡ଼ା ଆମକୁ ବି କେହି ଲୋଡ଼ୁ ନଥିଲେ । ସେଠିତ ଗଣ୍ଡା ଗଣ୍ଡା ମଣିଷ ଥିଲେ, ଏ ଗାତପଶା ଲୋକଙ୍କୁ ତ କେବେ କେହି ଖୋଜୁନାହିଁ । ପହିଲୁକଥା ସେ ଆମଠୁ ରୁଟି ନେଉଥିଲା ବୋଲି ତାକୁ ଏକାବେଳକେ ଆମର ଆପଣାର ବୋଲି ମଣୁଥିଲୁଁ—ତାକୁ ରୋଜ ରୋଜ ଗରମ ଗରମ ରୁଟିଦେବାଟା ଆମର କର୍ତ୍ତବ୍ୟ—ପୁଣ୍ୟକାର୍ଯ୍ୟ ବୋଲି ମନେହେଉଥିଲା । ଦିନ୍ ଆମପୂଜା ପ୍ରତିମାଟି ପାଖରେ ନୈବେଦ୍ୟ ଦେଲାଭଳି ଲାଗୁଥିଲା । ବେଳକୁ ବେଳ ସେ ଆହୁରି ଆପଣାର ପଡ଼ୁଥିଲା । ରୁଟିଛଡ଼ା ବି ଆମେ ତାକୁ କେତେ ପରାମର୍ଶ ଦେଉଥିଲୁଁ; ତାକୁ ପଶମି ଲୁଗାପଟା ପିନ୍ଧିବାକୁ କହୁଁ, ପାଉଛ ଉପରେ ଦୌଡ଼ିବାକୁ ମନାକରୁଁ, ଭାରି କାଠ ବୋଝ ବହିବାକୁ ମନାକରୁଁ । ସେ ଆମ



Digitized by srujanika@gmail.com

ପରାମର୍ଶ ଶୁଣି ହୋଇ ଶୁଣେ, ଠିକ ଏ ହସିଦେଏ। ସନେହେଲେ ଆମ କଥା ମାନ ଚଳେନା। ଏଥିପାଇଁ ଯେ ମନ ଆମର ...ଣା ହୋଇଥିଲା ତା ନୁହେ; ଆମେ ଦେଖାଉଥାଉଁ ତା'ପାଇଁ ଆମେ କେତେ ବ୍ୟସ୍ତ ତା'ପାଇଁ ଆମେ କେତେ କରୁଛୁ ସେ ଆମର କେତକର !

ଅନେକ ସମୟରେ ସେ ଆମକୁ କାମକର ଦବାପାଇ ଅନୁରୋଧ କରେ—କେବେ ଭଣ୍ଡାରଘର ବଡ କବାଟ ଦୁଇଟା ଖୋଲିଦବାକୁ ଡାକେ—କେବେ କାଠ ଚିରିଦବାକୁ କହେ ଆମେ ସବୁ ଖୁସିରେ କରିଦେଉଁ। ଯେତେବେଳେ ଯାହା ଚାହେଁ ତା କରିଦେଉଁ। ତା କାମ କରିବାଟା ଆମର ଗୋଟାଏ ବାହାଦୁରୀ।

କିନ୍ତୁ ଦିନେ ଆମ ଭିତରୁ ଜଣେ ତାର ଖଣ୍ଡିଏ କୁର୍ତ୍ତି ତାକୁ ଫିଲେଇ କରିଦବାକୁ କହିଲାରୁ ସେ ହସି କ କହିଥିଲା "ବାହାରେ-ସ୍ୱା ପରେ ଆଉ କଅଣ କରିବାକୁ କହିବ !

ଆମେ ସେ ଅମଣିଷଟାକୁ ଢେର ଅଟା କଲୁ। ସେ ଗୋଟାଏ ଏତେ ବଦଚଣ କଥା କେମିତି ତାକୁ କହିଲା। ଏ କଥା ତା ମନକୁ ବା ଆଇଲା କେମିତି। ଆମେ ଟାକଅକୁ ସେଇଦିନୁଁ କିଛୁ କରିବାପାଇଁ କହୁନା।

ଆମେ ତାକୁ ଭାରି ସୁଖ ପାଉଥିଲୁଁ ଏତକ। ମଣିଷ ତା ସ୍ନେହପାଇଁ ପ୍ରୀତିପାଇଁ ଜଣକୁ ଚାହେଁ—ବେଳେ ବେଳେ ଯେ ସ୍ନେହ ଭାରରେ ଲୋକେ ଦଳ ପେଷି ହୋଇଯାଆନ୍ତି ଗୋଳେଇ ଘାଣ୍ଟି ହୋଇ ଏକାକାର ହୋଇଯାଆନ୍ତି ସତ; ବେଳେ ବେଳେ ବ ଅମ ସ୍ନେହର ଫଳ ବିଷାଣି ହୋଇ-ଯାଏ—ଯାହାକୁ ଭଲପାଉଁ ଆଗ ପଛ ନଦେଖି ସବୁ ସ୍ନେହତକ ତା ଉପରେ ଅଜାଡିଦେଉଁ—ଫଳରେ ତା'ର ଜୀବନ ଯେ ବିଷ ହୋଇଯାଉଛି ଏ ଖିଆଲ ଆମର ନଥାଏ। ଆମ ପକ୍ଷରେ ଏତେ ବିଚାର କରିବା ଅସମ୍ଭବ, ଆମେ ଟାକଅକୁ ଭଲ ପାଇବାକୁ ବାଧ୍ୟ, କାରଣ ତା ଛଡା ତ ଆମର ଆଉ କେହି ନଥିଲେ।

ବେଳେ ବେଳେ ଆମ ଭିତରୁ କେହି କେହି ଯୁକ୍ତି କରନ୍ତି :—ଆମେ କାହିଁକି ସେ ଠୋକିଟାକୁ ଏତେ ଟେକି-ଧରୁଛୁ କହିଲ ? ସ୍ୱେଃ ! ଯୋଉଁ ତ ଠୋକି, ତାପାଇଁ ପୁଣି ଏତେ କଥା !

ଯେ ଏମିତି କଥା କହିବାକୁ ସାହସ କରେ ତାକୁ ଆମେ ସାଙ୍ଗେ ସାଙ୍ଗେ ଚୁପ କରିଦେଉଁ।

ଆମେ ସ୍ନେହ କରିବାକୁ ଚାହୁଁ। ଆମେ ତାକୁ ପାଇଲୁଁ ତାକୁଇ ସ୍ନେହ କରିବୁଁ। ଆଉ ଆମେ ଛବିଶଜଣ ଯାହାକୁ ସ୍ନେହ କଲୁଁ ତାକୁଇ ତ ସବୁଦିନେ ଆଶ୍ରା କରିଥିବୁଁ—ତାର ଅଦଳ ବଦଳ କରିବା ଆମ କ୍ଷମତାର ବାହାରେ। ଆଉ ଏଥିରେ ଯେ ପାନ୍ଥି ଫିଟାଏ ସେ ଆମ ଶତ୍ରୁ। ଆମେ ଯାହାକୁ ସ୍ନେହ କଲୁଁ ସେ ହେଲା ଏବେ ମନ୍ଦ—କିନ୍ତୁ ଆମେ ୨୬ ଜଣ ତ ତାକୁ ସୁଖପାଉଛୁଁ—ଆମେ ଚାହୁଁଥାଉଁ ଯେ ଟାକଅ ଆମକୁ ଯେମିତି ଅମୂଲ୍ୟ ସମସ୍ତଙ୍କୁ ସେହିପରି ଦିଶୁ।

ଏକା ଘରଭିତରେ ଆମ କାରଖାନା ଛଡା ମୁନିବଙ୍କର ଆଉ ଗୋଟାଏ ରୁଟି କାରଖାନା ମଧ୍ୟ ଥିଲା। ଆମ କୋରଡ ଓ ତା ମଝିରେ କେବଳ ଗୋଟାଏ କାନ୍ଥ ଥିଲା। ସେଠ ରୁଟି ସେକିବାକୁ ଚାରିଜଣ ଥିଲେ। ଆମ ସାଙ୍ଗରେ ସେ ମିଶନ୍ତିନାହିଁ। ତାଙ୍କ କାମ ଆମଠୁ ସରସ। ଆମଠୁଁ ତାଙ୍କ ଅବସ୍ଥା ଢେର ଭଲ ବୋଲି ସେ ଜାଣନ୍ତି। ଆମ ଘର-ଭିତରକୁ ସେ କେବେ ଆସନ୍ତିନାହିଁ। ଆମେ ଅଗଣାକୁ ବାହାରିଲେ ଆମକୁ ଥଟାକରି ହସନ୍ତି। ଆମେ ବ କେହି କେହି ତାଙ୍କୁ କେବେ ଦେଖିବାକୁ ଯାଉଁନା; ଆମ ମୁନିବଙ୍କର ବ ମନା ଥାଏ ସେଠିକି ଯିବାକୁ—କାଳେ ଆମେ ସେ ବାବୁଆନା ରୁଟି ଚୋରିଇନେବୁଁ। ଆମେ ବ ସେ ରୁଟି ଗଢାବାଲାଙ୍କୁ ଦେଖିପାରୁନା, ତାଙ୍କ କାମ ଆମକୁ ସହଜ, ହାଲୁକା। ତାଙ୍କ ମଜୁରି ବେଶି, ଆମଠୁଁ ତାଙ୍କୁ ଖାଇବାକୁ ଭଲ ଦିଆଯାଏ। ତାଙ୍କ କାମଘର ଆମ ଘରଠୁଁ ବଡ ସଫା। ସେଠି ଆଲୁଅ ପଡେ ସେମାନେ ସଫାସୁତରା ବେଶ ମୋଟାମୋଟ—ସେଥିପାଇଁ ଆମକୁ ଘୃଣା କରୁ-ଥାଆନ୍ତି। ଆମେ ମାଟିଆ ଦିଶୁଥାଉଁ, ଆମ ରଙ୍ଗ ହଳଦିଆ ପଡିଯାଇଥାଏ। ଆମ ଭିତରୁ ତିନିଜଣଙ୍କୁ ଉପଦଂଶ ରୋଗ, ଅନେକଙ୍କୁ କାନ୍ଥ କୁଣ୍ଡିଆ ଜାଦୁ ପ୍ରଭୃତି ଚର୍ମରୋଗ। ଜଣକୁ ବାତ ଏକାବେଳେକେ ଦକଡାର କରିଦେଇଥିଲା। ସେମାନେ ଛୁଟିବେଳେ, କମେଇଦିନ ଗରମ ପଶମୀ କୁର୍ତ୍ତି

Digitized by srujanika@gmail.com

ଓ ମଚମଚିଆ ଯୋତା ପିନ୍ଧନ୍ତି, ତା ଭିତରୁ ଦୁଇଜଣଙ୍କର ବେହେଲା ଥିଲା । ସେମାନେ ସହର ବଗିଚାକୁ ବୁଲିବାକୁ ବାହାରନ୍ତି । ଆମେ ଛିଣ୍ଡା ମଇଳା କନା ପିନ୍ଧିଥାଉଁ ଆମ ଯୋତା ବଡ଼ ଅସନା ସେଥିଲାଗି ପୁଲିସ ଆମକୁ ବଗିଚାକୁ ଛାଡ଼ ଦିଏନା । ଏଥିରେ ତାଙ୍କୁ ଆମେ ଭଲପାଇବୁ ନା !

ଦିନେ ଆମେ ଶୁଣିଲୁଁ ତାଙ୍କ ସରଦାର ମାତାଲ ହୋଇଥିଲା; ମୁନିବ ତାକୁ ତଡ଼ଦେଇ ଆଉଜଣକୁ ମୁକରର କଲେଣି । ନୂଆ ଲୋକଟି ପଲଟନର ସିପାଇ । ତାର ଖାକିନ ଅଙ୍ଗରଖା, ତା ଉପରେ ସୁନା ଚେନ୍ । ଏଡେ ବାବୁଟାକୁ ଦେଖିବାକୁ ଆମର ଭାରି ମନ ହେଲା, ଆମେ ଗୋଟାକଉପରେ ଗୋଟାଏ ପଡ଼ି ତାକୁ ଥରେ ଦେଖିବାକୁ ଅଗଣାକୁ ଦୌଡ଼ିଲୁଁ ।

କିନ୍ତୁ ସେ ତା ମନକୁ ଆମକୁ ଦେଖିବାକୁ ଆଇଲା ! ଦରଜାକୁ ଗୋଇଠାଏ ମାରି ମେଲା କରିଦେଇ ଦୁଆର ବନ୍ଧରେ ଠିଆହୋଇ ହସି ହସି କହିଲା—

"ଭଗବାନ ଏ କାରଖାନାର ମଙ୍ଗଳ କରନ୍ତୁ" ଆମକୁ ସବୁ ଦଣ୍ଡବତ କଲା ।

କବାଟବାଟେ ଝନ୍‌ଝନିଆ ଥଣ୍ଡା ପବନ ଘରଭିତରକୁ ପେଲି ଆଇଲା ।

କ୍ରମଶଃ—

---

# ଦେଖିଥାଆନ୍ତେ ଦିନେ

ଶ୍ରୀ ଗୋଦାବରୀଶ ମିଶ୍ର ।

ଜୀବନୁ ଅଧିକ କରି ସେ ପୁରି କୁଟୀର ବାସେ
ପାଳି ରଖିଥିଲେ ରସିକ ମୃଗ-ସନ୍ତତି ପାଶେ ।
ସଦା ଘାସ ଗୁଡ଼ା ବନସ୍ତେ ବୁଲି ଚରନ୍ତେ, ତାର
ବାନ୍ଧିଥିବ କଣ୍ଠା ଅଧରେ, ଥକା ହେବ ପୟର ।
ନିଜ ଅନ୍ନ ଥାଳେ ସେ ଲାଗି ଭାଗୀ କରନ୍ତି ତାରେ;
ଅଧେ ତାକୁ ଦେଇ, ଅଧେକ ମୁଖେ ତୋଳନ୍ତି କରେ ।
ନିଶୀଥ ଶୟନେ ତା ତୁଲେ ତନୁ ନିପାତି ଶେଯେ,
ବିପିନ ବିହାର ସପନ ନୀତି ଦେଖନ୍ତି ନିଜେ ।
ଜନନୀ-ଗରଭୁ ଜନମିଥିଲେ ଭଗିନୀ ହୋଇ
ଏଥୁଁ ବଳି ସ୍ନେହ ସମ୍ଭାର ପାରି ନ ଥାନ୍ତା ପାଇ ।

ରସି ଉପବନେ ରସିକ ଫୁଲ ସୁରଭି ଘ୍ରାଣେ
କୋମଳ ଶେଫାଳି-ଲତିକା ଅଣି ରୋପିଲେ ଦିନେ ।
ଢାଳିଲେ ପ୍ରଣୟ ସୋହାଗେ କରେ ସେନେହ ବାରି;
ବଢ଼ି ଦିନୁ ଦିନ, ଶେଫାଳି ମଥା ଉଠିଲା ତୋଳି ।
ଦିନୁ ଦିନ କମ୍ର ଶୋଭିଲା ପତ୍ର ହରିତ ଆଭା,
ସମୀରେ ଉଲ୍ଲାସି ଖେଳିଲା ନବ ମଂଜୁଳ-ଗଭା ।
ଉଦ୍ୟାନ ଅପର କୁସୁମ ଲତା ପୀରତି ମେଳେ
ତୁହାଁ ତୁହିଁ ହୋଇ, ସେନେହ-ଧାର ଢାଳିଲା ଗେଲେ ।
କେତେ ସେ କା ପ୍ରାଣେ ନିହିତ ଭାବ ସଂପଦ ଆଶା,
ତୁହିଁ ଢାଳେ ଅଳି ରହିଲା ରୋଧି ଅଧରେ ଭାଷା ।
ଉଦ୍ୟାନ-ଅପ୍ସରୀ ମଧୁରେ ଫୁଟି ଉଠିବ ଦିନେ,
ଖେଳିଯାଏ ସ୍ନିଗ୍ଧ କଳନା କେତେ କାହାର ମନେ ।

ବୁଲନ୍ତେ ଉତ୍‌ଫୁଲ୍ଲେ ରସିକ ମୃଗ-ସନ୍ତତି ତୁଳେ,
ନେତ୍ରେ ସେ ଦେଖିଲା ଶେଫାଳି ଗଛ କଂପନ ଢାଳେ ।
ଚୁମ୍ବିବ ଅଧରେ ଦିନେକି, ତେବେ ରଖିଲା ଭାଳି;
ଜାଣିଗଲେ, ଥରେ ମୁଖେ ତା ଦେଲେ ରସିକ ମାରି ।

Digitized by srujanika@gmail.com


ବୁଝିଲା ଅକଥ କଥାମ୍ନ, ପଶୁ ପିଲାଟି ହେଲେ;
ଅଧିକୁ ଅଧିକ ବଢିଲା ତୃଷ୍ଣା ପରାଣେ ଉରେ ।
ଅଧିକୁ ଅଧିକ ଆକଟେ ଦେଲେ ରସିକ ରଖି;
କନ୍ଦ ସେ ଉଚ୍ଚାଟେ, ଭୁଲଇ—ମୃଗେ ନ ଯିବ ଗୁଖି ।
ଦେଖି ଅତି ତାର ଅଥୟପଣ, ରସିକ ହସି;
କହିଲେ, 'ଅବୋଧ ମିଛେଟି ଗଲେ ଲୋଭୁଛୁ ରସି' ।

ପାହିଲେ ଯାମିନୀ, ଶେଫାଳି ମୃଗ ଚୁମ୍ବିବ ବାରେ;
ପାହିଲେ ଯାମିନୀ, ରସିକ ଡ଼ୋରେ ବାନ୍ଧିବେ ତାରେ ।
ସାମ୍ଭ୍ରାନ୍ତ ମେଲାପେ ପରଶି କରେ ତନୁ ସେ ତାର,
କେତେ ଗେଲେ ନିତି ସୋହାଗେ କଲେ ହରଷଭର ।
ପାଶୋରି ଯାଇଛି ତା' ପଣ, ଡୋର ବନ୍ଧନ କଥା;
ନାହିଁ ମନେ ବସି ନିକଟେ ପଦା ଶେଫାଳି-ଲତା ।
ଜନନୀ-ଗରଭୁ ଜନମିଥିଲେ ଭଗିନୀ ହୋଇ,
ଏକୁ ବଳ ସ୍ନେହ ଶିଖି କି ପାରଥାଆନ୍ତା ଯାଇ ?

ହେଲେ, ମନେ ଲଖି ଶେଫାଳି ତଳ ରହିଛି ତାର;
ଥରେ ହେଲେ ମୁଖେ ଚୁମ୍ବିବ, ନିଶି ହୋଇଲେ ଭୋର ।
ନୋହିଲେ ବ୍ୟର୍ଥ ଜୀବନ ପୂର ଆବାସ ସୁଖେ;
ବନେ ଥିଲେ, କେତେ ଶେଫାଳି ଝୁଣ୍ଡି ନଥାନ୍ତା ମୁଖେ ।
ନାହିଁ ଡୋର ଗଲେ ଲଗାଇ ଦେବ, ପରାଣେ ଥାଉ;
ଡ଼ୋରରେ ବନ୍ଧା ହେଲେ, ଶେଫାଳି କାହୁଁ ଛୁଇଁବ ଆଉ ?

କରମେ ରସିକ ନିମିଷେ ଆଖି ବୁଲାନ୍ତେ ବସି,
ତେଜି ବାସ ମୃଗ-ସନ୍ତତି ଗଲା ରୂପତେ ଖସି ।
ନାହିଁ କି ଅବୋଧ ବୁଝିଲା, କାହିଁ ଯାଉଛି ଗୃହ ?
ଦିନେ ନିଶି ତମେ ରସିକ ପାଶୁ ନ ଥିଲେ ଛଡ଼ ।
ଜାଣିଥିଲେ, ଆଜ ସ୍ୱହସ୍ତେ ତୋଳି ଶେଫାଳି ଗଭା,
ଦେଇଥାନ୍ତେ ସୁଖେ ତା' ମୁଖେ; କିବା ସମ୍ପଦ ସେବା ।
ନ ଜାଣି ସେ, ମୃଗ ଆବାସୁ ଗଲା ଅନ୍ତର ହୋଇ;
ଫେରି ଆଉ ଥରେ ଆବାସେ ପୁଣି ଆସି ସେ ନାହିଁ ।
ଠାକ ରହିଥିଲା ଶାର୍ଦ୍ଦୂଳ ବାଟେ ଜଠର ଜ୍ୱାଳେ;
ଘୋଡ଼ି ଗଲେ ଦାନ୍ତ ନଖରେ, ନେଲା ରୂପତେ ତାରେ ।
ଜୀବନ ଅନ୍ତିମ ମେଲାଣି କାରେ ନ ଦେଲା କେହି;
ରହିଲେ ଆବାସେ ରସିକ, ମୃଗ ଗଲାଟି କାହିଁ ।
ନିଶି ଭୋରରେ ଶୈଳ ଗହ୍ୱରେ ଶବ ମିଳିଲା ସିନା;
ରକ୍ତେ ତନୁ ବୁଡ଼ି ରହିଛି, ମୁହଁ ନ ଯାଏ ଚିହ୍ନା ।
ଚିହ୍ନିଥିଲେ, ମୃତ ଅଧର ତର ମେଲାଣି ଭରେ,
ଛୁଇଁଥାନ୍ତେ ମୁଖେ ରସିକ, ନେଇ ଉତ୍ତ୍ରାଇ ନାରେ ।
ରହିଲା ଉଦ୍ୟାନ ଶେଫାଳି-ଲତା ନ-ଡ଼ର ମନେ,
ଫୁଟିଥିବ ଫୁଲ; ରସିକ ଦେଖିଥାଆନ୍ତେ ଦିନେ ।

Digitized by srujanika@gmail.com



# କାଗଜ କଥା ।

ଶ୍ରୀ ନିକୁଞ୍ଜକିଶୋର ଦାସ ।

ତୁଳା, ଘାସ, କାଠ, ବାଉଁଶ ଓ ଅନ୍ୟାନ୍ୟ ପ୍ରକାର ତନ୍ତୁବିଶିଷ୍ଟ ଜିନିଷମାନଙ୍କରୁ କାଗଜ ତିଆରି ହେବା କଥା ପୂର୍ବରୁ ବୋଲାଯାଇଛି । କାଗଜ ତିଆରି କରିବାର ପ୍ରଣାଳୀ ବିଶେଷଭାବରେ ଆଲୋଚନା କରିବାକୁ ବସିଲେ, ପ୍ରଧାନତଃ ତିନୋଟି କ୍ରମରେ ଉକ୍ତ ପ୍ରଣାଳୀକୁ ବିଭାଗ କରିବା ଆବଶ୍ୟକ ।


୧ Cellulose ବା

୨ Pulp ବା ଶସ ।

୩ କାଗଜ ।

କାଗଜ ତିଆରିର ଉପକରଣ ଭିତରୁ ଛିଣ୍ଡା କନାହିଁ ମୂଳ ଜିନିଷ । ଛାପା କାଗଜଭିତରୁ ଅଧିକାଂଶ ସେଇଥିରୁ ତିଆରି । ଆମ ଦେଶରେ ଛିଣ୍ଡାକନାର କିଛି ମୂଲ୍ୟ ନାହିଁ—କଳ କାରଖାନା ଥିଲେ ସିନା କନାର ଦାମ ହୁଏ; ତଥାପି ଆମର ଦେଶରୁ ଦେଶ ବିଦେଶର କଳ କାରଖାନା ବାଲାଏ ଅଳ୍ପଦାମରେ ଛିଣ୍ଡାକନା କିଣି ନେଇଯାଆନ୍ତି । ରେଳ ବିଭାଗରେ—କଳ କାରଖାନାରେ ପୋଛି ପୋଛି କରିବାରେ—କାଗଜ କଳରେ କାଗଜ ତିଆରିରେ ଅଳ୍ପ ବହୁତରେ ଲାଗିଥାଏ । ଆମ ଦେଶରେ ଛିଣ୍ଡାକନା କେହି ସଂଚ ରଖେନାହିଁ । ଲୁଗା କଳରୁ ଅନେକ ରଦିକନା ଆମଦାନି ହୁଏ, ସେ ସବୁ କଳକାରଖାନା କାମ ସାରି ପୁଣି ନୂଆ କାଗଜ ତିଆରି କରିବାରେ ଲାଗେ । କାଗଜ ପୁରୁଣା ହୋଇଗଲେ ବଜାର ବୁଲି ପୁଣି ଯାଇଁ କମ ଦାମ୍ର କାଗଜ ତିଆରି କରିବାରେ ଲାଗେ । ଏମିତି ଗୋଟାଏ ଦରକାରି ଅଦରକାରିର ଚକ୍ର ବରାବର ଚାଲିଛି । ଆମ ଦେଶର ଲୋକେ ସେ ଆଡକୁ ଟିକିଏ ଆଖି ମେଲାଇ ଚାହିଁବାର ପ୍ରୟାସ କରୁଅଛନ୍ତି ।

କାଗଜ କାରଖାନାରେ ଗଣ୍ଠି ଗଣ୍ଠି ହୋଇ ଛିଣ୍ଡାକନା ଆସି ପହଞ୍ଚେ । ପହଞ୍ଚିଲାରୁ କଳ ସାହାଯ୍ୟରେ




ଛିଣ୍ଡାକନା ବଛାଇ ।

ସେଥିରୁ ଉପର ଧୂଳି ମଇଳା ଝାଡିଝୁଡି ଦିଆହୁଏ ।



Digitized by srujanika@gmail.com

ବଡ ବଡ କାଠ ବାକୁସରେ ତାକୁ ନେଇ ରଖନ୍ତି । ବାକୁସ ତଳେ କାଲସବୁ ଥାଏ । ଯେଉଁଠି ମୂଲଆମାନେ ବସି କନାସବୁ ବାଛୁପକାନ୍ତି । କନା ଦହରୁ କାଠି କୁଟା, ବେତାମ ତାର ସବୁ ବାଛ ଅଲଗା କରଦିଅନ୍ତି—ରେଶମକୁ ଅଲଗା ରଖନ୍ତି—ସୂଲା ଜନସକୁ ଅଲଗା ରଖନ୍ତି । ସୂଲାକନା ପୁଣି ବଛାବଚ୍ଛା କରନ୍ତି । ଭିନ୍ନ ଭିନ୍ନ ପ୍ରକାରର କାଗଜପାଇଁ ଭିନ୍ନ ଭିନ୍ନ ପ୍ରକାର କନା ଦରକାର ହୁଏ—ବହଲ, ପାତଳ, ରଙ୍ଗ, ଧୋବ ସବୁ ଅଲଗାକରି ଦିଆଯାଏ । ବଛା ବଛା ସରିଲେ କଳରେ କନାକୁ ସବୁ ଚିକି ଚିକିକରି ତହିଁ ଦେଇ ଗୋଟାଏ ବଡ ଲୁହା କଡେଇରେ ବଖି ବାମ୍ପରେ ସିଝାନ୍ତି, କନା ଦହରୁ ସବୁ ମଇଳା ବାହାରିଯାଏ—ତେଲଚକଟା', କାଲଦାଗ ଆଉ ଯୋଉ ସବୁ ମଇଳା କନାଦହରେ କଡ ଯାଇଥାଏ ସେ ସବୁ ବାହାରିଯାଏ । ତା ଉତ୍ତାରେ ସୋଡା ଖାର ଇତ୍ୟାଦ ରସାୟନକ ଜନସ ଦେଇ କନାକୁ ଧୋବକରି ଦିଆହୁଏ । ସଫା ହୋଇଗଲାରୁ କଳ ସାହାଯ୍ୟରେ କନାକୁ ଖୁବ ବାଡାନ୍ତି ବା କାଟନ୍ତି—ଖୁବ୍ ମାଡ ପାଇଲାରୁ କାଗଜ ତିଆରି କରିବାପାଇଁ ପାଣି ଦହରେ ଯେଉଁ ସବୁ




କାଗଜ ହେବା ପୂର୍ବରୁ Pulp ବା ଶସର ରସାୟନକ ପ୍ରକ୍ରିୟା ।

ରସାୟନକ ଜନସ ଗୋଳା ହୋଇଥାଏ-ସେଇପାଣି ସାଙ୍ଗରେ ଏଇ ଛୁଣ୍ଡାକନା ମିଳାଇଯାଇଁ ମିଶିଯାଏ । ଏଇ କାଗଜ ତିଆରି କରିବାର Solution ରେ ଚନାମାଟି ବ naslike ଅନେକ ପରିମାଣରେ ମିଶା ଯାଇଥାଏ ।


କାଠ, ଘାସ ଓ ବାଉଁଶରୁ କାଗଜ ତିଆରି କଲାବେଳେ ବା ଛୁଣ୍ଡାକନାକୁ କାଗଜ ତିଆରିର ଉପଯୋଗୀ କରିବାପାଇଁ ତାକୁ ଖୁବ୍ ନରମ, ଆଉ ବଉଳ କରିବା ଦରକାର—ଖୁବ୍ ଥଲଥଲିଆ ନୋହିଲେ ପାଣି ସାଙ୍ଗରେ ମିଳାଇଯିବନାହିଁ । ସେଥିପାଇଁ ଗୋଟାଏ ବଡ ଟାଙ୍କିଥାଏ—ତା ଭିତରେ ତଳେ ଅସଂଖ୍ୟ ଛୁରି ବଧା ହୋଇଥାଏ, ଆଉ ତା ଭିତରେ ଗୋଟାଏ ବଡ ପିମ୍ପା ଖୁବ୍ ଜୋରରେ ବୁଲୁଥାଏ, ତା ଦହରେ ମଧ୍ୟ ଅସଂଖ୍ୟ ଛୁରି, ସେ ଛୁରି ସଙ୍ଗରେ ଟାଙ୍କି ଦହର ଛୁରି ଏକାବେଳକେ ଘସିହୋଇ ଗ୍ଲଥାଏ । ମାଉଁସ ପେଷା କଳ ଅନେକ ଦେଖିଥିବେ—କାଗଜ ତିଆରିର ଏ କଳଟି ଅନେକ ଅଂଶରେ ତାରିଭଳି । କାଠ, ଘାସ, ବାଉଁଶ, କନା ଯାହା ଏଥିଭିତରେ ପଡେ, ସେଇ ଦୁଇପାଟି ଛୁରିଭିତରେ ପଡ ତନ୍ତୁଯାକ ସବୁ ଅଲଗା ଅଲଗା ହୋଇ ନରମ ହୋଇଯାଏ । ସେଥିରୁ ତାକୁ ବାଡେଇ ବାଡେଇ ପାଣି ଓ ଅନ୍ୟାନ୍ୟ ରସାୟନକ ଜନସ ସଙ୍ଗରେ ମିଶାନ୍ତି । ଭଲହୋଇ ପାଣିସଙ୍ଗରେ ମିଶିଗଲାରୁ ସେଥିରେ ଅପର୍ଯ୍ୟାପ୍ତ ପାଣି ମିଶାଇଦଅନ୍ତି—ପ୍ରାୟ ୯୦ ଭାଗ । ସବୁ ମିଶି ଦୁଧପରି ଗୋଟାଏ ପାଣିଆ ଜନଷ ହୋଇଯାଏ । ପୁଣି ଆଉଥରେ ତାକୁ କାଗଜ କଳ ଉପରେ ଯେଉଁ ବଡ ବାକୁସ ଥାଏ ତହିଁରେ ପୂରାଇ ଭଲକରି ମନ୍ଥି ଦିଆହୁଏ ୯୯ ଅଂଶରୁ ବେଶି ପାଣି ମିଶାଇଦେଇ ଏକାବେଳେକେ ଅଖଦଡା ଧୋବଲ ପାଣିଆ ଜନସ କରି ଦିଆହୁଏ । ସେଇ ବଡ ବାକ୍ସ ତଳେ ଗୋଟାଏ ନୟ୍ମାମକ ଦ୍ୱାର ଥାଏ । ବାକ୍ସ ତଳର କାଗଜ କଳ ଦହର ତାର-ଜାଲି ଉପରକୁ ସେଇ ଦ୍ୱାରଦେଇ ବୋହିଆସିବା ବେଳକୁ ତା'ର ଓଜନ ଜାଣି ହୋଇଯାଏ । ଏଇ ଜାଲି ତମ୍ବାର ଖୁବ୍ ସରୁ ସରୁ ତାର ଗୁନ୍ଥି ତିଆରି—ଦୁଇଟା ବେଲନା ଦହରେ ଏମିତି ଭାବରେ ଗୁଡ଼ା ଯେ ଗୋଟାପାଖ ଖୋଲିଲା ବେଳକୁ ଅନ୍ୟପାଖ ଗୁଡାଇ ହୋଇଯାଏ—ଗୋଟାଏ ବେଲନା ଓ ଆଉ ଗୋଟାଏ ବେଲନା ଭିତରେ ଯେତେକ ଜାଲି ସେଥିରୁ କେତେକ ଅଂଶ ସଂକୁଚିତ ପବନର ଗୋଟାଏ ରସ ଶୋଷଣ ବାକ୍ସ ଉପରେ ଗୁନ୍ଥିଥାଏ—କାଗଜ ତିଆରି ଦ୍ରାବ ( Solution ) ସେ ଜାଲି ଉପରେ ଆସି ପଡଲାରୁ ପାଣିଆ ଅଂଶ କେତେକ

Digitized by srujanika@gmail.com

ଗଲ ବାହାର ଯାଏ—ଆଉ ସେ ଉପଶୋଷଣ ବାକ୍ସ ଅଧିକାଂଶ ପାଣିଆ ଅଂଶ ଶୋଷି ନେଇଯାଏ । ତା'ର ଜାଲି କଳ ସାହାଯ୍ୟରେ ଖୁବ୍ ଥର ଥର ହୋଇ ଥରୁଥାଏ—ସେଥିଯୋଗେ ବଉଳ୍ତ ତନ୍ତୁ ପୁଣି ଲାଗି ଲାଗିଯାଏ । ତାର ଜାଲିଆଉତକ ଯୋଡାଇ ଗୋଟାଏ ଫେଲ୍ଟର ପରଦାଦିଆ ପେପା ଦୁଇଖଣ୍ଡ ଉଭା ଲୁହା ଦେହରେ ବନ୍ଧା-ହୋଇ ତାର ସଙ୍ଗରେ ଲାଗି ବୁଲୁଥାଏ । ତାର-ଜାଲି ଉପରର କାଗଜ ଶସ ଉପରୋକ୍ତ ଉପାୟରେ ଘନ ହୋଇଗଲାରୁ ଫେଲ୍ଟ ଓ ତାର-ଜାଲି ଦୁହିଁଙ୍କ ଭିତରେ ଚିପିହୋଇ ସମାନ ହୋଇଯାଏ । ଏତିକବେଳେ



ଶସ ( କାଗଜହେବାର ଠିକ୍ ବହୁତ ପୂର୍ବରୁ )



କାଗଜ ତିଆର ।

କାଗଜ ଦେହରେ ଯା'ହା water mark ଦବାର ଦିଆ-ହୁଏ । ସେତିକିବେଳକୁ ଖୁବ୍ ପତଳା ଅସମାନ ଜାଲି-ଜାଲିଆ ପରଦା ଲଗା କାଗଜ ଫରଦ ତିଆର ହୋଇ-

ଯାଏ—ଅତିରେ ତାରଜାଲି ସମାନ—ଲମ୍ବରେ ଏକା-ବେଳେକେ ଅସରନ୍ତି । ସେଇପ୍ରକାର କାଗଜକୁ ଆହୁରି ଘନ ଓ ସମାନ କରିବାକୁ ଉପରତଳ ଦୁଇଟା ପଶମ ପଟି ଭିତରଦେଇ ଚଲେଇ ଦିଆହୁଏ—କାଗଜର ଜାଲି ଅଂଶ ଭାଙ୍ଗିଯାଏ । ଏଇ ପ୍ରଣାଳୀ ଆହୁରି ଥରେ ଆବୃତ୍ତି କରିସାରିଲା ପରେ ତାକୁ ଶୁଖାଇବାପାଇଁ ପୁଣି କଳର ସାହାଯ୍ୟ ଦରକାର ହୁଏ । ଲୁହାର ବଡ଼ ବଡ଼ ପିପା କଳରେ ଖୁବ୍ ଜୋରରେ ବୁଲୁଥାଏ—ବାମ୍ଫରେ ତାକୁ ଖୁବ୍ ଗରମ କରି ଦିଆ ହୋଇଥାଏ । କାନ୍‌ଭସର ପଟି କାଗଜକୁ ଧମନ କରି ଅଣ୍ଟାରେ ଧରି ଉପର ପିପା ଉପର-ଦେଇ ମୋଡେଇ ତଳ ପିପା ତଳେ ଚଲେଇ ପୁଣି ପିପାକୁ ପିପା ହେରଫେର କରି ନେଉଥାଏ । ଏହାପରେ କେତେ-ବେଳଯାଏ କରିବାରେ ପତଳା ଅଦମ୍ୟ କାଗଜ ଖୁବ୍ ଘନ ଓ ଟାଣୁଆ ହୋଇଯାଏ । କାଗଜ ତିଆରି ଏକପ୍ରକାର ଶେଷ ହେଲା—ଏଣିକି କାଗଜ ଉପର ପାଲିସ କରିବା କଥା । ବହି ଛାପାପାଇଁ ଯେଉଁ ପାଲିସ କାଗଜ ଆବଶ୍ୟକ ହୁଏ ତାକୁ ଆହୁରି ଥରେ ସେଇ ଧରଣର ନିଦା ଲୁହା ବେଲଣା ଭିତର ଦେଇ ଚଲେଇ ଦିଅନ୍ତି । ଏଇ ବେଲନା ଗୁଡିକ ଶୁଖାଇବା କଳଠାରୁ ଆହୁରି ଅଧିକ ଜୋରରେ ବୁଲୁଥିବାରୁ, ଆଉ ଖୁବ୍ ଭାର ଓ ଲାଗି ଲାଗି ମିଞ୍ଜି ହୋଇଥିବାରୁ, କାଗଜର ଉପର ସମାନ ଓ ପାଲିସ୍ ହୋଇଯାଏ । ଏତେ ପାଲିସ କରିବା ଦରକାର ନ ଥିଲେ ଅଳ୍ପ କେଇଟା ବେଲଣା ଭିତରେ ଚଲେଇ ଅଳ୍ପ ସମୟରେ କାମ ସାରି କାଗଜକୁ ଗୁଡେଇ ରଖନ୍ତି ।


ସବୁ କାଗଜର ପାଲିସ୍ ସମାନ ନୁହେଁ । ପାଲିସ କାଗଜର ଛାପା ଭଲ ଉଠୁରେ ଏବଂ ଛବି ମଧ୍ୟ ଭଲ ଛପିହୁଏ । ପାଲିସ୍ କାଗଜ ମୋଟାହେଲେ ଖୁବ୍ ଦମ୍ଭ ହୁଏ ଏବଂ ତା' ଉପର ଛାପା ଅନେକଦିନ ଉଜ୍ଜ୍ୱଳ ରହୁଥାଏ । ଏଥିପାଇଁ ପାଲିସ କାଗଜ ସାଧାରଣ କାଗଜ ଅପେକ୍ଷା ବେଶି ଦାମିଆ । ସାଧାରଣ ପ୍ରଣାଳୀରେ କାଗଜ ତିଆରହୋଇ ସରିଲାରୁ—ସେଇ କାଗଜକୁ ଆହୁରି ବେଶି ପାଲିସ୍ ଓ ସୁନ୍ଦର କରିବାପାଇଁ—ବଡ଼ ବଡ଼

Digitized by srujanika@gmail.com

ଗଙ୍ଗାଳରେ ଚନାମାଟି ଓ ପାଣି ମିଶାଇ ରଖନ୍ତି । ସେଥିରେ Casein ମିଶାଇ ଯେଉଁ ରଙ୍ଗ ଆବଶ୍ୟକ ସେ ରଙ୍ଗ କରନ୍ତି । ଏ ଜିନସଟିକୁ ସମ୍ପୂର୍ଣ୍ଣ ପାଣିଆ ନ କରି ବହଳ କାଦୁଅ କରିରଖନ୍ତି । Enamel ତିଆରି ହୋଇ ସାରିଲାରୁ ଯନ୍ତ୍ର ( Coating machine ) ସାହାଯ୍ୟରେ ତାକୁ ଖବ୍ ସମାନ ଭାବରେ ବହଳକରି କାଗଜ ଉପରେ ପାରି ଦିଆହୁଏ । Coating machine ରେ ଖୁବ୍ ଚଉଡ଼ା ନରମ ବ୍ରୁସ୍ ଆଗ ପଛ ଚାଲୁଥାଏ—ସେଇ ବ୍ରୁସ୍ କାଗଜ ଉପରେ Enamel କୁ ସମାନକରି ଲଗାଇ ଦିଏ । ମେସିନ୍ Enamel ପରେ କାଗଜକୁ ଲୁଗାରେ ଘୋଡାଇଦେଇ ଶୁଖାଇବା ସ୍ଥାନକୁ ନେଇଯାଏ । ଗରମ ପବନ ଦୁଇଟା ପର୍ଦ୍ଦା ମଧ୍ୟରେ ଚଳାଇ ଦେଲାରୁ ଉପରର Enamel ଶୁଖି ଠାଣରେ ଲାଗିରହେ । କାଗଜକୁ ଆଉ ଥରେ ବେଲନା ( Roller )ରେ ଗୁଡ଼ାଇ ରଖନ୍ତି । ଏ ପର୍ଯ୍ୟନ୍ତ ସୁଦ୍ଧା କାଗଜ ବେଶି ପାଲସ୍ ହୋଇ-ଥାଏ, ଅନେକ ଗୁଣରେ ଛପା କାଗଜପରି ଦିଶୁଥାଏ । Super Calender ବୋଲି ଆଉ ଗୋଟାଏ ଯନ୍ତ୍ର—କେତେ ଗୁଡ଼ାଏ ବେଲଣା ଏକାଠି ତା' ଉପରେ ତା' ଉପରେ ଲଗି ଲଗି କଳରେ ଖବ ଜୋରରେ ବୁଲୁଥାଏ—ଗୋଟାଏ ଲୁହା ବେଲନା ତା' ତଳେ ଆଉ ଗୋଟାଏ ପଟାପରି କାଗଜ କମ୍ବା ତୁଳାର ବେଲନା, ତା' ତଳେ ଆଉ ଗୋଟାଏ ଲୁହା ବେଲନା ଏମିତିକରି ସେ ବେଲଣାମାନଙ୍କ ସଜ୍ଜା । ପ୍ରଥମ ବେଲନାରେ ଗୁଡ଼େଇହୋଇ ତା' ତଳକୁ ତା' ତଳକୁ ଧରି ଶେଷ ସବୁତଳ ବେଲନା ବାହାରେ କାଗଜ ଗୁଡେଇ ହୋଇଯାଏ—ବେଲନାଗୁଡିକ ଲାଗି ଲାଗି ଖୁବ୍ ଅସମ୍ଭବ ରକମ ଜୋରରେ ବୁଲିବା ଯୋଗେ ତା' ସାଙ୍ଗରେ ଲାଗି ଓ ଲୁହା ବେଲଣାର ଭାରରୁ କାଗଜ ପାଲସ୍ ଓ ଚକଚକିଆ ହୋଇଯାଏ ।

କାଗଜପଲସ୍‌ର ତାରତମ ଶସ ତିଆରି ଉପରେ ସମ୍ପୂର୍ଣ୍ଣ ନିର୍ଭର କରେ । ପାଲସ୍ ଛପିବା କାଗଜର ଶସ ତିଆରି କରିବାବେଳେ 'filler' ବ୍ୟବହାର କରିବା ଦ୍ୱାରା ତା'ର ଚିକଣା ଫୁଟିଉଠେ ।

କାଗଜ ଗୋଟାଏ ଚଉଡ଼ା ଧରି ଅନେକ ଲମ୍ବର ତିଆରି ହୋଇସାରିଲେ ତାକୁ କାଟି ଛାଣ୍ଡି ନିର୍ଦ୍ଦିଷ୍ଟ ଆକାର କରିବା ମଧ୍ୟ ଆବଶ୍ୟକ ହୁଏ । ଏ କାର୍ଯ୍ୟ ମଧ୍ୟ ସେଇ କଳ କରେ ।



Super Calender. ବା ପାଲସ କରିବା ଯନ୍ତ୍ର ।

କାଗଜତିଆରି ପ୍ରଣାଳୀ ଠିକେ୨ ବୋଲାଗଲା । ଅବଶ୍ୟ ଏଥିରେ ଅନେକ Technical Skill ଓ Expert ଜ୍ଞାନ ଆବଶ୍ୟକ । ଆଗରୁ କାଗଜ ତିଆରି ବ୍ୟବସାୟ୍ରର ହାନିଲାଭ କଥା ଦେଖାଇ ଦିଆଯାଇଅଛି । ଆମ ଦେଶରେ ଲୋକେ ଅଛନ୍ତି ଯେଉଁମାନଙ୍କର ବିଦେଶକୁ ଯାଇଁ Technical Skill ଅର୍ଜ୍ଜନ କରିବାର ଏବଂ ତାକୁ ଦେଶର ଲୋକଙ୍କୁ ଧରାଧରି କରି କାର୍ଯ୍ୟରେ ଲଗାଇବାର ସମ୍ବଳ ଅଛି—କେବଳ ଅଭାବ ସାହସ । ସରକାର ଯେ ସାହାଯ୍ୟ ନ ଦେବେ ଏପରି ନୁହେଁ—କେବଳ ଅଙ୍ଗା-ଭିଡିଲେ ହେଲା ।

## କାଚ-ଚିତ୍ରଣ ।

କାଚ-ଚିତ୍ରଣ ଏକଥାଟା ଏ ଦେଶରେ ଆଗ ନୂଆ । ବ୍ୟବସାୟ୍ର ହିସାବରେ ଏହାର ଯେ କିଛି ମୂଲ୍ୟ ଅଛି ଆମଦେଶର ବ୍ୟବସାୟ୍ର-ପାଗଳ ବାବୁମାନେ ମଧ୍ୟ ତାହା କେବେ ଭାବୁନଥିବେ ।

Digitized by srujanika@gmail.com

### ପରିଚୟ

କାଚ ପାନିଏଲ * ଉପରେ ରୁଚି ଅନୁସାରେ ନାନା ପ୍ରକାର ଅକ୍ଷର, ବିଜ୍ଞାପନ, ଉପଦେଶ ପଦାବଳୀ ବା ଚିତ୍ର ଲେଖି ଛବି ବନାଇବା ସୂତ୍ରରେ ତାକୁ ବାନ୍ଧିନେଇ ବଜାରରେ ବିକ୍ରି କରାହୁଏ । ଦୋକାନଦାର ଓ ବ୍ୟବସାୟୀମାନେ ନିଜ ନିଜର ବିଜ୍ଞାପନ ପାଇଁ—ଧର୍ମପ୍ରାଣ ଲୋକମାନେ ମହାତ୍ମାମାନଙ୍କର ଉତ୍କୃଷ୍ଟ ପଦାବଳୀ ପାଇଁ ଓ ସୌଖିନ୍ ଲୋକମାନେ ଛବିରେ ଘର ସଜାଇବାପାଇଁ ଏପ୍ରକାର ଜିନିଷ ଅନେକ କିଣନ୍ତି ।

### ଇତିହାସ

ଅଷ୍ଟାଦଶ ଶତାବ୍ଦୀର ପ୍ରାରମ୍ଭରେ ଇଟାଲିରେ ପ୍ରଥମେ ଏହି ଶିଳ୍ପର ଉଦ୍ଭବ ହୁଏ । ତାହା ପୂର୍ବରୁ ଗ୍ରୀସ ଓ ମିଶରର କେତେକ ସ୍ଥାନରେ ଚିତ୍ରକର ଓ କଳାବିଦ୍‌ଗଣ ଏ ବିଦ୍ୟାର ଅଳ୍ପ ଅଳ୍ପ ଚର୍ଚ୍ଚା କରୁଥିବାର ପ୍ରମାଣ ମିଳୁଥିଲେ ସୁଦ୍ଧା ବ୍ୟବସାୟ ହିସାବରେ ଏହାକୁ କାର୍ଯ୍ୟକାରୀ କରିବା କଥା ସର୍ବପ୍ରଥମେ ଇଟାଲୀୟଙ୍କ ମୁଣ୍ଡକୁ ଆସେ । ସେହିଦିନ୍ ସଭ୍ୟ-ଜଗତର ସବୁଶ୍ରେଣୀର ଲୋକମାନଙ୍କ ଭିତରେ ଏହାର ପ୍ରସାର ଓ ଆଦର ବୃଦ୍ଧିପାଉଛି । ଏପରିକି ମାର୍କିନ ଯୁକ୍ତରାଷ୍ଟ୍ରରେ ଏହି ଶିଳ୍ପର ଉନ୍ନତିକଳ୍ପେ ଯାନ୍ତ୍ରିକ ଶକ୍ତି ମଧ୍ୟ ନିଯୋଜିତ ହେଉଅଛି । ଏସବୁ ବଡ଼ ବଡ଼ କଥା । ବେଶି ମୂଳଧନ ଓ ଶକ୍ତିର ପ୍ରୟୋଜନ, କିନ୍ତୁ କୁଟୀରଶିଳ୍ପ ହିସାବରେ ଏହା ଯେ ଯଥେଷ୍ଟ ଲାଭଜନକ ଏହି ବିଷୟରେ ଦୁଇଚାରି କଥା କହିବାକୁ ଏ ପ୍ରବନ୍ଧର ଅବତାରଣା କରାଗଲା ।

### ଯନ୍ତ୍ରପାତି

କାର୍ଯ୍ୟ ଆରମ୍ଭକରିବା ପୂର୍ବରୁ ଏହି କେତୋଟି ପଦାର୍ଥ ପ୍ରୟୋଜନ । (୧) କାଚ ଫଳକ, (ନାନା ଆକାରର ୬ ଖଣ୍ଡ), (୨) ଚିତ୍ର କରିବାପାଇଁ ତୁଳି (୧ ନମ୍ବର, ସବୁଠାରୁ ୬ ନମ୍ବର ପର୍ଯ୍ୟନ୍ତ), (୩) ରଙ୍ଗ ଗୋଳିବା ପାଇଁ ଅଠେଟି ଗ୍ଲେଜ୍ ମାଟି ବା ଚିନାବାସନର ସର, (୪) ତେଲ ମିଶ୍ରିତ କାଚର ତୈଳରଙ୍ଗ—ଧଳା, କଳା, ନାଲି, ନେଳି, ହଳଦିଆ, ସବୁଜ, ଦୁଇ ପୁଡ଼ିଆ ସୁନେଲି ଓ ରୁପେଲି ରଙ୍ଗ; (୫) କାଚ ବାନ୍ଧିବାକୁ ଛଅଖଣ୍ଡ ସାଧାରଣ ଛବି ବନ୍ଧା ବଠ, (୬) କାଚ ପଛରେ ଜଡ଼ିବାପାଇଁ କେତେଖଣ୍ଡ ଦପ୍ତି ବା ପଟା-କାଗଜ ଏବଂ (୭) ରଙ୍ଗ ମିଶାଇବା ଲାଗି ଦୁଇ ଛଟାଙ୍କି ଟାର୍ପିନ ✝ ।

### କାର୍ଯ୍ୟ

କାର୍ଯ୍ୟ ଆରମ୍ଭକରିବା ପୂର୍ବରୁ ପ୍ରଥମେ କାଚଟିକୁ ଧୋଇ ପରିଷ୍କାର କରିବାକୁ ହେବ । ଶୁଖିଗଲେ ତାହା ଉପରେ ଇଚ୍ଛା ଅନୁସାରେ ଅକ୍ଷର ବା ଚିତ୍ର ଆଙ୍କିବ । କାଚର ସ୍ୱଚ୍ଛତା ଗୁଣରୁ ଆରପଟେ ତାର ଅବିକଳ ଓଲଟା ପ୍ରତିଲିପି ଦେଖାଯିବ । ସେହି ଓଲଟା ପ୍ରତିଲିପି ଉପରେ ଇଚ୍ଛାଅନୁସାରେ ଅକ୍ଷର ବା ଚିତ୍ର ସ୍ଥାନରେ ରଙ୍ଗ ପୂରଣ କରିବାକୁ ହେବ । ତେବେ ସାଧାରଣ କାଠ ବା ଧାତୁ-ଫଳକ ଉପରେ ଚିତ୍ର କରିବାଠାରୁ କାଚ ଉପରେ ଚିତ୍ର ଅଙ୍କନରୀତି ଟିକେ ଭିନ୍ନ । ଭିନ୍ନ କାହିଁକି ଠିକ୍ ଓଲଟା । ଅର୍ଥାତ୍ କାଠ ବା ଧାତୁ-ଫଳକରେ ପ୍ରଥମେ ଜମି Back ground ତିଆରିକରି ତହିଁ ଉପରେ ଅକ୍ଷର ବା ଚିତ୍ରର ରଙ୍ଗ ଦେବାକୁ ହୁଏ, କିନ୍ତୁ କାଚଉପରେ ଅକ୍ଷର ବା ଚିତ୍ର ପ୍ରଥମେ ଲେଖିବ, ତାହା ଶୁଖିଗଲେ ତହିଁ ଉପରେ କଳା ବା ନେଳି ଯେ କୌଣସି ଇପ୍ସିତ ରଙ୍ଗର ଜମି ଦେବାକୁ ହେବ । ତେବେ ଜମିପାଇଁ ସର୍ବଦା କଳାରଙ୍ଗ ନିର୍ବାଚନ କରିବା ବାଞ୍ଛନୀୟ । କାରଣ କଳାରଙ୍ଗଉପରେ ଯେ କୌଣସି ରଙ୍ଗର ଅକ୍ଷର ଅଧିକ ପରିସ୍ଫୁଟ ହୁଏ । ଅଧିକନ୍ତୁ କଳାରଙ୍ଗ ଚିତ୍ରର ବର୍ଣ୍ଣ ଉପରେ କୌଣସି ପ୍ରଭାବ ବିସ୍ତାର କରେନାହିଁ । ସମସ୍ତ ରଙ୍ଗ ଶୁଖିଗଲେ ଫଳକର ଆଗପାଖର ପ୍ରଥମ ଅଙ୍କନ ଚିହ୍ନଗୁଡ଼ିକ ସାବଧାନରେ ଧୋଇଦେଇ କାଚପଛରେ ପୂର୍ବକଥିତ ପଟାକାଗଜ ଦେଇ କାଠ ବଠରେ ବାନ୍ଧିନେଲେ କାମ ସରିଲା ।

---

* କାଚ ଆଲମାରିରେ ଯେ ପ୍ରକାର କାଚଫଳକ ବ୍ୟବହୃତ ହୁଏ ସେହି ପ୍ରକାରରେ କାମ ଚଳିବ ।

✝ କାଚ, ପଟାକାଗଜ ଓ ତୁଳି ଆଦି ଜିନିଷ ସହରର ବଡ଼ ବଡ଼ ଷ୍ଟେସନାରି ବା ମନୋହରି ଦୋକାନ ବା ବହିଦୋକାନମାନଙ୍କରେ କିଣିବାକୁ ମିଳେ । ଟାର୍ପିନ, ରଙ୍ଗ ଆଦି ବଜାରର ପ୍ରତ୍ୟେକ ବଣିଆଙ୍କ ଦୋକାନରେ ପ୍ରାୟ ବିକାହୋଇଥାଏ; ଅଉ କାଠ ବଠ, ସେତ ଯେ କୌଣସି ବଢ଼େଇକୁ ବରାଦଦେଇ ପସନ୍ଦ ଅନୁସାରେ କରିନେଲେ ଚଳେ ।



Digitized by srujanika@gmail.com

କାଚଉପରେ ଚିତ୍ର ବା ଲେଖା ଯାହାହେଉ, ଶିଳ୍ପୀର ସୌନ୍ଦର୍ଯ୍ୟ-ଜ୍ଞାନ ସର୍ବଥା ପରିସ୍ଫୁଟ ହେବା ବାଞ୍ଛନୀୟ । କେଉଁ ଜମି ଉପରେ କି ରଙ୍ଗର ଅକ୍ଷର ସୁନ୍ଦର ଦିଶିବ, କେଉଁ-ସ୍ଥାନରେ କିପ୍ରକାର ଅକ୍ଷର ବା ଚିତ୍ର ସ୍ଥାନୋପଯୋଗୀ-ହେବ—ସେ କଥା ଶିଳ୍ପି ନିଜେ ଠିକ୍‌କରିବା ଉଚିତ । କାରଣ ଏପ୍ରକାର ଜିନିଷର ବିକ୍ରି ବାହ୍ୟିକ ସୌନ୍ଦର୍ଯ୍ୟ ଉପରେ ଅଧିକ ପରିମାଣରେ ନିର୍ଭରକରେ । ଆମ ଶିଳ୍ପିଙ୍କର ଚିତ୍ର-ବିଦ୍ୟାରେ ପ୍ରବେଶ ଥିଲେ ତ ଖୁବ୍ ସୁବିଧା, ଯାହାଙ୍କର ସେ ଆଡେ ଅଭ୍ୟାସ ନାହିଁ ତାଙ୍କର ମଧ୍ୟ ନିରାଶ ହେଲେ ଚଳିବନାହିଁ । ଟିକେ ଅଭିନିବେଶ, ଟିକେ ପର୍ଯ୍ୟବେକ୍ଷଣର ସାହାଯ୍ୟ ନେଇପାରିଲେ ଅଳ୍ପକାଳ ଭିତରେ ସେ କାଚଚିତ୍ରଣରେ ସିଦ୍ଧହସ୍ତ ହୋଇ ଉଠିବେ । ପ୍ରୟୋଜନ ଖାଲି ଧୈର୍ଯ୍ୟ ।

କାଚ-ଚିତ୍ରଣରେ ଶିଳ୍ପିଙ୍କର ପ୍ରଧାନ ଲକ୍ଷ୍ୟ କରିବା ବିଷୟ ହେଉଛି, ଯାହା ସେ କରିବେ ତାହା ଯେପରି ଦେଖିବାମାତ୍ରେ ଲୋକଙ୍କୁ ସେ ଆଡକୁ ଆକୃଷ୍ଟକରେ । ଗୀତା, ଭାଗବତ, ବାଇବଲ, କୋରାନ ଆଦିର ବଛା ବଛା ପଦାବଳୀ, ନାନା ମହାପୁରୁଷଙ୍କର ଉପଦେଶ ଓ ରଚନାବଳୀ, ସାଧାରଣ ପ୍ରଚଳିତ ନୀତିବାକ୍ୟ ଓ ପ୍ରବାଦ-ବଚନମାନ ଏବଂ ବ୍ୟବସାୟୀମାନଙ୍କ ଲାଗି 'ଏକଦରରେ ବିକ୍ରି' 'ବାକି ଦିଆଯାଏନାହିଁ' 'ନିର୍ଦ୍ଧାରିତ ମୂଲ୍ୟ' 'ଧାରପାଇଁ ଅନୁରୋଧ କରିବେନାହିଁ', ଇତ୍ୟାଦି କଥାମାନ ନେଇ ପ୍ରଥମେ କାର୍ଯ୍ୟାରମ୍ଭ କରିବା ସୁବିଧା । ପ୍ରଥମେ କେତେଦିନ ବିକ୍ରି ଭଲ ନୋହିପାରେ, କିନ୍ତୁ ଥରେ ତାହା ଗ୍ରାହକଆଡେ ପ୍ରଚଳିତ ହୋଇଗଲେ ଅନେକ ଲୋକ ତାହା କିଣିବାକୁ ଓ ଫରମାସଦେବାକୁ ଆସିବେ । ବଜାର, ମେଳା, ରେଲଷ୍ଟେସନ, ଯେଉଁଠି ବେଶି ଲୋକଙ୍କ ମେଳ ସେହି ସ୍ଥାନରେ ଏ ସବୁର ବେଶି ବିକ୍ରିହେବା ସମ୍ଭାବନା । ସେଥିପାଇଁ ଆମର ଶିଳ୍ପୀ ପ୍ରଥମେ କେତେଗୁଡିଏ ସୁନ୍ଦର ନକ୍ସା ଆଙ୍କି କୌଣସି ମନୋହାରୀ ଦୋକାନରେ ବିକ୍ରିପାଇଁ ଦେବା ଦରକାର ।

ଏତ ଗଲା ଅକ୍ଷର ଲେଖିବା କଥା । ପ୍ରଥମେ ଅକ୍ଷରରେ କାର୍ଯ୍ୟ ଆରମ୍ଭକରି ଟିକେ ପାରଦର୍ଶୀ ହୋଇଗଲେ କାଚ ଉପରେ ଚିତ୍ର କାର୍ଯ୍ୟ ମଧ୍ୟ କରାଯାଇପାରେ । ପୁରୀରେ ଚିତ୍ରକରମାନଙ୍କ ଭିତରୁ କେହି କେହି ଏ ପ୍ରକାର କାଚ-ଚିତ୍ରଣ ଆଜକାଲି ସୁଦ୍ଧା କରିଥାନ୍ତି । ମୋଟ ଉପରେ ସବୁକଥା ଶିଳ୍ପୀର ହସ୍ତକୌଶଳ ଉପରେ ନିର୍ଭରକରେ । ଜିନିଷ ଯେତେ ନୂଆ ଓ ମନୋମୁଗ୍ଧକର ହେବ, ଗ୍ରାହକ ତା' ପାଇଁ ଆପଣାଛାଏଁ ଆସି ପହଞ୍ଚିବେ ।

ମୂଳଧନ :—

| | | |
|---|---|---|
| କାଚ ଚକ୍‌ତା ୬ଖଣ୍ଡ— | | ଟ ୧୫ |
| ତୂଳି ( ବିଭିନ୍ନ ଆକାରର ) ୬ ଗୋଟା— | | ଟ ।୵ |
| ପଟାକାଗଜ— ୬ ଖଣ୍ଡ | | ଟ ୦ ୵୵ |
| ମାଚିସର୍— ୮ ଗୋଟା— | | ଟ ୦ । |
| ରଙ୍ଗ | | ଟ ୦ ।୵ |
| ସ୍ପେନେଲ ଓ ରୂପେଲି ରଙ୍ଗ | | ଟ ୦ ୵୵ |
| କାଠ-ବାଟ | | ଟ ୦ ୫ |
| ବାର୍ଣ୍ଣିସ୍ | ୨ଛଟାଙ୍କି | ଟ ୦ ୵୵ |
| | ମୋଟ | ଟ ୩॥୵ |

ଗୋଟିକରେ ଖର୍ଚ୍ଚ—

| | |
|---|---|
| କାଚଚକ୍‌ତା— | ଟ ୦ । |
| କାଠବାଟ— | ଟ ୦ ୵ |
| ପଟାକାଗଜ— | ଟ ୦ (୬ |
| ରଙ୍ଗ— | ଟ ୦ (୬ |
| ମୋଟ | ଟ ୦ ।୵୵ |

ଗୋଟିଏ କାଚରେ ମୋଟାମୋଟି ଟ ୦ ।୵୵ ଖର୍ଚ୍ଚ ପଡିବ । କିନ୍ତୁ ଏପରି ଖଣ୍ଡେ ଜିନିଷର ଦାମ ବଜାରରେ ଖୁବ୍‌କମରେ ଟ ୧( ରୁ କମନୁହେଁ । ତାହାହେଲେ ଗୋଟିକରେ ହାରାହାରି ଲାଭ ରହିଲା ଟ ୦ ୫/ ଅର୍ଥାତ୍ ଶତକରା ୫୦ ଟଙ୍କାରୁ ବେଶି । ଜଣେ ଲୋକ ତାର ନିଜ କାମକର

କଲିକତାର ବଡ଼ ବଡ଼ ଦୋକାନରେ Stencil outfit ବୋଲି ଗୋଟିଏ ବାକ୍ସ ମିଳେ । ସେଥିରେ ନାନାପ୍ରକାରର ନକ୍ସା, ଫୁଲ, ଲତା, କମ ଆଦି ପଟା କାଗଜରେ ସୁନ୍ଦର ଭାବରେ କଟା ହୋଇଥାଏ । ସେହିଥିରୁ ଗୋଟିଏ ବାକ୍ସ ପାଖରେ ରଖିଲେ ପ୍ରୟୋଜନ ସ୍ଥାନରେ ସେହି ପଟା କାଗଜଟି ପକାଇ ତା' ଉପରେ ରଙ୍ଗ ତୂଳି ବୁଲାଇଦେଲେ ସୁନ୍ଦର ନକ୍ସା ଉଠିଯାଏ । ଠିକ୍ ଏକ ପ୍ରକାରର ଫୁଲ ବା ଲତା ଆଦି ଅନେକ ସ୍ଥାନରେ କରିବାକୁ ହେଲେ ଏହି ଷ୍ଟେନସିଲ ଆଉଟଫିଟ୍‌ର ସାହାଯ୍ୟ ଅପରିହାର୍ଯ୍ୟ । ଏ ଛଡା ଷ୍ଟେନସିଲ ମଡେଲ ବୁକ୍ ମଧ୍ୟ ବଜାରରେ ମିଳେ, ସେଥିରେ ଅସଂଖ୍ୟ ପ୍ରକାରର ନକ୍ସା ଥାଏ ।

Digitized by srujanika@gmail.com

ଅବସର ସମୟରେ ପ୍ରତିଦିନ ଏହିପରି ଦୁଇ ତିନିଖଣ୍ଡ ଓ କୁଟୁମ୍ବ ଧନୀମାନଙ୍କରେ ୧୦।୧୨ ଖଣ୍ଡ ଅକ୍ଲେଶରେ ପ୍ରସ୍ତୁତ କରିପାରେ, ତାହାହେଲେ ତା'ର ମାସିକ ଆୟ ଟ ୪୦।୫୦ ଙ୍କାରୁ କମ ପଡ଼ିବନାହିଁ ।

ଉପରେ ଯେ ରଙ୍ଗ ଓ ତୁଳିଆଦି ମୂଳଧନ ଲେଖାଗଲା ୫୦।୬୦ ଟି କାଚ ଏହିପରି ଚିତ୍ର କରିବାକୁ ଏତିକି ରଙ୍ଗ ଓ ବାର୍ଣ୍ଣିସ ଯଥେଷ୍ଟ । ଆଉ ତୁଳି ଓ ସବୁ ଦେଡ ବହୁତ ଦିନ ଯିବ ।

ଶେଷକଥା—

ରଙ୍ଗ ଓ ବାର୍ଣ୍ଣିସ ଆଦି ବଜାରରୁ ନ କିଣି ହାତେ ମଧ୍ୟ ତିଆରି କରିନେଇ ହୁଏ । ସାଧାରଣ ବଜାରି ରଙ୍ଗରେ ଭଲକରି ଫେଣି ତେଲମିଶାଇ ଫେଣ୍ଟିଲେ ପ୍ରୟୋଜନୀୟ ତୈଳରଙ୍ଗ ହୋଇପାରେ । ଏକଛଟାଙ୍କି ବଲୀତ ଝୁଣାକୁ ଅଗ୍ନିତାପରେ ତରଳାଇ ଟିକେ ଥଣ୍ଡାକରି ତହିଁରେ ତାର୍ପିନତେଲ ମିଶାଇ ବୋତଲରେ ରଖିଲେ ବାର୍ଣ୍ଣିସ ମଧ୍ୟ ହେଲା । ସାଧାରଣ ଗୃହପାଳିତ ଲୋମ ବା ଓଟ ଲୋମକୁ ଗୋଟେ ମୁଣ୍ଡରେ ବାନ୍ଧି ତାକୁ ଗୋଟିଏ ସରୁ ପରର ( quill ) ଭିତର ଦେଇ ଟାଣି ବାନ୍ଧ, ଦରକାର ଅନୁଯାୟୀ ମୋଟା ସରୁ ନାନାପ୍ରକାରର ତୁଳିମଧ୍ୟ ହାତେ ତିଆରି କରି ଯାଇପାରେ । ବାକିରହିଲା କାଠ ବାଟ । ଖଣ୍ଡେ ଛୋଟ କରତ, ଖଣ୍ଡେ ବଟାଲି ଓ ଦୁଇଗୋଟି ରକମର ବାଟ ଓ ସ୍କ୍ରୁଡ୍ରାଇଭର ହେଲେ ଏହାକୁ ମଧ୍ୟ ଇଚ୍ଛାନୁସାରେ ଘରେ ଘରେ ସମସ୍ତେ ତିଆରି କରିପାରନ୍ତି । ବାକି କେବଳ କାଚ ଓ ପଟାକାଗଜ ବଜାରରୁ କିଣିବାକୁ ପଡ଼ିବ । ଏପରି ତିଆରିକଲେ ମୂଳଧନତ ସହଜେ ଖୁବ୍ କମ ଦରକାର ହେବ; ତାଛଡ଼ା ପ୍ରତି ଖଣ୍ଡ ଚିତ୍ରିତ କାଚ ଟ ୦।୯ ଖର୍ଚ୍ଚ ନପଡ଼ି ତିନିଅଣା ଚାରିଅଣା ପଡ଼ିବ । ଲାଭ ମଧ୍ୟ ଶତକଡ଼ା ୨୫ ଟଙ୍କା ଅଧିକ ବଢ଼ିଯାଇପାରେ ।

## ଶିଳ୍ପ ସଂକେତ ।

### ଲୁଗାରେ ଦାଗଦେବା କାଳୀ—

ଧଳିଆ ଲୁଗାରେ ଅକ୍ଷର ଲେଖି ତହିଁରେ କଲିଚୁନ ବୋଳିଦେଲେ ଲୁଗାରୁ ସହଜରେ ଦାଗ ଉଠେନାହିଁ । ଇଂରେଜୀ ମାର୍କିଂ ଇଙ୍କ ପ୍ରସ୍ତୁତ କରିବାକୁ ହେଲେ ଦୁଇଟି କାଚ ବାଟିରେ ଅଧ ଅଧସେର ପରିଷ୍କାର ପାଣି ନେଇ ଗୋଟିକରେ ଭ ୨୦୪ର କଷ୍ଟିକ ଓ ଅନ୍ୟଟିରେ ଭ ୩। ର ସୋଡ଼ା ପକାଅ । ଦୁଇଟି ଜିନିଷ ପାଣିରେ ମିଶିଗଲେ ଦୁହିଁକି ଏକତ୍ରକଲେ ଦେଖିବ ପାତ୍ରତଳେ ଦହିପରି ଗୋଟିଏ ଜିନିଷ ବସିଯାଇଛି । ସେହି ଜିନିଷକୁ ବ୍ଲଟିଂ କାଗଜରେ ଛାଣି ତାହା ସହିତ ଭ ୧ ର ଟାର୍ଟାରିକ ଏସିଡ ଛ ୧ ଟାଙ୍କି ଡିଷ୍ଟିଲଡ୍ (ପରିସ୍ରୁତ) ଜଳ, ଭ ୩।୵ ର ଗୁନ୍ଦ ଓ ଭ ୧ ର ରୂପାକାଳି ମିଶାଇ ବୋତଲରେ ପୂରାଅ । ଏହିପରି ପ୍ରକ୍ରିୟାରେ ଅତି ସୁନ୍ଦର Marking Ink ପ୍ରସ୍ତୁତ ହେବ ।

### ଲୁଗାରୁ ସ୍ୟାହି ଦାଗ ଉଠାଇବା—

ଟେଲୁନ, ଟାର୍ଟାରିକ ଏସିଡ ଅଥବା ଅମିଳତ ପତ୍ର ଘସିଲେ ଲୁଗାରୁ କଲମ କାଳୀର ଦାଗ ପ୍ରାୟ ଉଠିଯାଏ । କିଛି ଗରମ ପାଣିରେ (Oxalic Acid) ଅକ୍ଜାଲିକ୍ ଏସିଡ୍ ବତୁରାଇ ସେ ପାଣିରେ ଧୋଇଲେ ଦାଗ ସମ୍ପୂର୍ଣ୍ଣରୂପେ ଉଠିଯାଏ । ଅକ୍ଜାଲିକ୍ ଏସିଡ୍ ବିଷ, ତେଣୁ ସାବଧାନରେ କାରବାର କରିବା ଉଚିତ । ଦାଗ ବହୁତ ଦିନର ହେଲେ ଅଳ୍ପ ପରିମାଣ Chlorinated lime କ୍ଲୋରିନେଟେଡ୍ ଲାଇମ୍ ପାଣିରେ ବତୁରାଇ ତାକୁ ଖଣ୍ଡେ କନାରେ ଦାଗ ଲାଗିଥିବା ସ୍ଥାନରେ ଧୀରେ ଧୀରେ ଲଗାଇବାକୁ ହେବ । ଥରେ, ଦୁଇଥର ଲଗାଇବାରେ ପୁରୁଣା ଓ ଗାଢ଼ ଦାଗ ସୁଦ୍ଧା ଏଥିରେ ଉଠିଯିବ ନିଶ୍ଚୟ ।

### ଧାତୁପାତ୍ରରେ ନାଁ ଲେଖା—

ଯେ ପାତ୍ରରେ ନାମ ଲେଖିବ ପ୍ରଥମେ ତାକୁ ନିଆଁରେ ତତାଇ ତା'ହା ଉପରେ ମହମ ବୋଳିଦେବ । ଶୁଖିଗଲେ ଖଣ୍ଡେ ଲେଖନରେ ତାହା ଉପରେ ଇଚ୍ଛା ଅନୁସାରେ ନାମ ବା ଛବି ଲେଖିବ ( ସେପରି ଲେଖା ସ୍ଥାନମାନଙ୍କରୁ ମହମ ଉଠିଯାଏ )। ତା' ପରେ ସେହି ଲେଖା ଉପରେ Nitric Acid ନାଇଟ୍ରିକ୍ ଏସିଡ୍ ଢାଳିଦେଇ କିଛିକ୍ଷଣ ପରେ ପାଣିରେ ଧୋଇଦେଲେ ଦେଖିବ ନକ୍ସା ଅନୁଯାୟୀ ଧାତୁପାତ୍ର ଉପରେ ସୁନ୍ଦର ପ୍ରତଲିପି ଉଠିଛି । ଯନ୍ତ୍ରାଦିମାନେ ଲୁହା ଆଦି ବାସନରେ ଛେଣିରେ ଛବି ନଆଙ୍କି ଏହି ଉପାୟରେ ସ୍ୱଚ୍ଛନ୍ଦରେ ଓ ସହଜରେ କାମ କରିପାରନ୍ତି ।

### ବହୁଦିନ ଦୁଗ୍ଧରକ୍ଷା—

ଚୁଲିରେ ଦୁଧର ଜଳମାରି ତହିଁରେ କିଛି ଚିନି ମିଶାଅ । ତହୁଁ ତାକୁ ଗୋଟିଏ କାଚ ଠିପିବାଲା କାଚ ବୋତଲରେ ପୂରାଇ ଉତ୍ତମ ରୂପେ ଏପରି ଭାବରେ ଠିପି ବନ୍ଦକର ଯେ ତହିଁରେ ପବନ ଯେପରି ପଶି ନ ପାରେ । ଏହି ବୋତଲଟିକୁ ଶୀତଳ ସ୍ଥାନରେ ଏହିପରି ଯେତେଦିନ ରଖିବ, ଦୁଧ ସେତେଦିନ ଅବିକୃତ ହୋଇ ରହିବ ।

Digitized by srujanika@gmail.com



# ସପ୍ତସ୍ୱର ଓ ହାରମୋନିୟାମ୍ ।

ଶ୍ରୀ ଗୋଲୋକନାଥ ମହାପାତ୍ର ।

"ଆତ୍ମା ବିବକ୍ଷମାଣୋଽୟଂ ମନଃ ପ୍ରେରୟତେ, ମନଃ
ଦେହସ୍ଥଂ ବହ୍ନିମାହନ୍ତି, ସ ପ୍ରେରୟତି ମାରୁତମ୍;
ବ୍ରହ୍ମଗ୍ରନ୍ଥିସ୍ଥିତଃ ସୋଽଥ କ୍ରମାଦୂର୍ଦ୍ଧ୍ୱପଥେ ଚରନ୍—
ନାଭିହୃତ୍କଣ୍ଠମୂର୍ଦ୍ଧାସ୍ୟେଷ୍ୱାବିର୍ଭାବୟତି ଧ୍ୱନିମ୍ ।"
(ସଙ୍ଗୀତ ରତ୍ନାକର ।)

ଆତ୍ମାର କଥା କହିବାକୁ ଇଚ୍ଛା ହେବାରୁ ସେ ମନକୁ ହୁକୁମ ତାମିଲ କରିବାକୁ ଆଜ୍ଞା ଦେଲା । ମନ ଯାଇ ଶରୀରରେ ଥିବା ଅଗ୍ନିକୁ ଆଘାତକଲା । ଅଗ୍ନି ପଠାଇଲା ବ୍ରହ୍ମଗ୍ରନ୍ଥିରେ ଥିବା ପବନକୁ । ସେହି ପବନ କ୍ରମେ କ୍ରମେ ନାଭି, ବକ୍ଷ, କଣ୍ଠ, ତାଳୁ ଏବଂ ମୁଖପଥରେ ଆରୋହଣ କରି ଧ୍ୱନି ଉତ୍ପାଦନ କଲା । ଏହି ହେଲା ପ୍ରାଚୀନ ସଙ୍ଗୀତଶାସ୍ତ୍ରକାରଙ୍କ ମତରେ ଧ୍ୱନିର ଉତ୍ପତ୍ତି-ତତ୍ତ୍ୱ । ସେଥିସଙ୍ଗରେ ଆଧୁନିକ ବିଜ୍ଞାନ-ବେତ୍ତାମାନେ କହନ୍ତି ଯେ କଣ୍ଠନାଳୀର ମୁହଁପାଖରେ କେତେଗୁଡ଼ିଏ ସୂକ୍ଷ୍ମ ତନ୍ତୁ ଅଛି; ବାହାରକୁ ଆସୁଥିବା ବାୟୁଦ୍ୱାରା ସେ ଗୁଡ଼ିକ ଆହତ ହୋଇ କମ୍ପିତ ହେଲେ, ଧ୍ୱନି ଉତ୍ପନ୍ନ ହୁଏ । ବସ୍ତୁତଃ, ଯେ କୌଣସି ଧ୍ୱନିର ଉତ୍ପତ୍ତି ନିୟମ ହେଉଛି ଯେ ଗୋଟିଏ ପଦାର୍ଥରେ ଅନ୍ୟଗୋଟିଏ ପଦାର୍ଥର ଆଘାତ ବା ସଂଘର୍ଷ । ଏହି ଆଘାତ ବା ସଂଘର୍ଷରୁ ସେହି ପଦାର୍ଥମାନଙ୍କର ପରମାଣୁପୁଞ୍ଜରେ ଏକପ୍ରକାର କମ୍ପନ ବା ଅନୁରଣନ ଜାତହୁଏ, ଓ ତାହା ବାୟୁ କିମ୍ବା ଅନ୍ୟ-କୌଣସି ପରିଚାଳକ ( Vehicle ) ଦ୍ୱାରା କର୍ଣ୍ଣକୁହରକୁ ଆନୀତହୋଇ, ଶବ୍ଦରୂପରେ ଅନୁଭୂତ ହୁଏ ।

ଶବ୍ଦବିଜ୍ଞାନବିତ୍ ପଣ୍ଡିତମାନେ କହନ୍ତି ଯେ ପ୍ରତ୍ୟେକ ସେକେଣ୍ଡରେ ୧୬ ଗୋଟି କମ୍ପନରୁ ଆରମ୍ଭକରି ୪୮୦୦୦ ପର୍ଯ୍ୟନ୍ତ କମ୍ପନ ଦ୍ୱାରା ଯେଉଁସବୁ ଧ୍ୱନି ଉତ୍ପନ୍ନ-ହୁଏ, ତାହା ଆମ୍ଭମାନଙ୍କର ଶ୍ରୁତିଗୋଚର ହୁଏ । ପୁରୁଷ-କଣ୍ଠରୁ ୧୯୦ ଠାରୁ ୭୬୮ ପର୍ଯ୍ୟନ୍ତ ଓ ସ୍ତ୍ରୀକଣ୍ଠରୁ ୪୭୨ ଠାରୁ ୧୬୦୬ ପର୍ଯ୍ୟନ୍ତ କମ୍ପନ ହୋଇପାରେ; ମାତ୍ର ମନୁଷ୍ୟକଣ୍ଠରେ ସର୍ବନିମ୍ନ ସାଙ୍ଗୀତିକ ଶବ୍ଦର କମ୍ପନ-ସଂଖ୍ୟା ୨୫୬ ବୋଲି ନିର୍ଦ୍ଧାରିତ ହୋଇଅଛି ।

ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମତ୍ୟବଧାନିକ କମ୍ପନଜନିତ ଧ୍ୱନି ଶ୍ରୁତିମଧୁର ହୁଏ । ଏହି ଶ୍ରୁତିମଧୁର ଧ୍ୱନିର ସଙ୍ଗୀତ-ଶାସ୍ତ୍ରାନୁସାରେ ନାମ ସ୍ୱର । "ସ୍ୱତଃ ରଞ୍ଜୟତି ଶ୍ରୋତୃ-ଚିତ୍ତଂ ସ ସ୍ୱର ଉଚ୍ୟତେ ।" 'ସ୍ୱ'-ଶବ୍ଦ ପୂର୍ବକ 'ରନ୍ଜ୍'-ଧାତୁର ଉତ୍ତର 'ଡ'-ପ୍ରତ୍ୟୟ ହୋଇ ସ୍ୱର ଶବ୍ଦ ନିଷ୍ପନ୍ନ ହୋଇ-ଅଛି । 'ସୁର' କଥାଟି କେବଳ ରାଗିଣୀଅର୍ଥରେ ବ୍ୟବହୃତ ହେଉଥିଲେ ସୁଦ୍ଧା, ଏହା ଏହି ସ୍ୱର ଶବ୍ଦର ଅପଭ୍ରଂଶ



Digitized by srujanika@gmail.com

ମାତ୍ର । ସ୍ୱର ଯେ କେତେପ୍ରକାର ହୋଇପାରେ, ତାହାର ଇୟତ୍ତା ନାହିଁ । ପ୍ରଚଳିତ ସଙ୍ଗୀତ ବୈୟାକରଣିକମାନେ ସେମାନଙ୍କର (?) ସୁବିଧାପାଇଁ କେବଳ ସାତଗୋଟି ସ୍ୱର ବାଛିନେଇ ଅଛନ୍ତି,—ଷଡ଼୍‌ଜ, ଋଷଭ, ଗାନ୍ଧାର, ମଧ୍ୟମ, ପଞ୍ଚମ, ଧୈବତ ଓ ନିଷାଦ । ପ୍ରୟୋଗସୌକର୍ଯ୍ୟ ପାଇଁ ଏମାନଙ୍କର ପ୍ରଥମ ଅକ୍ଷରଗୁଡିକ ନେଇ 'ସା-ରି-ଗ-ମ-ପ-ଧ-ନି' ର ସୃଷ୍ଟି । ସପ୍ତସ୍ୱର କହିଲେ ଏହିମାନଙ୍କୁ ବୁଝାଏ ।

ଏହି ସାତଗୋଟି ସ୍ୱର ସାତଗୋଟି ଇତରପ୍ରାଣୀଙ୍କ କଣ୍ଠରୁ ସଂଗୃହୀତବୋଲି ପ୍ରାଚୀନ ଗ୍ରନ୍ଥକାରମାନେ କହନ୍ତି । ପଶୁମାନଙ୍କର ସ୍ୱର ପ୍ରାୟ ସବୁବେଳେ ଗୋଟିଏ ପର୍ଦ୍ଦାରେ ଥାଏ । ବୋଧହୁଏ ସେମାନଙ୍କର ଉଚ୍ଚତମ ସ୍ୱର ଅନୁସାରେ ସଙ୍ଗୀତର ଏହି ସପ୍ତ-ସ୍ୱରର ନାମକରଣ ହୋଇଥିଲା । ମାତ୍ର କାଳକ୍ରମେ ବୈଜ୍ଞାନିକ ନିୟମ ଅନୁସାରେ ଏ ଗୁଡିକ ନିର୍ଦ୍ଦିଷ୍ଟ ଅନ୍ତରବିଶିଷ୍ଟ ହୋଇଅଛନ୍ତି । ଭାରତର ସବୁ ବିଷୟପରି ଏହି ସ୍ୱରମାନଙ୍କର ଉତ୍ପତ୍ତିସମ୍ବନ୍ଧରେ ମଧ୍ୟ ମତ ବହୁଳତା ଦେଖାଯାଏ । ତେବେ ଷଡ଼୍‌ଜ, ଗାନ୍ଧାର, ମଧ୍ୟମ, ପଞ୍ଚମ ଓ ନିଷାଦ ଏହି ସ୍ୱରଗୁଡିକ ଯେ ଯଥାକ୍ରମେ ମୟୂର, ଛାଗ, କ୍ରୌଞ୍ଚ, କୋକିଳ ଏବଂ ହସ୍ତୀର-କଣ୍ଠରୁ ଗୃହୀତ, ଏ ବିଷୟରେ ସମସ୍ତେ ଏକମତ କେବଳ ଋଷଭ ଓ ଧୈବତ ବିଷୟରେ ଗୋଳମାଳ । 'ସଙ୍ଗୀତ ଦାମୋଦର'—କାର କହନ୍ତି, ଏମାନେ ଯଥାକ୍ରମେ ବୃଷଭ ଓ ଘୋଟକସ୍ୱରର ଛାୟା । 'ସଙ୍ଗୀତ ରତ୍ନାକର'—କାର କହନ୍ତି, ଏମାନେ ଚାତକ ଓ ଦର୍ଦ୍ଦୁର ସ୍ୱରରୁ ଯଥାକ୍ରମେ ଗୃହୀତ । କେହି କେହି ନବ୍ୟ-ସଙ୍ଗୀତବେତ୍ତା ଏ ସବୁ ବର୍ଣ୍ଣନାକୁ କଳ୍ପନାମୂଳକ ବୋଲି କହି, କେବଳ ଯେ ଏକାଥରକେ ହସି ଉଡାଇ ଦେଇଅଛନ୍ତି, ତାହାନୁହେ; ଏହା ମଧ୍ୟ କହିବାକୁ ସାହସ କରିଅଛନ୍ତି ଯେ ପ୍ରାଚୀନକାଳରେ ବିଜ୍ଞାନାଲୋକ ଅଭାବରୁ କଳ୍ପନା-ଦେବୀ ଏହିସବୁ ବିବରଣର ଜନ୍ମ ଦେଇଅଛନ୍ତି—ଆହୁରି ମଧ୍ୟ କହୁଅଛନ୍ତି ଯେ ମନୁଷ୍ୟର ସବୁ ବିଦ୍ୟା ଯେ ବୁଦ୍ଧି ବିବେଚନା-ସମ୍ଭୂତ ଏହା ପ୍ରାଚୀନକାଳର ଲୋକମାନେ ବିଶ୍ୱାସ କରୁନଥିଲେ(ଗୀତ ସୂତ୍ରସାର—ପୃ ୧୦୮,୧୦୯ଦ୍ରଷ୍ଟବ୍ୟ) ଏ କଥାଗୁଡିକ ପଢ଼ିଲେ ଦୁଃଖହୁଏ ଏବଂ ଗ୍ରନ୍ଥକାରଙ୍କପାଇଁ ଦୟା ମଧ୍ୟ ହୁଏ । ସେ ଏତିକ ବୁଝିଲେନାହିଁ ଯେ ଯେଉଁ 'ପ୍ରାଚୀନକାଳର' ଲୋକମାନେ ଏହି ସଙ୍ଗୀତ-ବିଜ୍ଞାନର ସୃଷ୍ଟିକର୍ତ୍ତା, ସେହିମାନଙ୍କର ମୂଳ ବିଜ୍ଞାନାଲୋକର ଅଭାବ-ହେଲା କିପରି ? 'ପ୍ରାଚୀନକାଳର' ଲୋକମାନଙ୍କର ନିଜବୁଦ୍ଧି ବିବେଚନାରୁ ଏହି ବିଦ୍ୟା ସମ୍ଭୂତ ହୋଇଅଛି-ବୋଲି 'ପ୍ରାଚୀନକାଳର' ଲୋକମାନେ ବିଶ୍ୱାସ କରୁନଥିଲେ କିପରି ? 'ପ୍ରାଚୀନକାଳ' କଥାଟିର ଅର୍ଥରେ ସ୍ଥାନବିଶେଷରେ ପାର୍ଥକ୍ୟ ଘଟେ କି ?

ଷଡ଼୍‌ଜ-ଶବ୍ଦର ଧାତୁଗତ ଅର୍ଥ ହେଉଛି—ଯହିଁରୁ ଛଅଟି ସ୍ୱର ଜାତ ହୁଅନ୍ତି "ଷଟ୍ ଜାୟନ୍ତେ ଯସ୍ମାତ୍ ତତ୍" ଅର୍ଥାତ୍, ପ୍ରଥମେ ଷଡ଼୍‌ଜ ସ୍ୱରଟିଏ ନ ଧରିଲେ ଅନ୍ୟ ସ୍ୱରମାନଙ୍କର ସତ୍ତା ଅସମ୍ଭବ । କେହି କେହି ମଧ୍ୟ କହନ୍ତି ଯେ ମୂର୍ଦ୍ଧା, ତାଳୁ, କଣ୍ଠ, ନାସିକା, ଜିହ୍ୱା ଏବଂ ଦନ୍ତ ଏହି ଛଅଗୋଟି ସ୍ଥାନ ସ୍ପର୍ଶକରି ଉତ୍ପନ୍ନ ହେଉଥିବାରୁ ଏହାର ନାମ ଷଡ଼୍‌ଜ (ସଙ୍ଗୀତ ସାରସଂଗ୍ରହ) । ପ୍ରଥମ ବ୍ୟାଖ୍ୟାଟି ଅବଶ୍ୟ ବେଶି ସମୀଚୀନ । ଯେ କୌଣସି ସ୍ୱରକୁ ଷଡ଼୍‌ଜ ବୋଲି ଗ୍ରହଣକରି ପାରିଯାଏ;—ସେହି ଷଡ଼୍‌ଜ ଅନୁସାରେ ଅନ୍ୟ ସ୍ୱରଗୁଡିକର ନିର୍ଦ୍ଦେଶ ହୁଏ । ସେମାନେ ଷଡ଼୍‌ଜ ଉପରେ ଆପେକ୍ଷିକ ଓ ନିର୍ଦ୍ଦିଷ୍ଟ ନିର୍ଦ୍ଦିଷ୍ଟ ଅନ୍ତରରେ ଅବସ୍ଥିତ । ସ୍ୱର-ଶ୍ରେଣୀରେ ମଧ୍ୟମ ସ୍ୱରର ସ୍ଥାନ ତା'ର ନାମକୁ ସାର୍ଥକ କରୁଅଛି—ତାହାର ପୂର୍ବରେ ତିନିଗୋଟି ଓ ପରେ ମଧ୍ୟ ତିନିଗୋଟି ସ୍ୱର ବିଦ୍ୟମାନ । ଜଳପ୍ରପାତର ମୃଦୁ ଝର୍ଝର, ଦୂରକାନନର ମୃଦୁ ମର୍ମ୍ମର ଓ ଲୋକାଳୟର ଗୁରୁଗୁଞ୍ଜନ ସଙ୍ଗରେ ଏହି ସ୍ୱରର ସାମଞ୍ଜସ୍ୟ ଥିବାରୁ, ଏହା ପ୍ରକୃତିର ପ୍ରାଣରୂପରେ କଳ୍ପିତ । ପଞ୍ଚମ ମଧ୍ୟ ତା'ର ନାମ ସାର୍ଥକ କରି, ସ୍ୱରସପ୍ତକର ପଞ୍ଚମ ସ୍ଥାନ ଅଧିକାର କରିଅଛି । ନିମ୍ନ ସପ୍ତକର 'ନି' ରୁ ସାମ-ଗାନ ଆରମ୍ଭ ହୁଏ, ଏବଂ ହସ୍ତୀର (ଯାହାର ସ୍ୱରରୁ 'ନି' ଗୃହୀତ) ଗୋଟିଏ ନାମ ସାମଜ । ପ୍ରାଣୀମାନଙ୍କର ସ୍ୱର ସଙ୍ଗରେ ଯେ ସଙ୍ଗୀତର ସପ୍ତ ସ୍ୱରର କୌଣସି ବିଶେଷ ସମ୍ବନ୍ଧ ଅଛି, ତାହାର କିଛି ପ୍ରମାଣ ଏଥିରୁ ମିଳେ । ସାମ୍ପ୍ରତ ଭାରତବର୍ଷରେ ବର୍ତ୍ତମାନ ସ୍ୱରସପ୍ତକର ଏହି ନାମ ପ୍ରଚଳିତ । ତେବେ, ଏମାନଙ୍କର ପ୍ରାଚୀନ ତାମିଲ ନାମଗୁଡିକ ବିଭିନ୍ନ ଥିଲା; ଯଥା—କୁରଲ୍, ତୁତ୍ତମ୍, କୈକଲେୟୀ, ଉଲଇ, ଇଲି, ଭିଲରୀ ଓ ତାରମ୍ ।

Digitized by srujanika@gmail.com

ଏହି ସ୍ୱରସପ୍ତକର ପ୍ରତ୍ୟେକ ସ୍ୱର ମାନବ ମନରେ ବିଶେଷ ବିଶେଷ ରସର ଅବତାରଣା କରନ୍ତି । 'ସଙ୍ଗୀତ-ରତ୍ନାକର'—କାରଙ୍କ ମତରେ, " ସ-ରୀ ବୀରେଽଦ୍ଭୁତେ ରୌଦ୍ରେ ଧୋ ବୀଭତ୍ସେ ଭୟାନକେ, କାର୍ଯ୍ୟୌ ଗ-ନୀ ତୁ କରୁଣେ ହାସ୍ୟଶୃଙ୍ଗାରୟୋ-ର୍ମ-ପୌ " । 'ସଙ୍ଗୀତ ପାରିଜାତ'—କାର କହିଅଛନ୍ତି, "ସ-ମୌ ହାସ୍ୟେ ଚ ଶୃଙ୍ଗାରେ ସ୍ୱରୌ ସ୍ୟାତାଂ ତଥା ଧ-ନୀ, ପୋ ବୀଭତ୍ସେ ତଥା ବୈନେ୍ୟ ଭୟାନକରସେ ଭବେତ୍ତୁ, ରସେ ଶୃଙ୍ଗାରକେ ରିଃ ସ୍ୟାଦ୍ ଗାନ୍ଧାରେ ହାସ୍ୟକେ ପୁନଃ " । ପୁଣି 'ସଙ୍ଗୀତ ମହୋଦଧି'ରେ ବର୍ଣ୍ଣିତ ହୋଇଅଛି ଯେ "ମୂଳଂ ରସାନାଂ ଷଡ଼ଜାଖ୍ୟ ଋଷଭଃ କରୁଣାତ୍ମକଃ, ଗାନ୍ଧାରସ୍ତ୍ୱଥ ଶାନ୍ତାତ୍ମା ଭୟାନକେଽସ୍ତି ମଧ୍ୟମଃ; ବୀରାତ୍ମକଃ ପଞ୍ଚମସ୍ତୁ ଧୈବତଃ କରୁଣାତ୍ମକଃ, ନିଷାଦୋ ରୌଦ୍ରବୀରାତ୍ମା ଗାନ୍ଧର୍ବାଭିଜ୍ଞ-ସମ୍ମତଃ" । ଡାକ୍ତର ବ୍ରାଇସ୍, କନ୍ କାର୍ବେନ୍, ଜ୍ୟୁ ଦେ ବେୟାର୍ଣ୍ଡେଭଲ୍ ଇତ୍ୟାଦି ୟୁରୋପର ପ୍ରଧାନ ସଙ୍ଗୀତ-ବୈଜ୍ଞାନିକମାନଙ୍କର ମତ ହେଉଛି ଯେ, ସା—ଅଚଳ ବା ବିଶ୍ରାମଦାୟକ ସ୍ୱର, ରି—ଆଶ୍ୱାସ ବା ଉତ୍ସାହସୂଚକ, ଗ—ଧୀର ବା ଶାନ୍ତିପ୍ରଦ, ମ—ନିରାଶ ବା ଭୟସୂଚକ, ପ—ପରିଷ୍କାର ବା ଉଜ୍ଜ୍ୱଳ ସ୍ୱର, ଧ—ଶୋକସୂଚକ ଏବଂ ନି—ତୀକ୍ଷ୍ଣ ବା ପ୍ରଦର୍ଶକ ସ୍ୱର । ଏହି ମତ ସଙ୍ଗରେ ଉପର-ଉଲ୍ଲିଖିତ 'ସଙ୍ଗୀତ ମହୋଦଧି'ର ମତର ଅନେକ ସାମଞ୍ଜସ୍ୟ ଅଛି—କେବଳ ରି ଓ ପ ସମ୍ବନ୍ଧରେ ମେଳ ନାହିଁ । ରାଗ-ରାଗିଣୀମାନଙ୍କର ରସୋଦ୍ଦୀପନା ଶକ୍ତି ଏହି ଅନୁସାରେ ହୋଇଥାଏ; ସେ ବିଷୟ ପରେ କହିବାର ବାସନା ରହିଲା ।

'ନାରଦ-ସଂହିତା' ଇତ୍ୟାଦି ସଂସ୍କୃତ ସଙ୍ଗୀତ ଗ୍ରନ୍ଥମାନଙ୍କରେ ଏହି ସ୍ୱରମାନଙ୍କର ବିଭିନ୍ନ ଜାତି, ବର୍ଣ୍ଣ, ବାସସ୍ଥାନ ଓ ଶ୍ରୁତି ପ୍ରଭୃତି ନିର୍ଦ୍ଦିଷ୍ଟ ହୋଇଅଛି * ।

ଶୁଦ୍ଧ ସ୍ୱରଗୁଡ଼ିକ ଆର୍ଯ୍ୟଜାତ ଓ ବିକୃତ ସ୍ୱରଗୁଡ଼ିକ (କଡ଼ି-କୋମଳ) ଶୂଦ୍ରଜାତ ଓ ପତିତ । ଏହି ବିଭାଗ-ଗୁଡ଼ିକ ଖାଲି କାଳ୍ପନିକ ସଂଯୋଜନା, କି ଏମାନଙ୍କର ପ୍ରକୃତିରେ କିଛି ଗଭୀର ଅର୍ଥ ଅଛି, ତାହାର ଯୁକ୍ତିସଙ୍ଗତ ବିଚାର ଆଜପର୍ଯ୍ୟନ୍ତ କେହି କରି ନାହାନ୍ତି ।

ଆଦିମ ଭାରତୀୟ ସଙ୍ଗୀତରେ ପ୍ରଥମରେ ଯେ କେବଳ ଚାରିଗୋଟି ସ୍ୱର ବ୍ୟବହୃତ ହେଉଥିଲା, ତାହାର ପ୍ରମାଣ ଆଦି-ସଙ୍ଗୀତ ସାମବେଦରୁ ପ୍ରମାଣିତ ହୁଏ । ସାମବେଦ କେବଳ ମାତ୍ର ଚତୁଃସ୍ୱର Tetrachord ସାହାଯ୍ୟରେ ଗୀତ ହୁଏ । ଏହି ଚତୁଃସ୍ୱାରିକ ସଙ୍ଗୀତର ଅପର ନାମ ସ୍ୱରାନ୍ତର । ଏହି ଚାରି ସ୍ୱରରୁ ସପ୍ତସ୍ୱରର କ୍ରମବିକାଶ ହୋଇଅଛି । ତାହାର ପ୍ରମାଣ ହେଉଛି ଯେ ରାଗ-ରାଗିଣୀମାନଙ୍କ ମଧ୍ୟରେ ଏପରି ଅନେକ ଅଛନ୍ତି ଯେଉଁମାନେ କି କେବଳ ପାଞ୍ଚ ବା ଛ'ଗୋଟି ସ୍ୱରବିଶିଷ୍ଟ—ଯଥା, ହିନ୍ଦୋଳ, ଭୂପାଳୀ, ବିଭାସ ଇତ୍ୟାଦି ।

ଭାରତୀୟ ସଙ୍ଗୀତକାରମାନେ ଏହି ସାତଗୋଟି ସ୍ୱରକୁ ବାଇଶଗୋଟି ଭାଗରେ ବିଭକ୍ତ କରିଅଛନ୍ତି । ଏହି ବିଭାଗ-ମାନଙ୍କର ନାମ ଶ୍ରୁତି । ଏ ବିଷୟରେ ମଧ୍ୟ ମତ ପାର୍ଥକ୍ୟ ଅଛି । 'ବିଶ୍ୱାବସୁ' କହିଅଛନ୍ତି " ଶ୍ରବଣେନ୍ଦ୍ରିୟଗ୍ରାହ୍ୟତ୍ୱାଦ୍ ଧ୍ୱନିରେବ ଶ୍ରୁତିର୍ଭବେତ୍ " । ପୁଣି,

"ଆନନ୍ତ୍ୟଂ ହି ଶ୍ରୁତୀନାଞ୍ଚ ସୂଚୟନ୍ତି ବିପଶ୍ଚିତୋ
ଯଥା ଧ ନିବିଶେଷାଣା-ମମାନଂ ଗଗନୋଦରେ ।

| * ସ୍ୱର | ଜନ୍ମଭୂମି | ଜାତ | ବର୍ଣ୍ଣ | ଇଷ୍ଟ ଦେବତା | ଶ୍ରୁତି | ରାଗ |
|---|---|---|---|---|---|---|
| ଷଡ଼ଜ | ଜମ୍ବୁଦ୍ୱୀପ | ବ୍ରାହ୍ମଣ | କୃଷ୍ଣ | ଅଗ୍ନି | ୪ ଶ୍ରୁତି | ଭୈରବ |
| ଋଷଭ | ଶାକଦ୍ୱୀପ | କ୍ଷତ୍ରିୟ | କପିଞ୍ଜର | ବ୍ରହ୍ମା | ୩ ଶ୍ରୁତି | ପଞ୍ଚମ |
| ଗାନ୍ଧାର | କୁଶଦ୍ୱୀପ | ବୈଶ୍ୟ | କନକାଭ | ସରସ୍ୱତୀ | ୨ ଶ୍ରୁତି | ବସନ୍ତ |
| ମଧ୍ୟମ | କ୍ରୌଞ୍ଚଦ୍ୱୀପ | ବ୍ରାହ୍ମଣ | ଶୁଭ୍ର | ମହାଦେବ | ୪ ଶ୍ରୁତି | ନଟନାରାୟଣ |
| ପଞ୍ଚମ | ଶାଲ୍ମଳୀଦ୍ୱୀପ | ବ୍ରାହ୍ମଣ | ପୀତ | ଲକ୍ଷ୍ମୀ | ୪ ଶ୍ରୁତି | ମେଘ |
| ଧୈବତ | ଶ୍ୱେତଦ୍ୱୀପ | କ୍ଷତ୍ରିୟ | ଧୂସର | ଗଣେଶ | ୩ ଶ୍ରୁତି | ଶ୍ରୀ |
| ନିଷାଦ | ପୁଷ୍କରଦ୍ୱୀପ | ବୈଶ୍ୟ | କର୍ବୁର | ସୂର୍ଯ୍ୟ | ୨ ଶ୍ରୁତି | ହିନ୍ଦୋଳା |

Digitized by srujanika@gmail.com

ଉତ୍ତାଳ ପବନୋଦ୍ବେଲଲ୍ଲଲଗ୍ନଶିଶସମୁଦ୍ଭବା
ଇସ୍ୟୁତ୍ୟଃ ପ୍ରତିପଦ୍ୟନ୍ତେ ନ ତରଙ୍ଗପରମ୍ପରାଃ" ।
ଇତି କୋହଲଃ,

ଇତ୍ୟାଦି । ମାତ୍ର, 'ନାଟ୍ୟଶାସ୍ତ୍ର'-କାର ଭରତ ଏବଂ 'ସଙ୍ଗୀତ ରତ୍ନାକର'-କାର ଶାର୍ଙ୍ଗଦେବ, ଏମାନଙ୍କ ମତରେ ଶ୍ରୁତି ବାଇଶଗୋଟି ।

"ଚତସ୍ରଃ ପଞ୍ଚମେ ଷଡଜେ ମଧ୍ୟମେ ଶ୍ରୁତୟୋ ମତାଃ,
ଋଷଭେ ଧୈବତେ ତିସ୍ରୋ ଦ୍ୱେ ଗାନ୍ଧାର ନିଷାଦୟୋଃ" ।

ସା, ମ ଓ ପ ଏମାନେ ଚାରି ଶ୍ରୁତିବିଶିଷ୍ଟ; ଅର୍ଥାତ୍, ସା ହେଲା ଗୋଟିଏ ଶ୍ରୁତି ଓ ତାହାର ଆଉ ତିନିଗୋଟି ଶ୍ରୁତି ପରେ ତା'ର ପର ସ୍ୱର ରି । ସେହିପରି ମ ଗୋଟିଏ ଶ୍ରୁତି, ତାହାପରେ ଆଉ ତିନିଗୋଟି ଶ୍ରୁତି ଅନ୍ତରରେ ତା'ର ପରସ୍ୱର ପ ଅବସ୍ଥିତ । ପ ମଧ୍ୟ ସେହିପରି ଗୋଟିଏ ଶ୍ରୁତି, ଓ ତାହାର ଆଉ ତିନିଗୋଟି ଶ୍ରୁତିପରେ ଧ । ରି ଓ ଧ ତିନି ଶ୍ରୁତିବିଶିଷ୍ଟ; ଅର୍ଥାତ୍, ରି ଓ ତା'ର ପରସ୍ୱର ଗ ଏବଂ ଧ ଓ ତା'ର ପରସ୍ୱର ନି, ଏମାନଙ୍କ ମଧ୍ୟରେ ଦୁଇ ଦୁଇଟି ଶ୍ରୁତି ଅନ୍ତର । ଗ ଓ ନି ଦୁଇ ଶ୍ରୁତିବିଶିଷ୍ଟ; ଅର୍ଥାତ୍, ଗ ଓ ମ ଏବଂ ନି ଓ ସାଂ ମଧ୍ୟରେ ଗୋଟିଏ ଗୋଟିଏ ଶ୍ରୁତିର ବ୍ୟବଧାନ । ପ୍ରାଚୀନତମ ସଙ୍ଗୀତରେ ଏମାନଙ୍କର ଅନ୍ୟପ୍ରକାର ବିଭାଗ ମଧ୍ୟ ଦୃଷ୍ଟ ହୁଏ ।

| | ସା | | | | ଗ | | ମ | | ମ | | ଧ | | ନି | | |
|---|---|---|---|---|---|---|---|---|---|---|---|---|---|---|---|
| ଭାମେଲ୍— | ୪ | + | | + | ୩ | + | ୨ | + | ୪ | + | ୩ | + | ୨ — | | |
| ଗ୍ରୀକ୍— | ୪ | + | ୪ | + | ୨ | + | | + | ୪ | + | ୪ | + | ୨ — | ୨୪ | |
| 'ଭରତ'— | ୪ | + | ୩ | + | | + | ୪ | + | ୪ | + | ୩ | + | ୨ — | ୨୨ | |
| ଆଧୁନିକ— | ୪ | + | ୩ | + | | + | | + | ୩ | + | ୪ | + | ୨ — | ୨୨ | |

ସା ଓ ରି, ମ ଓ ପ ଏବଂ ଧ ଓ ନି ମଧ୍ୟରେ ଯେଉଁ ଅନ୍ତର, ତାହାର ନାମ ବୃହଦନ୍ତର; ରି ଓ ଗ ଏବଂ ପ ଓ ଧ ମଧ୍ୟରେ ମଧ୍ୟାନ୍ତର ଏବଂ ଗ ଓ ମ ଏବଂ ନି ଓ ସାଂ ମଧ୍ୟରେ କ୍ଷୁଦ୍ରାନ୍ତର । ଏହି ବୃହଦନ୍ତର ଓ ମଧ୍ୟାନ୍ତର ପୂର୍ଣ୍ଣାନ୍ତର ନାମରେ ଓ କ୍ଷୁଦ୍ରାନ୍ତର ଅର୍ଦ୍ଧାନ୍ତର ନାମରେ ପ୍ରଚଳିତ । ଏହି ପୂର୍ଣ୍ଣାନ୍ତରକୁ ଅର୍ଦ୍ଧାନ୍ତର ଓ ଅର୍ଦ୍ଧାନ୍ତରକୁ ପୂର୍ଣ୍ଣାନ୍ତର କରି ଗ୍ରାମଭେଦ ସୃଷ୍ଟି କରାହୁଏ ।

ଆଧୁନିକ ୟୁରୋପୀୟ ବୈଜ୍ଞାନିକ-ସଙ୍ଗୀତ ପଣ୍ଡିତମାନଙ୍କ ମତରେ ସ୍ୱରମାନଙ୍କର ମଧ୍ୟଗତ ଅନ୍ତରର ଯେଉଁ ଅନୁପାତିକ ପରିମାଣ ନିର୍ଦ୍ଧାରିତ ହୋଇଅଛି, ତାହା ଆମ୍ଭମାନଙ୍କର ଶ୍ରୁତିବିଭାଗ ସଙ୍ଗରେ ସମ୍ପୂର୍ଣ୍ଣ ନ ମିଳିଲେ ସୁଦ୍ଧା, ସେମାନଙ୍କର ପାର୍ଥକ୍ୟ ଏତେ କମ୍ ଯେ ସହଜରେ ତାହା ଧରାପଡେନାହିଁ । ସେମାନଙ୍କର ସ୍ଥିରୀକୃତ ପରିମାଣ ଗୁଡିକ ଭାରି ପରିଷ୍କାର । ଗୋଟିଏ ସା ପାଖରୁ ଅନ୍ୟ ସାଂ ପର୍ଯ୍ୟନ୍ତ ଯେଉଁ ଅନ୍ତର, ତାହାକୁ ୫୩ ଗୋଟି ବିଭାଗରେ ବିଭକ୍ତକଲେ, ଏହି ପରିମାଣ ମିଳେ । ତାହାର ୯ ଭାଗରେ ବୃହଦନ୍ତର, ୮ ଭାଗରେ ମଧ୍ୟାନ୍ତର ଓ ୫ ଭାଗରେ କ୍ଷୁଦ୍ରାନ୍ତର ହୁଏ । ଶ୍ରୁତିସଙ୍ଗରେ ତୁଳନାକରି ତାହାର ଚିତ୍ର ନିମ୍ନରେ ଦିଆଗଲା:—

| ସ୍ୱର | ଭାଗ | ଶ୍ରୁତି | |
|---|---|---|---|
| ଷଡ଼୍ଜ | | | ସା |
| | ୯ | ୪ ଶ୍ରୁତି | |
| ଋଷଭ | | | ରି |
| | - | ୩ ଶ୍ରୁତି | |
| ଗାନ୍ଧାର | | | ଗ |
| | ୫ | ୨ ଶ୍ରୁତି | |
| ମଧ୍ୟମ | | | ମ |
| | ୯ | ୪ ଶ୍ରୁତି | |
| ପଞ୍ଚମ | | | ପ |
| | ୮ | ୩ ଶ୍ରୁତି | |
| ଧୈବତ | | | ଧ |
| | ୯ | ୪ ଶ୍ରୁତି | |
| ନିଷାଦ | | | ନି |
| | ୫ | ୨ ଶ୍ରୁତି | |
| ଷଡ଼୍ଜ | | | ସାଂ |
| | ୫୩ | ୨୨ ଶ୍ରୁତି | |

ବର୍ତ୍ତମାନ୍ ଆମ୍ଭମାନଙ୍କର ସଙ୍ଗୀତ ( କିମ୍ବା କାନ ?) ଏହି ପରିମାଣକୁ ଆସିଗଲାଣି, ତେବେ କର୍ଣ୍ଣାଟକ ବା ଦାକ୍ଷିଣାତ୍ୟ ସଙ୍ଗୀତର ସପ୍ତସ୍ୱରର ପରିମାଣ ଫଳତଃ ଠିକ୍ ଏହିପରି ହେଲେ ସୁଦ୍ଧା, ସେଥିରେ ବିକୃତ ବା କୋମଳ ରି ଓ ଧ ଶୁଦ୍ଧ ସ୍ୱରରୂପରେ ଗୃହୀତ । ଆମ୍ଭମାନଙ୍କର ରାମକେଲୀ ବା କାଲେଂଡା ରାଗିଣୀର ( ବିକୃତ ) ଠାଟ୍ ଢଙ୍ଗରେ ତାହାର ଶୁଦ୍ଧ 'ସା ରି ଗ ମ' ସମାନ ।

କଣ୍ଠୋଚ୍ଚାରିତ ଏହି ସାତଗୋଟି ସ୍ୱରର ସ୍ପନ୍ଦନମ୍ପନ୍ଦନସଂଖ୍ୟା ଯଥାକ୍ରମେ ୨୫୬, ୨୮୮, ୩୨୦, ୩୪୧,

Digitized by srujanika@gmail.com

୩୮୪, ୪୨୬ ଓ ୪୮୦ । ତାହାପରେ ୨୫୬ ର ଦୁଇଗୁଣ, ଅର୍ଥାତ୍ ୫୧୨ କମ୍ପନରେ ଯେଉଁ ସ୍ୱର ଉତ୍ପନ୍ନ ହୁଏ ତାହା ଉଚ୍ଚସପ୍ତକର ସାଂ; ଏବଂ ସେହିପରି କ୍ରମେ ଋ,ଗ ଇତ୍ୟାଦି ନିର୍ଦ୍ଧାରିତ ହୋଇଅଛନ୍ତି । ଏମାନଙ୍କର ଗୋଟିଏ ଗୋଟିଏ ସ୍ତବକକୁ ଗୋଟିଏ ଗୋଟ ଏ ସପ୍ତକ କହନ୍ତି । ଉଚ୍ଚ ନୀଚ ଅନୁସାରେ ସପ୍ତକ ଅନେକ ହୋଇପାରେ; କିନ୍ତୁ ମନୁଷ୍ୟ କଣ୍ଠରେ ତିନିସପ୍ତକରୁ ଅଧିକ ସ୍ୱର ଉଚ୍ଚାରିତ ହୋଇପାରେନାହିଁ ଓ ସେଥିପାଇଁ ଭାରତୀୟ ସଙ୍ଗୀତରେ ମାତ୍ର ତିନିଗୋଟି ସପ୍ତକ ପ୍ରସିଦ୍ଧ,—ମନ୍ଦ୍ର,ମଧ୍ୟ,ଏବଂ ତାର । ଏମାନଙ୍କର ଅନ୍ୟାନ୍ୟ ନାମ ମଧ୍ୟ ଅଛି; ଯଥା—ଉଦାରା; ମୁଦାରା, ତାରା, ବା ଅନୁଦାତ୍ତ, ସ୍ୱରିତ, ଉଦାତ୍ତ, କିମ୍ବା ଖାଦ, ମଧ୍ୟମ, ତାର, ନାଭ,ରୁକ ଓ କପାଳୀ ବୋଲି ଏମାନଙ୍କର ନାମ ମଧ୍ୟ ଅଛି । ହିନ୍ଦୁ ସଙ୍ଗୀତ-ଶାସ୍ତ୍ରାନୁସାରେ ହୃଦୟର ଅନାହତ ଚକ୍ରରୁ ଉତ୍ପନ୍ନ ଧ୍ୱନି ମନ୍ଦ୍ର, କଣ୍ଠର ବିଶୁଦ୍ଧ ଚକ୍ରରୁ ଉତ୍ପନ୍ନ ଧ୍ୱନି ମଧ୍ୟମ ଓ ତାଳୁର ସହସ୍ରା ଚକ୍ରରୁ ଉତ୍ପନ୍ନ ଧ୍ୱନି ତାର । ଏହି ସ୍ୱରସପ୍ତକକୁ ଇଂରାଜରେ ଅକ୍‌ଟେଭ୍ ( Octave ) ବା ଅଷ୍ଟକ କହନ୍ତି—ସେମାନଙ୍କର ସଙ୍ଗୀତରେ 'ସା ଋ ଗ ମ ପ ଧ ନି ସାଂ' ଏହି ଆଠଗୋଟି ସ୍ୱର ଗୋଟିଏ ସ୍ତବକରୂପରେ ଗୃହୀତ ।

ଖଣ୍ଡିଏ ତାରରୁ ଏହି ସ୍ୱରଗୁଡିକ ନିର୍ଭୁଲ ଭାବରେ ବାହାର କରିବାର ଖୁବ୍ ସହଜ ଉପାୟ ଅଛି । ୟୁରୋପୀୟ ବିଜ୍ଞାନ-ଶାସ୍ତ୍ରରେ ଏହା ଗୋଟିଏ ଏକତାରା Monochord ସାହାଯ୍ୟରେ ବିଶଦ୍ ଭାବରେ ପରୀକ୍ଷିତ । ଆର୍ଯ୍ୟଋଷିମାନେ ମଧ୍ୟ ସଙ୍ଗୀତର ଔପପତ୍ତିକ ବିଜ୍ଞାନରେ ଏହାର ଏକପ୍ରକାର ବ୍ୟାଖ୍ୟା ଦେଇଅଛନ୍ତି । ସେ ଉପାୟଟି ଏହି:—ବୀଣା କିମ୍ବା ଏକତାରାର ସମ୍ପୂର୍ଣ୍ଣ ତାରଟିକୁ, କିମ୍ବା ଦୁଇପ୍ରାନ୍ତରେ ବଦ୍ଧ ଯେ କୌଣସି ଖଣ୍ଡିଏ ତାରକୁ ଆଘାତକଲେ, ତାରଟିର tension ଅନୁସାରେ, ଅର୍ଥାତ୍ ତାରଟି ଯେତେ ଜୋରରେ ଭିଡା ହୋଇଥିବ, ସେଥିରୁ ଉତ୍ପନ୍ନ ଶବ୍ଦ ସେହି ଅନୁସାରେ ଚଢ଼ା ହେବ । ତାରଟିର ଦୀର୍ଘତା ଓ ଖର୍ବତା ଅନୁସାରେ ମଧ୍ୟ ସ୍ୱରର ନୀଚତା ଓ ଉଚ୍ଚତା ହୁଏ । ସମ୍ପୂର୍ଣ୍ଣ ତାରଟିରୁ ଯେଉଁ ସ୍ୱର ବାହାରିବ ତାହା ମୁଦାରା ସପ୍ତକର ସା । ସେହି ତାରଟିକୁ ସମାନ ଦୁଇଭାଗକରି, ଅର୍ଦ୍ଧେ ବାଦ ଦେଇ, ଅର୍ଥାତ୍ ଠିକ୍ ମଧ୍ୟସ୍ଥଳରେ ଅଙ୍ଗୁଳି ଦ୍ୱାରା ଚିପିଧରି, ଆଘାତକଲେ ବାହାରିବ ତାର-ସପ୍ତକର ସାଂ । "ଧ୍ୱନ୍ୟବଚ୍ଛିନ୍ନ ବୀଣାୟାଂ ମଧ୍ୟେ ତାରକ-ସଃ ସ୍ଥିତଃ" ଅତଏବ ଚଢ଼ା—ସାଂ ବାହାରିଲା ତାରର ½ ଅଂଶରୁ । ତାରଟିର ଆୟତନକୁ ପରିମାଣ ଅନୁସାରେ ଏହି ½ ରୁ ଯେତେ ବଡ଼ କରାଯିବ ସେଥିରୁ ଉତ୍ପନ୍ନ ଶବ୍ଦ ମଧ୍ୟ କ୍ରମେ କ୍ରମେ ତଳକୁ ଖସି ନି-ଧ-ପ-ମ-ଗ-ଋ-ରୂପରେ ପରିଣତ ହେବ । ପ୍ରଥମେ ମ-ସ୍ୱରଟି କିପରି ବାହାରିବ ଦେଖାଯାଉ । "ଉଭୟୋଃ ଷଡ୍‌ଜୟୋର୍ମଧ୍ୟେ ମଧ୍ୟମଂ ସ୍ୱରମାଚରେତ୍" । ଉପର ଲକ୍ଷିତ ଦୁଇ ସା-ର ଠିକ୍ ମଝିରେ ଚିପି ଆଘାତ କଲେ ମ-ସ୍ୱର ବାହାରିବ ଅର୍ଥାତ୍, ତାରର ଅଧାର ଅଧା, ବା $\frac{1}{2}\times\frac{1}{2}=\frac{1}{4}$ ଅଂଶ ବାଦଦେଇ, ବାକୀ $\frac{3}{4}$ ଅଂଶକୁ ଆଘାତକଲେ ଉତ୍ପନ୍ନ-ହେବ ଯେଉଁ ସ୍ୱର, ତାହା ମ । ପୁଣି, "ତ୍ରିଭାଗାତ୍ମକ-ବୀଣାୟାଂ ପଞ୍ଚମଃ ସ୍ୟାଦୁଦଗ୍ରିମେ" । ସମଗ୍ର ତାରଟିକୁ ତିନି ସମାନଭାଗରେ ବିଭକ୍ତକରି, ପ୍ରଥମ $\frac{1}{3}$ ଅଂଶ ବାଦଦେଇ, ବାକୀ $\frac{2}{3}$ ଅଂଶକୁ ଆଘାତକଲେ ବାହାରିବ ପ-ସ୍ୱର ।"ଷଡ୍‌ଜପଞ୍ଚମୟୋର୍ମଧ୍ୟେ ଗାନ୍ଧାରସ୍ୟ ସ୍ଥିତିର୍ଭବେତ୍" ସମ୍ପୂର୍ଣ୍ଣ ତାରଟିରୁ ତାହାର ପ୍ରଥମ ଏକ-ପଞ୍ଚମାଂଶ ବାଦ-ଦେଇ, ବାକୀ $\frac{4}{5}$ ଅଂଶରୁ ଗ-ସ୍ୱର ଜାତହୁଏ । "ସ ପୟୋଃ ପୂର୍ବ ଭାଗେ ଚ ସ୍ଥାପନୀୟୋଽଥ ଋ-ସ୍ୱରଃ । ଉଦାରା ସପ୍ତକର ସା-ଠାରୁ ପ ଯେତିକ ଉଚ୍ଚ, ସେହି ପ-ଠାରୁ ତାରସପ୍ତକର ଋ ତେତିକ ଉଚ୍ଚ, ଅର୍ଥାତ୍, ପ-କୁ ସା ବୋଲି ଧରିଲେ, ତାର-ଋ ହେବ ତାହାର ପ । ଅନୁପାତିକ ଅଙ୍କ ହିସାବରେ—

ସା: ପଃ ପଃ ଋ, ଅର୍ଥାତ୍ ୧: $\frac{2}{3}$:: $\frac{2}{3}$: ଋ

ଅତଏବ ତାର-ଋ $=\frac{\frac{2}{3}\times\frac{2}{3}}{1}=\frac{4}{9}$ । ତାହାହେଲେ ମୁଦାରା ଋ-ର ଲମ୍ବ ହେଉଛି ତାର ଋ-ର ଦୁଇଗୁଣ, ବା $\frac{4}{9}\times 2=\frac{8}{9}$; ଅର୍ଥାତ୍, ସମ୍ପୂର୍ଣ୍ଣ ତାରଟିର ପ୍ରଥମ $\frac{1}{9}$ ଅଂଶ ବାଦଦେଇ, ବାକୀ $\frac{8}{9}$ ଅଂଶକୁ ଆଘାତକଲେ ଋ-ସ୍ୱରଟି ଉତ୍ପନ୍ନ ହେବ । ପୁଣି, "ଗ-ପୟୋର୍ମଧ୍ୟଦେଶେ ତୁ ଧୈବତଂ ସ୍ୱରମାଚରେତ୍" । ପ ସଙ୍ଗରେ ତାରସପ୍ତକ ସାଂ-ର ଯେଉଁ ସମ୍ବନ୍ଧ, ବା ସା ସଙ୍ଗରେ ମ-ର ଯେଉଁ ସମ୍ବନ୍ଧ, ଗ ସଙ୍ଗରେ ଧ-ର ସେହି ସମ୍ବନ୍ଧ । ଅର୍ଥାତ୍, ତୈରାଶିକ ଅନୁସାରେ:—

Digitized by srujanika@gmail.com

୧ ୯/୧୦ : : ୨/୩ : ଧ

ଧ = ୯/୧୦ × ୨/୩ × ୧ = ୩/୫

ତାହାହେଲେ, ଧ-ସ୍ୱର ବାହାର କରିବାପାଇଁ ତାରର ଲମ୍ବ ହେବ ସମଗ୍ର ତାରଟିର ୩/୫ ଅଂଶ । "ତଦ୍ଦାଂଶ ଦ୍ୱୟ ସଂତ୍ୟାଗାନ୍ନିଷାଦସ୍ୟ ସ୍ଥିତିର୍ଭବେତ୍" । ସା ସଙ୍ଗରେ ଗ-ର ଯେଉଁ ସମ୍ପର୍କ, ପ ସଙ୍ଗରେ ନ ର ମଧ୍ୟ ସେହି ସମ୍ପର୍କ । ଅତଏବ, ନ = ୪/୫ × ୨/୩ × ୧ = ୮/୧୫; ଅର୍ଥାତ୍, ସମ୍ପୂର୍ଣ୍ଣ ତାରଟିର ୭/୧୫ ଅଂଶ ତ୍ୟାଗକରି, ବାକି ୮/୧୫ ଅଂଶକୁ ଆଘାତକଲେ ନ-ସ୍ୱର ଜାତହେବ । ସଂକ୍ଷେପରେ କହିବାକୁ ଗଲେ, ଗୋଟିଏ ସମଗ୍ରତାରରୁ ଉତ୍ପନ୍ନ ଶବ୍ଦ···ସା,

ତାରଟିର ୮/୯ ଅଂଶରୁ ···ର,

···ଗ,

···ମ,

" ···ପ,

···ଧ ଏବଂ

୮/୧୫ ···ନ ।

ପୁଣି, ଏମାନଙ୍କର ଅଧାରୁ ଉତ୍ପନ୍ନ ଶବ୍ଦଗୁଡିକ ଯଥାକ୍ରମେ ତାର୍ ସପ୍ତକର ସ୍ୱର । ଉଦାହରଣ ଯଥା;— ୩/୫ (ଧ) ର ଅଧା ୩/୧୦ ଅଂଶରୁ ତାର୍ ଧଂ ଉତ୍ପନ୍ନ ହେବ, ବା ୪/୫ (ଗ) ର ଅଧା ୨/୫ ଅଂଶରୁ ତାର୍ ଗଂ ଉତ୍ପନ୍ନ ହେବ ଇତ୍ୟାଦି ।

ଉଲ୍ଲିଖିତ ସାତଗୋଟି ସ୍ୱରମଧ୍ୟରେ ଆଉ ପାଞ୍ଚଗୋଟି ଅର୍ଦ୍ଧସ୍ୱର ମଧ୍ୟ ବ୍ୟବହୃତ ହୁଅନ୍ତି । ସା ଓ ର ମଧ୍ୟରେ କୋମଳ-ର, ର ଓ ଗ ମଧ୍ୟରେ କୋମଳ ଗ, ମ ଓ ପ ମଧ୍ୟରେ କଡ଼ି-ମ, ପ ଓ ଧ ମଧ୍ୟରେ କୋମଳ-ଧ ଏବଂ ଧ ଓ ନ ମଧ୍ୟରେ କୋମଳ—ନ । ଏହି ପ୍ରବନ୍ଧରେ କୋମଳର ସଙ୍କେତଚିହ୍ନ ହେବ ଓ-କାର ( ୋ ) ଏବଂ କଡ଼ିର ଚିହ୍ନ ହେବ ଈ-କାର ( ୀ ); ଅର୍ଥାତ୍, 'ଧୋ' ଲେଖିଲେ ଅର୍ଥହେବ-କୋମଳ-ଧ ବା 'ମୀ' ଲେଖିଲେ ଅର୍ଥହେବ କଡ଼ି-ମ, ଇତ୍ୟାଦି । ଆଧୁନିକ ଭାରତୀୟ ସଙ୍ଗୀତର ସ୍ୱର ସପ୍ତକରେ କୋମଳ ଓ କଡ଼ି ସ୍ୱରମାନଙ୍କର ସ୍ଥାନ ଶ୍ରୁତିସହ ନିମ୍ନରେ ପ୍ରଦର୍ଶିତ ହେଲା:—

| | | |
|---|---|---|
| ସା | ୧ | ତୀବ୍ରା |
| । | ୨ | କୁମୁଦ୍ୱତୀ |
| ରି | ୩ | ମନ୍ଦା |
| । | ୪ | ଛନ୍ଦୋବତୀ |
| ଗ | ୫ | ଦୟାବତୀ |
| । | ୬ | ରଞ୍ଜନୀ |
| ଗି | ୭ | ରକ୍ତିକା |
| ମ | ୮ | ରୌଦ୍ରୀ |
| । | ୯ | କ୍ରୋଧା |
| ମି | ୧୦ | ବଜ୍ରିକା |
| । | ୧୧ | ପ୍ରସାରଣୀ |
| ପ | ୧୨ | ପ୍ରୀତି |
| । | ୧୩ | ମାର୍ଜନୀ |
| ଧ | ୧୪ | କ୍ଷିତି |
| । | ୧୫ | ରକ୍ତା |
| ଧି | ୧୬ | ସନ୍ଦୀପନୀ |
| ନ | ୧୭ | ଆଲାପିନୀ |
| । | ୧୮ | ମଦନ୍ତୀ |
| ନି | ୧୯ | ରୋହିଣୀ |
| । | ୨୦ | ରମ୍ୟା |
| ସ | ୨୧ | ଉଗ୍ରା |
| । | ୨୨ | କ୍ଷୋଭିଣୀ |
| ସା | | ତୀବ୍ରା |

ସାଧାରଣ ହାରମୋନିୟମ୍ ଯନ୍ତ୍ରରେ ଏହି ବାରଗୋଟି ସ୍ୱର ବ୍ୟବହୃତ; ସପ୍ତକସଂଖ୍ୟା ତିନି କିମ୍ବା ତତୋଽଧିକ ଥାଏ । ତେବେ ଶ୍ରୁତି-ହାରମୋନିୟମ୍ ବୋଲି ଏକପ୍ରକାର ଯନ୍ତ୍ର ବାହାରିଅଛି — ଯେଉଁଥିରେ ଶ୍ରୁତିଗୁଡ଼ିକ ମଧ୍ୟ ଅଛି । କିନ୍ତୁ ସେ ହାରମୋନିୟମ୍‌ର ବହୁଳ ପ୍ରଚାର ନାହିଁ ଓ ଅଦୂର ଭବିଷ୍ୟତରେ ହେବାର ଆଶା ମଧ୍ୟ ଖୁବ୍ କମ୍ । ସାଧାରଣତଃ ଯେଉଁ ହାରମୋନିୟମ୍ ସବୁଘରେ ବ୍ୟବହୃତ ହେଉଅଛି, ତାହାର ସ୍ୱରସମୂହ ଯେଉଁ ପଦ୍ଧତିରେ ସଜ୍ଜିତ ହୋଇଅଛନ୍ତି; ତାହା ଏହି ପ୍ରବନ୍ଧର ଆଲୋଚ୍ୟ ବିଷୟ ।


ଅନେକଙ୍କର ଧାରଣା ଯେ ହାରମୋନିୟମ୍‌ର ଯେଉଁ ପର୍ଦ୍ଦାକୁ ଇଚ୍ଛା ସେହି ପର୍ଦ୍ଦାକୁ ସା ଧରି ନିର୍ଭୁଲ ଭାବରେ ବଜାଇ ପାରିଯାଏ; ମାତ୍ର ତାହା ନୁହେ । ଉପରେ ଦିଆଯାଇଥିବା ଛବିଟି ଦେଖନ୍ତୁ,—ସା—ଠାରୁ ର ମଧ୍ୟରେ ସବୁବେଳେ ତିନିଗୋଟି ଶ୍ରୁତି ଅନ୍ତର ରହିବ । ଯଦି ସପ୍ତମ-ଶ୍ରୁତିରେ ଥିବା ଗୋ-କୁ ସା ଧରିଯାଏ, ର ପଡ଼ିବ ଏକାଦଶ ଶ୍ରୁତିରେ; ମାତ୍ର ସେ ଶ୍ରୁତିଟି ହାରମୋନିୟମରେ ନାହିଁ । କେବଳ ରେ ଏବଂ ପ ଏହି ଦୁହିଙ୍କୁ ସା ଧରି ନିର୍ଭୁଲ ଭାବରେ ବଜାଇ ପାରିଯାଏ । ସ୍ୱରମାନଙ୍କର ପାଶ୍ଚାତ୍ୟ ପରିମାଣ ଅନୁସାରେ ମଧ୍ୟ ଏହି ଦୋଷ ଘଟେ ।

ଏଠାରେ ଏମାନଙ୍କର ଇଂରାଜୀନାମ ନ କହିଲେ ଗୋଳମାଳ ହୋଇପାରେ । ତିନିସପ୍ତକ ବିଶିଷ୍ଟ ହାର-ମୋନିୟମ୍‌ର ପ୍ରଥମ-ଶ୍ୱେତ ପର୍ଦ୍ଦାର ନାମ ସି (C); ଏହାହିଁ ହାରମୋନିୟମ୍‌ରେ ଶୁଦ୍ଧ ସା । ପରେ ପରେ



Digitized by srujanika@gmail.com

ଶ୍ୱେତ ପର୍ଦ୍ଦାଗୁଡ଼ିକ ଡି, ଈ, ଏଫ୍ ଜି, ଏ, ଏବଂ ବି ( D. E. F. G. A. & B. ବା ର, ଗ, ମ, ପ, ଧ ଓ ନି ) ହାରମୋନିୟମ୍, ଅର୍ଗାନ୍ ଓ ପିୟାନୋ ଯନ୍ତ୍ରମାନଙ୍କରେ ପର୍ଦ୍ଦାଗୁଡ଼ିକ ଠିକ୍ ନିମ୍ନଲିଖିତ ଭାବରେ ସଜ୍ଜିତ ।




ସି, ଡ଼ି, ଈ, ଏଫ୍ ଜି, ଏ, ବି, ସି, ଡ଼ି, ଈ, ଏଫ୍, ଜି, ଏ, ବି, ସି, ଡ଼ି, ଈ, ବା

ସା ର, ଗ ମ, ପ, ଧ ନି, ସାଂ, ରଂ, ଗଂ, ମଂ, ପଂ, ଧଂ ନିଂ, ସାଂ ରଂ, ଗଂ, ଇତ୍ୟାଦି ।

ଉପରଲିଖିତ 'ସା ର ଗ ମ' ଅନୁସାରେ, ଅର୍ଥାତ୍ ସି-କୁ ସା ଧରିଲେ, ଗୋଟିଏ ସପ୍ତକରେ ଥିବା [ ସି-ଠାରୁ ବି ପର୍ଯ୍ୟନ୍ତ ] ପାଞ୍ଚଗୋଟି କଳାପର୍ଦ୍ଦା ଯଥାକ୍ରମେ ରେ, ଗୋ, ମୀ, ଧୋ ଓ ନୋ । ସି ଓ ଡି ମଧ୍ୟରେ ଯେଉଁ ପର୍ଦ୍ଦାଟି ତାହା ରେ ( ସି-ଶାର୍ପ ବା ଡି-ଫ୍ଲେଟ୍ ), ଡି ଓ ଈ ମଧ୍ୟରେ ଗୋ ( ଡି-ଶାର୍ପ ବା ଈ-ଫ୍ଲେଟ୍ ) ଈ ଓ ଏଫ୍ ମଧ୍ୟରେ କୌଣସି ପର୍ଦ୍ଦା ନାହିଁ । ପୁଣି ଏଫ୍ ଏବଂ ଜି ମଧ୍ୟରେ ଥିବା ପର୍ଦ୍ଦାଟି ମୀ ( ଏଫ୍-ଶାର୍ପ ବା ଜି ଫ୍ଲେଟ୍ ) ଜି ଓ ଏ ମଧ୍ୟରେ ଧୋ ( ଜି-ଶାର୍ପ ବା ଏ-ଫ୍ଲେଟ୍ ) ଏବଂ ଏ ଓ ବି ମଧ୍ୟରେ ଥିବା ପର୍ଦ୍ଦାଟି ନୋ ( ଏ-ଶାର୍ପ ବା ବି-ଫ୍ଲେଟ୍ ) । ବି ଓ ସି ମଧ୍ୟରେ ଅନ୍ୟପର୍ଦ୍ଦା ନାହିଁ ।

ୟୁରୋପୀୟ ସ୍ୱରପରିମାଣ ତତ୍ତ୍ୱ ଅନୁସାରେ ସୁଦ୍ଧା ସି ଛଡ଼ା ଆଉ କେବଳ ସି-ଶାର୍ପ ( ରେ ) ଏବଂ ଜି (ପ) ଏହି ଦୁଇ ପର୍ଦ୍ଦାକୁ ସା ଧରି ନିର୍ଭୁଲ ଭାବରେ ବଜାଇ ପାରିଯାଏ,—ଅନ୍ୟ ଯେ କୌଣସି ପର୍ଦ୍ଦା ନିଶ୍ଚୟ କିଛି ହେଲେ ଦୋଷ ଘଟିବ । ତେବେ, ସେ ଦୋଷ ଏତେ କମ୍ ଯେ ତାହା ଶିକ୍ଷିତକାନରେ ସୁଦ୍ଧା ସହଜରେ ଧରା-ପଡ଼େନାହିଁ । ସେଇଥିପାଇଁ ଆଜିକାଲି ଇଚ୍ଛା-ଅନୁସାରେ ପ୍ରତ୍ୟେକ ପର୍ଦ୍ଦା, କି ଧଳା କି କଳା ସା ରୂପରେ ଧରା-ହୋଇ ବେଶ ଚଳୁଅଛି ।

ଯେ କୌଣସି ପର୍ଦ୍ଦାକୁ ସା ଧରି ବଜାଇବାର ଉପାୟ ମଧ୍ୟ ଖୁବ୍ ସହଜ । କେବଳ ଏତିକି ମନେରଖିବା ଦରକାର ଯେ ଯେଉଁ ପର୍ଦ୍ଦାଟିକୁ ସା ଧରାଯିବ, ତା'ର ଠିକ୍ ଅବ୍ୟ-ବହିତ ପରପର୍ଦ୍ଦା ହେବ ରେ, ତା'ର ପରପର୍ଦ୍ଦା ର, ତା'ପରେ ଗୋ, ମ, ମୀ, ପ, ଧୋ, ଧ, ନୋ, ନି ଏବଂ ସାଂ ଇତ୍ୟାଦି ଠିକ୍ ପରେ ପରେ ପଡ଼ିବେ; ଅର୍ଥାତ୍, ସା ଓ ର ମଧ୍ୟରେ ସବୁବେଳେ ଗୋଟିଏ ପର୍ଦ୍ଦା ( ରେ ) ବ୍ୟବଧାନ, ର ଓ ଗ ମଧ୍ୟରେ ମଧ୍ୟ ସେହି ଗୋଟିଏ ପର୍ଦ୍ଦା ( ଗୋ ), ମାତ୍ର ଗ ଓ ମ ମଧ୍ୟରେ ଆଦୌ ବ୍ୟବଧାନ ନାହିଁ; ମ ଓ ପ, ପ ଓ ଧ ଏବଂ ଧ ଓ ନି ମଧ୍ୟରେ ଗୋଟିଏ ଗୋଟିଏ ପର୍ଦ୍ଦାର ଅନ୍ତର (ମୀ, ଧୋ ଓ ନୋ), ମାତ୍ର ନି-ର ଠିକ୍ ପରପର୍ଦ୍ଦା ତାରା-ସପ୍ତକର ସାଂ ହେବ । ( ଏହି ବ୍ୟବଧାନ ଗୁଡ଼ିକର ନାମ କ୍ରମାନୁୟେ ରେ, ଗୋ, ମୀ, ଧୋ ଓ ନୋ ), ଏହି ନିୟମର କୌଣସି ବ୍ୟତିକ୍ରମ ନାହିଁ । ସି-ପର୍ଦ୍ଦାକୁ ସା ଧରିଲେ ଅନ୍ୟ କେଉଁ ପର୍ଦ୍ଦା କ'ଣ ହବ, ତାହା ପୂର୍ବରୁ ଚିତ୍ରସହିତ ଦେଖାଇ ଦିଆ ହୋଇଅଛି । ଦୃଷ୍ଟାନ୍ତସ୍ୱରୂପ ଏଠାରେ ଅନ୍ୟ ଗୋଟିଏ-ପର୍ଦ୍ଦା ନିଆଯାଉ । ଧରନ୍ତୁ ପ୍ରଥମ କଳାପର୍ଦ୍ଦା ସି-ଶାର୍ପକୁ ସା କରି ବଜାଇବାକୁ ହେବ । ତା'ର ଠିକ୍ ପରପର୍ଦ୍ଦା ହେଉଛି ଦ୍ୱିତୀୟ ଧୋବଲ ପର୍ଦ୍ଦା ଡି, ଏହାହେବ ରେ, ଏବଂ ତାହାର ପରପର୍ଦ୍ଦା ଅର୍ଥାତ୍ ଦ୍ୱିତୀୟ କଳାପର୍ଦ୍ଦା ଈ-ଫ୍ଲେଟ୍ ହେବ ର । ପୂର୍ବ ନିୟମ-ଅନୁସାରେ ର-ର ପର-ପର୍ଦ୍ଦା ଗୋ ଏବଂ ତା'ର ପରପର୍ଦ୍ଦା ଗ; ଏଠାରେ ମଧ୍ୟ ସେହିପରି ଦ୍ୱିତୀୟ କଳାପର୍ଦ୍ଦାର ପରବର୍ତ୍ତୀ ପର୍ଦ୍ଦା ( ତୃତୀୟ ଧଳାପର୍ଦ୍ଦା ) ଈ ହେବ ଗୋ, ଏବଂ ତା'ର ପରପର୍ଦ୍ଦା ଏଫ୍ ହେବ ଗ । ଗ-ର ଅବ୍ୟବହିତ ପରେ ମ; ଅତଏବ ଏଫ୍‌ର ଅବ୍ୟବହିତ ପରପର୍ଦ୍ଦା ଏଫ୍-ଶାର୍ପ ହେବ ମ । ଏଫ୍-ଶାର୍ପର ପରବର୍ତ୍ତୀ ପର୍ଦ୍ଦା ଅର୍ଥାତ୍ ଜି ହେବ ମୀ । ତା'ର ପରପର୍ଦ୍ଦା ଜି-ଶାର୍ପ ହେବ ପ । ଜି-ଶାର୍ପ ପରେ ଏ ଓ ତା'ପରେ ବି-ଫ୍ଲେଟ୍; ଏମାନେ ହେବେ କ୍ରମାନୁୟରେ ଧୋ ଏବଂ ଧ । ସେହିପରି ବି ଏବଂ ସି ହେବ ନୋ ଏବଂ ନି । ପୁଣି ସି-ଶାର୍ପ ସାଂ, ଇତ୍ୟାଦି । ଯେ କୌଣସି ପର୍ଦ୍ଦାକୁ ସା ରୂପରେ ଧରିଲେ ଅନ୍ୟାନ୍ୟ ସ୍ୱରଗୁଡ଼ିକ ସ୍ଥିରକରିବା ସବୁବେଳେ ଏହି ନିୟମ ଅନୁ-

Digitized by srujanika@gmail.com

ସାରେ ଅତି ସହଜହେବ । ହାରମୋନିୟମ୍, ଅର୍ଗାନ୍ କିମ୍ବା ପିୟାନୋରେ ସ୍ୱର ନିର୍ଦ୍ଧାରଣ ପାଇଁ ଏ ନିୟମର କେବେହେଁ କୌଣସି ବ୍ୟତିକ୍ରମ ହେବନାହିଁ ।

ପାଶ୍ଚାତ୍ୟ ଯନ୍ତ୍ର ହାରମୋନିୟମ ସମ୍ବନ୍ଧରେ ଲେଖିବାକୁ ଯାଇ, ପାଶ୍ଚାତ୍ୟ ସଙ୍ଗୀତର ପ୍ରାଣସ୍ୱରୂପ ହାରମନି ( Harmony ) ବା ରଞ୍ଜନାତ୍ମକ ବହୁମେଳ ବିଷୟରେ କିଛି ପଦେଅଧେ ନ କହିଲେ ପ୍ରବନ୍ଧଟି ଅସମ୍ପୂର୍ଣ୍ଣ ରହିଯାଉଛି । ଦୁଇ ବା ତତୋଽଧିକ କେତେଗୁଡ଼ିଏ ସ୍ୱରର ଏକତ୍ର ମିଳିତ ଶବ୍ଦ ସୁଦ୍ଧା ଶ୍ରୁତି-ମଧୁର ହୋଇଥାଏ; ଯେପରି ଷଡ଼ଜ ଓ ତା'ର ଅଷ୍ଟମ ସ୍ୱର, ଅର୍ଥାତ୍ ତାରସପ୍ତକର ସା, ଏ ଦୁହେଁ ପ୍ରାୟ ସମ୍ପୂର୍ଣ୍ଣ ମିଳିଯାଇ ଶ୍ରୁତିସୁଭଗ ହୋଇଥାନ୍ତି । ଷଡ଼୍‌ଜ ସଙ୍ଗରେ ପଞ୍ଚମ ସ୍ୱରର ମଧ୍ୟ ଯଥେଷ୍ଟ ମେଳ ଅଛି, ଓ ତା'ପର କ୍ରମାନୁସାରେ ମ, ଗ ଓ ଧ-ର ମେଳ । ରି ଓ ନି, କେବଳ ଏହି ଦୁଇଟି ସ୍ୱର ସଙ୍ଗରେ ଷଡ଼୍‌ଜର ଗରମେଳ । ଯେ କୌଣସି ସ୍ୱର ଉଚ୍ଚାରିତ ବା ବାଦିତ ହେଲେ, ସର୍ବ ପ୍ରଥମେ ପୂର୍ବଶ୍ରୁତ ( upper partials ) ଉତ୍ପନ୍ନହୁଏ ଓ ତାହାପରେ ମୂଳ ବା ଅସଲସ୍ୱରଟି ବାହାରେ । ମୂଳ ସ୍ୱରପରେ ପୁଣି ରଞ୍ଜନାତ୍ମକ ଆହୁରି ଦୁଇଟି ଧ୍ୱନି ଉତ୍ପନ୍ନ ହୋଇ, ସ୍ୱରଟିର ନିବୃତ୍ତି ହୁଏ । ଏହି ରଞ୍ଜନାତ୍ମକ ଧ୍ୱନି ଦୁଇଟି ମୂଳସ୍ୱରର ଗାନ୍ଧାର ଓ ପଞ୍ଚମ । ଅର୍ଥାତ୍, ପ୍ରତ୍ୟେକ ସ୍ୱର ସା-ଗ-ପ ଏହି ତିନିଗୋଟି ସ୍ୱର ପରେ ପରେ ଉଦ୍ଗାର କରେ । ଏହି ସା-ଗ-ପ ସମାହାର ହେଉଛି ହାରମନିର ମୂଳତତ୍ତ୍ୱ । ହାରମୋନିୟମ୍ ଯନ୍ତ୍ରଟି ଏହି ହାରମନି ବଜାଇବାପାଇଁ ପ୍ରଶସ୍ତ ଓ ସେଇଥିପାଇଁ ସେଥିରେ ହାରମନି ସହ ବଜାଇଲେ ଭଲ ଶୁଭେ ।

ତେବେ, ଶେଷକଥା ଏହି ଯେ ହାରମୋନିୟମ୍, ପିୟାନୋ ଆଦି ବଦ୍ଧ-ସ୍ୱର ଯନ୍ତ୍ରଗୁଡ଼ିକ, ମଧୁରସ୍ୱର ବିଶିଷ୍ଟ ହେଲେସୁଦ୍ଧା, ବିଶୁଦ୍ଧ ନୁହନ୍ତି; ଏହା ୟୁରୋପୀୟ ପଣ୍ଡିତମାନେ ସୁଦ୍ଧା ସ୍ୱୀକାର କରନ୍ତି । ଏହି ଅଶୁଦ୍ଧତା ସେମାନଙ୍କର ଇଚ୍ଛାକୃତ । ଷଡ଼୍‌ଜ ପରିବର୍ତ୍ତନ ଓ ମୁହୁର୍ମୁହୁ ଷଡ଼୍‌ଜ ସଂକ୍ରମଣର ( transition ) ସୁବିଧାପାଇଁ ସେମାନେ ଏହି ଯନ୍ତ୍ରଗୁଡ଼ିକର ସ୍ୱରସମୂହକୁ କିଛି ଉଚ୍ଚ ନୀଚ କରି ଆନୁପାତିକ ସମତା ବିଶିଷ୍ଟ ( equal temperament ) କରିନେଇ ଅଛନ୍ତି । ବହୁମେଳ ( harmony, chord ) ବାଦନପଦ୍ଧତି ଥିବାରୁ, ଦୋଷସବୁ ଲୁଚିଯାଇ, ପାଶ୍ଚାତ୍ୟ-ସଙ୍ଗୀତର ତଦ୍ଦ୍ୱାରା ବିଶେଷ କିଛି କ୍ଷତି ହୁଏନାହିଁ । କିନ୍ତୁ, ଏକେ ଅଶୁଦ୍ଧ, ତା'ପରେ ପୁଣି ଭାରତୀୟ ସଙ୍ଗୀତର ଅସଲ ସୌନ୍ଦର୍ଯ୍ୟ ଯେଉଁ ମୀଡ଼ ତାହା ପ୍ରକାଶ କରିବାରେ ସମ୍ପୂର୍ଣ୍ଣ ଅକ୍ଷମ, ଏପରି ଅବସ୍ଥାରେ ଏ ଯନ୍ତ୍ରଗୁଡ଼ିକ ପ୍ରକୃତ ଭାରତୀୟ ସଙ୍ଗୀତପାଇଁ କିପରି ଉପଯୋଗୀ, ତାହା କହିବା ବାହୁଲ୍ୟ ମାତ୍ର । ଗତ ବା କନସର୍ଟ ବଜାଇବାପାଇଁ ଏମାନେ ବେଶ୍ ପ୍ରଶସ୍ତ; ମାତ୍ର, ଉଚ୍ଚଅଙ୍ଗର ଭାରତୀୟ ସଙ୍ଗୀତ କଥା ଦୂରେଥାଉ, ସାମାନ୍ୟ ଓଡ଼ିଆ-ଛାନ୍ଦର ସୁଦ୍ଧା ସ୍ୱର-ସୌନ୍ଦର୍ଯ୍ୟ ପ୍ରକାଶ କରିବାରେ ଯେ ଏମାନେ ଏକାଥରକେ ପଙ୍ଗୁ ଏହା ବୋଧହୁଏ ସମସ୍ତେ ମାନିବେ ।

## ଅନୁତପ୍ତା ।

ଶ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ର ।

ସେ ବର୍ଷ ଗ୍ରୀଷ୍ମାବକାଶରେ ଚନ୍ଦନଯାତ ଦେଖିବା ବାହାନାରେ ପୁରୀରେ ରହିଗଲି ପ୍ରାୟ ମାସାଧିକ କାଳ । ବସାଖଣ୍ଡି ସମୁଦ୍ରକୂଳରେ । ଗ୍ରୀଷ୍ମର ପ୍ରଚଣ୍ଡ ଦାଉରୁ ରକ୍ଷାପାଇ ଆଉ ସେ ସ୍ଥାନ ଛାଡ଼ିଯିବାକୁ ମନ ବଳୁ ନଥାଏ । କିନ୍ତୁ ପ୍ରାୟ ପ୍ରତିଦିନ ଥରେ ହେଲେ ମୋତେ ସହର ଭିତରକୁ ଆସିବାକୁ ପଡ଼େ । ଫେରିଲାବେଳକୁ

Digitized by srujanika@gmail.com

କେଉଁଦିନ ଦିନ ଦିପହର କେଉଁଦିନ ବା ବୁଢ଼ ଦିପହର ହୁଏ, ତା'ର ଠିକଣା ନଥାଏ । ନିଶ୍ଚିନ୍ତ, ନିଷ୍କର୍ମା ହେଲେ ଏହିପରି ଅନିୟମ ଘଟିବା ସ୍ୱାଭାବିକ ।

ଯେତେବେଳେ ମୁଁ ସେବାଟେ ଯାଏଁ, ଗୋଟାଏ ବରଗଛ ତଳେ ଜଣେ ଅନ୍ଧକୁ ବସିଥିବାର ଦେଖେଁ । କିବା ଖରା, କିବା ବର୍ଷା, କିବା ସଞ୍ଜ, କିବା ସକାଳ, ଯେବେ ମୁଁ ସେ ବାଟଦେଇ ଯା'ଆସ କରିଛି, ତେବେ ମୁଁ ତା'କୁ ସେହି ଏକଭାବରେ ବସିରହିବାର ଦେଖିଛି । ପ୍ରଥମେ ପ୍ରଥମେ ତାହାକୁ ସାଧାରଣ ଭିକ୍ଷୁକ ବୋଲି ଭାବିଥିଲି । କିନ୍ତୁ ଥରକୁଥର ମୁଁ ଅସମୟରେ ସୁଦ୍ଧା ଏକସ୍ଥାନରେ ଦେଖି ତାହା ସମ୍ବନ୍ଧରେ ଟିକିଏ କୌତୂହଳ ଜନ୍ମିଲା । ଦିନକରେ ତାକୁ ଗୋଟିଏ ଯୋଡ଼ିଏ ପ୍ରଶ୍ନ ପଚାରି ପଇସାଟାଏ ଦେଇଆସିଲି । ପୁଣି ଆଉଦିନେ ସେହିପରି ଆଉଗୋଟାଏ । ଏହିରୂପେ ବାରଂବାର କଥାବାର୍ତ୍ତା ଓ ବଦାନ୍ୟତା ହେତୁ ଅଳ୍ପ ବହୁତ କରି ଟିକିଏ ଘନିଷ୍ଠତା ଜନ୍ମିଲା । ମୁଁ ଆସିବାର ଜାଣିପାରିଲେ, ଅନ୍ଧଟିର ଚିରମେଘାବୃତ ବଦନମଣ୍ଡଳ ହଠାତ୍ ଅପୂର୍ବ ଜ୍ୟୋତିରେ କ୍ଷଣକପାଇଁ ଉଲ୍ଲାସିତ ହୋଇ ଉଠେ । ଜଗତର ଶୋଭା-ସୌନ୍ଦର୍ଯ୍ୟରୁ ଯେ ଚିରବଞ୍ଚିତ ତାହାର ତିଳେମାତ୍ର ଆନନ୍ଦ ଦେଖି ମୋର ହୃଦୟ ମଧ୍ୟ ଆନନ୍ଦିତ ହୁଏ । ଅହା ! ସଂସାରର ଅବହେଳିତ ହତଭାଗ୍ୟ ପକ୍ଷରେ ସାମାନ୍ୟ ଟିକିଏ ମିଠା କଥା କେତେ ମୂଲ୍ୟବାନ୍ ! ସହାନୁଭୂତିର କ୍ଷୀଣ ନିଶ୍ୱାସଟିଏ, ସମବେଦନାର କଅଁଳ କଥା ପଦେ ;—ଏତିକି କମ୍ ଖରଚରେ ଏତେ ବେଶି ଲାଭ ଆଉ କେଉଁଥିରେ ଅଛି କି ନା ସନ୍ଦେହ । ଏ ଆନନ୍ଦଟିକ, ଏ ତୃପ୍ତିଟିକର ମୂଲ୍ୟ ନାହିଁ !

ମୁଁ ଦେଖେଁ, ସେ କ'ଣ କହିବ ବୋଲି ମନକରେ—କିନ୍ତୁ କହେନାହିଁ । ଦିନେ ସେ ଅନେକ ଚେଷ୍ଟାକରି କଥା କହିଲା । "ଜଗନ୍ନାଥେ"—ଏତିକି କହି ଗୋଟାଏ ଢୋକ ଗିଳିଲା । ତା'ର ଗଦ୍‌ଗଦ ଭାବ ଦେଖି ମୁଁ ଧୀରେ୨ ତା ପାଖରେ ବସିଲି । ଅନ୍ଧ କହିବାକୁ ଲାଗିଲା —

" ଠାକୁରେ ମୋତେ ସୁଖ ଦେଇଥିଲେ—ଖୁବ୍ ସୁଖ ଦେଇଥିଲେ । କାହାର ହାତକୁ ନ ଚାହିଁ, ଆପଣା ପାରିଲାପଣିଆରେ ଆପେ ଉପାୟ କରି ମୋର କିଛି ଅଭାବ ନ ଥିଲା । ମୋ ଘରକୁ ମୁଁ ମାଲିକ୍ । ମୋ ଉପରେ କଥା କହିବାକୁ କେହି ତ ନଥିଲେ । ତାହାଁକ ମୋର ସ୍ୱଭାବ ନଥିଲା ସବୁକଥାରେ ପରର ଅନୁସରଣ କରିବା । ଈଶ୍ୱରବି ସେ ଠେକ୍ ରଖିଥିଲେ ସେହିପରି ।

ଆପେ ବାଛି ନିକ କନ୍ୟାଟିଏ ବିଭାହେଲି । ଏହି ହାତରେ କମାଇ, ଦି'କୋଡ଼ି ଚଉଦଟଙ୍କା କନିଆସୁନା ଗଣିଦେଇଛି । ବହୁଟି ଯେପରି ଯୋଗ୍ୟ, ସେହିପରି ଲକ୍ଷ୍ମୀବନ୍ତ । ତା ପହରା ଏଭଳି ଯେ, ସେ ମୋ ଘରେ ଗୋଡ଼ ଦେଲାଠଉଁ ମୋର ଦିନକୁଦିନ ବଢ଼ନ୍ତହେବାକୁ ଲାଗିଲା । ମୁଁ ତାକୁ ଏପରି ଦେଖିପାରିଥିଲି ଯେ, ତା' ମନ ଯୋଗାଇବାପାଇଁ ଭିତରେ ଭିତରେ ମୁଁ ସବୁବେଳେ ଲାଗିଥାଏଁ । ଭଲ ଦରବଟିଏ, ଭଲ ଶାଢ଼ୀ ଖଣ୍ଡିଏ, ଭଲ ଅଳଙ୍କାରଟାଏ, ଯାହା ଯେଉଁଠି ଦେଖେ, ତାହା ତା'ପାଇଁ ନ ଆଣିବାଯାକେ ମନରେ ମୋର ସନ୍ତୋଷ ନଥାଏ । ସେ ମଧ୍ୟ ସେହିପରି ଆଦର, ଯତ୍ନ, ସେବା, ଶୁଶ୍ରୂଷାଦ୍ୱାରା ତା'ର ଚଉପଟ ପୂରଣ କରିଦିଏ । ଏହିରୂପେ ଆମ ଦିନ ବଡ଼ ଆନନ୍ଦରେ, ବଡ଼ ଆରାମରେ ଫଗୁଣମାସର ଗୁହ୍ନମୀରାତି ପରି ଗଡ଼ି ଗଡ଼ି ଚାଲିଯାଉଥାଏ ।

କିଛିକାଳ ଅନ୍ତେ, ଝିଅଟିଏ ଜନ୍ମହେଲା । ସେଉଠିକୁ ଆମେ ଦି'ପରାଣୀ ଜୀବନପରି କରିଥାଉଁ । କାମ ପାଇଠିରୁ ଲେଉଟି ସଞ୍ଜପହରେ, ଦୁହେଁଯାକ ମୁହାଁମୁହିଁ ହୋଇ ଯେତେବେଳେ ସେ ଗୁଲୁଗୁଲିଆ ପିଲାଟିକୁ ଗେଲକରୁଁ, ସେତେବେଳେ ଆମ ସୁଖ ଯେ ଦେଖିଥିବ ସେ ନିଶ୍ଚୟ ହେଲେ ମନେକରିଥିବ କି ସଂସାରଟା-ଯାକର ସୁଖତକ ସବୁ ଯାଙ୍କର ଭାଗରେ ପଡ଼ିଛି ।"

" ଏ ସୁଖ କିନ୍ତୁ ଚିରଦିନ ରହିଲାନାହିଁ । ବିଧାତା ଏ ଗରିବ ପରି ସହିପାରିଲେନାହିଁ । ତାଙ୍କର ବଡ଼ ଦୟା— " ଏତିକି କହି ଅନ୍ଧ ଗୋଟିଏ ଦୀର୍ଘ ନିଃଶ୍ୱାସ ପକାଇଲା । ପୁଣି ଆରମ୍ଭ କଲା—

"ଦିନେ ମତେ ଜର ଆସିଲା । ଗୁହୁଁ ଗୁହୁଁ ଦେହଯାକ ଗୋଟି୨ କରି ଠାକୁରାଣୀ ବାହାରିପଡ଼ିଲେ । ସେ ଯନ୍ତ୍ରଣା କଷ୍ଟ ବାବୁ, ତା' ସାତ ଶତ୍ରୁକୁ ନୋହୁ । ଦେହରେ

Digitized by srujanika@gmail.com

ଝୁଣ୍ଟୁମୁନ ବସାଇବାକୁ ଥାନ ନାହିଁ । ଏହାପରେ ଦଶ ପନ୍ଦର ଦିନ ଜ୍ୱାଳ ପ୍ରକୋପରେ ଘାଣ୍ଟିହୋଇ ହୋଇ, ବଞ୍ଚା ଛୁଟିକା ସହି ୨ ମା'ଙ୍କ ଦୟାରୁ ଜୀବନରେ ବଞ୍ଚିଗଲି; କିନ୍ତୁ ଜୀବନର ସାର ଯେଉଁ ଚକ୍ଷୁ ଦର୍ପଣ, ମା' ଠାକୁରାଣୀ ତାଙ୍କ ବିଦାୟକରୂପେ ଯେମନ ଗ୍ରହିଗଲେ । କିଏ କହିବ, ଏହି ରୋଗ ବେଳରେ ମୋ ସ୍ତ୍ରୀ ଯେଉଁ ସେବା ଯତ୍ନ କରିଛି ତା' ନପାଇଥିଲେ ଏ ପ୍ରାଣ କେବେ ରହିନଥାନ୍ତା । ତେବେ ତାହାବି ମୋ ପକ୍ଷରେ ଭଲ ଥିଲା । ହଁ, ଶେଷରେ ଚକ୍ଷୁ ଯୋଡ଼କ ହରାଇ କର୍ମହୀନ ହୋଇ ଘରେ ରହିଲି । ଯାହା କିଛି ସଞ୍ଚୟ ଥିଲା ତାହା ରୋଗକାଳରେ ପ୍ରାୟ ସରିଥିଲା । ବାକି କିଛିଦିନ ଟଣାଓଟରା କରି ଚଳିଲା । ତେଣିକି ଅଭାବ, ହଉଁ ହଉଁ ଉପବାସ । ମୋର ତେତେ ଶରଧାର ଭୂଅଣୁଣୀ, ସାଇରେ ଲଗି ତାଙ୍କୁ ଭଜାପେଟ ପୋଷିବାକୁ ପଡ଼ିଲା । ବିଧାତା ଲେଖନକୁ ବଳ କାହାର ! ଝିଅଟାକୁ ସେତେବେଳେ ବର୍ଷ ଆଠ । କଥାରେ କହନ୍ତି ଅଭାବରେ ସ୍ୱଭାବ ନଷ୍ଟ । କ୍ରମେ ଦେଖିଲି ଆମ ଦୁଇପ୍ରାଣୀଙ୍କ ଭିତରେ ସରାଗ କମିଆସିଲା । ମନକୁ ସାନ୍ତ୍ୱନା ଦେଲି କି "କେତ ମଲ୍ଲକୁ ଗ୍ରହାନ୍ତାନାହିଁ" । କିନ୍ତୁ ଏ ଅଗ୍ରହାନ୍ତାଟା ବଢ଼ି ୨ ହେଲା ଅବହେଳା,—ହେଉଁ ୨ ବିରକ୍ତି, ଗାଳି, ଗୁଲୁଜ, ଶଣ୍ଟା, ଢକାପର୍ଯ୍ୟନ୍ତ—। ନିରୂପାୟ ମୁଁ ଆଉ କ'ଣ କରିବି ! ଯାହାର ସୁଖଲାଗି ମୁଁ ଶୃଙ୍ଖଳ ଗୋଡ଼ରେ ମାରିଛି, ଯାହାଲାଗି ହାଡ଼ ମାଉଁସ ରସାଇ ଦେଇଛି, ସେ ପୁଣି ଆଜ—ଓଃ ! ଦଇବ କଥାକୁ ଅନ୍ୟଥା କାହାର ! କର୍ମକୁ ଠିକି ରହିଲି । ମଣିଷ ଶରୀ କ'ଣ ନ ସହୁଛି ! ଏହା ବି ଅଭ୍ୟାସ ହୋଇଗଲା—

"ସେହି ମାମୁଁ ସେହି ମାଇଁ ଦୁଧ ଉପରେ ସର—
ସେହି ମାମୁଁ ସେହି ମାଇଁ ହାଣ୍ଡି ଖଡ଼ଖଡ଼ ।"

ସ୍ୱାମୀ ସ୍ତ୍ରୀ ବୋଲି ଆମ ଦୁହିଙ୍କ ଭିତରେ କିଛି ନଥିଲା । କ୍ରମେ ସାଧାରଣ କଥାବାର୍ତ୍ତା ବି ବନ୍ଦ । କେବଳ ଝିଅଟି ମୋର ସାହା । ସେଇଟି ମୋତେ ଉଠାଏ, ବସାଏ, ବାହାରକୁ ବାଡ଼ ଧରାଇ ନେଇଯାଏ; ଯାହା ଖୋଜିଲେ ହାତକୁ ଆଣିଦିଏ । ଯେତେବେଳେ ପାରେଁ ମୋର ସେହି ଅନ୍ଧ ଲଉଡ଼ଟିକୁ ଛଡ଼ିକ ଟାଣିନେଇ, ଭିତରେ ଜଳୁଥିବା ନିଆଁକୁ ଟିକିଏ ଶାନ୍ତ କରିବାକୁ ଚେଷ୍ଟା କରେଁ । କିନ୍ତୁ ତାହାବି, ଅତି ସାବଧାନରେ, ଅତି ସନ୍ତର୍ପଣରେ ଏକୁଟିଆ ଥିଲାବେଳେ । କାହିଁକି କେଜାଣି, ତା' ମା ଆସିଲାକ୍ଷଣି ମୋ ଲହୁ ପାଣି ହୋଇଯାଏ । ସେହି ଏକା ଆମ ଦୁହିଙ୍କର ଏକମାତ୍ର ଭରସା, ଅଥଚ ସେ ଯେପରି [ଗୋଟାଏ ଆତଙ୍କ !

ନିତି ତ ସେ କାମକୁ ଯାଏ । ଦିନେ ଦେଖିଲି ସେ ଆଉ ଫେରିଲାନାହିଁ । ସେଦିନ ଉପାସେ ରହିଲୁଁ, ବାପ ଝିଅ ଦୁହେଁ । ଉପାସ ରହିବାଟା ସହି-ଗଲାଣି, ଯେଥିପାଇଁ କଅଁଳା ପିଲାଟା ମଧ୍ୟ କାତର ହେଲାନାହିଁ । ତହିଁଆରଦିନ ସୁଦ୍ଧା ତାର ଦେଖା-ନାହିଁ । ମୁଁ ନିଜେ ଭୋକରେ ଅଉଟି ହେଲିଣି, କିନ୍ତୁ ପିଲାଟା କଥା ଭାବି ୨ ଆପଣା ଦୁଃଖ ବାଧୁନଥାଏ । ଉପାୟ ବା କ'ଣ, ଭରସା ବା କ'ଣ ? ରହି ରହି ଝିଅ କହିଲା "ବାପା, କ'ଣ କରିବା, ମା' ତ ଆଇଲାନାହିଁ; ରୁ ଖାଇବୁ କଣ ?" ଓଃ, ମୋ ଛାତିଭିତରେ ଯେପରି କରତ ଚଳି-ଗଲା । ଏତେ ଟିକିଏ ପିଲା, ଆପେ ଦୁଇଦିନ ଉପାସ, ସେଥିକି ଭ୍ରୂକ୍ଷେପ ନାହିଁ, ମୋ ଖାଇବାପାଇଁ ଭାବନା ପୁଣି ତା'ର ! ହୃଦୟର ଆବେଗ ହୃଦୟରେ ଚାପି, ତାକୁ କିଛି କହିଲିନାହିଁ । ମୋ ବୁଦ୍ଧି ଏପରି ଲୋପ ପାଇଥିଲା ଯେ ଉପସ୍ଥିତ ବିପଦର କୌଣସି ପ୍ରତିକାର କରିବା ତେଣିକି ଥାଉ, ଶକ୍ତି ପାଉ ବା ନପାଉ, ଏପରିକି " ଆତ୍ମ-ରକ୍ଷାର ଉପାୟ ଚିନ୍ତା କରିବା ଯେ ଉଚିତ ତାହା ମଧ୍ୟ ବୁଝି ପାରିଲିନାହିଁ । ନିର୍ଭର କରିବି କାହାଉପରେ ? ନିଶ୍ଚେଷ୍ଟତା ଯେ ସବୁଠାରୁ ସହଜ ଓ ସୁବିଧାଜନକ । ଝିଅ କହିଲା "ବାପା, ବସିରହିଲେ ତ ଚଳିବନାହିଁ । ଚାଲ ଗାଁଗଣ୍ଡାରେ ମାଗିଯାଚି ଆଣିବା ।" ଭାବିଲି, କାଙ୍ଗାଳଙ୍କ ପରି ଭିଖ ମାଗିବାକୁ ଯିବି ! ଉପାୟ କ'ଣ ? ଜଗଦୀଶ କପାଳରେ ଯାହା ଲେଖିଛନ୍ତି ।

ବାପ, ଝିଅ ଦୁହେଁ ବାହାରିଲୁଁ । ଭିଖ ମାଗିବାଟା ଗୋଟାଏ ବିଦ୍ୟା । ସେଥିରେ ତ ଆମେ ଦୁହେଁଯାକ ଅନଭ୍ୟସ୍ତ । ଯାହାହେଉ ତଦ୍ୱାରା ଜୀବନ ବଞ୍ଚାଇବାଭଳି ସଂସ୍ଥାନ ହେଉଥାଏ । ଆମେ ଦୂରଗ୍ରାମକୁ ଯାଇପାରୁଁ ନା,

Digitized by srujanika@gmail.com

ପାଖ ପଡ଼ିଶାରେ ଏବେ ନିତ ନିତି କେତେ ମିଳିବ ? ପେଟିତ ପୂରିଲାନାହିଁ । ଭାବିଲି, ସହରକୁ ଗଲେ ଭଲ ହୁଅନ୍ତା । ଏହି ସମୟରେ ଶୁଣିଲି ସ୍ତ୍ରୀ ମୋର ଦୁଇ ଘର ଗାଁ ଅନ୍ତରରେ କୌଣସି ଲୋକ ସାଙ୍ଗରେ ବାହାରିଯାଇ ରହିଛି । ସବୁ ସହିଥିଲି ବାବୁ,—କିନ୍ତୁ ଏ ଖବରଟା ଶୁଣି ଅନ୍ତନାଡ଼ି ଦୁହିଁ ହୋଇଗଲା । କ'ଣ କରିବି ! ଖାଲି ଭଗବାନଙ୍କୁ ଡାକି ଡାକି ଦୀର୍ଘ ନିଃଶ୍ୱାସ ପକାଇ ସେ ଦୁଃଖ ସହିଲି । ସାଇପଡ଼ୋଶୀମାନେ ମୋତେ ଦେଖିଲେ ମୋପାଇଁ ଦୁଃଖକରନ୍ତି, କଥା ପ୍ରସଙ୍ଗରେ ସହାନୁଭୂତି ଦେଖାଇ ମୋ ସ୍ତ୍ରୀର ଆଚରଣ ସମ୍ବନ୍ଧରେ କଥାଭାଷା ହୁଅନ୍ତି । ସବୁ କଥା ମୁଁ ଶୁଣେଁ । ଆଖି ଯୋଡ଼ାକ ଯେପରି ଯାଇଥିଲା, କାନ-ଯୋଡ଼ାକ ଭଲା ସେହିପରି ଯାଇଥାଆନ୍ତା । ସବୁବେଳେ ତ କାନରେ ବାଜିଲା; କି ଲଜ୍ଜା ! ଛି ! ଆଉ ଏ ଗାଁଅରେ ମୁହିଁ ଦେଖାଇବିନାହିଁ ।

ଦିନେ ଝିଅକୁ ଘେନି ଜନ୍ମସ୍ଥାନକୁ ଶେଷ-ସ୍ପର୍ଶକରି ବାହାରିପଡ଼ିଲି । ପଶୁରି ପଶୁରି କେତେ ଦିନେ ଶ୍ରୀକ୍ଷେତ୍ରରେ ପହଞ୍ଚିଲି । କାଳିଆ ଯାଆନ୍ତି ଚଉବାହା ଠେକି ଯଉଁଠି ଛପନକୋଟି ଜୀବଙ୍କୁ ଶରଣ ଦେଉଛନ୍ତି, ସେହି ପତିତପାବନ ବାନା ତଳେ ଆମ ଦିଓଟି ପ୍ରାଣୀଙ୍କର କି'ଣ ଦୁଃଖ ମେଣ୍ଟିବନାହିଁ ! ଏହି ଗଛ ତଳ ମୋର ଆଶ୍ରା । ମାଗି ଯାଚି ଖାଇ ଏହିଠି ରହୁଁ । ଏ ସ୍ଥାନଟି ମୋ ଝିଅକୁ ବଡ଼ ଭଲ ଲାଗେ । ମୋର ତ ଆଖି ନାହିଁ, କି'ଣ ବୁଝିବି ବାବୁ, କାହିଁକି ତାକୁ ଭଲ ଲାଗେ ? ମୋତେ ସେ ଯଉଁଠି ବସାଇ ଦିଏ, ମୁଁ ସେହିଠି ବସି-ଥାଏଁ ।"

ଅନ୍ଧ ପୁଣି ନୀରବ ହେଲା । କିଛିକ୍ଷଣ ଉତ୍ତାରୁ କହିବାକୁ ଲାଗିଲା—

ଏହିପରି କିଛିକାଳ ବିତିଗଲା । ରଥ ସମୟରେ ଭାରି ଯାତ୍ରୀ ଭିଡ଼ । ସେ ବର୍ଷ ପ୍ରବଳ ହଇଜା ଗୋଳ ଲାଗିଲା । ହଜାର ହଜାର ଘୋସରି ହେଲେ । ମୋ ଝିଅଟି ଦିନେ କହିଲା " ବାପା ମୋତେ ବାଉକି ହଉଛି । " ମୋ ହାଲକ ଶୁଖିଗଲା । ସେ ମୋହରି ପାଖରେ ପଡ଼ିଥାଏ । ମୁଁ ବା କ'ଣ କରିବି ! କେବଳ ଅଣ୍ଡାଳି ଅଣ୍ଡାଳି ତା'ଦେହରେ ହାତ ବୁଲାଉଥାଏଁ ଆଉ ନୀଳଚକ୍ର ଆଡ଼କୁ ହାତ ବଢ଼ାଇ ଚକାଡୋଳାଙ୍କୁ ଡାକୁ-ଥାଏଁ । ଏ ପାପୀର ଡାକ ଶୁଣିବାକୁ ସେ ଭଲା ପ୍ରଭୁବି ପଥର ହୋଇଗଲେ । 'ବାପଲୋ' 'ମା'ଲୋ' 'ପେଟଗଲା' "ପାଣି ଦେ", ପ୍ରଭୃତି କେତେ କ'ଣ କହୁଁ କହୁଁ ମୋ କୋଳରେ ମୁଣ୍ଡ ଥୋଇ, ମୋହରି ବେକକୁ ଦୁଇ ହାତରେ କୁଣ୍ଢାଇ ଧରି, ରଙ୍କ ସଙ୍ଖାଳିଟି ମୋର ଛାଡ଼ି ଚାଲିଗଲା । ଯେତେବେଳେ ବୁଝିପାରିଲି ସେ ଆଉ ନାହିଁ ବୋଲି, ତାହାରି ଉପରେ ମୁଁ ଅଚେତ ହୋଇ ପଡ଼ିଗଲି । ଜ୍ଞାନ ହେଲାରୁ ଦେଖିଲି ମା' ମୋର, ମୋ ପାଖରେ ନାହିଁ । ଚଉ ଛାଡ଼ି ଗୃହପାଖରେ ଦଉଡ଼ିଲି—ପାଇଲି ନାହିଁ, ବୋଧହୁଏ ସରକାରୀ ଲୋକ ଉଠାଇନେଇ-ଯାଇଥିଲେ । ମୋର ସ୍ନେହ ପିତୁଳାକୁ କେଉଁଠି ପୋତି-ଦେଇଥିବେ, ବା ପୋଡ଼ି ପକାଇଥିବେ ! କିଏ ଜାଣୁ ବୁଝିବ ସେ ମୋର କେଡ଼େ ଅମୂଲ୍ୟ ନିଧି ! ତାର ଅସହାୟ ପିତାକୁ ଛାଡ଼ି ଯିବାବେଳେ ସେ କେତେ ବିକଳ ହୋଇ ନଥିବ ! ମୋତେ ଯଦି ସାଙ୍ଗରେ ନେଇ ଯାଇ ଥାଆନ୍ତା ତେବେ ମୋର ସବୁ ଦୁଃଖ ସରିଯାଇଥାଆନ୍ତା ସିନା ! ସେ ମୋ ନିଚ୍ଛୁଣା ଜୀବନକୁ ଏତେ ଦିନ ବଞ୍ଚାଇ ରଖିଥିଲା; କିନ୍ତୁ ସେ ଗଲାବେଳେ ତା ତୁଣ୍ଡରେ ପାଣି ବୁନ୍ଦାଏ ଦେଇ ପାରିଲିନାହିଁ ତ ! ସେ ମୂର୍ଚ୍ଛା ମୋର କାହିଁକି ଭାଙ୍ଗିଲା ! ସେତେବେଳକୁ ମୋର ଉଠିବାର ଶକ୍ତି ନଥିଲା । ଶକ୍ତି ଥିଲେ ମଧ୍ୟ ଯିବି କୁଆଡ଼କୁ ? ଯେ ମୋତେ ବାଟ କଢ଼ାଇ ନିଅନ୍ତା ସେ ତ ନାହିଁ ! ଦୁଃଖରେ, ହତାଶରେ, ପୁଣି ଶୋଇପଡ଼ିଲି । କେବଳ ଜଗନ୍ନାଥଙ୍କୁ ଡାକୁଥାଏଁ "ତୋହରି ଧାମକୁ ଘେନି ଆସି ତୋ ମନରେ ଏହିଥିଲା ପ୍ରଭୁ !

"ଏହିପରି ଡାକୁଁ ଡାକୁଁ ଅଚେତ ହୋଇଗଲି । ନିଦ୍ରା କି ମୂର୍ଚ୍ଛା କହିପାରିବିନାହିଁ, ଚେତା ହେବାରୁ ଜାଣିଲି କିଏ ମୋତେ ଦୁଧ ପିଆଉଛି । ଏ ନୀଳଠା ଜୀବନ ରହିଗଲା । ସେଇଦିନଠାରୁ କିଏସେ ନିତ ଆସି ମୋ ବାହା ଧରି ନିତ୍ୟକର୍ମ ସାରିବାପାଇଁ ନେଇଯାଏ ଆଉ ଖାଇବା ସକାଶେ ମାହାର୍ଦ୍ଦ କୁଡ଼ୁଆଟିଏ ମୋ ଆଗରେ

Digitized by srujanika@gmail.com

ଥୋଇ ଦେଇଯାଏ ଏହିପରି ଭାବରେ ଦୁଇ ତିନି ବର୍ଷ ହେବ ମୁଁ ଚଳୁଛି ।

ଅନ୍ଧ ନୀରବ ହେଲାରୁ ମୁଁ ପଚାରିଲି " ଯେ ଏପରି କରେ, ସେ କିଏ କେବେ ବୁଝିପାରିଛ କି ? ଅନ୍ଧ କହିଲା "କିପରି ଜାଣିବି ବାବୁ ! ଆଖିକୁ ତ ଦିଶୁ ନାହିଁ, ପଚାରିଲେ ବି ସେ କିଛି କହେ ନାହିଁ, ମନେ ମନେ ବୁଝିଛି ବଡଠାକୁରଙ୍କର ଏ ଭିଆଣ ।"

ଅନ୍ଧର ଆତ୍ମକାହାଣୀ ଶୁଣି ସେଦିନ ମୁଁ ବିଦାୟ ଘେନି ଆସିଲି । କିନ୍ତୁ ଏହି ଦୁଃସ୍ଥ ବ୍ୟକ୍ତିର ସହାୟ କିଏ ତାହା ଜାଣିବା ପାଇଁ ମନରେ କୌତୂହଳ ଜନ୍ମିଲା ।

ତହିଁଆରଦିନ ଅତି ପ୍ରତ୍ୟୁଷରୁ ଯାଇ ଅନ୍ଧ-ଆସନର ଅନତି ଦୂରରେ ଚୁପ ହୋଇ ବସିରହିଲି । ଦେଖିଲି ଜଣେ ମାତାଜୀ ଆସି ଅନ୍ଧର ନିତ୍ୟକାର୍ଯ୍ୟ ବଢ଼ାଇ ଦେଲା, ଆଉ କିଛି ଖାଦ୍ୟ ଦ୍ରବ୍ୟ ତା ପାଖରେ ରଖି ବାହାରିଗଲା । ସେ କିଛିଦୂର ଗଲାରୁ ମୁଁ ଯାଇ ତା' ଆଗରେ ଠିଆ ହେଲି ଏବଂ ପଚାରିଲି " ତୁମେ କିଏ ଏବଂ ଏ ଅନ୍ଧଟିର ସେବା କରୁଛ ବା କାହିଁକି ?

ମାତା—ମୁଁ ଯେ ହୁଏ ତୁମର ପଚାରିବା କି ପ୍ରୟୋଜନ ?

ମୁଁ—ପ୍ରୟୋଜନ ଅଛି । କହିବାକୁ ହେବ ।

ମାତା—ଅରକ୍ଷ ଲୋକଙ୍କର ସେବା କରିବା କି ଧର୍ମ ନୁହେଁ ? ଦେଖୁଛ ତ ବାବୁ ମୁଁ ଜଣେ ବୈଷ୍ଣବୀ ।

ମୋର 'ନଛୋଡବନ୍ଧା' ଭାବ ଦେଖି ମାତାଜୀଟି ବଡ଼ ବ୍ୟସ୍ତ ହୋଇ ପଡିଥିଲା, ଜଣେ ଅପରିଚିତ ବ୍ୟକ୍ତି ଆସି ହଠାତ୍ ତାକୁ ଏପରି, ପାକଡାଓ କରିବ ଏହା ସେ କେବେ ଅନୁମାନ କରିନାହିଁ । ମୁଁ କହିଲି "ଏ ଅନ୍ଧର ଇତିହାସ ମୁଁ ସମସ୍ତ ଜାଣେ; ତୁମର ପ୍ରକୃତ ପରିଚୟ ନପାଇଲେ ମୁଁ ସହଜରେ ଛାଡିବି ନାହିଁ, ଜାଣିଛ ।" ମାତାଜୀର ବଦନମଣ୍ଡଳରେ କିଏ ମେଞ୍ଚାଏ ପାଉଁଶ ବୋଳି ଦେଇଗଲା । ସେ ହଠାତ୍ ମୁହଁ ଫେରାଇ ନେଇ ଧୀରେ ଧୀରେ କହିଲା "ବାବୁ, ଲୁଚାଇ କ'ଣ ହେବ; ପାପ କେବେ ଛପି ରହେନାହିଁ, ଏ ଅନ୍ଧ ବ୍ୟକ୍ତି ଏ ଅଭାଗିନୀ, କୁଳ-କଳଙ୍କିନୀର ହାତ ଧରିଥିଲେ । କିନ୍ତୁ ମୁଁ ମୋର ନାରୀ ଧର୍ମରେ ଜଳାଞ୍ଜଳି ଦେଇ, ଦୁଷ୍ଟଲୋକର ପ୍ରଲୋଭନ-ମୋହରେ ପଡି, ଅସମୟରେ ସ୍ୱାମୀ ଦେବତାଙ୍କୁ ତ୍ୟାଗ କରି ଆସିଲି । ସେ ପାପର ଫଳ ଭୋଗକରିବାକୁ ବେଶି ଦିନ ଲାଗିଲାନାହିଁ । ଶେଷରେ ନୀଳାଚଳକୁ ଆସି ଭେକ ଗ୍ରହଣ କଲି । ଦିନେ ମହୋଦଧି ସ୍ନାନକୁ ଯାଉଁ ଯାଉଁ ଏହି ସ୍ଥାନରେ ଦେଖିଲି ଦୁଇଟି ମନୁଷ୍ୟ ଧରାଧରି ହୋଇ ଭୂଇଁରେ ପଡିରହିଛନ୍ତି । ନିକଟକୁ ଯାଇ ଚିହ୍ନିଲି, ଜଣେ ମୋର ସ୍ୱାମୀ, ଏବଂ ଅନ୍ୟଟି ଏହି ନିଆଁ ପେଟରୁ —"

ଏତିକି କହି ମାତାଟି ଝରଝର କରି କାନ୍ଦି ପକାଇଲା । ପୁଣି ଅଞ୍ଚଳରେ ଦୁଇଆଖି ପୋଛିଦେଇ କହିଲା—" ଝିଅଟିର ପିଣ୍ଡରେ ପ୍ରାଣ ନାହିଁ, ଆଉ ସ୍ୱାମୀ ମୂର୍ଚ୍ଛିତ । ମୁଁ ସେଇଠୁଁ ଝିଅକୁ ସତ୍କାର କରାଇବା-ପାଇଁ ଉଠାଇଦେଇ ସ୍ୱାମୀଙ୍କ ମୂର୍ଚ୍ଛା ଭାଙ୍ଗିଲି । ଏ ପାପିଷ୍ଠା ଲାଗି ତ ତାଙ୍କର ଏ ଦଶା । ଆପେ ଜନ୍ମକରି ଝିଅଟାର ମରଣର ହେତୁ ମୁହିଁ ହେଲି । ଯେଉଁ ପାପ କରିଛି, ତହିଁକ ସାତ ଜନ୍ମରେ ମୋର ପାର ନାହିଁ । ମୋ' ପାଇଁ ଯମପୁରରେ ସ୍ୱତନ୍ତ୍ର ନରକ ତିଆରି ହେଉଥିବ । ମୁଁ ଜାଣିଛି, ସେ ପାପର ପ୍ରାୟଶ୍ଚିତ୍ତ ନାହିଁ, ସେ ଅପରାଧର କ୍ଷମା ନାହିଁ, ସେ ନରକରୁ ପରିତ୍ରାଣ ନାହିଁ ! ତେବେ ଜୀଇଥିବାଯାକେ ଏହିପରି କରୁ କରୁଁ ଯଦି ଆପଣା ମନ ମଧ୍ୟରେ କିଞ୍ଚିତ ଶାନ୍ତିପାଏଁ, ଏତିକି ଭରସା "।

ଏହିତକ କହି ବୈଷ୍ଣବୀ କାନ୍ଦି କାନ୍ଦି ହୋଇ ଦ୍ରୁତଗତିରେ ଚାଲିଗଲା । ମୁଁ ମୋର, ଆକାଶ ପାତାଳ ଭାବୁଁ ଭାବୁଁ ବସାକୁ ଫେରିଲି ।

Digitized by srujanika@gmail.com

# କବି ଓ କବିତା ।

ଶ୍ରୀ ଚନ୍ଦ୍ରଶେଖର ମିଶ୍ର ।

ପୁଷ୍ପ ସହିତ ସୌରଭର ଯେପରି ଚିରସ୍ଥାୟୀ ଅଚ୍ଛେଦ୍ୟ ସମ୍ବନ୍ଧ, କବି ଓ କବିତା-ମଧ୍ୟରେ ସେହିପରି ସମ୍ବନ୍ଧ ଚିର ବିଦ୍ୟମାନ । ତେବେ ପ୍ରଭେଦ ଏତିକି ହୋଇପାରେ ଯେ, ପୁଷ୍ପ ବୃନ୍ତଚ୍ୟୁତ ହେଲେ ମଳିନ ହୋଇଯାଏ ଏବଂ ତାର ସୌରଭ ମଧ୍ୟ ଲୁପ୍ତହୁଏ, ମାତ୍ର କବିର ଅବସ୍ଥା ଭେଦରେ କବିତ୍ୱ ଶକ୍ତିର କେତେ ପରିମାଣରେ ହ୍ରାସ ହୁଏ, ତାହା ସନ୍ଦେହଜନକ । ସ୍ଥଳ, ସମୟ ଏବଂ ଅବସ୍ଥା ଗୁଣରେ ଦେଖାଯାଏ, କେବେ କେବେ ସେ ପ୍ରତିଭା ପରିବର୍ତ୍ତିତ ହୁଏ, କେବେ କେବେ ମଧ୍ୟ ହ୍ରାସ କିମ୍ବା ଲୁପ୍ତହୋଇ-ଯାଏ—ମାତ୍ର ଯାହାହେଉ, କବିର ସାଂସାରିକ, ଶାରୀରିକ ତଥା ମାନସିକ ସମସ୍ତ ଅବସ୍ଥା ସହିତ, ତାର କବିତ୍ୱ ସ୍ଫୂର୍ତ୍ତି ଯେ ଚିରସଂପୃକ୍ତ ଏଥିରେ ଆଉ ସନ୍ଦେହର ଅବକାଶ ନାହିଁ ।

ସୁତରାଂ ଆମ୍ଭେମାନେ ଏ ପ୍ରବନ୍ଧରେ କବିର ଉଲ୍ଲି-ଖିତ ଅବସ୍ଥା ଭେଦ ଘେନି କବିତାର ବିକାଶ ଏବଂ ଶକ୍ତି ବା ପ୍ରତିଭାର ସ୍ଫୂର୍ତ୍ତିର ବିଷୟ ଆଲୋଚନା କରିବୁଁ ।

କବିର ମାନସିକ ଉପାଦାନହିଁ କବିତାର ମେରୁଦଣ୍ଡ, ଏବଂ ମାନସିକ ବିପର୍ଯ୍ୟୟରେ କବିତା ବିକଳାଙ୍ଗ କିମ୍ବା ଅପରିପୁଷ୍ଟ ହୋଇଥାଏ । ଯେ କବିତା କବିର ମାନସିକ ଗତିର ଯେତେ ନିକଟବର୍ତ୍ତୀ, ସେ କବିତା କବିର ହୃଦୟ ତେତେ ବ୍ୟକ୍ତ କରେ, ଏବଂ ତେତେ ସରସ ହୋଇଉଠେ । କବି ସ୍ୱୀୟ ଲେଖନୀରୁ ସ୍ୱୀୟ ମନୋଗତ ଭାବ ଆଉ ଚିନ୍ତା ଛଡ଼ା ଅନ୍ୟକିଛି ବାହାର କରିପାରନ୍ତିନାହିଁ । ବହିର୍ଜଗ-ତର ଦୃଷ୍ଟାନ୍ତ ବା ପ୍ରଭାବ ସମୟ ସମୟରେ କୌଣସି କବିତାରେ ପରିଦୃଷ୍ଟ ହୁଏ, ମାତ୍ର ତତ୍ ତତ୍ ଦୃଷ୍ଟାନ୍ତ ବା ପ୍ରଭାବମାନ ପୂର୍ବରୁ କବିର ହୃଦୟରେ ପାଷାଣ-ରେଖାପରି ବଦ୍ଧମୂଳ ହୋଇ ପଡିଥାଏ । ସୁତରାଂ କବି ନିଜ ଲେଖାରେ ସେ ସବୁ ଭାବମାନଙ୍କର ପୋଷକତା ଛଡା ଅନ୍ୟ କିଛି କରିପାରନ୍ତିନାହିଁ ।

ବୋଲାଯାଇଛି କବିର ମନୋଗତ ଅବସ୍ଥା ସହିତ କବିତାର ସମ୍ବନ୍ଧ ଅପରିହାର୍ଯ୍ୟ, ସୁତରାଂ କବି ପ୍ରାଣରେ ଶାନ୍ତରସର ଉଦ୍ରେକ ସମୟରେ ବୀରରସର ସ୍ଫୁରଣ ହୋଇ ନ ପାରେ । ସମୟ ସମୟରେ କବି ଏପରି ବିପରୀତ ରସ-ବୋଧକ କବିତା ପ୍ରକାଶ କରିବା ବିଷୟରେ ପ୍ରୟାସ କରିପାରନ୍ତି, ମାତ୍ର ସେ କବିତାରେ ଗୂଢ଼ ବା ମନୋଗତ ରସ ପ୍ରଚ୍ଛନ୍ନରେ ସୁଦ୍ଧା ଯେପରି ପରିସ୍ଫୁଟ ହୋଇଥାଏ, ସୃଷ୍ଟ ରସ ତେତେ ପ୍ରକାଶମାନ ହୋଇପାରେନାହିଁ । ଏହିହେତୁରୁ ସେ କବିତା ବିରୁଦ୍ଧ-ବୋଧକ ରସମାନଙ୍କ ସମବାୟରେ କିମ୍ଭୂତ କିମାକାର ହୋଇପଡେ ?

ଶରୀର ଏବଂ ମନ ସୁସ୍ଥ ଆଉ ସବଳ ଥିଲେ, ସେହି ସୁସ୍ଥତା ଏବଂ ସବଳତା ବହିର୍ଜଗତର ପ୍ରତ୍ୟେକ ବସ୍ତୁରେ ପ୍ରତିଭାତ ହୁଏ, ସୁତରାଂ କବି ନିଜ ଦୃଷ୍ଟିରେ ସେହି ସୁସ୍ଥ ସବଳ ଚିତ୍ର ସବୁ ଚତୁର୍ଦ୍ଦିଗରେ ପର୍ଯ୍ୟବେକ୍ଷଣ କରି ନିଜ ଲେଖାରେ ଲିପିବଦ୍ଧ କରନ୍ତି । କବି ସୁସ୍ଥ ସବଳ ପ୍ରାଣରେ ଯେ ଆନନ୍ଦ ଏବଂ ଯେ ଉତ୍ସାହ ଅନୁଭବ କରନ୍ତି, ତାହାହିଁ ବହିର୍ଜଗତରେ ଅନ୍ୟରୂପେ ପ୍ରତିଫଳେ । ତେଣୁ ମନରୁ ସେହି ସବଳ ଆନନ୍ଦ ଦୂରହେଲେ, ବହିଃ ପ୍ରକୃତିରୁ ମଧ୍ୟ ଗୋଟାଏ ଆନନ୍ଦମୟ ଆବରଣ ଅପସାରିତ ହୁଏ । ବହିଃ ପ୍ରକୃତି ଚିରଦିନ ସମାନ, ମାତ୍ର କବିର ମାନସିକ ଅବସ୍ଥା ଭେଦରେ ପ୍ରକୃତିର ପ୍ରୋକ୍ତ ଆବରଣ ବା ସୌନ୍ଦର୍ଯ୍ୟରେ ଯେ ପରିବର୍ତ୍ତନ ଘଟେ, ତାହା କବିଙ୍କର ମାନସିକ ବିକାର ଛଡା ଆଉ କିଛି ନୁହେ । ମାତ୍ର ଏହି ପରିବର୍ତ୍ତନ କବିଙ୍କ ପକ୍ଷରେ ସତ୍ୟ । ଇଂଲଣ୍ଡୀୟ କବି ଓ୍ୟାର୍ଡ଼ସ୍‌ଓ୍ୟାର୍ଥ ବାଲ୍ୟ-ଜୀବନରେ ତରୁଲତା, ନିର୍ଝ-ରିଣୀ ଆକାଶ ଏବଂ ପକ୍ଷିମାନଙ୍କର ମଧୁର କଳାଳାପରେ ଯେ ଗୋଟାଏ ସ୍ୱର୍ଗୀୟ ସୁଖ ଅନୁଭବ କରୁଥିଲେ, ଆଉ ପ୍ରକୃତିର ବାହ୍ୟାବରଣରେ ଯେ ଗୋଟାଏ ଉଜ୍ଜ୍ୱଳ ସ୍ୱର୍ଗୀୟ ଆଲୋକ ପ୍ରତିଫଳିତ ହେବାର ଦେଖୁଥିଲେ, ତାହା ଆଉ



Digitized by srujanika@gmail.com

ଉତ୍ତର ଜୀବନରେ ଦେଖିପାରିଲେନାହିଁ । ସେଥିଲାଗି ଗଭୀର ଦୁଃଖ ପ୍ରକାଶ କରିଅଛନ୍ତି । କିନ୍ତୁ ସେ ଆମ୍ଭମାନଙ୍କୁ କହିଅଛନ୍ତି ଯେ—ସେ ଯେତେବେଳେ ପ୍ରକୃତିରେ ଏହିପରି ପରିବର୍ତ୍ତନ ଲକ୍ଷ୍ୟ କରୁଥିଲେ, ସେତେବେଳେ ତାଙ୍କ ନିକଟରେ ଗୁଡିଏ ବାଳକ ଆନନ୍ଦରେ ନୃତ୍ୟକରି ବୁଲୁଥିଲେ । ଏଥିରୁ ସ୍ପଷ୍ଟ ପ୍ରତୀତ ହେଉଅଛି ଯେ, ବାଳକଗୁଡିକ କବିଙ୍କପରି ସମଭାବାପନ୍ନ ନୁହନ୍ତି । ସେମାନେ ପ୍ରକୃତିକୁ ଆନନ୍ଦମୟୀ ଦେଖୁଥିଲେ । ସୁତରାଂ ଅବସ୍ଥା, ମାନସିକ ଗତି ଏବଂ ରୁଚି ଭେଦରେ ଏକ ନିତ୍ୟବସ୍ତୁ ବିଭିନ୍ନ ରୂପରେ ପ୍ରତିଭାତ ହୁଏ ।

ତରୁଣ-ବୟସ୍କ କବିର କବିତ୍ୱ-ଶକ୍ତି ଯେପରି ବହିର୍ମୁଖୀ, ପରିଣତ-ବୟସ୍କ କବିର ଉକ୍ତ ଶକ୍ତି ସେପରି ଅନ୍ତର୍ମୁଖୀ । ତରୁଣ ବୟସରେ କବିର ହୃଦୟ ଓ ମନ ସୁସ୍ଥ ଓ ସବଳ ଥିବାରୁ ସେ ସର୍ବଦା ବହିଃପ୍ରକୃତିରେ ମଗ୍ନ ହୁଅନ୍ତି । ମାତ୍ର ପରିଣତ-ବୟସ୍କ କବି ତାଙ୍କର ସ୍ୱଭାବ ଧୀରତା ଏବଂ ଗମ୍ଭୀରତା ଗୁଣ ଯୋଗୁଁ ପ୍ରକୃତିର ବାହ୍ୟ ସୌନ୍ଦର୍ଯ୍ୟରେ ମୁଗ୍ଧ ନ ହୋଇ ପ୍ରକୃତିର ଅନ୍ତଃସ୍ଥଳକୁ ପ୍ରବେଶ କରନ୍ତି, ଏବଂ ଅନ୍ତରର ସେହି ଅନନ୍ତ ଲୀଳାର ବିବରଣ ପ୍ରଦାନ କରନ୍ତି । ମାନବୀୟ ଚରିତ୍ର-ଚିତ୍ରଣରେ ପରିଣତ କବି ଯେପରି ସିଦ୍ଧହସ୍ତ କିମ୍ବା କ୍ଷମ, ତରୁଣ କବି ସେପରି ନୁହନ୍ତି । କାରଣ ଚରିତ୍ର-ଚିତ୍ରଣ ଗଭୀର ପର୍ଯ୍ୟାଲୋଚନା, ଧୀରତା, ଗମ୍ଭୀରତା ପ୍ରଭୃତି ଗୁଣମାନଙ୍କର ଅପେକ୍ଷାକରେ; ମାତ୍ର ପକ୍ଷାନ୍ତରେ ବାହ୍ୟ ସୌନ୍ଦର୍ଯ୍ୟ-ଚିତ୍ର ସୁସ୍ଥ ଓ ସବଳ ମନ, ଉଦ୍ଦାମ ଆନନ୍ଦ, ଆଉ ଉତ୍ସାହର ଆଶ୍ରୟ ନେଇଥାଏ । ଏହି ହେତୁରୁ ତରୁଣ କବି ଆନନ୍ଦମୟ, ସୌନ୍ଦର୍ଯ୍ୟ ମୟ କାବ୍ୟସବୁ ସୃଷ୍ଟି କରନ୍ତି । ଯେଉଁଥିରେ ଆନନ୍ଦ ମିଳେ, ଯାହା ଯୁବକ କବିର ଚିତ୍ତାକର୍ଷଣ କରେ, ପ୍ରକୃତିରେ ଯାହା ସୁନ୍ଦର ପଦାର୍ଥ, ସେ ସବୁ ତରୁଣ କବିଙ୍କର ଦେଖିବାର, ଭାବିବାର ଏବଂ ଚିତ୍ର କରିବାର ବିଷୟ । ମାନବର ଗୂଢ଼ ଚରିତ୍ର ଚିତ୍ରକଲେ ସୁଦ୍ଧା, ତରୁଣ କବିଙ୍କର ସୂକ୍ଷ୍ମ ପର୍ଯ୍ୟାଲୋଚନା ଏବଂ ଚିନ୍ତନଜ ବଦ୍ଧମୂଳ ସ୍ଥିରଭାବ (Impression) ମାନଙ୍କ ଅଭାବରୁ ସେ ଚିତ୍ରସବୁ ପରିବର୍ତ୍ତନଶୀଳ ଓ ଭ୍ରମାତ୍ମକ ହୋଇଥାଏ । କିନ୍ତୁ ସୌନ୍ଦର୍ଯ୍ୟ କିମ୍ବା ଆନନ୍ଦ ସୃଷ୍ଟିରେ ତରୁଣ କବି ଯେପରି ନିପୁଣ, ସେପରି ସିଦ୍ଧହସ୍ତ । ସେଥିପାଇଁ କୁହାଯାଇଅଛି—

"ଯୌବନ-ବିଳାସୀ କବି ଗାଏ ପ୍ରେମ-ଗୀତ,
ପତ୍ରେ ପୁଷ୍ପେ ଜଳେ ସ୍ଥଳେ କାନନେ ଆକାଶେ,
ସର୍ବତ୍ର ଦେଖଇ ସେ ଯେ ପ୍ରେମର ମୂରତି,
ପୁରୁଷେ ଦେଖନ୍ତି ସଦା ନାରୀମୟ * ବିଶ୍ୱ,
ନାରୀ ନେତ୍ରେ ବିଳସଇ ଧରା ପୂର୍ଣ୍ଣଯୁବା*......।"

ଯେଉଁମାନେ ସେକସ୍‌ପିଅରଙ୍କର ନାଟକମାନ ପାଠ କରିଅଛନ୍ତି, ସେମାନେ ବୁଝିଥିବେ, କବି ତରୁଣ ଜୀବନରେ କିପରି ସୁଖମୂଳକ ନାଟକମାନ ଲେଖିବାକୁ ଭଲ ପାଉଥିଲେ । ତାଙ୍କର ବିରହାତ୍ମକ ଚତୁର୍ଦ୍ଦଶପଦୀ କବିତାଗୁଡିକ ପ୍ରାୟ ତରୁଣ ଜୀବନର ଲେଖା । ମାତ୍ର ବୟସ ବୃଦ୍ଧି ସଙ୍ଗେ ସଙ୍ଗେ ତାଙ୍କ ଲେଖାର ପରିବର୍ତ୍ତନ ଘଟିଅଛି । ସୁତରାଂ ପରିଣତ ବୟସର ନାଟକମାନ ଆଉ ସୁଖମୂଳକ ନ ହୋଇ ଶୋକମୂଳକ ହୋଇଅଛି, ଏବଂ ନାଟକଗୁଡିକ କ୍ରମେ କ୍ରମେ ଗମ୍ଭୀର ଏବଂ ମାନବର ନିଭୃତ ଚରିତ୍ର-ଚିତ୍ରଣରେ ପୂର୍ଣ୍ଣ ହୋଇଅଛି । ମହାକବି ସେକସ୍‌ପିଅରଙ୍କ ସମ୍ବନ୍ଧେ ଯେଉଁ ନିୟମ, ପୃଥିବୀର ଅନ୍ୟାନ୍ୟ କବିମାନଙ୍କ ସମ୍ବନ୍ଧରେ ମଧ୍ୟ ସେହି ନିୟମ ନ୍ୟୂନାଧିକ ପରିମାଣରେ ପ୍ରଯୁଜ୍ୟ । କାଳିଦାସ ତାଙ୍କର ଶେଷ ଜୀବନରେ ଜଗଦ୍‌ବିଖ୍ୟାତ 'ଶକୁନ୍ତଳା', 'ରଘୁବଂଶ', ଓ 'କୁମାରସମ୍ଭବ' ଲେଖିଥିବାର କଥିତହୁଏ, ମାତ୍ର 'ମେଘଦୂତ', 'ବିକ୍ରମୋର୍ବଶୀ', 'ନଳୋଦୟ' ପ୍ରଭୃତି ରଚନା ତାଙ୍କର ଅପେକ୍ଷାକୃତ ତରୁଣ ବୟସର ଲେଖା ।

ବ୍ୟବହାର ରୁଚିରେ ଯାହା, ରଚନାରେ ମଧ୍ୟ ସେହି ନିୟମ । ମନୁଷ୍ୟ ଯୌବନ ବା ତରୁଣ ବୟସରେ ଯେପରି ବାହ୍ୟିକ ବିଳାସ, ବ୍ୟସନ ଆଉ ଆଡମ୍ବରର ଅଭିଳାଷ କରେ, ସେହିପରି ମଧ୍ୟ ତରୁଣ ବା ଅପରିପକ୍ୱ ଲେଖକର ରଚନା କେବଳ ବାଗାଡ଼ମ୍ବର, ଅଳଙ୍କାର ଝଙ୍କାରରେ ପରିପୂର୍ଣ୍ଣ ହୁଏ, ଆଉ ପ୍ରବନ୍ଧ ବର୍ଣ୍ଣିତ ନାୟକ-ନାୟିକାମାନେ କବିଙ୍କର ଅନୁରୂପ ମୂର୍ତ୍ତିରେ ପ୍ରାୟଶଃ ଦେଖାଦେଇଥାନ୍ତି ।

* ଏଠାରେ 'ନାରୀମୟ' ଏବଂ 'ପୂର୍ଣ୍ଣଯୁବା' ଅର୍ଥରେ ସୌନ୍ଦର୍ଯ୍ୟମୟ ଏବଂ ଆନନ୍ଦମୟ ବୁଝିବା କବିଙ୍କର ଅଭିପ୍ରେତ (ଲେଖକ)



Digitized by srujanika@gmail.com

ଉପେନ୍ଦ୍ର ଭଞ୍ଜ ଅପରପକ୍ଷ କବି ନୁହନ୍ତି, ତାଙ୍କର କବିତା ବିଷୟରେ ଅସାଧାରଣ ଶକ୍ତି ଥିଲା । ମାତ୍ର ବୋଲାଯାଇ-ପାରେ, ସେ ତାଙ୍କର ସମସ୍ତ କାବ୍ୟ-କବିତା ବୋଧହୁଏ ଯୌବନ-ଜୀବନରେ ଲେଖିଯାଇଅଛନ୍ତି । ତାଙ୍କର ପରି-ଣତପ୍ରାଣର ଲେଖା ଆମ୍ଭମାନଙ୍କ ହସ୍ତକୁ ଆସିନାହିଁ । କିନ୍ତୁ ଉତ୍କଳର ସର୍ବଶ୍ରେଷ୍ଠ କବି ଅଭିମନ୍ୟୁ ସାମନ୍ତ ସିଂହାର କଦାପି ଯୁବକ କବି ନୁହନ୍ତି । ଅବଶ୍ୟ ଯୁବକ ପଢି ସୁଖୀ ହେବାର ଅନେକ ବିଷୟ ତାଙ୍କ ପୁସ୍ତକରେ ଅଛି, ମାତ୍ର ସେ ତାଙ୍କର ଅସାଧାରଣ ଚିନ୍ତାଶୀଳତା, ବିଶ୍ଳେଷଣ ଓ ଗବେଷଣା ଶକ୍ତିରେ ଅନନ୍ତ ଗଗନକୁ ଉଡିଯାଇ-ଅଛନ୍ତି । ଯୁବକ ହୃଦୟ ତାଙ୍କ ପଛରେ ଯଥାର୍ଥରୂପେ ଅନୁସରଣ କରିପାରିବନାହିଁ ।

କବିତା,କବି-ହୃଦୟର ମୁକୁରସ୍ୱରୂପ, ଅର୍ଥାତ୍ କବି ଯାହା ଭାବନ୍ତି, ତାହା ନିଜ କବିତାରେ ଲିପିବଦ୍ଧ କରନ୍ତି । ସୁତରାଂ କବିତାରେ ଔଚିତ୍ୟ ବା ଅନୌଚିତ୍ୟ ବିଚାରର ସ୍ଥାନ ନାହିଁ । "ଏପରି ଲେଖାହେବା ଅନ୍ୟାୟ" "ଏପରି ଲେଖା ହୋଇଥିଲେ ଭଲ ହୋଇଥାନ୍ତା" "କବିତାରେ ଏ ସବୁ ବିଷୟ ରହିବା ଉଚିତ ବା ଅନୁ-ଚିତ" ଇତ୍ୟାଦି ମନ୍ତବ୍ୟ କବିତା ସମ୍ବନ୍ଧରେ ଖଟେନାହିଁ । କବି ଜଗତକୁ ନିଜ ଦୃଷ୍ଟିରେ ଦେଖନ୍ତି, ସେ ଆଉ ପରଦୃଷ୍ଟିରେ ଦେଖିପାରିବେନାହିଁ । ସୁତରାଂ ପାଠକର ଔଚିତ୍ୟ-ଅନୌଚିତ୍ୟ ବୋଧର ମାନଦଣ୍ଡ ତାଙ୍କର ମାନଦଣ୍ଡ ନୁହେ । ଜଣେ ଲେଖକ ଲେଖିଛନ୍ତି, "କବି-ତାରେ ବିଷୟ ବିଚାର" ନାହିଁ । ତାହା ବାସ୍ତବିକ ଯଥାର୍ଥ । "କବିର ଧର୍ମ ବଡ଼କଥା ନୁହେଁ, କିନ୍ତୁ ସେହି ଧର୍ମ ସମ୍ବନ୍ଧରେ ତାହାର ବିଶ୍ୱାସ ଓ ଅନୁରାଗ କବିତାର ପ୍ରଧାନ ଆଲୋଚ୍ୟ ବିଷୟ" । ସେ ମଧ୍ୟ ଆହୁରି ଲେଖି-ଛନ୍ତି, "କାବ୍ୟର ବିଷୟ ଯାହାହେଉ, ସେହି ବିଷୟର ଉଦ୍‌ବୋଧନ, ସଂପ୍ରମାଣ ଓ ସଂପ୍ରସାରଣରେହିଁ ପ୍ରକୃତ କବିତ୍ୱ ଶକ୍ତି ।" ଆମ୍ଭମାନଙ୍କର ଦେଖିବା ଉଚିତ, କବି ନିଜ ରୁଚିରେ, ନିଜର ଶିଳ୍ପକଳା କୌଶଳରେ କେତେ-ଦୂର ସୌନ୍ଦର୍ଯ୍ୟ ଫୁଟାଇ ପାରିଅଛନ୍ତି । ସେହି ସୌନ୍ଦର୍ଯ୍ୟହିଁ ଆମ୍ଭମାନଙ୍କର ଦେଖିବାର ବସ୍ତୁ, ତାହାହିଁ ଆମ୍ଭର ଉପଭୋଗ ବା ପ୍ରତ୍ୟାଖ୍ୟାନ କରିବାର ବିଷୟ । ମାତ୍ର ସୌନ୍ଦର୍ଯ୍ୟ ସୃଷ୍ଟିକରିବା ବିଷୟରେ, ତାଙ୍କର ବ୍ୟବହୃତ ଉପକରଣ ବା ଉପାଦାନ ଆମ୍ଭମାନଙ୍କ ବିଚାରସୀମାକୁ ଆସେନାହିଁ । ଯଦି କେହି କହନ୍ତି, କାଳିଦାସ 'ମେଘଦୂତ' କାବ୍ୟ ସୃଷ୍ଟିକରିବା ଅନ୍ୟାୟ, ବା 'ମେଘ' ପରିବର୍ତ୍ତରେ ଗୋଟିଏ ସଚେତନ ପ୍ରାଣୀକୁ ଦୂତରୂପେ ନିର୍ବାଚନ କରିଥିଲେ ଭଲ ହୋଇଥାନ୍ତା, ଅଥବା କବି ରାଧାନାଥ ତାଙ୍କର 'ନନ୍ଦିକେଶ୍ୱରୀ' କାବ୍ୟରେ ନନ୍ଦିକେଶ୍ୱରୀଙ୍କୁ ପ୍ରଣୟ-ପିପାସୁରୂପେ ଗୌରଗଙ୍ଗଙ୍କ ନିକଟରେ ସ୍ୱୟଂ ଉପସ୍ଥିତ ନ କରାଇ, ଯଦି ତତ୍‌ପରିବର୍ତ୍ତରେ ଗୌର ଗଙ୍ଗଙ୍କୁ ନନ୍ଦିକେଶ୍ୱରୀ ନିକଟରେ ଉପସ୍ଥିତ କରାଇଥାନ୍ତେ । ତାହାହେଲେ ଭଲ ହୋଇଥାନ୍ତା, ତେବେ ସେ ଭ୍ରାନ୍ତ । କବି ଯାହା କରିଛନ୍ତି, ତାହାର ବିଷୟ ପରିବର୍ତ୍ତନ ଆମ୍ଭର ଆଲୋଚ୍ୟ ନୁହେଁ, ମାତ୍ର ତାଙ୍କର ଅବଲମ୍ବିତ ରୀତି କେତେଦୂର ସଙ୍ଗତ ବା ସୁନ୍ଦର, ତାହାହିଁ ଆମ୍ଭମାନଙ୍କର ଦେଖିବାର ଉଚିତ ।

କବି ସମୟ ଏବଂ ଉତ୍ତେଜନାର ଅଧୀନ । ସାମୟିକ ଉତ୍ତେଜନାର ବଶବର୍ତ୍ତୀ ହୋଇ, ସେ ଯାହା ଲେଖିପକାନ୍ତି ତାହା ତେତେବେଳେ ତାଙ୍କର ପ୍ରକୃତ ହୃଦୟ ବ୍ୟକ୍ତ କରେ । କବି ସମୟେ ସମୟେ ଯାହା ଭାବନ୍ତି, ତାହା ଯେବେ ତତ୍‌କ୍ଷଣାତ୍ ଲିପିବଦ୍ଧ ନ କରନ୍ତି, ତାହାହେଲେ ସେ ଭାବ ଅନେକସ୍ଥଳେ ଲୁପ୍ତହୁଏ, ଏଥିପାଇଁ ଖଣ୍ଡକବିତା (Lyric) ରେ କବି ମନ ଯେତେ ଫୁଟେ, ମହାକାବ୍ୟରେ ସେତେ ଫୁଟେନାହିଁ । ଖଣ୍ଡ କବିତାରେ କବି କଳ୍ପନା ସ୍ୱାଧୀନା । ମାତ୍ର ମହାକାବ୍ୟ ରଚନାରେ କବି ବିଷୟ ଓ ପ୍ରବନ୍ଧ ଅନୁରୋଧରେ ନିଜକୁ ଅନେକ ସମୟରେ ଅନନୁ-ଭୂତପୂର୍ବ ସ୍ଥଳମାନଙ୍କରେ ଉପନୀତ କରିଥାନ୍ତି । ସେପରି ସମୟରେ କବି ସ୍ୱାଧୀନ ହୋଇପାରେନାହିଁ । ଏହା ବୋଲି ବୋଲାଯାଉନାହିଁ ଯେ ମହାକାବ୍ୟରେ କବି ଚରିତ୍ର ବା ହୃଦୟ ଆଦୌ ଫୁଟେନାହିଁ । ମାତ୍ର କହିବାର ବିଷୟ ଏହି ଯେ, ଖଣ୍ଡ କବିତାରେ ତାହା ଯେତେ ଫୁଟେ, ମହାକାବ୍ୟରେ ସେତେ ଫୁଟେନାହିଁ । ସୁତରାଂ ପ୍ରଭେଦ ପରିମାଣଗତ । ମିଲ୍‌ଟନ, ହୋମର, ବାଲ୍ମୀକି, ବ୍ୟାସ, କାଳିଦାସ, ଶ୍ରୀହର୍ଷ ପ୍ରଭୃତି ମହାକାବ୍ୟ ଲେଖିଅଛନ୍ତି । ଆହୁରି ଅନେକ କବି କାବ୍ୟମାନ ଲେଖିଅଛନ୍ତି । ଏହି

Digitized by srujanika@gmail.com

କାବ୍ୟ ବା ମହାକାବ୍ୟ ବିଷୟରେ କବି ଯେତେ ପରିଦୃଶ୍ୟ-ମାନ, ତଦପେକ୍ଷା ଖଣ୍ଡ କବିତାରେ ଅଧିକ । ସେକସପିଅର ତାଙ୍କ ନାଟକମାନଙ୍କରେ ସ୍ଥାନେସ୍ଥାନେ ଲୁଚିଯାଇଅଛନ୍ତି । ସ୍ଥାନେ୨ ତାଙ୍କର ଭାବନା, ତାଙ୍କର ଆଦର୍ଶ ଆଦୌ ଧରାପଡୁନାହିଁ । କବିର ଚିନ୍ତା କିମ୍ବା ତାଙ୍କର ଆଦର୍ଶ ସହଜ ପଥରେ ଖଣ୍ଡ କବିତାରେ ପ୍ରକାଶପାଏ । ଖଣ୍ଡ କବିତାର କବି ନିପୁଣ ଶିଳ୍ପୀ କିମ୍ବା ତାଙ୍କ କବିତା ଉଚ୍ଚଶ୍ରେଣୀର ହୋଇ ନପାରେ, ମାତ୍ର କବି ନିଜେ ସେଥିମଧ୍ୟରେ ସହଜରେ ଧରାପଡ଼ନ୍ତି । ଏଥିରେ ମତଭେଦ ହୋଇପାରେ ମାତ୍ର ଲେଖକର ବିଶ୍ୱାସ ରହିଅଛି ।

ଖଣ୍ଡ କବିତା ହେଉ, କାବ୍ୟ କିମ୍ବା ମହାକାବ୍ୟ ହେଉ, ସମସ୍ତ କବିଙ୍କର ସୃଷ୍ଟି । ମାତ୍ର କବିଙ୍କ ସୃଷ୍ଟିରେ ସମସ୍ତ ପଦାର୍ଥ ସୁନ୍ଦର ହୋଇ ନ ପାରେ । କବି ଯାହା ଲେଖନ୍ତି—ସେ ସମସ୍ତ ପଦ୍ୟ ହୋଇପାରେ, ମାତ୍ର କବିତା ନୁହେଁ । ପଦ୍ୟ ଆଉ କବିତାମଧ୍ୟରେ ପାର୍ଥକ୍ୟ ଢେର ରହିଅଛି । କବିଙ୍କର ସୌନ୍ଦର୍ଯ୍ୟ ସୃଷ୍ଟିହିଁ ଏହି ପ୍ରଭେଦର ପରିମାପକ । ଯେଉଁ ଲେଖା ଯେତେ ସୁନ୍ଦର ଏବଂ ଯାହା ପାଠକର ହୃଦୟକୁ ଯେତେ ଆକର୍ଷଣ କରେ, ସେ ସେତେ କବିତା ନାମ ବାଚ୍ୟ । ଏହି ସୌନ୍ଦର୍ଯ୍ୟବୋଧ କିମ୍ବା ଆଦର୍ଶ କବି ହୃଦୟରେ ଥାଏ । ଆଉ କବି ନିପୁଣ ଶିଳ୍ପୀ ହୋଇଥିଲେ, ସେ ନିଜର ଆଦର୍ଶକୁ କବିତାରେ ଫୁଟାଇପାରନ୍ତି । ଦେଖାଯାଉଅଛି, ସୌନ୍ଦର୍ଯ୍ୟ ବୋଧ ଏବଂ ନିପୁଣତା ଦୁଇଟି ପୃଥକ୍ ଗୁଣ । ନିପୁଣତା ହସ୍ତଲଘୁତାରୁ ଆସେ, ଆଉ ସେ ହସ୍ତଲଘୁତା ଅଭ୍ୟାସର ବଶବର୍ତ୍ତୀ । ଉଚ୍ଚଧରଣର କବିତାମାନଙ୍କରେ ଏ ଦୁଇଟି ଗୁଣର ଅପରିହାର୍ଯ୍ୟ ସମ୍ବନ୍ଧ । ନ୍ୟୂନ ଶ୍ରେଣୀୟ କବିତାମାନଙ୍କରେ ସୌନ୍ଦର୍ଯ୍ୟ ବୋଧଥିଲେ ନିପୁଣତା ଥାଏନାହିଁ, କିମ୍ବା ନିପୁଣତା ଥିଲେ ସୌନ୍ଦର୍ଯ୍ୟ ବୋଧ ନ ଥାଏ । ଏହି ଶ୍ରେଣୀୟ କବିତା ଓଡ଼ିଆଭାଷାରେ ବହୁତ ଲେଖା ହୋଇଅଛି ଏବଂ ଆଜକାଲି ମଧ୍ୟ ଲେଖା ହେଉଅଛି । ଯେଉଁଥିରେ ଉଭୟବିଧ ଗୁଣମଧ୍ୟରୁ ଗୋଟିଏ ସୁଦ୍ଧା ନ ଥାଏ, ତାହା ଅତି ତୁଚ୍ଛ ସାମଗ୍ରୀ । ଅନେକ ସମୟରେ ସୌନ୍ଦର୍ଯ୍ୟବୋଧ ନ ଥିଲେ ମଧ୍ୟ ନିପୁଣ ଶିଳ୍ପୀର ରଚନା ହୃଦୟଗ୍ରାହୀ ହୋଇଥାଏ । ସଙ୍ଗୀତ-ସାହିତ୍ୟରେ ଏହାର ଦୃଷ୍ଟାନ୍ତ ପ୍ରଚୁର ମିଳେ । ସୌନ୍ଦର୍ଯ୍ୟ-ବୋଧ ପାଠକମାନଙ୍କର ରୁଚି କ୍ରମେ ବିଭିନ୍ନତା ଧାରଣ କରେ, ମାତ୍ର ନିପୁଣତା ଗୁଣ ପ୍ରାୟଶଃ ନ୍ୟୂନାଧିକ ପରିମାଣରେ ପ୍ରତ୍ୟେକ ପାଠକର ଅବଧାରଣାରେ ଆସେ ।

ପୁଣି କବିର ଏହି ସୌନ୍ଦର୍ଯ୍ୟ ବୋଧ ତାଙ୍କର ପର୍ଯ୍ୟାଲୋଚନା ଶକ୍ତି, ଚିନ୍ତା ଏବଂ ସରସ ହୃଦୟର ଫଳ । ଯେଉଁମାନେ ପ୍ରକୃତିର ସେବକ ନୁହନ୍ତି, ଯାହାଙ୍କ ହୃଦୟରେ ଚିନ୍ତାର ସ୍ଥାନ ନାହିଁ, ଯାହାର ହୃଦୟ ନୀରସ, ସେମାନେ ସୌନ୍ଦର୍ଯ୍ୟଗ୍ରହଣ କିମ୍ବା ସୃଷ୍ଟି କରିପାରିବେନାହିଁ । ଏହି ସୌନ୍ଦର୍ଯ୍ୟ ବୋଧ ଲାଗି ଆହୁରି ମଧ୍ୟ ଗୋଟାଏ କବି-ପ୍ରକୃତି ଅଛି । କବି-ପ୍ରକୃତି କାହାରି ଚେଷ୍ଟାରେ ଆସେନାହିଁ, ଏହା ଈଶ୍ୱରଦତ୍ତ ଶକ୍ତି । ସୁତରାଂ ବୁଝିବାକୁ ହେବ, ପ୍ରକୃତ କବି ଜନ୍ମ ହୁଅନ୍ତି—ଗଢ଼ା ହୁଅନ୍ତିନାହିଁ । ସହସ୍ର ଶିକ୍ଷା, ଚେଷ୍ଟା କିମ୍ବା ପରିଶ୍ରମ ଫଳରେ ଅକବି କବି ହୋଇପାରେନାହିଁ । ବିଶ୍ୱ ବିଦ୍ୟାଳୟ—ସେକସ୍‌ପିଅର, କାଳିଦାସ କିମ୍ବା ଗେଟେ ସୃଷ୍ଟି କରିପାରିବନାହିଁ । ମାତ୍ର କୌଣସି ସ୍ଥଳରେ ସେହି କବି ପୁଙ୍ଗବମାନଙ୍କର ଶକ୍ତି ପ୍ରଚ୍ଛନ୍ନ ଥିଲେ, ତାହାର ପ୍ରକୃତ ଉନ୍ମେଷ କିମ୍ବା ବିକାଶ ପଥରେ ଶିକ୍ଷା ଆଉ ସାଧନା ସାହାଯ୍ୟ କରିଥାଏ । ଯେଉଁମାନେ କବି ନୁହନ୍ତି, ସେମାନେ ପ୍ରଭୂତ ଚେଷ୍ଟା ଫଳରେ ସରସ ପଦ୍ୟ ଲେଖିପାରନ୍ତି, ମାତ୍ର କବିତା ଲେଖିପାରିବେ କି ନା ସନ୍ଦେହ । କବିର ହୃଦୟ-ସାଗରରେ ଯେ ଚିନ୍ତା-ତରଙ୍ଗ ଉଠେ, ଅକବି ହୃଦୟରେ ସେ ଚିନ୍ତା-ତରଙ୍ଗ ଜାଗେନାହିଁ । ସୁତରାଂ ଚିନ୍ତା ବା ଭାବବିହୀନ ଲେଖା ଆଲୋକବିହୀନ ପ୍ରଦୀପପରି ପ୍ରତିଭାତ ହୁଏ ।

କବିର ବିଶେଷତ୍ୱ ଏହି ଯେ, ସେ ଜଗତକୁ ନିଜର କରି ଦେଖିଥାନ୍ତି । ଜଗତର ସୁଖ ଦୁଃଖରେ ସେମାନେ ସନ୍ତୋଷ ବା ବେଦନା ଅନୁଭବ କରିପାରନ୍ତି । ପର ପ୍ରାଣର ଗୂଢ଼ କାହାଣୀ ସେମାନେ ଦୈବୀ-ଶକ୍ତି ବଳରେ ଜାଣି ପାରନ୍ତି; ଏବଂ ଜଗତର ନିତ୍ୟ ବାହ୍ୟାବରଣ ତଳେ ଯେ ମହାସୃପୀ କ୍ରୀଡା ହେଉଅଛି, ତାହା ମଧ୍ୟ ନିଜର ଦିବ୍ୟ ଚକ୍ଷୁରେ ଦେଖିପାରନ୍ତି । ପ୍ରକୃତ କବି

Digitized by srujanika@gmail.com

ସାଗରର ବାହ୍ୟ ଫେନିଳ-ହାସ୍ୟ ଏବଂ ତରଙ୍ଗ-କ୍ରୀଡ଼ା ତଳେ ଯେ ସର୍ବଗ୍ରାସୀ ବାଡ଼ବାନଳ ପ୍ରଜ୍ୱଳିତ ହୁଏ, ତାହା ଅନୁଭବ କରିପାରନ୍ତି । ଏହାହିଁ ମହାକବି ବା ସାର୍ବଜନୀନ ( Universal ) କବିମାନଙ୍କ ଲକ୍ଷଣ । ଏହିପରି ଦେଖିପାରୁଥିବାରୁ, ବା ଜାଣି ପାରୁଥିବାରୁ ସେମାନଙ୍କର କବିତାରେ ଜଗତ୍-ତତ୍ତ୍ୱ ବିଶେଷରୂପେ ଫୁଟିଉଠେ ଏବଂ ସର୍ବଜନ ସମାଦୃତ ହୁଏ, ସେ ଦର୍ଶନ ବା ଅନୁଭବ ଶକ୍ତି ଅକବିଠାରେ ନ ଥାଏ । ମନର ଏହି ସମସ୍ତ କବିଭାବ କଦାପି ଚେଷ୍ଟାର ଫଳ ନୁହେଁ, ସୁତରାଂ ଅକବି ଯେତେ ଲେଖିଲେ କଦାପି କବି ହୋଇ ନ ପାରନ୍ତି ବା ତାଙ୍କର ଲେଖା ସେତେ ରସଗ୍ରାହୀ ହୁଏନାହିଁ ।

ଯେ କବି ଆମ୍ଭ ମନକଥା ଯେତେ ବୁଝନ୍ତି, ସେ ଆମ୍ଭ ମନକଥା ସେତେ କହନ୍ତି । ତେଣୁ ତାଙ୍କର ଲେଖା ଆମ୍ଭର ସେତେ ପ୍ରିୟ ଏବଂ ଆଦରଣୀୟ ହୁଏ । ପକ୍ଷାନ୍ତରେ ଯେ ମନର କିମ୍ବା ଅନୁଭବର କଥା କହିନପାରନ୍ତି, ସେ ଶୀଘ୍ର ସ୍ମୃତି-ପଥରୁ ଲୁପ୍ତ ହୁଅନ୍ତି । ସେ ଭଲ ରଚନା ଅଳ୍ପ ଦିନ ରହେ । କବି ପର ହୃଦୟକଥା, ପରର ଅନୁଭବ ବିଷୟ ଯାହା ବର୍ଣ୍ଣନା କରନ୍ତି, ତାହା କେବଳ ତାଙ୍କ ନିଜ ହୃଦୟର କଥା, କାରଣ କବି ନିଜର ଶକ୍ତି ବଳରେ ପର ହୃଦୟରେ ପ୍ରବେଶକରେ ଏବଂ ସେହିଠାରେ ରହି ଭାବେ । ସୁତରାଂ ପର ହୃଦୟର ଭାବ ତାଙ୍କର ନିଜର ଭାବନା ହେବା ସ୍ୱାଭାବିକ ।

ଏହି ପ୍ରସଙ୍ଗରେ କବିତାସମ୍ବନ୍ଧରେ କେବଳ ପଦେ ଅଧେ କହିଲେ ବୋଧହୁଏ ଅପ୍ରାସଙ୍ଗିକ ହେବନାହିଁ । କେଉଁଗୁଡ଼ିକ ଉତ୍କୃଷ୍ଟ କବିତା ? ଏ ସମ୍ବନ୍ଧରେ ବହୁତ ମତଭେଦ ଘଟେ । ତରୁଣ-କବିତା ଉତ୍କୃଷ୍ଟ, ନା ପରିଣତ କବିତା ? ଆମ୍ଭେମାନେ ଦେଖିବାକୁ ପାଉଁ, ପ୍ରତ୍ୟେକ ଅବସ୍ଥାରେ କବି ଚିରନ୍ତନ ସୌନ୍ଦର୍ଯ୍ୟ ସୃଷ୍ଟି କରିପାରନ୍ତି, ଏବଂ ଚିରସ୍ଥାୟୀ କବିତା ଲେଖିପାରନ୍ତି । ଇଂଲଣ୍ଡର କବି 'ଚ୍ୟାଟରଟନ' ଷୋଡ଼ଶ ବର୍ଷରେ କବି ଆଖ୍ୟା ପାଇଥିଲେ । 'ସେଲି' 'କୀଟ୍ସ୍' ଓ 'ବାଇରନ୍' ପ୍ରଭୃତି ସମସ୍ତେ ଯୁବକ କବି ଏବଂ ତାଙ୍କର ସେହିକାଳର କବିତା ଅଦ୍ୟାପି ଇଂରାଜୀ ସାହିତ୍ୟ-ମନ୍ଦିରକୁ ଅଲଙ୍କୃତ କରୁଅଛି । 'କୀଟ୍ସ୍' ସୌନ୍ଦର୍ଯ୍ୟ-କବି ଏବଂ ସତେ ଯେପରି ସୌନ୍ଦର୍ଯ୍ୟର ଶିଷ୍ୟ ଥିଲେ । ଶ୍ରୀହର୍ଷ ଷଡ଼ବିଂଶ ବର୍ଷ ବୟସରେ ଯେ ଉପାଦେୟ ମହାକାବ୍ୟ ଲେଖିଯାଇଅଛନ୍ତି, ତାର ତୁଳନାରେ 'ମାଘ' କିମ୍ବା 'ଭାରବି' ସମକକ୍ଷ ନୁହନ୍ତି । କାଳିଦାସ 'ମେଘଦୂତ' କାବ୍ୟଖଣ୍ଡି କେବଳ ଲେଖି ଯାଇଥିଲେ କବି ଆଖ୍ୟା ପାଇଥାନ୍ତେ । ଉଲ୍ଲିଖିତ କବି ଓ କବିତାମାନଙ୍କରେ ସୌନ୍ଦର୍ଯ୍ୟବୋଧ ଆଉ ନିପୁଣତାର ପରାକାଷ୍ଠା ପୂର୍ଣ୍ଣରୂପରେ ବିଦ୍ୟମାନ । ସୁତରାଂ ସେମାନଙ୍କର କବିତା ଉତ୍କୃଷ୍ଟ ନହୋଇ ଆଉ କ'ଣ ହୋଇପାରେ ? ଏ ସମସ୍ତ ପରିପକ୍ୱ ଗୁଣର ବହୁତ ଅପେକ୍ଷାକରେ, ମାତ୍ର ପରିପକ୍ୱତାର ନିର୍ଦ୍ଦିଷ୍ଟ ସମୟ ନାହିଁ । କେଉଁ ସମୟରେ ପ୍ରକୃତ ପରିପକ୍ୱତା ଜନ୍ମେ କେହି ସ୍ଥିରକରି କହି ପାରିବନାହିଁ । ମାତ୍ର ଯେଉଁ କବିତା ମହୀୟାନ୍ ଭାବ (Sublime thought)ର ଆଶ୍ରୟ ନିଏ, ଏବଂ ଯେଉଁ କବିତାରେ ମାନବର ଗୂଢ଼ ଚିନ୍ତା-ଚୟ ସ୍ଥାନ ପାଏ, ତାହା ଅତ୍ୟନ୍ତ ଉନ୍ନତ, ଅତ୍ୟନ୍ତ ମଧୁର । ଏହି ଶ୍ରେଣୀୟ କବିମାନଙ୍କୁ ମହାକବି ବୋଲିଯାଇ ପାରେ, କିନ୍ତୁ ସେପରି କବିଙ୍କର ସଂଖ୍ୟା ଜଗତରେ ଅତିଅଳ୍ପ । ଆହୁରି ମଧ୍ୟ ରସବୋଧରେ କବିତାର ସ୍ଥାନ ସ୍ଥିର କରାଯାଇପାରେ । 'ସେଲି' ( Shelley ) କହିଅଛନ୍ତି 'Our songs are those that tell us of saddest throught' ଅର୍ଥାତ୍ ଯେଉଁ କବିତାରେ କରୁଣ ରସ ପ୍ରଧାନ, ତାହା ସେତିକି ମଧୁର । କବିଙ୍କର ଏହି ଉକ୍ତି ନିରାଟ ସତ୍ୟ ନ ହେଲେ ମଧ୍ୟ ଅନେକ ପରିମାଣରେ ସତ୍ୟ । ହାସ୍ୟ, ବୀର, ରୁଦ୍ର ପ୍ରଭୃତି ରସମାନଙ୍କର କବିତା ପାଠକ ବା ଶ୍ରୋତାକୁ କ୍ଷଣକାଳପାଇଁ ତନ୍ମୟ କରିଦିଏ, ମାତ୍ର କରୁଣ-କାହାଣୀ ପାଠ ବା ଶ୍ରବଣର ବହୁଦିନ ପର୍ଯ୍ୟନ୍ତ ହୃଦୟ-ତନ୍ତ୍ରୀରେ ଝଙ୍କୃତ ହେଉଥାଏ । କରୁଣତାର କବି ବହୁତ । ଅନେକ କବି ଜଗତକୁ କଦାଚିତ୍ ସୁଖପୂର୍ଣ୍ଣ ଦେଖନ୍ତି । ସୁତରାଂ ସେମାନଙ୍କ କବିତାରେ ସ୍ୱଭାବତଃ କରୁଣତାର କାରୁଣାଧାରା ନିୟତ ପ୍ରବାହିତ ହୁଏ । ଜଗତରେ ସାଧାରଣ ମନୁଷ୍ୟ ଦୈନନ୍ଦିନ ଜୀବନରେ ବିଭିନ୍ନ ରସମାନ ସେତେ ଉପଭୋଗ କରିପାରନ୍ତିନାହିଁ, ସୁତରାଂ ବୀର କିମ୍ବା ରୁଦ୍ର ରସମାନଙ୍କର ବର୍ଣ୍ଣନା ଶୁଣିଲେ

Digitized by srujanika@gmail.com

ସେମାନଙ୍କ ହୃଦୟରେ ବିଶେଷ ସ୍ପନ୍ଦନ ହୁଏନାହିଁ । ମାତ୍ର କରୁଣ-ରସପ୍ରଧାନ କବିତା ସର୍ବ ଯୁଗରେ, ସର୍ବ ଦେଶରେ ପ୍ରତ୍ୟେକ ମନୁଷ୍ୟର ଉପଭୋଗ୍ୟ ବସ୍ତୁ । ମନୁଷ୍ୟ ଯେତେ କାନ୍ଦିବାକୁ ଶିଖେ, ତେତେ ହସିବାକୁ ଶିଖେନାହିଁ । ସଂସାରରେ ବହୁପରିହାଳରେ କିମ୍ବା ଉଦ୍ଦେଶ୍ୟର ଅସିଦ୍ଧିରେ ପ୍ରକୃତ ନିର୍ମଳ ହାସ୍ୟ ମିଳେନାହିଁ । ଯେ ହାସ୍ୟ ନାଭି-ମଣ୍ଡଳରୁ ଉଦ୍‌ଗତ ହୋଇ, ସମସ୍ତ ହୃଦୟତନ୍ତ୍ରୀ ଆଲୋ-ଡିତ କରି ଏବଂ ମୁଖକୁ ସ୍ୱର୍ଗୀୟ ଶୋଭା ଓ ଆଲୋକରେ ରଞ୍ଜିତକରି ବହିର୍ଗତ ହୁଏ, ସେ ହାସ୍ୟ ମନୁଷ୍ୟ କଦାଚିତ୍ ହସିଥାଏ । ପ୍ରକୃତ ହାସ୍ୟ ମନୁଷ୍ୟଜୀବନରେ ଗୋଟିଏ ଦୁର୍ଲଭ ସାମଗ୍ରୀ । ଜଣେ ଲେଖକ କହିଅଛନ୍ତି 'A hearty laughter is a blessing in life' ମାତ୍ର ସେ ହାସ୍ୟ କାହିଁ ? ଆମ୍ଭମାନଙ୍କର ହାସ୍ୟ ପଛେ ପଛେ ଶୋକ ଛପି ରହିଥାଏ, ହାସ୍ୟ ସଙ୍ଗେ ସଙ୍ଗେ ଦୁଃଖ ଅଭିନ୍ନରୂପେ ମିଶ୍ରିତ ରହେ । ସେଥିପାଇଁ 'ସେଲି' (Shelley) ମଧ୍ୟ ଗାଇଅଛନ୍ତି 'Our sincerest laughter, with some pain is fraught' ସୁତରାଂ ଏହିସବୁ କାରଣରୁ ଦେଖିଲେ, କରୁଣ-ରସ-ପ୍ରଧାନ କବିତା ଯେ ଶ୍ରେଷ୍ଠ କବିତା, ଏଥିରେ ଅନେକ ପରିମାଣରେ ସନ୍ଦେହ ରହିବନାହିଁ ।

ଭାଷା, କବିତାର ଅଙ୍ଗ ହେଲେ ମଧ୍ୟ କବିତାର ସରସତା ଏବଂ ମାଧୁରତାରେ ବହୁତ ସାହାଯ୍ୟ କରେ । ଯେପରି ଗୋଟିଏ ରମଣୀର ରୂପବୋଧ ଏବଂ ଗୁଣବୋଧ ତାର ସୌନ୍ଦର୍ଯ୍ୟର ପରିମାପକ, ସେପରି କବିତାର ରୂପ-ବୋଧ ଓ ରସବୋଧ ଅଛି । କବିତାର ଏ ରୂପ ହିଁ ଭାଷା । ଭାଷା ଦରିଦ୍ର ହେଲେ, ଉଚ୍ଚଭାବ ସତ୍ତ୍ୱେ କବିତା ବିକ-ଲାଙ୍ଗ ଓ ହୀନ ହୋଇପଡ଼େ; କେବଳ ଗୁଣ ଲାଗି ନାରୀ ପୂଜ୍ୟ କିମ୍ବା ଆଦରଣୀୟ ହୁଏନାହିଁ , ତାର ବାହ୍ୟିକ ସୌନ୍ଦର୍ଯ୍ୟ ତାର ମହାଧନ ଏବଂ ମହାଶକ୍ତି । ଯୁଗେ ଯୁଗେ ଭାଷାର ରୂପରେ ପରିବର୍ତ୍ତନ ଘଟୁଅଛି । ପ୍ରାଚୀନ କାଳରେ ଲୋକେ ନାରୀକୁ ଯେପରି ବହୁରତ୍ନାଳଙ୍କାର ବିଭୂଷିତା ଦେଖିବାକୁ ଭଲ ପାଉଥିଲେ, ସେପରି ମଧ୍ୟ କବିମାନେ କବିତାକୁ ନାନା ଅଳଂକାର-ଜାଲ, ଶବ୍ଦ-ନିଗଡ ଏବଂ ନାନା କୌଶଳପୂର୍ଣ୍ଣ କୂଟ ବକ୍ରୋକ୍ତିରେ ଆକ୍ରାନ୍ତ କରୁଥିଲେ । ମାତ୍ର ସମୟକ୍ରମେ ରୁଚିର ପରିବର୍ତ୍ତନରେ ଭାଷାରେ ଉକ୍ତ ଗୁଣମାନ କ୍ରମଶଃ ପରିହାର କରାଯାଉଅଛି । ଆମ୍ଭମାନଙ୍କୁ ଅତି ବହୁଳ ଆଳଂକାରିକ ଶାବ୍ଦିକ ଭାଷା କିମ୍ବା କୂଟ-ବକ୍ରୋକ୍ତି ଭଲ ଲାଗିବନାହିଁ । ଏବେ ଭାଷା କ୍ରମେ ସରଳ ହେଉଅଛି । ମନୁଷ୍ୟ ଜୀବନରେ ଯାହା, ଭାଷା ଜୀବନରେ ମଧ୍ୟ ସେହି ନିୟମ । ବୋଧ ହୁଏ ଯାଇଅଛି ବାଲ୍ୟ ଜୀବନରେ ମନୁଷ୍ୟ ବିଳାସ ଏବଂ ଆଡ଼ମ୍ବରପ୍ରିୟ ହୁଏ—ସେହିପରି ଭାଷା ମଧ୍ୟ ଅଳଂକାରମୟ ହୁଏ କିନ୍ତୁ ବୟସ ବୃଦ୍ଧି ସଙ୍ଗେ ୨ ସେ ବିଳାସ ଚେଷ୍ଟା ଏବଂ ଆଡମ୍ବର ଭାବମାନ ଅପସାରିତ ହୁଏ ।

ଭାଷା ଯେତେ ସବଳ ଏବଂ ସଜୀବ ହୁଏ, କବିତା ସେତେ ସୁନ୍ଦର । ମାତ୍ର କେବଳ ଭାଷାମୟ ଲେଖା କବିତା ନାହିଁ । ଭାବ ଓ ଭାଷା, ରୂପ ଓ ରସର ସମବାୟରେ ସୌନ୍ଦର୍ଯ୍ୟର ସୃଷ୍ଟି ହୁଏ । ଭାଷାର ଲଘୁତା ବା ଅଶ୍ଳୀଳତା କବିତାର ଗୌରବ ହାନିକରେ । କବିତାର ଭାଷା ଗଦ୍ୟ-ଭାଷାଠାରୁ ପୃଥକ୍, ମାତ୍ର ସମୟେ ସମୟେ ସାହିତ୍ୟ-କ୍ଷେତ୍ରରେ କେତେ ପଦ୍ୟମୟ ଗଦ୍ୟ (Poetic prose) ଦେଖା ଦେଇଥାଏ, କବିତାର ଏହି ଭାଷାସୃଷ୍ଟି ମଧ୍ୟ ସୌନ୍ଦର୍ଯ୍ୟବୋଧ ଓ ନିପୁଣତାର ସର୍ବଦା ଅପେକ୍ଷାକରେ । ସଙ୍ଗୀତମୟ, ତରଳ ଓ ସୀମାବଦ୍ଧ ଭାଷା କବିତାପକ୍ଷରେ ପ୍ରଶସ୍ତ । ଅନେକ ସମୟରେ ଭାଷାର ଅପଟୁତା ଯୋଗୁ କବିର ଭାବ ଫୁଟିପାରେନାହିଁ । ଅତି ସମୟେ ସମୟେ ଦରିଦ୍ର-ଭାଷା ଭାବ-ରତ୍ନ ଲୁଚାଇ ରଖିଥାଏ । ମାତ୍ର ତାହା ବହୁ ଗବେଷଣା ଏବଂ ଅନୁସନ୍ଧାନରେ ଜଣାପଡ଼େ, ସୁତରାଂ ଭାଷା କବିତାର ଅବୟବ, ଏବଂ ତାହା ସହିତ ଅଚ୍ଛେଦ୍ୟରୂପେ ସଂଯୁକ୍ତ ।

କାହାର କାହାର ମତରେ—ମନରେ ଭାବର ବିକାଶ ହେଲେ ଭାଷା ସ୍ୱତଃ ଜାଗିଥାଏ । ଭାବ ଯେତେ ଗମ୍ଭୀର କିମ୍ବା ଯେତେ ଉଚ୍ଚ ହୁଏ, ଭାଷା ସେତେ ଓଜସ୍ୱିନୀ ହୋଇପଡ଼େ । ଭାବୁକ କବି ଭାଷାର ଅପେକ୍ଷା କରେ-ନାହିଁ, ଭାଷା ଭାବ ପଛେପଛେ ସ୍ୱତନ୍ତ୍ର ଯାଏ । ଭାବ ଓ ଭାଷା ମଧ୍ୟରେ ଯେ ନୈକଟ୍ୟ ସମ୍ବନ୍ଧ, ତାହାହିଁ ଏହାର-କାରଣ । ଭାବ ବ୍ୟତୀତ ଭାଷାର ଉତ୍ପତ୍ତି ନାହିଁ, ସେଥି-ପାଇଁ କବି ସବୁବେଳେ ଲେଖିପାରିବେନାହିଁ, କିମ୍ବା

Digitized by srujanika@gmail.com

ତାଙ୍କର ସର୍ବକାଳୀନ ଲେଖା ଉତ୍କୃଷ୍ଟ ହୁଏନାହିଁ । ସମୟ କ୍ରମେ କବିତା ଅତି ସୁନ୍ଦର ହୁଏ ଏବଂ ଆଉ ସମୟେ ସମୟେ ସେହି କବି ଲେଖନୀରୁ ମଧ୍ୟ ଅତିତୁଚ୍ଛ ପଦାର୍ଥ ବାହାର ପଡ଼ିଥାଏ । ' ସେକସ୍‌ପିଅରଙ୍କ ନାଟକମାନଙ୍କ ମଧ୍ୟରେ ୧ମ, ୨ୟ, ୩ୟ, ୪ର୍ଥ, ୫ମ, ପ୍ରଭୃତି ଶ୍ରେଣୀ ରହିଅଛି । କାଳିଦାସଙ୍କ ' ବିକ୍ରମୋର୍ବଶୀ ' ' ଶକୁନ୍ତଳା ' ସହିତ ତୁଳନୀୟ ନୁହେ । ଭବଭୂତିଙ୍କ 'ମହାବୀରଚରିତ' ଆଉ ' ଉତ୍ତରରାମଚରିତ ' ଏକଶ୍ରେଣୀର ନୁହନ୍ତି । କବି ନିଜେ ଭାବରେ ବିଭୋର, ତନ୍ମୟ କିମ୍ବା ଅନୁପ୍ରାଣିତ ନ ହେଲେ ସେ ତାଙ୍କର ଲେଖାଦ୍ୱାରା ପାଠକର ମନହରଣ କରିପାରନ୍ତିନାହିଁ । ତେବେ ସ୍ପଷ୍ଟ ଦେଖାଯାଉଅଛି— ଭାଷା ଥିଲେ ମଧ୍ୟ ଭାବର ଅନୁନ୍ମେଷରେ ଭାଷାର ମୂଲ୍ୟ ଥାଏନାହିଁ । ଏହିପରି ଭାବବିହୀନ ଅଥଚ ଭାଷାବାନ୍‌, ଲେଖା ବହୁତ ପରିଶ୍ରମ ଏବଂ ଆଭ୍ୟାସ ଫଳରେ ଆସିଥାଏ । ଏତଦ୍‌ଜାତୀୟ ଲେଖା ଆମ୍ଭମାନଙ୍କ ସାହିତ୍ୟ-କ୍ଷେତ୍ରରେ ବିରଳ ନୁହେ । ମାତ୍ର ସେଗୁଡ଼ିକୁ ସାହିତ୍ୟର ଅଙ୍ଗସ୍ୱରୂପ ଗ୍ରହଣ ନ କରି ସାହିତ୍ୟ-ମନ୍ଦିରର ଆବର୍ଜନାସ୍ୱରୂପ ଗ୍ରହଣ କରିବା ସର୍ବଥା ଉଚିତ ।

---

## “ ଓଡ଼ିଆ ପଖାଳ—ଭାତ

( କାହାଣୀ )

ଶ୍ରୀ ବୈଷ୍ଣବଚରଣ ଦାସ ।

ନୃତ୍ୟା-ମୂର୍ତ୍ତିର ଖେଳୁଆଡ଼ ବାଆ ଚଳା ଉଡ଼ିଁସରେ ବହି
ମୁକ୍ତ ଆକାଶର ତୁଙ୍ଗ ଶିଖରରୁ ଝରୁଥିଲା ରହି ରହି
କନମନ ହୋଇ କେବେ ଚଳୁଥାଏ ନଣ୍ଡ୍ରା ବରଗଛୁଁ ଉଠି
ଖସି ତେଜେ ଭେଦି ପବନ, ଅବଶେ ପଳାଇ ଆସେ ଲେଉଟି !

ଆକାଶ-ମୁକ୍ତ ଶୂନ୍ୟ, ପବନ— ପୂର୍ଣ୍ଣ ହରଷ-ଧାର
—ଲମ୍ବାଇଛି ପରି ଉତ୍କଳର ବକ୍ଷେ ଜୟ-ଗଉରବ-ମାଳା !

“ ବଜା, ବଜା, ବଜା, ସେନାପତି ପୁଅ ବଜାରେ ଖରେ ମହୁରୀ
“ ବର୍ଗୀ ଖଣ୍ଡ ପରି ଗାଆଁ ମୁଣ୍ଡେ ! ” ବୁଢ଼ା ପାଇକ ଘଡ଼ିଛି ହୁରୀ ।
ବୁଢ଼ା ପାଇକ ସେ— ପାଇକ ଗ୍ରାମର ବହୁଦିନେ ଥିଲା ନେତା—
ବୀରର ସନ୍ତାନ, ବୀରଙ୍କ ଜନକ— ଶତୃଜଣା ଚିରଜେତା !
ବୀରସୁତେ ଆଜି ବୃଦ୍ଧେ ରଖି ଗ୍ରାମେ ଯାଇଛନ୍ତି କାହିଁ ରଣେ
ପାଇକ-ଗ୍ରାମର ରକ୍ଷକ ଏ ବୃଦ୍ଧ— ଆଉନାହିଁ କେହି ଜଣେ !

Digitized by srujanika@gmail.com

ବୁଢ଼ା ଥର ଥର ହାତଟି ପକାଇ   ମୂଛେ, ଗୁଳିଅଛି ଶରେ
ଗଭୀର ନିମଗ୍ନ ଆଖି ଯୋଡ଼ି ଜଳେ   ଚାହିଁଅଛି ଗ୍ରାମପାରେ ।

"ବଜା, ବଜା, ବଜା,-ବଜାରେ ମହୁରୀ   ସେନାପତି ଉଠ ବଜା' !
କମ୍ପମାନ କଣ୍ଠେ ଡାକଦେଲା ବୃଦ୍ଧ,   "ଗାଆଁ ମୁଣ୍ଡେ ଆସି ବଜା ।"

ମହୁରୀଆ ବୁଢ଼ା ନଥ ସେନାପତି—   କାନରେ ବାଜିଲା ଡାକ
(ତାର) ମନେପଡ଼ିଗଲା ବୁଢ଼ାସଙ୍ଗେ ଗତ   ବିଜୟ ବାଜଣାଯାକ ।
ମନ୍ତ୍ରବଳେ ଉଠି ଶତଚ୍ଛିଦ୍ର ଯୁକ୍ତ   ମହୁରୀରେ ଦେଲା ଫୁଙ୍କ
ଥରଉଠି ପଡ଼ି ବାଜୁଛି ମହୁରୀ—   ବୁଢ଼ାର ନଛିଡ଼େ ଝୁଙ୍କ !
ଭୁଲିଗଲା ସବୁ-ନାୟକର ଡାକ—   ଗାଆଁ ମୁଣ୍ଡେ ଯିବା କଥା
(କବା) ସବୁ ଭୁଲି ବଢ଼ କୁଟୀର ଅନ୍ତରୁ   ବାଉଛି ଅତୀତ କଥା !
ପାଇକ ପରାଣେ ଖେଳିଲା ବିଜୁଳି   ମହୁରୀ ଶବଦ ସଙ୍ଗେ
ବିହ୍ୱଳ ଉଲ୍ଲାସେ ଧନୁ ଶର ଟେକ   ନାଚିଲା ସମର-ରଙ୍ଗେ ।
ମନେ ଖେଳିଗଲା ଯଉବନ କଥା—   ଯେତେ ଗଉରବ ରଣ
ଏଣେ କୁତୂହଳୀ ନାରୀଙ୍କୁ ଅନାଇ—   ମରଣ କଲା ସେ ପଣ ।

ଏକ, ଦୁଇ, ତିନି—ଚାରିଟି ସବାର   କାହୁଁ ଦେଖାଦେଲେ ଆସି
ନିଃଶବ୍ଦ ସରଣେ ଘୋଟକ ଛୁଟାଇ   ଉଡ଼ାଇ ଧୂଳିକା-ରାଶି ।
ନାଚୁ ନାଚୁ ବୁଢ଼ା ବାଉଳାଙ୍କ ପରି   କ୍ଷଣକେ ହୋଇଲା ସ୍ଥିର
କ୍ଷଣକେ ଶିଥିଳ ଓଠଟି କାମୋଡ଼ି   ଧନୁରେ ଯୋଖିଲା ତୀର ।
ଟଳ ଟଳ ପାଦ ହସ୍ତ ଥର ଥର   ଶ୍ରମଝାଳ ବହେ ଖର
ଦୂରୁଁ ଏ ମୂରତି ଦେଖି ବୈରୀ ମନେ   କାହୁଁ ପଶିଗଲା ଡର !
ଶମି ଅଶ୍ୱବେଗ ବରଛା ନମାଇ   ବରଗି ରହିଲେ କ୍ଷଣେ
କ୍ଷଣେ କ ବିସ୍ମୟ ଭିନ୍ନ ଭିନ୍ନ ଦିଗେ   ଖେଳିଗଲେ ଜଣେ ଜଣେ
ସହସା ଚାରିହେଁ ଚାରିଦିଗେ ଛୁଟି   ବୃଦ୍ଧେ ପକାଇଲେ ଘେରି
ବୃଦ୍ଧ ଯୋଦ୍ଧା ଧନୁଃଶର ଚାରିଦିଗେ   ଧରି ନାଚେ ଫେରି ଫେରି !
ବରଗୀ ସବାର ଜାଣିଲା ନିଶ୍ଚିନ୍ତ   ଅଚଳ ଅଟଳ ବୀର
ଭରସି ନପାରେ ତୀରମୁଖେ ଆସି   ଦେବାକୁ ବଳି ତା ଶିର ।
ପ୍ରବୀଣ ପାଇକ ନ ଛଡ଼େ ତା ଶର—   ମାରି ଗୋଟାଏ ବଇରୀ
ନାହିଁ କିଛି ଫଳ—ଯେଣୁ ପରକ୍ଷଣେ   ଆନ ବରଛାରେ ମରି !

Digitized by srujanika@gmail.com

ନାଚ ନାଚ ତେଣୁ ଶରମୁନେ ଭୀରୁ— ଦସ୍ୟୁକୁ ରଖିଲା ଦୂରେ
ପ୍ରାଣ ଥିବାଯାକ ଗ୍ରାମ-ରକ୍ଷକ ସେ —ଶତ୍ରୁ ନ ପଶିବ ପୁରେ !

ବୃଥା ରଣ ଦେଖିଥିଲା ଅଶ୍ୱପୃଷ୍ଠେ ଦୂରୁଁ ଏକ ଅଶ୍ୱାରୋହୀ
ଶିଙ୍ଗା ଫୁଙ୍କି ଅଶ୍ୱ ଛୁଟାଇ ନମିଷେ ଆସି ପ୍ରବେଶିଲା ତହିଁ
ଯିଏ ଯେଉଁଠାରେ ଥିଲେ ସେ ସ୍ୱରହେଁ ରହିଲେ ସେଠାରେ ସ୍ଥିର
ନବ ଅଶ୍ୱାରୋହୀ— ନାୟକ ସିଏ ସେ— ବୃଦ୍ଧେ ଭାଷୁଛନ୍ତି ଗୀର—
"ପାଇକ ବୁଢ଼ାରେ, ଅଟ୍ରୁ ରୁ ପୁରୁଣା— ବରଗୀଙ୍କ ସଙ୍ଗେ ବାଦ
"କର କି ପାଇବୁ, ପ୍ରାଣଟି ହାରବୁ— ମେଣ୍ଟି ଯିବ ସବୁ ସାଧ !
"ଅଟ୍ରୁ ରୁ ଓଡ଼ିଆ, ଓଡ଼ିଆଙ୍କ ସିର ପଳା ଘରେ ଯାଇଁ ଶୁଅ—
"ମୁଣ୍ଡଟି ରଖିବା ଇଚ୍ଛା ଥାଏ ଯଦି ନିଶକୁ ୯ଠାରେ ଥୁଅ !
ଏହା ବୋଲି ବର୍ଗୀବର ନିଜ ମୁଚ୍ଛେ ମହା ସମାରୋହେ ହାତ
ପକାଇ ହସିଲା ଝିଙ୍ଗାସି କହିଲା "ଓଡ଼ିଆ ପଖାଳ-ଭାତ—
"କେଡ଼େ ପାଇକ ରୁ ଦେଖିବାରେ ବୁଢ଼ା ନିଶ ମୋଡ଼ି ଦେଖି ଥରେ !"
ଆପାଦ ମସ୍ତକ ଥରୁଁ ଥରୁଁ ବୃଦ୍ଧ ମାତା ଭଗବତୀ ସ୍ମରେ ।
"ଆଚ୍ଛା ହେଉ" ବୋଲି ଅଶ୍ୱାଳ ସଦମ୍ଭେ ରହିଲା କ୍ଷଣେକ ସ୍ଥିର
ପରକ୍ଷଣେ ଦର୍ପେ ଛାତିକୁ ଫୁଲାଇ ଓଟାରି ଧରିଲା ତୀର—
ବରଗିଏ ଦୂରୁଁ ଦେଖିଲେ ସଭୟେ ବୁଢ଼ା କରିଅଛି ନାଖ
ସରଦାର ମୁଣ୍ଡ ଏଣେ ହାତ ତାର ଧରିଲାଣି ନିଶ ପାଖ !
"ଦେଖ, ଦେଖ !" ବୋଲି ତୀରସହ ହାତ ନିଶପରେ ରଖି ଦଣ୍ଡେ
ଦେଖୁଁ ଦେଖୁଁ ବୁଢ଼ା ଛାଡ଼ିଦେଲା ଶର ବରଗୀନାୟକ ଗଣ୍ଡେ !
ସରଦାର ଏଣେ ଶିଙ୍ଗା ଫୁଙ୍କି ଆଜ୍ଞା ଦେଉଥିଲେ "ମାର ମାର"
ନିଶପରେ ହାତ, ଶିଙ୍ଗାଟିରେ ମୁଖ— ଅଧରେ ହାସ୍ୟର ଗାର
ଫୁଙ୍କା ହେଲାନାହିଁ ଶିଙ୍ଗା ନାୟକଙ୍କ ଅକୁହା ରହିଲା କଥା
ପପାତ ଧରଣୀତଳେ ବୀରବର ସହ ନିଶ ସହ ମଥା !

Digitized by srujanika@gmail.com




# ମିଶର ।

ଶ୍ରୀ ବଂଶୀଧର ଦାସ ।

ମିଶର ଦେଶର ଯେତକ ମରୁଭୂଇଁ ନୁହେଁ, ସେତକ ଖୁବ୍ ଉର୍ବର—ନାଇଲ ନଈକୂଳ ଦୁଇପାଖ ଭୂଇଁ ଏ ପାଖରେ ସୁଏଜ୍ଜ ଖାଲଯାଏ, ସେ ପାଖରେ ଭୂମଧ୍ୟ ସାଗରଯାଏ ଧନସମ୍ପଦ, ଜୀବ ଓ ଉଦ୍ଭିଦରେ ହସୁଥାଏ ।

ପୃଥିବୀର ଅନ୍ୟ ସମସ୍ତ ଧନବନ୍ତ ଉର୍ବର ଦେଶପରି ମିଶର ମଧ୍ୟ ଦେଶ-ବିଦେଶର ଲୋକଙ୍କୁ ଲୋଭ ଦେଖାଇ ଆକର୍ଷଣ କରିଛି । ଥରକୁଥର ଦଳେ ଦଳେ ବିଜାତୀୟ ବିଜେତା ଆସି ମିଶରର ପୂର୍ବବର୍ତ୍ତୀ ପୋଷକ ବା ଶୋଷକ-ମାନଙ୍କୁ ସ୍ଥାନଚ୍ୟୁତ କରି ହିନାକେତେ ରାଜ୍ୟସ୍ଥାପନ କରି ପୁଣି ନୂଆଦଳର ପରାକ୍ରମ କଷି ତାଙ୍କରପାଇଁ ମିଶର ସିଂହାସନ ଶୂନ୍ୟ କରି ଯାଇଅଛନ୍ତି ।

ମିଶରର ଯେତେ ବର୍ଷର ଇତିହାସ ଆମକୁ ଜଣା—ସେଇ ଦଶହଜାର ବର୍ଷଭିତରେ ପ୍ରାୟ ତିରିଶଥର ବିଦେଶୀର ଶାସନ-ଦଣ୍ଡତଳେ ମିଶର ମଥା ନୋଇଁଛି କିନ୍ତୁ ଥରକୁଥର କେତେକ ବର୍ଷ ପରେ ବିଦେଶୀର ଶାସନକୁ ଫିଙ୍ଗିଦେଇ ପୁଣି ମିଶରୀୟ-ମାନେ ଶାସନ-ରଶ୍ମି ନିଜ ହାତକୁ ନେଇଅଛନ୍ତି । ବୈଜ୍ଞାନିକମାନେ ସ୍ଥାନବିଶେଷର ଅଧିବାସୀମାନଙ୍କର କରୋଟି ପରୀକ୍ଷାକରି ନିର୍ଣ୍ଣୟ କରିଅଛନ୍ତି ଯେ—ମଝିରେ ଦୁଇହଜାର ବର୍ଷ ବ୍ୟବଧାନ ଥିଲେ ସୁଦ୍ଧା ଦୁଇହଜାର ବର୍ଷ ଆଗର ଖପର ସଙ୍ଗେ ଦୁଇହଜାର ବର୍ଷ ପରର ଖପର ସମାନ ମିଳିଯାଇଛି । ଏଇ ଦୁଇହଜାର ବର୍ଷ ଭିତରେ ହୁଏତ ପନ୍ଦରଥର ପନ୍ଦର ଦେଶର ବିଜେତା ଆସି ମିଶରରେ ରାଜା ବୋଲାଇ ମିଶରର ମରୁରେ ହଜି ଯାଇଛନ୍ତି । ପରାକ୍ରମଶାଳୀ ଗୋଟାଏ୨ ବଂଶ ବହୁକାଳଯାଏ ରାଜତ୍ୱ କରିଛନ୍ତି—ଶେଷରେ ବିଳାସ, ବ୍ୟସନ ଓ ଉଚ୍ଛୃଙ୍ଖଳତାରେ ତାଳୁଯାଏ ନିମଜ୍ଜିତ ହୋଇ କାହିଁ ପାତାଳକୁ ତଳେଇ ଯାଇଛନ୍ତି । ଗ୍ରୀସ ଦେଶର ଟଲେମିମାନେ ମିଶରରେ ରାଜ୍ୟ ସଂସ୍ଥାପନ କଲାବେଳେ ମିଶର ଯେଉଁ ଅମାପ ଐଶ୍ୱର୍ଯ୍ୟ ସିଂହାସନରେ ବସିଥିଲା—ସେ ଐଶ୍ୱର୍ଯ୍ୟ ଗୁହୁଁ ଗୁହୁଁ ଉଭେଇଗଲା । ମିଶର ବ୍ରିଟିଶ୍ କରତଳ ଗତହେଲା—ଲୋକସଂଖ୍ୟା ଦ୍ୱିଗୁଣ ବଢିଗଲେ, ଦେଶର ସମ୍ପଦ ଉତ୍ତରୋତ୍ତର ବଢିବାକୁ ଲାଗିଲା । କାଳକ୍ରମେ ବିଦେଶୀ ଶାସନ ମିଶରବାସୀଙ୍କର ଚକ୍ଷୁଶୂଳ ହେଲା—କଳେ ବଳେ କୌଶଳେ ବ୍ରିଟିଶଙ୍କ ହାତରୁ ନିଜକୁ ମୁକ୍ତକରି ମିଶର ସ୍ୱାଧୀନ ହେଲା । ଏ ଅତି ଅଳ୍ପଦିନର କଥା !

ଆଦିମ କାଳରେ—ଯେତେବେଳେ ମାନବର ବଂଶ ବଢିଲା ସେଥିରୁ ଦଳେ ଦଳେ ଉପନିବେଶ ସ୍ଥାପନ କରିବାପାଇଁ ନିଜର ସଂକୀର୍ଣ୍ଣ ପରିସରର ନିଅଣ୍ଟ ଭିତରୁ



Digitized by srujanika@gmail.com

ବାହାଣଆସି ଅଖି ବୁଲାଇ ଘୁରଅଡକୁ ଗ୍ରହିଁଲେ—ସେତେବେଳେ ମିଶର ବର୍ଷା-ପ୍ରଧାନ ଦେଶ । ମରୁ ଦହରୁ ବଡ ବଡ ମାଟି ପଥରର ମୂର୍ତ୍ତି ଆସବୁ ଧୋଇଧାଇ ହୋଇ ଆସି ଉପତ୍ୟକାରେ ସଞ୍ଚିତ ହେଉଥାଏ । ନାଇଲ ନଈ ଅଙ୍ଗ ଉଲୁସାଇଦେଇ ଦୁଇପାଖ ମରୁ ଦହରେ କେତେପ୍ରକାର ସାର ଭର ଦେଇ ଯାଉଥାଏ । କ୍ରମେ ମିଶରର ଜଳବାୟୁ ବଦଳିଗଲା—ବର୍ଷା କମିଗଲା, ନାଇଲ ନଈ ଅଧିକରୁ ଅଧିକ ସଂକୀର୍ଣ୍ଣ ହୋଇପଡିଲା, ଦୁଇ ଧାରରେ ବିସ୍ତୃତ ପଟୁଜମା—ସମତଳ ଭୂମି ମନୁଷ୍ୟର ଉଦ୍ୟମ ଓ କୌଶଳକୁ ଅପେକ୍ଷାକରି ରହିଲା । ମିଶରର ଆଦିମବାସୀ ଅସଭ୍ୟ ଶବର ଜାତି, ସେ ଉର୍ବର ଭୂମିର ଅର୍ଥ ବୁଝିଲେନାହିଁ—ସେମାନେ ପୂର୍ବପରି ପଶୁ ବଧକରି ଜୀବନଯାତ୍ରା ନିର୍ବାହ କରିବାକୁ ଲାଗିଲେ । ସଂସାରରେ କୋଉ ଜିନିଷ ପଡ଼ି ରହେନାହିଁ—ଆଲ୍‌ଜିରିୟାରୁ ସଂସ୍ଥାଏ ଆସି ନାଇଲ୍‌ର ଧାରେ ଧାରେ ବସତିକରି ଗଲେ—ଉର୍ବର ଭୂଇଁ ଚଷି ଶସ୍ୟ ଉତ୍ପାଦନକରି, ସୁଖ ସ୍ୱାଚ୍ଛନ୍ଦ୍ୟରେ ଜୀବନ ନିର୍ବାହ କରିବାକୁ ଲାଗିଲେ ।

ଏହି ସଭ୍ୟତାର ପ୍ରଥମ ସୋପାନର ପରିଚୟସ୍ୱରୂପ ପ୍ରାୟ ଖ୍ରୀଷ୍ଟପୂର୍ବ ୧୦,୦୦୦ ବର୍ଷର କେତେକ ମୃଣ୍ମୟ ସୁଗଠିତ ପାତ୍ର, ଝକମକ, ତମ୍ବାର କଣ୍ଟା ଓ ଛୋଟ ନିହଣ ଦେଖାଯାଏ । ସେମାନେ ବୋଧହୁଏ ଲୁଗାବୁଣି ଜାଣି ନ ଥିଲେ, ଅନେକ ଦିନଯାଏ ଛେଳି ଚମଡା ମିଶରରେ ପରିଧେୟ ରୂପେ ବ୍ୟବହାର ହେଉଥିଲା । ଏଇ ଜାତି ନିଜର ଅଧ୍ୟବସାୟ ବଳରେ ଅଳ୍ପକାଳ ମଧ୍ୟରେ ସଭ୍ୟ ଏବଂ ଉନ୍ନତ ହୋଇପଡିଲା—ଭରଣ ପୋଷଣ ଅନାୟାସ-ଲବ୍ଧ ହେବାରୁ କଳା, ଶିଳ୍ପରେ ବିଶେଷ ଭାବରେ ବୃଦ୍ଧି ଖେଳିଲା । ଫଳରେ ଅତି ସୁନ୍ଦର ହାତୀଦାନ୍ତର ମୂର୍ତ୍ତିସବୁ ନିର୍ମିତହେଲା, ମାଳୀ ଏବଂ କବଚପାଇଁ ପାଲିସ୍ ବା ଚୀନାମାଟିର ପ୍ରଭୃତି ବ୍ୟବହାର ହେଲା—ନିଜ ନିଜର ସମ୍ପତ୍ତି, ଗୋ-ମେଷ ଓ ଯାନ ଆସନ ଆଦି ଚିହ୍ନାଇବା ପାଇଁ ସେମାନେ ଭିନ୍ନ ଭିନ୍ନ ପ୍ରକାର ସାଂକେତିକ ଚିହ୍ନ ବ୍ୟବହାର କରିବାକୁ ଲାଗିଲେ । କ୍ରମେ ଏହି ଚିହ୍ନ-ମାନଙ୍କରୁ ଭୂମଧ୍ୟସାଗର ଅଧିବାସୀମାନଙ୍କର ବର୍ଣ୍ଣର ସୃଷ୍ଟିହେଲା ।

ଏହି ସମୟରେ ଲୋହିତ-ସାଗର ଆରପାରିର ଲୋକେ ଏ ଦେଶକୁ ବ୍ୟବସାୟ ଉଦ୍ଦେଶ୍ୟରେ ଏବଂ ଭ୍ରମଣ ଉଦ୍ଦେଶ୍ୟରେ ଆସିବାକୁ ଲାଗିଲେ । କ୍ରମେ ସେମାନେ ନାଇଲ ଉପତ୍ୟକାରେ ପ୍ରବେଶ ଲାଭକଲେ । ସେମାନଙ୍କର ପ୍ରଭାବରେ ମିଶରର ଲୋକଙ୍କର ରୀତି ନୀତି ବସନ ଭୂଷଣରେ କେତେକ ପରିବର୍ତ୍ତନ ଘଟିଲା । ପାରସ୍ୟ ଦେଶର ନାନାଜାତୀୟ ଚର୍ଚ୍ଚିତ ମଣି, ଓଢ଼ଣା, ହାର, ପଦକ, କବଚ, ବହୁବର୍ଣ୍ଣ ନୌଚଏଣରେ ଚର୍ଚ୍ଚିତ ମୃଣ୍ମୟପାତ୍ର, ସୁନ୍ଦର ବାଲିଗରଡା ଝକମକ, ଇଟାକାମ—ଏ ସମସ୍ତ ପ୍ରଥମେ ପୂର୍ବକଥିତ ଦ୍ୱିତୀୟ ଔପନିବେଶିକ ମାନଙ୍କସଙ୍ଗେ ମିଶରକୁ ଆସିଲା । କ୍ରମେ ମିଶରରେ ବଦ୍ଧମୂଳ ହେବା ସଙ୍ଗେ ସଙ୍ଗେ ଏମାନେ ମିଶରୀୟ ତାତ୍କାଳୀନ ସଭ୍ୟତାର ଯଥେଷ୍ଟ ଉତ୍କର୍ଷ ସାଧନକଲେ । ଅହାର୍ଯ୍ୟ ଆଧାର ନିମନ୍ତେ ସେମାନେ କଠିନତମ ମସୃଣ ପ୍ରସ୍ତରର ଆଧାର ନିର୍ମାଣ-କଲେ ଏବଂ ତହିଁରେ ନାନାପ୍ରକାର ସ୍ୱର୍ଣ୍ଣ ଏବଂ ଅନ୍ୟାନ୍ୟ ଧାତୁର କାରୁକାର୍ଯ୍ୟ ଖଞ୍ଜିଲେ । ସେମାନେ ହୀନବଳ ହୋଇ ପଡିଲାରୁ ଦକ୍ଷିଣରୁ ନଉବିଆନ୍ ଥୋକେ ଆସି ପହୁଞ୍ଚିଲେ ଏବଂ ପୂର୍ବରୁ ନୂଆଦଳେ ସ୍ୱଜାତି ଆସି ମଧ୍ୟ ଜୁଟିଲେ । ଏହି ଆଦିମ ସଭ୍ୟତାର ଇତିହାସ ବା ଲୋକବାର୍ତ୍ତା ଯାହା ଆମ୍ଭମାନଙ୍କୁ ଜଣା ସେଥିରୁ ଜଣାପଡ଼େ ଯେ ସେ କାଳରେ ଲୋକଙ୍କର ଭବିଷ୍ୟତ ଜୀବନରେ ଦୃଢ଼ ବିଶ୍ୱାସଥିଲା—ସେମାନଙ୍କର ସମାଧିଗୁଡିକ ଏକ-ପ୍ରକାର ଗଠନ—ସମାଧିରେ ପ୍ରଦତ୍ତ ଶ୍ରାଦ୍ଧଦ୍ରବ୍ୟ ସମସ୍ତ ଏକଧରଣର । ଶବ ସହିତ ବହୁମୂଲ୍ୟ ରତ୍ନାଳଙ୍କାରମାନ ଦିଆ ଯାଉଥିଲା । ଶ୍ମଶାନରେ ଶବଦାହ ହେବା ପୂର୍ବରୁ ଅପର୍ଯ୍ୟାପ୍ତ ପରିମାଣରେ ଖାଦ୍ୟଦ୍ରବ୍ୟ ଅଗ୍ନିରେ ପୋଡା ହେଉଥିଲା, ଏବଂ ଦଗ୍ଧଦେହର ଭସ୍ମ ସମାଧିରେ ନିହିତ ହେଉଥିଲା । ମିଶରର ଆଦିମ ଅଧିବାସୀମାନେ ଅସିରସ୍ ନାମକ ଠାକୁର ଏବଂ ନିଜ ଜନମାନଙ୍କୁ ଈଶ୍ୱର ଜ୍ଞାନରେ ପୂଜା କରୁଥିଲେ । ଦ୍ୱିତୀୟ ବିଜେତାମାନେ ସୂର୍ଯ୍ୟ ଉପାସକ—ସେମାନେ Helispolis ଠାରେ ସୂର୍ଯ୍ୟ-ଦେବଙ୍କର ଗୋଟିଏ ପୂଜାପୀଠ ନିର୍ମାଣ କରାଇଥିଲେ । ଏହି ନଗର ଇତିପୂର୍ବେ କେତେକ ରାଜାଙ୍କର ରାଜଧାନୀ ଥିଲା—ଯେତେବେଳକୁ ଇତିହାସ ତିଆରି ହୋଇ-

Digitized by srujanika@gmail.com

ନାହିଁ—ଲୋକ କଥାରେ କେତେ କେତେ ରାଜାଙ୍କର ନାମ ଶୁଣାଯାଏ । ନାଇଲ ଉପତ୍ୟକା ସାରା ଉନ୍ନତବସ୍ଥା ଦେଶ ଯାଏ ଆଦାନ ପ୍ରଦାନ ସୁଖ ଶାନ୍ତିରେ ଚାଲୁଥିଲା । ନିର୍ଦ୍ଦିଷ୍ଟ ପ୍ରକାର ପଦାର୍ଥ ମିଶରଦେଶର ଏକ ପ୍ରାନ୍ତରୁ ଅନ୍ୟପ୍ରାନ୍ତ ପର୍ଯ୍ୟନ୍ତ ସୁଲଭ ଥିଲା । ସେ ସମସ୍ତ ଦେଶ ଏକ ଶାସନାଧୀନ ଥିଲା କି ନାହିଁ, ବୋଲିବା ଦୁଷ୍କର !

ଇତି ମଧ୍ୟରେ ଇତିହାସ—ପୂର୍ବ ଦ୍ୱିତୀୟ ଯୁଗର ପ୍ରାରମ୍ଭରୁ ଅଜ୍ଞ ପ୍ରକାରେ ମାର୍ଜ୍ଜିତ ସଭ୍ୟତା ଏ ଦେଶକୁ ପ୍ରବେଶକଲା । ପାବନବଶେଷ ଉପରେ ନିଜର ଚିହ୍ନ ବା ଚିତ୍ର ଲେଖିବାର ପ୍ରୟାସ ଏଇଯୁଗରୁ ଆରମ୍ଭ । ଏ ଜାତୀୟ ପ୍ରୟାସର ଆଦିମତମ ଚିହ୍ନସ୍ୱରୂପ ଗୋଟିଏ ଛୁରୀର ହାତୀଦାନ୍ତ ମୂଠା ଉପରେ ଅତିସୁନ୍ଦର ନୌ-ଯୁଦ୍ଧର ଚିତ୍ରରହିଅଛି । ଏଥିରେ ମିଶରଦେଶୀୟ ଜାହାଜ ଏବଂ ଅନ୍ୟ ବିଜାତୀୟ ଜାହାଜମଧ୍ୟରେ ଯୁଦ୍ଧ ହେବାର ଚିତ୍ରଲେଖା-ଅଛି । ମୂଠାର ଅନ୍ୟପାଖରେ ଦୁଇଟି ସିଂହ ଦୁଇପାଖରେ ରଖି ଜଣେ ବୀର ଦଣ୍ଡାୟମାନ । ଏ ଜାତୀୟ ଚିତ୍ରଣ ମେସୋପଟାମିଆରେ ବହୁଳ । ସେ ବୀରଟିର ମସ୍ତକରେ ଲୋମର ଟୋପି ଏବଂ ଅଙ୍ଗ ଘୋଡାଇ ଗୋଟାଏ ଲମ୍ବବହୁଳ କୋଟ—ଏ ସମସ୍ତ ଶୀତପ୍ରଧାନ ଦେଶରୁ ଆମଦାନୀ ହୋଇଥିବ । ସିଂହ ଦୁଇଟିଙ୍କର ବହୁତ ଲୋମଅଛି—ଏମାନେ ମଧ୍ୟ ତୁଷାରମୟ ଦେଶର ହୋଇଥିବେ । ଚିତ୍ରର ଏ ସମସ୍ତ ବିଶ୍ଳେଷଣରୁ ଜଣାପଡେ ଯେ, ସେ ସମୟରେ କୌଣସି ଶୀତପ୍ରଧାନ ଦେଶର ମାର୍ଜ୍ଜିତ ସୁସଭ୍ୟ ଜାତି ମିଶରବାସୀମାନଙ୍କ ଉପରେ ପ୍ରଭାବ ବିସ୍ତାର କରୁଥିଲେ । ଏମାନେ ଜଳଯାନରେ ସମୁଦ୍ର ବାହି ଆସିଥିଲେ—ଉକ୍ତ ସମୁଦ୍ର ଲୋହିତ-ସାଗରବୋଲି ଅନୁମାନ କରାଯାଇପାରେ—ତେଣୁ ସମ୍ଭବତଃ ଏ ସଭ୍ୟଜାତି Elam ର ପାର୍ବତ୍ୟ ପ୍ରଦେଶରୁ ମିଶରକୁ ଆସିଥିଲେ । ପୂର୍ବକଥିତ ଛୁରୀର ମୂଠାଉପରେ ଖୋଦିତ ଚିତ୍ର ସେ ସମୟର ମିଶରର ଅନ୍ୟାନ୍ୟ ଶିଳ୍ପ ଭାସ୍କର୍ଯ୍ୟ ତୁଳନାରେ ଅତି ଉତ୍କୃଷ୍ଟ । ଏ ଜାତୀୟ ଚିତ୍ରଣ ମିଶରର ଅଧିବାସୀମାନଙ୍କର ଶିଳ୍ପକୁ ଲଙ୍ଘିତକରି, ଅନ୍ୟ କୌଣସି ମାର୍ଜ୍ଜିତତର ସଭ୍ୟତାର ସୂଚନା କରୁଅଛି । ଏହି Elam ଦେଶର ଲୋକେ ମିଶରରେ ଅନେକ ଦିନ ବସତି ଓ ଶାସନ ପ୍ରତିଷ୍ଠାକରି ନିଜର ବୁଦ୍ଧି ଓ ଅଧ୍ୟବସାୟ ବଳରେ ମିଶରକୁ ସଭ୍ୟତାର ଉନ୍ନତତର ସୋପାନକୁ ନେଇଗଲେ । ଏଇମାନେହିଁ ମିଶରୀୟ ଭାଷାର ବର୍ଣ୍ଣ-ସଂଯୋଜନା ସୃଷ୍ଟିକଲେ ଏବଂ ଲେଖା ଆରମ୍ଭକଲେ । ଏହି ଆଦିମ ମିଶରୀୟ ଭାଷାର ବର୍ଣ୍ଣ ସଂଯୋଜନା ଅନେକ ପରିବର୍ତ୍ତିତ ହୋଇ ଶେଷରେ ଗ୍ରୀସଦେଶର ବର୍ଣ୍ଣଦ୍ୱାରା ସ୍ଥାନଚ୍ୟୁତ ହେଲା ।

ମିଶର ଦେଶରେ ବର୍ଣ୍ଣସୃଷ୍ଟି ହୋଇ ଲିପିବଦ୍ଧ ହେବା ଦିନଠାରୁ ମିଶର ଇତିହାସ ଆରମ୍ଭହେଲା । ସେହି ସମୟରେ ଯେଉଁମାନେ ମିଶରରେ ହୁକୁମ ଚଳାଉଥିଲେ, ସେଇମାନେହିଁ ମିଶରର ପ୍ରଥମ ରାଜବଂଶ ବୋଲି ପରିଗଣିତ । ଏହି ପ୍ରଥମ ରାଜବଂଶର ଶାସକମାନେ ମଧ୍ୟ ପୂର୍ବତନ କେତେ ରାଜବଂଶର ଇତିହାସ ଲୋକମୁଖରୁ ସ୍ମରଣ ରଖିଥିଲେ । ସେମାନେ ଉତ୍କୀର୍ଣ୍ଣ ନାମାଙ୍କିତ ମୋହରର ପ୍ରଚଳନ ଆରମ୍ଭକଲେ । ଉକ୍ତ ମୋହର Babylonia ର ବିଶେଷତ୍ୱ ମଧ୍ୟରେ ପରିଗଣିତ । ପ୍ଲେଟ୍ ଉପରେ ଦେଶଜୟର ଚିତ୍ରାଙ୍କନ ପ୍ରଥା ଆଦିମ ମିଶରୀୟମାନଙ୍କର ଚିତ୍ରଣ ପ୍ରଥାଠାରୁ ବିଭିନ୍ନ ହେଲେ ମଧ୍ୟ ତାହା ପୂର୍ବୋକ୍ତ ଛୁରୀର ମୂଠାରେ ଥିବା ଚିତ୍ରଣର ଯେ କ୍ରମ ବିକାଶ—ଏବିଷୟରେ ସନ୍ଦେହନାହିଁ ! ମିଶରର ଏହି ପ୍ରଥମ ରାଜବଂଶଠାରୁ ପ୍ରସ୍ତର ଏବଂ ହାତୀଦାନ୍ତରେ ଜୀବନ୍ତରୂପ ମୂର୍ତ୍ତିନିର୍ମ୍ମାଣ ଆରମ୍ଭହେଲା । ସମାଧି-ସ୍ତମ୍ଭମାନଙ୍କର ଆଶ୍ଚର୍ଯ୍ୟ କାରୁକାର୍ଯ୍ୟ ବିକଶିତ ହେଲା । ସେମାନେ ଏସମସ୍ତ ଭାସ୍କର୍ଯ୍ୟ ଓ ସ୍ଥାପତ୍ୟ କାର୍ଯ୍ୟ କରିବାପାଇଁ ବହୁଳ ତାମ୍ରଧାତୁର ବ୍ୟବହାର କଲେ ଏବଂ ପ୍ରଥମେ କୁମ୍ଭକାରର ଚକ୍ର ଉଦ୍ଭାବନ ନିର୍ମ୍ମାଣକଲେ ।

ମିଶରଜୟୀ Elam ର ବୀରମଣ୍ଡଳୀ ମିଶରୀୟ ସଭ୍ୟତାର ଗତି ଏକାବେଳକେ ବଦଳାଇଦେଲେ । ମିଶରର ରାଜଧାନୀ କେବଳ ଅଳ୍ପସଂଖ୍ୟକ ମାତ୍ର ବିଜେତା ଶାସନ, ସଂସ୍ଥାପନ ଓ ପରିଚାଳନା କଲେ । ମିଶରର ଆଦିମ ଲୋକମାନଙ୍କ ଅପେକ୍ଷା ସେମାନେ ପ୍ରାୟ ଗୁରଇଷ୍ଠ ସାନ—ସଂଖ୍ୟାରେ ସେମାନଙ୍କର ଦଶଭାଗରୁ ଭାଗେ । ବୁଦ୍ଧି ଓ କୌଶଳରେ ସେମାନେ ମିଶରୀୟମାନଙ୍କୁ ଅଧୀନ କରିରଖିଲେ । ସେହିକାଳର ମିଶରର ଅନେକ ଚିତ୍ର,

Digitized by srujanika@gmail.com

ଭାସ୍କର୍ଯ୍ୟ ଓ ଶିଳ୍ପମାନଙ୍କରୁ ସ୍ପଷ୍ଟ ପ୍ରତୀୟମାନ ହୁଏ ଯେ ଏମାନେ Elam ଦେଶର ଲୋକ । ପାରସ୍ୟ ଉପସାଗର ଓ ଲୋହିତ ସାଗର ପାରହୋଇ ଭୀଷଣ ମରୁଦେଶ ଓ ନାଇଲନଦୀ ପାର ହୋଇ ଏମାନେ Coptos ରେ ଆସି ପହଞ୍ଚିଲେ । ପ୍ରଥମେ ମିଶରର ପୂର୍ବ ଅଂଶ ବିଜୟକରି କ୍ରମେ ଉପତ୍ୟକାମଧ୍ୟରେ ନିଜର ରାଜ୍ୟ ବିସ୍ତାରକଲେ ଏବଂ ପରି ମିଶରର ରାଜାରୂପେ ଖ୍ରୀଷ୍ଟପୂର୍ବ ୫୫୦୦ ଅବ୍ଦରେ ମିଶରର ପ୍ରଥମ ରାଜବଂଶର ପ୍ରତିଷ୍ଠା କଲେ ଏବଂ ଧାରାବାହିକ ଇତିହାସର ସୃଷ୍ଟି କଲେ । ସେ କାଳର ରାଜାଙ୍କର ସମାଧି ସେମାନଙ୍କର ଅତିଶୟ ଉନ୍ନତ ସଭ୍ୟତାର ଯଥେଷ୍ଟ ପରିଚୟ ଦିଏ ।



ଭିତରେ ସମାଧି କ୍ଷେତ୍ରର ନୀରବତା ବିରାଜିତ, ବାହାରେ, ମିଶରୀୟ ସାମ୍ରାଜ୍ୟର ମହିମା ମଣ୍ଡିତ ବିପୁଳକାୟ ଚତୁଷ୍ପର ପିରମିଡ୍ ତପ୍ତକାଞ୍ଚନର ଆଭା ବିକୀର୍ଣ୍ଣ କରେ ।

ଖାଦ୍ୟ ଓ ପାନୀୟ ଆଧାରମାନ ବହୁମୂଲ୍ୟ ପ୍ରସ୍ତର ନିର୍ମିତ ସ୍ଫଟିକମୟ ଆଧାର, କାଷ୍ଠନିର୍ମିତ ଥାଳୀ—ବିବିଧ ବର୍ଣ୍ଣର କାଚ ଓ ସ୍ଫଟିକ ସନ୍ନିବିଷ୍ଟ ପାତ୍ରର ବହୁଳତା ମଧ୍ୟ ପରିଲକ୍ଷିତ ହୁଏ । ହାତୀଦାନ୍ତରେ ସୂକ୍ଷ୍ମ ଭାସ୍କର୍ଯ୍ୟ ଶିଳ୍ପ—ଏବଂ ବହୁମୂଲ୍ୟ ମଣି ମୁକ୍ତାର ଏବଂ ସ୍ୱର୍ଣ୍ଣ ଇତ୍ୟାଦି ଧାତୁନିର୍ମିତ ବିବିଧ ଅଳଙ୍କାରମାନ ମଧ୍ୟ ଏହି ସ୍ତରର ।

ମିଶରର ସୁଖର ଦିନ ବେଶିଦିନ ଭୋଗ ହେଲାନାହିଁ—କେତେଗୋଟି ରାଜାଙ୍କର ରାଜତ୍ୱପରେ ଏ ବଂଶ ବଳହୀନ ହୋଇପଡିଲା ଏବଂ ଦକ୍ଷିଣରୁ ଆଉ ଦଳେ ଆସି ରାଜ୍ୟ ଅଧିକାର କଲେ, କିନ୍ତୁ ମିଶରର ସଭ୍ୟତାର ବିଶେଷ କୌଣସି ପରିବର୍ତ୍ତନ ଘଟିଲାନାହିଁ ।

ଏହି ନୂତନ ବିଜୟୀଙ୍କ ସଙ୍ଗେ ସଙ୍ଗେ ମିଶରର ଉଜ୍ଜ୍ୱଳ ପ୍ରଭାତର ଉନ୍ମେଷ ସୂଚିତ ହେଲା । ଖୁଫ ( Khufu ) ସାରା ମିଶରର ଏକଛତ୍ର ନରପତିର ଆସନ ଅଧୋର ବସିଲେ ବିଚକ୍ଷଣ ମହାଶକ୍ତିସମ୍ପନ୍ନ, ପ୍ରତିଭାଶାଳୀ ଖୁଫୁଙ୍କ ସୁନିୟନ୍ତ୍ରିତ ଶାସନରେ ମିଶରଦେଶ ବିକଶି ଉଠିଲା । ତାଙ୍କର ବହୁଦର୍ଶୀ ଏକନିଷ୍ଠା ଗୁଣରେ ପ୍ରାକୃତିକ ଓ ପାଶବିକ ସମସ୍ତ ଶକ୍ତି ତାଙ୍କର ବଶୀଭୂତ ହେଲା । ମିଶରର ରାଜ୍ୟପରିଚାଳନ-ନୀତି ତାଙ୍କର ନୀତି ତାଙ୍କର ଶକ୍ତି ଓ ଶୃଙ୍ଖଳା ବଳରେ ସହସ୍ର ସହସ୍ର ବର୍ଷଯାଏ ନିୟନ୍ତ୍ରିତ ଏବଂ ପ୍ରତିଷ୍ଠିତ ହୋଇଗଲା । ପୁରୋହିତ ( Priest ) ମାନଙ୍କର ଅପରିସୀମ ଶକ୍ତି ସଂକୀର୍ଣ୍ଣ ସୀମାବଦ୍ଧ ହେଲା, ମନ୍ଦିରମାନ ଅନେକ ସ୍ଥଳରେ ମୁଦା ହୋଇଗଲା, ବଳୀଦେବା ପ୍ରଥା ଉଠିଗଲା ବଦଳରେ କେବଳ ରହିଲା—ମୃଣ୍ମୟ ମୂର୍ତ୍ତିର ବଳିଦାନ ।

ମିଶରଦେଶରେ ରାମରାଜ୍ୟ ସ୍ଥାପିତହେଲା । ପ୍ରଜା, ପ୍ରବାସୀ ସୁଖ ଶାନ୍ତିରେ ନିର୍ଦ୍ଦ୍ୱନ୍ଦରେ ଜୀବନ ନିର୍ବାହ କଲେ । ଦେଶସାରା ଧନ, ଜନ, ଗୋପ, ଲକ୍ଷ୍ମୀରେ ଉଛୁଳି ପଡିଲା । ସେହି ଅମର-କୀର୍ତ୍ତି ନରପତିଙ୍କର ସମାଧି-ଉପରେନିର୍ମାଣକୌଶଳର ପରାକାଷ୍ଠା Pyramid ବା ସୂଚ-ଘନକ୍ଷେତ୍ର ନିର୍ମିତ ହେଲା । ଯେବେ ଅଦ୍ୟତନରେ, ଭ୍ରମଶୂନ୍ୟ ନିର୍ମାଣକୌଶଳର ଉତ୍କର୍ଷରେ, ଜ୍ୟାମିତିକ ଅଂକନରେ ନୈପୁଣ୍ୟରେ ଯାହାର ତୁଳନା ମର୍ତ୍ତ୍ୟରେ ନାହିଁ । ଛଅହଜାର ବର୍ଷର ଜଗତସାରା ସମସ୍ତ ନିର୍ମାଣ କୀର୍ତ୍ତି ଯାହା ପାଖରେ ରଖିଦେଲେ ଅତି ତୁଚ୍ଛ, ଅତି ହେୟ ଦିଶେ ।

ଜଗତର ଅମର-କୀର୍ତ୍ତି, ମିଶର ଶିଳ୍ପର ଉଜ୍ଜ୍ୱଳ ମୁକୁଟ ପିରମିଡ୍ ନିର୍ମାଣର ପଛେପଛେ ସେହି ଜୀବନ୍ତ ପ୍ରେରଣା ଅନୁସରଣରେ ସ୍ଥପତି-କଳାର ଉତ୍ତରୋତ୍ତର କେତେ ଉନ୍ନତି ସାଧିତ ହେଲା । ଲକ୍ଷ ଲକ୍ଷ ସମାଧି-ମନ୍ଦିର ନିର୍ମିତ

Digitized by srujanika@gmail.com

ହେଲା—ସେଥିରେ କେତେ ପ୍ରକାର କାରୁକାର୍ଯ୍ୟ ! ମିଶର ରାଜ୍ୟର ସମସ୍ତ ସମ୍ପଦ, ସମସ୍ତ ଉତ୍ପନ୍ନ ଦ୍ରବ୍ୟ, ପଶୁ ଜନ୍ତୁ ତହିଁରେ ସ୍ପଷ୍ଟ ଉନ୍ନତ ଭାବରେ ଖୋଳା; କେତେ ସଂଭ୍ରାନ୍ତବଂଶର ଲୋକଙ୍କର ଚିତ୍ର, ସ୍ପଷ୍ଟ ମୂର୍ତ୍ତି ତହିଁରେ ଜୀବନ୍ତ ଭାବରେ ସନ୍ନିବିଷ୍ଟ । ଏହି ସମୟରେ ଶିଳ୍ପର ପ୍ରଧାନ ପ୍ରଧାନ ଆଦର୍ଶମାନ ଗଠିତ ହୋଇଅଛି । ତାଳଗଛର ଗୋଟା ପତ୍ର ଗୁମ୍ଫାସ୍ତମ୍ଭ, ଥୋପା ଥୋପା ପଦ୍ମ ଫୁଲର ସ୍ତମ୍ଭ, ମନ୍ଦିର ଦ୍ୱାରରେ ଦେଶ ବିଜୟର ଏବଂ ଈଶ୍ୱରୋ-ପାସନାର ଦୃଶ୍ୟାବଳୀ ଏ ସମସ୍ତ ସେହି ଯୁଗର କୀର୍ତ୍ତି ଏବଂ ଏହିଗୁଡ଼ିକ ସେହିଦିନଠାରୁ ରୋମ ରାଜ୍ୟର ଉତ୍ଥାନ ପର୍ଯ୍ୟନ୍ତ ସର୍ବତ୍ର ସଭ୍ୟ-ଦେଶମାନଙ୍କରେ ଅନୁସୃତ ଏବଂ ଅନୁକୃତ ହୋଇ ଆସିଅଛି ।

କାଳକ୍ରମେ ଏ ଐଶ୍ୱର୍ଯ୍ୟ ମଧ୍ୟ ମଉଳିଗଲା, ଉତ୍ତରା-ଞ୍ଚଳରୁ ଦଳେ ବିଜୟଗର୍ବୀ ସିରୀୟାନ୍ ଯୋଦ୍ଧା ମିଶର ଅଧି-କାର କଲେ । ଖ୍ରୀଷ୍ଟପୂର୍ବ ୨୧ହଜାର ବର୍ଷଠାରୁ ପ୍ରାୟ ୨୧ଶ ଶତାବ୍ଦୀ ଏ ମାନଙ୍କର ରାଜତ୍ୱ ମିଶରରେ ପ୍ରଚଳିତ ହେଲା । ଏହି ସିରିଅନ୍‌ମାନେ ମିଶର ଦେଶକୁ ଆସି ମିଶରୀୟ ନାମ ଗ୍ରହଣକଲେ ସତ୍ୟ, କିନ୍ତୁ ସିରୀୟା ସ୍ୱଦେଶ ସେମାନଙ୍କର ସମସ୍ତ ଚିନ୍ତାର କେନ୍ଦ୍ର ହୋଇ ରହିଲା । ପୂର୍ବକଥିତ ଦାକ୍ଷିଣାତ୍ୟର ଲୋକମାନେ ହୀନବଳ ହୋଇ-ଥିବାରୁ ଏମାନଙ୍କର ପରାକ୍ରମ ନିରୋଧକରି ପାରିଲେନାହିଁ, । ସେମାନେ ନାଇଲ ଦେଇ ଆହୁରି ତଳକୁ ଭାସିଯାଇଁ ମିଶରର ଦକ୍ଷିଣ ଅଂଶ ଅଧିକାର କରିଲେ । ସେମାନେ ମିଶର ସଭ୍ୟତାର ନିଦର୍ଶନ ବଞ୍ଚାଇ ରଖିବା ଉଦ୍ଦେଶ୍ୟରେ କଠିନତମ ଶିଳା କାଟି ତହିଁରେ ଅତି ଉଜ୍ଜ୍ୱଳ ଓ ସୁନ୍ଦର ସ୍ତୂପତି ବିଦ୍ୟା ଫଳାଇଲେ । ଏ ଜାତୀୟ ଶିଳ୍ପ ଖ୍ରୀଷ୍ଟୋତ୍ତର ଶିଳ୍ପଠାରୁ କିଛି ଅଂଶରେ ଭିନ୍ନ ।

ପଶ୍ଚିମ ପାଖର ମରୁ ପ୍ରଦେଶର Fayum ନାମକ ଏକ ଉର୍ବର ସ୍ଥାନରୁ ଆଉ ଦଳେ ଯୋଦ୍ଧା ଆସି ସିରୀୟାର ଲୋକମାନଙ୍କ ସହିତ ବଳ କଷିଲେ, ଶେଷରେ ସେମାନଙ୍କୁ ପରାଜୟ କରି ୨୧ଶ ଶତାବ୍ଦୀ ପର୍ଯ୍ୟନ୍ତ ମିଶରର ରାଜା ହୋଇ ବସିଲେ । ଏମାନେ ଅତି ନିଷ୍ଠୁର ଏବଂ ବିଚାରଶୂନ୍ୟ ଭାବରେ ରାଜ୍ୟ ପରିଚାଳନା କଲେ । ରାଜ୍ୟଯାକ ସମସ୍ତେ ଅସନ୍ତୁଷ୍ଟ ହୋଇ ଉଠିଲେ—ବିରକ୍ତିର ମାତ୍ରା ଏତେଦୂରକୁ ଗଲା ଯେ ଏ ବଂଶର ପତନ ହେବା ସଙ୍ଗେ ସଙ୍ଗେ ସାଧାରଣ ଲୋକେ ସେମାନଙ୍କ ସମାଧିମାନ ଖୋଳି, ଶବ ଗୁଡ଼ିକୁ ଜାଳାଇ ଦେଲେ ଏବଂ ନଷ୍ଟ କରିପାରିଲେ—ଏ ଜାତିର ଚିହ୍ନ ଯେପରି ଦେଶରୁ ଏକାବେଳକେ ଲିଭି-ଯାଉ । ପରଶେଷରେ ଦାକ୍ଷିଣାତ୍ୟ ଲୋକଙ୍କର ପରବର୍ତ୍ତୀ ପୁରୁଷମାନେ ସମୟକ୍ରମେ ବଳ ଓ ବାହିନୀ ସଂଗ୍ରହ କରି ମିଶର ଜୟ କଲେ । ସମୁଦ୍ର ଉପକୂଳରୁ Dongola ପର୍ଯ୍ୟନ୍ତ ସେମାନଙ୍କର ରାଜ୍ୟ ବିସ୍ତୃତ ହେଲା ଏବଂ ଖ୍ରୀଷ୍ଟପୂର୍ବ ୩୫୦୦ ଅବ୍ଦରେ ଗୋଟିଏ ସୁପ୍ରତିଷ୍ଠିତ ରାଜବଂଶ-( ଦ୍ୱାଦଶବଂଶ ନାମରେ ) ସ୍ଥାପିତ ହେଲା । ଏହି ଅବ୍ଦ ମିଶରର ଆଦର୍ଶ ଉନ୍ନତ ଓ ସଭ୍ୟତାର ଯୁଗ ବୋଲି ବିଶେଷ ଭାବରେ ଉଲ୍ଲେଖଯୋଗ୍ୟ । ଏ ସମୟର ଶିଳ୍ପ ବହୁଳ ନ ହେଲେ ମଧ୍ୟ ସୌନ୍ଦର୍ଯ୍ୟ କାରୁକାର୍ଯ୍ୟ ଓ ନୈପୁଣ୍ୟ ଗୁଣରେ ବିଶେଷ ଖ୍ୟାତି ଅର୍ଜନ କରିଥିଲା । ଏବଂ ଆଜିଯାଏ ସୁଦ୍ଧା ଦେଶ ଦେଶାନ୍ତରର ବିସ୍ମିତ ନେତ୍ରକୁ ପରିତୁଷ୍ଟ କରୁଅଛି । ରତ୍ନାଳଙ୍କାରମାନ ଏବଂ ପ୍ରସ୍ତର ନିର୍ମିତ ଶବାଧାର ଏ ଯୁଗର ବିଶେଷତ୍ୱ । ଦୁଇ-ଶତାବ୍ଦୀ କାଳ ଏହି ପ୍ରତିଷ୍ଠିତ ବଂଶର ସୁଶାସନ ଫଳରେ ଆଭ୍ୟନ୍ତରିକ ଶାନ୍ତି ଏବଂ ଶ୍ରୀ କ୍ରମେ ବୃଦ୍ଧି ହେବାକୁ ଲାଗିଲା । ଏ ରାଜତ୍ୱ କାଳରେ ସବୁ ଜାତିର ଲୋକେ ସମୃଦ୍ଧିମନ୍ତ ହେବାର ଜଣା ପଡ଼େ । ସମାଧି ପ୍ରସ୍ତରର ବହୁଳତା ଏବଂ ପରିପାଟୀ ସାଧାରଣ ନିମ୍ନଶ୍ରେଣୀଙ୍କର ସମୃଦ୍ଧିର ମଧ୍ୟ ପରିଚୟ ଦିଏ । କଳା-ବିଦ୍ୟାମାନଙ୍କ ମଧ୍ୟରେ ସାହିତ୍ୟ ସ୍ଥାନ ପାଇଲା ପୂର୍ବରୁ ଯାହା ଥିଲା ସେ କେବଳ କେତେଗୁଡ଼ିଏ ପ୍ରଚଳିତ ପ୍ରବାଦର ସମଷ୍ଟି—ଅବଶ୍ୟ ସେଗୁଡ଼ିକ ମିଶରୀୟ ଚରିତ୍ର ନ୍ୟୂନାଧିକ ପରି-ମାଣରେ ସତ୍ୟ ଭାବରେ ପରିଦର୍ଶାଉଥିଲା ଏବଂ ରଚ-ୟିତାମାନଙ୍କର ବୁଦ୍ଧି ଏବଂ ନୈପୁଣ୍ୟର ଯଥେଷ୍ଟ ପରିଚୟ ଦେଉଥିଲା କିନ୍ତୁ ସେ ଗୁଡ଼ିକ ପ୍ରକୃତ ସାହିତ୍ୟ ପଦବାଚ୍ୟ ହୋଇ ନ ପାରନ୍ତି ।

ଏହି ଦ୍ୱାଦଶବଂଶର ରାଜତ୍ୱ କାଳରେ ଉପନ୍ୟାସ ଭ୍ରମଣ କାହାଣୀର ଆଦର୍ଶମାନ ନିର୍ଣ୍ଣୀତ ହେଲା ଏବଂ ଜନସଂଘରେ ବକ୍ତୃତା କରିବା ପ୍ରତି ଲୋକଙ୍କର ଆଗ୍ରହ

Digitized by srujanika@gmail.com

ଜାତ ହେଲା । ଯେଉଁମାନେ ଆଗେ କେବଳ ଲେଖଣୀ ଚାଳନା କରି ଦେଶର ଅମଲା ହେବାଠାରୁ ଉଚ୍ଚ ଆଦର୍ଶ ପୋଷଣ ନ ଥିଲେ ସେମାନେ ଲେଖା ଓ ରଚନା କୌଶଳରେ ଅତି ଉଚ୍ଚସ୍ଥାନମାନ ଅଧିକାର କରି ବସିଲେ ।

କାଳକ୍ରମେ ଏହି ସୁଦୃଢ଼ ଶାସନ ବଳହୀନ ହୋଇଗଲା । ପ୍ରାଦେଶିକ ଈର୍ଷା ବଳବତ୍ତର ହୋଇପଡ଼ିଲା ଏବଂ ମିଶର ଅନେକ ଖଣ୍ଡରେ ବିଭକ୍ତ ହୋଇଗଲା । ଦକ୍ଷିଣ-ରାଜ୍ୟ ଓ ଉତ୍ତରରାଜ୍ୟ ବୋଲି ଦୁଇଟି ରାଜ୍ୟ ଗଠିତ ହେଲା ଏବଂ ନିଜର ସୀମା ଯେନି ଦୁଇରାଜ୍ୟ ମଧ୍ୟରେ ମହାବିବାଦ ବିସମ୍ବାଦ ଆରମ୍ଭ ହୋଇଗଲା । ଦେଶର ଶାନ୍ତି ଓ ଶସ୍ୟ ସମୃଦ୍ଧି ପ୍ରତିହତ ହେଲା—ଦେଶ ଦରିଦ୍ର ହେବାକୁ ଚାଲିଲା—ଶାସନର ବିଶୃଙ୍ଖଳା ଘଟିଲା—ଯେଉଁ ରାଜା ବଳଶାଳୀ ହେଲା ସେ ବାହୁବଳରେ ସମଗ୍ର ମିଶର କିଛିକାଳ ପାଇଁ ଅଧିକାର କରିଲା – କିଛୁକାଳ ପରେ ପୁଣି ବିଶୃଙ୍ଖଳା ଦେଶମୟ ମାଡିଗଲା ।

କିଛୁକାଳ ପରେ ପୁଣି ସିରିଆ ଦେଶର ଅର୍ଥପିପାସୁ ଥୋକେ ମିଶରକୁ ପଶି ଆସିଲେ । ଦଳ ଦଳ ହୋଇ ସେମାନେ ଦେଶର ଭିନ୍ନ ଭିନ୍ନ ସ୍ଥାନମାନ ଅବରୋଧ କଲେ—ବିଭକ୍ତ ମିଶରବାସୀ ସେମାନଙ୍କୁ ବାଧା ଦେଇପାରିଲେନାହିଁ । ପରିଶେଷରେ ଖ୍ରୀଷ୍ଟପୂର୍ବ ୨୫୦୦ ଅବ୍ଦରେ ଛଅଜଣ ପରାକ୍ରମଶାଳୀ ରାଜାଙ୍କ (Shepherd) Kings ଯତ୍ନରେ ଗୋଟିଏ ସ୍ଥାୟୀ ରାଜତ୍ୱର ଆବିର୍ଭାବ ହେଲା । ଦେଶ ଗୋଟିଏ ନିର୍ଦ୍ଦିଷ୍ଟ ଆକାର ଓ ଶୃଙ୍ଖଳା ଧାରଣ କଲା । କିନ୍ତୁ ପଶ୍ଚାତ୍ତରେ ଶିଳ୍ପ ଓ ସାହିତ୍ୟ ଆଡ଼କୁ କେହି ଦୃଷ୍ଟି ଦେଲେନାହିଁ—ସେ ଗୁଡ଼ିକର ଚର୍ଚ୍ଚା ଏତେବେଳକେ ଲୋପ ପାଇଲା । ବିଶୃଙ୍ଖଳା-ଜନିତ ଦାରିଦ୍ର୍ୟ ଘୁଞ୍ଚାଇବାରେ ସମସ୍ତେ ବ୍ୟସ୍ତ ହୋଇ ପଡ଼ିଲେ । ଏ ନୂତନ ବିଜେତାମାନେ ନିଜକୁ Hyksos of the Sea ବୋଲି ପରିଚୟ ଦେଉଥିଲେ । ବଗଦାଦ୍ ଏବଂ କ୍ରିଟ (Crete) ରେ ମଧ୍ୟ ଏମାନେ ରାଜ୍ୟ ବିସ୍ତାର କରିଥିଲେ । ଅନୁମାନ ହୁଏ ସେମାନେ ସିରିଆରେ ରାଜତ୍ୱ କରୁଥିଲେ ଏବଂ ନିଜର ବାହୁବଳରେ ସିରିୟାର ପାଖଆଖ ଦେଶମାନ ସ୍ୱରାଜ୍ୟ ଭୁକ୍ତ କରିଥିଲେ ।

ଖ୍ରୀଷ୍ଟପୂର୍ବ ୧୬୦୦ ଅବ୍ଦରେ ଦକ୍ଷିଣଆଡ଼ୁ କୃଷ୍ଣକାୟ ଅଳ୍ପ ଉଚ୍ଚ Berberine ନାମକ ଏକ ଜାତି ଆସି ପହଞ୍ଚିଲେ । ସେମାନେ Hyksos ମାନଙ୍କ ସହିତ ଘୋର ଯୁଦ୍ଧରେ ପ୍ରବୃତ୍ତ ହେଲେ । ଫଳରେ Hyksos ମାନେ ସ୍ୱଦେଶ ସିରିୟାକୁ ପ୍ରତ୍ୟାବର୍ତ୍ତନ କଲେ—ମିଶର ଦେଶ ଅର୍ଥପିପାସୁ ଯକ୍ଷମାନଙ୍କ ହାତରୁ ନିଜକୁ ବଞ୍ଚାଇ ନେଲା ।

ପରବର୍ତ୍ତୀ ପନ୍ଦରଶ ବର୍ଷ ମିଶରର ବଳ ଓ ବାହିନୀ ସଂଗ୍ରହ କରିବାରେ ବିତିଗଲା । ମିଶର ଏଥର ସିରିୟା ଆକ୍ରମଣ କରିବାକୁ ସାହସୀ ହେଲା; ସିରିୟା ଦେଶବାହୀ ଇଉଫ୍ରେଟିସ୍ ନଦୀ ପର୍ଯ୍ୟନ୍ତ ମିଶରର ବିଜୟ-ଧ୍ୱଜା ଉଡ଼ିଲା । ଏହି ଯୁଦ୍ଧ ସଂଘର୍ଷରେ ଯାହା ଘଟିଲା—ସିରିୟା ଦେଶର ଲୋକେ ମିଶରରେ ରାଜତ୍ୱ କରିବା ସମୟରେ ତାହା ଘଟିନଥିଲା । ସିରିୟା ଦେଶର ଲୋକେ ରାଜତ୍ୱ କଲାବେଳେ ଲୋକେ ସେମାନଙ୍କ ପରାକ୍ରମକୁ ଡରି ଅଧୀନତା ସ୍ୱୀକାର କରିଥିଲେ ସତ, କିନ୍ତୁ ଅନ୍ତରରେ ସେମାନଙ୍କୁ ଘୃଣା କରୁଥିଲେ—ସନ୍ତର୍ପଣରେ ତାଙ୍କ ସଙ୍ଗ ବର୍ଜନ କରୁଥିଲେ । କିନ୍ତୁ ମିଶର ଯେତେବେଳେ ବିଜୟୋଲ୍ଲାସରେ ସିରିଆକୁ ପ୍ରବେଶ କଲା ସେତେବେଳେ ସିରିୟାର ବନ୍ଦୀଗଣ ମିଶରକୁ ପଳାଇ ଆସିବାରେ—ଦୁଇଜାତି ମଧ୍ୟରେ ଘନିଷ୍ଠତର ସମ୍ବନ୍ଧ ପ୍ରତିଷ୍ଠିତ ହେଲା । ସିରିୟାର ଶିଳ୍ପୀ ଓ ଶ୍ରମଜୀବିମାନେ ସେମାନଙ୍କର ଶିଳ୍ପ ଏବଂ ଶୃଙ୍ଖଳା ମିଶରରେ ପ୍ରଚାରକଲେ । ସିରିୟାର ତରୁଣୀମାନେ ସେନା-ନାୟକ ଏବଂ ଧନୀମାନଙ୍କ ପରିବାର ମଧ୍ୟକୁ ଆନୀତ ହେଲେ ଏବଂ ସେମାନଙ୍କର ଭାଷା, ଆଚାର ଏବଂ ରକ୍ତ ମିଶରର କୁଳୀନମାନଙ୍କ ଭାଷା ଇତ୍ୟାଦି ସଙ୍ଗରେ ଅଭିନ୍ନ ଭାବରେ ମିଶ୍ରିତ ହୋଇଗଲା । ଶିଳ୍ପର ଧାରଣ ବଦଳିଗଲା—ଆଗକାଳର ଦୃଢ଼ତା ଏବଂ ସ୍ଥାୟିତ୍ୱ ଆଡ଼କୁ ଦୃଷ୍ଟି ଗଲାନାହିଁ—ଆୟାସ-କାର୍ଯ୍ୟ ଅସ୍ଥାୟୀ ଶିଳ୍ପ ତା'ର ସ୍ଥାନ ଅଧିକାର କଲା ।

ସମାଧିର ମନ୍ଦିରମାନଙ୍କରେ ସ୍ଥାପିତ ଶିଳ୍ପ-ଯେଉଁ ପୂର୍ଣ୍ଣତା ଏ ଯାବତ୍ ପରିଲକ୍ଷିତ ହେଉଥିଲା ତା' ପରିବର୍ତ୍ତରେ ରହିଲା—ଅସମାନ ଚିକ୍କଣ ଓ ଉଜ୍ଜ୍ୱଳ ବର୍ଣ୍ଣ ଚିତ୍ରଣ । ଯାହାହେଲା ସମସ୍ତ କେବଳ ସାମୟିକ ଚକ୍ଷୁତୃପ୍ତି

Digitized by srujanika@gmail.com

ନିମିତ୍ତ—ସ୍ଥାପତ୍ୟ ଅନ୍ତକୁ ନଜର ରହିଲା ନାହିଁ । ସମାଜ-ସଂସ୍କାରକ ( Akhenaton ) ସବୁଆଡ଼େ ସତ୍ୟର ପ୍ରଚାର କରିବାକୁ ପ୍ରୟାସ କରୁଥିଲେ ମଧ୍ୟ ପୂର୍ବ ପୁରୁଷମାନଙ୍କର ଆଚାର ଏବଂ ବିଶ୍ୱାସକୁ ଛାଡ଼ିଯିବା ଫଳରେ ଅବନତିର ସ୍ରୋତ ଦ୍ରୁତତର ହେଲା—ଅସ୍ଥାୟୀ ଆପାତ ସୁଖକର ଶିଳ୍ପ ସ୍ଥାପତ୍ୟ ଓ ମୂର୍ତ୍ତିତାକୁ ସ୍ଥାନଚ୍ୟୁତ କଲା ।

Thotmes I ଙ୍କ ଠାରୁ ଆରମ୍ଭ କରି Ramses II ଙ୍କ ପର୍ଯ୍ୟନ୍ତ ସିରିଆ ଏବଂ ସୁଡାନ୍‌ରେ ଯେଉଁ ବିଜୟ ଉଦ୍‌ଯୋଗ ଲାଗିରହିଲା ତାହା ଫଳରେ ମିଶରବାସିର ଦୈନନ୍ଦିନ ଜୀବନ-ନିର୍ବାହ ରୀତି ଅନେକ ପରିବର୍ତ୍ତିତ ହୋଇଗଲା; ମିଶର ଲୋକେ ଅନେକ ବିଦେଶକୁ ଯାଇ ଅନେକ ନୂତନ ବିଶ୍ୱାସ ଏବଂ କଳ୍ପନା ମିଶରୀୟଙ୍କ ପ୍ରାଣରେ ପ୍ରବେଶ କରାଇଲେ । ବିଦେଶରୁ ହଜାର ୨ ବନ୍ଦୀ ମିଶରକୁ ଆସିଲେ—ଗୃହ ନିର୍ମାଣ, ରାସ୍ତା ତିଆରି ଇତ୍ୟାଦି ସାଧାରଣ ହତ୍ତକର କାର୍ଯ୍ୟରେ ସେମାନେ ନିଯୁକ୍ତ ରହିଲେ—ଦେଶରେ କ୍ରୀତଦାସ ସଂଖ୍ୟା ଅନେକ ଗୁଣରେ ବଢ଼ିଗଲା—ମନ୍ଦିରମାନଙ୍କର ବହୁଳ ଭୂମି ସମ୍ପତ୍ତି-ମାନ କୃଷି କରିବାରେ ଅନେକ ବନ୍ଦୀ କ୍ରୀତଦାସ ନିଯୁକ୍ତ ହେଲେ । କ୍ରମେ କ୍ରମେ ମିଶରର ପୁରୋହିତମାନେ ସମୃଦ୍ଧିଶାଳୀ ହେବାକୁ ଲାଗିଲେ—ସେମାନଙ୍କର ଶକ୍ତି ସୀମାଲଙ୍ଘନ କରି ଗଲା—ପ୍ରାୟ ତିନିଶତ ବର୍ଷପରେ ରାଜ୍ୟର ଶାସନ ସେମାନଙ୍କ ହାତରେ ପଡ଼ିଲା ।

ପ୍ରାୟ ଦେଢ଼ଶ' ବର୍ଷ ବିତିଗଲା—Elam ରୁ ଜଣେ Shishak ନାମରେ ବୀର ଯୋଦ୍ଧା ମିଶରର ପୂର୍ବଦ୍ୱାର ଦେଇ ଆସି Bubastis ଠାରେ ଆବାସ ସ୍ଥାପନ କଲା । କ୍ରମେ ବୁଦ୍ଧିର ବିଚକ୍ଷଣତା ବଳରେ ସମସ୍ତ ମିଶରକୁ ସେ କରତଳଗତ କଲା । ମିଶରବାସୀ ସେତେବେଳକୁ ଅଳସ, ଅଜୀବନ୍ତ ହୋଇ ପଡ଼ିଥିଲେ—Shishak ରାଜତ୍ୱ କାଳରେ ବା ତହିଁ ଉତ୍ତାରେ Ethiopian ମାନେ ଆସିବା ଯାଏ, ଶିଳ୍ପ ସାହିତ୍ୟ ଇତ୍ୟାଦି କ୍ଷେତ୍ରରେ କୌଣସି ଉନ୍ନତି ସାଧିତ ହେଲାନାହିଁ ।

ବଡ଼ ବିସ୍ମୟ କଥା ! ମିଶର ଥରକୁ ଥର ଯାହା ପୁନର୍ଜୀବନ ଲାଭ କରିଛି ସେ କେବଳ ଦାକ୍ଷିଣାତ୍ୟ ଆଗତ ବିଜୟୀମାନଙ୍କ ଯତ୍ନରେ । ଗଲ ଦେଶର ବିଜେତାମାନଙ୍କ ଯତ୍ନରେ ଅମର-କୀର୍ତ୍ତି ଦ୍ୱାଦଶବଂଶ ସ୍ଥାପିତ ହେଲା; Berber ମାନଙ୍କ ବିଜୟ ଫଳରେ ଅଷ୍ଟାଦଶ ବଂଶ ଏବଂ Ethiopian ଙ୍କ ବିଜୟ ସଙ୍ଗେ ସଙ୍ଗେ ପଞ୍ଚବିଂଶ ବଂଶ ସ୍ଥାପିତ ହେଲା । Ethiopian ମାନଙ୍କ ଯୋଗେ ଶିଳ୍ପ ଓ ସାହିତ୍ୟ ପୁନରୁଜ୍ଜୀବିତ ହେଲା—କ୍ରମେ ସେହି ପ୍ରେରଣାରେ ଷଡ୍‌ବିଂଶ ବଂଶର ଅମରକୀର୍ତ୍ତି ପୃଥିବୀ-ସାରା ପ୍ରଭା ବିସ୍ତାର କଲା । ଲୋକମାନଙ୍କ ମନରେ କୋମଳ ମାର୍ଜିତ ଭାବର ଉଦୟ ହେଲା—ଯୁଦ୍ଧର ବିଭୀଷିକା ପ୍ରତି ଲୋକେ ବିମୁଖ ହେଲେ । କାଳକ୍ରମେ ମିଶର ପ୍ରାଣକୁ ଗ୍ରୀକ୍ ପ୍ରଭାବ ଏବଂ ଗ୍ରୀକ୍ ରୁଚି ଓ ସଭ୍ୟତା ଝରିଆସିଲା । ଗ୍ରୀସ୍‌ଦେଶର ବଣିକ ମିଶରରେ ବାଣିଜ୍ୟ ପସରା ମେଲାଇ ଦେଲେ—ଗ୍ରୀକ୍ ସୈନ୍ୟ ଓ ସେନା-ନାୟକମାନେ ମିଶରର ରାଜାମାନଙ୍କଠାରେ ନିଯୁକ୍ତି ଲଭିଲେ—ଗ୍ରୀକ୍ ସୈନ୍ୟ ମିଶରର ପୂର୍ବ, ପଶ୍ଚିମ ଓ ଉତ୍ତର ଦକ୍ଷିଣ ସୀମାମାନଙ୍କରେ ପ୍ରହରୀ ହୋଇ ରହିଲେ । ଗ୍ରୀସ୍‌ର ସ୍ୱତନ୍ତ୍ର ସଭ୍ୟତା ମିଶର ସଭ୍ୟତାକୁ ଏକାବେଳକେ ପରିବର୍ତ୍ତିତ କରିଦେଲା ।

ମିଶରର ସିରୀୟାନ୍ ବିଜେତାମାନେ ସେ ଦେଶକୁ ଯେଉଁ ସଭ୍ୟତା ଆଣିଥିଲେ, ତାହା ବଳରେ ମିଶର ସଭ୍ୟତା କେତେକ ପରିମାଣରେ ପରିମାର୍ଜିତ ହୋଇ-ଥିଲେ ମଧ୍ୟ ପରିଶେଷରେ ମିଶରୀୟ ସଭ୍ୟତା ସଙ୍ଗରେ ତାହା ମିଶି ଯାଇଥିଲା—ମାତ୍ର ଗ୍ରୀସ୍‌ର ସଭ୍ୟତା, ଗ୍ରୀସ୍‌ର ସ୍ୱତନ୍ତ୍ର ଶିଳ୍ପ ସେପରି ମିଶି ଏକ ହୋଇଯିବାର ନୁହେଁ । ଫଳରେ ଗ୍ରୀସ୍‌ର ଶିଳ୍ପ ମିଶର ଶିଳ୍ପକୁ ଆବୋରି ବସିଲା । ମିଶରର ଶିଳ୍ପ-ଯାହା ଗ୍ରୀକ୍ ଶିଳ୍ପ ସଙ୍ଗରେ ନମିଶି ସ୍ୱତନ୍ତ୍ର ରହିଲା, ତା'ର ସୌନ୍ଦର୍ଯ୍ୟ ରୁଚିକର ସତ୍ୟ, କିନ୍ତୁ ଯେଉଁ-ଠାରେ ଗ୍ରୀକ୍ ଏବଂ ମିଶର ଶିଳ୍ପ ମିଶିଗଲା, ସେଠାରେ ଗୋଟିଏ କିମ୍ଭୂତ କିମାକାର ଶିଳ୍ପର ଆବିର୍ଭାବ ହେଲା—ନିହାତି ରୁଚିଗର୍ହିତ ଆଉ ଅସୁନ୍ଦର । ମହାବୀର ସେକନ୍ଦର ମିଶର ଜୟକଲେ—ମିଶରରେ ଟଲେମୀମାନଙ୍କର ରାଜତ୍ୱ କାଳରେ ମିଶରବାସୀ ନିଜର ଆଚାର ପ୍ରତି ଅନାସ୍ଥା କରି ଗ୍ରୀସ୍ ଆଚାର ଅନୁକରଣ କଲେ । ଗ୍ରୀସ୍ ପ୍ରଭାବ ମିଶରର ଚିନ୍ତାସ୍ରୋତ ଏକାବେଳକେ ବଦଳାଇ ଦେଲା ।

Digitized by srujanika@gmail.com

ଖ୍ରୀଷ୍ଟପୂର୍ବ ୫୦୦ ଅବ୍ଦର ମିଶରୀୟ ଏବଂ ଖ୍ରୀଷ୍ଟପୂର୍ବ ୫୦୦୦ ଅବ୍ଦର ମିଶରୀୟମାନଙ୍କ ମଧ୍ୟରେ ବିଶେଷ ପ୍ରଭେଦ ପରିଲକ୍ଷିତ ନୋହୁପାରେ, କିନ୍ତୁ ସେ କାଳର ମିଶରୀୟ ଏବଂ ଖ୍ରୀଷ୍ଟପର ୫୦୦ ଅବ୍ଦର ମିଶରୀୟଙ୍କ ମଧ୍ୟରେ ବିଭିନ୍ନତାର ପରିମାଣ—ଆକାଶ ଏବଂ ପାତାଳ । ଗ୍ରୀକ୍ ଭାଷା ସାଧାରଣ ବ୍ୟବସାୟ ଓ ଦେଶର ଭାଷାପରି ବ୍ୟବହୃତ ହେଲା । ମିଶରର ଅର୍ଥ, ସମ୍ମାନ ଆଶାତୀତ ରୂପେ ପରିବର୍ଦ୍ଧିତ ହେଲା । ଟଲେମୀଙ୍କ ରାଜତ୍ୱ କାଳରେ ମିଶରର ନାନାପ୍ରକାର ରାଜସ୍ୱର ପରିମାଣ ପ୍ରାୟ ଲକ୍ଷ୩୦ ସ୍ୱର୍ଣ୍ଣମୁଦ୍ରା-ରୂପେ ନିର୍ଦ୍ଧାରିତ ହୋଇ ଅଗଣିତ ବିଶାଳ-ମନ୍ଦିରମାନ ନିର୍ମିତ ହେଲା—ତଥାପି ରାଜସ୍ୱ ଦେଇ ମଧ୍ୟ ଦେଶରେ ଯଥେଷ୍ଟ ଅର୍ଥ ସଞ୍ଚିତ ଥିଲା ।

ସେତେବେଳେ ଗ୍ରୀସ୍ ରୋମ ଦେଶର ସାମିଲ । ରୋମୀୟମାନଙ୍କର ଲୋଭ ବଢ଼ିଲା—ସମସ୍ତ ରାଜସ୍ୱ ରୋମୀୟମାନେ ବଳାତ୍କାରରେ ନେଇଗଲେ । ତିନିଶତ ବର୍ଷ ମଧ୍ୟରେ ମିଶର ଏଡ଼େ ଦରିଦ୍ର ହୋଇଗଲା ଯେ ସେଠାରେ ଅତି ସୁଲଭ ଧାତୁର ମୁଦ୍ରା ମଧ୍ୟ ପ୍ରଚଳିତ ହେବା ଦୁଷ୍କର ହୋଇପଡ଼ିଲା । କ୍ଷୁଦ୍ର କ୍ଷୁଦ୍ର ପଦାର୍ଥ ଆଦାନ ପ୍ରଦାନରେ ଶସ୍ୟ ଓ ଅନ୍ୟପ୍ରକାର ଦ୍ରବ୍ୟ ମୁଦ୍ରାର ସ୍ଥାନ ଗ୍ରହଣକଲା ଏବଂ ବଡ଼ ବଡ଼ ସମ୍ପତ୍ତି କ୍ରୟ ବିକ୍ରୟରେ ସୁନା ଓଜନ ହେବାର ପ୍ରଚଳନ ହୋଇଗଲା । ରୋମର ଅକର୍ମ୍ମା ଦରିଦ୍ରମାନଙ୍କୁ ଖାଦ୍ୟ ଯୋଗାଇବା ପାଇଁ ମିଶରର ଉତ୍ପନ୍ନ ଶସ୍ୟ ବୃଥା ହୋଇଗଲା—ସବୁ ବ୍ୟବସାୟ ବାଣିଜ୍ୟ ଉପରେ କର ନିର୍ଦ୍ଧାରିତ ହେଲା ମିଶରର ଦୁର୍ଦ୍ଦଶା ସୀମାଲଙ୍ଘନ କରିଗଲା । ଏତେ ଅସ୍ୱାଭାବିକ ଉପାୟରେ ମିଶରରୁ କର ଓ ଉତ୍ପନ୍ନ ଦ୍ରବ୍ୟ ଶୋଷି ନେଇଗଲେ ଯେ ଆରବ୍ୟମାନେ ମିଶର ଅଧିକାର କରିବା ସଙ୍ଗେ ସଙ୍ଗେ ମିଶରର ରାଜସ୍ୱ ୩୦ ଲକ୍ଷରୁ ହେଲା ୬୦ ଲକ୍ଷ । ରୋମର ଅତ୍ୟାଚାର—ବିଶେଷତଃ କର ସଂଗ୍ରହ କରିବା ହାକିମ୍‌ମାନଙ୍କର ଯୁଲୁମ୍ ଏତେ ସରିକି ହେଲା ଯେ ମିଶର ଲୋକେ ବ୍ୟତିବ୍ୟସ୍ତ ହୋଇ ସ୍ୱ-ଇଚ୍ଛାରେ ଆରବ୍ୟମାନଙ୍କୁ ସ୍ୱଦେଶକୁ ନିମନ୍ତ୍ରଣ କରିଆଣିଲେ Byzantine ଙ୍କ ରାଜତ୍ୱ ସମୟରେ ଅତ୍ୟାଚାର ପରିମାଣ ଅଧିକ ବଢ଼ିଲା—ଆରବ୍ୟମାନେ ଆସି ପହଞ୍ଚିଲେ । Byzantine ଙ୍କ ସଙ୍ଗେ ରୋମ୍‌ର ରାଜତ୍ୱ ସରିଗଲା, କରଲଘୁ ହୋଇଗଲା—ଏବଂ ରାଜସ୍ୱର ଅଧିକାଂଶ ଦେଶରେ ରହିଲା । ଆରବ୍ୟମାନଙ୍କର ଶାସନନୀତି ଏକାବେଳେକେ ଭିନ୍ନ । କଥା କଥାକେ ସରକାରଙ୍କ କାନକୁ ଆପତ୍ତି ଉଠାଇବାର ସୁବିଧା ମିଳିଲା—ସଙ୍ଗେ ସଙ୍ଗେ ନିଷ୍ପତ୍ତି ହୋଇଗଲା, ମିଶରୀୟମାନେ ବେଶ ଖୁସି—Byzantine ଙ୍କ ଅତ୍ୟାଚାରଠାରୁ ଆରବର ସ୍ୱେଚ୍ଛାଚାର ରାଜତ୍ୱ ଅନେକ ଗୁଣରେ ଭଲ ।

ନବମ ଶତାବ୍ଦୀରେ ମେସୋପଟାମିୟାଁ ମୁଣ୍ଡଟେକି ଉଠିଲା—ଏବଂ ମିଶର ବଗ୍‌ଦାଦ୍‌ର ଶାସନାଧୀନ ରହି ସେହି ଐଶ୍ୱର୍ଯ୍ୟ ଏବଂ ବିଶାଳତାରେ ଭାଗୀ ହେଲା ।

ପୁଣି ଏହି ଐଶ୍ୱର୍ଯ୍ୟ—ଅନ୍ୟାନ୍ୟ ଏସିୟା ଦେଶୀୟ ବିଜେତାଙ୍କ ଦୃଷ୍ଟିରେ ମଡ଼ିଲାଗଲା । ୮୫୦ ଖ୍ରୀଷ୍ଟାବ୍ଦରେ ତୁରସ୍କମାନେ ଦେଶ ଅଧିକାର କରି ବସିଲେ।

୯୬୯ ଖ୍ରୀଷ୍ଟାବ୍ଦରେ ଅର୍ଦ୍ଧସଭ୍ୟ Algeria ଦେଶର ଲୋକେ ରାଜ୍ୟର ରଶ୍ମି ଗ୍ରହଣ କଲେ । ୧୧୬୯ ରେ ସାଲାଦିନ ନାମକ ଜଣେ ଯୋଦ୍ଧା ମିଶର ଜୟ କଲେ । ୧୨୫୦ ଅବ୍ଦରେ Kipchak ମାନେ ଏବଂ Mongol ମାନେ ଏବଂ ୧୩୮୨ ରେ Circassian ମାନେ ତା ପଛେ ପଛେ ଦେଶ ଅଧିକାର କଲେ । ପରିଶେଷରେ ୧୫୧୭ ଅବ୍ଦରେ ଓସମାନ୍‌ଲି ବାହୁବଳରେ ମିଶର ଜୟ କଲେ । ୧୮୦୫ ଅବ୍ଦରେ ଆଲ୍‌ବାନିୟାର ମହମ୍ମଦ ଅଲି ମିଶର ଶାସନ ଗ୍ରହଣ କଲେ; ତାଙ୍କର ସମୟରୁ ମିଶରର ପ୍ରକୃତ ଉନ୍ନତିର ସୂଚନା ହୁଏ—କ୍ରମେ ତାଙ୍କର ବଂଶଜମାନେ ଦେଶର ପ୍ରଭୂତ ଉନ୍ନତି ସାଧନ କଲେ । ୧୮୮୨ ଅବ୍ଦରେ ଇଂରାଜମାନଙ୍କ ଆୟତ୍ତରେ ରହି ମିଶର ବେଗ ଗତିରେ ଉନ୍ନତମାର୍ଗରେ ଧାବମାନ ହେଲା । ଫଳରେ ମିଶର ଭୂ-ମଧ୍ୟସାଗରର ସମସ୍ତ ଦେଶମଧ୍ୟରେ ବିଶେଷ ସମୃଦ୍ଧିମନ୍ତ ଦେଶ ହେଲା ଏବଂ ତହିଁର ଲୋକସଂଖ୍ୟା ଦ୍ୱିଗୁଣିତ ହୋଇ ପଡ଼ିଲା ।

Digitized by srujanika@gmail.com

# ଧାମରା

ଶ୍ରୀ ଚନ୍ଦ୍ରମଣି ଦାସ ।

( ପୂର୍ବପ୍ରକାଶିତ ପରେ )

କରନ୍ତି ତରଣୀ-ରାଜକ ଉଜ୍ଜ୍ୱଳ
ମନ୍ଦେ ମନ୍ଦେ ଜଳ ପ୍ରଦୀପ ସକଳ ।
କୁ-ବୃତ୍ତି-ଜଡ଼ିତ ସୁବୃତ୍ତି ଯେପରି,
ଅନ୍ଧାର-ବେଷ୍ଟିତ ଆଲୋକ ସେପରି ।
ପରାର୍ଥ-ପରତା ସ୍ୱାର୍ଥ-ଅନ୍ଧକାରେ
ବିଜଡ଼ିତ ହୋଇ ଦିଶେ ଏ ପ୍ରକାରେ ।
ପାପ-ଘନ-ଘେରା ପୁଣ୍ୟ-ଚନ୍ଦ୍ର ସମ
ତରୀ-ଗର୍ଭେ ଦୀପ ଦିଶେ ମନୋରମ ।
ବୈତରଣୀ-ବକ୍ଷେ କ୍ଷେପଣୀ-ଚାଳନେ
ଯାଉଥିଲା ଏକ ତରୀ ଫୁଲ୍ଲ ମନେ ।
ଦୃଢ଼ହସ୍ତେ ଚାଳି ଦୀର୍ଘ-ତରୀ ଦଣ୍ଡେ
ଗାଉଥିଲେ ହୁମା (୧) ନାବିକେ ଏ ମତେ ।
" ଅଥଳ ନଈକୁ ପଥରକି ଭେଲା,
ଯାହା ହୋଇଥିବୁ ତୁହି ମା ମଙ୍ଗଳା !
ଝାଡ଼ ରଡ଼ମଡ଼ କରେ ଭାଙ୍ଗେ କାଠ,
ମୃଗୟାକୁ ଯାଇଛନ୍ତି ରଘୁନାଥ ।"
କିଛୁକ୍ଷଣ ଅନ୍ତେ ନାବିକସକଳ,
ତରଣୀ-ଚାଳନେ ହେଲେ ସୁଚଞ୍ଚଳ ।
ପ୍ରସ୍ଥାନ-ସଙ୍କେତ-ଶଂସୀ ବଂଶୀ-ଧ୍ୱନି,
ଶୁଣି ଅବା ଚମକିଲା ବୈତରଣୀ !
ସ୍ଥୂଳୋର୍ମିରୂପେ ତା ହୃଦୟ-କମ୍ପନ
ଦେଖାଇଲା କି ସେ କମ୍ପି ଘନ ଘନ !
ଦଳି ପଦତଳେ ତଳୋର୍ମି ସରବେ,
ଚଳିଲା ବାଷ୍ପୀୟ-ତରଣୀ ଗରବେ ।
ତରଣୀ-ପେଷଣେ ହୋଇ କି ବିକଳ
ସୃଜିଲେ ତରଙ୍ଗେ ଘୋର କଳକଳ !
ଅନ୍ଧକାର-ଖଣ୍ଡ ପରାୟେ ବାହୁଡ଼ି
ତୀର-ବୃକ୍ଷ-ଶାଖୁଁ ଯାଉଥିଲେ ଉଡ଼ି ।
ଶସ୍ୟ-କ୍ଷେତ୍ର ରୌପ୍ୟ-ରସନା-ରୂପିଣୀ
ଶୋଭେ ନାଳୀ କାହିଁ କଳ ନିନାଦିନୀ ।
ଦୂର ଗ୍ରାମେ କାହିଁ କରେ ଶ୍ୱାନ ଧ୍ୱନି,
ଦେଖି, ଶୁଣି କରୁ ଚିତ୍ତେ ଶଙ୍କା ଗଣି ।
କାହିଁ ରାବେ ଶିବା ବଟବୃକ୍ଷ-ତଳେ,
ତା ଶୁଣି ରାବନ୍ତି ଅନ୍ୟ ଶିବା ଦଳେ ।
ନିଶୀଥିନୀ—ଶାନ୍ତି ଭାଙ୍ଗିଦେଇ ଖରେ,
ଧାଇଁ ଯାଏ ରବ ପ୍ରାନ୍ତରୁ ପ୍ରାନ୍ତରେ ।
ଗ୍ରାମ ଶ୍ୱାନେ ତହିଁ ସ୍ୱ-ସ୍ୱନ ମିଶାଇ
ଦେଉଥିଲେ ନୈଶ ଆକାଶ କମ୍ପାଇ ।
ତରୀ ଆଗେ ଶୋଭେ ସୁଦୂର ପ୍ରସାରୀ
ସଲିଲ-କାନ୍ତାର ହୃଦ-କମ୍ପକାରୀ ।
ଦୁର୍ଗାପୁର ମୁହାଣରେ ଏହିକ୍ଷଣି
ପ୍ରବେଶିବ ଯାଇଁ ବାଷ୍ପୀୟ ତରଣୀ ।
ଯେ ଘଡ଼ିଆମାଳ ଘଡ଼ିଆଲମୟ,
କରେ ସେ ଏ ସ୍ଥଳେ ଜଳ ବିଜନମୟ ।
ବୈତରଣୀ ସଙ୍ଗେ, ତେଣୁ ଏ ଭୀଷଣ,
କରଇ ନାବିକ-ଜୀବନ ଶୋଷଣ ।
ମାଟିଆମଙ୍ଗଳା ଦେବୀ ଶ୍ରୀ ପୟରେ,
ନାବିକଜନର ନମି ଭକ୍ତିଭରେ,
ନୈବେଦ୍ୟ ସ୍ୱରୂପେ ମନାସି ଶ୍ରୀଫଳ
ଯାନ୍ତି ପାରହୋଇ ଏହି ଭୀମ-ସ୍ଥଳ ।
ଜଳ-ଯାତ୍ରିଙ୍କର ବିପଦ ନାଶନେ
ଧାମରେଇ ଦେବୀ ମିନତି-ବଚନେ
ମାଟିଆମଙ୍ଗଳା ଅଛନ୍ତି ଅଦୂରେ
ନାବିକ-ବିପଦ ଫିଙ୍ଗିବାକୁ ଦୂରେ ।

---

(୧) ନାବିକଙ୍କ ଗୀତ ।





Digitized by srujanika@gmail.com

ସପତ୍ନୀ-ସ୍ୱଭାବ ମନ ଦେଇ ତେଜ,
ଏକାତ୍ମ-ସ୍ୱର୍ଗୀୟ ଭାବ ଚିତ୍ତେ ହେଜ,
ଏକାକାର ହୋଇ ବହନ୍ତ ଏ ସ୍ଥଳେ
ବ୍ରାହ୍ମୀ ବୈତରଣୀ ଧାମରା ନାମରେ ।
ମତେଇକୁ ସଙ୍ଗେ ଘେନ ମଧ୍ୟସ୍ଥଳେ
ବେଢ଼ାନ୍ତ ତରଙ୍ଗ-ବାହୁ ସିନ୍ଧୁ-ଗଳେ ।
ଅତୀତ ଘଟନା କେତେ ଏ ଧାମରା—
ନୟନ-ଅତୀତ ହୋଇଥିବ ସରା !
ହୋଇଥିବ ଏହି ଧାମରା କି ଭଳି,
ବାହୁଥିଲେ ଯେବେ ବୋଇତ ଉତ୍କଳୀ ?
ପୋତାଶ୍ରୟ ନଥିବକି ଏହି ସ୍ଥଳେ,
ପୂରୁନଥିବ କି ବାଣିଜ୍ୟ ଚହଲେ ?
ଶୁଭ୍ର ଫେନ-ମଲ୍ଲିମାଳ ବେଳା ଗଳେ,
ଲମ୍ବାଉଥିବେ ତ ତରଙ୍ଗେ ଏ ସ୍ଥଳେ ।
ଚକ୍ରବାକ-କୋଳେ ଧଳାମେଘ ଖେଳା,
ପ୍ରାୟେ ଦିଶି ହେଲେ ପ୍ଲାବୁଥିବେ ବେଳା ।
ସୁନୀଳ-ଜଳଧି-ଫେନିଳ-କଲ୍ଲୋଳ
ନର୍ତ୍ତନ କୁର୍ଦ୍ଦନେ ସୃଜି ଘୋର ରୋଳ ।
କୁଞ୍ଚିତ ଗତିରେ ସୈକତେ ସଞ୍ଚର
ହୁରତେ ତରଙ୍ଗେ ନମ୍ରେ ଅପସର ।
ମିଳି ଅର୍ବାପଥେ ଅନୁଗାମୀ ସଙ୍ଗେ
ତେଇଁ ପଡ଼ି ଗଡ଼ଯାଉଥିବେ ରଙ୍ଗେ ।
ଗିରି-ମଲ୍ଲି-ଶୋଭି ଶିଶୁ ଶୈଳଦଳ—
ପ୍ରାୟେ ଦିଶୁଥିବେ ମହୋର୍ମି-ସକଳ ।
କାହିଁ ମରକତ-ଅଟ୍ଟାଳିକା ଭଳି
ତୋଳି ଶିର କ୍ଷଣେ ପଡୁଥିବେ ଢଳି
ଫେନୋଦ୍ଗାରୀ ଦୁଗ୍ଧ-ପ୍ରସ୍ରବଣ ରୂପେ
ବଦଳାଇ ଦେଇ ଚପଳେ ସ୍ୱ-ରୂପେ ।
କାହିଁ ବାଲିବନ୍ତ ( ୧ ), କାହିଁ ସେ ସୈକତ
ପାଟଚୂଇଁ ( ୨ ) ଯହିଁ ଖେଳେ ହୋଇ ରତ ?
କରୁଥିବେ ଚିତ୍ରକଳା ପ୍ରଦର୍ଶନ
ଚିତ୍ର ଗୃରୁ ତରୁ ପୁଷ୍ପ ଅଗଣନ ।

ହୀରାଖଣ୍ଡପରି ଟେକି ଦୁଇଆଖି,
ସୁଖାଦ୍ୟ ଗ୍ରହଣେ ରହୁଥିବ ଟାକି ।
ଅଭିନବ-ବସ୍ତ୍ର-ମୃଦୁ-ଛାୟା ପାତେ
ଲୁଚୁଥିବ ଧାଇଁ ଯାଇ ନିଜ ଗାତେ ।
ଧୂସର ଆଖିକି କରଦେଇ ଠିଆ
ଗାତପାଶେ ଛକିଥିବଟି ଗୁଣ୍ଡିଆ ( ୩ )
ବେଳାଗ୍ରସ୍ତ କେହି ପଡ଼ନ୍ତେ ନୟନେ
ପଳାଉଥିବତ ବିଦ୍ୟୁତ-ଗମନେ ।
କଙ୍କମୟ ( ୪ ) ବକ୍ର-ଶିଖରୁଁ ଶଙ୍ଖଲ (୫)
ଚାଲିମାରି ବେଳେ ବେଳେ କଳବଳ
କରୁଥିବ ତାକୁ ସୁତୀକ୍ଷ୍ଣ ନଖରେ,
ଉଡ଼ୁ ଉଡ଼ୁ କ୍ଷେପୁଥିବତ ଉଦରେ ।
ଶୁଭ୍ର-ବଙ୍ଗ-ଘନଖଣ୍ଡ ସନ୍ଧ୍ୟାକାଶେ
ବାତାହତ ହୋଇ ଯେସନେ ବିଭାସେ;
ଶଙ୍ଖ-ଶୁକ୍ତି-ରକ୍ତ କୁଳୀରକଗଣେ
ବେଳାଦେଶ ଦିଶୁଥିବଟି ତେସନେ ।
ତୀକ୍ଷ୍ଣମୁନ କଙ୍କ-କନ୍ଦୁକ ସଙ୍ଗତେ
ଖେଳୁଥିବ ସିନ୍ଧୁ-ବାୟୁ ଅବିରତେ,
କେତକି-ସୁମନ-ସୁଗନ୍ଧ ଘେରାଇ
ତୀରଦେଶ ଦେଉଥିବ ମହକାଇ ।
ବାଲିକୁନ୍ଦ-ଦୀର୍ଘ-କେଶ-ଗୁଚ୍ଛ ସମ
କଙ୍କତନ୍ତୁ ଦିଶୁଥିବଟି ସୁଷମ ।
ବୌଦ୍ଧମଠ ଦେଖି ଜାଙ୍ଗଲ-ଅଞ୍ଚଳେ
ଆସୁଥିବେ ପରା ବୌଦ୍ଧ-ଭିକ୍ଷୁଦଳେ
ପାଲଦ୍ଦୀ-ସଲିଳେ ଚଳାଇ ତରଣୀ,
ଭେଟୁଥିବେ ପଥେ ପୂତ ବୈତରଣୀ ।
ବୈତରଣୀ-ବକ୍ଷେ ଯାଇ ଜଳଯାନେ
ପହଞ୍ଚୁଥିବେତ ଧାମରା-ମୁହାଣେ ।
ସେଠାରୁ ଅର୍ଣ୍ଣବ-ପୋତ ଆରୋହଣେ
ଯାଉଥିବେ ଗୃଳ ସିଂହଳ-ଦର୍ଶନେ ।


କ୍ରମଶଃ—

(୧)—ବାଲିଢ଼ିପ ( Dune ) (୨) ସମୁଦ୍ରକୂଳର ନାଲି କଙ୍କଡ଼ା । (୩) ଧୋଷ କଙ୍କଡ଼ା (୪) ଗୃଡ଼କଙ୍କ (ସଧାନାଓ) (୫) ବଡ଼ଶଙ୍ଖଚିଲ ।

Digitized by srujanika@gmail.com



ଅନ୍ଧମତ୍ସ୍ୟ—ନିଉ ଜର୍ସିର ପ୍ରାଣୀତତ୍ତ୍ୱବିତ୍ ଗଣ କେତେ ଦିନ ତଳେ ଗୋଟିଏ ଅଭିନବ ମତ୍ସ୍ୟର ସନ୍ଧାନ ପାଇଅଛନ୍ତି । ସାଧାରଣ ଦୃଷ୍ଟିରେ ଏହାକୁ (Eel) ତୋଡ଼ା ମାଛର ଜାତିଭୁକ୍ତ ଛଡ଼ା ଅନ୍ୟ କିଛି ଜାଣି ହେବ-ନାହିଁ, କିନ୍ତୁ ଗୁଣ ସ୍ୱାଙ୍କର ଅଲୌକିକ । ଶୁଣାଯାଏ ଅନ୍ୟାନ୍ୟ ତୋଡ଼ା-ମାଛ ପରି ଏମାନେ ମଧ୍ୟ ମତ୍ସ୍ୟଭୋଜୀ କିନ୍ତୁ ଭୋଜନରେ 'ତୋଡମାଛ' ଠାରୁ ଏମାନେ ଯଥେଷ୍ଟ ବିଶେଷତା ଅବଲମ୍ବନ କରିଥାନ୍ତି ।




ଅନ୍ଧ ମତ୍ସ୍ୟ

ଗ୍ରୀଷ୍ମ କଟିବନ୍ଧର ସମୁଦ୍ର ନିକଟବର୍ତ୍ତୀ ନଦୀମାନଙ୍କରେ ଏ ମହାଶୟଙ୍କର ବାସ । ନିଜ ଦେହର ଦୀର୍ଘତା ଦୁଇଫିଟରୁ ଅନଧିକ ହେଲେ ସୁଦ୍ଧା ଓଜନରେ ଦୁଇ ତିନ ମହଣର ମାଛଙ୍କୁ ଏମାନେ ଭୋଜ୍ୟରୂପେ ଅଧିକ 'ପସନ୍ଦ' କରିଥାନ୍ତି । ଖାଦ୍ୟଠାରୁ ଖାଦକ ଏତେ ବଡ଼, କଥାଟା ଟିକେ ଅଦ୍ଭୁତ କିନ୍ତୁ ଏମାନଙ୍କର ଭୋଜନପ୍ରଣାଳୀ ମଧ୍ୟ ତତୋଽଧିକ ବିସ୍ମୟାବହ । ସମ୍ମୁଖରେ ଆକ୍ରମଣ ନକରି ଏମାନେ ଭୋଜ୍ୟ ମତ୍ସ୍ୟ ଦେହରେ ପ୍ରଥମେ ଛିଦ୍ର କରନ୍ତି, ଏବଂ ସେହି ଛିଦ୍ରପଥର ଚତୁର୍ଦ୍ଦିଗସ୍ଥିତ ମାଂସ ଭୋଜନ କରି କରି କ୍ରମେ ତାହା ଦେହରେ ପ୍ରବେଶ କରନ୍ତି । ଭିତରେ ପ୍ରବେଶ କରି ସୁଦ୍ଧା ଭୋଜନକ୍ରିୟା ଅବିରାମ ଗତିରେ ଚାଲିଥାଏ; ଯେତେବେଳଯାଏ ଭୋଜ୍ୟ-ମତ୍ସ୍ୟଟି ଦୁର୍ବଳ ଓ ମୃତ ନୋହୁଛି, କିମ୍ବା ଯେତେବେଳଯାଏ ତା ଦେହ ସମ୍ପୂର୍ଣ୍ଣରୂପେ ମାଂସଶୂନ୍ୟ ନ ହୋଇଛି ।

ଶୁଣାଯାଏ ଏମାନେ ଚକ୍ଷୁହୀନ, କିନ୍ତୁ ଗନ୍ଧଦ୍ୱାରା ଶିକାରର ଅନୁସନ୍ଧାନ କରି ଅବଲୀଳାକ୍ରମେ ଚକ୍ଷୁର ଅଭାବ ମୋଚନ କରନ୍ତି ।

ପୃଥିବୀର ସବୁଠାରୁ ପୁରୁଣା 'ମାର୍କା'—ଟ୍ରେଡ୍‌ମାର୍କ କହିଲେ ଆମ ଦେଶରେ ସମସ୍ତେ ସେକଥା ଭଲକରି ବୁଝିବେ ନାହିଁ । କେହି ଜଣେ ବ୍ୟବସାୟୀ ତାଙ୍କ ବ୍ୟବସାୟର ସ୍ୱାତନ୍ତ୍ର୍ୟ ରକ୍ଷା କରିବାକୁ ଗୋଟିଏ ବିଶେଷ ଚିହ୍ନ ବା ଚିତ୍ର ତାର ପ୍ରସ୍ତୁତ ଜିନିଷ ଉପରେ ଛାପି ଦେଇଥାଏ, ତାହାର ନାମ ଇଂରେଜୀରେ ଟ୍ରେଡ୍‌ମାର୍କ ବା ବ୍ୟବସାୟ ସଙ୍କେତ । ଆମଦେଶରେ ଏ ପ୍ରଥା ପ୍ରଚଳିତ ହେବାର ବେଶିଦିନ ହେବନାହିଁ । ଇଂରେଜମାନେ ଅଭିଚାପରେ, ପ୍ରାୟ ଦୁଇଶ ବର୍ଷହେବ ଲୋକେ ନିଜ ନିଜର ବ୍ୟବସାୟରେ ସଙ୍କେତ ଚିହ୍ନ ପ୍ରବର୍ତ୍ତନ କରିବାକୁ ଆରମ୍ଭ କରନ୍ତି ଏବଂ ସର୍ବପ୍ରଥମେ ଫରାସୀର ଜଣେ ତେଲ ବ୍ୟବସାୟୀ 'ସଦେନା' ନାମକ ତାଙ୍କର ଏକପ୍ରକାର ସୁଗନ୍ଧ କେଶ ତେଲପାଇଁ ଏ ପ୍ରକାର ବ୍ୟବସାୟ ସଙ୍କେତ ପ୍ରବର୍ତ୍ତନ ଆରମ୍ଭ କରନ୍ତି । ସେକାଳରେ ଏହି ବ୍ୟବସାୟ ସଂକେତ ଚଳନ ପାଇଁ ମହାରାଜଙ୍କ ଠାରୁ ଅବଶ୍ୟ ଅନୁମତି ନେବାକୁ ପଡୁଥିଲା ।





ପୃଥିବୀର ସବୁଠାରୁ ପୁରୁଣା ମାର୍କା



Digitized by srujanika@gmail.com

କରୁ ପ୍ରଥମରେ ସର୍ବପ୍ରଥମ ଏହାର ଇଟାଲିରେ ପ୍ରଚଳିତ ହୁଏ ଖ୍ରୀ:ପୂ: ୭୦୦ ଶତାବ୍ଦୀରେ । ଫୋନ୍ସ ନଗରବାସୀ ଜଣେ ଚିଙ୍ଗ ବ୍ୟବସାୟୀ ତାଙ୍କ ପ୍ରମୁଖ ନିକଷ ଉପରେ ବିଶେଷତ୍ୱ ଜ୍ଞାପକ ଏକପ୍ରକାର ଚିହ୍ନ ଲଗ୍ନିତ କରିବା କଥା ସର୍ବପ୍ରଥମେ ଉଦ୍ଭାବନ କରନ୍ତି । ସେ ଆଜକୁ ଷୋଳ'ଶ ବର୍ଷ ତଳର କଥା !


ସିନ୍ଦୁକ ଘର—ସବୁଦେଶଠାରୁ ଆମେରିକାର ଦସ୍ୟୁଗଣ ଅଧିକ ଚତୁର ଅମଦେଶର 'ନାଭରେର' 'କଖାଡ଼ଗ୍ରେର' ସେ ଦେଶରେ ନାହାନ୍ତି—ଉତ୍ତମରୂପେ ଶିକ୍ଷିତ ନହେଲେ କିମ୍ବା ଚୌର୍ଯ୍ୟ କଳରେ ବିଶେଷ ପାରଦର୍ଶୀ ନ ହେଲେ କୌଣସି ଲୋକ ଦସ୍ୟୁଦଳ ଭୁକ୍ତ ହୋଇପାରନ୍ତିନାହିଁ । ସେମାନଙ୍କର କାର୍ଯ୍ୟକଳାପ ମଧ୍ୟ ସେହିପରି ବିଚିତ୍ର । ସହସ୍ରଲୋକଙ୍କ ଚକ୍ଷୁ ସମ୍ମୁଖରେ, ଶତ ପୁଲିଶ କନଷ୍ଟେବଳଙ୍କ ସମ୍ମିଳିତ ଶକ୍ତି ପ୍ରତିହତ କରି ସେମାନେ ଇପ୍ସିତ ବସ୍ତୁ ଅନାୟାସରେ ଅପହରଣ କରନ୍ତି । ସେଥିପାଇଁ ନିଉଇୟର୍କ ସହରର ଜଣେ ଇଂଜିନିୟର ସମ୍ପ୍ରତି ସହରର ଭିତରେ ଗୋଟିଏ ଅଦ୍ଭୁତ ଦସ୍ୟୁ-ପ୍ରତିହତ କ୍ଷମ ସିନ୍ଦୁକଘର ସ୍ଥାପନ କରିଅଛନ୍ତି । ଉପରେ ଯେଉଁ ଘରଟି ଦେଖୁଛ ପ୍ରକୃତରେ ତାହା ଗୋଟିଏ ବଡ଼ ସିନ୍ଦୁକ । ନିର୍ମାଣକୌଶଳ ତାର ଏପରି ଅଦ୍ଭୁତ ଯେ ସେ-ଦେଶର 'ଚୌରଚୂଡ଼ାମଣି'ମାନେ ମଧ୍ୟ ସହସ୍ର ଚେଷ୍ଟାକରି ତାକୁ ଫିଟାଇ ପାରିବେନାହିଁ । ସିନ୍ଦୁକଟିର ଗୋଟିଏ ଠଣା ଗୋଟିଏ ଇସ୍ପାତର ଘର । ଗୃହଅଟେ ତା'ର ପଥରରେ ଅତି-ଦୁର୍ଭେଦ୍ୟ ପ୍ରାଚୀର ଗଡ଼ା । ବଡ଼ ବଡ଼ ଯୁଦ୍ଧଜାହାଜରେ ଏଥିରେ



ନିଉଇୟର୍କର ସିନ୍ଦୁକଘର

ମଜବୁତ ଇସ୍ପାତ ଫ୍ରେମରୁ ବସାହୋଇ ସିନ୍ଦୁକ ତିଆରି । ଏହି ସିନ୍ଦୁକ ଗୋଟିଏ କବାଟ ୫୦।୬୦ ମହଣ ଓଜନ । ପୁଣି ସେହି କବାଟ ଫିଟାଇବା ଯନ୍ତ୍ର ସଙ୍ଗେ ଗୋଟିଏ ବଡ଼ ଘଣ୍ଟାର କଳ କିଛି ଅତି ଅଦ୍ଭୁତ ଭାବରେ ଯୋଖା । ଫିଟିବା ସମୟ ନହେଲେ ସିନ୍ଦୁକ ଘରର ମାଲିକ ସୁଦ୍ଧା ସହସ୍ର ଚେଷ୍ଟାରେ ତାକୁ ଖୋଲି ପାରିବେନାହିଁ । ହଜାର ଦନ ନଥାଁ ଜାଳିଲେ, ହଜାର ପ୍ରକାର ଅସ୍ତ୍ରଶସ୍ତ୍ର ଓ ଏସିଡ୍ ପ୍ରୟୋଗ କଲେ ତାହା ଫିଟିବାର ନୁହେଁ । ଭୂମିକମ୍ପରେ ସୁଦ୍ଧା ତାହା ଭାଙ୍ଗିପଡ଼ିବାର ସମ୍ଭାବନା ନାହିଁ । ଦିନ ରାତିରେ ସିନ୍ଦୁକଟି ଫିଟିବାର କେବଳ ଥରେମାତ୍ର ସୁଯୋଗ ଘଟେ । ସେ ପୁଣି ମାତ୍ର ଦଶମିନିଟକରେ । ଦେଶର ଲୋକେ ଟଙ୍କା କଉଡ଼ି କାଗଜପତ୍ର ଓ ଅନ୍ୟାନ୍ୟ ମୂଲ୍ୟବାନ୍ ଜିନିଷ ମାନ ଚୋରଭୟରୁ ରକ୍ଷା କରିବାକୁ ତା' ଭିତରେ ଆଣି ରଖନ୍ତି । ସିନ୍ଦୁକର ମାଲିକ ମଧ୍ୟ ତାଙ୍କଠାରୁ କିଛି କିଛି ଭଡ଼ା ନେଇ ଥାନ୍ତି ।

ସ୍ୱୟଂ-କ୍ରିୟ ଗତିନିର୍ଦ୍ଦେଶକ ଯନ୍ତ୍ର—ବ୍ରିଟିଶ ଜାତିର ନୌ-ବିଭାଗ ତଳେ ଜର୍ମାନୀର ସ୍ଥାନ । ବିଗତ ଯୁଦ୍ଧ ପରେ ତାହା ପୁଣି ଏତେ ଉନ୍ନତି କଲାଣି ଯେ ପୃଥିବୀର ନୌ ସମ୍ରାଟ ବ୍ରିଟିଶମାନଙ୍କୁ ମଧ୍ୟ ସ୍ଥାନେ ସ୍ଥାନେ ସେମାନଙ୍କ ପାଖରେ ପରାଜୟ ସ୍ୱୀକାର କରିବାକୁ ହେଉଛି ।




ଜାହାଜର ସ୍ୱୟଂ-କ୍ରିୟ ଗତିନିର୍ଦ୍ଦେଶକ ଯନ୍ତ୍ର

ଅକୂଳ ସମୁଦ୍ରରେ ବିଚରଣ କଲାବେଳେ ଜଳର ଗଭୀରତା, ବାୟୁର ଗତି ଝଡ଼ବୃଷ୍ଟିର ସମ୍ଭାବନା ଆଦି ବହୁପୂର୍ବରୁ ଜାଣି ସେ ବିଷୟରେ ସାବଧାନ ହେବାଲାଗି ଜର୍ମାନୀର କେତେଜଣ ବୈଜ୍ଞାନିକ ଅନେକ ପ୍ରକାର ଯନ୍ତ୍ର ଅବିଷ୍କାର କଲେଣି । ସେଥିମଧ୍ୟରୁ ଜାହାଜର ସ୍ୱୟଂ-କ୍ରିୟ ଗତିନିର୍ଦ୍ଦେଶକ ଯନ୍ତ୍ର ଅନ୍ୟତମ । ଗୋଟିଏ ଚଉଡ଼ା ମେଜ-ଉପରେ ଖଣ୍ଡେ ଧଳା କାଗଜ ଜଡ଼ା ହୋଇଥାଏ; ତା' ଉପରେ ଗୋଟିଏ ଧାତବ ଦଣ୍ଡ ସଂଲଗ୍ନ ଗୋଟିଏ ପେନସିଲ ଥାଏ । ଏହି ଧାତବ ଦଣ୍ଡଟି ସୂକ୍ଷ୍ମ ତାର ଦ୍ୱାରା ଜାହାଜର ପଶ୍ଚାତ୍ ଭାଗରେ ଗୋଟିଏ ଜଳ-ପରିମାପକ-ଯନ୍ତ୍ର ସଙ୍ଗେ ସଂଲଗ୍ନ । ସମୁଦ୍ର ପାରିହୋଇ ଗୋଟିଏ ଦେଶରୁ ଅନ୍ୟ ଦେଶକୁ ଯିବାକୁ ହେଲେ ଜଳର ଯେଉଁ ନିର୍ଦ୍ଦିଷ୍ଟ ଗଭୀରତା ଉପର ଦେଇ ସାଧାରଣତଃ ଯିବାକୁ ପଡ଼େ; ଜାହାଜ ଚାଳକର ପ୍ରମାଦରୁ ତାର ଟିକିଏ ଇତର ବିଶେଷ ହେଲେ ଏହି ଯନ୍ତ୍ର ସେ ବ୍ୟତିକ୍ରମ ତତ୍‌କ୍ଷଣାତ୍ ସେହି କାଗଜ ଉପରେ ଆଙ୍କିଦିଏ । ତାହା ଦେଖି ଚାଳକ ପୁଣି ସାବଧାନ ହୋଇ ନିଜର ବିପଥଗତି ସଂଶୋଧନ କରିବାର ସୁଯୋଗ ପାଏ ।

Digitized by srujanika@gmail.com


**ଜଳ ବିଶୋଧକ ଯନ୍ତ୍ର**—ସାଧାରଣତଃ ଆମେ ଯେଉଁ ଜଳ ନିର୍ମଳ ପାନଯୋଗ୍ୟ ବୋଲି ମନେକରୁଁ ଦୂରବୀକ୍ଷଣ ଯନ୍ତ୍ରରେ ଦେଖିଲେ ତାହା ଭିତରେ ଯେ କେତେପ୍ରକାର ଜୀବାଣୁ ବର୍ତ୍ତମାନ ତାହାର ସଂଖ୍ୟା କରିହେବନାହିଁ । ସେଥିମଧ୍ୟରୁ କେତୋଟି ପୁଣି ଆମ ଦେହଯନ୍ତ୍ର ପକ୍ଷରେ ଅତି ଅନିଷ୍ଟକାରୀ ! ସଭ୍ୟଜଗତରେ ପାନୀୟ ଜଳରୁ ଏହିସବୁ ଜୀବାଣୁ ନଷ୍ଟ କରିବାକୁ ଅଶେଷ ପ୍ରକାର ଔଷଧର ବ୍ୟବହାର ଅଛି, କିନ୍ତୁ କେତେଦିନ ତଳେ ଆମେରିକାର ଜଣେ ବୈଜ୍ଞାନିକ ଗୋଟିଏ ଅଦ୍ଭୁତ ଯନ୍ତ୍ର ଅବିଷ୍କାର କରିଅଛନ୍ତି—ଯହିଁରେ କୌଣସିପ୍ରକାର ଔଷଧର ସାହାଯ୍ୟ-ବ୍ୟତୀତ ଜଳ ଆପେ ଆପେ ସମ୍ୟକ୍‌ରୂପେ ପରିଶୁଦ୍ଧ ଓ ପାନଯୋଗ୍ୟ ହୁଏ । ଯନ୍ତ୍ର ଭିତରେ ଗୋଟିଏ ବଡ଼ କାଚର ଆଧାର ଅଛି । ଶୋଧନୀୟ ଜଳ ତାହା ଭିତରେ ରଖି ଯନ୍ତ୍ରଟି ଚଳାଇଲେ, ତାମଧ୍ୟସ୍ଥ ବିଦ୍ୟୁତ୍ ଆଲୋକରୁ ଗୋଟିଏ ଅଦୃଶ୍ୟ ରଶ୍ମି ( Ultra violet rays ) ଜଳ ଭିତରେ ପ୍ରତିଫଳିତ ହୋଇ ସମସ୍ତ ଅନିଷ୍ଟକାରୀ ଜୀବାଣୁ ନଷ୍ଟକରେ, ତେଣୁ ଔଷଧାଦି ପ୍ରୟୋଗଦ୍ୱାରା ଜଳର ସ୍ୱାଦ ଓ ଗନ୍ଧ ବିକୃତହେବାର ଭୟ ଏଥିରେ ନାହିଁ ।



ଜଳ ବିଶୋଧକ ଯନ୍ତ୍ର


**ଅଣବିକ ବସ୍ତୁର ଗତିବେଗ**—ଧୂଳି କଣାକୁ ଆମେ ସବୁଠାରୁ ଛୋଟ ବୋଲି ଜାଣୁ, କାରଣ କୌଣସି ଅତି କ୍ଷୁଦ୍ର ବସ୍ତୁର ଉପମା ଦେଇଲାବେଳେ ଆମେ ସାଧାରଣତଃ ତାକୁ ଧୂଳିକଣା ସହିତ ତୁଳନା କରିଥାଉଁ କିନ୍ତୁ ଧୂଳିଠାରୁ ଅତିର ସୂକ୍ଷ୍ମ, ଅତିର କ୍ଷୁଦ୍ର, ବୋଧହୁଏ ଗୋଟିଏ ଧୂଳିକଣାର ସହସ୍ର ଭାଗରୁ କ୍ଷୁଦ୍ର ବସ୍ତୁ ମଧ୍ୟ ପୃଥିବୀରେ ବର୍ତ୍ତମାନ ଅଛି । ତାହାକୁ ବୈଜ୍ଞାନିକମାନେ ଅଣୁ (Atom) ଆଖ୍ୟା ଦିଅନ୍ତି । ସେମାନଙ୍କ ମତରେ ଜାଗତିକ ସମସ୍ତ ବସ୍ତୁ ଏହି କ୍ଷୁଦ୍ରାଦପି କ୍ଷୁଦ୍ର ବସ୍ତୁର ସହିତ ଓ ଏକତ୍ର ସମାବେଶରେ ପ୍ରସ୍ତୁତ । ଜୀବ, ଜଡ଼, ଜଳ ଏପରିକି ବାୟୁ ଓ ଆଲୋକ ମଧ୍ୟ ଏହି ଅଣବିକ ସମଷ୍ଟିରେ ଗଢ଼ା । ଖାଲି ଆଖିରେ ଏହି ଅଣୁସବୁ ଦେଖି ହୁଏନାହିଁ । ଏହା ଏତେ କ୍ଷୁଦ୍ର ଯେ ଗୋଟିଏ ପିନ୍‌କଣା ଛିଦ୍ରି ଉପରେ ଏହିପରି ଲକ୍ଷ ଲକ୍ଷ ଅଣୁର ରହିବା ସ୍ଥାନ ହୋଇପାରେ । ଏହି ଅଣୁଗୁଡ଼ିକ ପୁଣି ଅତିର ଛୋଟ ଛୋଟ ବସ୍ତୁରେ ଗଠିତ । ତାର ନାମ Election ବା ପରମାଣୁ । ସୂର୍ଯ୍ୟ ଚତୁର୍ଦ୍ଦିଗରେ ଗ୍ରହ ତାରା ବୁଲିଲାପରି ଏହି ପରମାଣୁଗୁଡ଼ିକ ପୁଣି ଅଣବିକ ପ୍ରାଣବସ୍ତୁ ( Apomic nuclei ) ର ଚତୁର୍ଦ୍ଦିଗରେ ସବୁବେଳେ ବୁଲୁଥାନ୍ତି । ପରମାଣୁର ଏହି ଗତି ବେଗ ସମ୍ବନ୍ଧରେ ବଡ଼ ବୈଜ୍ଞାନିକମାନେ ଯାହା ଅବିଷ୍କାର କରିଅଛନ୍ତି—ସେହିପରି କେତୋଟି କଥା ଅଳ୍ପ କହିବା ।





ଅର୍ଦ୍ଧଗ୍ଲାସ ଜଳ ମଧ୍ୟରେ ଯେ ପ୍ରକାର ଅଣବିକ ସଂଘଷ ନିତ୍ୟ ଅନୁଷ୍ଠିତ ହେଉଥାଏ ବଡ଼ ହୋଇପାରିଥିଲେ, ୨୮୦୦ ମାଇଲର ଦୁଇ ପୃଷ୍ଠ ବେଗଶାଳୀ ରେଲ୍‌ଗାଡ଼ୀର ପରସ୍ପର ସଂଘର୍ଷଣ ସଙ୍ଗେ ତାହା ସମାନ ହୁଅନ୍ତା ! ଏଣୁ ହୋଇବ—ଭଗବାନ୍ ଏ ପ୍ରକାର ଗତି କେବଳ ଅଦୃଶ୍ୟ ଚକ୍ଷୁରେହିଁ ନିବଦ୍ଧ କରିଅଛନ୍ତି । ଜୀବ ସୃଷ୍ଟି ଭିତରେ ଏପରି ଗତିବେଗର ଦଶମାଂଶ ମଧ୍ୟ ଯେବେ ଥାନ୍ତା ତେବେ ସମସ୍ତ ବିଶ୍ୱବ୍ରହ୍ମାଣ୍ଡ କେଉଁ ଦିନ ପ୍ରଳୟର ଅନଳ ଗର୍ଭରେ ବିଳୟ ହୁଅନ୍ତାଣି !

Digitized by srujanika@gmail.com



ବନ୍ଧୁକ ବା ତୋପ ଗୁଳିର ଗତିବେଗ ସେକେଣ୍ଡକେ ୨୮୦୦ ଫିଟ।

ପୃଥିବୀର ସବୁଠାରୁ ବେଗଗାମୀ ରେଲଗାଡ଼ୀର ଗତି ପ୍ରତି ସେକେଣ୍ଡରେ ୧୦୪ ଫିଟ।

ମଟରସାଇକଲ ସେକେଣ୍ଡରେ ୧୩୨ ଫିଟ ଯାଏ।

ମଟରକାରର ଗତି ପ୍ରତି ସେକେଣ୍ଡରେ ୧୬୮ ଫିଟ।

ଏରୋପ୍ଲେନ ସେକେଣ୍ଡକେ ୩୦୦ ଫିଟ ଉଡ଼େ।

ପୃଥିବୀର ଗତି ସେକେଣ୍ଡରେ ୯୭୬୮୦ ଫିଟ; କିନ୍ତୁ ଗୋଟିଏ ସାଧାରଣ ଅଣୁର ଗତିବେଗ ପ୍ରତି ସେକେଣ୍ଡରେ ୧୦୧,୧୨୪ ଫିଟରୁ କମ ନୁହେଁ !


ଭିନ୍ନ ଭିନ୍ନ ଦ୍ରବ୍ୟର ଅଣୁମାନଙ୍କର ଗତି ପୁଣି ବିଭିନ୍ନ ହୋଇଥାଏ। ଗୋଟିଏ ଉଦ୍‌ଯାନ ପରମାଣୁ ( Hydrogen Electron ) ର ଗତି ପ୍ରତି ସେକେଣ୍ଡରେ ୧,୩୦୦୦ ମାଇଲ !!

ଏରୋପ୍ଲେନର ଗତିଚକ୍ର ( Propeller ) ୪,୦୦୦,୦୦୦ ବର୍ଷ ଅବିରାମ ଘୂର୍ଣ୍ଣନରେ ଯେତେଥର ବୁଲେ ଗୋଟିଏ ଉଦ୍‌ଯାନ ପରମାଣୁ ମାତ୍ର ଗୋଟିଏ ସେକେଣ୍ଡରେ ସେତିକିଥର ବୁଲିପାରେ !!!

ଶୁଣିଲେ ଏ ସବୁକଥା ବିଶ୍ୱାସ କରିବାକୁ ପ୍ରବୃତ୍ତି ହୁଏନାହିଁ ! କିନ୍ତୁ ଏହି ଅଣୁପରମାଣୁଗୁଡ଼ିକ ଏତେ କ୍ଷୁଦ୍ର ଏବଂ ନଗଣ୍ୟ ଯେ ତାହାର ଗତି ବା ଅସ୍ତିତ୍ୱ ଦର୍ଶନ କରିବା ପକ୍ଷେ ପୃଥିବୀର ସବୁଠାରୁ ଶକ୍ତିଶାଳୀ ଅଣୁବୀକ୍ଷଣ ଯନ୍ତ୍ର ଲୋଡ଼ା।

—ଉ—

Digitized by srujanika@gmail.com




## 'ନୃତ୍ୟ'-ସମ୍ବନ୍ଧେ ଯତ୍ କିଞ୍ଚିତ୍ ।

ଶ୍ରୀ କୃଷ୍ଣପ୍ରସାଦ୍ ବସୁ ।

ମନୁଷ୍ୟର ମନରେ ଭାବର ସଞ୍ଚାର ହେଲେ ଚକ୍ଷୁର ଡୋଳା, ଭ୍ରୂ, ଅଧରୋଷ୍ଠ ଓ ଅଙ୍ଗପ୍ରତ୍ୟଙ୍ଗର ମାଂସ-ପେଶିର କେତେକ ପରିବର୍ତ୍ତନ ସ୍ୱଭାବରୁ ଆପେ ଆପେ ବାହାର ପଡ଼େ—ସେହି ସମସ୍ତ ଲକ୍ଷଣ ଦେଖି ଆମ୍ଭେ-ମାନେ ମାନବ ହୃଦୟର ଭାବ ବିଶ୍ଳେଷଣ କରିବାକୁ ସକ୍ଷମ ହେଉଁ । ଅଭିନେତା ନଟମାନେ କୃତ୍ରିମ ଉପାୟରେ ମାଂସପେଶିର ସଂକୋଚ ପ୍ରସାରଣଦ୍ୱାରା ଓ ସେହି ସେହି ଲକ୍ଷଣ-ମାନ ପ୍ରକାଶକରି ଦର୍ଶକମାନଙ୍କର ଚକ୍ଷୁ ସମ୍ମୁଖରେ ଭ୍ରାନ୍ତି ଉତ୍ପାଦନ କରାଇଦିଅନ୍ତି, ମିଥ୍ୟା ମଧ୍ୟରେ ସତ୍ୟର ଛବି ଅଣାଇ ନିଜର କଳାବିଦ୍ୟାର ପରିଚୟ ଦିଅନ୍ତି । ନୃତ୍ୟ ସ୍ୱତଃ ଗୋଟିଏ କଳା ଏବଂ ଅଭିନୟର ଗୋଟିଏ ପ୍ରଧାନ ଅଙ୍ଗ । ମନୁଷ୍ୟର ମନରେ ଆନନ୍ଦର ସଞ୍ଚାର ହେଲେ ନୃତ୍ୟ ବାହାରିପଡେ । ଦୁଃଖରେ ମନୁଷ୍ୟ ମଥା ପିଟେ, କ୍ଲେଶରେ ହାତ ଗୋଡ଼ ଛାଟେ, ଅବୟବମାନଙ୍କର ସେ ପ୍ରକାର ସଞ୍ଚାଳନ ଶୁଦ୍ଧ ହେଲେହେଁ ତାହା ଦେଖି କାହାର ପ୍ରାଣରେ ଉଲ୍ଲାସର ସଞ୍ଚାର ହୁଏନାହିଁ । ସେ କାରଣରୁ ସେ ପ୍ରକାର ଅଙ୍ଗସଞ୍ଚାଳନକୁ ନୃତ୍ୟ ବୋଲାଯାଏ ନାହିଁ । ଉଲ୍ଲାସ, ପ୍ରେମ, ମାଧୁର୍ଯ୍ୟରେ ଅଙ୍ଗର ଯେଉଁ ସଞ୍ଚାଳନ-ଗୁଡିକ ସୁନ୍ଦର, ମନୋମୁଗ୍ଧକର, ଚକ୍ଷୁପ୍ରୀତିକର, ହୁଏ ତାହାକୁହିଁ ନୃତ୍ୟ ବୋଲି ଗ୍ରହଣ କରିଥାନ୍ତି । ତହିଁ ସଙ୍ଗେ ସ୍ୱର ଓ ତାଳ ଯୋଜନା କରି ଶ୍ରୁତିରସାୟନ କଣ୍ଠରୁ ତାହା ଅଧିକ ସୁନ୍ଦର ହୋଇ କଳାମଧ୍ୟରେ ସ୍ଥାନ ପାଇଲା । ଏତିକ ମୂଳ (Theory) ଉପରେ ନୃତ୍ୟର ପ୍ରତିଷ୍ଠା । ନାଚ ପ୍ରତି ଦେଶରେ ଅଛି—ଦେଶେ ଦେଶେ ଜାତୀୟ ରୁଚିଭେଦରେ ଟିକିଏ ଅଧେ ପରିବର୍ତ୍ତନ ହୋଇଥାଏ, ମାତ୍ର ସମସ୍ତଙ୍କର ସେହି ଏକଲକ୍ଷ୍ୟ ମାଧୁର୍ଯ୍ୟ ଉତ୍ପାଦନ । ବର୍ତ୍ତମାନ ଆମ୍ଭ ଦେଶରେ ସଭ୍ୟ-ସମ୍ପ୍ରଦାୟ ମଧ୍ୟରେ ଏହି ନାଚ ଉପରେ ମହାମତଭେଦ ଓ ସଂଘର୍ଷ ଚାଲିଛି—ଧୀରେ ବଙ୍ଗଳା ରଙ୍ଗମଞ୍ଚମାନଙ୍କରୁ ହାଲ ଫେସନର କେତେକ ନୃତ୍ୟ ଆସି ପ୍ରାଚୀନ ଦକ୍ଷିଣୀ ନାଚକୁ ସ୍ଥାନଚ୍ୟୁତ କରାଇ ମାଡି ବସିଲେଣି—କାହାରି ମତରେ ଏ ଆବିର୍ଭାବ ବାଞ୍ଛନୀୟ, କାହାରି କାହାରି ମତରେ ଦୂଷ୍ୟ । କେହି କେହି କହନ୍ତି ଆଧୁନିକ ନୃତ୍ୟଗୁଡିକ ଶୁଦ୍ଧ, ପ୍ରାଚୀନ ଅଶୁଦ୍ଧ—ବରଂ ଅତୋଧିକ ଅଶ୍ଳୀଳ । ଏହି ବିଷୟର ଯତ୍ କିଞ୍ଚିତ ଆଲୋଚନା କରିବା ଆମର ମୁଖ୍ୟ ଉଦ୍ଦେଶ୍ୟ । କଳା-ବିଦ୍ୟାର ମୂଳଲକ୍ଷ ହେଲା ସୌନ୍ଦର୍ଯ୍ୟ ପରିସ୍ଫୁଟ କରିବା—ଆଧୁନିକ ମଧ୍ୟରେ ଯେ ପ୍ରକାର କଳାଭିଜ୍ଞ ବିଚାରକ ଅଛନ୍ତି, ପ୍ରାଚୀନଙ୍କ ମଧ୍ୟରେ ମଧ୍ୟ ସେହି ପ୍ରକାର ଥିଲେ । ଖୁବ ପ୍ରସିଦ୍ଧ ଆଧୁନିକ ନର୍ତ୍ତକୀ (Modern art ) ର ଏବଂ ଶୁଦ୍ଧ ପ୍ରାଚୀନ ନୃତ୍ୟର ପ୍ରସିଦ୍ଧ ନର୍ତ୍ତକୀ (Oriental art ) ର ଏ ଦୁହିଙ୍କି ଦୁହେଁ ସୁନ୍ଦର—ସେମାନଙ୍କୁ ହେନ ବିବାଦ କରିବାର ଅଧିକାର ନାହିଁ




Digitized by srujanika@gmail.com

ପ୍ରୟୋଜନ ମଧ୍ୟ ନାହିଁ । ଆମର ଆଲୋଚ୍ୟ ବିଷୟକୁ କେବଳ ଯେତେକ ପ୍ରାଚୀନ ମଧ୍ୟରୁ ଥିଲା ଏବଂ ଆଧୁନିକ ମଧ୍ୟରୁ ଏ ଯାବତ୍ ଆସିଛି ତେତିକ ମଧ୍ୟରେ ସୀମାବଦ୍ଧ ରଖିବାକୁ ହେବ ଏବଂ ଦେଖିବାର ବିଚାର କରିବାକୁ ହେବ ଯେ ଏ Art ରେ ଆମ୍ଭମାନଙ୍କ ପକ୍ଷରେ କେଉଁ ମାର୍ଗଟା ଉଚିତରୁ ଘେନିଯିବା ପକ୍ଷେ ଅଧିକ ସ୍ୱାଭାବିକ । କେଉଁ ପଦ୍ଧତି ଅବଲମ୍ବନ କଲେ ଆମ୍ଭେମାନେ ନଟଙ୍କର ମୁଖ୍ୟ ଉଦ୍ଦେଶ୍ୟ—ସୌନ୍ଦର୍ଯ୍ୟ ଉପଭୋଗ କରିବା ପ୍ରତି ଦର୍ଶକଙ୍କର ଆଗ୍ରହ ବଢ଼ାଇଦେବା ଏବଂ ଏହା ସଫଳ କରିପାରିବା ।

ପ୍ରଥମତଃ ଆମ୍ଭେମାନେ ଭାରତବାସୀ—ଆମ୍ଭମାନଙ୍କର ଦେହର ଗଠନ, ପରିଚ୍ଛଦର ଉପକରଣ, ମାନସିକ ବୃତ୍ତି ଓ ରୁଚି ସବୁଆଡ଼କୁ ଲକ୍ଷ ରଖି ପ୍ରାଚୀନ ଗ୍ରନ୍ଥକର୍ତ୍ତାମାନେ ଅଳଙ୍କାର-ବୋଧ, ସାହିତ୍ୟ-ଦର୍ପଣ ଇତ୍ୟାଦି ଗ୍ରନ୍ଥ-ମାନଙ୍କରେ ନାନାପ୍ରକାର ନିୟମମାନ ଉଲ୍ଲେଖ କରି-ଅଛନ୍ତି । ନଟ ନଟୀ କପରି ଭାବରେ ହସିବେ, କପରି ଗୁହିଁବେ, କପରି ଭାବରେ ମଥା ଚଳାଇବେ, ହାସ୍ୟ, ଲାସ୍ୟ, କଟାକ୍ଷ, ଆହାର୍ଯ୍ୟ, କବରୀ, ତିଳକ, ଗତି, ରଙ୍ଗ ସବୁ ବିଷୟରେ କିଛି୨ ଭାବ ଚିନ୍ତି ଲେଖିଯାଇଛନ୍ତି—ଯାବତ୍ ଏତଦ୍ଦେଶୀୟ ନୃତ୍ୟମାନଙ୍କ ମଧ୍ୟରେ ଏଥିର କିଛି ବ୍ୟତିକ୍ରମ ଦେଖାହୋଇ ନଥିଲା—Motion, gesture, posture, expression, beat ସବୁ ସୁନ୍ଦର ଥିଲା—ମାତ୍ର ସହସା ରେଳଗାଡ଼ି ସଙ୍ଗେ ବୁହାହୋଇ କେତେକ ନବଭାବ ପଶିଗଲା—ପ୍ରାଚୀନ-ସାହିତ୍ୟ ଲୋପ-ପାଇଲା—ପ୍ରାଚୀନ ବେଶଭୂଷା କାଛାଗୁଣ୍ଡୀ 'ଚନ୍ଦ୍ର' 'ସୂର୍ଯ୍ୟ' ସବୁ ଲୋପ ପାଇଲେ—ହୁଏତ ଅନ୍ଧକାର ହେବ, ନୋହେତ ବିଜୁଳିବତୀ ଜଳିବ । ବିଜୁଳିବତୀକି ପଇସା ନାହିଁ—ଅଗତ୍ୟା ଅନ୍ଧକାର ହେବା କଥା ! ସେହି ପ୍ରାଚୀନ ନୃତ୍ୟ ଅଶ୍ଳୀଳ ହେଲା ଓ ଅସୁନ୍ଦର ହେଲା ! ପ୍ରାଚୀନ ଭାଷା-ଉପରେ ଦଖଲ ଊଣା—ସେ ଭାଷା ଗଲା—ତାହିଁସଙ୍ଗେ ତ ହାର ମୂର୍ତ୍ତିମନ୍ତ ଛାୟା ସେହି ଭଙ୍ଗୀପ୍ରଧାନ Oriental art ର ପ୍ରକୃଷ୍ଟ ନିଦର୍ଶନଟି ଯାହା ଏକମାତ୍ର ଓଡ଼ିଶା ବଜାୟ ରଖିଥିଲା ତାହା ମଧ୍ୟ ମିଳାକୁ ବସିଛି ! ଥିଏଟରର ଆଚାର୍ଯ୍ୟ-ମାନଙ୍କୁ ଏ ନାଚ ସୁନ୍ଦର ଦିଶିଲାନାହିଁ—ଏକାଥରକେ ଉଠାଇ ଦେଇଛନ୍ତି ! କାରଣ, ବଡ଼ ଅଶ୍ଳୀଳ-ନଟନ୍ତର ସଞ୍ଚାଳନ ଦେଖି—ସେ ହାସ୍ୟ, ଲାସ୍ୟ, କଟାକ୍ଷ ଦେଖି ରସର ସ୍ଫୂର୍ତ୍ତି ଅନୁଭବ କରିବାଠୁଙ୍କରୁ ଦର୍ଶକଙ୍କର ଧୈର୍ଯ୍ୟଚ୍ୟୁତ ହୋଇ ଯାଉଛି—ଏହାହିଁ ଯେବେ ସମାଲୋଚକଙ୍କର କାରଣ ହୁଏ ତେବେ ଏହାଦ୍ୱାରା କଳାର ଉତ୍କର୍ଷ ବା ନଟ ନଟୀଙ୍କର ବିଚକ୍ଷଣ କୃତିତ୍ୱ ଜଣାପଡ଼ୁନାହିଁ କି ? ଆଜିକାଲି ନାଚଲାଗି ଗୋଟାଏ ଅଧେ କିଛି ଗୀତ ଦେଇ-ପଲେ ଝୁମ୍ ଝାମ କରି କିଛି ଗୋଟାଏ ନାଚଗଲେ ହେଲା ! ଭାଷାର ଭାବପ୍ରତି ଲକ୍ଷ୍ୟ ରହୁନାହିଁ—ଲକ୍ଷ୍ୟହେଲେ ମଧ୍ୟ ଯଥୋପଯୁକ୍ତ 'ପାତ୍ରକା' ଦିଆହେଉନାହିଁ—ହାତ ଦୁଇଟି ଗୋଟାଏ କିଛି ମାର୍ଗରେ ରହିଲେ ହେଲା—ନଟ ନଟୀଙ୍କୁ ଗୀତର ଅର୍ଥ ଜଣାଅଛି କି ନାହିଁ । ଏହିପ୍ରକାର ଶିଥିଳତା-ଯୋଗୁଁ ଆମ୍ଭମାନଙ୍କର ନିଜର ଜ୍ଞାନ କଳଙ୍କିଧରୁଛି । ଥିଏଟର କର୍ତ୍ତାମାନେ ଅଭିନେତା ନାଚି ଆମାନେ କି କାରଣେ 'ଏକ' 'ଦୁଇ' 'ତିନ' 'ସ୍ୱରକୁ' ସରଧାରେ ଲୁଣ୍ଠାଇନେବେ ଏବଂ ଦକ୍ଷିଣୀକୁ ଉପେକ୍ଷା କରିବେ ଏଥିର ଅବଶ୍ୟ କିଛି ନ୍ୟାଯ୍ୟ କୈଫିୟତ ଥିବ—କେବଳ ଅଶ୍ଳୀଳ ବୋଲି ଗୋଟାଏ ଜବାବ ଦେଇ ବସିଗଲେ ଆମେ ଶୁଣିବୁଁ କାହିଁ ? ଯେତେବେଳେ ଗୋପାଳଜିଉ-ମନ୍ଦିରରେ, ବିନୋଦ-ବିହାରୀରେ, ବିବାହପର୍ବରେ ସେ ନାଚ ବାହାରେ—କାହିଁ ଅଶ୍ଳୀଳ ବୋଲି ଆଖିରେ କେହି କନାପଟି ବାନ୍ଧିବାର ଦେଖାଯାଏ ନାହିଁତ ! ଥିଏଟରର ବଡ଼ନାଚ ଯାହା ଆମର ମୋଟା ଆଖିକି ଲାଗିଯାଉଛି—ତାହାତ ଅଡ଼ନାଚ, ତାହାର ମଧ୍ୟ ଅର୍ଥଟା ଜଣାଅଛି କି ନାହିଁ ସନ୍ଦେହ ! କିଏ ଦଖଣ୍ଡ କାଠି ଠକ୍ ଠକ୍ କରିବେ—କିଏ ବାଉଁଶ ପାତିଆର ଗୋଟାଏ କମୂତ କମାକାର ଗୋଲାକାର ବସ୍ତୁ-ମଧ୍ୟରେ ଦୁଇଥର ଗଳିଯିବେ—କିଏ ଦୁ'ଟା ଅଭ୍ରକ ଗିଲାସ ଜାଳିଦେଇ ନନ୍ଦନବନକୁ ମର୍ତ୍ତ୍ୟପୁରକୁ ଝିଙ୍କି ଆଣିବେ—କିଏ ବା ଦୁ'ଟା ଘଣ୍ଟା ଚିତ୍ କରି ଗଳିଯିବେ—କିଏ ଦଖଣ୍ଡ ନାଲି ନେଳ ଛତା ଧରି ବାହାରିବେ—ଏତିକ ବିଦ୍ୟା ବୁଦ୍ଧି ଘେନି ଲୋକଙ୍କ ଚକ୍ଷୁରେ ଧୂଳି ଦିଆହେଉଛି । ଏପ୍ରକାର ଅର୍ଥହୀନ ନୃତ୍ୟଠାରୁ ଦକ୍ଷିଣୀର ପଦ୍ମପାଣି ଅଧିକ Artistic । ନର୍ତ୍ତକୀ ଗାଉଛନ୍ତି—

'ନବରତ୍ନରାଜ ଆସିଛି ବୋଲି ଚଗର କୁସୁମ
ନଆଳ ସେବତୀ ବକୁଳ କାମିନୀ ହସନ୍ତି ବନେ'

Digitized by srujanika@gmail.com



ପ୍ରତୀକ୍ଷମାଣା

ଚୋଷକାରୀ—

ଶ୍ରୀ ପ୍ରମୋଦକିଶୋର ଦାସଙ୍କ ସୌଜନ୍ୟରୁ ମୁଦ୍ରିତ

ଶିଳ୍ପୀ—ଉପେନ୍ଦ୍ରକିଶୋର ଦାସ ।

Digitized by srujanika@gmail.com

ବାଜଉଠିଲା—ହୁଏତ 'God save the king ର କୋଟ -ନାଚ ହେଲା 'English march' ସଙ୍ଗେ ସଙ୍ଗେ ହେଲା ତାଳି- 'Hip Hip Hurrae' ବାହାହୁରି । କାହାସଙ୍ଗେ କାହାର କି ସାମଞ୍ଜସ୍ୟ ଏହାତ ଆମ ବୁଦ୍ଧିକି ଖଟୁନାହିଁ । ଗୀତର ଧାଉଡିର ମୋଟ ମାତ୍ରା ଅଛି ହୁଏତ ୧୬, ବଜା ଯିବା ଉଚିତ 'ତିମେ ତେତାଲ'—କିନ୍ତୁ ନାଚ ଯୋଡିବାକୁ ଅଗ୍ରସର୍ଯ୍ୟଙ୍କ ମଥା ଖଟିଲା ନାହିଁ କଲେ 'କାହାରବା' ତାପରେ ଚାଲିଲା ୧୨୩୪ ରେ ଡାକଗାଡି Engine କିନ୍ତୁ ନର୍ତ୍ତକୀ ଦର୍ଶିଣୀ ଓସ୍ତାଦେ ସେହି ଖଣ୍ଡିଆ ପଖାଳ ଯେପରି ୬୦।୭୦ ବର୍ଷିଆ ବୁଢ଼ୀଙ୍କୁ ଯେପରି ବିପଠା, ସରମାନ, ଆଦି, ଚୌତାଲ ସବୁ ଦେଖାଉଛି—ବୋଲ ବଦଳାଉନାହିଁ—ଠେକା ଦେଲେ, ରେଲ ଦେଲେ କେବଳ ରେଲ ନୁହେଁ—ଆଡକୁ ଆଡ ଛନ୍ଦରେ ଯାହା ମର୍ଦ୍ଦଳରେ ତାହା ପାଟିରେ, ପୁଣି ତାହାହିଁ ଘୁଙ୍ଗୁରରେ—ଏଣେ ପୁଣି ଗୀତ ଚାଲିଛି—ଗତ ଚାଲିଛି, ଆଖିଠାର ଚାଲିଛି, ଲୁଗାକାନି ଟାଣିବା ଚାଲିଛି—ଭଙ୍ଗୀ ଚାଲିଛି—ପାରିଜା ଚାଲିଛି—ଏକାଥରକେ ଚାଲିଛି ୮।୧୦ ରକମର କାର୍ଯ୍ୟ । ଅସଲ କଥା ବୋଧହୁଏ ସ୍ୱଏଟର ବର୍ତ୍ତମାନ ଏ ବିଦ୍ୟା ଶିକ୍ଷାଦେବାକୁ ଅପାରଗ, ଅବା ସେ ପ୍ରଚଣ୍ଡ ଉତ୍କଟ ବ୍ରେକଡ଼ମାନଙ୍କ ଭିତରେ ଭେଦ ତାକୁ ବିଶ୍ଳେଷଣ କରିବାକୁ ଅକ୍ଷମ । ତେଣୁ Grapes are sour. ନତେବେ ଏହାଦ୍ୱାରା କେହି ଏପ୍ରକାର ଭାବିବେନାହିଁ ଯେ ଆଧୁନିକ ଯାବତୀୟ ଅଭିନେତାମାନେ ପୂର୍ବୋକ୍ତ ପ୍ରକାରେ ଦୋଷୀ ବୋଲି ଘୋଷଣା କରୁଛି । ଅବଶ୍ୟ ଏ ଘୃଷଣ ଗୋଲିଅଘଣ୍ଟା ଯୁଗରେ ଅଧୁନିକ କଳା ଉପରେ ଏପ୍ରକାର କଳାବନ୍ତ ବ୍ୟକ୍ତି ଅଛନ୍ତି—ଯେଉଁମାନଙ୍କର କୃତିତ୍ୱ ଆମ୍ଭମାନଙ୍କର ଗୌରବର ବସ୍ତୁ । ଏ କ୍ଷେତ୍ରରେ କେବଳ ସେହି ମାନ୍ୟାତ୍ମଦମାନଙ୍କର ଦୃଷ୍ଟି ଆକର୍ଷଣ କରାଇବା କାରଣ ଏତେ କଥା ଲେଖାହେଉଛି । ଏଇଟା ମଧ୍ୟ ଜଣାଶୁଣା କଥା । ପ୍ରତ୍ୟେକ ଦ୍ରବ୍ୟସଙ୍ଗେ ଦୋଷ ଗୁଣ ଦୁଇ ଲାଗି-ରହିଥାଏ ! ଦକ୍ଷିଣୀର ଯେ କିଛି ଦୋଷ ନାହିଁ ତାହା କହୁନାହିଁ—ତଥାପି ଅତିସୁନ୍ଦର ଏ ବସ୍ତୁ—ଆମର ରଙ୍ଗମଞ୍ଚମାନଙ୍କରୁ ଅନ୍ୟ ରଙ୍ଗମଞ୍ଚକୁ, ଅନ୍ୟଦେଶକୁ ଦେବାର ଅତି ଉପାଦେୟ ସାମଗ୍ରୀ—ଏହାକୁ ଉପେକ୍ଷା-କରିବା ଆମ୍ଭମାନଙ୍କର ଦୁର୍ବଳତା ତଥା ଅବିବେଚନାର କାର୍ଯ୍ୟ କେବଳ କରିବାକୁ ହେବ ଏତିକି—ଯଦି କାହି ଆବଶ୍ୟକ ହୁଏ ତେବେ ଏହାସଙ୍ଗେ ଗୁଜରାଟୀ, ପାର୍ଶି, ଇଂଲଣ୍ଡ ସବୁ-ନାଚର ସାରବସ୍ତୁ ଆଣି ଯୋଡିବାକୁ ହେବ । ଯସାମଜା କରିବାକୁ ହେବ । ଏହା ସ୍ଥିର ଯେ ଧୀରେ ଧୀରେ ଯେ ପ୍ରକାର Oriental art ସମାଦୃତ ହୋଇ ଆସୁଛି, ତହିଁକି ଏ ପ୍ରକାର ପଦ୍ଧତି ଅବଲମ୍ବନ କଲେ ଆମ୍ଭମାନଙ୍କର ବ୍ୟବସାୟ-କ୍ଷେତ୍ରରେ ଲାଭ ଊଣା ହେବାର ସମ୍ଭାବନା ନାହିଁ । ଆମ୍ଭମାନଙ୍କର ନିଜସ୍ୱ ଏ ମହାଦୁର୍ଲ୍ଲଭ ବସ୍ତୁକୁ ଲୋପ କରିବାର ଉଦ୍ୟମ ନ କରି ପ୍ରକାଶ କରିବାପକ୍ଷେ ଅଧିକତର ଉଦ୍ୟୋଗୀ ହେବା ଉଚିତ ।

---

# ସିଦ୍ଧାର୍ଥ ।

## ପ୍ରଥମ ଅଙ୍କ—ପ୍ରଥମ ଦୃଶ୍ୟ ।

ଉଷାର ପ୍ରଥମ ଉନ୍ମେଷ । ଦୂରରେ ପ୍ରାନ୍ତରପାରରେ ସୂର୍ଯ୍ୟ ପ୍ରଥମ ଉଇଁ ଆସୁଛି । ନଦୀ ବକ୍ଷର ବିଷମ ଶଯ୍ୟାରେ ପ୍ରସ୍ତର ପ୍ରସ୍ତର ଉପରେ ଉପବିଷ୍ଟ ହୋଇ ସିଦ୍ଧାର୍ଥ, ପିତା ଓ ଅନନ୍ଦ । ପିତାଙ୍କ କରରେ ସ୍ୱର୍ଣ୍ଣପ୍ରଦୀପ ଓ ଅର୍ଘ୍ୟଥାଳୀ। ଆନନ୍ଦଙ୍କ ହସ୍ତରେ ସୁବର୍ଣ୍ଣ କଳସରେ ଜଳ । ସିଦ୍ଧାର୍ଥଙ୍କ ହସ୍ତରେ ସଦ୍ୟ ଆହୃତ ପୁଷ୍ପ।

—ସିଦ୍ଧାର୍ଥ—

ହେ ଅଖିଳ ଗ୍ରହମଣ୍ଡଳର ନିତ୍ୟ ନିୟାମକ, ହେ ପ୍ରଭାପୁଞ୍ଜ ଅଂଶୁମାଳୀ, ଆପଣଙ୍କ କଠୋର ଶାସନରେ ଗ୍ରହ ଉପଗ୍ରହମାନେ ଅନାଦି କାଳଯାଏ ସ୍ୱ ସ୍ୱ ନିୟମ ପାଳନ କରନ୍ତି । ମହାଶୂନ୍ୟରେ ଅନନ୍ତ ଶାନ୍ତ ବିରାଜମାନ



Digitized by srujanika@gmail.com

କରୁ । ହେ ବିଶ୍ୱ ସୌନ୍ଦର୍ଯ୍ୟର ପବିତ୍ର ଉତ୍ପତ୍ତି ସ୍ଥଳ, ହେ ବିଚିତ୍ର ଚିତ୍ରକର, ଋତୁ-ଚକ୍ରର ନିୟତ ଆବର୍ତ୍ତରେ ପୃଥିବୀ ହାସ୍ୟମୟୀ ହେଉ, ଦିଗ ଦିଗନ୍ତ ମହୋତ୍ସବମୟ ହେଉ । ହେ ସର୍ବଦ୍ରଷ୍ଟା ସର୍ବନିୟନ୍ତା ବିଶ୍ୱ-କଲ୍ୟାଣ-କର ଭାସ୍କର, ଆପଣଙ୍କର କରୁଣା ଦୃଷ୍ଟିରେ ପୃଥିବୀର ସମଗ୍ର ଲୋକେ ପୂର୍ଣ୍ଣ ମନୋରଥ ହେଉନ୍ତୁ । ହେ ପ୍ରଥିତ-ଯଶା କ୍ଷତ୍ରିୟକୁଳର ପବିତ୍ର ପ୍ରତିଷ୍ଠାତା ହେ ସୌନ୍ଦର୍ଯ୍ୟ-ବୀର୍ଯ୍ୟ ଓ ସ୍ୱାର୍ଥ ତ୍ୟାଗର ମହିମାମୟ ସଙ୍ଗମସ୍ଥଳ, ବ୍ୟକ୍ତିଗତ ଜୀବନରୁ ଭେଦ, ଗର୍ବ, ମଳିନତା ତିରୋହିତ ହେଉ । ଜଗତ ହାସ୍ୟମୟ ହେଉ, କ୍ଷେତ୍ର ଉର୍ବର ହେଉ, ଲୋକ ନିରୋଗ ନିରଳସ ହେଉନ୍ତୁ, ଆପଣଙ୍କ ପବିତ୍ର ବଂଶର ଉନ୍ନତ ଖ୍ୟାତି ଚିରଦିନରେ ଅକ୍ଷୁଣ୍ଣ ରହୁ ।

ପାଦ୍ୟ ଅର୍ଘ୍ୟ ଓ ପୁଷ୍ପାଞ୍ଜଳି ଦେଇ ପ୍ରଣାମ କରି ଉଠିଲେ

ଆନନ୍ଦ ! ଉଷାର ପ୍ରଥମ ଉନ୍ମେଷରେ ହିମାଚଳର ଏହି ମହିମା ମଣ୍ଡିତ ଆଲୋକ ଉତ୍ସବ ଦେଖିଲେ ଆକାଙ୍କ୍ଷା ହୁଏ ତାଙ୍କରି ପରି ଉନ୍ନତ, ମହତ ଓ ପବିତ୍ର ହେବାକୁ । ପିସା ! ଦେଖୁଚ ତରୁଣ ସୂର୍ଯ୍ୟର କଅଁଳ କିରଣ କିପରି ହିମାଳୟର ତୁଷାର ଶୁଭ୍ର ଦେହରେ ଭିନ୍ନ ଭିନ୍ନ ସପ୍ତବର୍ଣ୍ଣ ଫୁଟାଇ ଦେଉଛି । ମନେହୁଏ, ଆଶକ୍ତି-ପୂର୍ଣ୍ଣ ତାରକା ତପନର ବିଳାସ ଶଯ୍ୟା ହିମାଚଳ, ସୃଷ୍ଟିର ପ୍ରଥମ ଦିନରୁ କେତେ ଯୁଗ ଯୁଗାନ୍ତର ଅଳସ ସ୍ମୃତି ତାହିଁ ଦେହରେ ଲେଖା ରହିଅଛି । ଦେହ, ପ୍ରାଣ, ମନ ଏକାବେଳକେ ଚୁମ୍ବକ ପରି ଆକର୍ଷଣ କରି ନେଉଛି ।

ପିସା ! ପିସା ! ବିଧାତାର ଏ ଅପୂର୍ବ ସୃଷ୍ଟି କି ମହୋତ୍ସବ ମୟ ! ଦିଗନ୍ତର ବଙ୍କ ରେଖାଯାଏ ଯେଣିକି ଚାହିଁ ସ୍ଥିରଅଛି ଅଧୀର ଆନନ୍ଦର ଲହରୀ ଲୀଳା ।

ଏହି ବିଚିତ୍ର ଚିତ୍ରକରର କୁହୁକ କିରଣ ଯେତେଦୂର ଯାଏ ପଡୁଛି, କଳ୍ପନା କର ଦେଖ, ଆନନ୍ଦ, ଜଳ ସ୍ଥଳ ନଭ ଶୂନ୍ୟରେ ଏକ ଅଶାନ୍ତ ସୁରଭି ଝଙ୍କାର ! କି ସ୍ନିଗ୍ଧ ଏହି ପୁଣ୍ୟଭୂମି ! !

—ପିସା—

ସତ୍ୟ ସିଦ୍ଧାର୍ଥ ! ସ୍ନେହ ପ୍ରୀତି ସରସତା ବୋଲା ଏ ପୃଥିବୀ ଅତି ସୁନ୍ଦର । ଦେବତା ଆକାଙ୍କ୍ଷିତ ଏହି ଅପୂର୍ବ ପ୍ରଦେଶ; ସ୍ୱପ୍ନରାଜ୍ୟ ପରି ଅତି ମନୋହାରୀ—

—ସିଦ୍ଧାର୍ଥ—

ସତ୍ୟ ପିସା ! ଏହି ମର୍ତ୍ତ୍ୟପୁରୀ ବୀଣାର ଝଙ୍କାର ସମ
ମଧୁର ମଧୁର
ମହା ମହୋତ୍ସବମୟ—
ଦିନରାତି ଗ୍ରହଲୋକ ଲୀଳା !
ଶୈଶବର ସ୍ୱପ୍ନକ୍ରୀଡ଼ା
ମାୟାପୁରୀ ପରି
ଶୋଭା ଅନିର୍ବଚନୀୟ !
ଏଥେଁ ପିସା ! ପ୍ରାଣର ପିପାସା
ଭିଜନ୍ତି ନିବୃତ୍ତି ।
ଯେଣେ ଫେରେ ଅଧୀର ନୟନ
ତେଣେ ତେଣେ ସୂର୍ଯ୍ୟରଶ୍ମି
ଜ୍ୟୋତ୍ସ୍ନା ଶାରଦୀୟ
ଶ୍ୟାମଛବି ପୁଷ୍ପଝର
ଉଲ୍ଲାସ ଝୀରବୃଷ୍ଟି !
ତୃଣେ ତୃଣେ ଭରିଛି ଗୋ
ଅସୀମ ଆନନ୍ଦ । ସ୍ଫୂର୍ତ୍ତିର ଉଚ୍ଛ୍ୱାସ-ଶ୍ୱାସ ଅନନ୍ତ ବିଳାସେ ।
ଦେବତା ବାଞ୍ଛିତ ଏହି ମହାତୀର୍ଥ ସ୍ଥଳୀ ।
ମହର୍ଷି, ଦେବର୍ଷି ଯଜ୍ଞ-ହବି ପବିତ୍ରିତ ।

—ପିସା—

ଦେଖ ସିଦ୍ଧାର୍ଥ, ଶରତର ଶୁଭ୍ର ମେଘଖଣ୍ଡ ପରି କେତେ ଅସଂଖ୍ୟ ରାଜହଂସ ଭାସି ଯାଉଅଛନ୍ତି ।

—ଆନନ୍ଦ—

ରାଜପୁତ୍ର, ଏ ହଂସ ଠିକ୍ ଆମ୍ଭମାନଙ୍କର ମସ୍ତକ ଉପରେ ଉଡ଼ିଯିବେ । ଶର ସନ୍ଧାନ କର, ନିଶ୍ଚୟ ଲକ୍ଷ୍ୟ ସିଦ୍ଧହେବ ।

ଆନନ୍ଦ ଶରସନ୍ଧାନ କରନ୍ତେ ସିଦ୍ଧାର୍ଥ ତାଙ୍କ ହାତକୁ ଆବେଗଭରେ ଧରିପକାଇଲେ ।

—ସିଦ୍ଧାର୍ଥ—

ଆନନ୍ଦ, ଛି, ଛି, କ'ଣ କରୁଛ ? କେଉଁ ହର୍ଷଭରେ ଏହି କୋମଳ-ପ୍ରାଣ ପକ୍ଷୀ ଅଂଶୁମାଳୀର ବିଜୟବାର୍ତ୍ତା ପଥରେ ବହି କେଉଁ ଅଜ୍ଞାତ ମାୟା-ପୁରୀକୁ

Digitized by srujanika@gmail.com

ନିର୍ଭେଜାଲମାନରେ ଭସିଯାଉଅଛନ୍ତି ! ଏ କ'ଣ ହିଂସାର ପଦାର୍ଥ ଆନନ୍ଦ ? ନିର୍ଦ୍ଦୋଷ ନିରହଂକାର ପ୍ରକୃତିର ଚିର ବୈଜୟନ୍ତୀ ଏମାନେ ।

ଗୋଟିଏ ହଂସ ଶରବିଦ୍ଧ ହୋଇ ସିଦ୍ଧାର୍ଥଙ୍କ ପାଖରେ ପଡ଼ିଲା ।

ସିଦ୍ଧାର୍ଥ ଉତ୍ଫୁଲ୍ଲ ହୋଇଯାଇଁ ତାକୁ କୋଳ ଧରିଲେ । ତାଙ୍କ ଚକ୍ଷୁରୁ ଦରଦର ଅଶ୍ରୁ ନିର୍ଗତହେଲା; ସେ ପକ୍ଷୀଟିକୁ ନିଜର କୋମଳ କଣ୍ଠ ସଂଲଗ୍ନ କରି କହିଲେ ।—

ଆହାରେ ନିରୀହ କ୍ଷୁଦ୍ରଜୀବ ବିଚାର ! ପିସା ! ମନୁଷ୍ୟର କି ରାକ୍ଷସ ପ୍ରବୃତ୍ତି !! ଦେଖ ପିସା, କି ଉଚ୍ଛନ୍ନ ଧାରରେ ରକ୍ତ ଝରି ପଡ଼ୁଛି ?

ନିକଟସ୍ଥ ଜଳାଧାରରେ ହଂସର ରକ୍ତ ଧୋଇଦେଲେ ଏବଂ ଶର ଉପାଡ଼ି ନିଜ ଅଙ୍ଗରେ ଛୁଆଇଁ ଚମକିପଡ଼ିଲେ ।—

ଓଃ—କି ତୀକ୍ଷ୍ଣ ! କି ଭୀଷଣ ଯନ୍ତ୍ରଣା ! ଆହା ନିରୀହ ବିଚାରୀ କି ଆଘାତ ପାଇଥିବ ! ଦେଖିଲ ପିସା— ତାର ଛାତି କିପରି ଥରୁଛି—ପ୍ରାଣ କେଡ଼େ ବିକଳ ହେଉଛି ! ଆହା ! ଯାହା ପ୍ରାଣ ଏତେ କଠୋର ! ଉଚ୍ଛନ୍ନ ହୁଅନାହିଁ ପ୍ରିୟତମ, ଏହିକ୍ଷଣି ପୁଣି ଯାଇ ତୋର ସାଥିମାନଙ୍କ ସହିତ ମିଳିତ ହେବୁ, ସେହି ଦୂର ସ୍ନିଗ୍ଧ ନୀଳମାନରେ । ଆନନ୍ଦ, ଜୀବନରେ ବହୁଦୂର ଅଗ୍ରସର ହେଲଣି, କହିଲ ଭଲା, ମନୁଷ୍ୟର ଏ ପୈଶାଚିକ ଜିଘାଂସା କଣ ସ୍ୱାଭାବିକ—ତାର ହୃଦୟ କ'ଣ ଜ୍ୱଳନ୍ତ ଅଗ୍ନିକୁଣ୍ଡ ।

—ଆନନ୍ଦ—

ରାଜପୁତ୍ର, ଆପଣ ବର୍ତ୍ତମାନ ଅନଭିଜ୍ଞ; ଜୀବନରେ ଅଗ୍ରସର ହେଲେ ସବୁ ସ୍ୱଚକ୍ଷୁରେ ଦେଖିବେ । ଆଜିସିନା ଗୋଟାଏ ହଂସର ରକ୍ତପାତ ଦେଖି ଏଡ଼େ କାତର ହେଉଛନ୍ତି, କାଲି ଯେତେବେଳେ ସିଂହାସନରେ ବସିବେ ନିତ୍ୟ ନିତ୍ୟ କେତେ କଠୋର କଠୋରତର କାର୍ଯ୍ୟ କରିବାକୁ ପଡ଼ିବ ।

—ସିଦ୍ଧାର୍ଥ—

ମୁଁ ସେ ରାଜ୍ୟର ପ୍ରୟାସୀ ନୁହେଁ ଆନନ୍ଦ ? ମୋର ଜୀବନର ଆକାଂକ୍ଷା ଗୋଟାଏ ନୂତନ ବିଶାଳ ବିଶ୍ୱବ୍ୟାପୀ ଗୌରବମୟ ରାଜ୍ୟ ପ୍ରତିଷ୍ଠା କରିବାକୁ । ଦୟା, କ୍ଷମା ଓ ମୈତ୍ରୀର ନିତ୍ୟ ସତ୍ୟ ଉପାଦାନରେ— ଯେଉଁ ରାଜ୍ୟ ହେବ, ହିମାଚଳପରି ଅଚଳ, ଗମ୍ଭୀର, ସ୍ଥିର—ଯେଉଁ ରାଜ୍ୟ ଯାବତ୍ ଚନ୍ଦ୍ରାର୍କେ ଏହି ପ୍ରଚଣ୍ଡ ଅଂଶୁମାଳିପରି ସପ୍ତସିନ୍ଧୁ ବ୍ୟାପୀ ପ୍ରଭା ବିକାଶୁ ଥିବ ।

—ପିସା—

ନିଶ୍ଚୟ ସିଦ୍ଧାର୍ଥ, ଦେବତାର ଆଶିଷରେ ତୁମର ସେ ସ୍ୱପ୍ନରାଜ୍ୟ ହେନେହେଲେ ସତ୍ୟରେ ପରିଣତ ହେବ । ପବିତ୍ର ଜୀବନରେ ପୁଣ୍ୟ ଆକାଂକ୍ଷା ହେନେହେଲେ ସମ୍ପୂର୍ଣ୍ଣ ହେବ ।

ଦେବଦତ୍ତ ଶୀଘ୍ର ଶୀଘ୍ର ଆସି ପହଞ୍ଚିଲେ ।

—ଦେବଦତ୍ତ—

ସିଦ୍ଧାର୍ଥ ! ମୋହର ହଂସ ମୋତେ ଦିଅ । ମୋର ଶରରେ ସେ ଆହତ, ଦେଖ ସେ ଫଳକରେ ମୋର ନାମ ଲେଖାଅଛି ।

—ସିଦ୍ଧାର୍ଥ—

ଦେବଦତ୍ତ, ଅନନ୍ତ ମୁକ୍ତି ଯାହାର ଜନ୍ମ-ଅଧିକାର, କେଉଁ ସାହସରେ ତୁମ୍ଭେ ସେ ସ୍ୱାଧୀନତା ଉପରେ ଅଯଥା ହସ୍ତକ୍ଷେପ କରୁଛ ? ଛି ଦେବଦତ୍ତ, ଏ ନିରାଶ୍ରୟ ପକ୍ଷୀଟିକୁ ଆଘାତକରି ପ୍ରାଣରେ ଯାତନା ଅନୁଭବ କରୁନାହିଁ ?

—ଦେବଦତ୍ତ—

ଆକାଶର ହଂସ କାହାର ନୋହିପାରେ, ମୋର ଶରାହତ ହଂସ ମୋର, ମୋତେ ଦିଅ, ଶୀଘ୍ର ଦିଅ ?

—ସିଦ୍ଧାର୍ଥ—

ଦେବଦତ୍ତ, ଜୀବନର ଯେବେ କିଛି ମୂଲ୍ୟ ଥାଏ, କହିପାରିବ କି—ହତ୍ୟା ଯେ କରେ ତାହାର ଆହତ ଜୀବ ଉପରେ ଅଧିକ ଅଧିକାର, ନା ଯେ ଯତ୍ନକରି ତାର ପ୍ରାଣ ରକ୍ଷାକରେ ତା'ର? ଏ ହଂସ ହତ ହୋଇଥିଲେ ତୁମର ହୋଇପାରିଥାନ୍ତା, କିନ୍ତୁ ଏ କେବଳ ଆହତ, ଏବେ ସୁଦ୍ଧା ଜୀବିତ; ଏ ହଂସ ମୋର । କଳନା କରିପାରୁଛ ଦେବଦତ୍ତ, ନିରାଶ୍ରୟ ପ୍ରିୟତମ ବିଚାରୀ ତୁମର ଅବିଚାରରେ କି ଯନ୍ତ୍ରଣା ପାଇଥିବ ? ତୁମର ମଧ୍ୟତ ପ୍ରାଣ ଅଛି !

ସିଦ୍ଧାର୍ଥଙ୍କର କଣ୍ଠରୋଧ ହୋଇଗଲା ।

—ଦେବଦତ୍ତ—

ନା, ନା, ସେ ହଂସ ମୋର; ମୁଁ ନେବି, ଛାଡ଼ିଦିଅ । ମୁଁ ନେବି ନିଶ୍ଚୟ ।

Digitized by srujanika@gmail.com

—ସିଦ୍ଧାର୍ଥ—

ଦେବଦତ୍ତ, ଗୋଟିଏ ପ୍ରଶ୍ନ ପଚାରୁଛି ଶୁଣ । ଏ ହଂସ ଯେବେ ଆଜ ମରଯାଇଥାନ୍ତା—ଆବଶ୍ୟକ ହେଲେ ତେମେ ତାକୁ ପୁନର୍ଜୀବିତ କରିପାରିଥାନ୍ତ ? ବା ସେହିପରି ଅନ୍ୟ ଗୋଟିଏ ହଂସ ସୃଷ୍ଟି କରିପାରିଥାନ୍ତ ?

—ଦେବଦତ୍ତ—

ନା, ଏ କିପରି ଅନ୍ୟାଯ୍ୟଯୁକ୍ତି ?

—ସିଦ୍ଧାର୍ଥ—

ତେବେ ତମର ଏ କି ଦୁଃସାହସ ଦେବଦତ୍ତ— ଯେ ତମେ ଅବଲୀଳା କ୍ରମେ ପରସ୍ୱାପହରଣ କରୁଛ ? ଏ କ'ଣ ପାପ ନୁହେ ଭାଇ; ବିଧାତାର ସୁଖ ସୃଷ୍ଟିକୁ ଯଥେଚ୍ଛା ବିକୃତ କରିବା ?

—ଦେବଦତ୍ତ—

ଏତେ ଯୁକ୍ତିର ପ୍ରୟୋଜନ କ'ଣ ? ମୋ ହଂସ ମୋତେ ଦିଅ ! ମୋର ଧର୍ମ ଉପଦେଶ ଶୁଣିବାର ଅବସର ନାହିଁ ।

—ସିଦ୍ଧାର୍ଥ—

ଦେବଦତ୍ତ, ସ୍ଥିର ହୁଅ ! ମୁଁ ତମର ଜ୍ୟେଷ୍ଠ, ଭିକ୍ଷା କରୁଛି, ଏ ନିରୀହର ଜୀବନଦାନ ମୋତେ ଦିଅ ?

—ପିତା—

ଦେବଦତ୍ତ, କ୍ଷତ୍ରିୟ ସନ୍ତାନ ହୋଇ ଜ୍ୟେଷ୍ଠର ଆଜ୍ଞା ଅବଜ୍ଞାକରିବା ସୁନ୍ଦର ନୁହେ ।

—ସିଦ୍ଧାର୍ଥ—

କ୍ଷତ୍ରିୟ ସନ୍ତାନ ! କର କ୍ଷତ୍ରିୟ ଅସ୍ତ୍ର, ଶରଣରକ୍ଷଣ ଅର୍ଥେ ଧର ଧନୁଶର ! ଉଚ୍ଛୃଙ୍ଖଳ ଏ ଜିଘାଂସା, କର ପରିହାର !

—ଦେବଦତ୍ତ—

ସିଦ୍ଧାର୍ଥ ! ଦିଅ, ଦିଅ, ମୋ ହଂସ ଦିଅ । ମୋର ଲକ୍ଷ୍ୟବିନ୍ଧାର ସ୍ମାରକ କରି ମୁଁ ତାକୁ ରଖିବି । ତେମେ କ'ଣ କରିବ ?

—ସିଦ୍ଧାର୍ଥ—

ମୋତେ ହଂସଟି ଦିଅ ଭାଇ, ମୁଁ ତାକୁ ପୁଣି ସେହି ଅମଳ ଆକାଶକୁ ଉଡ଼ାଇଦେବି ।

—ଦେବଦତ୍ତ—

ନା, ନା, ମୋ ହଂସ ମୋତେ ଦିଅ ! ଦିଅ, ଛାଡିଦିଅ ।

ଛଡ଼ାଇବାକୁ ଚେଷ୍ଟାକଲେ ।

—ସିଦ୍ଧାର୍ଥ—

ଦେବଦତ୍ତ, ସଂଯତ ହୁଅ ! ଆହତ ପ୍ରାଣରେ ପୁଣି ସେ ନିର୍ମ୍ମମ ହସ୍ତ ଲଗାଅନାହିଁ—ସ୍ଥିର ଜାଣ—ମୁଁ ଏ ହଂସ କାହାକୁ ଦେବିନାହିଁ, ଏ ହଂସ ମୋର ।

—ଦେବଦତ୍ତ—

ମୋର ଏ ହଂସ ! ମୁଁ ନେବି ନିଶ୍ଚୟ ।

—ସିଦ୍ଧାର୍ଥ—

ନା, ନା, କଦାପି ନୁହେ । ଏ ସମଗ୍ର ଶାକ୍ୟରାଜ୍ୟର ବିନିମୟରେ ନୁହେ । ସିଦ୍ଧାର୍ଥର ଏ ଜୀବନ ବିନିମୟରେ ନୁହେ ।

ମାୟାବତୀ ଆସୁଥିଲେ, ଦେବଦତ୍ତ ତାଙ୍କ ପାଖକୁ ଛଳ ଛଳ ଆଖିରେ ଧାଇଁଗଲେ ।

—ଦେବଦତ୍ତ—

ମା, ମା, ଦେଖ ସିଦ୍ଧାର୍ଥ ମୋ ହଂସ ଦେଉନାହାନ୍ତି ।

—ମାୟାବତୀ—

ସିଦ୍ଧାର୍ଥ, ଏ ହଂସ ଦେବଦତ୍ତର ?

—ସିଦ୍ଧାର୍ଥ—

ମା ଏ ହଂସ ଆକାଶରେ ଉଡିଯାଉଥିଲା । ଦେବଦତ୍ତ ଶରବିଦ୍ଧ କରି ତାକୁ ଭୂଇଁରେ ପକାଇଲେ । ମୁଁ ତାର ଜୀବନ ରକ୍ଷାକରୁଛି । କାହାର ଅଧିକାର ଅଧିକ ମା ?

—ମାୟାବତୀ—

ଦେବଦତ୍ତ, ତୁ ସେ ହଂସ ନେଇ କ'ଣ କରିବୁ ?

—ଦେବଦତ୍ତ—

ମୁଁ ତାକୁ ଅସ୍ତ୍ରାଗାରରେ ଝୁଲାଇଦେବି ।

—ମାୟାବତୀ—

ଆଉ ତୁ କ'ଣ କରିବୁ ପୁଅ ?

—ସିଦ୍ଧାର୍ଥ—

ମୁଁ ତାକୁ ଉଡାଇଦେବି, ମା, ଏହି ଅନନ୍ତ ନୀଳ ଆକାଶକୁ । ସେ ଯାଇଁ ତାହାର ନିଜ ଗୋଷ୍ଠୀରେ ମିଳିତହେବ ।

Digitized by srujanika@gmail.com

— ମାୟାବତୀ —

ଦିଅ, ପୁତ୍ର, ଉଡ଼ାଇଦିଅ । ଈଶ୍ୱର ତୋତେ ଚିର-ଜୀବୀ କରନ୍ତୁ ।

ସିଦ୍ଧାର୍ଥ ହଂସଟିକୁ ଉଡ଼ାଇଦେଇ ସେଆଡ଼କୁ ଏକଦୃଷ୍ଟିରେ ଚାହିଁରହିଲେ ।

—ସିଦ୍ଧାର୍ଥ—

ଦେଖୁଛ ଦେବଦତ୍ତ, ମୁକ୍ତକଣ୍ଠରେ ଉନ୍ମାଦପୂର୍ଣ୍ଣ ସଙ୍ଗୀତ ଗାଇ ଗାଇ ସେ କିପରି ଅସୀମ ଆକାଶ ତଳେ ସୂର୍ଯ୍ୟ-କିରଣ-ପ୍ଲାବିତ ଅବାରିତ ସୁରଭି ହିଲ୍ଲୋଳରେ ମିଶି ଭାସିଗଲା ।

କାହିଁ କେଉଁ ଶୀତଳ ନୀଡ଼ରେ
ସବୁଜ ଶିଉଳିଘେରା ସୁମ୍ୟ ଘୋର ଦେଶେ
ମୃଦୁ ସମୀରଣେ ଯହିଁ
ବନ୍ଦୀହୋଇଯାଏ
ସରୋଜ ପରାଗ ସଙ୍ଗେ ମୁକୁଳର ମଧୁ ।
ନାହିଁ ଯହିଁ ଦ୍ୱେଷ ହିଂସା ବୃଥା ରକ୍ତପାତ
ସ୍ନେହ ପ୍ରୀତି ଜ୍ୟୋତ୍ସ୍ନା ଯୋଗେ ନିୟତ ପ୍ଲାବିତ ।

ଯାଅ ହଂସ ଯାଅ ଆଜି ଏ ଦାରୁଣ ଆଘାତ ବିନିମୟରେ କୋଟି କୋଟି ଗୁଣେ ସୁଖ ସୁସ୍ୱାଦ ଉପଭୋଗ କର ।

ଦେବଦତ୍ତ, ଏ କ୍ରୂର ବ୍ୟବସାୟରେ ବୃଥା ଆଉ ସମୟ ନଷ୍ଟ କରନାହିଁ ଭାଇ !

ମାତା, ପଞ୍ଚଭୂତ ଭରିଯାଏ
ପ୍ରସାଦ ପୁଲକେ ।
ଉଚ୍ଛନ୍ନ ଆନନ୍ଦେ
ଥରଉଠେ—
ଅନନ୍ତର ସୂକ୍ଷ୍ମତମ ତନ୍ତ୍ରୀ !
ଜୀବେ ଦୟା ମାତା,
ନୁହଇ କି ଶ୍ରେଷ୍ଠଧର୍ମ—
ନୁହଇ କି ମାନବେ ଦେବତ୍ୱ ?

—ମାୟାବତୀ—

ସେହି ବଳରେ ନରଦେହ ଧରି ଲୋକେ ସିଂହାସନ ଯୋଗ୍ୟ ହୁଅନ୍ତି ପୁତ୍ର । ପୃଥିବୀରେ ସର୍ବାପେକ୍ଷା ଶ୍ରେଷ୍ଠଧର୍ମ ସେ ।

—ସିଦ୍ଧାର୍ଥ—

ମାତା, କର ଆଶୀର୍ବାଦ ।
ଜୀବନେ ଯେମନ୍ତ
ଅନୁସରି ସେହି ପୁଣ୍ୟମାର୍ଗ
ମୋ ଯୋଗେ ଉଜ୍ଜ୍ୱଳ ହେବ
ଶାକ୍ୟବଂଶ ଖ୍ୟାତି ।

— ମାୟାବତୀ—

ତୋର ମନୋରଥ ସିଦ୍ଧହେଉ, ପୁତ୍ର ।

—ସିସା—

ଗୌତମ, ଏ ଅସୀମ ଅନୁକମ୍ପା ଉଦ୍ବେଳିତ ହୃଦୟ ଘେନି ଏ ସଂସାରକୁ କାହିଁକି ଆସିଲ ?

—ମାୟାବତୀ—

ସିଦ୍ଧାର୍ଥ, ପିତା ତମ ଦୁହିଁଙ୍କ ଚାହିଁ ବସିଛନ୍ତି, ଆଜି ତାଙ୍କ ସହିତ ହଲୋତ୍ସବ ଦେଖିଯିବ—ସ୍ମରଣ ନାହିଁ ?

—ସିଦ୍ଧାର୍ଥ—

ପିତା କାହାନ୍ତି ମା ?

—ପ୍ରଜାବତୀ—

ସେ ତ ତମମାନଙ୍କୁ ଚାହିଁ ବସିଛନ୍ତି ପୁତ୍ର, ଅସ୍ତ୍ରାଗାର ଦ୍ୱାରରେ ।

—ସିଦ୍ଧାର୍ଥ—

ମାତା ! ଖର ସମୀରଣେ ରୋହିଣୀର ସୂକ୍ଷ୍ମ ବାଲୁକାରାଶି ଭାସିଆସି ପରଶେ ଶରୀର । ସେ ଯନ୍ତ୍ରଣା ନୁହେ ସହ ଯେବେ ଅଞ୍ଚଳେ ଘୋଡ଼ାଇ ଯତ୍ନେ—ଲୁଚାଅ କୋଳରେ-କହ ମାତା—ଜୀବହୋଇ ସହି କି ପାରଇ କର୍କଶ ଏ ଫଳକର ବିଷମ ଆଘାତ—

ସ୍ପର୍ଶ ଯାର ରକ୍ତଧାରା ଜୀବନ ସଂଶୟ !
ମାତା-ମାତା, ପ୍ରସୁପ୍ତ ଆଗ୍ନେୟଗିରିର
ହଠାତ୍ ଉଚ୍ଛୁଳ
ଉଗାରନ୍ତା ତରଳ ପାବକ
ବକ୍ଷେ ଯେତେ ଅସ୍ତ୍ର ବିଭୀଷଣ
ସର୍ବ ତାର ହୁଅନ୍ତା ବିଲୋପ ।
ମାତା, ମାନବ କି ଜଡ଼ ଅନ୍ଧ
ଜ୍ଞାନଶୂନ୍ୟ ଏତେ,
ପ୍ରକାଶି ହୃଦୟେ ଏହି ତତା ବହ୍ନି ଜାଳ

Digitized by srujanika@gmail.com

କିଷ୍ଣିନ୍ତେ କରିଇ ବସି ରାଜ୍ୟସୁଖ ଭୋଗ ?
ଏ କେମନ୍ତେ ବଚବ ଆତୁର
ବିଧାତାର ବିକୃତ ବିଧାନ ?

—ମାୟାବତୀ—

ପୁତ୍ର ! ମାନବ ଅନ୍ତର—ରହସ୍ୟ ବଡ଼ କଠିନ । ସେ ପ୍ରଶ୍ନ ତୋର ପିତାଙ୍କୁ ଜିଜ୍ଞାସା କର । ଆସ ପୁତ୍ର, ପିତା ଅପେକ୍ଷା କରିଅଛନ୍ତି ।

ଦେବୋଦ୍ଭ ସିଦ୍ଧାର୍ଥ ଓ ମାୟାବତୀ ଚାଲିଗଲେ ।

—ଆନନ୍ଦ—

ପିସା, ଚକିତ ସ୍ତମ୍ଭିତ ହୋଇ ସବୁ ଦେଖିଲି, ସବୁ ଶୁଣିଲି । ଏତ ଆଉ ମନୁଷ୍ୟ ନୁହନ୍ତି, ପିସା । ଏ ଏହି ପବିତ୍ର ସୂର୍ଯ୍ୟବଂଶର ଏକ ଦ୍ୱିତୀୟ ରାମଚନ୍ଦ୍ର ।

—ପିସା—

ବୋଧହୁଏ ତାଙ୍କଠାରୁ ଆହୁରି ମହତ୍ତ୍ୱ ଆହୁରି ଉନ୍ନତତର ରାଜ୍ୟରେ ଏହାଙ୍କର ସ୍ଥାନ । କି ସରଳ ସାତ୍ତ୍ୱିକ ମୂର୍ତ୍ତି !

---

## ପ୍ରଥମ ଅଙ୍କ—ଦ୍ୱିତୀୟ ଦୃଶ୍ୟ

ଶୁଦ୍ଧୋଦନ ଚିନ୍ତା ଜଡ଼ିତ ମୁଖରେ ଧୀରେ ଧୀରେ ପଦ ଚାରଣ କରୁ କରୁ ଆସି ପହଞ୍ଚିଲେ । ସଙ୍ଗରେ ଆନନ୍ଦ ।

—ଶୁଦ୍ଧୋଦନ—

ସେଦିନ ଯେଉଁ ମହାତ୍ମା ସିଦ୍ଧାର୍ଥର ଭାଗ୍ୟଗଣନା ଦିନ ଆସିଥିଲେ—ଯେ କାର୍ଯ୍ୟ ଶେଷରେ ଦେବତା ମନ୍ଦିରରେ ପଶି କାହିଁ ଅନ୍ତର୍ହିତ ହୋଇଗଲେ ସେ କଥା ସ୍ମରଣ ହୁଏ, ଆନନ୍ଦ ? ସେହି ମହାତ୍ମା କହିଲେ ସକଳ ଦେବ-ଲକ୍ଷଣୋପେତ ତୁମ୍ଭର ଏହି ପୁତ୍ର, ହୁଏତ ରାଜ-ରାଜେଶ୍ୱର ହୋଇ ଅଖଣ୍ଡ ପୃଥିବୀ-ବ୍ୟାପୀ ବିଜୟ-ଧ୍ୱଜା ଉଡ଼ାଇବ, ଯେବେ ସେ ସଂସାରୀ ହୁଏ; ନୋହିଲେ— ସଂସାରପ୍ରତି ଉଦାସ ହୋଇ ବୈରାଗ୍ୟ ଆଶ୍ରୟ କରିବ, ଯେବେ ସେ ଯେଉଁ ଅକ୍ଷୟ ସନାତନ ଅପୂର୍ବ ଧର୍ମ ପ୍ରତିଷ୍ଠା କରିବ ତହିଁରେ ବିଶ୍ୱର ସମସ୍ତ ମାନବ ମୁକ୍ତିଲାଭ କରିବେ ।

—ଆନନ୍ଦ—

ସତ୍ୟ, ମହାରାଜା, ମନୁଷ୍ୟର ସଂକୀର୍ଣ୍ଣ ହୃଦୟରେ ସିଦ୍ଧାର୍ଥଙ୍କର ବିଶାଳତାର ସ୍ଥାନ ନାହିଁ । ସେ ମହାମହିମା-ମୟ !

—ଶୁଦ୍ଧୋଦନ—

ଅତି ତରୁଣ ବୟସରୁ ପ୍ରିୟତମ ସିଦ୍ଧାର୍ଥର ଏହି ଯେଉଁ ଉଦାସ ଭାବ ସାଂସାରିକ ବିଳାସ ବାସନା ପ୍ରତି ଏ ଯେଉଁ ବୈରାଗ୍ୟ; ତାର ସମସ୍ତ ସମୟରେ ଏ ଯେଉଁ ଗଭୀର ଏକାଗ୍ର ଚିନ୍ତା, ସର୍ବୋପରି ତାର ଯେଉଁ ଅସୀମ କରୁଣା-ବିଗଳିତ ହୃଦୟ, ତେମେ ନିକେତ ହିଲୋଲ୍ଲିବ ଦିନ ପରୀକ୍ଷା କରୁଛ । ଅଜଯାଏ ପ୍ରଭଞ୍ଜନର ବଜ୍ରସୂଚନା ପରି ତାର ସେ କଥା ମୋତେ ଶୁଭୁଯାଉଛି ।—

ପିତା, ହିଂସାମୟ କ୍ଷିତି,
ପ୍ରତିକ୍ଷଣେ ଲକ୍ଷଜୀବ ହୁଅନ୍ତି ଦଳିତ ।
ପରିହାର କର, ପିତା, ନିଷ୍ଠୁର ଏ ନୀତି ।
ସିନ୍ଧୁର ଅତଳତଳେ ଦିଅ ଫିଙ୍ଗି ପିତା,
ଅସ୍ତ୍ରାଗାରେ ଅସ୍ତ୍ର ଯେତେ,
ପିତା, ଜୀବେ କର ଦୟା ।
କର ସର୍ବଜୀବେ ସୁଖୀ,
ଜଗତର ସୁଖେ କର ପ୍ରାଣ ସମର୍ପଣ ।

ସେହିଦିନୁ କାହିଁକି ମୋତେ ସ୍ଥିର ଅନୁମାନ ହେଉଛି, ଏ ଅମିତାଭ ଗୃହାଶ୍ରମରେ ଆବଦ୍ଧ ହୋଇ ରହିପାରିବ ନାହିଁ—ତମର କଣ ସେହିପରି ଆଶଙ୍କା ହୁଏନାହିଁ ?

—ଆନନ୍ଦ—

ନା, ମହାରାଜ, ମୋର ଆଶା ହୁଏ ସିଦ୍ଧାର୍ଥଙ୍କୁ ଶୁଭ ଉଦ୍ୱାହର ଶୃଙ୍ଖଳରେ ବାନ୍ଧିଦେଲେ ଏ ଉଦାସ ଭାବ ହ୍ରାସ ହୋଇଯିବ । ଉଚ୍ଛନ୍ନ ସାଗର-ଲହରୀ ଲୋଡ଼ୁଛି ମସୃଣ, ଚକ୍କଣ ବେଳାଭୂମି ।

—ଶୁଦ୍ଧୋଦନ—

ହୋଇପାରେ,

ମାୟାବତୀ ଆସି ପହଞ୍ଚିଲେ ।

ପ୍ରଜାବତୀ, ତମର କଣ ଆଶାହୁଏ, ଏ ତରୁଣ ସନ୍ନ୍ୟାସୀ ସତେ ସଂସାରି ଆଶ୍ରମରେ ରହିବ ?

Digitized by srujanika@gmail.com

—ମାୟାବତୀ—

ଝର ଝର କାନ୍ଦି ପକାଇଲେ ।

ମହାରାଜ ! ସିଦ୍ଧାର୍ଥ ମୋର ଘର କରିବନାହିଁପରା !

—ସୁଦ୍ଧୋଦନ—

ପ୍ରଜାବତୀ, ମୋର ମଧ୍ୟ ସେହି ଆଶଙ୍କା; ଉଦାସ ପୁତ୍ର ତରୁଣ ବୟସରେ ସନ୍ନ୍ୟାସୀ ହୋଇ ପିତାମାତାଙ୍କୁ କନ୍ଦାଇ ଚାଲିଯିବ ।

—ଆନନ୍ଦ—

ମହାରାଜ, ମହିଷୀ, ଏ ବୃଥା ଆଶଙ୍କା ପରିହାର କରନ୍ତୁ । ସ୍ଥିର ଜାଣନ୍ତୁ, ଗୁଣବତୀ ଲାବଣ୍ୟ-ପ୍ରତିମା-ପୁଷ୍ପ ସ୍ପର୍ଶରେ ସିଦ୍ଧାର୍ଥଙ୍କର ଉଦାସ ବୈରାଗ୍ୟ ମିଳାଇଯିବ ।

—ସୁଦ୍ଧୋଦନ—

ଆନନ୍ଦ, ଭଙ୍ଗୁର ବାଲିବନ୍ଧରେ ଗିରି ନିର୍ଝରର ଉଦ୍ଦାମ ବେଗ କ'ଣ ସମ୍ଭାଳିହେବ ? ଆକାଶର ଅନନ୍ତ ମୁକ୍ତିକୁ ଯେଉଁ ପକ୍ଷୀ ନିତ୍ୟ ଝୁରୁଛି ତାକୁ କ'ଣ ରତ୍ନ ପିଞ୍ଜରାରେ ଆବଦ୍ଧ କରିହେବ ?

—ମାୟାବତୀ—

ମହାରାଜ, ମହାରାଜ, ଆଉ ସେ କଠୋର କଥା ଶୁଣାନ୍ତୁନାହିଁ—ସିଦ୍ଧାର୍ଥ ମୋର ନୟନର ପିତୁଳି, ମୋର ଶାକ୍ୟକୁଳର ଏକମାତ୍ର ସ୍ୱର୍ଣ୍ଣପ୍ରଦୀପ । ସେ କ'ଣ ସତେ ଅନ୍ଧାରକରି—

—ସୁଦ୍ଧୋଦନ—

ଈଶ୍ୱର ନକରନ୍ତୁ ମାୟା ! ବିଧାତାର ନିର୍ଦ୍ଦେଶ ଯାହା ଥିବ ତାହାହିଁ ହେବ । ବିବାହରେ ସିଦ୍ଧାର୍ଥ ମତ ଜାଣିବାକୁ କାହାକୁ ପଠାଇଥିଲ ପରା ?

—ମାୟାବତୀ—

ସାତଦିନ ଆଗରୁ ଛନ୍ଦା ପଠାଇଥିଲି, କହିଛି ଆଜି ଶେଷ ଉତ୍ତର ଦେବ ବୋଲି—ହେଇ ଛନ୍ଦା ଆସୁଛି—

(ଛନ୍ଦାର ପ୍ରବେଶ)

ଛନ୍ଦା, ଛନ୍ଦା, କହ, କହ, ସିଦ୍ଧାର୍ଥ ମୋର; ପୁତ୍ର-ମୋର ସମ୍ମତ ହେଲା ? କହ, କହ—

—ଛନ୍ଦା—

ହଁ, ସମ୍ମତ ହୋଇଛନ୍ତି ।

—ମାୟାବତୀ—

ହେ ଦୀନାର୍ତ୍ତିନାଶନ, ଶରଣରକ୍ଷଣ, ବାଞ୍ଛାକଳ୍ପତରୁ !

—ସୁଦ୍ଧୋଦନ—

ସମ୍ମତ ହେଲା ? ସତେ ସମ୍ମତ ହେଲା, ପ୍ରିୟତମ ସିଦ୍ଧାର୍ଥ ମୋର ? କହ, ସତେ, ସତେ, ଛନ୍ଦା ?

—ଛନ୍ଦା—

ହଁ, ମହାରାଜ,

—ସୁଦ୍ଧୋଦନ—

ପ୍ରଭୁ, ପ୍ରଭୁ, ଜୀବନରୁ ଆଜି ଏକ ମହାଚିନ୍ତା କଟିଗଲା । ଛନ୍ଦା, ସିଦ୍ଧାର୍ଥ କ'ଣ କହିଲା, କହ ବିଶଦ ଭାବରେ, ଆମୂଳଚୂଳ ସବୁ କହ ।

—ଛନ୍ଦା—

କହିଲେ ବିବାହ ହେବ—ମୋର କର୍ତ୍ତବ୍ୟ ମୁଁ ଅମ୍ଳାନ ବଦନରେ ପାଳନ କରିବି—ତେବେ ଯାହାକୁ ବିବାହ ହେବ, ଛନ୍ଦା, ସେ ରୂପ, କୁଳ, ଜନ୍ମ, ଗୋତ୍ରରେ ସର୍ବଥା ନିଷ୍କଳଙ୍କ ହୋଇଥିବ । ସ୍ନେହରେ ଜନନୀ ସଦୃଶ, ଅପ୍ରଗଳ୍ଭା, ନିରଳସା, କରୁଣାର ଜୀବନ୍ତ ଉତ୍ସ, ହାସ୍ୟ-ମୟୀ, ମଧୁରଭାଷିଣୀ ମୋର ପତ୍ନୀ ହେବ —ଭେଦ, ଗର୍ବ ମଳିନତା, କପଟ,କାର୍ପଣ୍ୟ, ନିଷ୍ଠୁରତା ଯାହାର ଚତୁଃସୀମା ସ୍ପର୍ଶ କରିନଥିବ ।

—ସୁଦ୍ଧୋଦନ—

ଏପୁଣି ଏକ ନୂତନ ସମସ୍ୟା । ମାୟାବତୀ, ଏତେ ଅକଳୁଷ ନିଷ୍କଳଙ୍କ ଚନ୍ଦ୍ରମା ଏ ପୃଥିବୀରେ କାହିଁ ପାଇବ ?

—ମାୟାବତୀ—

ମହାରାଜ, ମହାରାଜ; ପୃଥିବୀର ଗୃହଅଙ୍ଗେ ଦେଶ ବିଦେଶ, ନଗର ପଲ୍ଲୀ, ସବୁଠାକୁ ଚର ପ୍ରେରଣ କରନ୍ତୁ । ଜଗଦଗନ୍ତ ସପ୍ତସିନ୍ଧୁର ଅସଂଖ୍ୟ ଦ୍ୱୀପ ମନ୍ଥନ କଲେ ସିଦ୍ଧାର୍ଥର ଅଭିରୁଚି ଅନୁରୂପ ପାତ୍ରୀ କ'ଣ ଦୁର୍ଲ୍ଲଭ ହେବେ । ଯେଉଁ କରୁଣାସିନ୍ଧୁ ସିଦ୍ଧାର୍ଥର ମନପରିବର୍ତ୍ତନ କରାଇ ଅଛନ୍ତି ସେ ନିଶ୍ଚୟ ପ୍ରିୟତମର ଅନୁରୂପ ପ୍ରିୟତମା ଆଣି-ଦେବେ ।

—ସୁଦ୍ଧୋଦନ—

ଛନ୍ଦା, ପୁତ୍ର ମୋର, ଜୀବନ ସର୍ବସ୍ୱ ମୋର, ପ୍ରାଣର ସବୁ ଆଶା ଭରସାର ଏକମାତ୍ର କେନ୍ଦ୍ରସ୍ଥଳ, ସେ କ'ଣ

Digitized by srujanika@gmail.com

ସଙ୍ଗେ ବିବାହ ହେବ କିବା ? ନା, ପିତାର ସାମର୍ଥ୍ୟ ପରୀକ୍ଷା କରିବାକୁ ଏପରି ଗୋଟାଏ ଛଳନା କଲ ? କିମ୍ବା, ସେ ଉଦାସୀ ନବୀନ ସନ୍ନ୍ୟାସୀ ସଙ୍ଗେ ବିବାହ ହେବ ?

—ଆନନ୍ଦ—

ମହାରାଜ, ମନରୁ ଉଦ୍ବେଗ ଦୂର କରନ୍ତୁ । ବିଶ୍ୱ-ବିଖ୍ୟାତ ସୂର୍ଯ୍ୟବଂଶକୁ ଏପରି କନ୍ୟା ଦୁଷ୍ପ୍ରାପ୍ୟ ହେବେ-ନାହିଁ । ମୋ ଉପରେ ସମଗ୍ର ଭାର ଅର୍ପଣ କରନ୍ତୁ ମହା-ରାଜ, ମୁଁ ସୁଚାରୁରୂପେ ସମାଧା କରିବି ।

—ସୁଦ୍ଧୋଦନ—

ଯଥା ଅଭିରୁଚି ଅଗ୍ରସର ହୁଅ ମନ୍ତ୍ରୀ, ମୋର ତିଳେ-ମାତ୍ର ଆପତ୍ତି ନାହିଁ, କେବଳ—

—ମାୟାବତୀ—

କେବଳ, ସେହି ସୁବର୍ଣ୍ଣ ପ୍ରତିମା ସିଦ୍ଧାର୍ଥକୁ ସଂସା-ରର ବନ୍ଧନରେ ବାନ୍ଧି ଚିରସ୍ଥାୟୀ କରିଦିଅ, ତେଣିକି ସବୁ ଦୈବାୟତ୍ତ ।

—ଆନନ୍ଦ—

ଅବଧାନ ହେଉ, ମହାରାଜ, ହିମାଚଳଠାରୁ କୁମା-ରିକା ଯାଏ ଏହି ବିସ୍ତୀର୍ଣ୍ଣ ଭୂଖଣ୍ଡର ଚାରିଆଡେ ଦୂତ ପ୍ରେରଣ କରାଯାଉ, ଏହି ମର୍ମରେ ସମସ୍ତଙ୍କ ପାଖକୁ ପତ୍ର ଲେଖାଯାଉ ଯେ—ଆଜଠାରୁ ପଞ୍ଚଦଶ ଦିନରେ ସିଦ୍ଧାର୍ଥ-ଙ୍କର ଶୁଭ ଜନ୍ମବାସରେ ସେ ରୂପ ଓ ଗୁଣରେ ଅନୁପମା ରାଜକୁମାରୀମାନଙ୍କୁ ଅଶୋକସ୍ତବକ ସହ ଗୋଟିଏ ଲେଖାଏଁ ସ୍ୱର୍ଣ୍ଣକଳସ ପ୍ରଦାନ କରିବେ । ଏହି ବହୁ ଆକାଙ୍କ୍ଷିତ ପ୍ରତିଯୋଗିତାକୁ ଦେଶ ବିଦେଶରୁ ରୂପସୀ ଓ ବିଦୁଷୀ କୁମାରୀମାନେ ଆସିବେ । ସିଦ୍ଧାର୍ଥ ସେଥି-ମଧ୍ୟରୁ ନିଜର ଅଭିରୁଚି ଅନୁରୂପ ସହଧର୍ମିଣୀ ଗ୍ରହଣ କରିବେ ।

—ସୁଦ୍ଧୋଦନ—

ଆନନ୍ଦ, ତୁମ୍ଭର ବିଚକ୍ଷଣ ବୁଦ୍ଧିକୁ ଚିରଦିନ ପ୍ରଶଂସା କରିଆସିଛି ।

—ମାୟାବତୀ—

ଆନନ୍ଦ, ଶୀଘ୍ର ଆୟୋଜନ କର । ମୋର ନୟନ-ମଣିର ବାମରେ ଲାବଣ୍ୟ ପ୍ରତିମାଟିଏ ଦେଖି ନୟନ ମନ-ସାର୍ଥକ ହେଉ । ମୁଁ ଯାଉଛି ମହାରାଜ, ରାଜପୁରୀର ସମସ୍ତଙ୍କୁ ଏ ମଙ୍ଗଳ ବାର୍ତ୍ତା ଜଣାଇଦିଏଁ ଆ,—ମା କିବା, ତୁ ନିଜେ ଯାଇ ସମସ୍ତଙ୍କୁ ଏ ଶୁଭବାର୍ତ୍ତା ଜଣାଇଦେବୁ ।

ରାଣୀ ଓ କିଶା ଚାଲିଗଲେ ।

—ଆନନ୍ଦ—

ସଭାଗୃହକୁ ବିଜେ କରନ୍ତୁ, ମହାରାଜ ! ଏ ଶୁଭ କାର୍ଯ୍ୟର ବିଶେଷ ଆୟୋଜନ କରିବାକୁ ହେବ, ଅତି ସତ୍ୱର ।

—ସୁଦ୍ଧୋଦନ—

ଏ ଶୁଭ ସମାଚାରର ଘୋଷଣା ନଗରର ଚାରିଆଡେ ମୁଖରିତ କରିଦିଅ । ପ୍ରଜାମାନଙ୍କର ବଡ ଆଦରର ଧନ ଅମିତାଭର ଆସନ୍ନ ବିବାହ ବାର୍ତ୍ତା ପାଇ ସମସ୍ତଙ୍କର ପ୍ରାଣ ପୂର୍ଣ୍ଣ ହୋଇଉଠୁ ।

ଦୁହେଁ କଥା କହି କହି ଚାଲିଗଲେ ।

କ୍ରମଶଃ—

ଶ୍ରୀ ନିକୁଞ୍ଜକିଶୋର ଦାସ ।

Digitized by srujanika@gmail.com

# ଯାତ୍ରିର ଅନ୍ତିମ ଦାନ ।

ଶ୍ରୀ ଦେବେନ୍ଦ୍ରକୁମାର ସିଂହ ।

ଚାଲିଯାଅ, ଚାଲିଯାଅ; ତବ ରାଜଟୀକା ଅଛେ ମୌନ କବି !
ନିସ୍ତବ୍ଧ ଏ ଧୂସର ବାସରେ,
ସରଯାଉ ଅଚମ୍ବିତେ ତବ ଲୀଳା ଖେଳା—ଧୃଷ୍ଟତାର ଛବି
ବିଦାୟର ମଳିନ ଶ୍ୱାସରେ ।
ଆସିଥିଲ ଯେଉଁଦିନ ଦୀପ୍ତ ଧରାପୃଷ୍ଠେ, ପ୍ରଥମ ପ୍ରଭାତେ
ଭାସି ଭାସି ଯୌବନ-ତରଙ୍ଗେ
ଖେଳିଲି ନିସ୍ତବ୍ଧେ ନାଚ ଭୀମ ରାଜଦଣ୍ଡ ତବ ପୂତ ହାତେ
ବାଲ ଭାନୁ କିରଣ ଉତ୍ସଙ୍ଗେ !
ତବ ନବ ପ୍ରତିଚ୍ଛବି-ଦରଶନେ ଭୟେ ବଲାକାମାଳିକା
ଲୁଚିଗଲେ ନୀଳ ନଭଃପଟେ
ତବ କାନ୍ତ ଧର ବକ୍ଷେ, ଚଞ୍ଚଳା ତଟିନୀ ଗୀତ-ଉଦ୍ଭ୍ରାନ୍ତିକା
ଆଲିଙ୍ଗିଲା ପ୍ରେମେ ଅକପଟେ !
ପଡିଥିଲା ରେଖା ତବ କାଦମ୍ବିନୀ-ଚୁମ୍ବୀ ଅସୀମ ପ୍ରାନ୍ତରେ
ଚପଳାର ଚପଳ ବରଣେ
ଅସୀମର ଶେଷେ ତବ ଆଗମନୀ ବୀଣା ବାଜିଥିଲା ଥରେ
ଇନ୍ଦ୍ରଧନୁ ଗଠିତ ତୋରଣେ !
ତବ ପ୍ରେମ-ଲୀଳା ଲାଗି ଶିଶୁର ବଦନେ କ୍ଷୀଣହାସ୍ୟ-ରେଖା
ଫୁଟିଉଠିଥିଲା ଅବିରତ,
ଅମର ଛବିଟି ତବ ଶେଷ ସ୍ମୃତି ଲାଗି ହୋଇଥିଲା ଲେଖା
ଦୂର ସାନ୍ଧ୍ୟ ଦିଗ୍‌ବଳୟେ ସ୍ୱତଃ !
ଝିଲ୍ଲୀ-ସ୍ୱନ-ମୁଖରିତା ନକ୍ଷତ୍ର-କୁନ୍ତଳା ରଜନୀ-ସୁନ୍ଦରୀ,
ପିନ୍ଧି କାନ୍ତ କୌମୁଦୀର ଭୂଷା,
ଶିଶିରାଶ୍ରୁ-ଜଳେ ପ୍ଲାବି ଧରଣୀ ବରାଙ୍ଗ, ପଢିଥିଲା ଝରି
ସ୍ତୁତି ତବ ଆଗମନୀ ଉଷା !
ପ୍ରଥମ ପ୍ରେମିକ କଣ୍ଠୁଁ ବୀଣାଝଣତ୍କାରରେ ବ୍ୟଥାପୂର୍ଣ୍ଣ ତାନ
ବ୍ୟାପିଗଲା ଅନନ୍ତର ଦେଶେ,
କରୁଣ ଉଚ୍ଛ୍ୱାସ ତା'ର ତବ ଗୁପ୍ତ କଣ୍ଠେ ଅଭିନବ ଦାନ
ଦେଇଥିଲା ଅସମାପ୍ତ ବେଶେ !
ଅସୀମ ଆକାଶେ ଚଳ ଯାଅ ଏବେ କବି ! ନନ୍ଦନ-ପରିଖା-
ଫେରି ପୂର୍ବଧୂଳିର ତୋରଣ—



Digitized by srujanika@gmail.com

ନେବ ଗୃହେ ସମାଦରେ; ହସ୍ତ ଠାର ବହ୍ନି,—ରକ୍ତରାଗ ଶିଖା-
ଦେଖାଇବ ଅପ୍ସରା ଭୁବନ !
ସୁର ସୁନ୍ଦରୀ ଉର୍ବଶୀ ରଖିଥିବ ଗୁନ୍ଥି ଦିବ୍ୟ ପାରିଜାତ—
ଅମର୍ତ୍ତ୍ୟର ଅନନ୍ୟ ସୁମନ,
ଦେବେନ୍ଦ୍ର ମୌଳିଗନ୍ଧହଣେ ମେନକା ରୂପସୀ, ଧରି ରମ୍ଭାହାତ
ଶୁଣାଇବ ନୂପୁର ନିକ୍ୱଣ !
ବହିଯିବ ସୁଧା-ଧାରା-ସମ କାମଧେନୁ-ନିଃସୃତ ନିର୍ଝର
ନ ଥିବ ହେ ମର୍ତ୍ତ୍ୟ ମରୀଚିକା,
ଖୋଲିଯିବ ଭ୍ରାନ୍ତ ମାୟା ଗ୍ରସ୍ତ ଯବନିକା; ଦେଖିବ ସୁନ୍ଦର-
'ସତ୍ୟ ଶିବ ବ୍ୟକ୍ତ ପ୍ରହେଳିକା' !
ଜିରହ-ବଧୂର-ଡୋ଼ଳା ନତ ହେବ ସ୍ୱତଃ ଅଭିମାନ ଭରେ
ଅସ୍ତ ହେବ ମରଣର କଥା,
କାନନ ପଦ ମର୍ମ୍ମରେ ସୁଦୀର୍ଘ ଯାତନା ବୁଡିଯିବ ଧିରେ
ଶତାବ୍ଦୀର ବ୍ୟାକୁଳତା ବ୍ୟଥା !
କହ ଏବେ କବି ! କେଉଁ ସ୍ୱପ୍ନ ପ୍ରସ୍ଥାପର ଅନାଦି ସରଣି
ଅବଲମ୍ବି କାଳ ପାରାବାରେ,
ବାହୁଥିଲ ଜୀର୍ଣ୍ଣତରୀ ? ତେଣୁ ଶୁଭକ୍ଷଣେ ଦେଇ ଜିବରଣୀ
ଯାଏ କଲ ଦୂର ପରପାରେ !
ଦୂର ସ୍ୱପ୍ନ ଗଗନର ମେଦୁର-ବରାଙ୍ଗେ ତୃତୀୟାର ଶଶୀ
ଲେଖି କ୍ଷୀଣ ରମାନନ୍ଦୀ ଚିତା,
ମେଣ୍ଟାଇଛୁ ତାର ଛନ୍ଦ୍ୱ—, ହେ ସଦୂରବାସି !—ମଳିନତା ମସୀ—
ଧୂମାୟିତ ଅତୀତର ଚିତା !
କା'ର ଗୁପ୍ତ ହସ୍ତଦ୍ୱୟ-ଅଞ୍ଜଳି ନିବଦ୍ଧ, ବ୍ୟାପିଛୁ ଦିଗନ୍ତେ
—ସିକ୍ତ ଶାନ୍ତ ରକ୍ତ ରାଶି ଭାଗୀ
ଭିନ୍ନାଞ୍ଜନପ୍ରଭ କା'ର ନିର୍ଲିପ୍ତ ଲୋଚନ ଆତ୍ମଗ୍ଲାନି ଅନ୍ତେ
ବ୍ୟାପ୍ତ ଚରାଚର ଭିକ୍ଷା ଲାଗି ?
ଦେଖ ହେ ପିପାସି ! ତବ ଶେଷ ଅଭିଯାନ-ନୟନ ରଞ୍ଜନ
ଶତାବ୍ଦୀର ବିଫଳତା ଅଙ୍ଗେ
ମନ୍ଦାକିନୀ ଉପକଣ୍ଠେ ଧ୍ୱଂସ ଅଭିନୟ-ସମାପ୍ତି ବ୍ୟସନ
କ୍ରୀଡ଼ାରତ ବିକଟ ଭ୍ରୂଭଙ୍ଗେ !
ଉତ୍ତପ୍ତ ଚନ୍ଦ୍ରାର ଗାନ୍ତ୍ର ଉକ୍ତ ପ୍ରତିଛବି ତବ ଅବସାନ
ବିବେକର ଯବନିକା ପରେ
ଯାତନା ବିଧ୍ୱଂସୀ-, ଶୁଣ ! —ଦେବଦୂତ-ଗୀତ-ଅନାବିଲତାନ,
ମୃତ୍ୟୁ-ହୀନ ଆବାହନୀ ସ୍ୱରେ ।

Digitized by srujanika@gmail.com




# ସୂଫି ମତ ।

ଶ୍ରୀ ଜଗନ୍ନାଥ ଦାସ ।

ଧର୍ମ ଇତିହାସ ଅଂଶଲେଖନାର ଆନ୍ତର୍ଜାତିକ ସଭାରେ ପଠିତ ପ୍ରବନ୍ଧରୁ ସଂକଳିତ ।

କାଶ୍‌ଫୁଲ୍ ମାଜୁବ୍ ଅର୍ଥାତ୍ ରହସ୍ୟ ପ୍ରକାଶ ନାମକ ପାରସ୍ୟ ଗ୍ରନ୍ଥ ଖଣ୍ଡିକ ସୂଫିମତର ପ୍ରାଚୀନ ଇତିହାସର ପ୍ରାମାଣିକ ପୁସ୍ତକ । 'ଅଲ୍ଲିବନ୍ ଉଥ୍‌ମାନ୍ ଅଲଜଲ୍ଲାବି ଅଲ ହଜବାରି' ଏହି ଗ୍ରନ୍ଥର ରଚୟିତା । ସେ ପଞ୍ଚମ ହିଜରାବ୍ଦର ଲୋକ, ଯେତେବେଳେ ସେ ସୁଲତାନ୍ ଜଲି ଲହାବାରଠାରେ ବନ୍ଦୀ ହୋଇଥିଲେ, ସେତେବେଳେ ସେ ପୂର୍ବୋକ୍ତ ଗ୍ରନ୍ଥଖଣ୍ଡିକ ରଚନା କରିଥିଲେ । ସେ ସୁନ୍ନି ସମ୍ପ୍ରଦାୟଭୁକ୍ତ ଥିଲେ, ତଥାପି ସେ ଅନ୍ୟାନ୍ୟ ସୂଫିମାନଙ୍କ ପରି ପ୍ରଚଳିତ ମୁସଲ୍‌ମାନ-ଧର୍ମମତ ସହିତ ସୂଫି-ଧର୍ମରହସ୍ୟର ସମନ୍ୱୟ ସାଧନର ଚେଷ୍ଟା କରିଛନ୍ତି । ତାହାଙ୍କ ପ୍ରସ୍ତୁତ ଧର୍ମ-ତତ୍ତ୍ୱରେ ଯଦିଚ ନିର୍ବାଣ ମୁକ୍ତିର ଉଲ୍ଲେଖ ଅଛି ତଥାପି ସେ ଚୂଡାନ୍ତ ନିର୍ବାଣ ଥିଲେନାହିଁ ।

ଈଶ୍ୱର ସତ୍ତାମଧ୍ୟରେ ମନୁଷ୍ୟର ସ୍ୱାତନ୍ତ୍ର୍ୟ ସମ୍ପୂର୍ଣ୍ଣ ବିଲୁପ୍ତ କରାଯାଇପାରେ ଏହି ମତ ବିରୁଦ୍ଧରେ ସେ ଦୃଢ଼ ଭାବରେ ଆପତ୍ତି ପ୍ରକାଶ କରିଛନ୍ତି । ସେ ଅଗ୍ନିରେ ଦଗ୍ଧ-ହେବା ସହିତ ମୁକ୍ତିର ତୁଳନା କରିଛନ୍ତି । ଲୁହାକୁ ପୋଡିଲେ ତାହା ଯେପରି ଉଜ୍ଜ୍ୱଳତା ଓ ତାପ ପ୍ରଭୃତି ଅଗ୍ନିର ଗୁଣ ଓ ସାଦୃଶ୍ୟ ଲାଭ କରେ, ଅଥଚ ନିଜର ସ୍ୱତନ୍ତ୍ର ସତ୍ତା ନଷ୍ଟ କରେନା—ମୁକ୍ତି ଦ୍ୱାରା ମଧ୍ୟ ଆତ୍ମା ସେହିରୂପେ ପରମାତ୍ମାଙ୍କ ସାଦୃଶ୍ୟପ୍ରାପ୍ତ ହୁଏ, କିନ୍ତୁ ଆପଣାର ସ୍ୱରୂପକୁ ବିଲୁପ୍ତ କରେନା । ସଙ୍ଗୀତ କୀର୍ତ୍ତନାଦିରେ ମତ୍ତତା ଓ ସ୍ତ୍ରୀ ପୁରୁଷ ପ୍ରଣୟ ବ୍ୟାପାରକୁ ଆଧ୍ୟାତ୍ମିକ ରୂପକ ସ୍ୱରୂପ ବ୍ୟବହାର କରିବା ସମ୍ବନ୍ଧରେ ସେ ବିଶେଷ ସାବଧାନ ଥିଲେ । ତାଙ୍କ ଗ୍ରନ୍ଥ ପାଠକଲେ ଜଣାଯାଏ ଯେ ତାହା ଦାର୍ଶନିକ ତତ୍ତ୍ୱ ଓ ବିଚାରପ୍ରଧାନ ଗ୍ରନ୍ଥ । ଏହି ଗ୍ରନ୍ଥରେ ସୂଫିମତର ଯେଉଁପ୍ରକାର ବ୍ୟାଖ୍ୟା କରାହୋଇଛି, ତାହା ସହିତ ସନାତନ ଇସ୍‌ଲାମ ଧର୍ମମତର ସମ୍ପୂର୍ଣ୍ଣ ସଙ୍ଗତି ଅଛି ଏ କଥା କୌଣସି ପ୍ରକାରେ କୁହାଯାଇ ନ ପାରେ ।

ଏହି ଗ୍ରନ୍ଥରେ "ସୂଫି-ସମ୍ପ୍ରଦାୟଗୁଡିକର ଭିନ୍ନ ଭିନ୍ନ ମତ" ଶୀର୍ଷକ ଚତୁର୍ଦ୍ଦଶତମ ଅଧ୍ୟାୟଟି ବିଶେଷ ଭାବରେ ଔତ୍ସୁକ୍ୟଜନକ । ଏଥିରେ ଗ୍ରନ୍ଥକାର ସୂଫିମାନଙ୍କର ଦ୍ୱାଦଶଟି ଶାଖାର ବିଶେଷ ମତଗୁଡିକର ବର୍ଣ୍ଣନା କରିଛନ୍ତି । ଏମାନଙ୍କ ମଧ୍ୟରୁ ଦଶଟିକୁ ସେ ପ୍ରଶଂସାଯୋଗ୍ୟ କହିଛନ୍ତି ଓ ଅପର ଦୁଇଟିକୁ ଧର୍ମବିରୁଦ୍ଧ



Digitized by srujanika@gmail.com

ବୋଲି ନିନ୍ଦା କରିଛନ୍ତି । ଦଶଟି ପ୍ରଶଂସିତ ଶାଖାର ମତ ଏକ, କେବଳ ସେମାନଙ୍କ ସାଧନା ସ୍ୱତନ୍ତ୍ର । ସୂଫି ତନ୍ତ୍ରର ପ୍ରଶଂସିତ ଶାଖା ଦଶଟି ମଧ୍ୟରୁ "ହାରିତ୍ ଅଲ୍ ମହାଶିବଙ୍କ" ଶାଖାଟିହିଁ ସର୍ବାପେକ୍ଷା ପ୍ରାଚୀନ । ଅଲ୍ ହଜ୍‌ୱୀର କହନ୍ତି 'ରିଦା' ଅର୍ଥାତ୍ ଈଶ୍ୱର ଇଚ୍ଛାରେ ଆତ୍ମ ସମର୍ପଣକୁ ମହାଶିବ 'ହାଲ' ବୋଲି ଗଣ୍ୟ କରନ୍ତି, 'ମକାମ୍' ବୋଲି ସ୍ୱୀକାର କରନ୍ତିନାହିଁ, ଏହାହିଁ ତାହାଙ୍କର ବିଶେଷତ୍ୱ ।

ସୂଫି ଧର୍ମରେ କାହାକୁ 'ମକାମ' ଓ କାହାକୁ "ହାଲ୍" କହନ୍ତି ତାହା ନିମ୍ନରେ ବିବୃତହେଲା । ଈଶ୍ୱରଙ୍କ ସହିତ ମିଳିତହେବା ପଥରେ ସାଧକକୁ ଯେଉଁ ଯେଉଁ ଅବସ୍ଥା ମଧ ଦେଇଯିବାକୁ ହୁଏ ତାହାର ଏକ ଏକ ଅବସ୍ଥାକୁ ଏକ ଏକ 'ମକାମ୍' କୁହାଯାଏ । ପ୍ରଥମ ଅନୁତାପର ଅବସ୍ଥା, ଦ୍ୱିତୀୟ ତ୍ୟାଗର ଅବସ୍ଥା, ତୃତୀୟ ଈଶ୍ୱରଙ୍କଠାରେ ବିଶ୍ୱାସ ସ୍ଥିରହେବ ର ଅବସ୍ଥା ଇତ୍ୟାଦି ।

ଏହିସବୁ ଅବସ୍ଥା ନିଜର ଚେଷ୍ଟା ବା ସାଧନା ଦ୍ୱାରା ଲଭ୍ୟ । କିନ୍ତୁ ସେହି ବିଶେଷ ଦଶାକୁ 'ହାଲ୍' କୁହାଯାଏ ଯାହା ସାକ୍ଷାତ୍ ସମ୍ବନ୍ଧରେ ଈଶ୍ୱରଙ୍କଠାରୁ ମାନବାନ୍ତଃକରଣରେ ଅବତୀର୍ଣ୍ଣ ହୁଏ ଏବଂ ମନୁଷ୍ୟର ଚେଷ୍ଟା ଯାହାକୁ ଆକର୍ଷଣ ବା ପ୍ରତିହତ କରିପାରେ ନା—ଅର୍ଥାତ୍ ଈଶ୍ୱରାନୁଗ୍ରହ ବା କୃପା ବୋଲି ଯାହା ଆମେ ଜାଣୁ, ଏହା ଏକପ୍ରକାର ଈଶ୍ୱର ପ୍ରେରିତ (inspired) ଅପାର୍ଥିବ ଆନନ୍ଦ, ଏହାର ଆବିର୍ଭାବରେ ମନୁଷ୍ୟର ଅହଂ ଚୈତନ୍ୟ ସମ୍ପୂର୍ଣ୍ଣଭାବରେ ବିଲୁପ୍ତହୁଏ । ଅନ୍ୟ ସୂଫି ଗୁରୁମାନେ କହନ୍ତି ଏହି 'ହାଲ' ଗୋଟିଏ ସ୍ଥାୟୀ ଦଶା କିନ୍ତୁ 'ମହାଶିବ' ତାହା ସ୍ୱୀକାର କରନ୍ତିନାହିଁ ଏବଂ ସେ କହନ୍ତି ଯେତେବେଳଯାଏ ଏହି 'ହାଲ' ଅଭ୍ୟସ୍ତ ଓ ନିତ୍ୟ ହୋଇ ନ ଯାଏ ତେତେବେଳଯାଏ ଏହାର ଗୌରବ ଅଧିକ ନୁହେଁ ।

ହାମଦାନୀ ଶାଖାଟି 'ମଲାମତି' ମତ ନିମନ୍ତେ ପ୍ରସିଦ୍ଧ । ଏହି ମତର ନାମାନୁସାରେ ଏହି ମତାନୁବର୍ତ୍ତୀମାନଙ୍କୁ 'ମଲାମଟି' କହାହୁଏ । 'ମଲାମତି' ଶବ୍ଦର ଅର୍ଥ 'ନିନ୍ଦା' କେହି ଜଣେ ସାଧୁ ବ୍ୟକ୍ତି ଯେତେବେଳେ ଏ ପ୍ରକାର କାର୍ଯ୍ୟ କରନ୍ତି ଯେ ତାହାଙ୍କ କାର୍ଯ୍ୟର ଉଦ୍ଦେଶ୍ୟ ବୁଝି ନ ପାରି ଲୋକେ ତାହାଙ୍କ ନିନ୍ଦା କରନ୍ତି ସୂଫିମାନଙ୍କ ମତରେ ତାହାକୁହିଁ 'ମଲାମତି' କହନ୍ତି । ପ୍ରତିବେଶୀମାନଙ୍କ ନିକଟରୁ ଶ୍ରଦ୍ଧା ଭକ୍ତି ପାଇଁ ପାଇଁ ସାଧୁତା ଅଭିମାନର ପାପ ପଛେ ଚିତ୍ତକୁ ସ୍ପର୍ଶକରେ ଏହି ଆଶଙ୍କାରେ ମଲାମଟି ଇଚ୍ଛାପୂର୍ବକ ଏପରି ବିଧିବିରୁଦ୍ଧ କାର୍ଯ୍ୟ କରିଥାଆନ୍ତି—ଯେଉଁଥିରେ ଲୋକଙ୍କ ମନ ତାଙ୍କ ଉପରେ ବିରକ୍ତ ହୋଇଯାଏ । ଏମାନଙ୍କ ମଧ୍ୟରେ କେହି କେହି ଏପରି ଅବସ୍ଥାରେ କୌଣସି ପ୍ରକାର ଯଥାର୍ଥ ଅପରାଧ ନ କରି ଏପରି କାମ କରନ୍ତି—ଯାହା ବାହାରକୁ ଦେଖିବାକୁ ଯେତେ ମନ୍ଦହେଉ ପଛକେ ବସ୍ତୁତଃ ଅନିନ୍ଦନୀୟ ।

ତୟ୍ଫୁରୀ ଓ ଜୁନୈଦୀ, ସୂଫୀ-ସମ୍ପ୍ରଦାୟର ଦୁଇ ବିଖ୍ୟାତ ଶାଖା । ଏମାନଙ୍କ ମଧ୍ୟରେ ଗୋଟିଏ ମତ ବିରୋଧ ଅଛି । ତୟ୍ଫୁରୀମାନେ କହନ୍ତି ଈଶ୍ୱର-ପ୍ରେମରେ ଉନ୍ମତ୍ତ ହେବା ହିଁ ପ୍ରକୃତ ସିଦ୍ଧି, କାରଣ ପ୍ରଶାନ୍ତତାରେ ମନୁଷ୍ୟ ସମସ୍ତ ଗୁଣ ସମତା ଲାଭକରେ—ଏହି ସାମ୍ୟାବସ୍ଥା ହିଁ ଜୀବ ଓ ଈଶ୍ୱରଙ୍କ ମଧ୍ୟରେ ସର୍ବାପେକ୍ଷା ଦୁର୍ଭେଦ୍ୟ ଆବରଣ । ପରନ୍ତୁ ଦିବ୍ୟୋନ୍ମାଦ ଅବସ୍ଥାରେ ମନୁଷ୍ୟର ଅନ୍ୟ ସମସ୍ତ ଗୁଣ ଲୟପ୍ରାପ୍ତ ହୋଇ କେବଳ ଦିବ୍ୟଗୁଣ ଗୁଡିକ ଅବଶିଷ୍ଟ ରହେ । ଜୁନୈଦୀମାନେ ଏହାର ଉତ୍ତର ଦିଅନ୍ତି—ମତ୍ତତା ଅପ୍ରମାଦବିରୁଦ୍ଧ, ଅପ୍ରମତ୍ତତାର ଶାନ୍ତଭାବ ବ୍ୟତୀତ କେବେହେଁ ଈଶ୍ୱରଙ୍କ ଯଥାର୍ଥ ସ୍ୱରୂପ ଉପଲବ୍ଧ ହୁଏ ନା । ସେମାନେ କହନ୍ତି ଅଜ୍ଞତା କେବେ ପ୍ରକୃତିର ମାୟାଜାଲରୁ ମନୁଷ୍ୟକୁ ମୁକ୍ତି ଦେଇପାରେ ନା;—ମୁକ୍ତ ହେବାକୁ ହେଲେ ସତ୍ୟକୁ ଜାଣିବା ପ୍ରୟୋଜନ, ଅପ୍ରମତ୍ତ ନହେଲେ ସତ୍ୟ ଜାଣିବା ସମ୍ଭବପର ହୁଏନା ।

ନୂରୀଶାଖାର ମତର ବିଶେଷତ୍ୱ 'ଇଥାର' ଅର୍ଥାତ୍ ପକ୍ଷପାତ । ନିଜର ସ୍ୱାର୍ଥତ୍ୟାଗକର ଅନ୍ୟପ୍ରତି ପକ୍ଷପାତ ଗୋଟିଏ କଥାରେ ପରାର୍ଥପରତା କୃଚ୍ଛ୍ର ସାଧନଦ୍ୱାରା ରିପୁମାନଙ୍କ ସହିତ ଆଧ୍ୟାତ୍ମିକ ସଂଗ୍ରାମ ପ୍ରତି 'ସାହ୍ଲସ' ଶାଖା ବିଶେଷ ଭାବରେ ଜୋର ଦିଅନ୍ତି—ଯେ ଉପବାସ ପୂଜା ଅର୍ଚ୍ଚନା ଇତ୍ୟାଦି । ଆତ୍ମନିଗ୍ରହକୁ ଅନ୍ୟାନ୍ୟ ସମ୍ପ୍ରଦାୟମାନେ ଧ୍ୟାନ ଅବସ୍ଥା ଲାଭର ଗୌଣ ଉପାୟ ସ୍ୱରୂପ ଗଣ୍ୟ କରନ୍ତି, କିନ୍ତୁ 'ସାହ୍ଲଅଲ ତୁସ୍ତାର' ଏହାକୁହିଁ ମୁଖ୍ୟ

Digitized by srujanika@gmail.com

ଉପାସ୍ୟ ବୋଲି ଜାଣନ୍ତି । ସେ କହନ୍ତି—ଈଶ୍ୱରଙ୍କ ସହିତ ମିଳିତ ହେବା ପୂର୍ବରୁ ତାଙ୍କ ସେବା କାର୍ଯ୍ୟରେ କଠୋରତା ସ୍ୱୀକାର କରି ପ୍ରୟୋଜନ । ଈଶ୍ୱରଙ୍କର ପ୍ରସାଦଜନକ ଭାବରେ ସେବା ସୁସଂପନ୍ନ କରିବାର ଅବ୍ୟବହିତ ଫଳ ହେଉଛି – ତାହାଙ୍କ ସହିତ ମିଳନ । ଯେଉଁମାନେ କହନ୍ତି କେବଳ ମାତ୍ର ଈଶ୍ୱରଙ୍କ ଅନୁଗ୍ରହ ବଳରେ ହିଁ ତାହାଙ୍କ ସହିତ ମିଳନ ସମ୍ଭବପର ହୁଏ, ସେମାନଙ୍କ ମତର ପ୍ରତିବାଦ କଲାବେଳେ ଏ ପୂର୍ବତନ ଋଷିମାନଙ୍କ ଦୃଷ୍ଟାନ୍ତ ଉଲ୍ଲେଖ କରିଛନ୍ତି । ଏହି ସବୁ ଋଷିମାନେ ଆତ୍ମନିଗ୍ରହକୁ ଅବଶ୍ୟ କର୍ତ୍ତବ୍ୟ ବୋଲି ଶିକ୍ଷା ଦେଇଛନ୍ତି । କୃଚ୍ଛ୍ର ବ୍ରତ ପାଳନଦ୍ୱାରାହିଁ ସମାଧିଲାଭ ଯଦି ସୁଗମ ନହୁଏ ତେବେ ସେହି ଋଷିମାନଙ୍କ ପ୍ରସ୍ତୁତ ବିଧି-ବ୍ୟବସ୍ଥାକୁ ବ୍ୟର୍ଥ ବୋଲି ଅଗ୍ରାହ୍ୟ କରିବାକୁ ହେବ ।

ସାଧୁତାର ବିଶେଷ ପ୍ରକୃତି ଓ ତାହାର ବିଚିତ୍ର ଅବସ୍ଥା ପ୍ରଭୃତି କଥିତ ଅତିପ୍ରାକୃତ ଘଟଣାର ପ୍ରାମାଣିକତା ଏବଂ ସାଧୁମାନଙ୍କ ସହିତ ଋଷିମାନଙ୍କର ଅଲୌକିକ କାର୍ଯ୍ୟର ପାର୍ଥକ୍ୟ ନେଇ 'ହାକିମୀ' ଶାଖା ବିଶେଷଭାବରେ ଆଲୋଚନା କରିଛନ୍ତି । ସୁଫୀ-ସମ୍ପ୍ରଦାୟ ମଧ୍ୟରେ ସାଧୁ-ଶାସନତନ୍ତ୍ର ନାମକ ଯେ ଗୋଟିଏ ବିଖ୍ୟାତ ମତ ପ୍ରଚଳିତ ଅଛି, "ମହମ୍ମଦ ବିନ୍ ଅଲ୍ଅଲ୍ ହାକିମ"ହିଁ ସର୍ବପ୍ରଥମେ ତାହାକୁ ପଲ୍ଲବିତ କରି ପ୍ରକାଶ କରିଥିଲେ । ସେ କହନ୍ତି ଏହି ସାଧୁଙ୍କ କର୍ତ୍ତୃକହିଁ ସମସ୍ତ ଜଗତର ବ୍ୟବସ୍ଥା ରକ୍ଷିତ ହେଉଅଛି । ତାହାଙ୍କ ମତରେ ଋଷିମାନେ ଯେପରି ଭଗବତ୍‌କୃପାରୁ ସମସ୍ତ ପାପରୁ ମୁକ୍ତ, ସାଧୁମାନେ ସେପରି ନୁହନ୍ତି—ସେମାନଙ୍କୁ କେବଳ ମାତ୍ର ସାଧୁଧର୍ମର ବିରୋଧାଚରଣ ଅର୍ଥାତ୍ ଅବିଶ୍ୱସ୍ତତାରୁ ଭଗବାନ୍ ବିଶେଷଭାବରେ ରକ୍ଷା କରନ୍ତି । ମହାଶିବ ଓ ଜୁନେଦୀମାନଙ୍କର ଏହିମତ । ଅନ୍ୟମାନେ କହନ୍ତି—ଈଶ୍ୱରଙ୍କ ଆଦେଶ ପାଳନହିଁ ସାଧୁତାର ଲକ୍ଷଣ, ଅତଏବ ମହାପାପ ମାତ୍ରେହିଁ ସେ ଆଦେଶ ଲଙ୍ଘନ, ଏବଂ ସେହି ଅପରାଧରୁ ସାଧୁପଦରୁ ବିଚ୍ୟୁତି ଘଟେ ।

ଆଉ ତିନୋଟି ଶାଖା କଥା ବାକି ଅଛି । ସେମାନଙ୍କ ନାମ ଖର୍ରାଜ, ଖଫୀଫୀ ଏବଂ ସୟ୍ୟାରୀ । ଖର୍ରାଜୀମାନଙ୍କର ପ୍ରଧାନ ମତ 'ଲୟ ଓ ସ୍ଥିତି' ଖଫୀଫୀମାନଙ୍କର 'ଅନୁପସ୍ଥିତି' ଓ 'ଉପସ୍ଥିତି' ଏବଂ ସୟ୍ୟାରୀମାନଙ୍କର 'ମିଳନ' ଓ 'ବିଚ୍ଛେଦ' ।

ଖର୍ରାଜ ମତର ଗୋଟିଏ ସଂକ୍ଷିପ୍ତ ବିବରଣ ଦେଇ ଏ ପ୍ରବନ୍ଧର ଉପସଂହାର କରାଯାଉଅଛି । ଅଲ୍‌ହୁଜଭୀରୀ କହନ୍ତି—ଆବୁ ସୈଦ୍ ଅଲ ଖର୍ରାଜହିଁ 'ଲୟ ଓ ସ୍ଥିତି' ତତ୍ତ୍ୱର ବ୍ୟାଖ୍ୟାକର୍ତ୍ତା । ଯେଉଁମାନେ ସାଧୁପଦର ଚରମ ଉତ୍କର୍ଷ ଲାଭକରି 'ମକାମ ଓ 'ହାଲ' ଉଭୟ ଉତ୍ତୀର୍ଣ୍ଣ ହୋଇଛନ୍ତି ଓ ପରମଧନ ଲାଭ କରିଛନ୍ତି ସେମାନଙ୍କ ସମ୍ବନ୍ଧରେହିଁ 'ଲୟ' ଓ 'ସ୍ଥିତି' ଏ ଦୁଇଟି ଶବ୍ଦ ପ୍ରୟୋଗ ହୋଇପାରେ । ତାଙ୍କ ମତରେ ଅସ୍ତିତ୍ୱ ଓ ବ୍ୟକ୍ତିତ୍ୱର ବିଲୋପ ଅର୍ଥରେ 'ଲୟ' ଶବ୍ଦର ବ୍ୟବହାର ସଙ୍ଗତ ନୁହେ ଏବଂ ସ୍ଥିତି ବୋଇଲେ ମଧ୍ୟ ପରମାତ୍ମାଙ୍କ ସହିତ ଜୀବାତ୍ମାଙ୍କର ଅଭେଦ ସମ୍ବନ୍ଧ ଜଣାଯାଏ ନା । 'ଫନା' ଏବଂ 'ବକା' ଅର୍ଥାତ୍ 'ଲୟ' ଓ 'ସ୍ଥିତି' ଜୀବରହିଁ ବିଶେଷ ଅବସ୍ଥା । 'ଲୟ' ବୋଇଲେ ସମସ୍ତ ପ୍ରାକୃତିକ ବ୍ୟାପାରରୁ ଚିତ୍ତବୃତ୍ତିର ସଂହରଣ ଏବଂ ସ୍ଥିତି ବୋଇଲେ ଈଶ୍ୱର ଚିନ୍ତାରେ ଚିତ୍ତବୃତ୍ତିକୁ ନିତ୍ୟ ନିବିଷ୍ଟ କରି ବୁଝାଏ । ଆବୁ ସୈଦ ଅଲଖର୍ରାଜ 'ଫନା' ଶବ୍ଦର ବ୍ୟାଖ୍ୟା କଲାବେଳେ କହିଛନ୍ତି "ମାନବୀୟ ହୀନତାରେ ମରଣ ଓ ଐଶ୍ୱରିକ ଧ୍ୟାନ ମଧ୍ୟରେହିଁ ଜୀବନ ସାଧନ - ଅର୍ଥାତ୍ ଏପରି ସମ୍ପୂର୍ଣ୍ଣଭାବରେ ସମାଧି ଲାଭ ଯେଉଁଥିରେ ଈଶ୍ୱରଙ୍କ ସେବକ ନିଜର କୌଣସି କର୍ମକୁ ଆଉ ନିଜର ବୋଲି ଅନୁଭବ କରି ନ ପାରନ୍ତି ସମସ୍ତ କର୍ମ ଈଶ୍ୱରଙ୍କର ବୋଲି ଜାଣନ୍ତି—ଏହାକୁ 'ଫନା' କହାଯାଏ ।"

ଅନ୍ୟ ଏକ ମୁସଲମାନ ଲେଖକ ସୁଫୀମତ ସମ୍ବନ୍ଧରେ ଯାହା ଆଲୋଚନା କରିଛନ୍ତି ତାହାର କିୟଦଂଶ ଏ ପ୍ରବନ୍ଧର ପରିଶିଷ୍ଟସ୍ୱରୂପ ନିମ୍ନରେ ସଂକଳିତ ହେଲା ।

କେହି କେହି ବିଶ୍ୱାସ କରନ୍ତି ଯେ ସୁଫୀତନ୍ତ୍ର ଏକପ୍ରକାର ଅଦ୍ୱୈତବାଦ ଅର୍ଥାତ୍—ଜଗତ୍ ଈଶ୍ୱରଙ୍କରହିଁ ପ୍ରକାଶ ଏବଂ ସେଥିରେ 'ଅବ୍ଦ୍' ବା ଜୀବର କୌଣସି ସ୍ଥାନ ନାହିଁ । କିନ୍ତୁ ଏ ଜୀବର ସତ୍ୟତା ସ୍ୱୀକାର

Digitized by srujanika@gmail.com

ନ କଲେ ଇସଲାମ ଧର୍ମର ସମସ୍ତ ଏକାବେଳକେ ଭିତ୍ତିହୀନ ହୋଇ ଭୂମିସାତ୍ ହୋଇଯିବ । କାରଣ ହଜରତ୍ ମହମ୍ମଦ ପୁନଃ ପୁନଃ ଆପଣାକୁ ଭଗବାନଙ୍କ ଜୀବ ଓ ଦୂତ ବୋଲି ପ୍ରଚାର କରିଛନ୍ତି । କୌଣସି, ସୂଫୀ ତତ୍ତ୍ୱଜ୍ଞାନୀ ସମାଧି ଅବସ୍ଥାରେ 'ମୁଁ ସତ୍ୟ !' 'ହେ ବରେଣ୍ୟ ମୋର ମହିମା କି ବିପୁଳ !' ଇତ୍ୟାଦି କହିଛନ୍ତି, ହଁ, କିନ୍ତୁ ତାହାର ଗଭୀର ଅର୍ଥ ସମ୍ଭବତଃ ବିଶୁଦ୍ଧ ସୋଽହଂବାଦମୂଳକ ନୁହେଁ । ବସ୍ତୁତଃ ସୂଫୀମାନେ ଯେପରି ଈଶ୍ୱରଙ୍କର ବିଶ୍ୱାତୀତ ଭାବ ସ୍ୱୀକାର କରନ୍ତି ସେହିପରି ତାହାଙ୍କର ବିଶ୍ୱରୂପକୁ ମଧ୍ୟ ବିଶ୍ୱାସ କରନ୍ତି । କୋରାଣରେ ଅଛି "ପ୍ରକୃତରେ ଈଶ୍ୱର ବସ୍ତୁମାନଙ୍କୁ ବେଷ୍ଟନ କରିଅଛନ୍ତି" "ତୁମ୍ଭେ ଯେଉଁସ୍ଥାନକୁ ଯାଅ ଯେଉଁସ୍ଥାନରେ ରହ, ଈଶ୍ୱର ତୁମ୍ଭ ସଙ୍ଗେ ସଙ୍ଗେ ଅଛନ୍ତି" "ଈଶ୍ୱର ପୂର୍ବରେ ଅଛନ୍ତି ପଶ୍ଚିମରେ ଅଛନ୍ତି ଯେଉଁଆଡ଼କୁ ତୁମ୍ଭେ ମୁହଁ କର ସେଆଡ଼େ ତାଙ୍କର ମୁହଁ ଅଛି" ଏହି ପଦଗୁଡ଼ିକ ଈଶ୍ୱରଙ୍କର ବିଶ୍ୱାତୀତ ଭାବ ପ୍ରକାଶକ । ପୁନଶ୍ଚ "ସେ ତୁମ୍ଭ ନାଡ଼ୀ ଅପେକ୍ଷା ଅଧିକର ନିକଟରେ ଅଛନ୍ତି," "ସେ ଏକାବେଳକେ ତୁମ୍ଭ ନିଜନି ମଧ୍ୟରେ ଅଛନ୍ତି କିନ୍ତୁ ତୁମ୍ଭେ ତାଙ୍କୁ ଦେଖିପାରୁ ନା" ଇତ୍ୟାଦି ଶ୍ଳୋକରେ ଈଶ୍ୱରଙ୍କ ବିଶ୍ୱାନୁପ୍ରବିଷ୍ଟ ଭାବ ପ୍ରକାଶିତ ହୁଏ । ଇସଲାମ ଧର୍ମ ଜୀବର ସତ୍ତାକୁ ସର୍ବଦା ସ୍ୱୀକାର କରେ । ଏହି ଧର୍ମର ପ୍ରବର୍ତ୍ତକ ନିଜକୁ କେବେ ପୂର୍ଣ୍ଣ ସତ୍ୟ ବା ଈଶ୍ୱରଙ୍କ ଅବତାର ବୋଲି ଘୋଷଣା କରିନାହାନ୍ତି । ଏକ ପରମେଶ୍ୱର ଭିନ୍ନ ଆଉ କୌଣସି ଈଶ୍ୱର ନାହାନ୍ତି ଏବଂ ମହମ୍ମଦ ତାହାଙ୍କ ଜୀବ ଓ ଦୂତ ଏହାହିଁ ତାହାଙ୍କ ଧର୍ମର ମୂଳମନ୍ତ୍ର ।

ସୂଫୀ କବିମାନଙ୍କ କାବ୍ୟରୁ ବୁଝାଯାଏ ଯେ ସେମାନଙ୍କ ମତରେ ପରମ ପୁରୁଷଙ୍କ ଜ୍ଞାନ ମଧ୍ୟରେହିଁ 'ଅବ୍‌ଦ୍' ବା ଜୀବର ସତ୍ୟତା ଚିର ବିରାଜିତ । କିନ୍ତୁ ତାହାର ପ୍ରକାଶ ନିତ୍ୟ ପରିବର୍ତ୍ତମାନ । 'ଯତ୍' ଅର୍ଥାତ୍ ଈଶ୍ୱରଙ୍କ ସ୍ୱରୂପ ନିତ୍ୟ ଅପରିବର୍ତ୍ତନୀୟ । ଜ୍ଞାନ, ଜ୍ୟୋତି, ସତ୍ତା ଏବଂ ପ୍ରକାଶ ଏହି ଚାରୋଟି ତାହାଙ୍କର ମୁଖ୍ୟ ଗୁଣ । ବାକ୍ୟ, ଶ୍ରୁତି ଏବଂ ଦୃଷ୍ଟି ଏହି ତିନି ଗୁଣ ମଧ୍ୟ ଏଥିସଙ୍ଗେ ଧରାହୁଏ । ଏହି ସାତୋଟି ମୁଖ୍ୟ ଗୁଣ—ଏଥିରୁ ଅନ୍ୟାନ୍ୟ ଅସଂଖ୍ୟ ଗୁଣର ଉଦ୍ଭବ । ତାଙ୍କ ସ୍ୱରୂପରେ ତାଙ୍କ ଗୁଣ ଆଶ୍ରିତ ସ୍ୱରୂପ ଅପରିବର୍ତ୍ତନୀୟ । ଗୁଣ ମୁହୂର୍ତ୍ତେ ମୁହୂର୍ତ୍ତେ ପରିବର୍ତ୍ତନଶୀଳ । ଗୁଣରୁ 'ଇସ୍‌ମ୍' ଅର୍ଥାତ୍ ନାମର ଉତ୍ପତ୍ତି । ବାକ୍ୟ ଯାହାର ଗୁଣ, ବକ୍ତା ତାହାର 'ଇସ୍‌ମ୍' ଅର୍ଥାତ୍ ନାମ । ଜଗତ୍ ଈଶ୍ୱରଙ୍କ ନାମରହିଁ ପ୍ରକାଶ । କିନ୍ତୁ ନାମ (ଇସ୍‌ମ୍) ରୂପ (ରସ୍‌ମ୍) ବ୍ୟତୀତ ପ୍ରକାଶ ପାଇ ପାରେ ନା । ଈଶ୍ୱରଙ୍କ ଜ୍ଞାନ ମଧ୍ୟରେ ଜୀବର ଯେଉଁ ରୂପ ଅଛି ତାହାହିଁ ରସ୍‌ମ୍ । ଈଶ୍ୱର ଯେତେବେଳେ ଆପଣାକୁ ଦୟାମୟ (ରହିମ୍) ବୋଲି ଜାଣନ୍ତି, ସେତେବେଳେ, ସଙ୍ଗେ ସଙ୍ଗେ ଆପଣା ଜ୍ଞାନରେ 'ମରହିମ୍' ଅର୍ଥାତ୍ ଦୟାର ପାତ୍ରର ସତ୍ୟତା ଉପଲବ୍ଧି କରନ୍ତି । 'ଦୟାମୟ' ନାମଟି 'ଦୟାପାତ୍ର' ନାମକ ରୂପ ସଂଯୋଗରେ ପ୍ରକାଶିତ । ଏହି ନାମ ଓ ରୂପ ମଧ୍ୟରେ କାଳର କ୍ଷଣମାତ୍ର ବ୍ୟବଧାନ ନାହିଁ ।

ଜୀବ ମୁକ୍ତି ସାଧନାଦ୍ୱାରା ନିଜ ଚିନ୍ତାମଧ୍ୟରେ ନିଜ ନାମ, ରୂପ କ୍ରମେ କ୍ରମେ ବିଲୁପ୍ତ କରୁ କରୁ ଉପରକୁ ଉଠେ—ଏହି ପ୍ରକାରରେ ସେ ନିଜର ବିଶେଷତ୍ୱ ବିଲୀନ କରିଦିଏ । କିନ୍ତୁ ଈଶ୍ୱରଙ୍କ ଜ୍ଞାନ ମଧ୍ୟରେ ପ୍ରତ୍ୟେକ ଜୀବର ଯେ ବିଶେଷତ୍ୱ ଅଛି ତାହା ନିତ୍ୟ, ତାହା ଜୀବର ସାଧନାଦ୍ୱାରା ବିଲୁପ୍ତ ହୋଇପାରେ ନା । ଏହିପ୍ରକାର ମୁକ୍ତି ସାଧନାରେ ଜୀବ ନିଜ ଆଉ ନିଜକୁ ଲକ୍ଷ୍ୟ କରେ, କିନ୍ତୁ ଭଗବାନଙ୍କ ଆଉ ତାହାର ଲକ୍ଷ୍ୟ ନାହିଁ—ସେଇଠାରେହିଁ ଈଶ୍ୱରଙ୍କ ମଧ୍ୟରେ ଜୀବ ନିଜର ବିଶୁଦ୍ଧ ନିତ୍ୟ ରୂପ ଲାଭ କରି ମୁକ୍ତିପ୍ରାପ୍ତ ହୁଏ । ସେହି ଅବସ୍ଥାରେ ମନୁଷ୍ୟ କହିପାରେ ଯେ, ମୁଁ ସତ୍ୟ !

Digitized by srujanika@gmail.com



ଏ ବିଭାଗଟି କେବଳ ପାଠକମାନଙ୍କ ପାଇଁ । ଚିକିତ୍ସା-ଶାସ୍ତ୍ର ଓ ଚିକିତ୍ସା-ବିଜ୍ଞାନ ଛଡ଼ା ସାହିତ୍ୟ, ଶିଳ୍ପ, ଇତିହାସ, ଦର୍ଶନ, ବିଜ୍ଞାନ, ବାଣିଜ୍ୟ ଆଦି ଯେ କୌଣସି ବିଷୟରେ ପାଠକମାନଙ୍କର କିଛି ଜ୍ଞାତବ୍ୟ ଥିଲେ ତାହା ସେ ଏଥିରେ ପ୍ରଶ୍ନ କରିପାରନ୍ତି । ଗୋଟିଏ ସଂଖ୍ୟାରେ ଯାହା ପ୍ରଶ୍ନ ଥିବ ପରବର୍ତ୍ତୀ ସଂଖ୍ୟାରେ ତାହାର ଯଥାଶକ୍ତି ସନ୍ତୋଷଜନକ ଉତ୍ତର ପାଠକ ବା ସମ୍ପାଦକମଣ୍ଡଳୀ ଯାହାଙ୍କଠାରୁ ମିଳିବ, ଦିଆହେବ । ପ୍ରଶ୍ନ ଓ ଉତ୍ତରମାନ ଯଥାଶକ୍ତି ସଂକ୍ଷିପ୍ତ ହେବା ବାଞ୍ଛନୀୟ । ନାମ ପ୍ରକାଶରେ ଯାହାଙ୍କର ଆପତ୍ତି ଥିବ ସେ ସେକଥା ଆଗରୁ ଜଣାଇବେ । ଏ ବିଭାଗର ଆଗ୍ରହୀ ପାଠକମାନଙ୍କର ଏଇଟା ମନେରଖିବା ଉଚିତ ବିଶ୍ୱକୋଷ ବା Encyclopædia ର ଅଭାବ ପୂରଣ କରିବା ସାମୟିକ ପତ୍ରିକାର ସାଧ୍ୟାତୀତ । ସାଧାରଣ ସନ୍ଦେହ-ନିରସନ କରିବାକୁ ଏହା କ୍ଷୁଦ୍ର ଚେଷ୍ଟାମାତ୍ର । ଅନାବଶ୍ୟକ ବା ଅବାନ୍ତର ପ୍ରଶ୍ନ ଏଥିରେ ଛପାଯାଏନାହିଁ, କିମ୍ବା ଗ୍ରାହକ ନ ହେଲେ ପ୍ରଶ୍ନ ବା ଉତ୍ତର ମଧ୍ୟ ପତ୍ରିକାରେ ସ୍ଥାନ ଦିଆଯାଏନାହିଁ । କୌଣସି ବିଷୟ ନେଇ କ୍ରମାଗତ ବାଦ ପ୍ରତିବାଦ ଛାପିବାକୁ ଆମ୍ଭେମାନେ ଅକ୍ଷମ ।

—ସଂପାଦକ—

## ଜିଜ୍ଞାସା

୯

ସୂର୍ଯ୍ୟଙ୍କ ଆଡ଼କୁ କିଛିକ୍ଷଣ ଚାହିଁଲେ ଆଖି ଆଗରେ କିଛି ସମୟ ପର୍ଯ୍ୟନ୍ତ ଗୋଟିଏ ଗୋଲ କଳା ଛାଇ ଦେଖାଯାଏ । ଏହାର ଅର୍ଥ କ'ଣ ?

ରାଧାନାଥ ଷଡ଼ଙ୍ଗୀ ।

୧୦

ନୀଳଗିରି ଉତ୍କଳର ଜଳବାୟୁ ପକ୍ଷେ ସମ୍ଭବ କି ? ଯଦି ସମ୍ଭବ ତାହାର ଚାଷପ୍ରଣାଳୀ ଓ ମଞ୍ଜି ମିଳିବାର ଠିକଣା ଦୟାକରି ଜଣାଇବେ ।

ଜଣେ କୃଷି ।

୧୧

ବ୍ୟାଘ୍ର ଓ ମାର୍ଜାର ଜାତୀୟ ପ୍ରାଣୀମାନେ କି କାରଣରୁ ଅନ୍ଧକାର ମଧ୍ୟରେ ମଧ୍ୟ ଅତି ସହଜରେ ଯାତାୟାତ କରିପାରନ୍ତି; ମନୁଷ୍ୟ ବା ତାହା କରିପାରେ ନାହିଁ କାହିଁକି ?

ନାରାୟଣ ପଟ୍ଟନାୟକ, ଅନୁଗୋଳ ।

୧୨

ଗୀତଗୋବିନ୍ଦ-କାର ଜୟଦେବଙ୍କ ଜନ୍ମସ୍ଥାନ ଉତ୍କଳରେ କି ? ଯଦି ଉତ୍କଳରେ ହୋଇଥାଏ କେଉଁ ଗ୍ରାମରେ ଏବଂ କେଉଁ ଶତାବ୍ଦୀରେ ।

ଅନନ୍ତଚରଣ ପଣ୍ଡା ।

୧୩

ଶୀତଦିନେ କାଠ ଅପେକ୍ଷା ଲୁହା ଜାତୀୟ ଧାତୁ ପଦାର୍ଥମାନ ହାତକୁ ବେଶି ଥଣ୍ଡା ଲାଗେ କାହିଁକି ?

ଗୋପାଳ ବ୍ରହ୍ମା ।

୧୪

ଭାରତୀୟ ସଙ୍ଗୀତର 'ମୀଡ଼୍' ଓ 'ଗମକ' କାହାକୁ କହନ୍ତି ? ଭାରତ ଛଡ଼ା ଅନ୍ୟାନ୍ୟ ଦେଶର ସଙ୍ଗୀତରେ ଏପ୍ରକାର 'ମୀଡ଼୍' ନାହିଁ ବୋଲି ଶୁଣାଯାଏ—ଏକଥା କେତେଦୂର ସତ୍ୟ, କେହି ଦୟାକରି ଲେଖିଲେ ବାଧିତ ହେବି ।

ଶିକ୍ଷାର୍ଥୀ ।

୧୫

ଲୁଟୀରଟିଲ୍ସ ହିସାବରେ 'ଦ୍ୱାଅଣିକିଆ' ପଦ୍ଧତିରେ କାହିଁକି ଗଣାଯାଏନାହିଁ ଅନୁଗ୍ରହକରି ମୋର ଏ ପ୍ରଶ୍ନର କେହି ସଦୁତ୍ତର ଦେବେ ।

ଗଣପତି ପତି, ଗଞ୍ଜାମ



Digitized by srujanika@gmail.com

୧୬

ସଂସ୍କୃତ ବିଧବା-ବିବାହ ସପକ୍ଷରେ ନାନାପ୍ରକାର ଯୁକ୍ତି ବାହାରୁଅଛି, ତତ୍‌ସମ୍ବନ୍ଧେ କେହି ମୋର କେତେକଟି ପ୍ରଶ୍ନର ସଯୌକ୍ତିକ ଉତ୍ତର ପ୍ରଦାନକରି ବାଧିତ କରିବେ ।

(ପୁରୁଷ ଜୀବିତ ଥାଇ ସ୍ତ୍ରୀକୁ ତ୍ୟାଗ କରିବାର ପ୍ରଥା ବ୍ରାହ୍ମଣ ବ୍ୟତୀତ 'ଦ୍ୱିତୀୟବାର ବିବାହ ପ୍ରଚଳିତ' ଅନ୍ୟ ବର୍ଣ୍ଣମାନଙ୍କର ଅଛି । ପୁରୁଷ ମୃତ ହେଲେ ସ୍ତ୍ରୀ ମଧ୍ୟ ଦ୍ୱିତୀୟବାର ବିବାହ କରିଥାଏ, କିନ୍ତୁ ବ୍ରାହ୍ମଣଙ୍କ ମଧ୍ୟରେ ଏ ପ୍ରଥା ଏ ପର୍ଯ୍ୟନ୍ତ ପ୍ରଚଳିତ ହୋଇନାହିଁ ।)

୧—ବ୍ରାହ୍ମଣ କନ୍ୟା ବିଧବା ହେଲେ ମଧ୍ୟ ସେ ବିବାହ କରିଥିବା ସ୍ୱାମୀର ଗୋତ୍ରାନ୍ତର୍ବର୍ତ୍ତୀ ହୋଇଥାଏ, ସେ କେଉଁ ପ୍ରଥା ଅନୁସାରେ ପୂର୍ବ ସ୍ୱାମୀ ଗୋତ୍ରରୁ ବହିର୍ଗତହେବ ଯେ ସେ ପତ୍ୟନ୍ତର ଗ୍ରହଣ କରିବ ?

୨—ଦ୍ୱିତୀୟବାର ବିଧବା-ବିବାହର ବିବାହପଦ୍ଧତି ପ୍ରାଚୀନ କର୍ମକାଣ୍ଡ-କର୍ତ୍ତାଙ୍କଦ୍ୱାରା ଅବିଷ୍କୃତ ହୋଇଥିଲା, କି ଏବେ ନୂତନ ହୋଇ ଅବିଷ୍କୃତ ହେବ ?

୩—ବିଧବା କନ୍ୟାକୁ ଯେ ଗ୍ରହଣ କରିବ ଓ ସେ ତତ୍ ସମ୍ପର୍କରେ ବର୍ଣ୍ଣସଙ୍କର ସୃଷ୍ଟି କରିବ କି ନାହିଁ?

୪—ବିଧବା କନ୍ୟା ପତ୍ୟନ୍ତର ଗ୍ରହଣରେ । ପୈତୃକ ପିଣ୍ଡଲାଭ ଉପଯୁକ୍ତ କି ନା ?

୫—ଶୂଦ୍ରବର୍ଣ୍ଣ ମଧ୍ୟରେ ଦ୍ୱିତୀୟା ସ୍ତ୍ରୀ ମଧ୍ୟ ପିଣ୍ଡର ଭାଜନ ନୁହେ—ବ୍ରାହ୍ମଣର ହେବ ବା କିପରି ?

ଶ୍ରୀ ଗୋବିନ୍ଦଚନ୍ଦ୍ର ତ୍ରିପାଠୀ କାବ୍ୟତୀର୍ଥ
ପ୍ରିଣ୍ଟିଂକମ୍ପାନୀ—କଟକ ।

# ମୀମାଂସା

୧

ବାଳକମାନେ ବାଳିକାମାନଙ୍କ ଅପେକ୍ଷା ଅଧିକ ବଳଶାଳୀ ହୁଅନ୍ତି କାହିଁକି—

ପ୍ରାଣୀଜଗତ୍‌ମଧ୍ୟରେ ଯେଉଁମାନଙ୍କ ଭିତରେ Dual Living ଦ୍ୱୈତଜୀବନର ପ୍ରାବଲ୍ୟ ପରିଲକ୍ଷିତ ହୁଏ ତାହାର ମୂଳରେ Interdependence ନୀତି ବିଦ୍ୟମାନ । ଗୋଟିଏ ଅନ୍ୟଟିର ସାହାଯ୍ୟ ବ୍ୟତିରେକେ ଚଳିପାରିବନାହିଁ ଏହାହିଁ Interdependence ମୂଳଭିତ୍ତି । ମନୁଷ୍ୟ ଦ୍ୱୈତଜୀବନର ପକ୍ଷପାତୀ, ତେଣୁ ସନ୍ତାନ ପ୍ରତିପାଳନ ଓ ଗୃହବସ୍ତୁର ରକ୍ଷଣାବେକ୍ଷଣପାଇଁ ଯେ ପରିମାଣରେ ଦୈହିକ ସାମର୍ଥ୍ୟ ଲୋଡା—ସ୍ତ୍ରୀ ସେତିକିପାଇଁ ପୁରୁଷ ଉପରେ ସମ୍ପୂର୍ଣ୍ଣ ନିର୍ଭରକରେ—ଫଳତଃ ଅନାବଶ୍ୟକ ଦୃଷ୍ଟିରେ ସ୍ତ୍ରୀ ଦେହରେ ପୁରୁଷ ଅପେକ୍ଷା ବଳର ଅଳ୍ପତା ଦେଖାଯାଏ ।

ଉପେନ୍ଦ୍ରକିଶୋର ଦାସ ।

୧

ବାଳକମାନେ ବାଳିକାମାନଙ୍କ ଅପେକ୍ଷା ଅଧିକ ବଳଶାଳୀ ହୁଅନ୍ତି କାହିଁକି—

ସ୍ତ୍ରୀ ଅପେକ୍ଷା ପୁରୁଷ କାହିଁକି ଅଧିକ ବଳଶାଳୀ ଏକଥା ବୁଝିବାକୁ ହେଲେ ମାନବର ଆଦିମ ଇତିହାସ ଆଡ଼କୁ ଦୃଷ୍ଟି ଦେବା ପ୍ରୟୋଜନ । ପୂର୍ବକାଳରେ ପୁରୁଷମାନେ ପ୍ରାୟ ମୃଗୟା ଓ ବନ୍ୟହାତୀ ଧରି କାଳାତିପାତ କରୁଥିଲେ, କାରଣ କୃଷି ନଥିବାରୁ ସେତେବେଳେ ପୁରୁଷର (Struggle for existance) ଜୀବନ-ଦ୍ୱନ୍ଦ୍ୱର ପ୍ରୟୋଜନ ହେଉଥିଲା । ସେତେବେଳେ ସନ୍ତାନ ପ୍ରତିପାଳନ ଆଦି ସଂସାରର ଅପେକ୍ଷାକୃତ ସହଜସାଧ୍ୟ କାର୍ଯ୍ୟମାନ ସ୍ତ୍ରୀ ଜାତିଉପରେ ନ୍ୟସ୍ତ ଥିଲା । ପ୍ରାକ୍ତନର ଏହି ଅଭ୍ୟାସ ପୁରୁଷାନୁକ୍ରମେ ଗଢ଼ିଆସି ପୁରୁଷକୁ ସ୍ୱଭାବତଃ ବଳଶାଳୀ ଓ ସ୍ତ୍ରୀ ଜାତିକୁ ଅପେକ୍ଷାକୃତ ଦୁର୍ବଳ କରିଅଛି ।

ଶ୍ରୀ ଗଙ୍ଗାଧର ଦ୍ୱିବେଦୀ, ଛେଣ୍ଡିପଦା ।

୨

ହାତକଟା ସୂତା—

ଅରୁଆ ଚାଉଳ ତୋରାଣିରେ ହାତକଟା ସୂତାକୁ ବୁଡ଼ାଇରଖିଲେ ତାହା କେତେକ ପରିମାଣରେ ଦୃଢ଼ ହୁଏ । ତେଲଙ୍ଗା ତନ୍ତିମାନେ ସୂତା ମାଜିବା ପୂର୍ବରୁ ତାକୁ କି ପ୍ରକାର ପାଣିରେ ବୁଡାଇ କାମ କରନ୍ତି ସେଇଟା ବୁଝିବା ପ୍ରୟୋଜନ । ଏହି ପ୍ରକ୍ରିୟାଦ୍ୱାରା ସୂତା ଯଥେଷ୍ଟ ମଜବୁତ୍ ହୁଏ ବୋଲି ପ୍ରକାଶ ।

ଜଣେ ଖଦଡ଼ ଭକ୍ତ ।

୩

ମ୍ୟାଲେରିଆର ପ୍ରତିକାର—

ବଡ଼ ଗୁରୁତର ପ୍ରଶ୍ନ । ପ୍ରଶ୍ନକର୍ତ୍ତା ଅଳ୍ପ ପରିସର ମଧ୍ୟରେ ଅନେକ କଥା ଏକାବେଳେକେ ଜାଣିବାକୁ ଚାହିଁଅଛନ୍ତି । ତେବେ ସଂକ୍ଷେପରେ ସେ ବିଷୟରେ ଦୁଇ ଚାରି କଥା ଲେଖିବାରେ ପ୍ରୟାସୀ ହେଲି । ପ୍ରକୃତ

Digitized by srujanika@gmail.com

କଥା କହିବାକୁ ଗଲେ ମ୍ୟାଲେରିଆ ଜ୍ୱରର ଯେପରି କିଛି ଉତ୍କୃଷ୍ଟ ଦେଶୀୟ ଔଷଧ ନାହିଁ, କାରଣ ଏ ଜ୍ୱର ଭାରତ ପକ୍ଷରେ ଅଧୁନିକ । କବିରାଜମାନେ ଯଦିଓ ଏହାକୁ 'ବିଷମଜ୍ୱର' ଆଖ୍ୟା ଦେଇ ଏହାପାଇଁ ନାନା 'ରସ'ର ବ୍ୟବସ୍ଥା କରିଥାନ୍ତି ପ୍ରକୃତପକ୍ଷେ ସମସ୍ତେ ପ୍ରତ୍ୟକ୍ଷରେ ହେଉ ବା ପରୋକ୍ଷରେ ହେଉ କୁଇନାଇନର ଆଶ୍ରୟ ନେଉନ୍ତି । ମ୍ୟାଲେରିଆ ଉପରେ କୁଇନାଇନର ପ୍ରଭାବ ଅପରିସୀମ । କିନ୍ତୁ କୁଇନାଇନର ମ୍ୟାଲେରିଆ ଦମନ ଗୁଣ ଥିଲେ ସୁଦ୍ଧା ଶରୀର ପକ୍ଷେ ଏହା ଅପକାରୀ । ଖାଦ୍ୟ ଶ୍ରେଣୀର ବହିର୍ଭୂତ ଯେ କୌଣସି ପଦାର୍ଥ ଶରୀର ପକ୍ଷେ ଅପକାରୀ, ଏକଥା ବିଚକ୍ଷଣ ଓ ବହୁଦର୍ଶୀ ଚିକିତ୍ସକମାନେ ମଧ୍ୟ ସ୍ୱୀକାର କରନ୍ତି । କୁଇନାଇନ ଜ୍ୱରର ଉପଶମ କରିପାରେ କିନ୍ତୁ ସଙ୍ଗେ ସଙ୍ଗେ ଦେହ-ଯନ୍ତ୍ରର ଆହୁରି କିଛି ଅନିଷ୍ଟ ମଧ୍ୟ କରେ ଯାହା ରୋଗିକୁ ଜ୍ୱରମୁକ୍ତ ହେବାପରେ ଭୋଗିବାକୁ ପଡ଼େ ।

ବର୍ତ୍ତମାନପ୍ରଚଳିତ ଚିକିତ୍ସା-ଶାସ୍ତ୍ର ଯେପରି ଦ୍ରୁତ ଉନ୍ନତିଶୀଳ ସେଥିରେ ମ୍ୟାଲେରିଆର ସବୁଠାରୁ ଉତ୍କୃଷ୍ଟ ଔଷଧ କଣ, ତାହା ନିଶ୍ଚୟ କରି କହିବା ଦୁରୂହ ତେବେ ମୋ ମତରେ 'ମଶକଦଂଶନ ନିବାରଣ' ମ୍ୟାଲେରିଆର ନିବାରକ ନହେଲେ ସୁଦ୍ଧା ସବୁଠାରୁ ଉତ୍କୃଷ୍ଟ ପ୍ରତିଷେଧକ । ବିଶୁଦ୍ଧପାଣି ପିଇବା ଓ ମଶାରିରେ ଶୋଇବା ପ୍ରତି ମ୍ୟାଲେରିଆକ୍ରାନ୍ତ ସ୍ଥାନମାନଙ୍କରେ ସର୍ବଦା ବାଧ୍ୟତାମୂଳକ ହେବା ଉଚିତ । କାରଣ ଆମେରିକାରେ ଶୁଣାଯାଏ କେତେକ ବର୍ଷପୂର୍ବେ ବସ୍ତର ମଶାଥିଲେ, ମ୍ୟାଲେରିଆ ମଧ୍ୟ ଥିଲା । ଆଜକାଲି ସେଠାରେ ଚେଷ୍ଟାକରି ସମସ୍ତ ମଶକକୁଳ ଧ୍ୱଂସ କରାଯାଇଛି, ଫଳରେ ସେ ଦେଶରେ ମ୍ୟାଲେରିଆ ମଧ୍ୟ କ୍ୱଚିତ୍ ଦେଖିବାକୁ ମିଳେ ।

୪

ମ୍ୟାଲେରିଆର ପ୍ରତିକାର—

ଡାକ୍ତର ବୁକ୍ ( Brooke ) କହନ୍ତି—ଲୁଣ ମ୍ୟାଲେରିଆ ଜ୍ୱରର ଗୋଟିଏ ପ୍ରଧାନ ଔଷଧ । ଏହା ସେ ଦକ୍ଷିଣ ଆମେରିକାର ମ୍ୟାଲେରିଆଗ୍ରସ୍ତ ଅଞ୍ଚଳମାନଙ୍କରେ ବହୁବର୍ଷ ଧରି ପରୀକ୍ଷାକରି କୃତକାର୍ଯ୍ୟ ହୋଇଅଛନ୍ତି । ସେ କହନ୍ତି ଦକ୍ଷିଣ ଆମେରିକାରେ ଜ୍ୱର, ପାଳିଜ୍ୱର ଓ ସନ୍ନିପାତ ପ୍ରଭୃତିରେ କେବଳ ଲୁଣ ବ୍ୟବହାରକରି ସେ ୨୪ ଘଣ୍ଟା ମଧ୍ୟରେ ରୋଗୀକୁ ରୋଗମୁକ୍ତ କରିଅଛନ୍ତି । ସେ କହନ୍ତି ପଗାଲୁଣ ( Kitchen Salt ) ଏକରୁ ଦୁଇ ଗ୍ରାମର ଅନ୍ଦାଜ ଭାଜିଦେଇ ଏହା ନାଲିଆଚିଆ ( Brown ) ହେବା ପର୍ଯ୍ୟନ୍ତ ଭାଜିବ । ଗୋଟିଏ ଗ୍ଲାସରେ ଗରମ ଜଳରେ ଏହି ଲୁଣ ପକାଇ ମିଳାଇଦେଲେ, ସକାଳେ ଖାଲିପେଟରେ ଜ୍ୱର ନ ଥିବା ବେଳେ ଖାଇବ, ପରେ ୨୪ ଘଣ୍ଟା ପର୍ଯ୍ୟନ୍ତ ରୋଗୀକୁ କିଛି ଖାଇବାକୁ ଦେବନାହିଁ । ଏଥିରେ ରୋଗୀ ଆରୋଗ୍ୟଲାଭ କରିବ ।

ବାଞ୍ଛାନିଧି ତ୍ରିପାଠୀ, ମଣିକଙ୍ଗ

୫

ରକ୍ତାମାଶୟର ପ୍ରତିକାର—

ରକ୍ତାମାଶୟର ପରୀକ୍ଷିତ ଚୁଟ୍‌କା ଅନେକ । ସେଥିରୁ ସବୁଠାରୁ ସହଜ ଓ କାର୍ଯ୍ୟକାରୀ କେତୋଟି ଦିଆଗଲା—

୧ । ରକ୍ତାତିସାରରେ ଯଦି ଅମଶୂଳ ଓ ମଳର କାଠିନ୍ୟ ଥାଏ ତେବେ କଞ୍ଚାକଦଳୀ ପୋଡାରେ ଗୁଡ଼ ମିଶାଇ ଖାଇବାକୁ ଦେବ ।

୨ । ଆମ୍ବ ଜାମୁ ଓ ଅଁଳାର କୋମଳପତ୍ର ସମାନ ଭାଗରେ ଏକତ୍ର ପେଷଣକରି ତାହାର ରସ ମଧୁ ଓ ଛାଗଦୁଗ୍ଧ ଅନୁପାନରେ ସେବନକଲେ ରକ୍ତାତିସାର ପ୍ରଶମିତ ହୁଏ ।

୩ । ରକ୍ତାତିସାର, ରକ୍ତାମାଶୟ, ରକ୍ତାର୍ଶ, ଅଧୋଗ ରକ୍ତପିତ୍ତ ଓ ରକ୍ତପ୍ରଦର ରୋଗରେ ପିତ୍ତାଙ୍କୋଳଥ ତୈଳର ଉଷ ଅଗ୍ନିରେ ପାକକରି ଘନହେଲେ ଦହିରେ ଜାଇଫଳ ଘୋର ପିଇଲେ ଅସାଧ୍ୟ ରକ୍ତାତିସାର ସାଧ୍ୟ ହୋଇଥାଏ ।

ଧନଞ୍ଜୟ ଈଶ୍ୱରନ୍ ଶାସ୍ତ୍ରୀ, ବାଠ-ଗାଁ

୬

ଲୁହାଯୋଡ଼ିବା ଅଠା—

କଣ ଦଳ ୨ ଭାଗ, ଗନ୍ଧକ ୧ ଭାଗ ଓ ଲୁହାଗୁଣ୍ଡ ୧୬ ଭାଗ ଅଳ୍ପ ଜଳରେ ମିଳାଇ, ଲେହୁପରି ହେଲେ ସେଥିରେ ଲୁହା କଳସ ଯୋଡା ଯାଇପାରେ ।

ଗୌରଶ୍ୟାମ ଦାସ

୭

ଗିରଲ୍ ଓ ଲଥାର୍ଜ (Litharge) ସମ ପରିମାଣରେ ମିଶାଇଦେଲେ ଲୁହାକୁ ଲୁହା ଯୋଡ଼ିବାର ଉତ୍କୃଷ୍ଟ ଅଠା ପ୍ରସ୍ତୁତହୁଏ ।

କଲେଜ ଛାତ୍ର

୭

G. R. I. ର ଅର୍ଥ Gorgie Regii Indica ଏହା ସତନ, ଇଂରାଜୀ କଥ ନୁହେ । ଅର୍ଥ George Ruler of India.

ଗୋଲୋକନାଥ ମହାପାତ୍ର



Digitized by srujanika@gmail.com




# ବିଦୁଲା ଦେବୀ ।

ଶ୍ରୀ ଜଗବନ୍ଧୁ ସିଂହ ।

ନା ଜାଗିଲେ ସବୁ ଭାରତ-ରମଣୀ
ଜାଗିବ ନାହିଁଟି ଏ ଭାରତ ପୁଣି
ଜାଗ ମାତା ଜାଗ କନ୍ୟା ବା ଭଗିନୀ
ହୁଅ ବୀରଜାୟା ବୀରପ୍ରସବିନୀ
ସ୍ତନ୍ୟ ଦୁଗ୍ଧ ଯେବେ ଦିଅ ଜନନୀ
ଶୁଣାଅ ସନ୍ତାନେ ବିକ୍ରମ-କାହାଣୀ
ବୀର ଗୁଣ ଗାଥା ବୀର କୀର୍ତ୍ତିବାଣୀ
ବୀର ଗର୍ବେ ନାଚୁଥିଉ ତା ଧମନୀ
ନ କଲେ ଏ ବ୍ରତ ଭାରତ-ଜନନୀ
ଜାଗିବ ନାହିଁଟି ଏ ଭାରତ—ବାଣୀ ।

ଗୃହ ଲକ୍ଷ୍ମୀ ଭଉଣୀମାନେ ! କେତେକାଳ ଅନ୍ତଃପୁର ଅଜ୍ଞାନ ଅନ୍ଧାରପୂର୍ଣ୍ଣ ରହିଥିବ କେତେକାଳ ଅନ୍ତଃପୁରରେ ଅଲକ୍ଷ୍ମୀ ବାସ କରିଥିବ କେତେକାଳ ଅନ୍ତଃପୁରମାନ ଆବର୍ଜନାରେ ପୂର୍ଣ୍ଣ ଥିବ ? କେତେକାଳ ଉପନ୍ୟାସ ପଢ଼ି ଅନ୍ତଃପୁରର ଅଲଙ୍କାର ହୋଇ ରହିଥିବ କେତେକାଳ ଆଳସ୍ୟରେ କାଳ କାଟିବ ? କେତେକାଳ ପିଲାଙ୍କ ଗୋଲବସର କରି ବାଇ ତାଙ୍କ ଜୀବନ ମାଟି କରିବ ? କେତେକାଳ ଭୂତ ପ୍ରେତ କଥା କହି ପିଲାଙ୍କୁ ଡରାଇ ଥରାଇ ରଖିବ ? କେତେକାଳ ଆକାଶକୁସୁମ ଗଳ୍ପ କହି ପିଲାମାନଙ୍କୁ ମିଥ୍ୟାରେ ଭୁଲେଇ ରଖିବ ? କାଳରେ ବୀରସନ୍ତାନ କେବେ ଜନ୍ମିବେନାହିଁ ? କୁମ୍ଭାର ଚକରେ କାଦୁଅହାଣ୍ଡି ଗଢ଼ ହୋଇ ତାକୁ ବଡ଼ାଏ କରେ ! ପିଲାମାନେ କଞ୍ଚା ହାଣ୍ଡି, ମାତା ସେହି କୁମ୍ଭାରର ଚକ । ମାତାମାନେ ଅତି ପିଲା-କାଳରୁ ଶିଶୁମାନଙ୍କୁ ଯେପରି ଶିକ୍ଷା ଦେବେ ସେମାନେ ସେହିପରି ଗଢ଼ି ହୋଇଯିବେ । ମାତା ଯେପରି ଶିକ୍ଷାଦେବ ପିଲାର ଭବିଷ୍ୟତ ଜୀବନ ସେହିପରି ହେବ । ମାତା ପୁତ୍ରର ପରମ ଗୁରୁ । ପୁଅ ଭଲ ଲୁଗା ଖଣ୍ଡେ ପିନ୍ଧିବ, ଆଉ ଅଲଙ୍କାର ଲଗାଇବ, ଛପଟକଣିଆ ହୋଇ ଦାଣ୍ଡକୁ ବାହାରିବ, ଥରକୁ ପାଞ୍ଚଥର ଖାଇବ ଏସବୁ କାର୍ଯ୍ୟରେ ମାତାମାନଙ୍କର ବେଶ୍ ମନ ଥାଏ । ପୁଅକୁ କିଏ ଯଦି କହିଲେ ପୃଥିବୀ ଟଳମଟଳ କରି ପକାଏ । ପୁଅ ଦିନେ ବିଦେଶ ଗଲେ ମା ଆଖିରେ ଲୁହ ରହେନାହିଁ, ପୁଅ ମୂର୍ଖ ହେଉ ପଛକେ ମାତାର କାନ ପଣନ୍ତରେ ଗୋଇଣ୍ଠିଆ ହୋଇଥିଲେ ମା ମନରେ ବଡ଼ ଆନନ୍ଦ । ଏସବୁ କି ଣ ମାତାର କାର୍ଯ୍ୟ ! ଏସବୁ ଗେଲବସରିଆ ବ୍ୟବହାର ଦ୍ୱାରା ପୁଅମାନଙ୍କ ଚରିତ୍ର କିପରି ହେଉଛି ମାତାମାନେ ଟିକିଏ ଭାବି ଦେଖିଲ ?

"କୋଣ କରିଥାଏ ମାଇପ ଅଟେ
ଗୋଡ଼ ନ ପଡ଼ିଇ ଯାଇଥା ଅଟେ ।"

ବର୍ତ୍ତମାନ ଯୁଗରେ ଆମ ଦେଶର ଯୁବକମାନେ ଏହି ପ୍ରକାରର । ଯେତେ ଧମକ, ଚମକ, ଗାଲୁ, ଭୁରୁଡ଼,



Digitized by srujanika@gmail.com

ବାହାଦୁରୀ, କଥାଚାତୁରୀ ମାଇପଙ୍କ ଆଗେ ଦେଖାଇ ଆପଣା ବାବୁପଣର ଠମକ ବଜାନ୍ତି । କିନ୍ତୁ କେହି ଶତ୍ରୁ ଆସି ପହଞ୍ଚିଲେ ହେଁ ଯୋଡ଼ହୋଇ ହାଣ୍ଡି ତଳେ ଲୁଚନ୍ତି । ଆପଣାଠାରୁ ତଳଶ୍ରେଣୀର ଲୋକଙ୍କ ଆଗେ ଯେତେ ବାକ୍‌ଚାତୁରୀ କରିପାରନ୍ତି ସେମାନେ ଶୁଣି ବାବୁମାନଙ୍କୁ ଧନ୍ୟ ଧନ୍ୟ କରନ୍ତି, ମନେକରନ୍ତି ବାବୁମାନଙ୍କର କେତେ ବୁଦ୍ଧି ! କେତେ କଥା ତାଙ୍କୁ ଜଣାଅଛି ! କିନ୍ତୁ ବୁଝନ୍ତି ଯେ ଏ ଗୁଡ଼ାକ ଅକାଳକୁଷ୍ମାଣ୍ଡ ଦକଡ଼ାର ଫକୀରଙ୍କଠାରୁ ନିହାତି । କ୍ରମେ ପୁତ୍ର ସନ୍ତାନମାନେ ଏହି ଛାଞ୍ଚରେ ଗଢ଼ାହେଉଛନ୍ତି । ଏଥିରେ ଦୋଷୀ କିଏ ? ଗୁଣୀ ଗଣନା-ସମୟରେ ଯେଉଁ ପୁତ୍ରର ନାମରେ ଗାର ପଡ଼େନାହିଁ ସେ ପୁତ୍ରର ମାତା ପୁତ୍ରବତୀ ନୁହେ । ମାତା ଅଂଶୁକୁଡ଼ୀ ହେବପଛକେ ଏପରି ପୁଅ ହେଉ ବୋଲି କାମନା କରିବନାହିଁ । ଯେଉଁ ଦେଶରେ ଭୀମ ଅର୍ଜୁନ କର୍ଣ୍ଣପରି ପୁତ୍ର ଜନ୍ମ ହେଉଥିଲେ ସେହି ଦେଶ ଆଜି ନିର୍ବୀର୍ଯ୍ୟ, ନୀରସ, ସନ୍ତାନ ଜନ୍ମକରି କେବଳ ଲୋକସଂଖ୍ୟା ବୃଦ୍ଧି କରିବା ଛଡ଼ା ଆଉ ଅଧିକ କ'ଣ କରୁଛି ! ଆଜି ମାତା ମନେକରେ ପୁଅଟିଏ ବଞ୍ଚିଥିଲେ ହେଲା; ପୁଅ ଆଗରେ ଧନସରିଗଲେ ମାତା ବୈକୁଣ୍ଠରେ ବସିବ; ପୁଅ ମୁଖାଗ୍ନିଦେଲେ ମାତାକୁ ମୋକ୍ଷ ମିଳିଲା । ଏହି ଚିନ୍ତାକଲେ କ'ଣ ମାତାର କର୍ତ୍ତବ୍ୟ ଶେଷ ହେଲା ? ଭାରତରେ ବିଦୁଲାଦେବୀଙ୍କପରି ମାତାଥିଲେ ଏବଂ ସଞ୍ଜୟପରି ପୁଅ ଥିଲେ । ଆଜି ସେ ଯୁଗ ନାହିଁ ମାତ୍ର ଇତିହାସ ଅଛି, ପ୍ରାଚୀନ ପୁରାଣ ଅଛି । ଆଜି ମହାଭାରତ ଘରେ ଘରେ ପାଠ ହେଉଛି । ମହାଭାରତରେ ଯାହା ଲେଖାଅଛି ସେ ସବୁ କେବଳ କବିକଳ୍ପନା ନୁହେ । ସେ ସବୁ ସତ୍ୟଘଟଣା । ପଛକୁ ଚାହିଁ, ଆମଘରେ କ'ଣ ପୁରୁଣା ଜିନିଷ ଅଛି, ଆପଣାକୁ ପୁରୁଣାଛାଞ୍ଚରେ ଢାଳ । ପୁରୁଣା ଲୋକଙ୍କ ଚରିତ୍ରକୁ ଅନୁକରଣ କର । ଅଳିଆଥିଲେ ପକାଇଦିଅ, ସାର ବାଛି ରଖ । ନୂଆଛାଞ୍ଚରେ ଢାଳହୋଇ ମୟୂରପୁଚ୍ଛ ଧାରୀ କାକ ହୁଅନାହିଁ । ବିଚାରୁଛ ସାହାବାଣୀଙ୍କ ପରି ଲୁଗାପଟା ପିନ୍ଧି ପରଦାଖୋଲି ବାଣ୍ଡରେ ବୁଲିଲେ ଦେଶ ସ୍ୱର୍ଗକୁ ଉଠିଯିବ ? ବିଚାରୁଛ ସ୍ତ୍ରୀ ସ୍ୱାଧୀନତା ପାଇଲେ ଭାରତ ବୈକୁଣ୍ଠକୁ ଯିବ ? ବିଚାରୁଛ ଉପନ୍ୟାସ ପଢ଼ି ଦୋଳରେ ଶୋଇ ଗୃହିଣୀ ହେବ ? ବିଚାରୁଛ ବିଧବା ବିବାହହେଲେ ଗୃହ ସ୍ୱର୍ଗରେ ପରିଣତ ହେବ ? ବିଚାରୁଛ ସୁବର୍ଣ୍ଣ-ଅଳଙ୍କାରରେ ଦେହ ଛପରକରି ବାବୁପଣ ଦେଖାଇବ ? ବିଚାରୁଛ ହାଣ୍ଡିଶାଳକୁ ଗଲେ ଲୁଗାରେ କଳାଲାଗି ଅଲକ୍ଷ୍ମୀ ହୋଇଯିବ ? ବିଚାରୁଛ ସନ୍ତାନପାଳନ କାର୍ଯ୍ୟ-ଧାଈ ହାତେଦେଇ, ପୂଜାହାରିକି କ୍ଷମତାପତ୍ର ଦେଇ ଭାରତ ଉଦ୍ଧାରକରିବ ? ଏପରି ନାନାଚିନ୍ତା ମନରେ-ଖେଳୁଛି । ନୂତନ ସଭ୍ୟତା କେତେ ବେଗ ଆଣି ଆମ ପୁରୁଷ ସ୍ତ୍ରୀ ଉଭୟଙ୍କ ଭିତରେ ପ୍ରବେଶ କରାଇ ଦେଲାଣି ! ଭଉଣୀମାନେ ମୋ କଥା ଶୁଣି ମୁହଁମୋଡ଼ ଦେବନାହିଁ । ମନରେ ଚିନ୍ତାକରି, ଭାବି ଦେଖ, ଆମେ କେଉଁଠୁ ଆସି କେଉଁଠି ଠିଆ ହେଲେଣି ! ଏହିକଥା ବୁଝାଇ ଦେବାପାଇଁ ଆଜି ତୁମ୍ଭମାନଙ୍କୁ ବିଦୁଲାଦେବୀ ଚରିତ କହିବି । ବିଦୁଲାକଥା ଶୁଣ; ସେ ତୁମ୍ଭମାନଙ୍କ ପରି ଜଣେ ହିନ୍ଦୁ ସ୍ତ୍ରୀ । ଆଜି ସ୍ୱର୍ଣ୍ଣାକ୍ଷରରେ ତାଙ୍କନାମ— ମହାଭାରତ ଉଦ୍ୟୋଗ ପର୍ବରେ ଲେଖାଅଛି । ଯେତେଦିନ ହିନ୍ଦୁଜାତିର ଚିହ୍ନଥିବ, ଯେତେଦିନ ପର୍ଯ୍ୟନ୍ତ ମହାଭାରତର ନାମ ଏ ପୃଥିବୀରୁ ଲୋପ ନ ହେବ, ତେତେଦିନ ବିଦୁଲାର କୀର୍ତ୍ତି-କାହାଣୀ ଲୋକେ ଗାଉଥିବେ । ଜୀବନ ମରଣ କିଛି ନୁହେଁ— ସମାନ । କୀର୍ତ୍ତି ମନୁଷ୍ୟକୁ ବଞ୍ଚାଇରଖେ । ଯଶହୀନ-ଲୋକ ମରେ । ଜନ୍ମହେଲେ ମରିବା ନିଶ୍ଚିନ୍ତ ଧ୍ରୁବ ସତ୍ୟ ? ସ୍ୱୟଂ ଭଗବାନ୍ ମୃତ୍ୟୁ ହାତରୁ ରକ୍ଷିପାରିବେନାହିଁ । "ମର୍ତ୍ତ୍ୟ ମଣ୍ଡଳେ ଦେହବହି, ଦେବତା ହୋଇଲେ ମରଇ" ମାତ୍ର ବିଦୁଲା ଆଜିପର୍ଯ୍ୟନ୍ତ ବଞ୍ଚିଛି । ଆଜି ଘରେ ଘରେ ତା ଚରିତ ପାଠ କରାଯାଉଛି । କି ଅଦ୍ଭୁତ ଚରିତ ! ମାତାର ପୁତ୍ରପ୍ରତି କି କଠୋର ଆଦେଶ !! ପ୍ରତ୍ୟେକ ମାତାର ଏପରି ହୃଦୟ ନହେଲେ ଏ ଭାରତ ବା ଉତ୍କଳ ଜାଗ୍ରତ ହେବନାହିଁ ।

ଜାଣିଥିବ ମହାଭାରତର ଯୁଦ୍ଧ କାହିଁକି ହେଲା । ଦୁର୍ଯ୍ୟୋଧନ ପାଣ୍ଡବମାନଙ୍କୁ ଭାଗ ଦେଲାନାହିଁ । କପଟରେ ପଶାଖେଳି ସେମାନଙ୍କ ରାଜଧନ ସମ୍ପତ୍ତି ଠକିକରି ନେଇଥିଲା । ଶ୍ରୀକୃଷ୍ଣ ପ୍ରଥମେ ଭଲଲୋକ କଲେ, ଦୁର୍ଯ୍ୟୋଧନକୁ କହିଲେ—ପାଣ୍ଡବଙ୍କୁ ପାଞ୍ଚଖଣ୍ଡ ଗ୍ରାମଦେଇ ଆଉସବୁ ଭୋଗକର । ଦୁର୍ଯ୍ୟୋଧନ ମାନିଲାନାହିଁ, କହିଲା ବିନା-

Digitized by srujanika@gmail.com

ଯୁଦ୍ଧରେ ସୂଚ୍ୟଗ୍ରରେ ଅଗ୍ରେ ଦେବନାହିଁ । ଏ ଅନ୍ୟାୟ କଥାରେ କି ଧର୍ମ ସହିବ ! ତେଣୁ ଯୁଦ୍ଧହେବାର ଠିକଣା ହେଲା । ଦୁଇପକ୍ଷ ଯେ ଯାହାର ଆୟୋଜନ କଲେ । ଦିନେ ଶ୍ରୀକୃଷ୍ଣ କୁନ୍ତୀଙ୍କ ନିକଟକୁ ଗଲେ, କୁନ୍ତୀ କିଏ ଜାଣିଛକି ? ପଞ୍ଚପାଣ୍ଡବଙ୍କ ମାତା । ଶ୍ରୀକୃଷ୍ଣ କୁନ୍ତୀଙ୍କି କହିଲେ " ଦୁର୍ଯୋଧନ ରଫା କରିବାକୁ ମଙ୍ଗିଲାନାହିଁ । ଯୁଦ୍ଧହେବ । ତୁମ୍ଭର ଏ ବିଷୟରେ କ'ଣ କହିବାର ଅଛି କହ ମୁଁ ଯାଇ ପାଣ୍ଡବଙ୍କୁ କହିବି ।"

କୁନ୍ତୀ—କେଶବ ! ରାଜା ଯୁଧିଷ୍ଠିରଙ୍କୁ କହିବ ପ୍ରତିଜ୍ଞା ଭଙ୍ଗ କରିବେନାହିଁ । ଏ ଅନ୍ୟାୟର ପ୍ରତିକାର ନ କଲେ ତାଙ୍କର ପ୍ରଜାପାଳନ ଧର୍ମ୍ମ ନଷ୍ଟହେବ । କ୍ଷତ୍ରିୟ ଧର୍ମ୍ମ ପ୍ରଜାପାଳନ କରିବା । ଭିକ୍ଷାବୃତ୍ତି ଅବଲମ୍ବନ କ୍ଷତ୍ରିୟ ପକ୍ଷରେ ସୁନ୍ଦର ନୁହେ । ଆପଣା ବାହୁବଳ—କ୍ଷତ୍ରିୟର ପ୍ରଧାନ ବଳ । ଭୁଜ ବଳରେ ରାଜ୍ୟରକ୍ଷା କରିବା କ୍ଷତ୍ରିୟର ଧର୍ମ୍ମ । ରାଜଧର୍ମ୍ମ ଅନୁସାରେ ଯୁଦ୍ଧକର, ପିତୃ ପିତାମହଙ୍କ ନାମ ଲୋପ କରନାହିଁ ଏବଂ ନିଜେ କ୍ଷୀଣପୁଣ୍ୟ ହୋଇ ନରକକୁ ଯାଅନାହିଁ । ହେ କେଶବ ! ମୁଁ ଏଠାରେ ବିଦୁଲା ସଞ୍ଜୟ ସମ୍ବାଦ କହୁଛି ଶୁଣ । ଶୁଣିବା ପରେ ଯାହା ଉଚିତ ମନେକରୁଛ କର ।

ପୁରାକାଳରେ ଜଣେ କ୍ଷତ୍ରିୟ ରମଣୀ ଥିଲେ । ତାଙ୍କର ନାମ ବିଦୁଲା, ତାଙ୍କର ପୁତ୍ରର ନାମ ସଞ୍ଜୟ । ସିନ୍ଧୁଦେଶ ରାଜାଙ୍କ ସଙ୍ଗେ ଯୁଦ୍ଧ କରି ସଞ୍ଜୟ ହାରିଗଲା । ଯୁଦ୍ଧରେ ହାରି ସଞ୍ଜୟ ବଡ ଦୁଃଖିତ । ଆଉ କିଛି ଆଶା ଭରସା ନ ଦେଖି ଅତି ଦୀନଭାବରେ ଘରେ ଶୋଇ-ରହିଲା, ମନରେ ସାହସ ନାହିଁ, ମୁଖରେ ହର୍ଷ ନାହିଁ, ହୃଦୟରେ ବଳ ନାହିଁ, କିଛି ବୁଦ୍ଧି ବାଟ ଦିଶୁନାହିଁ । କାହା-ଠାରୁ ପରାମର୍ଶ ନେବାକୁ ଲଜ୍ଜା ବୋଧ କରି ସଞ୍ଜୟ ନିରୁପାୟ ହୋଇ ଶୋଇରହିଲା । ଏହି ଅବସ୍ଥାରେ ସଞ୍ଜୟ ଶୋଇରହିଛି । ଏହି ସମୟରେ ବିଦୁଲା ଆସି ପୁତ୍ରର ଏପରି ଅବସ୍ଥା ଦେଖି ତାକୁ କହିଲେ—

ବିଦୁଲା—ରେ କୁଳାଙ୍ଗାର ସଞ୍ଜୟ ! ଏପରି ଶୋଇ ରହି ଶତ୍ରୁର ହର୍ଷବର୍ଦ୍ଧନ କରୁଛୁ କାହିଁକି ? ତୋର ଏ ଅବସ୍ଥା ଶୁଣିଲେ ଶତ୍ରୁ ହସିବ ସିନା ! ତୁ ମୋ ଗର୍ଭରେ କିମ୍ବା ପିତା ଔରସରେ ଜନ୍ମ ହୋଇନାହୁଁ । କେଉଁ ଅଜଣା ଦେଶରୁ ଆସିଛୁ ? ତୋ ଠାରେ କ୍ରୋଧନାହିଁ ! ତୁ ଅସଂଖ୍ୟ ନିର୍ବୀର୍ଯ୍ୟ ପୁରୁଷପରି ନିରାଶ ହୋଇ ଶୋଇ ୨ ଦିନ କଟାଉଛୁ କାହିଁକି ? ଉଠ, ଜାଗ୍ରତହୁଅ, କାର୍ଯ୍ୟକର, ଆପଣାକୁ ସାନ ବୋଲି ଅପମାନ ଦିଅନାହିଁ । ଅଳ୍ପରେ ସନ୍ତୁଷ୍ଟ ହେଉଛୁ କାହିଁକି ? ଡର ଭୟ କଣ ? ନିର୍ଭୟ ଚିତ୍ତରେ ମଙ୍ଗଳକର କାର୍ଯ୍ୟକର ?

ରେ କାପୁରୁଷ ! ଉଠ, ଶଯ୍ୟା ତ୍ୟାଗକର, ପରାଜିତ ହୋଇ କେତେକାଳ ଶତ୍ରୁର ଆନନ୍ଦ ବୃଦ୍ଧି କରିବୁ ଏବଂ ମିତ୍ରପକ୍ଷ ଲୋକଙ୍କୁ ଶୋକ ସାଗରରେ ଭସାଉଥିବୁ । ଛୋଟିଆ ନଦୀ ଅଳ୍ପ ପାଣିରେ ପୂରିଯାଏ, ମୂଷା ଅଞ୍ଜଳି ଅଳ୍ପ ପଦାର୍ଥରେ ପୂରିଯାଏ, ଭୀରୁ ଲୋକ ଅଳ୍ପ ଲାଭରେ ସନ୍ତୁଷ୍ଟ ହୁଏ । ରେ ଅଧମ, ଯେପରି କୁକ୍କୁରକୁ ସାପ କାମୁଡିଲେ ସେ କେବେ ନିଧନ ପ୍ରାପ୍ତ ହୁଏନାହିଁ, ସେପରି ଶତ୍ରୁଦ୍ୱାରା ପରାଜିତ ଅବସ୍ଥାରେ ମର ନାହିଁ, ଆପଣା ଆପଣା ବଳ ବିକ୍ରମ ତେଜ ପ୍ରକାଶକର । ତୋର କେହି ସାହାଯ୍ୟ ହୁଅନ୍ତୁ ବା ନ ହୁଅନ୍ତୁ ତୁ ଅକ୍ଷୋଭିତ ଶତ୍ରୁସଙ୍ଗେ ଲଢେଇ କରିବା କର୍ତ୍ତବ୍ୟ ।

ଶୋଇଛୁ କିମ୍ପାଇ ମଲାସାପ ପରି,
ଶୁଭୁନାହିଁକି ରେ ଅରି ତୁରୀ ଭେରୀ ।
ଅକ୍ଷୋଭିତ ଆଗ୍ରେ ରଣ-ଯେବେ ପଶ,
ପ୍ରକାରମ ଫଳେ ଜିଣି ରଖ ଯଶ ।
ମଧ୍ୟମ ଉପାୟ ଅଟେ ସିନା ସନ୍ଧି,
ଅଧମ ଉପାୟ ଅଟେ ଭେଦବୁଦ୍ଧି ।
ସବୁଠାରୁ ନୀଚ ଅଟଇଟି ଦାନ,
ନକର ମାନସ କରିବ ଏମାନ ।
ସବୁଠାରୁ ଶ୍ରେଷ୍ଠ ଉପାୟଟି ଦଣ୍ଡ,
ସାର କର ତାକୁ ନୁହ ଲଣ୍ଡଭଣ୍ଡ ।
କ୍ଷଣେ ହେଲେ ଜଳଉଠ ରେ ସନ୍ତାନ,
ଲୁହଲ ନରହ ତୁଷ ଅଗ୍ନିସମ ।
ଅତି ପରଚଣ୍ଡ ଅତି ମୃଦୁ ସ୍ୱତ,
ଭଜାଘରେ ନ ଜନମୁ କଦାଚିତ ।
କରମ କରେ ଯେ ରଣ-କ୍ଷେତ୍ରେ ଯାଇ,

Digitized by srujanika@gmail.com

ଧରମ ରଣରୁ ମୁକତ ଲଭଇ ।
ଲାଭ ହୁଏ ତାର ସକଳ କଲ୍ୟାଣ,
ଲାଭ ଲୋକସାନ ମଣେ ସେ ସମାନ ।
ତେଜ ଧନ ଆଶା ଯଶଲାଭ ଆଶେ,
ଯଥାଶକ୍ତି କର୍ମ୍ମ କରେ ନିରଳସେ ।
ହେ ପୁତ୍ର ଯେବେ ତୁ ପ୍ରକୃତ ସନ୍ତାନ,
ଦେଖାଅ ଦେଖାଅ ନିଜ ବୀରପଣ ।
ନାହିଁ ଯେବେ ତୋର ଏମନ ଶକତ,
ତେଜିଲେ ପତନ ହେବ ସଦଗତ ।
ଧରମକୁ ଛାଡ ରହିଲେ ଜୀବତ,
ଅକୀରତ ବାନା ଉଡବ ତୁରତ ।
ମରିଯିବା ଭଲ କି କାର୍ଯ୍ୟ ଜୀବନେ,
କେଉଁ ଆଶେ ଆଉ ରହିବୁ ତୁ ଖଣେ ।
ରେ କ୍ଲୀବ ! ଅକାଳକୁଷ୍ମାଣ୍ଡ ! ସନ୍ତାନ,
ଲଜ୍ଜିଛୁ ବିନାଶ ତୋ କୀରତିମାନ ।
ହରାଇଛୁ ରାଜ୍ୟ ହରାଇଛୁ ଧନ,
ମନୋବାଞ୍ଛା ସବୁ ଭଜିଛି ମଳିନ ।
କେଉଁ ଲାଭ ଆଶେ ଜୀବନ ଧାରଣ,
କରିରହିଛୁ ତୁ ଅଧମ ସନ୍ତାନ ?
ଥିବ ଯାର ବୁଦ୍ଧି ହେଲେହେଁ ପତନ,
ପଡିବ ବଇରୀ ବେକଧରି ଜାଣ ।
ବଢ଼ାଇ ଦ୍ୱିଗୁଣ ଉତ୍ସାହ ଉଦ୍ୟମ,
ଦ୍ୱିଗୁଣ ତେଜରେ କରୁଥିବ ରଣ ।
ସ୍ମର ନିଜ ଜାତି ସତ୍ତ୍ୱ ନିଜମାନ,
ସହସ୍ର ଗୁଣରେ କର ତୁ ଉଦ୍ୟମ ।
ତୋର ଦୋଷେ ତୋର କୁଳ ଯିବ ନାଶ,
ଉଦ୍ଧର ଏ କୁଳ ବାନ୍ଧ ତୁ ସାହସ ।
ଯାହାର କୀରତି ଚରିତ ମହତ,
ନ ଘୋଷେ ଏ ଲୋକ ମଣି ଅଦଭୁତ ।
ନୁହେ ସେ ପୁରୁଷ ଅଥବା ରମଣୀ,
ନ ଗଣେ କେ ତାକୁ ଶ୍ରେଷ୍ଠ ବୋଲେ ପୁଣି ।
ଅର୍ଥଲାଭ, ବିଦ୍ୟା, ତପ, ଦାନ, ସତ୍ୟ,
ଭୂଷଣେ ଭୂଷିତ ନ ହୁଏ ଯେ ସୁତ—
ମାତାର ସେ ସୁତ ଅଟେ ସିନା ମଳ,
ତାର ଜନମରେ କିଛି ନାହିଁ ଫଳ ।
ବିଦ୍ୟା ତପ ଧନ ସମ୍ପତ୍ତି ବିକ୍ରମ,
ବଳେ ଯେ ଆନକୁ ଟପାରେ କ୍ଷଣିମ ।
ସେହି ଏକା ସିନା ପୁରୁଷ ଉତ୍ତମ,
ଆନ କାପୁରୁଷ ମୂରୁଖ ଅଧମ ।
କୀଟାଠାରୁ ବଳ ନାହିଁ ହୀନ ବୃତ୍ତି,
ଧରି ଲଭିବୁ କି ଟପାରେ କୀରତି ?
ଶତ୍ରୁ ହସେ ଶୁଣି ଯାହାର ଚରିତ,
ଲୋକ-ସମାଜରେ ଯେହୁ ଅବଜ୍ଞାତ ।
ଯାର ନାହିଁ ଶକ୍ତି ନିଜ ବାହୁ ଜିତି,
ଖାଇବ ପିନ୍ଧିବ, ଅରଜିବ ଖିତି ।
ପରଲୋକ ଆଶ୍ରେକରି ନିଏ ଦିନ,
ନାହିଁ ବଳ ବୀର୍ଯ୍ୟ ନାହିଁ ପରାକ୍ରମ ।
ଏପରି ସନ୍ତାନ ହୋଇଲେ ଜନମ,
ବନ୍ଧୁବରଗର ସୁଖ ତଜେ ମନ ।
ଜାଣୁଛୁ ଏ ରାଜ୍ୟ ଛାଡିବା ନିମିତ,
ସକଳ ସମ୍ପଦ ହରାଇଛୁ ସୁତ ।
ଦୀନ ଭାବେ କାଳ କାଟି ଯିବ ପ୍ରାଣ,
ଦେଖୁଛୁ ମୁଠାଏ ନ ମିଳିବ ଅନ୍ନ ।
ରେ ସୁତ ମୋ ଗର୍ଭେ ଜନମିଲୁ ତୁହି,
ଅମଙ୍ଗଳକାରୀ କୁଳନାଶ ପାଇଁ ।
କଳିରୂପେ ହୋଇଅଛୁ ଅବତାର,
ନାଶିଲୁ ତୁ କୁଳ ଅଧମ କୁମର ।
ନିଦାବନ୍ତ ପରି କାଟିଲେ ତୁ ଦିନ,
ନ ଘୋଷିବେ କେହି ଭୁଲେ ତୋର ନାମ ।
ରମଣୀସମାନ କାଳ କାଟ ତୁହି,
ଧିକ ତୋ ଜନମ ନ ମଲୁ କପାଇଁ ।
ଲୁହାଠାରୁ ବଳ ଟାଣ କର ମନ,
ସିଂହପରି ରଣେ ଦେଖାଅ ବିକ୍ରମ ।

ଏପରି କଟୂକ୍ତି ଶୁଣି ସଞ୍ଜୟ କହିଲେ—ହଇଲେ ମା, ତୁ ଯାହା କହିଲୁ ସତ, ମୁଁ ଯୁଦ୍ଧ କରିବାକୁ ଯିବି । ଯୁଦ୍ଧରେ ମରିବି; ମୁଁ ତ ମଲେ ଗଲା—ତୁ ତ ଆଉ ମତେ ଦେଖିପାରିବୁ ନାହିଁ । ତୋର ଆୟୁ ଅଳଙ୍କାର ଭୋଗ, ରାଜ୍ୟ, ପୃଥିବୀରୁ କି ପ୍ରୟୋଜନ ? ତୋ ଜୀବନରେ ବା କି ପ୍ରୟୋଜନ ହେବ ?

Digitized by srujanika@gmail.com

ବଦୁଲା—ଅରେ ପୁଅ, ମନୁଷ୍ୟ ଜନ୍ମିଛି ଦିନେ ମରିବ । ଯେ ନଶରେ ହାତପକାଇ ମରି ନପାରିଲା ତାର ଜୀବନକୁ ଧିକ୍, ଶତଧିକ୍ । ସିଂହମର କାଳ କାଟି ମରି-ପାରିଲେ ଭଲ, ଘୁସୁରିପରି କେତେ ଲୋକ କାଳ କାଟି ନାହାନ୍ତି କି ? ଯେ ଲୋକ ଆପଣା ବାହା ପିଟି ପେଟ ପୋଷି ନପାରିଲା ଯେ ପର ପଦାରେ ଆଶ୍ରୟ ନେଇ ଆପଣା ଖାଇବା ପିନ୍ଧିବା ପାଇଁ ଭିକ୍ଷାର୍ଥୀ ହୋଇ ରହି ଆଳସ୍ୟରେ ଜୀବନ କଟାଇଲା, ତାର ଜୀବନର କି ମୂଲ୍ୟ ଅଛି ? ଫଳନ୍ତି ଗଛପରି ଯାହା ବାହୁତଳେ ବହୁତ ଆତ୍ମୀୟ ସ୍ୱଜନ ଆଶ୍ରୟ ନେଇ ନପାରିଲେ ସେପରି କୁଳାଙ୍ଗାର ପୁଅ ଥାଇ କି ଲାଭ, ନଥିଲେ ବା କି କ୍ଷତି ? ପରାନ୍ନଭୋଜୀ ହୁଅନାହିଁ, ଆପଣା ପରାକ୍ରମ ଦେଖାଅ । ଯାହାର ଶକ୍ତି ନାହିଁ ତାକୁ ସମସ୍ତେ ତ୍ୟାଗ କରନ୍ତି । ଆପଣା ଭୃତ୍ୟ ସେବକବର୍ଗ ମଧ୍ୟ ତାକୁ ତ୍ୟାଗ କରନ୍ତି । ତୁ ଶତ୍ରୁ ହାତ ପରାଜିତ ଏପରି ଅବସ୍ଥାରେ ଯେବେ କା-ପୁରୁଷ ପରି ଘରେ ଶୋଇରହୁ ତେବେ ଲୋକେ ଅତହୀନ ମନେ କରିବେ । ତୁ କ୍ଷତ୍ରିୟ ସନ୍ତାନ, କ୍ଷତ୍ରିୟ ନିଜ ବାହୁପିଟି ଜୀବନ ରକ୍ଷାକରି ନ ପାରିଲେ ଲୋକେ ତାକୁ ଷଣ୍ଢ ବୋଲି କହିଥାନ୍ତି, ମୋ କଥାରେ ତୋର ଅରୁଚି ହେଉଥିବ । କିନ୍ତୁ ଦେଖ ସିନ୍ଧୁରାଜା ଅଜର ଅମର ନୁହେ ଯେତେ ଏପରି ଅଳସୁଆ ଦେଖିଲେ ତୋ ପକ୍ଷ ଲୋକଙ୍କର ସାହସ ରହିବନାହିଁ ସେମାନେ ଯାଇ ଶତ୍ରୁସଙ୍ଗେ ମିଶିବେ । ପ୍ରଜାମାନେ ସିନ୍ଧୁରାଜା ପ୍ରତି ସନ୍ତୁଷ୍ଟ ନୁହନ୍ତି । ମାତ୍ର ଦେଖୁଛନ୍ତି ତୁ ଦୁର୍ବଳ, କା-ପୁରୁଷ, ତୋ ହାତରେ କିଛି କାମ ହେବନାହିଁ ତେଣୁ ସେମାନେ ସିନ୍ଧୁରାଜା ପକ୍ଷ ଛାଡୁନାହାନ୍ତି । ଶୀଘ୍ର ଗିରିଦୁର୍ଗକୁ ଯା, ସେଠାରେ ରହି ଶତ୍ରୁର କେଉଁଠି ଦୁର୍ବଳତା ଅଛି ଅନୁସନ୍ଧାନକର । ତୋ ନାମ ସଞ୍ଜୟ, କାହିଁ ତୋ ନାମରତ କିଛି ସାର୍ଥକତା ଦେଖୁନାହିଁ । ତୋ ନାମର ସାର୍ଥକତା କର । ତୋର ପିଲାବେଳେ ଜଣେ ବ୍ରାହ୍ମଣ ତୋ କପାଳ ଦେଖି କହିଥିଲା, ଏପିଲା ପ୍ରଥମେ ବିପଦରେ ପଡିବ ପଛକୁ ଭାରି ଭାଗ୍ୟବାନ୍ ହେବ । ମନେ ପଡୁଛି ମୋର ସେହି ବ୍ରାହ୍ମଣର କଥା । ଆଶାକରେଁ ତୋର ଜୟ ହେବ । ହେ ପୁତ୍ର ! ଯାହାର ଦୈନନ୍ଦିନ ଭୋଜନ-ସାମଗ୍ରୀ ଉପାର୍ଜନ-କରିବାର ଶକ୍ତି ନାହିଁ ତା'ଠାରୁ ବଳି ହୀନ ଲୋକ ଅଧମ ଲୋକ ଆଉ କିଏ ଅଛି ? ଦରିଦ୍ରତା ଏକପ୍ରକାର ମୃତ୍ୟୁ । ପତି ପୁତ୍ରର ନିଧନ ଅପେକ୍ଷା ଦରି-ଦ୍ରତା ଆହୁରି ଅଧିକ ଦୁଃଖ ଦିଏ । ମୁଁ କାଲି ରାଜରାଣୀ ଥିଲି, ତୁ ରାଜପୁତ୍ର ଥିଲୁ, କେତେ ଲୋକ ବଳାପରେ ଧନ କଟାଇଛୁଁ—ଆଜି ତୁ ଯେବେ ତୋ ସ୍ତ୍ରୀକି ଖଣ୍ଡେ ଲୁଗା ପିନ୍ଧାଇ ନ ପାରିବୁ, ମତେ ମୁଠାଏ ଖାଇବାକୁ ଦେଇ ନପାରିବୁ ତୋର ଜୀବନଧାରଣ ବୃଥା ହେବ ନାହିଁ କି ? ତୋର ଏହୀନ ଅବସ୍ଥା ଦେଖି ଦାସ ଦାସୀ ଚାଲିଯିବେ, ସେବାଏତ ଲୋକେ ସେବା ଛାଡିଯିବେ, ସ୍ନେହହତ ଆତ୍ମୀୟ ପ୍ରଭୃତି ତୋ କାର୍ଯ୍ୟରେ ମନ ଦେବେନାହିଁ । କାହିଁକି ସେମାନେ ତୋତେ ଖାତିର କରିବେ । ତୋଠାରୁ ତାଙ୍କର ପଇସାଏ ପାଇବାର ଆଶାନାହିଁ । ପାଉଥିଲେ ବୋଲି ସେବାରେ ହାଜର ଥିଲେ, ଏବେ ଦଣ୍ଡବତ ହେବେନାହିଁ । ଏପରି ଅବସ୍ଥାରେ ବଞ୍ଚିରହିବା କି ପ୍ରୟୋଜନ । ତୋର ପୂର୍ବ ଯଶ ପୂର୍ବ ଧନ ସମ୍ପତ୍ତି ନ ଦେଖିବା ଯାଏ ଶାନ୍ତ ରହିପାରିବି ନାହିଁ । କାଲି ବ୍ରାହ୍ମଣ ଆସି ମାଗିଲେ କପରି 'ନା' ବୋଲି କହିବି । ଘରର ଆଜ୍ଞାକାରୀ କେବେ ହୋଇନାହିଁ; କାହାକୁ କେବେ 'ନା' କହିନାହିଁ ବର୍ତ୍ତମାନ ଆଉ ଜଣକୁ ଆଶ୍ରାକରି ପେଟ ପାଳିବାକୁ ପଡିବ, ତେବେ ମୁଁ କେବେ ପ୍ରାଣ ଧାରଣକରି ରହିପାରିବିନାହିଁ । ପରଘରେ ଘୃତାନ୍ନ ମିଳିଲେ ମଧ ଯୋଗାଏନାହିଁ । ପରଓଳତଳେ ରହି ଖାଇ ପୋଟପୋଷିବା ଅପେକ୍ଷା ପ୍ରଣତ୍ୟାଗ କରିବା ଉଚିତ । ବିନାପରିଶ୍ରମରେ ଅନ୍ୟଉପରେ ନିର୍ଭରକରି ଯେଉଁମାନେ ଚଳନ୍ତି ସେମାନେ ନିତାନ୍ତ ଅଧମ । ସେମାନଙ୍କ ମୁଁହ ଚାହିଁଲେ ଅମଙ୍ଗଳ । ସେମାନଙ୍କ ସଙ୍ଗେ ସାହିହେଲେ ମଧ୍ୟ ଅଶ୍ରେୟସ୍କର ।

କ୍ଷତ୍ରିୟ ସନ୍ତାନ କେବେ କାହାର ନିକଟରେ ମୁଣ୍ଡ ନୁଆଏଁନାହିଁ । କାଉଁରିଆ କାଠି ଭାଙ୍ଗିଯିବ ପଛକେ ଲଇଁବ ନାହିଁ । ପାପତ୍ମାମାନଙ୍କର ଦଣ୍ଡବିଧାନ କରିବା କ୍ଷତ୍ରିୟର କର୍ତ୍ତବ୍ୟ । ଭୀତହୋଇ ଶୋଇବା କା-ପୁରୁଷତା ।

ସଞ୍ଜୟ—ମା ! ତୋର ହୃଦୟ କ'ଣ ପାଷାଣରେ ଗଢାହୋଇଛି ନା ଲୁହାରେ ଗଢ଼ା ହୋଇଛି । ବିଧାତା

Digitized by srujanika@gmail.com

କି'ଣ ତୋ ହୃଦୟରେ ଟିକିଏ ହେଲେ କରୁଣା ରହିନାହିଁ । କ୍ଷତ୍ରିୟ ଧର୍ମ କି କଠୋର, ସେମାନଙ୍କ ଆଚାର ବ୍ୟବହାର କେଡ଼େ ଆଶ୍ଚର୍ଯ୍ୟଜନକ !

ଏକମାତ୍ର ପୁତ୍ର ତୋର ଲୋ ଜନନି !
　　ମୋ ବିନୁ କେ ଆନ ନାହିଁ,
କିପରି ଜନନି ! କହୁଛୁ ମତେ ଲୋ
　　ସମର କରିବାପାଇଁ ।
ରଣକ୍ଷେତ୍ରେ ଯାଇ ପଶିବି ଜନନି !
　　ସମରରେ ହେଲେ ନିହତ,
କିପରି ତୋ ହୃଦ ସହିବ ଜନନି !
　　ନ ହେବୁ କି ଲୋ ମୂର୍ଚ୍ଛିତ ।
ମୋ ମଲା ବାରତା ପାଇଲାବେଳେ ଲୋ
　　କାନ୍ଦିବୁ କି ନାହିଁ ତୁହି,
ଧନ ଆଭରଣ ଭୋଗ ରାଜ୍ୟ ସୁଖ
　　ଘେନି କି ବଞ୍ଚିବୁ ତୁହି ।
ମାତା ହୋଇ ପରମାତାପରି ମତେ
　　କହୁଛୁଁ କରିବି ରଣ,
କି ସୁଖ ଲଭିବୁ କହ ଲୋ ଜନନି !
　　ହୋଇଲେ ମୋର ମରଣ ।

ବକୁଳା—ବତ୍ସ ! ସ୍ତ୍ରୀ ଲୋକମାନଙ୍କପରି କାତରହୋଇ କ୍ରନ୍ଦନକରିବା କ୍ଷତ୍ରିୟ ପୁରୁଷର ଧର୍ମ ନୁହେଁ । ମନୁଷ୍ୟ ଯେ ଅବସ୍ଥାରେ ଥାଉ ଧର୍ମ ଓ ଅର୍ଥଚିନ୍ତା କରିବ ଏହା ପ୍ରତ୍ୟେକ ମନୁଷ୍ୟର କର୍ତ୍ତବ୍ୟ । ଏହି ଦୁଇ ବିଷୟ ଲାଭକରିବାପାଇଁ ମୁଁ ତତେ ଯୁଦ୍ଧକୁ ପଠାଉଛି । ମୁଁ ଜାଣେ ତୋର ଅସାଧାରଣ କ୍ଷମତା ଅଛି । ଶତ୍ରୁକୁ ଆକ୍ରମଣ କରିବା ଲାଗି ବେଳ ଉପସ୍ଥିତ ହୋଇଛି । ଯଦି ଏ ସମୟରେ ତୁ କର୍ତ୍ତବ୍ୟ କାର୍ଯ୍ୟ କରିବାରେ ହେଳାକରୁ ତୋର ଭବିଷ୍ୟତ ଅନ୍ଧକାରମୟ ହେବ । ମୁଁ ତୋର କୀର୍ତ୍ତି ଯଶ କଥା ଶୁଣିଲେ ମୋର ଜନ୍ମ ସାର୍ଥକହେବ । ପ୍ରାଣ ଭୟରେ ତତେ ଯେବେ କିଛି ନ କହିବି ତେବେ କେବଳ ଅକାରଣ ପୁତ୍ରସ୍ନେହ ଦେଖାଇବି ସିନା! ଅଯଥା ଗେଲବସର କରି ପୁଅକୁ କର୍ତ୍ତବ୍ୟ ଶିକ୍ଷା ନ ଦେବା ମାତାର ଧର୍ମ ନୁହେଁ । ପୁଅ ଯେବେ ଯୋଗ୍ୟ ହୁଏ, ପୁଅ ଯେବେ ପଣ୍ଡିତ ହୁଏ, ପୁଅ ଯେବେ ପଚାଶି ଜଣରେ ଜଣେ ହୁଏ, ପୁଅର ଗୁଣ ମାନ ମର୍ଯ୍ୟାଦାରେ ଯେବେ ଗୃହଆଡ଼ ଆଲୋକିତ ହୁଏ, ପୁଅର ଯେବେ ଦୈବ ପୁରୁଷକାର ଉଭୟ ଥାଏ, ତେବେ ସେପରି ପୁଅ ଜନ୍ମରେ ମାତାର ଜନ୍ମସାର୍ଥକ ହୁଏ ଏବଂ ମାତା ସୁଖ ସ୍ୱଚ୍ଛନ୍ଦରେ କାଳ କଟାଏ । ରେ ପୁତ୍ର ! ପୁତ୍ର ପୁତ୍ରପରି ହେଲେ ମାତାର ଆନନ୍ଦ । ଯେ ପୁତ୍ର ଆଳସ୍ୟପରାୟଣ, ଶୋଇ ଶୋଇ ପଶୁପରି ମୁଠାଏ ଖାଇ ଖଣ୍ଡେ ପିନ୍ଧି କାଳ କାଟେ, ଯାହାଠାରେ ଉଦ୍ୟମ ନାହିଁ, ଏପରି ଦୁର୍ବୃତ୍ତ ପୁଅ ପାଇ ଯେବେ ମାତାର ମନରେ ଆନନ୍ଦହୁଏ ତେବେ ସେ ମାତାର ଜନ୍ମ ବୃଥା । ଯେଉଁ ପୁରୁଷାଧମ ପୁତ୍ର ସତ୍କର୍ମରେ ମନ ନ ବଳାଇ କେବଳ ମନ୍ଦକର୍ମରେ ମନ ବଳାଏ ତାର କି ଇହକାଳ କି ପରକାଳ କେଉଁଠି ସୁଖ ନାହିଁ । ଯୁଦ୍ଧ ଓ ଜୟଲାଭ କରିବାପାଇଁ କ୍ଷତ୍ରିୟର ସୃଷ୍ଟି । କ୍ଷତ୍ରିୟ ରଣକ୍ଷେତ୍ରରେ ମଲେ କିମ୍ବା ଜୟଲାଭ କଲେ ଇନ୍ଦ୍ରଲୋକ ପାଏ । ଐଶ୍ୱର୍ଯ୍ୟ ଲାଭକରିବାପାଇଁ ସର୍ବଦା ଚେଷ୍ଟାକରିବ, କେବେ ଅଳ୍ପରେ ସନ୍ତୁଷ୍ଟ ହେବନାହିଁ । ଏପରି ଯେଉଁ ପୁତ୍ର ଆଚରଣ କରେ ସେହି କେବଳ ପୁତ୍ର ।

ସଞ୍ଜୟ—ମା ! ଏଡ଼େ କଡ଼ାକଥା କହିବା ତୋର ଉଚିତ ନୁହେଁ । ମାତାହୋଇ ପୁତ୍ରକୁ ଏପରି କଠୋର କଥା କହିବା ଅକର୍ତ୍ତବ୍ୟ । ତୁ ମା ଜଡ଼ ମୂକପରି ରହି ମୋ ପ୍ରତି ଦୟାପ୍ରଦର୍ଶନ କର !

ବକୁଳା—ବତ୍ସ ! ତୁ ମୋତେ ତୋ ପ୍ରତି ଦୟା ପ୍ରକାଶ କରିବାକୁ କହୁଛୁ ଏ କଥା ଶୁଣି ମନରେ ବଡ଼ ଆନନ୍ଦ ହେଲା । ତୁ ମୋତେ ମୋ କର୍ତ୍ତବ୍ୟ ପଥରେ ରହିବାକୁ କହୁଛୁ ମୁଁ ତତେ ଅନୁରୋଧ କରୁଛି ତୁ ଯେ କର୍ତ୍ତବ୍ୟ କାର୍ଯ୍ୟରେ ଏ ତ୍ରୁଟି କରୁନାହିଁ । ହେ ପୁତ୍ର ଯେତେବେଳେ ଦେଖିବି ତୁ ସିନ୍ଧୁଦେଶର ସବୁଲୋକଙ୍କୁ ନିହତକରି ଦୃଢ଼ିଭାବରେ ଜୟଲାଭ କଲୁ ତତେ ସନ୍ମାନ କରିବି !

ସଞ୍ଜୟ—ଜନନି ! ଧନ ନାହିଁ; ପାଖରେ କେହି ଆହା କରିବାକୁ ନାହିଁ । କିପରି ଜୟଲାଭ କରିବି ? ମତେ କିଛି ଥଳ କୂଳ ଦେଖାଯାଉନାହିଁ, ତେଣୁ ରାଜ୍ୟ ପାଇବା ଆଶା

Digitized by srujanika@gmail.com

ଛାଡ଼ନ୍ତୁ । ତୁ ମା କ ଭରସାରେ କହୁଚୁ—ଜୟ ହେବ ? ମନେ ବାଟ କହ ଦେ ମା ! ମୁଁ ତୋର ଆଜ୍ଞା ପାଳିବାରେ ଏକୁ ହି କରିବିନାହିଁ ।

ବଦୁଲା—ବତ୍ସ ! ଅର୍ଥ ଥିଲା, ଯାଇଛୁ—ଏଥିଲାଗି ଆପଣାକୁ ସାନ ମଣୁଛୁ କାହିଁକି ? ଅର୍ଥ ନଥିଲେ ଅର୍ଥ ସଞ୍ଚୟ କରାଯାଏ । ହାତରେ ଥିବା ଧନର ନାଶ ହୁଏ । ଅତିମୂର୍ଖ ଲୋକେ ମଧ୍ୟ କ୍ରୋଧରେ କାର୍ଯ୍ୟ ଆରମ୍ଭ କରନ୍ତିନାହିଁ, ସବୁ କର୍ମର ଫଳ ଅନିତ୍ୟ । ପଣ୍ଡିତମାନେ ଜାଣନ୍ତି କର୍ମଫଳ ଅନିତ୍ୟ ତଥାପି କର୍ମ କରିବାରୁ କ୍ଷାନ୍ତ ହୁଅନ୍ତି ନାହିଁ । କେତେବେଳେ ଫଳ ମିଳେ, କେତେବେଳେ ନମିଳେ କିନ୍ତୁ ଯେଉଁମାନେ ଅଳସୁଆ, ଅକର୍ମା, ଯାହାଙ୍କର ଚେଷ୍ଟା ନାହିଁ, ଉଦ୍ୟମ ନାହିଁ, ଯତ୍ନ ନାହିଁ, ସେମାନେ କେବେ କୌଣସି ଫଳ ପାନ୍ତିନାହିଁ ।

ଚେଷ୍ଟାର ଫଳ ଦୁଇପ୍ରକାର:—ପ୍ରାପ୍ତି ଓ ଅପ୍ରାପ୍ତି । ବିଚକ୍ଷଣ ପଣ୍ଡିତ ଲୋକ ଫଳ ମିଳୁ ବା ନ ମିଳୁ କର୍ମ କରିବାରେ ସର୍ବଦା ସଚେଷ୍ଟ । କର୍ମର ଫଳ ଅବଶ୍ୟ ଫଳିବ, ମନରେ ନିଶ୍ଚୟ କରି ଦମ୍ଭଭାବରେ କାର୍ଯ୍ୟକ୍ଷେତ୍ରରେ ପ୍ରବେଶ କରନ୍ତି । ଆଗେ ଦେବତା ବ୍ରାହ୍ମଣ ପୂଜାକର, ମଙ୍ଗଳ ପଦାର୍ଥ ଦର୍ଶନକର, ପରେ ଉଠ, ଜାଗ୍ରତ ହୁଅ ଏବଂ ମଙ୍ଗଳଜନକ କାର୍ଯ୍ୟକର, ଯେ ଏ ପ୍ରଣାଳୀରେ କାର୍ଯ୍ୟ କରିବ, ତାର ଅବଶ୍ୟ ଜୟହେବ । ଲକ୍ଷ୍ମୀ ସର୍ବଦା ତା ପାଖରେ ଥିବେ । ତାକୁ ଅନେକ ନୂଆ ବାଟ ଦେଖାଯିବ । କ୍ରନ୍ଦନ, ଭୟ ତ୍ୟାଗକର, ପୃଷ୍ଠ ଫିଙ୍ଗିପର ଅଣ୍ଟାଭିଡ଼ ଯୁଦ୍ଧକୁ ଯାଅ । ପ୍ରଥମେ ରାଗୀ, ଲୋଭୀ, ଗର୍ବୀ, ଅପମାନନାକାରୀ, ଜୟୀ ଲୋକମାନଙ୍କୁ ବଶକର । ତେବେ ପବନ ମେଘକୁ ଭେଦ କଲାପରି ତୁ ଶତ୍ରୁପକ୍ଷକୁ ଭେଦ କରିପାରିବୁ । ସେମାନଙ୍କୁ ଧନ ଦେଇ, ନାହାର ହିତ ଚେଷ୍ଟାକରି କାହାକୁ ମଧୁର ବଚନ କହି ବଶକର । ସେମାନେ ଅବଶ୍ୟ ତୋର ପ୍ରିୟ କାର୍ଯ୍ୟ କରିବେ ।

ବଳବାନ୍ ଲୋକ ଶତ୍ରୁକୁ ଆପଣା ବଶକୁ ଆଣି ନପାରିଲେ ସନ୍ଧି ବା ଦାନ କଥା ପକାଇବ, ଫଳରେ ସେ ସେହି ଉପାୟରେ ବଶହେବ । ବୁଦ୍ଧିମାନ୍ ଏ କାର୍ଯ୍ୟ ସାଧନ କରିବ । ଏପରି ଉପାୟରେ ଧନ ବୃଦ୍ଧି ହେବ ।

ଦେଖ ବତ୍ସ ! ମିତ୍ରମାନେ ଧନୀର ଆଶ୍ରୟ ଗ୍ରହଣ କରନ୍ତି ଏବଂ ନିର୍ଦ୍ଧନୀକୁ ପରିତ୍ୟାଗ କରନ୍ତି । ଧନହୀନ ଲୋକକୁ ମିତ୍ରମାନେ ମଧ୍ୟ ସବୁବେଳେ ନିନ୍ଦାକରନ୍ତି । ଶତ୍ରୁକୁ କେବେ ବିଶ୍ୱାସ କରିବନାହିଁ, ତା'ଠାରୁ କୌଣସି ସାହାଯ୍ୟ ଆଶା କରିବନାହିଁ ।

ଯେତେ ଆପଦ ପଡୁ ଡରିନାହିଁ । ଡର ମନରେ ଥିଲେ ମଧ୍ୟ ଡରୁଥିବାର ପରି ବାହାରେ ବ୍ୟବହାର କରିବ ନାହିଁ । ରଜା ଡରିଲେ ତାର ରାଜ୍ୟ ଡରେ, ଅମାତ୍ୟ ସୈନ୍ୟ ପ୍ରଭୃତି ସମସ୍ତେ ଡରନ୍ତି । କେହି ଯାଇ ଶତ୍ରୁର ଶରଣ ନିଏ, କେହି ଶତ୍ରୁକୁ ତ୍ୟାଗକରେ । ତୁ ଭୀତ ବୋଲି ଜାଣିଲେ ତୋ ପକ୍ଷରେ ଯେଉଁମାନେ ଅଛନ୍ତି ଏବଂ ଯେଉଁମାନେ ତୋର ମଙ୍ଗଳ କାମନା କରନ୍ତି ସେମାନେ ଡରିଯିବେ ।

ମୋ କଥା ଶୁଣି ଯେବେ ତୋ ମନ ମାନେ ତୁ ଚିତ୍ତ ସ୍ଥିର କରି ଅଗ୍ରସର ହୁଅ, ତୋ ମଙ୍ଗଳ ଲାଗି ଏତେ-କଥା କହିଲି, ଆମଘରେ ଧନ ଅଛି, ମୋ ବ୍ୟତୀତ ଆଉ କେହି ଜାଣେନାହିଁ ମୁଁ ତତେ ସେହି ଧନ ଦେବି ।

ଉଠ ଉଠ ସୁତ ବିଳମ୍ବ ନକର,
ଶତ୍ରୁ ନାଶିବାକୁ କରେ ଅସି ଧର ।
ଯାଅ ରଣକ୍ଷେତ୍ରେ କମ୍ପାଇ ମେଦିନୀ,
ଜନମ ମରଣ ସମାନରେ ଗଣି ।
ଯାଉ ଏ ଶରୀର ହେଉ କାର୍ଯ୍ୟସିଦ୍ଧି,
ଏହି ପଣ କରି ଠାଣକର ବୁଦ୍ଧି ।

ବଦୁଲା ବୀରଜନନୀ । ସଞ୍ଜୟର ପୂର୍ବ ଅଳସ ଥିଲା, ଥରେ ହାରିଗଲାରୁ କାପୁରୁଷ ପରି ଶୋଇଥିଲା । ବଦୁଲାର ଉତ୍ସାହପୂର୍ଣ୍ଣ ବୀରବାଣୀ ସଞ୍ଜୟ-ଶରୀରର ରକ୍ତକୁ ଗରମ କରିଦେଲା । ମାତାର କଟୂକ୍ତି ତା ମନକୁ ତରଲାଇ ଦେଲା । ପ୍ରକାରେ ଅଳସୁଆ ଅଛନ୍ତି—ତାଙ୍କୁ ଯେତେ ମନ୍ତ୍ର ଶୁଣାଅ, ସବୁଯାକ ତାଙ୍କର ଏକାନେ ପଶି ସେକାନେ ବାହାରିଯାଏ । "ଯେତେ ବୋଲୁଥିବୁ ବୋଲ, ମୋ ହିଦଟା ଯାଉ ଫୋଲ" "ଯେତେ ମାଡ଼ୁଥିବୁ ମାଠ, ମୁଁ ସେହି ଦରପୋଡ଼ା କାଠ" ଏ ଉକ୍ତିମାନ ସେମାନଙ୍କୁ ଖାଟେ । ସବୁ

Digitized by srujanika@gmail.com

ଶୁଣନ୍ତି ନାହିଁକି ଭାବେ ସବୁ ପାଣିକି ଫିଙ୍ଗି ଦିଅନ୍ତି ଏବଂ ଆପଣା ସର୍ବନାଶ ଆପେ ଅର୍ଜୁଥାନ୍ତି । ବର୍ତ୍ତମାନ ଯୁଗର ନୂତନ ଅଧାପାଠୁଆ ଶିକ୍ଷିତ ଯୁବକଙ୍କ ମଧ୍ୟରେ ଏ ଶ୍ରେଣୀର ଅନେକ ଅଛନ୍ତି । ମାତ୍ର ସଞ୍ଜୟ ସେପରି ନଥିଲା । ସଞ୍ଜୟଠାରେ ଶକ୍ତି ଥିଲା, ମାତ୍ର ଅନେକ କାରଣରୁ ଦବି ଯାଇଥିଲା । ତଥାପି ସଞ୍ଜୟ ନିଶ୍ଚେଷ୍ଟ ହୋଇ ଯେତେବେଳେ ସକଳ ଆଶା ଭରସା ଛାଡିଥିଲା, ସେତେବେଳେ ବିଦୁଲାପରି ସୁ-ମାତାର ସୁ-ପରାମର୍ଶ ପାଇ ନଥିଲେ ପୁଣି ଯୁଦ୍ଧରେ ଜୟୀ ହୋଇ ନଥାନ୍ତା । ସଞ୍ଜୟ ନାଗବଛା, ମାଟି ବିରାଡି ସାପ ସିନା ପଦ୍ମତୋଳା ଶୁଣେନାହିଁ ! ସଞ୍ଜୟ ବିଦୁଲାଠାରୁ ପଦ୍ମତୋଳା ଶୁଣି ଫେଣ ଟେକିଲା ଏବଂ କହିଲା:—"ହେ ଜନନି ! ତୁମ୍ଭେ ସବୁବେଳେ ମତେ ସତ୍ପଥରେ ଯିବାପାଇଁ ପରାମର୍ଶ ଦେଇଥାଅ । ପିତୃ ରାଜ୍ୟ ଉଦ୍ଧାର କରିବି, ନହେଲେ ରଣକ୍ଷେତ୍ରରେ ପ୍ରାଣତ୍ୟାଗ କରିବି ଏହି ପ୍ରତିଜ୍ଞା କଲି । ମାତଃ ! ଆଶୀର୍ବାଦ କର ! ତୁମ୍ଭର ସେହି ଅଧମ ସନ୍ତାନ ଶତ୍ରୁମାନଙ୍କୁ ପରାଜୟ କରି ରାଜ୍ୟ ଜୟକରୁ !"

ଅନ୍ତଃପୁରବାସିନୀ ଭଗିନୀମାନେ, ଆଜି ଆପଣମାନଙ୍କୁ ମୋର ଏହି ବିଦୁଲାସମ୍ବାଦ-ରୂପକ ଭକ୍ତିପୁଷ୍ପ ପ୍ରଦାନ କରି ବିଦାୟ ନେଲି । ଉତ୍କଳ-ସମାଜ ତଥା ଭାରତ-ସମାଜର କନ୍ୟାମାନେ ବିଦୁଲାପରି ସୁମାତା ହୋଇ ସେହି ଛାଞ୍ଚରେ ପିଲାମାନଙ୍କୁ ଗଢିଲେ ଶୀଘ୍ର ଦେଶର କଲ୍ୟାଣ ହେବ । ଯୁବକମାନଙ୍କୁ ଅନୁରୋଧ ଯେ ସେମାନେ ସଞ୍ଜୟ ଚରିତ ପାଠକରି ଆପଣାକୁ ସେହି ଛାଞ୍ଚରେ ଢାଳି ନିଜ ନିଜ କର୍ତ୍ତବ୍ୟ ପଥେ ଅଗ୍ରସର ହେବେ । ସଞ୍ଜୟକୁ ବିଦୁଲା ଦେବୀ ଯୁଦ୍ଧ ଉପଲକ୍ଷରେ ଉପଦେଶ ଦେଇଥିଲେ ମାତ୍ର, ତାହାଁ ସଙ୍ଗେ ସଂସାରର ଯାବତୀୟ କାର୍ଯ୍ୟ କ୍ଷେତ୍ରରେ ତାଙ୍କ ଉପଦେଶର ଉପଯୋଗିତା ଅଛି । ପ୍ରତ୍ୟେକ କାର୍ଯ୍ୟବେଳେ ମାତାର ପୁତ୍ରପ୍ରତି କି କର୍ତ୍ତବ୍ୟ ତାହା ଏ ଚରିତ୍ରରୁ ଶିକ୍ଷା କରାଯିବ । ମାତୃସ୍ନେହ ଯେବେ ପୁତ୍ରକୁ କର୍ତ୍ତବ୍ୟ ପଥରୁ ବିଚଳିତ କଲା ସେ ସ୍ନେହ ନୁହେଁ ବିଷ । ଯେଉଁ ମାତା ପୁଅର ଭବିଷ୍ୟତ ଜୀବନପ୍ରତି ଦୃଷ୍ଟି ନଦେଇ କେବଳ ସ୍ନେହରେ ଗଡିଯାଉଥାଏ ସେ ମାତା ନୁହେ ପୁତ୍ରର ପରମ ଶତ୍ରୁ ! ଆର୍ଯ୍ୟରମଣୀ ବିଦୁଲାଙ୍କ ଉକ୍ତି ଶୁଣିଲେ କେଉଁ ଅଧମ ସୁତର ରକ୍ତ ଗରମ ନହେବ !! ପବିତ୍ର ଆର୍ଯ୍ୟଭୂମି ଭାରତରେ କୁନ୍ତୀ, ବିଦୁଲାପରି ମାତାର ଅଭାବ ନଥିଲା । ମାତ୍ର ଆଜି ଭାରତ ସବୁପ୍ରକାର ଦୁର୍ଦ୍ଦଶାଗ୍ରସ୍ତ । ଅନ୍ତଃପୁର କେବଳ ଆବର୍ଜନାପୂର୍ଣ୍ଣ । ପ୍ରଥମେ ଭିତର ସଂଶୋଧନ ଆବଶ୍ୟକ । ବାହାର ଚିକ୍କଣ କଲେ କିଛି ଲାଭନାହିଁ । ଆମଦେଶରେ ବର୍ତ୍ତମାନ ଯେଉଁ ଧରଣରେ ସ୍ତ୍ରୀ ଶିକ୍ଷା ଦିଆଯାଉଛି ତଦ୍ଦ୍ୱାରା ଆମଦେଶର ବିଶେଷ କଲ୍ୟାଣ ହେବ ବୋଲି ମୋର ବିଶ୍ୱାସ ହୁଏନାହିଁ । ଏବେତ ପୁରୁଷଜାତି ନୂତନ ଶିକ୍ଷାରେ ଶିକ୍ଷିତ ହୋଇ ଉଚ୍ଛନ୍ନ ହେବାକୁ ବସିଛନ୍ତି, ଆଉ ବାକିଥିଲା ଅନ୍ତଃପୁର । ସେଠାରେ ମଧ୍ୟ ଆଧୁନିକ ଶିକ୍ଷା ପ୍ରବେଶ କରୁଛି । ସ୍ତ୍ରୀ-ସମାଜର ଦଶା ପୁରୁଷଙ୍କ ପରି ହେଲେ ବିନାଶ ଅଗ୍ନିରେ ପୂର୍ଣ୍ଣାହୁତି ହେବ ! ତେଣୁ ବେଳହୁଁ ହୁଅ ସାବଧାନ !

---

# ନାରୀ ଓ ସମାଜ ।

ଶ୍ରୀ ଗୋପାଳଚନ୍ଦ୍ର ଦାସ ।

ସମାଜ କେଉଁ ପରିମାଣରେ ସଭ୍ୟ ବା ଉନ୍ନତ ତାହା ତାହାର ନାରୀମର୍ଯ୍ୟାଦା ରକ୍ଷଣରୁ ଜଣାପଡେ । ପୃଥିବୀର ପୁରାତନ ସଭ୍ୟଜାତିମାନଙ୍କର ଇତିହାସ ପର୍ଯ୍ୟାଲୋଚନା କଲେ ଦେଖାଯାଏ ଯେ ପ୍ରତ୍ୟେକ ସଭ୍ୟଜାତି ନାରୀର—ମାତୃଜାତିର ସମ୍ମାନ, ପଦମର୍ଯ୍ୟାଦା ଓ ଗୌରବ ରକ୍ଷାକରିବା ନିମିତ୍ତ କେତେବେଳେ ହେଲେ ପଶ୍ଚାତ୍‌ପଦ ହୋଇନାହିଁ । ଅତି ପୁରାକାଳରେ ଯେତେବେଳେ ମିଶର, ବାବିଲୋନିଆ, ଫୋନିସିଆ,

Digitized by srujanika@gmail.com

ବାଇକାଣ୍ଟାଇନ୍ ପ୍ରଭୃତି ଦେଶମାନ ସଭ୍ୟତାର ଉଚ୍ଚତମ ସୋପାନ ଆରୋହଣ କରିଥିଲା ସେତେବେଳେ ସେମାନେ ନାରୀକୁ କେତେବେଳେ ହେଲେ ଅବମାନନା କରି ନାହାନ୍ତି । ଅଷ୍ଟ୍ରେଲିଆର ଆଦିମ ଅଧିବାସିମାନେ ପୃଥିବୀରେ ଅତ୍ୟନ୍ତ ନାରୀପ୍ରପୀଡ଼କ ଜାତି ବୋଲି ପରିଚିତ । କିନ୍ତୁ ସେ ଜାତି ମଧ୍ୟ ସ୍ତ୍ରୀକୁ ତାହାର ନ୍ୟାଯ୍ୟ ଅଧିକାରରୁ କେବେ ହେଲେ ବଞ୍ଚିତ କରିନାହାଁନ୍ତି । ଭାରତ ଯେତେବେଳେ ସଭ୍ୟତାର ତାହାର ଉଚ୍ଚସ୍ଥାନ ଆରୋହଣ କରିଥିଲା, ଯେତେବେଳେ ବେଦମନ୍ତ୍ର ଉଚ୍ଚାରଣରେ ହିନ୍ଦୁସ୍ଥାନ ପ୍ରକମ୍ପିତ ହେଉଥିଲା, ସେତେବେଳେ ନାରୀର ସମ୍ମାନ ଜାତିର ସମ୍ମାନ ବୋଲି ପରିଗଣିତ ହେଉଥିଲା । ନାରୀକୁ ଯେ କେବଳ ଉଚ୍ଚଶିକ୍ଷା ପ୍ରଦତ୍ତ ହେଉଥିଲା ତାହା ନୁହେ ; ନାରୀ ସାମାଜିକ ସମସ୍ତ କାର୍ଯ୍ୟରେ ମାନବ ସହିତ ସମାନଭାବରେ ଯୋଗଦାନ କରିପାରୁଥିଲା । ତେଣୁ ଶାସ୍ତ୍ରମତେ "ସ୍ତ୍ରିୟଃ ସମସ୍ତାଃ ସକଳାଃ ଜଗତ୍ସୁ" । ଭିନ୍ନ ଭିନ୍ନ ଜାତିର, ଭିନ୍ନ ଭିନ୍ନ ସମାଜରେ ନାରୀକୁ ଯେ କାହିଁକି ଏତେ ଉଚ୍ଚସ୍ଥାନ ପ୍ରଦତ୍ତ ହୋଇଥିଲା ତାହାର କାରଣ ସମ୍ବନ୍ଧରେ ଇତିହାସ ନୀରବ । କିନ୍ତୁ ଐତିହାସିକମାନେ ଏ ବିଷୟରେ ଏକମତ ଯେ ନାରୀ ଯେତେବେଳେ ସ୍ୱ ହସ୍ତରେ ଖାଦ୍ୟବସ୍ତୁ ସଂଗ୍ରହ କରି ପରିବାରର ଭରଣପୋଷଣ ଭାର ସ୍ୱ ମସ୍ତକରେ ଗ୍ରହଣ କରୁଥିଲା, ସେତେବେଳେ ସେ ଉଚ୍ଚସ୍ଥାନର ଅଧିକାରିଣୀ ହୋଇ ପାରୁଥିଲା । ତେଣୁ ନାରୀ କୃଷିଜୀବି-ସମାଜରେ ବା ଫଳମୂଳାହାରୀ ସମାଜରେ ଉଚ୍ଚତମ ସ୍ଥାନ ଅଧିକାର କରିଥିଲା । କିନ୍ତୁ ବଂଶୋନ୍ନତି ସଙ୍ଗେ ସଙ୍ଗେ ଯେତେବେଳେ ମାନବ ଯାଯାବର, (Nomad) ଜାତିରେ ପରିଣତ ହେବାକୁ ଲାଗିଲା, ସେତେବେଳେ ଶୀକାର କରି ଜୀବିକା ନିର୍ବାହ କରିବାକୁ ସେ ବାଧ୍ୟ ହୋଇଥିଲା । ତେଣୁ ସେ ସମାଜରେ ସ୍ତ୍ରୀ ସ୍ଥାନ ନୀଚ ହେବା ସ୍ୱାଭାବିକ ହୋଇ ଉଠିଲା । କାରଣ ନାରୀ ସେତେବେଳେ ଖାଦ୍ୟ ଯୋଗାଇବାକୁ ଅସମର୍ଥ । ତତ୍ପରେ ଧର୍ମ ନାରୀର ପତନର କାରଣ ହେଲା, କାରଣ କେତେ ଧର୍ମର ଧର୍ମ-ଯାଜକଙ୍କ ମତରେ ନାରୀ ଅପବିତ୍ର, ଅଶୁଦ୍ଧ ଓ ମ୍ଳେଚ୍ଛ ବୋଲି ପରିଗଣିତ ହେବାକୁ ଲାଗିଲା । ଇଂଲଣ୍ଡରେ ମଧ୍ୟ ଖ୍ରୀଷ୍ଟଧର୍ମ ପ୍ରବର୍ତ୍ତିତ ହେବା ପର୍ଯ୍ୟନ୍ତ ନାରୀକୁ ତାହାର ନ୍ୟାଯ୍ୟ ଅଧିକାରରୁ ବଞ୍ଚିତ କରାଯାଇଥିଲା । ଚୀନ, ଆରବ ପ୍ରଭୃତି ଦେଶର ଲୋକେ ମଧ୍ୟ ନାରୀକୁ ଏହି ଦୃଷ୍ଟିରେ ଦେଖୁଥିଲେ । ଫଳତଃ ସମାଜରେ ବହୁ ବିବାହ ଓ ମିଶ୍ରବିବାହ ସ୍ଥାନଲାଭ କରିବାକୁ ଲାଗିଲା । କିନ୍ତୁ ସମାଜର ଉନ୍ନତି ସଙ୍ଗେସଙ୍ଗେ ସଭ୍ୟତାର ସମୃଦ୍ଧି ହେବାକୁ ଲାଗିଲା । ମାନବ ନାରୀମର୍ଯ୍ୟାଦାର ଅର୍ଥ ହୃଦୟଙ୍ଗମ କଲା ଓ ଏକପତ୍ନୀ-ବ୍ରତ ସମାଜରେ ପ୍ରଚଳିତ ହେଲା ।

ପୂର୍ବରୁ କୁହାଯାଇଅଛି ଯେ ସମାଜ କେଉଁ ପରିମାଣରେ ସଭ୍ୟ ତାହା ତାହାର ନାରୀମର୍ଯ୍ୟାଦା ରକ୍ଷଣରୁ ଜଣାପଡ଼େ । ଆଧୁନିକ ସମାଜପ୍ରତି ଦୃଷ୍ଟି ନିକ୍ଷେପ କଲେ ଏହାର ସତ୍ୟତା କିଞ୍ଚିତ୍ ପରିମାଣରେ ଉପଲବ୍ଧି ହେବ । ତେଣୁ ଆମ୍ଭମାନଙ୍କୁ ସ୍ୱୀକାର କରିବାକୁ ହେବ ଯେ ସମାଜସ୍ଥ ନାରୀର ଉନ୍ନତିର ପ୍ରତ୍ୟେକ ସୋପାନସହିତ ସମାଜ ନିଜେ ମଧ୍ୟ ଉନ୍ନତିପଥରେ ଅଗ୍ରସର ହେଉଅଛି । ଯେତେବେଳେ ଆମ୍ଭେମାନେ ଏହା ସ୍ୱୀକାର କରୁଁ ସେତେବେଳେ ଆମ୍ଭମାନଙ୍କୁ ବହୁବାଧାର ସମ୍ମୁଖୀନ ହେବାକୁ ହୁଏ ।

ଜୀବନ ବିଜ୍ଞାନବିଦ୍‌ମାନଙ୍କ ମତରେ ଜୀବ ଜଗତର କାର୍ଯ୍ୟବିଭାଗର ( Physiological Division of Labour) କ୍ରମୋନ୍ନତି ସହିତ ନାରୀର ଜନନଶକ୍ତି ଥିବା ହେତୁ ସେ ଉଚ୍ଚତମ ବିଭାଗର ଅଧିକାରିଣୀ ହୋଇ-ପାରିଅଛି । ଚିକିତ୍ସକମାନେ ଏ ବିଷୟରେ ଏକମତ ଯେ ଯେତେବେଳେ ନାରୀ ତାହାର ଏହି କାର୍ଯ୍ୟରେ ଅବହେଳା କରେ ସେ ସେତେବେଳେ ପ୍ରକୃତିର ବିରୁଦ୍ଧରେ କାର୍ଯ୍ୟ କରେ । ତେଣୁ ଜୀବନରେ ଅକୃତକାର୍ଯ୍ୟ ହେବା ତାହା ପକ୍ଷରେ ସ୍ୱାଭାବିକ । ଆଉ ମଧ୍ୟ ସେମାନଙ୍କ ମତରେ ଯେଉଁ ନାରୀ ମାତା ହୋଇପାରିନାହିଁ ସେ ତାହାର ନାରୀଜୀବନ ପୂର୍ଣ୍ଣରୂପେ ଉପଭୋଗ କରି ପାରିନାହିଁ । ବାସ୍ତବିକ ଦେଖାଯାଏ ଯେ ଏହାର ଫଳରେ କେତେ ବୁଦ୍ଧିମତୀ ଓ ସରଳପ୍ରାଣା ରମଣୀ ତାଙ୍କର ଜୀବନରେ ଅଣୁମାତ୍ର ସୁଖଲାଭ କରିପାରିନାହାନ୍ତି ।

Digitized by srujanika@gmail.com

କିନ୍ତୁ ଅନ୍ୟଦିଗରେ ଦେଖିବାକୁ ହେବ ଯେ ନାରୀ ସମାଜରେ ଯେଉଁ ସ୍ଥାନ ଅଧିକାର କରିବା ନିମିତ୍ତ ଉପଯୁକ୍ତା ବୋଲି ବିବେଚିତ ହୋଇଥାଏ ସେ ସ୍ଥାନର ଉପଯୁକ୍ତା ହେବାନିମିତ୍ତ ତାହାର ମାନସିକ ପ୍ରବୃତ୍ତିର ସମ୍ୟକ୍ ବିକାଶାର୍ଥ ସୁଯୋଗ ଦେବା ଏକାନ୍ତ ବାଞ୍ଛନୀୟ। କିନ୍ତୁ ଅନେକଙ୍କ ମତରେ ମାନସିକ ଶକ୍ତିର ବିକାଶ ସଙ୍ଗେ ସନ୍ତାନୋତ୍ପାଦିକା ଶକ୍ତି ହ୍ରାସ ଲାଭ କରିଥାଏ କିନ୍ତୁ ଅଧୁନା ଏହିମତର ଅସାରତା ପ୍ରତିପାଦିତ ହୋଇଅଛି । ଅବଶ୍ୟ ଏହା ସ୍ୱୀକାର୍ଯ୍ୟ ଯେ ନାରୀର ମାନସିକ ଶକ୍ତିର ବିକାଶ ସହିତ କେତେକ ସ୍ତ୍ରୀ-ସୁଲଭ ସ୍ୱଭାବ କ୍ରମେ ହ୍ରାସଲାଭ କରେ। ପରୀକ୍ଷାଦ୍ୱାରା ପ୍ରମାଣିତ ହୋଇଅଛି ଯେ ବିଶ୍ୱବିଦ୍ୟାଳୟରେ ଉଚ୍ଚ ଶିକ୍ଷାପ୍ରାପ୍ତ ମହିଳାମାନଙ୍କର ବ୍ୟକ୍ତିଗତ ଶରୀର ଯନ୍ତ୍ରର କୌଣସି କ୍ଷତି ନହେଲେ ମଧ୍ୟ ସ୍ତ୍ରୀସୁଲଭ ସ୍ୱଭାବ ବହୁପରିମାଣରେ ଅନ୍ତର୍ହିତ ହୋଇଥାଏ। ଅନେକ ସ୍ଥଳରେ ଦେଖାଯାଏ ଯେ ସେମାନେ ସ୍ୱସ୍ୱ ସନ୍ତାନର ଲାଳନ ପାଳନ ଭାର ନିଜହସ୍ତରେ ଗ୍ରହଣ କରିବାକୁ କୁଣ୍ଠା ବୋଧ କରନ୍ତି। ସୁତରାଂ ଏଠାରେ ପ୍ରଶ୍ନ ହୋଇପାରେ ଯେ ନାରୀ କେଉଁ ପରିମାଣରେ ଶିକ୍ଷାଲାଭ କଲେ ବା ମାନସିକ ପ୍ରବୃତ୍ତିର ପରିଚାଳନ କଲେ ତାହାର ନାରୀତ୍ୱ ଅକ୍ଷତ ରହିବ ?

ବିଶ୍ୱବିଦ୍ୟାଳୟର ଶିକ୍ଷା ବା ମାନସିକ ପ୍ରବୃତ୍ତିର ପରିଚାଳନା ଜନନଶକ୍ତି ହ୍ରାସର ଏକମାତ୍ର କାରଣ ହୋଇ ନପାରେ। ସମାଜର ତଥା ଦେଶର ଉନ୍ନତି ସର୍ବଦା ଭାବୀ ବଂଶଧରଙ୍କ ଉପରେ ନିର୍ଭର କରେ। ଅତଏବ ଭବିଷ୍ୟତରେ ମାନସିକ ଓ ଶାରୀରିକ ଉଭୟଦିଗରେ ବଳୀୟାନ୍ ଜାତି ଗଠନ ନିମିତ୍ତ ସମାଜର ପ୍ରତ୍ୟେକ ପିତା ଓ ମାତା ଉଭୟଦିଗରେ ତଦନୁରୂପ ବଳଶାଳୀ ହେବା ଆବଶ୍ୟକ। ସନ୍ତାନର ଲାଳନ ପାଳନ ଭାର ଅଧିକ ପରିମାଣରେ ମାତା ଉପରେ ନିର୍ଭର କରେ, ସୁତରାଂ ଭବିଷ୍ୟତ୍ ସମାଜ ସଂଗଠନ ନିମିତ୍ତ ଶିକ୍ଷିତା ମାତାଙ୍କର ପ୍ରୟୋଜନୀୟତା ସହଜରେ ଉପଲବ୍ଧି ହେବ।

ନାରୀଶିକ୍ଷା ପ୍ରଚଳିତ ଦେଶମାନଙ୍କର ସମାଜତତ୍ତ୍ୱ ପୁଙ୍ଖାନୁପୁଙ୍ଖରୂପେ ଆଲୋଚନା କଲେ ପ୍ରତିପନ୍ନ ହୁଏ ଯେ ଅନେକ ନାରୀ—ଶିଳ୍ପ, ବାଣିଜ୍ୟ ଆଇନ୍ ଓ ବିଶ୍ୱବିଦ୍ୟାଳୟର ଉଚ୍ଚଶିକ୍ଷାରେ ଯୋଗଦାନ କରି ସୁଦ୍ଧା ଅନ୍ୟାନ୍ୟ କର୍ତ୍ତବ୍ୟରେ ଅବହେଳା ପ୍ରଦର୍ଶନ କରିନାହାନ୍ତି ସୁତରାଂ ଚିକିତ୍ସକମାନଙ୍କର ମତରେ ଯେ ମାନସିକ ପ୍ରବୃତ୍ତିର ପରିଚାଳନା ଜନନଶକ୍ତି ହ୍ରାସର ଏକମାତ୍ର କାରଣ— ତାହା ଭ୍ରମପୂର୍ଣ୍ଣ ବୋଲି ଅନୁମିତ ହୁଏ। ବରଂ ଆଧୁନିକ ନଗରବାସର ପ୍ରାଧାନ୍ୟ, ବାଲ୍ୟବିବାହ ଓ ପୁରାତନ ଆଦର୍ଶର ପରିବର୍ତ୍ତନ ଏହାର କାରଣ ବୋଲି ନିର୍ଦ୍ଦେଶ କରାଯାଇପାରେ। ଭାରତର ନାରୀଜୀବନର ପ୍ରାଚୀନ ଆଦର୍ଶ— ସୀତା, ସାବିତ୍ରୀ ପ୍ରଭୃତି କେବଳ ହିନ୍ଦୁରମଣୀ ପକ୍ଷରେ ନୁହନ୍ତି ଜଗତର ଯେ କୌଣସି ଜାତି ବା ଧର୍ମର ରମଣୀଙ୍କ ପ୍ରତି ଆଦର୍ଶସ୍ଥାନୀୟା ହୋଇପାରନ୍ତି।

ନାରୀର ମନୋବୃତ୍ତି-ବିକାଶପ୍ରଣାଳୀ ଉପଯୁକ୍ତରୂପେ ନିୟନ୍ତ୍ରିତ ହେଲେ ତାହାର ସ୍ୱାଭାବିକ ନାରୀତ୍ୱ ରକ୍ଷା କରିବାରେ ବରଂ ସାହାଯ୍ୟ କରିପାରେ, କିନ୍ତୁ ଅଳ୍ପଶିକ୍ଷା ବା ଅର୍ଦ୍ଧଶିକ୍ଷା ଅନେକ ସମୟରେ ବିଷମୟ ଫଳ ଉତ୍ପାଦନ କରିଥାଏ। ଅତଏବ ନାରୀଜୀବନର ସାର୍ଥକତା ନିମିତ୍ତ, ଭବିଷ୍ୟତ୍ ବଂଶଧରଙ୍କର ଉପକାର ନିମିତ୍ତ ନାରୀର ଉଚ୍ଚଶିକ୍ଷା ଏକାନ୍ତ ଆବଶ୍ୟକ। ପୁନଶ୍ଚ ଆଧୁନିକ ବିବାହରେ ନାରୀର ମାନସିକ ଶକ୍ତିର ବିକାଶ ଗୋଟିଏ ଅବଶ୍ୟକୀୟ ଉପାଦାନରୂପେ ପରିଗଣିତ ହେଲାଣି, କାରଣ ଶିକ୍ଷିତ ଯୁବକମାନେ ପୁତ୍ତଳିକା ବିବାହର ଘୋର ବିଦ୍ୱେଷୀ; ସେମାନେ ପତ୍ନୀକୁ ଜୀବନର ଭୌତିକ ଓ ମାନସିକ ସଙ୍ଗିନୀରୂପେ ଲାଭ କରିବାକୁ ଇଚ୍ଛୁକ। ସମାଜ ଯୁବକର ଏହି ଆକାଙ୍କ୍ଷା ପୂର୍ଣ୍ଣ ନକଲେ ଅଚିରେ ଏକପତ୍ନୀବ୍ରତ ଲୋପପ୍ରାପ୍ତ ହେବ ଓ ସବର୍ଣ୍ଣ ପରିଣୟ ପରିବର୍ତ୍ତରେ ଅସବର୍ଣ୍ଣ ପରିଣୟର ବିସ୍ତାର ହେବ।

ନାରୀକୁ ଶିକ୍ଷାପ୍ରଦାନ କଲାବେଳେ ସତର୍କତା ଅବଲମ୍ବନ କରିବା ଆବଶ୍ୟକ। ଭାବପ୍ରବଣତା ନାରୀଚରିତ୍ରର ଗୋଟିଏ ବିଶେଷତ୍ୱ। ସୁତରାଂ ତାହାର ସ୍ଖଳନ ବିଚିତ୍ର ନୁହେ। ଶିକ୍ଷାଦାନରେ ଅପରିଣାମଦର୍ଶିତା ଯୋଗୁଁ ସମାଜରେ ଯେ କେତେ ଅମଙ୍ଗଳଜନକ ଘଟଣା ଘଟିଯାଇଅଛି ତାହା ପ୍ରବୀଣ ବ୍ୟକ୍ତିମାନେ କାହାରିକୁ ଅବିଦିତ

Digitized by srujanika@gmail.com

ନାହିଁ । ତେଣୁ ସ୍ତ୍ରୀଶିକ୍ଷା-ପ୍ରଣାଳୀ ଉପଯୁକ୍ତ ଦିଗରେ ନିୟନ୍ତ୍ରିତ ହେବା ଆବଶ୍ୟକ । ଏଥିଦ୍ୱାରା ଯେ କେବଳ ସ୍ତ୍ରୀଜାତିର ଉନ୍ନତି ହେବ ବା ଭାବୀ ବଂଶଧରଙ୍କର ମାନସିକ ପ୍ରବୃତ୍ତିର ବିକାଶ ହେବ ତାହା ନୁହେ; ନାରୀ ସମାଜରେ ତାହାର ଯଥାର୍ଥ ଅର୍ଥନୈତିକ ସ୍ଥାନ(Economic place) ମଧ୍ୟ ଲାଭ କରିପାରିବ । ସ୍ତ୍ରୀକୁ ଏହି କ୍ଷେତ୍ରରେ ପୁରୁଷ ସହିତ ସମାନ ସ୍ଥାନ ଦେବା ନିମନ୍ତେ ଅନେକେ ଭିନ୍ନ ଭିନ୍ନ ମତ ପ୍ରକାଶ କରିଥାନ୍ତି, ଏକ ଶ୍ରେଣୀର ଭାବୁକଙ୍କ ମତରେ ସ୍ତ୍ରୀ ପୁରୁଷ ସହିତ ସମାନ ଭାବରେ କାର୍ଯ୍ୟକଲେ ପୁରୁଷପରି ତାହାକୁ ବାହ୍ୟିକ ସମସ୍ତ କାର୍ଯ୍ୟରେ ଯୋଗଦାନ କରିବାକୁ ହେବ—ଅତଏବ ସ୍ତ୍ରୀର ସ୍ତ୍ରୀତ୍ୱ ହାନିର ଆଶଙ୍କା । ଅନ୍ୟ ଏକ ଶ୍ରେଣୀର ଭାବୁକଙ୍କ ମତରେ ନାରୀ କେତେଗୁଡିଏ କାର୍ଯ୍ୟକରିବାକୁ ଅସମର୍ଥା, ସୁତରାଂ ସେ ପୁରୁଷର ସମକକ୍ଷ ହେବାକୁ ଚେଷ୍ଟାକରିବା ପ୍ରକୃତିବିରୁଦ୍ଧ ଅଟେ । ସେ ଯାହାହେଉ ନାରୀର ସ୍ୱାଭାବିକ କର୍ତ୍ତବ୍ୟ—ସନ୍ତାନର ପ୍ରତିପାଳନ, ପୁରୁଷର ସମସ୍ତ କର୍ତ୍ତବ୍ୟଠାରୁ ଗରୀୟାନ୍ । ଜଣେ ପ୍ରସିଦ୍ଧ କବି କହିଅଛନ୍ତି "The hand that rocks the cradle rules the world"

ନାରୀ-ସମାଜର ଅର୍ଦ୍ଧାଙ୍ଗ, ସୁତରାଂ ତାହାର ଉନ୍ନତିରେ ସମାଜର ସର୍ବାଙ୍ଗୀନ ଉନ୍ନତି ସମ୍ପୂର୍ଣ୍ଣ ନିର୍ଭର କରେ । ନାରୀର ଶିକ୍ଷାପ୍ରଣାଳୀ ପ୍ରତି ପ୍ରତ୍ୟେକ ଦେଶହିତୈଷୀ ବ୍ୟକ୍ତିଙ୍କର ଦୃଷ୍ଟି ଆକୃଷ୍ଟ ହେବା ଆବଶ୍ୟକ । ଅନେକ ସମୟରେ ଗୋଟିଏ ପ୍ରଶ୍ନ ଉଠେ ଯେ କେଉଁ ପରିମାଣରେ ଶିକ୍ଷାପ୍ରାପ୍ତ ହେଲେ ନାରୀର ସ୍ୱାଭାବିକ ମନୋବୃତ୍ତିରେ କୌଣସି ପରିବର୍ତ୍ତନ ହେବନାହିଁ । ଅବଶ୍ୟ ଗାଣିତିକ ଭାବରେ ଶିକ୍ଷାର କୌଣସି ସୀମା ନିର୍ଦ୍ଦେଶ କରିବା ସମ୍ଭବପର ନୁହେ, ସୁତରାଂ ଦେଶକାଳ ପାତ୍ର ବିବେଚନାରେ ସେଥିପାଇଁ ଭିନ୍ନ ଭିନ୍ନ ବ୍ୟବସ୍ଥା କରାଯାଇପାରେ । କିନ୍ତୁ ଗୋଟିଏ ବିଷୟ ପ୍ରତି ବର୍ତ୍ତମାନ ଆମ୍ଭମାନଙ୍କର ବିଶେଷ ମନୋଯୋଗ ପ୍ରଦାନ କରିବା ଆବଶ୍ୟକ । ଭାରତର ବାଳକବାଳିକା ଶାରୀରିକ ଶିକ୍ଷାରେ ଅତି ଅନୁନ୍ନତ । ବାଳକ ସମୟ ସମୟରେ ଅଭିଭାବକମାନଙ୍କ ସୁଦୃଷ୍ଟିରୁ ଏଦିଗରେ କିଞ୍ଚିତ୍ ଶିକ୍ଷା ପାଇଥାଏ କିନ୍ତୁ ବାଳିକା କଦାପି ପାଏନାହିଁ—ଫଳତଃ ପ୍ରତ୍ୟେକ ବର୍ଷ ଦଶଲକ୍ଷ ଭାରତୀୟ, ବିଶେଷତଃ ଭାରତୀୟ ମହିଳା ଯକ୍ଷ୍ମାରୋଗରେ ମୃତ୍ୟୁମୁଖରେ ପତିତ ହୁଅନ୍ତି । ଏହି ମୃତ୍ୟୁସଂଖ୍ୟା ହ୍ରାସ କରିବାର ପ୍ରୟାସ ନକଲେ ଅଚିରେ ସମାଜର ଅଧୋଗତି ହେବ ।

ଆଉଗୋଟିଏ କଥା—ସଂସ୍କାର । ସମାଜଗତ କୁସଂସ୍କାର ଯୋଗୁଁ ଯେ ନାରୀଉପରେ କେତେ ଅତ୍ୟାଚାର ହୋଇଯାଉଅଛି ତାହା କିଏ ଇୟତ୍ତା କରିପାରିବ ? ଉପଯୁକ୍ତ ଶିକ୍ଷାରୁ ବଞ୍ଚିତା ହୋଇ କୋଟି କୋଟି ନାରୀ ପଶୁତୁଲ୍ୟ ଜୀବନ ଧାରଣ କରୁଅଛନ୍ତି, ପୁରୁଷର ପାଶବିକ ଅତ୍ୟାଚାରରେ ଜୀବନକୁ ବ୍ୟର୍ଥ ମନେ କରି ଇହଧାମରୁ ବିଦାୟ ଗ୍ରହଣ କରୁଅଛନ୍ତି, ବା ସ୍ୱାର୍ଥପର ଅଭିଭାବକମାନଙ୍କର ପ୍ରତାରଣାରେ ଅନୁପଯୁକ୍ତ ପାତ୍ରକୁ ବିବାହକରି ସମସ୍ତ ସୁଖରେ ଜଳାଞ୍ଜଳି ଦେଉଅଛନ୍ତି । ମାତୃଜାତିର ଏ ହୃଦୟବିଦାରକ ଦୁର୍ଦ୍ଦଶାରେ ମଧ୍ୟ ସମାଜର ଚକ୍ଷୁ ଉନ୍ମୀଳିତ ହେଉନାହିଁ, ହୃଦୟର ସ୍ପନ୍ଦନ ଦ୍ରୁତ ହେଉନାହିଁ । ନାରୀକୁ ତାହାର ନ୍ୟାଯ୍ୟ ଅଧିକାରରୁ ବଞ୍ଚିତକରି ପୁରୁଷ ଯେ ବିଶ୍ୱସ୍ରଷ୍ଟାଙ୍କ ନିକଟରେ କେତେ ଅପରାଧୀ ତାହା କିଏ କହିପାରିବ ?

ନାରୀଶିକ୍ଷା-ବିରୋଧୀ କୁସଂସ୍କାର ସମାଜରେ ଏତେ ବଦ୍ଧମୂଳ ହୋଇଅଛି ଯେ ରକ୍ଷଣଶୀଳ ବ୍ୟକ୍ତିମାନେ ତାହାକୁ ସମାଜର ଅନିଷ୍ଟକାରୀ ବୋଲି ବିବେଚନା କରନ୍ତି । ବାଳିକାର ଶିକ୍ଷାପ୍ରସଙ୍ଗ ଉତ୍ଥାପିତ ହେଲେ ବୟସ୍କା ରମଣୀମାନେ ନାସିକା କୁଞ୍ଚନ କରିଥାନ୍ତି । ସେମାନେ ଶିକ୍ଷାର ମର୍ଯ୍ୟାଦା ହୃଦୟଙ୍ଗମ କରିନାହାନ୍ତି, ସେମାନଙ୍କ ମତରେ ଶିକ୍ଷା ଧନାର୍ଜ୍ଜନର ଅସ୍ତ୍ରମାତ୍ର, ସୁତରାଂ ବାଳିକା ପକ୍ଷରେ ଅନାବଶ୍ୟକ । ପୁନଶ୍ଚ କେତେକ ଶିକ୍ଷିତା ରମଣୀ ସ୍ୱ କର୍ତ୍ତବ୍ୟ ଅବଧାରଣରେ ଭ୍ରାନ୍ତିକରି ସମାଜର ବିରାଗଭାଜନ ହେଉଅଛନ୍ତି ଓ ତଦ୍ଦ୍ୱାରା ରକ୍ଷଣଶୀଳ ବ୍ୟକ୍ତିମାନଙ୍କର ଶିକ୍ଷାବିରୋଧୀ ମତ ଦୃଢ଼ୀଭୂତ ହେଉଅଛି । ନାରୀଶିକ୍ଷା ଯେ ସମାଜ ପକ୍ଷରେ ଉପକାରୀ ଏହା ସେମାନଙ୍କ କର୍ତ୍ତବ୍ୟରୁ ପ୍ରତୀୟମାନ ହେଉନାହିଁ । ଏହାମୂଳରେ ସ୍ତ୍ରୀର ସଂଯମ ଓ ଉଚ୍ଚଆଦର୍ଶର ଅଭାବ । ଏହା ଆଂଶିକଭାବରେ ଅଭିଭାବକ ବା ଶିକ୍ଷକଙ୍କର ଦୋଷରୁ ମଧ୍ୟ ହୋଇପାରେ । ପୁନଶ୍ଚ ନାରୀଉପାସକ କେତେ ଯୁବକ ନାରୀର ବୈଧ ଓ ଅବୈଧ

Digitized by srujanika@gmail.com

ସମସ୍ତ କାର୍ଯ୍ୟର ସମର୍ଥନ କରିଥାନ୍ତି । ସୁତରାଂ ସ୍ୱାଧୀନତା ଶେଷରେ ସ୍ୱେଚ୍ଛାଚାରିତାରେ ପରିଣତ ହୁଏ ଓ ଶିକ୍ଷାର ସୁଫଳ ପରିବର୍ତ୍ତରେ କୁଫଳ ଉତ୍ପନ୍ନ ହୁଏ, ତେଣୁ ଶିକ୍ଷା ସଙ୍ଗେ ସଙ୍ଗେ ନାରୀର ଚରିତ୍ର ଓ ଆଦର୍ଶ ଗଠନ ପ୍ରତି ମଧ୍ୟ ତୀବ୍ର ମନୋଯୋଗ ଆବଶ୍ୟକ । ନାରୀ ସ୍ୱାଧୀନତା ବିଷୟ ପୂର୍ବରେ ଉଲ୍ଲେଖ କରାଯାଇଅଛି, ସୁତରାଂ ସେଥି ସମ୍ବନ୍ଧରେ ଦୁଇ ଗୋଟି କଥା ଅସମୀଚୀନ ହେବନାହିଁ । ସ୍ତ୍ରୀ ସ୍ୱାଧୀନତା ଅର୍ଥ ପୁରୁଷସହିତ ସମସ୍ତ-କ୍ଷେତ୍ରରେ ସମାନ ସ୍ଥାନପାଇଁ ପ୍ରତିଦ୍ୱନ୍ଦୀ ହେବା ନୁହେଁ, ପ୍ରକୃତିର ବିଭାଗ ଲଙ୍ଘନ ନକରି ମଧ୍ୟ ନାରୀ ପୂର୍ଣ୍ଣସ୍ୱାଧୀନ ହୋଇପାରେ । କିନ୍ତୁ ସେ ଯଦି ପୁରୁଷହେବାର ଆକାଙ୍କ୍ଷା ରଖେ ତେବେ ସେ ଯେ କେବଳ ସ୍ତ୍ରୀର କର୍ତ୍ତବ୍ୟରେ ବଞ୍ଚିତ ହୁଏ । ସୁତରାଂ ଏହାପ୍ରତି ଦୃଷ୍ଟି ରଖି ତାହାକୁ ସ୍ୱାଧୀନତା ନିମିତ୍ତ ପ୍ରୟାସ କରିବାକୁ ହେବ ଓ କର୍ତ୍ତବ୍ୟରେ ଅଗ୍ରସର ହେବାକୁ ହେବ । ନୁହେଁ, ସେ ପୁରୁଷ ସ୍ତ୍ରୀ ଉଭୟଶ୍ରେଣୀରୁ ... 

ନାରୀ ମର୍ଯ୍ୟାଦାର ଗୁରୁତା ଅନୁଭବ କରିବା ପ୍ରତ୍ୟେକ ସଭ୍ୟ ସମାଜର କର୍ତ୍ତବ୍ୟ । ପୃଥିବୀର ପ୍ରତ୍ୟେକ ସଭ୍ୟ ଓ ସ୍ୱାଧୀନ ଜାତିର ଦୃଷ୍ଟି ଏହି ଦିଗରେ ଆକୃଷ୍ଟ ହୋଇଅଛି । ସମାଜର ଗୋଟିଏ ପ୍ରଧାନ ଅଙ୍ଗ ବିକଳ ହେବାଦ୍ୱାରା ତାହାର ଉନ୍ନତି ପ୍ରତିବନ୍ଧ ହେଉଅଛି, ସୁତରାଂ ନାରୀ-ଜାତିର ତଥା ସମଗ୍ର ସମାଜର କଲ୍ୟାଣ ନିମିତ୍ତ ପ୍ରତ୍ୟେକ ଦେଶହିତୈଷୀ ବ୍ୟକ୍ତିଙ୍କର ଏହି ଦିଗରେ ମନୋଯୋଗ ଦେବା ଉଚିତ ।

# ପିତୃତ୍ୱ ଓ ମାତୃତ୍ୱ ।

ସ୍ୱାମୀ ଓ ସ୍ତ୍ରୀର କେଉଁ ବୟସରେ ସନ୍ତାନ ହେଲେ, ସେ ସୁସ୍ଥ ଓ ସୁନ୍ଦର ହୁଏ ଏହି ସମସ୍ୟା ଯେନ ସୁଧୀସମାଜ ଭିତରେ ନାନା ଆଲୋଚନା ହୋଇଛି । ଦେଶ ବିଦେଶରେ ଏ ବିଷୟରେ ମତର ମଧ୍ୟ ବିଭିନ୍ନତା ଦେଖାଯାଏ । କେହି କେହି ପରିଣତ ବୟସଜାତ ବିଦ୍ୱାନ୍ ଓ ବୁଦ୍ଧିମାନ୍ ସନ୍ତାନର ଦୃଷ୍ଟାନ୍ତ ଦେଖାଇ ପ୍ରମାଣ କରନ୍ତି ଯେ ସନ୍ତାନର ବୁଦ୍ଧିର ପ୍ରାଚୁର୍ଯ୍ୟ ଓ ଦୀର୍ଘାୟୁ ପିତାମାତାଙ୍କ ବୟସର ପରିଣତି ଉପରେ ନିର୍ଭର କରେ । କେହି ପୁଣି କହନ୍ତି ଅଳ୍ପ ବୟସର ସନ୍ତାନ ସନ୍ତତି ସୁନ୍ଦର ଓ ସୁଣେର ହୁଅନ୍ତି । ବ୍ୟକ୍ତି ବିଶେଷ ଯେଉଁଠି ସୁଫଳ ଫଳିଛି, ସର୍ବସାଧାରଣଙ୍କ ପକ୍ଷରେ ତାହା ଗ୍ରାହ୍ୟ ନୋହିପାରେ ।

ବିଲାତ ଦେଶର ସୁପ୍ରଜନନବାଦୀମାନେ ଏ ସମ୍ବନ୍ଧରେ ଗଭୀର ଆଲୋଚନା କରିଅଛନ୍ତି । ଯେଉଁମାନେ ସୁସନ୍ତାନ କାମନା କରନ୍ତି, ଜାତିକୁ ପରିପୂର୍ଣ୍ଣ ମନୁଷ୍ୟତ୍ୱ ଓ ସୌନ୍ଦର୍ଯ୍ୟମଣ୍ଡିତ ଦେଖିବାକୁ ଚାହାନ୍ତି, ସେମାନଙ୍କ ପକ୍ଷେ ଏ ଆଲୋଚନା ଅପରିହାର୍ଯ୍ୟ ।

ସଂପ୍ରତି ଷ୍ଟେଟ୍‌ସ୍‌ମ୍ୟାନ କାଗଜରେ ଏହି ଆଲୋଚନା ପ୍ରସଂଗରେ ଜଣେ ଲେଖକ—ପୃଥିବୀର ଅନେକ ବିଖ୍ୟାତ ପୁରୁଷ ଦ୍ୱିବ ପିତାମାତା-ଙ୍କର ସନ୍ତାନ । ପଚାଶ ବର୍ଷ ପରେ, ପ୍ରୌଢ଼ତ୍ୱର ସୀମାରେ ଏମାନଙ୍କର ସନ୍ତାନ ହୁଏ ଏବଂ ସେ ଜଗଦ୍‌ବିଖ୍ୟାତ ହୁଏ ।

ବିସ୍‌ମାର୍କ, କମଉଏଲ୍, ଗ୍ଲାଡ୍‌ଷ୍ଟୋନ୍, ବେକନ୍, ଫ୍ରାଙ୍କଲିନ୍, ଏମାନେ ପଚାଶରୁ ଊର୍ଦ୍ଧ୍ୱ ବୟସ୍କ ପିତାମାତାଙ୍କର ସନ୍ତାନ ।

ବେଶି ବୟସର ସନ୍ତାନଙ୍କ ସପକ୍ଷରେ ଯେପରି ପ୍ରମାଣ ମିଳିଅଛି, ତାହା ବିରୁଦ୍ଧରେ ମଧ୍ୟ ସେହିପରି କେତେକ ପ୍ରମାଣର ଉଲ୍ଲେଖ କରାଯାଇପାରେ ।

ସମ୍ରାଟ ଫ୍ରେଡ଼ରିକ୍, ନେପୋଲିୟନ୍, ରୁଜଭେଲ୍ଟ୍, ସ୍ୱାଲେକ୍‌ଜେଣ୍ଡର, ଏମାନେ ସମସ୍ତେ ୩୦ ବର୍ଷରୁ ଅନୂର୍ଦ୍ଧ୍ୱ ପିତାମାତାଙ୍କ ସନ୍ତାନ ।

ଗେଟେ, ସେକ୍ସ୍‌ପିଅର, ମେଣ୍ଡେଲସନ୍, ରାଫେଲ୍, ରେମବ୍ରାଣ୍ଟ୍ ଏମାନେ ୩୦ ଠାରୁ ୪୦ ବର୍ଷର ପିତାମାତାଙ୍କ ଠାରୁ ଜନ୍ମ ।

ଏ ବିଷୟରେ ବୈଜ୍ଞାନିକ ଆଲୋଚନ ଠାରୁ ବ୍ୟକ୍ତିଗତ ଅଭିଜ୍ଞତାର ମୂଲ୍ୟ ମଧ୍ୟ କମି ନୁହେଁ ।

ସ୍ୱାମୀ ସ୍ତ୍ରୀଙ୍କର ବୟସର ପାର୍ଥକ୍ୟ ଖୁବ୍ ବେଶି ହେବା ସନ୍ତାନ ପକ୍ଷେ ମଙ୍ଗଳଜନକ ନୁହେଁ । ଦୁହିଙ୍କ ଭିତରେ ପାର୍ଥକ୍ୟ ୭।୧୦ ବର୍ଷରୁ ବେଶି ହେବା ସଙ୍ଗତ । ସ୍ତ୍ରୀର ବୟସ ସ୍ୱାମୀଠାରୁ ବେଶି ହେଲେ

Digitized by srujanika@gmail.com

ଯେମାନଙ୍କର ସନ୍ତାନ ସନ୍ତତି ଖୁବ୍ ବୁଦ୍ଧିମାନ ହୃଷ୍ଟ ତେଜସ୍ୱୀ ହେଲେ ସେମାନଙ୍କ ସ୍ୱାସ୍ଥ୍ୟ ଅଧିକାଂଶ ସ୍ଥଳରେ ଭଲହେବାର ଦେଖାଯାଏ ନାହିଁ।

ସ୍ତ୍ରୀର ବୟସ କୋଡ଼ିଏରୁ ଏକୋଇଶ ବର୍ଷ ଓ ସ୍ୱାମୀର ପଚିଶ ଅନେକଙ୍କ ମତରେ ବିବାହ ପକ୍ଷରେ ଏହାହିଁ ସବୁଠାରୁ ପ୍ରଶସ୍ତ ସମୟ।

ସ୍ୱାମୀ ସ୍ତ୍ରୀ ଦୁହିଙ୍କର ସ୍ୱାସ୍ଥ୍ୟ ଖୁବ୍ ଭଲହେବା ଦରକାର। ସୁସନ୍ତାନ ଲାଭପାଇଁ ଦୁହିଙ୍କ ମନରେ ପୂର୍ଣ୍ଣ ଆଗ୍ରହ ଓ ବିଶ୍ୱାସ ଜନ୍ମିଲେ ସେ ସନ୍ତାନ ସୁସ୍ଥ, ସବଳ ଓ ସୁନ୍ଦର ହୁଏ। ନାରୀର 'ମାତା' ହେବା ପୂର୍ବରୁ 'ମାତାର ସନ୍ତାନହେବା ବୋଧ' ଓ ମାତୃତ୍ୱ ଜ୍ଞାନ ଏବଂ ଦାୟିତ୍ୱ' ଖୁବ ଭଲକରି ଜାଣିବା ଦରକାର—ତାହାର ସନ୍ତାନ ପାଳନ ଓ ରକ୍ଷଣ ଶକ୍ତିରେ ଅଧିକାରୀ ଥିବା ପ୍ରୟୋଜନ।

ପିତା, ମାତା ସନ୍ତାନର ମାନସିକ ବୃତ୍ତି ଓ ସ୍ୱାସ୍ଥ୍ୟ ନିଜ ନିଜର ଇଚ୍ଛା ଭାବନା ଓ ଧାରଣା ଦ୍ୱାରା ବହୁପରିମାଣରେ ନିୟନ୍ତ୍ରିତ କରିପାରନ୍ତି।

ମାତୃଗର୍ଭରେ ଥିଲାବେଳେ ମା'ର ଚିନ୍ତା ଓ ଭାବନାରେ ସନ୍ତାନର ମାନସିକ ବୃତ୍ତିମାନ ପରିପୁଷ୍ଟ ହୁଏ। ପିତାର ସ୍ନେହ, ଅନୁରାଗ, ମାତାର ମମତା ଓ ଯତ୍ନ ସେହି ସନ୍ତାନ ଗୌରବ ଓ ସୌନ୍ଦର୍ଯ୍ୟର ଅଧିକାରୀ ହୋଇ ପୃଥିବୀକୁ ଆସେ ଓ ଭବିଷ୍ୟତ ଜୀବନକୁ ଉଜ୍ଜ୍ୱଳ ମାଧୁର୍ଯ୍ୟ ମଣ୍ଡିତ କରିପାରେ।

ସନ୍ତାନକାମନା ଓ ପ୍ରତିପାଳନ କରିବା ଆକାଂକ୍ଷା ନାରୀର ସହଜାତ ସଂସ୍କାର। ମାତା ସଙ୍ଗେ ସଙ୍ଗେ ପିତାର ମଧ୍ୟ ଏ ସଂସ୍କାର ମନରେ ଉଦିତ ହୁଏ, ଦୁହିଙ୍କର ପରିପୂର୍ଣ୍ଣ ଆକାଂକ୍ଷା ଓ ସ୍ନେହ ଭିତରେ ଯେ ନୂତନ ଜୀବନର ଆବିର୍ଭାବ ହୁଏ ସେହି ସୂତ୍ରର ଜୀବନହିଁ ଦାମ୍ପତ୍ୟ ପ୍ରେମର ଶ୍ରେଷ୍ଠ ସାକ୍ଷୀ ଓ ଅବଲମ୍ବନ।

ପିତୃତ୍ୱ ଓ ମାତୃତ୍ୱ ଭିତରେ ସୁଖ ଯେତିକି ଜଡ଼ିତ ଓ ଦାୟିତ୍ୱ ମଧ୍ୟ ସେତିକି। ଦାୟିତ୍ୱବୋଧ ଜନ୍ମିଲେ, ଦାୟିତ୍ୱ ପୂରଣ କରିବାର ଅବସ୍ଥା ଆସିଲେ, ଉପଯୁକ୍ତ ବୟସର ସନ୍ତାନ ମାନବର ଶ୍ରେଷ୍ଠକାମ୍ୟ ବସ୍ତୁ।

( ଷ୍ଟୋଟେସ୍ ମ୍ୟାନ୍ )

---



—ଭୀମ ଓ ଦ୍ରୌପଦୀ—

Digitized by srujanika@gmail.com

# ବେକାରର ନୌକରୀ

ଶ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ର ।




ଖବରକାଗଜ ଖଣ୍ଡିକ ମେଲାଇ
ଭଖାରମୁହଁଟା ଶୁଖାଇ
'Wanted' ସ୍ତମ୍ଭାକ ଉପରେ ପଢ଼ିଲୁ
ଗଲେ ଥରେ ଆଖି ପକାଇ
ଲେଉଟାଇ ଦେଲାବେଳକୁ ତଳରେ
କାଗଜର ଆର ପାଖଟା
ମାଷ୍ଟର post vacant ଅଛି
ଏକାବେଳେ ଛନ ଲୁଚଟା

ଖବରକାଗଜ ଖଣ୍ଡିକ ମେଲାଇ



ହାଙ୍କଦେଲେ "ଅରେ ଆଣିଚୁଟେ ଚା—
ଗରମ ଗରମ ଏକ cup"
ଚଟି ଦୁଇଖଣ୍ଡ ଗୋଡରେ ଗଳାଇ
ଚାଲିଗଲେ ହୋଇ ଧପ ଧପ୍ ।
ବାଗେଇ ସାଗେଇ ଦରଖାସ୍ତ ମାନ
ଦେଇ ସେହିଦିନ ଡାକରେ
ଦିଧା ସରପଟ ଶୋଇଲେ, ସୋରଷ—
ମାଲପା ପକାଇ ନାକରେ


ଚାଲିଗଲେ ହୋଇ ଧପ୍ ଧପ୍—



Digitized by srujanika@gmail.com

ସେକ୍ରେଟରଙ୍କ ଜବାବ ଆସିଲା;—
"ବିନା ବେତନରେ କରିବାକୁ ହେବ
ଆଉ ଏକଠାରୁ ଆସିଗଲା ଚିଠି
"On probation ରହିବାକୁ ହେବ
ତୃତୀୟ ଚିଠିରେ ଆସିଲା ହୁକୁମ
ବହୁତ ବହୁତ prospects ଅଛି,
କାଶ୍ମୀରପର climate ଏଠି,
ଗର୍ଜିଉଠି ସଜାଡି ଭିଖାରି ସେ ଧନ


ଲେଖାଥିଲା ଏହି duty
tution ଫିଲ୍ ଦଉଛି"
ଥିଲା ତହିଁ ଏହି ସର୍ତ୍ତମାନ
ଛ'ମାସପାଇଁ ବର୍ତ୍ତମାନ"
"join କର ଆସି ଏକଦମ,
(ପୁଣି) ବହୁତ ବହୁତ income;
ହରେକରକମ comfort.
mail ରେ କଲେ ଚମ୍ପଟ ।



ଡିସ୍‌ପେପସିଆ ଧଇଲା

ବିଦେଶ ଯୋଗାରେ ମାଧ୍ୟେକାଲ ଘନ୍ତ
ଧାଡ଼ିରୁ କଉଡ଼ି ପଇଲା
ପଖାଳ ପେଟରେ, ବଜର ବଜର,
dyspepsia ଧଇଲା

ପହିଲାଦିନରେ ମହିନା ସକାଶେ
ଗୁଲିଲେ ଭିଖାରି ଶର୍ମା
ଇସ୍କୁଲ ଘୃଣା ବାବଦକୁ କହି
କହିଗଲା ଅଧେ ଦର୍ମା
ସବୁ ଆଶା ହୋଇ ହତାଶ ଭିଖାରି
ଇସ୍ତଫା ଦେଲେ ମନକୁ
ଛହିଁଆରଦିନ ଖଦଡ଼ ପିନ୍ଧିଣ
ହୋଇଗଲେ ଜଣେ Non-co-o—



ହୋଇଗଲେ ଜଣେ ନନ୍‌-କୋ—

Digitized by srujanika@gmail.com



## ପୁସ୍ତକ ପରିଚୟ ।

**ମାର୍କଣ୍ଡେୟ—ଶ୍ରୀ ରାମଚନ୍ଦ୍ର ଆଚାର୍ଯ୍ୟ । ପ୍ରକାଶକ—ଷ୍ଟୁଡେଣ୍ଟସ୍ ଷ୍ଟୋର, ବ୍ରହ୍ମପୁର । ୩୮ ପୃଷ୍ଠା, ମୂଲ୍ୟ ଛଅଅଣା ।**

ପ୍ରଚ୍ଛଦପଟରେ ଖଣ୍ଡିଏ ନିବର୍ଣ୍ଣ ଚାର ରଙ୍ଗରେ ଦୁଇଖଣ୍ଡି ଅସୁନ୍ଦର ରେଖାଚିତ୍ର ।

ବହିଖଣ୍ଡିକ ଗୋଟିଏ ପୌରାଣିକ ଆଖ୍ୟାୟିକାର ସରଳ ଅନୁକୃତି । ପିଲାମାନଙ୍କ ଉଦ୍ଦେଶ୍ୟରେ ଲେଖା । ଦେଶୀୟ ଭାଷା ସହଜ ହେଲେ ମଧ୍ୟ ସ୍ଥାନେ ସ୍ଥାନେ ଗ୍ରାମ୍ୟ ଓ ଦେଶୀୟ ଭାଷାର ଅତ୍ୟଧିକ ପ୍ରଚଳନ ଲକ୍ଷିତ ହୁଏ ।

ଗଳ୍ପର ସାରମର୍ମ—ମାର୍କଣ୍ଡେୟ ପିତା ମାତାଙ୍କର ଦୁଃଖ ସହି ନ ପାରି କଠୋର ତପସ୍ୟା ଦ୍ୱାରା କପାଳ ଲିଖନ ଖଣ୍ଡନ କରି ଦୀର୍ଘାୟୁ ହୋଇଥିଲେ । ବହିଟିର ଶେଷଭାଗରେ ରାମଚନ୍ଦ୍ର ବାବୁ ଯମଦଣ୍ଡର ଭୟ ଦେଖାଇ ଶିଶୁ ପାଠକମାନଙ୍କୁ ଧର୍ମ ଆଡ଼କୁ ପ୍ରବର୍ତ୍ତାଇବାର ପ୍ରୟାସ କରିଅଛନ୍ତି । ବେତ ଦେଖାଇ ପାଠ ପଢ଼ାଇବା ଆଜିକାଲି ଉଠିଗଲାଣି ପରା !

—ଲେଖନୀ—

**ସାହିତ୍ୟ ସଂଗ୍ରହ—ପ୍ରଥମଭାଗ । ପ୍ରକାଶକ—ଷ୍ଟୁଡେଣ୍ଟସ୍ ଷ୍ଟୋର୍, ବ୍ରହ୍ମପୁର । ୧୧୪ ପୃଷ୍ଠା, ମୂଲ୍ୟ ଆଠଅଣା ।**

ଲବ୍ଧପ୍ରତିଷ୍ଠ କେତେକ ଲେଖକଙ୍କର ମୌଳିକ ପ୍ରବନ୍ଧ ଓ କବିତା ଓ କେତେକ ଅନୂଦିତ ଗଦ୍ୟାଂଶ ଓ ପଦ୍ୟାଂଶର ସମାବେଶ । ଗଦ୍ୟାଂଶର ନିର୍ବାଚନ ସୁନ୍ଦର, ସଙ୍ଗତ ଏବଂ ରୁଚିମତର ପରିଚାୟକ । ପଦ୍ୟାଂଶଗୁଡ଼ିକ ସବୁ ପ୍ରାୟ ଏକା ଧରଣର; ବିଷୟ ବୈଚିତ୍ର୍ୟ ବା କଳ୍ପନାର ଉତ୍କର୍ଷ ଅନ୍ୟାନ୍ୟ କବିତାବ୍ୟତୀତ ଅନ୍ୟମାନଙ୍କରେ ପରିଲକ୍ଷିତ ହୁଏ ନାହିଁ । ମଧୁସୂଦନ ରାଧାନାଥ, ଇତ୍ୟାଦି ପୁରାତନ କବି ଓ ଆଧୁନିକ ଲବ୍ଧପ୍ରତିଷ୍ଠ କବି ଗୋଦାବରୀଶ ବାବୁ ଲକ୍ଷ୍ମୀକାନ୍ତ ବାବୁ, ନୀଳକଣ୍ଠ ବାବୁ ଇତ୍ୟାଦିଙ୍କର ସରସ ଲେଖାରୁ କତେକାଂଶ ସନ୍ନିବିଷ୍ଟ ହୋଇଥିଲେ ପୁସ୍ତକର ମର୍ଯ୍ୟାଦା ଓ ଆଦର ବୃଦ୍ଧି ପାଇଥାନ୍ତା ।

—ଲେଖନୀ—

**ପୁରାଣକଥା—ପ୍ରଥମଭାଗ । ଜନୈକ ଶିକ୍ଷକଙ୍କ ପ୍ରଣୀତ, ପ୍ରକାଶକ—ଗ୍ରନ୍ଥଭଣ୍ଡାର, ବ୍ରହ୍ମପୁର । ୩୬ ପୃଷ୍ଠା, ମୂଲ୍ୟ ଦୁଇଅଣା ।**

ପ୍ରଚ୍ଛଦପଟରେ ଖଣ୍ଡିଏ ନିବର୍ଣ୍ଣ ଚିତ୍ର ଏବଂ ବହିଭିତରେ ସାତୋଟି ରେଖା ଚିତ୍ର ।

କେତୋଟି ପୌରାଣିକ ଗଳ୍ପର ସଂଗ୍ରହ । ଶ୍ରୀକୃଷ୍ଣଲୀଳାରୁ ଅନେକଗୁଡ଼ିଏ ଗୃହୀତ । ସରଳ ଭାଷାରେ ଲେଖା, ଗଳ୍ପ ଗୁଡ଼ିକ କୌତୁକପୂର୍ଣ୍ଣ—ପିଲାମାନଙ୍କର ଚିତ୍ତାକର୍ଷକ ହେବ ସନ୍ଦେହ ନାହିଁ । ପାଠ ପଢ଼ା ଅବସରରେ ପିଲାମାନେ ପଢ଼ିଲେ ଅନେକ ଶିକ୍ଷା ପାଇବେ । ଏ ପ୍ରକାର ପୁସ୍ତକର ବହୁଳ ପ୍ରକାଶ ଓ ପିଲା ମହଲରେ ବହୁଳ ପ୍ରଚାର ବାଞ୍ଛନୀୟ । ଗ୍ରନ୍ଥଭଣ୍ଡାରର ଏ ଜାତୀୟ ପ୍ରୟାସ ସର୍ବଥା ପ୍ରଶଂସାର୍ହ ।

—ଲେଖନୀ—

**ପୂଜା ପୋଥି—ଶ୍ରୀ ବାଞ୍ଛାନିଧି ମିଶ୍ରଙ୍କ ଦ୍ୱାରା ସଂଗୃହୀତ ଏବଂ ପ୍ରକାଶିତ ୪୬ ପୃଷ୍ଠା, ମୂଲ୍ୟ ଚାରିଅଣା ।**

କେତେଗୁଡ଼ିଏ ସ୍ତୋତ୍ର, ଅଷ୍ଟକମାଳା ଓ ଦେବଦେବୀଙ୍କର ସ୍ତବ ଇତ୍ୟାଦି ସଂଗ୍ରହ । ପ୍ରକାଶକ କର୍ତ୍ତୃକ—ଗ୍ରନ୍ଥକର୍ତ୍ତାଙ୍କ ପକ୍ଷରେ ଉପଯୁକ୍ତ



Digitized by srujanika@gmail.com

ଏପରି ସର୍ବୋତ୍କୃଷ୍ଟ ସୁନ୍ଦର ସ୍ତୋତ୍ର ଏତେଗୁଡ଼ିଏ ଏକତ୍ର କାହିଁରେ ମିଳିବନାହିଁ । କହିବା ବାହୁଲ୍ୟ ଏ ଜାତୀୟ ପୁସ୍ତକ ଭକ୍ତମାନଙ୍କୁ ଅନେକ ପରିଶ୍ରମରୁ ରକ୍ଷା କରିବ. କାରଣ ପ୍ରକାଶକଙ୍କ ମତରେ ଏହା ଗୋଟିଏ Compendium ଭଗବଦ୍‌ଗୀତାରୁ ଆରମ୍ଭ କରି ସରସ୍ୱତୀବନ୍ଦନା ପର୍ଯ୍ୟନ୍ତ ସବୁ ଏଥିରେ ଅଛି ।

—ଲେଖନୀ—

**ଭାରତ ତୀର୍ଥ-ଦର୍ଶନ — ପ୍ରଥମ ଓ ଦ୍ୱିତୀୟ ଭାଗ, ଲେଖକ—ଶ୍ରୀ ମଦନମୋହନ ପଟ୍ଟନାୟକ । ୧୪୬ପୃଷ୍ଠାରେ ଦୁଇଭାଗ ସମ୍ପୂର୍ଣ୍ଣ । ମୂଲ୍ୟ ଏକ ଟ ୦ ୴୵**

ଲେଖକ ତୀର୍ଥ ଦର୍ଶନ କରିବାକୁ ଯାଇ ଭାରତର ବିଶିଷ୍ଟ ସ୍ଥାନମାନ ପରିଦର୍ଶନ କରିଅଛନ୍ତି । ପ୍ରଥମ ଭାଗରେ ଦକ୍ଷିଣାଞ୍ଚଳ ତୀର୍ଥ-ଦର୍ଶନ ଓ ଦ୍ୱିତୀୟ ଭାଗରେ ମଧ୍ୟାଞ୍ଚଳ ତୀର୍ଥ ଦର୍ଶନ ଓ ତୃତୀୟ ଚତୁର୍ଥ ଭାଗମାନଙ୍କରେ ଯଥାକ୍ରମେ ପଶ୍ଚିମାଞ୍ଚଳ ଓ ଉତ୍ତରାଞ୍ଚଳ ତୀର୍ଥ ଦର୍ଶନମାନ ବର୍ଣ୍ଣିତ ହୋଇଅଛି । ଉକ୍ତ ପୁସ୍ତକ ମଧ୍ୟରୁ ପ୍ରଥମ ଦୁଇଭାଗ ମାତ୍ର ହସ୍ତଗତ ହୋଇଅଛି । ତୀର୍ଥ ଦର୍ଶନେଚ୍ଛୁ ଓ ଦେଶ ପର୍ଯ୍ୟଟନ ଅଭିଳାଷୀମାନଙ୍କ ପକ୍ଷରେ ଏ ପୁସ୍ତକର ଯଥେଷ୍ଟ ଆଦର ହେବ । ଭ୍ରମଣ ବୃତ୍ତାନ୍ତ ପୁଙ୍ଖାନୁପୁଙ୍ଖ ରୂପେ ବର୍ଣ୍ଣିତ ହୋଇଥିବାରୁ ଏହା ଉକ୍ତ ଲୋକମାନଙ୍କର ପଥ ପ୍ରଦର୍ଶନର କାର୍ଯ୍ୟ କରିବ ।

ଦେଶ ପର୍ଯ୍ୟଟନରୁ ଯେଉଁ ମହାଶିକ୍ଷା ମିଳେ ଏ କଥା ସର୍ବବାଦୀ ସମ୍ମତ । ମଦନମୋହନ ବାବୁଙ୍କ ତୀର୍ଥଦର୍ଶନ ଦେଶର ଧନୀଲୋକମାନଙ୍କୁ, ସେ ପଥରେ ପଥିକ କରାଉ ଏବଂ ଦେଶର ସାହିତ୍ୟ କୌତୁକାବହ ଭ୍ରମଣ ବୃତ୍ତାନ୍ତ ଓ ଦେଶ ବିଦେଶର ତତ୍ତ୍ୱଦର୍ଶିତାରେ ପୂରିଯାଉ ।

—ଲେଖନୀ—

**କମଳ କୁମାରୀ — ଶ୍ରୀ ରାମଚନ୍ଦ୍ର ଆଚାର୍ଯ୍ୟ । ପ୍ରକାଶକ— ବାଣୀବିନୋଦ ନିକେତନ, ବ୍ରହ୍ମପୁର । ୩୧୮ ପୃଷ୍ଠା, ମୂଲ୍ୟ ଟ ୧ ୴ ଙ୍କା ; ପ୍ରଥମ ପୃଷ୍ଠାର ଚିତ୍ର ବଙ୍ଗଳା ବହି 'ରାଜରାଣୀ'ରୁ ଗୃହୀତ ।**

ତେଲୁଗୁ ପୁସ୍ତକରୁ ଅନୁବାଦ କରାଯାଇଅଛି । କମଳକୁମାରୀର ଐତିହାସିକତା ବିଷୟରେ ମତଭେଦ ଅଛି । 'ରାଜସ୍ଥାନ' ବର୍ଣ୍ଣିତ ଘଟନାବଳୀ ମଧ୍ୟରେ କମଳକୁମାରୀ ବଡ଼ କୌତୁକାବହ—ବିଶେଷତଃ ଔରଙ୍ଗଜୀବଙ୍କର କ୍ରିୟାକଳାପ ସଂକ୍ରାନ୍ତ କଥାଗୁଡ଼ିକ । ବଙ୍କିମ ବାବୁ 'ରାଜସ୍ଥାନ'ର ରାଜସିଂହଙ୍କୁ ଅମର କରି ଯାଇଅଛନ୍ତି—ଦ୍ୱିଜେନ୍ଦ୍ର ବାବୁଙ୍କର 'ଦୁର୍ଗାଦାସ' 'ମେବାର ପତନ' ଇତ୍ୟାଦିର କଥାବସ୍ତୁ 'ରାଜସ୍ଥାନ'ରୁ ଗୃହୀତ । ରାଜସ୍ଥାନ ସ୍ୱଦେଶପ୍ରାଣ ଲେଖକମାନଙ୍କର ପ୍ରେରଣା ପୀଠ । କମଳକୁମାରୀ ଗ୍ରନ୍ଥର ପରିଚୟ ମାତ୍ର ଏଠାରେ ଦିଆଗଲା । ଭବିଷ୍ୟତରେ ତହିଁର ଔପନ୍ୟାସିକତା ବିଷୟରେ ଆଲୋଚନା କରିବାର ବାସନା ରହିଲା ।

---

## ସଂକଳନ ।

**ଭାରତବର୍ଷ—ଚୈତ୍ର, ୧୩୩୨—ବାଲ୍ୟବିବାହ ଓ ଅକାଳମୃତ୍ୟୁ—ଶ୍ରୀ ଗୁରୁଚନ୍ଦ୍ର ମିତ୍ର, ଏଟର୍ଣ୍ଣି-ଆଟ୍-ଲ ।**

ଲେଖକ ପୂର୍ବବର୍ତ୍ତୀ ପ୍ରବନ୍ଧରେ ଅକାଳମୃତ୍ୟୁର ବାଲ୍ୟବିବାହ ସଙ୍ଗରେ କୌଣସି ପ୍ରାମାଣିକ ସମ୍ବନ୍ଧ ନାହିଁ ବୋଲି ଦର୍ଶାଇଥିଲେ । ପରେ ଅନ୍ୟ ଜଣେ ଲେଖକ ତାହାର ପ୍ରତିବାଦ କରି କେତେକ ଯୁକ୍ତି କରିଅଛନ୍ତି । ପ୍ରବନ୍ଧଟି ସେହି ପ୍ରତିବାଦକୁ ଖଣ୍ଡନ କରିଅଛି ।

ନ୍ୟାୟଶାସ୍ତ୍ର ଅନୁମୋଦିତ ପର୍ଯ୍ୟବେକ୍ଷଣ ଓ ସାଦୃଶ୍ୟ ନ୍ୟାୟ ପ୍ରମାଣର ଆଶ୍ରୟ ନେଇ ଲେଖକ ନିମ୍ନଲିଖିତ ତଥ୍ୟମାନ ସିଦ୍ଧ କରିଅଛନ୍ତି ।

୧ । ଅକାଳମୃତ୍ୟୁର ପ୍ରଧାନ କାରଣ, ଦାରିଦ୍ର୍ୟ—ବାଲ୍ୟବିବାହ ନୁହେ । ଦେଶର ଧନୀପରିବାରରେ ଶିଶୁ ବା ଅକାଳମୃତ୍ୟୁ ସଂଖ୍ୟା ଅନ୍ୟଦେଶର ତାଦୃଶ ମୃତ୍ୟୁ ସଂଖ୍ୟା ସଙ୍ଗରେ ସମାନ ।

୨ । ପୂର୍ବକାଳରେ ରାମାୟଣ, ଉପନିଷଦ ଓ ମହାଭାରତ ଯୁଗରେ ବାଲ୍ୟବିବାହ ପ୍ରଚଳନ ନ ଥିବାର କୌଣସି ପ୍ରମାଣ ନାହିଁ କି ଯୌବନ ବିବାହ ପ୍ରଚଳନର ପ୍ରମାଣ ନାହିଁ ।

୩ । ବାଲ୍ୟବିବାହ, ଲୋକସଂଖ୍ୟା ବୃଦ୍ଧି, ସ୍ୱାସ୍ଥ୍ୟ ଓ ରୋଗ ପ୍ରତିଷେଧର କ୍ଷମତା ଯେନ ଦୋଷାବହ

Digitized by srujanika@gmail.com

ହୋଇ ନ ପାରେ । ସାଦୃଶ୍ୟ ନ୍ୟାୟ ଅନୁସରଣରେ ଅନେକ ପ୍ରମାଣ ଦର୍ଶିତ ହୋଇଅଛି ।

୪ । ଲୋକସଂଖ୍ୟାର ହ୍ରାସ ବୃଦ୍ଧି ସହିତ ବାଲ୍ୟବିବାହର କାର୍ଯ୍ୟ କାରଣ ସମ୍ପର୍କର ପ୍ରତିଷ୍ଠା କରିବା Census Report ଇତ୍ୟାଦିର ବର୍ତ୍ତମାନରେ—ବାତୁଳତା ।

୫ । ସ୍ତ୍ରୀ ମୃତ୍ୟୁପାଇଁ ବାଲ୍ୟବିବାହ ଦାୟୀ ହୋଇ ନ ପାରେ । ଯୌବନ-ବିବାହ ପ୍ରଚଳିତ ଜାତି ବା ଦେଶମାନଙ୍କରେ ନାରୀର ଆୟୁ ଓ ବାଲ୍ୟବିବାହିତା ହିନ୍ଦୁ ରମଣୀର ଆୟୁ ପ୍ରାୟ ସମାନ ।

୬ । ସ୍ତ୍ରୀଲୋକର ଜନ୍ମ ସଂଖ୍ୟା ହ୍ରାସ—ବାଲ୍ୟବିବାହର ଫଳ ନୁହେ ।

୭ । ରୁଗ୍ଣ ସନ୍ତାନ ଉତ୍ପତ୍ତି ନିମିତ୍ତ କେବଳ ବାଲ୍ୟବିବାହକୁ ଦୋଷ ଦେଲେ ଚଳିବନାହିଁ । ରୁଗ୍ଣ ପିତା ମାତାର ରୁଗ୍ଣ ସନ୍ତାନ ହେବା ସ୍ୱାଭାବିକ ।

୮ । ଜୀବଜନ୍ତୁ ଇତ୍ୟାଦି ଶରୀରର ପୂର୍ଣ୍ଣତା ଅପେକ୍ଷା କରି ପ୍ରଜନନ କ୍ରିୟା ଆରମ୍ଭ କରନ୍ତିନାହିଁ ।

୯ । ମନୁ ଆଦି ସ୍ମୃତି ଶାସ୍ତ୍ରକାରମାନେ ବାଳିକାବିବାହର ପକ୍ଷପାତୀ ।

୧୦ । ଅଯୋଧ୍ୟାର କୁମାରୀମାନଙ୍କର ବନଭ୍ରମଣବେଳେ ବାୟୁର ପ୍ରଣୟ ଆବେଦନ—କବିର କଳ୍ପନା । ସେତେବେଳେ ସେମାନେ ଯୌବନରେ ଉପନୀତା ବୋଲି ପ୍ରମାଣ ନାହିଁ ।

**ପ୍ରବାସୀ**—ଚୈତ୍ର ୧୩୩୨,—ରାଷ୍ଟ୍ରଜଗତରେ ବର୍ତ୍ତମାନ ଭାବର ଧାରା—ଶ୍ରୀ ରାମାପ୍ରସନ୍ନ ସେନଗୁପ୍ତ ।

ସ୍ୱାଧୀନତା ଓ ଅନ୍ତର୍ଜ୍ଜାତୀୟତା ଜଗତର ଭାବସ୍ରୋତକୁ ଅଧିକାର କରିବସିଛି ।

ସ୍ୱାଧୀନତା ଅନଧୀନତା ବା ଯଥେଚ୍ଛାଚାର ନୁହେ । ରାଷ୍ଟ୍ରଶକ୍ତି ବା ଆଇନ ଓ ଶୃଙ୍ଖଳାନିୟନ୍ତ୍ରିତ ସ୍ୱାଧୀନତା ପ୍ରକୃତ ସ୍ୱାଧୀନତା ନାମବାଚ୍ୟ । ଯଥେଚ୍ଛାଚାର ଶାନ୍ତି ଓ ଶୃଙ୍ଖଳା ବିରୋଧୀ ।

ପ୍ରକୃତ ସ୍ୱାଧୀନତା ଉପଭୋଗ ନିମିତ୍ତ ମାନସିକ ଉତ୍କର୍ଷ ପ୍ରୟୋଜନ । ଶିକ୍ଷା ଅଭାବରେ ସ୍ୱାଧୀନତାର ସୁଖ ଅନୁଭବ କରିହୁଏନାହିଁ ।

ରାଷ୍ଟ୍ରଶକ୍ତି ସ୍ୱାଧୀନତା ଉପରେ କେତେଦୂର ପ୍ରଭାବ ବିସ୍ତାରକରିବ ଏ ବିଷୟରେ ନାନା ମୁନିଙ୍କର ନାନାମତ । ଅତିଷ୍ଟବାଦୀ ବ୍ୟକ୍ତିଗତ ସ୍ୱାଭାବିକ ନ୍ୟାୟଶୀଳତାରେ ବିଶ୍ୱାସକରନ୍ତି । ତାଙ୍କ ମତରେ ରାଷ୍ଟ୍ର ବ୍ୟକ୍ତିଗତ ସ୍ୱାଧୀନତା ନଷ୍ଟକରେ ଏବଂ ଅନ୍ୟାୟ ବଢ଼ାଏ । କିନ୍ତୁ କିନ୍ତୁ-ଅପରାଧୀ ମାନଙ୍କ ଅଭିରତଲିପ୍ସା ନିରାକରଣର ଉପାୟ ବିଷୟରେ ସେମାନେ ନୀରବ ।

ସ୍ୱାତନ୍ତ୍ର୍ୟବାଦୀଙ୍କ ମତରେ ରାଷ୍ଟ୍ର ବାଞ୍ଛନୀୟ । ତାହାର କାର୍ଯ୍ୟ ଯୌଥ ସଂରକ୍ଷଣ—ବ୍ୟକ୍ତିସଙ୍ଗରେ ତା'ର ସମ୍ବନ୍ଧ ନାହିଁ ।

ବିବର୍ତ୍ତନବାଦ ମତାବଲମ୍ବନ କରିବା ଫଳରେ ଦେଶର ଶ୍ରମିକମାନଙ୍କର ଦୁର୍ଦ୍ଦଶା ବଢ଼ିଯାଇଛି—ଧନିକ ଓ ଶକ୍ତିଶାଳୀର ଅତ୍ୟାଚାରରେ ସେମାନେ ନିଷ୍ପେଷିତ ହୋଇଛନ୍ତି ।

ବର୍ତ୍ତମାନର ଗଣବାଦ ସାମାଜିକ ଅସାମ୍ୟର ପ୍ରତିବାଦ କରି ଭୂମି, ଧନ ଓ ପରିଶ୍ରମ ସମସ୍ତ ଗଣତନ୍ତ୍ରର ଅଧୀନ କରିବାକୁ ଚାହାନ୍ତି ।

Communism ଏ ମତର ଚରମପନ୍ଥା । ଗଣତନ୍ତ୍ର ବ୍ୟକ୍ତିଗତ ଅଧିକାରର ବିରୋଧୀ । ଗଣତନ୍ତ୍ରର ପ୍ରଧାନଦୋଷ ଅଧିକ ସଂଖ୍ୟକ ଦ୍ୱାରା ଅଳ୍ପସଂଖ୍ୟକର ନିର୍ଯ୍ୟାତନ ।

ବର୍ତ୍ତମାନ ଜଗତରେ ବହୁରାଷ୍ଟ୍ର ମତର ବହୁଳପ୍ରଚାର । ବ୍ୟବସାୟ ଦୃଷ୍ଟିରେ ଏକୀକରଣ ଏ ମତର ପ୍ରଧାନଭିତ୍ତି । ବିଭିନ୍ନ ଦେଶର ଏକଜାତୀୟ ବ୍ୟବସାୟୀ ବା ଏକପ୍ରକାର ଚିନ୍ତା ଧାରାର ଲୋକେ ମିଳି ନିଜ ନିଜର ବିଭିନ୍ନ ଅସଂଖ୍ୟ ରାଜ୍ୟର ପ୍ରତିଷ୍ଠା କରନ୍ତୁ ।

ଜାତୀୟତା ଆଭ୍ୟନ୍ତରିକ ଐକ୍ୟ ସାପେକ୍ଷ । ଜାତୀୟତାର ପ୍ରଧାନ ଦାବୀ ସ୍ୱତନ୍ତ୍ର ଶାସନ ।

ଅନ୍ତର୍ଜାତୀୟତାର ଅନ୍ୟ ଅର୍ଥ ବିଶ୍ୱଜନୀନ ଐକ୍ୟ, ଆନ୍ତର୍ଜାତିକ ବାଣିଜ୍ୟ, ଶିଳ୍ପ, କଳା ଓ ବିଜ୍ଞାନ

Digitized by srujanika@gmail.com

ଆଲୋଚନା; ଏକ ଧର୍ମପ୍ରଣ୍ଟର ସମସ୍ତ ମିଳି ସକଳଜାତିର ଚକ୍ଷୁଫିଟାଇ ଦେଖାଇଦେଇଛନ୍ତି ଯେ ଅତ୍ମସଂପୂର୍ଣ୍ଣତା— ବା ଅତ୍ମବଶିଷ୍ଟ ହେବା ଏ ଯୁଗରେ ଅସମ୍ଭବ । ବିଶ୍ୱ ସୌହାର୍ଦ୍ଦ୍ୟ ପ୍ରଥମ କର୍ତ୍ତବ୍ୟ । ଏହି ଫଳରେ ଜାତି ସଂଘର ପ୍ରତିଷ୍ଠା ।

ଉତ୍କଳ ସାହିତ୍ୟ—ଫାଲ୍‌ଗୁନ ୧୩୩୩—

ଅଫ୍ରିକାର ନିଗ୍ରୋ ଜାତି— ଶ୍ରୀ ଭିବଗ୍ରାହୀ ପଣ୍ଡା । ଅଫ୍ରିକା ମହାଦେଶର ଆୟତନ ୧୨,୦୦୦,୦୦୦ ବର୍ଗ-ମାଇଲ— ଭାରତବର୍ଷର ଆଠଗୁଣ । ଅଫ୍ରିକାର ଆଦିମ ନିବାସୀ ନିଗ୍ରୋଜାତିର ଆଦିମ ଇତିହାସ ଅମାଳୁମ । ନିଗ୍ରୋଜାତି କ୍ରୀତଦାସ ରୂପରେ ପ୍ରଥମେ ପରିଚିତ— ଆଦିମ ସଭ୍ୟତା ତାଙ୍କର ଯାହା ତାହାର ଧାରାବାହିକ ଇତିହାସ ନାହିଁ । ବସତି ସ୍ଥାପନପରେ ବ୍ୟବସାୟ ନିବନ୍ଧରେ ଯାଇଁ ୟୁରୋପୀୟମାନେ ଅଫ୍ରିକା ଯାଏ ଅଧିକାର କରି ବସିଛନ୍ତି । ଦାସତ୍ୱପ୍ରଥା ରହିତ ହୋଇଛି, କିନ୍ତୁ Economic Exploitation ଗୁଣରେ ନିଗ୍ରୋଙ୍କର ଦୁର୍ଦ୍ଦଶା ବଢ଼ିଯାଇଛି । ନିଗ୍ରୋମାନଙ୍କ ମଧ୍ୟରେ ଅଧିକାଂଶ ମୂର୍ଖ ଏବଂ ଅଶିକ୍ଷିତ—ଏସିଆର ଲୋକଙ୍କ ପରି ଉତ୍ପୀଡ଼ିତଙ୍କର ଅତ୍ୟାଚାର ହୃଦୟଙ୍ଗମ କରିବାକୁ ଅକ୍ଷମ ।

ଗତ ଯୁଦ୍ଧପରେ ନିଗ୍ରୋମାନେ ଜାଗ୍ରତ ହେଲା-ପରି ଜଣାପଡ଼େ । ୧୯୨୦ ରେ ନିଗ୍ରୋମାନଙ୍କର ଜାତୀୟ ସଭାର ସୂଚନାହୁଏ । ଧାରାବାହିକ 'agitation ଫଳରେ ଗୋଲ୍ଡ କୋଷ୍ଟ ଏବଂ ସିଏରାଲିଓନରେ ଦୁଇଟି ଲେଜିସ୍‌ଲେଟିଭ୍ ଏସେମ୍ବ୍ଲି ବ୍ରିଟିଶମାନଙ୍କଦ୍ୱାରା ସ୍ଥାପିତ ହେଲା । ଅଫ୍ରିକାର ଅନ୍ୟାନ୍ୟ ଯେଉଁ ଅଂଶ-ମାନ ବେଲ୍‌ଜିୟମ୍, ସ୍ପେନ୍, ଇଟାଲୀ, ଫ୍ରାନ୍ସ ଇତ୍ୟାଦି ୟୁରୋପୀୟ ଜାତିଙ୍କ ଅଧିକାରଭୁକ୍ତ ତାଙ୍କ ଦଶା କହିଲେ ନ ସରେ ।

କଳା ଧଳା ଭେଦାଭେଦ ଏ ଦେଶରେ ଏକା-ବେଳେକେ ଶେଷ ସୀମାରେ ପହୁଞ୍ଚିଛି । ଦେଶର ବ୍ୟବସାୟ, ବାଣିଜ୍ୟ, ଧନ, ସଂପଦ ସବୁ ୟୁରୋପୀୟଙ୍କ ହାତରେ ମଜୁରୀ ମୂଲ ଯାହା ଦେଶଲୋକଙ୍କ ହାତକୁ ଆସେ ଅତିଅଳ୍ପ । ତଥାପି ସମସ୍ତ ବାଧାବିଘ୍ନ ଅତିକ୍ରମ କରି ନିଗ୍ରୋଜାତି ଜାଗ୍ରତ ହୋଇଛି—ଶିକ୍ଷାର ଅଭାବରେ ଯାହା ଜାତୀୟ ଉନ୍ନତି ପ୍ରତିହତ ହେଉଛି ଏତିକି ।

ମୁକୁର—ମାର୍ଗଶିର, ପୌଷ ୧୩୩୩—

ଭାରତର ବର୍ତ୍ତମାନ ଅବସ୍ଥା— ଶ୍ରୀ ଗୋବିନ୍ଦ ତ୍ରିପାଠୀ

ଭାରତର ସମୃଦ୍ଧ ଉନ୍ନତିନିମନ୍ତେ ବାଣିଜ୍ୟ ଉପାଦେୟ ନୁହେ, ବ୍ୟକ୍ତିଗତ ଉନ୍ନତିପାଇଁ ଉପଯୋଗୀ ହୋଇ-ପାରେ । ମୁଷ୍ଟିମେୟ କୋଟିପତିର ସୃଷ୍ଟି ଦେଶର ଦୁର୍ଦ୍ଦଶା ମେଣ୍ଟାଇବ ନାହିଁ । କର୍ମଠ, ବଳିଷ୍ଠ, ସ୍ୱାଧୀନ ବୃତ୍ତି ଲୋକସଂଘର ଏକମାତ୍ର ପ୍ରୟୋଜନ ।

ବାଣିଜ୍ୟର ଅର୍ଥରେ ପଣ୍ୟ ଦ୍ରବ୍ୟର ଉତ୍ପାଦନ ଓ ବିକ୍ରୟ, ବ୍ୟବସାୟ ଅର୍ଥରେ ଦଲାଲି ପ୍ରଭୃତି ମୂଳଧନ ସଂପର୍କୀୟ ଆଦାନ ପ୍ରଦାନବୋଲି ଧରା ଯାଇଅଛି । ଏଥି ନିମନ୍ତେ ବ୍ୟାଙ୍କର ସୁବିଧା ପ୍ରୟୋଜନ ।

ଆମଦେଶରେ ସରକାରୀ ବ୍ୟାଙ୍କ ପ୍ରଧାନ—ସାଧା-ରଣଙ୍କ ପକ୍ଷରେ ତାହା ସୁବିଧାଜନକ ନହେ । ଲୋକ-ଙ୍କର ପାଣ୍ଠି କମ ।

ସମବାୟ ସମିତି ଜନସାଧାରଣଙ୍କ ଅଭାବ ମୋଚନ-ପାଇଁ ଉପାଦେୟ ହେଲେହେଁ ପ୍ରକୃଷ୍ଟ ଉପାୟ ନୁହେ, ଆଦାୟର ନିୟମ ବଡକଡ଼ା, ଲୋକେ ମହାଜନଙ୍କୁ ଯାଇଁ କାନ୍ଥାରରେ ପଡନ୍ତି । Speculation ପାଇଁ ଦୂର-ଦର୍ଶିତା, ଦେଶ ଦେଶାନ୍ତର ସମ୍ବାଦ, ଧୈର୍ଯ୍ୟ ବା ସମ୍ବଳ-ଜନସାଧାରଣଙ୍କର ନାହିଁ । ଦେଶ ବିଦେଶରୁ ମାଲ ଅମଦାନୀ ଓ ନିଜଦେଶରୁ ରପ୍ତାନୀଦ୍ୱାରା ଲୋକସମୂହର ଉନ୍ନତି ହୋଇପାରେ, ମାତ୍ର ଦେଶର ପ୍ରୟୋଜନୀୟତା ଦୃଷ୍ଟିରେ ବହୁସଂଖ୍ୟକ ଲୋକେ ଏ ବ୍ୟବସାୟରେ ଯୋଗି-ହୋଇ ପାରିବେନାହିଁ ।

Digitized by srujanika@gmail.com

# ବିବିଧ ପ୍ରସଙ୍ଗ ।

## ପୁରୀ ରାଜବଂଶ ।

ପୁରୀରାଜାଙ୍କୁ ଜନସାଧାରଣ ଓଡ଼ିଶା ଗଜପତି କହନ୍ତି, କିନ୍ତୁ ଓଡ଼ିଶା ତାଙ୍କ ଶାସନାଧୀନରେ ନାହିଁ କି ତାଙ୍କର କିଛି ବଡ଼ ଜମିଦାରୀସୁଦ୍ଧା ସେଥିରେ ନାହିଁ । କିନାକେତେ ସେ ଖୋର୍ଦ୍ଧା ରାଜା ବୋଲାଉଥିଲେ, କିନ୍ତୁ ବ୍ରିଟିଶରାଜତ୍ୱ ଆରମ୍ଭରୁ ସେଥିରୁ ସୁଦ୍ଧା ସେ ବଞ୍ଚିତ । କେବଳ ପୁରୀ ବଡ଼ଦାଣ୍ଡ ଉପରେ ଏକ ପ୍ରାସାଦରେ ବାସକରି ନାମତଃ ପୁରୀଦେଉଳର ପୁରୁଷାନୁକ୍ରମିକ ଅଧ୍ୟକ୍ଷ ଥିବାରୁ ତାଙ୍କୁ ପୁରୀରାଜା ବୋଲାଯାଉଅଛି । ବର୍ତ୍ତମାନ ଦେଖିବାକୁ ଗଲେ ସେ ସରକାରଙ୍କ ମନୋନୀତ ଏକ କର୍ମ୍ମଚାରୀ ଉପରେ ମନ୍ଦିରର ଶାସନଭାର ଅର୍ପଣକରି ଟ ୨୩୩୩।/୪ ବାର୍ଷିକ 'ନାଜରନା' ବୃତ୍ତିପାଇ ମାହାଲିୟା ହୋଇ ବସିଅଛନ୍ତି । କିନ୍ତୁ ପ୍ରକୃତ ପକ୍ଷରେ ସେ ଗଙ୍ଗା-ଗୋଦାବରୀ ଅମରକଣ୍ଟକ ପରିସେବିତ ସ୍ୱାଧୀନ ରାଜ୍ୟର ଗଜପତି ନୃପତିମାନଙ୍କର ସିଂହାସନାଭିଷିକ୍ତ ଓ ଓଡ଼ିଆଜାତିର ପୂର୍ବ ଗୌରବ ଓ ନିରବଚ୍ଛିନ୍ନ ଶକ୍ତିର ସ୍ମାରକ । ତାଙ୍କର ରାଜ୍ୟ ନାହିଁ, କି କ୍ଷମତା ନାହିଁ, କି ସରକାର ୮ ମୁକୁନ୍ଦ-ଦେବଙ୍କୁ ବ୍ୟକ୍ତିଗତ ଭାବରେ ରାଜା ଉପାଧି ଦେଇଥିଲେ ସୁଦ୍ଧା ପୁରୁଷାନୁକ୍ରମିକ ରାଜା ଉପାଧିରୁ ସେ ବଞ୍ଚିତ । ତଥାପି ସେ ଭାରତର ହିନ୍ଦୁ ଧର୍ମସମାଜର ପୁରୁଷାନୁକ୍ରମିକ ନେତା ଓ ଜନସାଧାରଣରେ ଚଳନ୍ତିବିଷ୍ଣୁ ଠାକୁରରାଜା ୯ଙ୍କ ଲକ୍ଷେ ରାଜଙ୍କ ମୁକୁଟମଣି ବୋଲି ବିଦିତ । ଏହିରାଜ-ବଂଶ ଓଡ଼ିଆଜାତିକୁ ତାର ରାଜନୈତିକ ଖଣ୍ଡବିଖଣ୍ଡ ସତ୍ତ୍ୱେ ଏକ ଅଭେଦ୍ୟ ଗ୍ରନ୍ଥିରେ ବନ୍ଧନ କରିଅଛି । ଏହି ସ୍ମୃତିଦେଖି ଓଡ଼ିଆ ଗର୍ବ କରୁଅଛି ଯେ ଏକସମୟରେ ତାର ପୂର୍ବପୁରୁଷ ଗୌଡ଼େଶ୍ୱର ନବକୋଟି କର୍ଣ୍ଣାଟ କଲ-ବର୍ଗେଶ୍ୱରଙ୍କ ବିଜୟ-କେତନ ଧାରଣ କରିଥିଲା । ଏହି ସ୍ମୃତି ମଧ୍ୟ ତାକୁ ଆଶା ଦେଖାଇ ଦେଉଅଛି ଯେ ରାଜନୈତିକ ପ୍ରତିବନ୍ଧକସତ୍ତ୍ୱେ ଏହି ସ୍ମୃତିର ଆଧ୍ୟାତ୍ମିକ ପ୍ରଭାବରେ ସେ ଏକ ଅଖଣ୍ଡ ନିରବଚ୍ଛିନ୍ନ ମହାଭାର-ତୀୟ ଜାତିରେ ପରିଣତ ହୋଇ ତାର ରାଜନୈତିକ ଅଧି-କାର ଉପଭୋଗ କରିବ । ଓଡ଼ିଆ ଦେଶର ଓ ଓଡ଼ିଆ-ଜାତିର ଭାଗ୍ୟବିପର୍ଯ୍ୟୟ ଏହି ବଂଶର ବିପର୍ଯ୍ୟୟ ସଙ୍ଗେ ଅବିଚ୍ଛେଦ୍ୟ । ଉକ୍ତ ରାଜବଂଶର ସଂକ୍ଷିପ୍ତ ବିବରଣ ବିବୃତ କରିବା ଏ ପ୍ରବନ୍ଧର ଉଦ୍ଦେଶ୍ୟ ।

ଉତ୍କଳର ବହୁପୁରାତନ ବିବରଣ ମଧ୍ୟରେ ପ୍ରବେଶ-କରି ପ୍ରବନ୍ଧର ଆକାର ବୃଦ୍ଧି କରିବାର ନୁହେଁ । ଏତିକି କହିଲେ ଯଥେଷ୍ଟ ହେବ ଯେ ଚତୁର୍ଥ ଭାନୁଦେବଙ୍କ ସଙ୍ଗେ ସ୍ୱାଧୀନ ଉତ୍କଳର ଗଙ୍ଗାବଂଶର ଲୋପ । କପିଳ-ସାନ୍ତ୍ରା 'କପିଳେନ୍ଦ୍ର'ନାମଧାରଣ କରି ୧୪୩୫ ଖ୍ରୀଷ୍ଟାବ୍ଦରେ ସୂର୍ଯ୍ୟବଂଶ ପ୍ରତିଷ୍ଠା କରନ୍ତି । ତାଙ୍କପରେ ପୁରୁଷୋତ୍ତମ ଓ ପ୍ରତାପରୁଦ୍ର । ପ୍ରତାପରୁଦ୍ରଙ୍କ ସଙ୍ଗେ ସୂର୍ଯ୍ୟବଂଶର ଲୋପ । ତାଙ୍କର ପୁତ୍ରମାନେ ଅଯୋଗ୍ୟ ଥିବାରୁ ମନ୍ତ୍ରୀ ଗୋବିନ୍ଦ-ବିଦ୍ୟାଧର ସେମାନଙ୍କୁ କୌଶଳରେ ନିହତକରି ସ୍ୱୟଂ ସ୍ୱାଧୀନ ଉତ୍କଳରେ ରାଜ୍ୟାଭିଷିକ୍ତ ହେଲେ । ସେ ଭୋଇ-ବଂଶର ପ୍ରତିଷ୍ଠାତା । ଗୋବିନ୍ଦବିଦ୍ୟାଧର ଗୋବିନ୍ଦଦେବ ନାମ ଧାରଣ କରିଥିଲେ । ତାଙ୍କ ସମୟରେ ଗଙ୍ଗାଠାରୁ ଗୋଦାବରୀପର୍ଯ୍ୟନ୍ତ ସମସ୍ତ ରାଜ୍ୟ ତାଙ୍କ ରାଜଧାନୀ କଟକରୁ ଶାସିତ ହେଉଥିଲା ଓ ଜନାର୍ଦ୍ଦନ ବିଦ୍ୟାଧର ନାମକ ତାଙ୍କର ଜଣେ ମନ୍ତ୍ରୀ ଅତ୍ୟନ୍ତ କ୍ଷମତାଶାଳୀ ଥିଲେ ସେମାନେ ଏକ ବଂଶୀୟ ଅଟନ୍ତି । ଗୋବିନ୍ଦଦେବଙ୍କ ସମୟରେ ଉତ୍କଳରେ ଅନ୍ତର୍ବିବାଦ ଓ ବହିର୍ବିବାଦ ବରା-ବର ଲାଗିରହିଥିଲା । ଗୋବିନ୍ଦ ଦେବଙ୍କ ମୃତ୍ୟୁ ଅନ୍ତେ ଜନାର୍ଦ୍ଦନଙ୍କ ସାହାଯ୍ୟରେ ଚକ୍ରପ୍ରତାପ, ନରସିଂହ ଯେନା ଓ ଗୋବିନ୍ଦଙ୍କ ଭାଗିନେୟ ରଘୁରାମ ଛୋଟରାୟ କିୟତ୍-କାଳ ସିଂହାସନାରୋହଣ କରିଥିଲେ । ସେମାନଙ୍କପରେ



Digitized by srujanika@gmail.com

ତେଲଙ୍ଗା-ମୁକୁନ୍ଦ ହରିଚନ୍ଦନ 'ମୁକୁନ୍ଦଦେବ' ନାମଧାରଣକରି ରାଜ୍ୟ ଶାସନକଲେ । ଯାଜପୁର ଯୁଦ୍ଧରେ ତାଙ୍କର ମୃତ୍ୟୁହେବାରୁ ଓଡ଼ିଶାର ସ୍ୱାଧୀନ ରାଜବଂଶର ଲୋପହେଲା । ତତ୍ପରେ ଅଫଗାନମାନେ ଓଡ଼ିଶା ଅଧିକାର କଲେ । ମୋଗଲମାନଙ୍କର ଦୃଷ୍ଟି ମଧ୍ୟ ଓଡ଼ିଶା ଦିଗରେ ଆକୃଷ୍ଟ ହେଲା ଓ ଗୋଲକୁଣ୍ଡାର ବାହାମନୀ ମୁସଲମାନ ଦକ୍ଷିଣ ଦିଗରୁ ଓଡ଼ିଶା ଆକ୍ରମଣ କଲେ । ପ୍ରାଚୀନ ଗଙ୍ଗାବଂଶ ଓ ସୂର୍ଯ୍ୟବଂଶ ଲୋପ ପାଇଥିଲା ଓ ଭୋଇ-ବଂଶୀୟ ରାଜ କର୍ମଚାରୀଗଣେ କ୍ଷମତାଶାଳୀ ସାମନ୍ତହୋଇ ରହିଲେ । ଏହି ଅରାଜକତା ମଧ୍ୟରେ ଜନାର୍ଦ୍ଦନ ବିଦ୍ୟାଧରଙ୍କ ପୁଅ ରମେଇ ରାଉତରାୟ ରାମଚନ୍ଦ୍ରଦେବ ନାମଧାରଣକରି ଓଡ଼ିଶାର ରାଜାହେଲେ । ଅଫଗାନମାନେ କଟକର ଉତ୍ତରାଞ୍ଚଳ ଅଧିକାର କରିବାରୁ ସେମାନେ କଟକକୁ ସେମାନଙ୍କ ପ୍ରଧାନ ନଗର କଲେ ଓ ରାମଚନ୍ଦ୍ରଦେବ ଖୋର୍ଦ୍ଧା ନିକଟସ୍ଥ ରଥିପୁରରେ ତାଙ୍କ ରାଜଧାନୀ ସ୍ଥାପନକଲେ । ମୋଗଲସମ୍ରାଟ ଆକବରଙ୍କ ସେନାପତି ତୋଦରମଲ ଓ ରାଜା ମାନସିଂହ ଅଫଗାନମାନଙ୍କୁ ପରାସ୍ତକରି ୧୫୮୬ ସାଲରେ ଓଡ଼ିଶା ଜୟକଲେ ଓ କଟକର ଉତ୍ତରାଞ୍ଚଳ ଅର୍ଥାତ୍ କଟକ ଓ ବାଲେଶ୍ୱର ଜିଲାର ଅଧିକାଂଶ ମୋଗଲବନ୍ଦୀରେ ପରିଣତ ହେଲା । ରାଜା ମାନସିଂହ ରାମଚନ୍ଦ୍ରଦେବଙ୍କୁ ମୋଗଲମାନଙ୍କର ଏକ ପ୍ରଧାନ ମିତ୍ରରାଜାରୂପେ ସ୍ୱୀକାରକଲେ ଓ ପୁରୀ ଏବଂ ଖୋର୍ଦ୍ଧାର ଅଧିକାରରେ ତାଙ୍କୁ ସାବ୍ୟସ୍ତକଲେ । ଏହା ବ୍ୟତୀତ ମହାନଦୀ ଓ ଋଷିକୁଲ୍ୟା ପାର୍ଶ୍ୱବର୍ତ୍ତୀ ଗଡ଼ଜାତମାନ ମଧ୍ୟ ରାମଚନ୍ଦ୍ରଙ୍କ ନେତୃତ୍ୱରେ ରହିଲା । ରାଜା ମାନସିଂହ ମଧ୍ୟ ପୁରୀ ବଡ ଦେଉଳକୁ ରାମଚନ୍ଦ୍ରଙ୍କ ମାରଫତ ଛାଡ଼ିଦେଲେ । ରାମଚନ୍ଦ୍ରଦେବଙ୍କ ଅଧୀନରେ ନିମ୍ନଲିଖିତ ଗଡ଼ଜାତମାନ ଥିବାର ମଧ୍ୟ ପଟୀଆ ରାଜବଂଶାବଳୀ ନାମକ ପୋଥିରୁ ପ୍ରମାଣ ମିଳେ ।

ବକ୍ରଦୁର୍ଗେଽପ୍ୟଷ୍ଟଦୁର୍ଗେ ବୃହଦାମ୍ରେ ନୃସିଂହକେ
ଢେଙ୍କାଗ୍ରାମାନୁଗୋଳେ ଚ ତାଳଚରେ ହିଣ୍ଡୋଳକେ ।
ଦଶପଲ୍ଲ୍ୟାଂ ଜୋରମୁଣ୍ଡେ ତଥା ଚ ଖଣ୍ଡପଲ୍ଲନେ
ଏ ଶିରୌ ଚ ସରଙ୍ଗ୍ରାମ୍ୟାଂ ଭମାନାଂ ପତ୍ତନେ ତଥା ।
ପ୍ରଶିର୍ଧାନ ସ୍ଥାପୟାମାସ ନବଦୁର୍ଗେ ତଥୈବ ଚ
ବାଣପୁରାଧିପଂ ରମ୍ୟ ରଣପୁରନରେନ୍ଦ୍ରକଂ ।
ପୁରାତନୌ ଚ ଦ୍ୱାବେତୌ ରକ୍ଷିତୌ ନମ୍ରଶୀର୍ଷକୌ ।

ରାଜା ମାନସିଂହ ମଧ୍ୟ —

"କଟକାଦୃଷିକୁଲ୍ୟାନ୍ତ ରାଜ୍ୟଂ ଦତ୍ତ୍ୱା ମହାମତିଃ
ଏତସ୍ମାଦୁତ୍ତରଂ ରାଜ୍ୟଂ ସାମର୍ଥ୍ୟେ ଚ ଗୃହୀତବାନ୍"

ଷ୍ଟର୍ଲିଂ ଇତିହାସରେ ୪୬ ପୃଷ୍ଠାରୁ ଆମ୍ଭେମାନେ ଅବଗତ ହେଉଁ ଯେ ଖୋର୍ଦ୍ଧା ରାଜା ରାମଚନ୍ଦ୍ରଙ୍କ ଅଧୀନରେ ଗଞ୍ଜାମ ଜିଲାର ଘୁମୁସର, ଖଲ୍ଲିକୋଟ, କୋଦଳା, ଆଠଗଡ଼, ଚିକିଟି, ମୋହରୀ, ସେରଗଡ଼, ପାଲୁର, ଟିକଲି, ରଘୁନାଥପୁର ପଡ଼ୁଥିଲା, ଏବଂ ୧୭୩୦ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଏହି ଗଡ଼ଜାତମାନ ଭୋଇ ବଂଶୀୟମାନେ ମଧ୍ୟ ଶାସନ କରୁଥିଲେ—ସେଥିପରେ ଗୋଲକୁଣ୍ଡାର ମୁସଲମାନଙ୍କ ହସ୍ତକୁ ଯାଇ ଓଡ଼ିଶାରୁ ବିଚ୍ୟୁତ ହେଲା ଓ କ୍ରମେ ଉତ୍ତର ସରକାରର ସାମିଲହୋଇ ସେହିଦିନଠାରୁ ଦକ୍ଷିଣ ପ୍ରଦେଶାନ୍ତର୍ଭୁକ୍ତ ହୋଇଅଛି ।

ବର୍ତ୍ତମାନ ପଚାରାଯାଇପାରେ—ଖାସ ମୋଗଲବନ୍ଦୀ ଓ ଖୋର୍ଦ୍ଧାରାଜାଙ୍କ ଅଧୀନସ୍ଥ ରାଜ୍ୟ ଛଡ଼ା ଅନ୍ୟାନ୍ୟ ଓଡ଼ିଆ ରାଜ୍ୟମାନ କପରି ଶାସିତ ହେଉଥିଲା । ଖ୍ରୀଷ୍ଟୀୟ ଷୋଡ଼ଶ ଶତାବ୍ଦୀର ଶେଷ ଭାଗରେ ଏ ଅଞ୍ଚଳମାନଙ୍କରେ ଘୋର ଅରାଜକତା ବିଦ୍ୟମାନ ଥିଲା । ଆଇନ ଆକବରୀରେ ଲେଖାଅଛି ଆକବରଙ୍କ ଓଡ଼ିଶା ସୁବା ପାଞ୍ଚଗୋଟି ସରକାରରେ ବିଭକ୍ତ ଥିଲା, ଯଥା :—ଜଲେଶ୍ୱର, ଭଦ୍ରଖ, କଟକ, କଳିଙ୍ଗ ଦଣ୍ଡପାଟ ଓ ରାଜମହେନ୍ଦ୍ରୀ । ମେଦିନୀପୁରର ଓଡ଼ିଆଅଞ୍ଚଳ ଜଲେଶ୍ୱରର ସାମିଲ ଥିଲା, କଳିଙ୍ଗ ଓ ରାଜମହେନ୍ଦ୍ରୀ ପ୍ରକୃତ ପକ୍ଷରେ ଆକବରଙ୍କ ଶାସନାଧୀନରେ ନ ଥିଲା । କାରଣ—କଳିଙ୍ଗ ଦଣ୍ଡପାଟର ଅଂଶ । ଆଧୁନିକ ଗଞ୍ଜାମଜିଲା ରାମଚନ୍ଦ୍ରଙ୍କ ଅଧୀନ ଥିଲା ଓ ରାଜମହେନ୍ଦ୍ରୀ ଗୋଲକୁଣ୍ଡାର ଅଧୀନସ୍ଥ ଥିଲା । ସମ୍ବଲପୁର ଓ ଖଡ଼ିଆଳ ପ୍ରଭୃତି ପାର୍ଶ୍ୱବର୍ତ୍ତୀ ଗଡ଼ଜାତମାନ ଏକପ୍ରକାର ସ୍ୱାଧୀନ ହୋଇ ରହିଥିଲେ ଓ ମୟୂରଭଞ୍ଜ, କେନ୍ଦୁଝର ଓ ସିଂହଭୂମ ଅଞ୍ଚଳରେ ସ୍ୱାଧୀନ ଓଡ଼ିଆ ରାଜାମାନେ ଥିଲେ । କୁଜଙ୍ଗ ଆଳୀ ପ୍ରଭୃତି କିଲାମାନେ ମଧ୍ୟ ମିତ୍ର ରାଜାଂଭୁକ୍ତ ହୋଇଥିଲେ । ଦକ୍ଷିଣରେ ଜୟପୁର ଖିମିଡ଼ି-

Digitized by srujanika@gmail.com

ମାନ ମଧ୍ୟ ମିତ୍ରରାଜ୍ୟ ଥିଲା । ବିଶାଖାପତ୍ତନର ଅଧିକାଂଶ ବାହୁବଳୀନ୍ଦ୍ର ନାମକ ଜଣେ ଓଡ଼ିଆ ଜାଗିରଦାର କୋଠାରୁ ଶାସନ କରୁଥିଲେ । କଳାହାଣ୍ଡି ଓ ବସ୍ତର ମଧ୍ୟ ସ୍ୱାଧୀନ ଥିଲା । ଏହାପରି ଭାବରେ ଉତ୍ତର ପଶ୍ଚିମସ୍ଥ ପାର୍ବତ୍ୟ ଅଞ୍ଚଳରେ ସ୍ୱାଧୀନ ବା ମିତ୍ର ଓଡ଼ିଆ ରାଜାମାନେ ରାଜତ୍ୱ କରୁଥିଲେ । ଏହାପରି ଅବସ୍ଥା ମଧ୍ୟରେ ରାମଚନ୍ଦ୍ର ଦେବ ଖୋର୍ଦ୍ଧା ରାଜ୍ୟ ସ୍ଥାପନକରି ପାର୍ଶ୍ୱବର୍ତ୍ତୀ ଗଡଜାତମାନଙ୍କ ଉପରେ ପ୍ରଭୁତ୍ୱ ବିସ୍ତାର କରୁଥିଲେ ।

ରାମଚନ୍ଦ୍ରଦେବ ତାତ୍କାଳୀନ ସମସ୍ତ ସ୍ୱାଧୀନ ଅର୍ଦ୍ଧସ୍ୱାଧୀନ ବା ମିତ୍ର ଓଡ଼ିଆରାଜାଙ୍କ ମଧ୍ୟରେ ଅଧିକ ବଳଶାଳୀ ଥିଲେ ଓ ତାଙ୍କର ଅଧିକରାଜ୍ୟ ଥିଲା ଓ ମଧ୍ୟ ସେ ସ୍ୱାଧୀନ ଭୋଇ ବଂଶୀୟମାନଙ୍କ ବଂଶଧର ଥିଲେ— ଏହି ହେତୁ ତାଙ୍କୁ ଓ ତାଙ୍କ ବଂଶଧରମାନଙ୍କୁ ଓଡ଼ିଶା ରାଜା ବୋଲାଯାଉଥିଲା ଓ ସରକାରୀ କାଗଜପତ୍ର ମାନଙ୍କରେ ସେ କ୍ରମେ କ୍ରମେ ଖୋର୍ଦ୍ଧା ରାଜାରୂପେ ପରିଗଣିତ ହେଲେ । ସେମାନେ ରଥିପୁରରୁ ଖୋର୍ଦ୍ଧାକୁ ରାଜଧାନୀ ଉଠାଇନେଲେ ।

ଭୋଇ ବଂଶୀୟମାନେ କି ପ୍ରକାର କ୍ଷତ୍ରିୟ ଏ ସମ୍ବନ୍ଧରେ ଅନେକ ମତଭେଦ ଅଛି । ସେ ବିଷୟର ଆଲୋଚନା ଏ ପ୍ରବନ୍ଧର ଉଦ୍ଦେଶ୍ୟ ନୁହେଁ । ସେହି ରାମଚନ୍ଦ୍ରଙ୍କର ବଂଶାବଳୀର ସଂକ୍ଷିପ୍ତ ବିବରଣ ଓ ସେମାନଙ୍କ ସମୟରେ କିପରି କ୍ରମେ କ୍ରମେ ସେମାନଙ୍କ କ୍ଷମତା ଲୋପହେଲା ତାହାହିଁ ପରବର୍ତ୍ତୀ ପରିଚ୍ଛେଦମାନଙ୍କରେ ବିବୃତ ହେବ ।

ନିମ୍ନରେ ସେହି ରାଜବଂଶର ବଂଶାବଳୀ ଦିଆଗଲା

ରାମଚନ୍ଦ୍ର　(୧୫୬୮-୧୬୦୦)
|
ପୁରୁଷୋତ୍ତମ　(୧୬୦୦-୧୬୨୨)
|
ନରସିଂହ　(୧୬୨୨-୪୬)
|
ଗଙ୍ଗାଧର　(୧୬୪୬)
|
ବଳଭଦ୍ର　(୧୬୪୬-୧୬୫୫)
|
ମୁକୁନ୍ଦ　(୧୬୫୫-୧୬୯୩)
|
ଦିବ୍ୟସିଂହ (୧୬୯୩ ୧୭୨୦)　ହରିକୃଷ୍ଣ (୧୭୨୦-୨୫)
|
ଗୋପୀନାଥ (୧୭୨୫-୩୨)　ରାମଚନ୍ଦ୍ର (୧୭୩୨-୪୨)
|
ବୀରକିଶୋର　(୧୭୪୨-୮୦)
|
ଦିବ୍ୟସିଂହ　(୧୭୮୦-୯୮)
|
ମୁକୁନ୍ଦ　(୧୭୯୮-୧୮୧୭)
|
ରାମଚନ୍ଦ୍ର　(୧୮୧୭-୫୬)
|
ବୀର କିଶୋର　(୧୮୫୬-୬୨)
|
ଦିବ୍ୟସିଂହ　(୧୮୬୨-୭୭)
|
ମୁକୁନ୍ଦ　(୧୮୭୭-୧୯୨୬)
|
ରାମଚନ୍ଦ୍ର　(୧୯୨୬— )

ଏଣିକି ଏହି ରାଜବଂଶ ସଙ୍ଗେ ଜଗନ୍ନାଥ ମନ୍ଦିରର ଘନିଷ୍ଠ ସମ୍ପର୍କ ରହିଅଛି । ଏହି ମନ୍ଦିରକୁ ବରାବର ମୁସଲମାନ ପ୍ରକୋପ ସହିବାକୁ ପଡ଼ୁଅଛି । ଏମାନେ ରାଜ୍ୟ ଶାସନ ଛଡ଼ା ମନ୍ଦିର ଅଧ୍ୟକ୍ଷତାର କାର୍ଯ୍ୟ ସୁଚାରୁରୂପେ ଚଳାଇ ଆସିଅଛନ୍ତି ଓ ଓଡ଼ିଆଜାତିର ସାମାଜିକ ଜୀବନକୁ ପ୍ରଭାବିତ କରିଅଛନ୍ତି । ଅଫଗାନମାନଙ୍କ ଅତ୍ୟାଚାରରୁ ରାମଚନ୍ଦ୍ର ଦେବଙ୍କ ପୁତ୍ର ପୁରୁଷୋତ୍ତମ ଦେବ ଶାନ୍ତି ଭୋଗ କରିପାରି ନଥିଲେ । ବଙ୍ଗର ସୁବାଦାର ଓ ଓଡ଼ିଶାର ନାୟବ ସୁବାଦାରଙ୍କ ସଙ୍ଗେ ମଧ୍ୟେ ମଧ୍ୟେ ଏହାଙ୍କର ବିରୋଧ ଲାଗିଥିଲା । ମିର୍ଜା ଖରମ, ରାଜା କଲ୍ୟାଣ ଓ ମୁକ୍ରାରାମ ଖାଁ ପ୍ରଭୃତି ଖୋର୍ଦ୍ଧା ରାଜ୍ୟ ଆକ୍ରମଣ କରିଥିଲେ । ନରସିଂହ ଦେବ ୧୬୨୫ ଖ୍ରୀଷ୍ଟାବ୍ଦରେ ଅହମ୍ମଦ ବେଗ୍ ନାମକ ଜଣେ ଅଫଗାନ ସର୍ଦ୍ଦାରକୁ ପରାଭୂତ କରିଥିଲେ । ଭାରତବର୍ଷର ସମ୍ରାଟ ଜାହାଙ୍ଗୀରଙ୍କ ପୁତ୍ର ଖରମ (ସାହାଜାହାନ) ପିତାଙ୍କ

Digitized by srujanika@gmail.com

ବିରୁଦ୍ଧରେ ବିଦ୍ରୋହୀ ହୋଇ ଓଡ଼ିଶା ଆକ୍ରମଣ କରିବାକୁ ଆସିଥିଲେ । ଯେ କୌଣସି ପ୍ରକାରରେ ହେଉ ନରସିଂହ ସେଥିରୁ ବର୍ତ୍ତି ଯାଇଥିଲେ । ସେଇ ନରସିଂହ ଦେବ ଲାଙ୍ଗୁଳା ନୃସିଂହ ଦେବଙ୍କ କୋଣାର୍କ ମନ୍ଦିରରୁ ସୂର୍ଯ୍ୟ ପ୍ରତିମା ଆଣି ପୁରୀ ମନ୍ଦିରରେ ସ୍ଥାପନ କଲେ; ଏହାପରି ମୁସଲମାନ ଅତ୍ୟାଚାର ବରାବର ଲାଗି ରହିଥିଲା, ତାଙ୍କ ଦକ୍ଷିଣବର୍ତ୍ତୀ ରାଜ୍ୟମାନ କ୍ରମେ ହସ୍ତାନ୍ତରିତ ହୋଇଗଲା । ମରହଟ୍ଟା ଆଗମନ ବେଳକୁ ପୁରୀର ସହର, ଲେମ୍ବାଇ, ରହାଙ୍ଗ, ଚବିଶକୁଦ ପ୍ରଭୃତି ଇଲକା ଓ ଖୋର୍ଦ୍ଧା ଏହି ରାଜବଂଶର ଅଧୀନରେ ଥିଲା ଓ ମହାନଦୀତଟବର୍ତ୍ତୀ ଗଡ଼ଜାତମାନଙ୍କ ଉପରେ ଖୋର୍ଦ୍ଧାରାଜାଙ୍କ ପ୍ରଭାବ ଶିଥିଳ ହୋଇ ପଡିଥିଲା । ମରହଟ୍ଟାମାନେ ଅଲିବର୍ଦ୍ଦି ଖାଁଙ୍କୁ ପରାସ୍ତ କରି ମୋଗଲବନ୍ଦୀ ଅଧିକାର କଲେ ଓ କଟକକୁ ରାଜଧାନୀ କଲେ । ସେମାନେ ସୁଚାରୁରୂପେ ରାଜ୍ୟଶାସନ କରିନଥିଲେ । ଅରାଜକତା ବେଳକୁ ବେଳ ବଢ଼ିଲା । ଗଞ୍ଜାମର ଖିମିଡି ରାଜା ନାରାୟଣ ଦେବ ଏହି ସୁବିଧାପାଇ ଖୋର୍ଦ୍ଧା ଆକ୍ରମଣ କଲେ—ସେ ଗଜପତି ବଂଶୀୟ ଥିବାରୁ ଏହି ଖୋର୍ଦ୍ଧାଗାଦି ଦଖଲ କରିବାକୁ ବସିଲେ । ଗଞ୍ଜାମ ଜିଲାରେ ମଧ୍ୟ ଫରାସୀ ଓ ଇଂରାଜମାନେ ପ୍ରବେଶ କରିଥିଲେ । ବୀରକିଶୋର ଦେବ ୧୭୬୦ ଖ୍ରୀଷ୍ଟାବ୍ଦରେ ଖିମିଡି ରାଜାଙ୍କ ଭୟରେ ମରହଟ୍ଟା ଶାସନକର୍ତ୍ତା ଶିବଭଟ୍ଟ ସାନ୍ତ୍ରାୟଙ୍କ ସାହାଯ୍ୟ ନେଇଥିଲେ । ଖିମିଡି ରାଜା ବିତାଡିତ ହେଲେ ଓ ଫଳରେ ମରହଟ୍ଟାମାନେ ପୁରୀନଗର, ଲେମ୍ବାଇ, ରହାଙ୍ଗ ଓ ଚବିଶକୁଦ ପୁରୀରାଜାଙ୍କ ଠାରୁ ପୁରସ୍କାର ପାଇଲେ । ତତ୍ପରେ କେବଳ ଖୋର୍ଦ୍ଧା ଏହି ରାଜାମାନଙ୍କ ଅଧୀନକୁ ଆସିଲା ଓ ପୁରୀଦେଉଳର ଶାସନ-ଭାର ମରହଟ୍ଟାମାନେ ଗ୍ରହଣ କଲେ, ସେମାନେ ସେହି ସମୟରେ ଏକ ଯାତ୍ରୀ-କର ବସାଇଲେ ।

୧୭୮୦ ଖ୍ରୀଷ୍ଟାବ୍ଦରେ ଦ୍ୱିତୀୟ ଦିବ୍ୟସିଂହ ଦେବ ମରହଟ୍ଟାମାନଙ୍କଦ୍ୱାରା ରାଜାବୋଲି ସ୍ୱୀକୃତ ହୋଇ ବାର୍ଷିକ ୪୧୦,୦୦୦ କର ଦେବାକୁ ପ୍ରତିଶ୍ରୁତ ହେଲେ, ତାଙ୍କପରେ ମୁକୁନ୍ଦ ଦେବ । ୧୮୦୩ ସାଲରେ ଇଂରେଜ ଆଗମନ ବେଳେ ସେ ଖୋର୍ଦ୍ଧାର ରାଜାଥିଲେ ଓ ତାଙ୍କ ସମୟରେ ଖୋର୍ଦ୍ଧା ଖାସ ହେଲା ଓ ମହାନଦୀ ତଟବର୍ତ୍ତୀ ଗଡ଼ଜାତମାନ ଇଂରାଜମାନଙ୍କ ସଙ୍ଗରେ ସାକ୍ଷାତ ଭାବରେ ସନ୍ଧିସୂତ୍ରରେ ଆବଦ୍ଧ ହେଲେ ।

ଇଂରାଜମାନେ ଓଡ଼ିଶା ଅଧିକାର କରିବା ପରେ ମୁକୁନ୍ଦଦେବ ଏକ ଗୋଳମାଳ ଆରମ୍ଭକଲେ । ଇଂରେଜମାନଙ୍କ ଆଗମନ ସମୟରେ ସେ ସେମାନଙ୍କ ସପକ୍ଷଥିଲେ । ସେ ଆଶା କରିଥିଲେ ଯେ ମରହଟ୍ଟାଙ୍କଦ୍ୱାରା ତାଙ୍କର ବିଚ୍ୟୁତ ପୈତୃକ ଲେମ୍ବାଇ, ରହାଙ୍ଗ, ଚବିଶକୁଦ ଓ ପୁରୀ ପ୍ରଭୃତି ସେ ଇଂରାଜମାନଙ୍କଠାରୁ ପାଇପାରିବେ । କିନ୍ତୁ ସେଥିରେ ନିରାଶ ହୋଇ ସେ ଏକ ବିଦ୍ରୋହର ସୂତ୍ରପାତ କଲେ । କିନ୍ତୁ ସମସ୍ତ ଯୁଦ୍ଧ ଲାଗିଲା, ରାଜା ପରାସ୍ତ ହେଲେ ଓ ଖୋର୍ଦ୍ଧା ଖାସ ହେଲା । ସେହି ସମୟରୁ ରାଜାଙ୍କୁ ବାର୍ଷିକ ୪୨୩୩୩।/୪ ମାଲିକାନା ସ୍ୱରୂପ ଦିଆଗଲା । ମୁକୁନ୍ଦଦେବ କଟକ ଓ ମେଦିନୀପୁରରେ ବନ୍ଦୀହୋଇ ରହି ୧୮୦୭ ଖ୍ରୀଷ୍ଟାବ୍ଦରେ ମୁକ୍ତହେଲେ, ତାଙ୍କୁ ପୁରୀ ନଗରମଧ୍ୟରେ ବାଲିସାହିରେ ବାସ କରିବାକୁ ଅନୁମତି ଦିଆଗଲା । ଜଗନ୍ନାଥମନ୍ଦିର ପରିଚାଳନା ଭାର ମଧ୍ୟ ସେ ପାଇଲେ ।

୧୮୧୭ ଖ୍ରୀଷ୍ଟାବ୍ଦରେ ଅନ୍ୟ ଏକ ପାଇକ ବିଦ୍ରୋହର ସୂତ୍ରପାତ ହେଲା । ଏହା ନାମ ବିଖ୍ୟାତ ପାଇକ-ବିଦ୍ରୋହ ଓ ଜଗବନ୍ଧୁ ବିଦ୍ୟାଧରଙ୍କ ମେଳି । ଖୋର୍ଦ୍ଧାର ପାଇକମାନେ ବହୁ ପୂର୍ବକାଳରୁ ସୈନ୍ୟ ଜାଗିରି ଜମିମାନ ଭୋଗକରି ଆସୁଥିଲେ । ବ୍ରିଟିଶଙ୍କ ପ୍ରଥମ ରାଜ୍ୟରେ ସରବରାକାରମାନେ ପାଇକଙ୍କ ଉପରେ ସେମାନଙ୍କ ସ୍ୱତ୍ୱ ସମ୍ବନ୍ଧରେ ଅତ୍ୟାଚାର କରିବାରୁ ସେମାନେ ଏହି ବିଦ୍ରୋହାଗ୍ନି ପ୍ରଜ୍ୱଳିତ କଲେ ।

ଏହି ସମୟରେ ରୋଡଙ୍ଗ ବକ୍ସି ବଂଶର ଜଗବନ୍ଧୁ ବିଦ୍ୟାଧର ନାମକ ଏକ ପ୍ରଧାନ ନେତା ଏହି କ୍ଷେତ୍ରର ନେତୃତ୍ୱ ବହନକଲେ । ଜଗବନ୍ଧୁ ବିଦ୍ୟାଧର ନିଜେ ଭୋଇ ବଂଶୀୟ ଅଟନ୍ତି—ଖୋର୍ଦ୍ଧା ଭୋଇବଂଶୀୟ ପ୍ରଥମ ରାଜା ରାମଚନ୍ଦ୍ରଙ୍କର ଏକ ଖୁଡ଼ୁତା ଥିଲେ । ତାଙ୍କର ଦୁଇ ପୁତ୍ର ଯଥାକ୍ରମେ ପାରଙ୍ଗଗଡ଼ ( ପଟିଆ ) ଓ ରୋଡଙ୍ଗକୁ ଜାଗିରିସ୍ୱରୂପ ପାଇଥିଲେ । ସେହି ରୋଡଙ୍ଗରେ ସେହି ବଂଶରେ ସେ ସମୟରେ ଛଚବେନ୍ଦ୍ୱ, ବକ୍ସି ଥିଲେ

Digitized by srujanika@gmail.com

ସେ ବଂଶ ଖୋର୍ଦ୍ଧା ରାଜବଂଶର ପ୍ରଧାନ ବକ୍ସି ବା ମନ୍ତ୍ରୀ ଥିଲେ। ଇଂରାଜଙ୍କ ଆଗମନ ପରେ ତାଙ୍କ ଜାଗିର ରୋଡ଼ଙ୍ଗ କିଲ୍ଲାକୁ ଅନେକ ବଙ୍ଗୀୟ କର୍ମଚାରୀ କୌଶଳ କ୍ରମେ ହସ୍ତାନ୍ତର କରିବାରୁ ସେ ଇଂରାଜ ସରକାରଙ୍କ ସହାୟତା ଛାଡ଼ିଲେ ଓ ଅକୃତକାର୍ଯ୍ୟ ହୋଇ ଏହି ପାଇକ ମେଳର ଆଶ୍ରୟ ନେଲେ । ପୁରୀ ରାଜା ମୁକୁନ୍ଦଦେବ ମଧ୍ୟ ଆଶା କରିଥିଲେ ଯେ ଏହି ମେଳ କୃତକାର୍ଯ୍ୟ ହେଲେ ସେ ତାଙ୍କର ପୈତୃକ ସମ୍ପତ୍ତି ଖୋର୍ଦ୍ଧା ଓ ଅନ୍ୟାନ୍ୟ ସ୍ଥାନମାନ ପାଇପାରିବେ, କିନ୍ତୁ ସମସ୍ତଙ୍କର ଆଶା ବିଫଳ ହେଲା । ଏ ବିଦ୍ରୋହଟି ଅତି ଭୟଙ୍କର ଆକାର ଧାରଣ କରିଥିଲେହେଁ ଇଂରେଜମାନେ ଏହା ଦମନ କରି ପକାଇଥିଲେ । ସେଥିପରେ ମୁକୁନ୍ଦଦେବ ପୁନର୍ବାର ବନ୍ଦୀହୋଇ ୧୮୧୭ ସାଲରେ ବନ୍ଦୀଶାଳାରେ ପ୍ରାଣତ୍ୟାଗ କଲେ ।

ତାଙ୍କ ପୁଅ ରାଜା ରାମଚନ୍ଦ୍ର ଦେବ ପୁରୀ ବଡ଼ଦାଣ୍ଡ ଉପରେ ନୂତନ ପ୍ରାସାଦ ନିର୍ମାଣକଲେ—ସେହି ଦିନଠାରୁ ସେ ବଂଶୀୟ ରାଜାମାନେ ସେହିଠାରେ ବାସ କରୁଅଛନ୍ତି । ତାଙ୍କ ପରେ ବୀରକିଶୋର ଦେବ—ତାଙ୍କର ପାଟରାଣୀ ବର୍ତ୍ତମାନ ଜୀବିତା । ତାଙ୍କ ପୁଅ ଦିବ୍ୟସିଂହ ଦେବ ନରହତ୍ୟା ଅପରାଧ ରେ ଦ୍ୱୀପାନ୍ତର ଦଣ୍ଡ ଭୋଗ କରିଥିଲେ । ତାଙ୍କ ପୁଅ ମୁକୁନ୍ଦଦେବ ମଧ୍ୟ ଗଲତବର୍ଷ ସ୍ୱର୍ଗଗାମୀ ହେଲେ । ସେ ବାମଣ୍ଡାର ବିଖ୍ୟାତ ଗଙ୍ଗା-ରାଜବଂଶୀୟ ଏକ ପୋଷ୍ୟପୁଅ ଗ୍ରହଣ କରିଥିଲେ । ସେ ବର୍ତ୍ତମାନ ରାମଚନ୍ଦ୍ର ଦେବ ନାମଧାରଣକରି ପୁରୀ ରାଜ-ଗାଦିରେ ଅଭିଷିକ୍ତ ହୋଇଅଛନ୍ତି । ୧୪୩୫ ଖ୍ରୀଷ୍ଟାବ୍ଦରେ ଓଡ଼ିଶାର ଗଙ୍ଗାବଂଶୀୟ ଗଜପତିଙ୍କର ବଂଶ ଲୋପ ପାଇଥିଲା । ବର୍ତ୍ତମାନ ପୁରୀଗାଦିରେ ଗଙ୍ଗାବଂଶୀୟ ଅନ୍ୟ ଶାଖାର ସୃଷ୍ଟି ହେଲା । ବର୍ତ୍ତମାନ ପୁରୀରାଜାଙ୍କର ପ୍ରତି ଚାରିପୁରୁଷରେ ନାମ ବଦଳୁଅଛି । ସେମାନଙ୍କର ରାଜତ୍ୱର ଗଣନା ମଧ୍ୟ ଚଳୁଅଛି ଓ ତାଙ୍କର ବର୍ଷ ଭାଦ୍ର ଶୁକ୍ଳ ଦ୍ୱାଦଶୀ ସୁନିଆଁ-ଠାରୁ ଆରମ୍ଭହୁଏ ଓ ଅଙ୍କଗଣନାରେ ୦ ଓ ୬ କୁ ବାଦ ଦିଆଯାଏ । ସମଗ୍ର ଓଡ଼ିଆଜାତିର ସାମାଜିକ ଜୀବନରେ ଏହି ପୁରୀରାଜାଙ୍କ ଅଙ୍କର ଯଥେଷ୍ଟ ପ୍ରଭାବ ରହିଅଛି ଓ ପ୍ରତ୍ୟେକ ଓଡ଼ିଆର ଜାତକ ପତ୍ରରେ ତାଙ୍କ ନାମ ଓ ଅଙ୍କର ଉଲ୍ଲେଖ ସର୍ବଦା ବିଦ୍ୟମାନ ଥିବ ।

ପୁରୀରାଜା ବର୍ତ୍ତମାନ ମଧ୍ୟ ବୀର ଶ୍ରୀଗଜପତି ଗୌଡ଼େ-ଶ୍ୱର ନବକୋଟି କର୍ଣ୍ଣାଟ କଲବର୍ଗେଶ୍ୱର ନାମରେ ଅଭି-ହିତ । ବର୍ତ୍ତମାନ ଗୌଡ଼ ଦେଶ ତାଙ୍କ ଅଧୀନରେ ନାହିଁ, କର୍ଣ୍ଣାଟ ଓ କଲବର୍ଗ ( ଗୁଲବର୍ଗା ) ତାଙ୍କ ଅଧୀନକୁ ଆସିନାହିଁ । କିମ୍ବା ତାଙ୍କର ଗଜାରୋହୀ ସୈନ୍ୟ ନାହାନ୍ତି, କେବଳ ତାଙ୍କର ପୂର୍ବର ଗଙ୍ଗାବଂଶ, ସୂର୍ଯ୍ୟବଂଶ ଓ ପ୍ରଥମ ଭୋଇବଂଶୀୟ ରାଜାମାନେ ବାସ୍ତବ ପକ୍ଷରେ ସେ ଉପାଧିର ଯୋଗ୍ୟ ହୋଇ ତାହା ଧାରଣ କରୁଥିଲେ ବୋଲି ଏହି ପରବର୍ତ୍ତୀ ଭୋଇ ବଂଶୀୟଙ୍କର ପରପୁରୁଷ ଏହି ସ୍ମୃତିଟିକୁ ଧାରଣ କରିଅଛନ୍ତି । ଏ ଅତୀତ ଗୌରବକୁ ଚର୍ବିତ ଚର୍ବଣ କରିବାରେ କିଛି ଶ୍ରେୟ ନାହିଁ । କେବଳ ଏତିକି ଆଶା ଯେ ଶ୍ରୀ ରାମଚନ୍ଦ୍ର ଦେବ ଦେଶ କାଳ ପାତ୍ରୋଚିତ କାର୍ଯ୍ୟକଳାପଦ୍ୱାରା ଭୋଇବଂଶର ଓ ତଥା ତାଙ୍କର ରକ୍ତ-ସମ୍ପର୍କୀୟ ଗଙ୍ଗାବଂଶର ସ୍ମୃତିକୁ ମନରେ ରଖି ଛିନ୍ନ ବିଚ୍ଛିନ୍ନ ଓଡ଼ିଆ ଜାତିର ଦୁର୍ଦ୍ଦଶା ମୋଚନରେ ବ୍ରତୀ ହେବେ । ଗଙ୍ଗା ଗୋଦାବରୀ ଅମରକଣ୍ଟକ ପରିବେଷ୍ଟିତ ରାଜ୍ୟ ଉପରେ ତାଙ୍କର କିଛିହିଁ ରାଜନୈତିକ ଅଧିକାର ନାହିଁ ସତ୍ୟ, କିନ୍ତୁ ଏହି ବିଶାଳ ହିନ୍ଦୁ ଜାତିର ଆଧ୍ୟାତ୍ମିକ ଜୀବନ ଉପରେ ଏ ଖଣ୍ଡ ବିଖଣ୍ଡିତ ଓଡ଼ିଆ ରାଜ୍ୟର ପ୍ରଜାମାନଙ୍କ ମନୋରାଜ୍ୟରେ ଯଥେଷ୍ଟ ଅଧିକାର ଅଛି । ଓଡ଼ିଆର ନୈତିକ, ସାମାଜିକ ଓ ରାଜନୈତିକ ଜୀବନରେ ପ୍ରକୃତ ନେତୃତ୍ୱ ଗ୍ରହଣକରିବା ତାଙ୍କର ନୈସର୍ଗିକ ଓ ଐତିହାସିକ ଦାବୀ ।

ସମସ୍ତ ଓଡ଼ିଆ ଅଞ୍ଚଳ କିପରି ରାଜନୈତିକ ଭାବରେ ଏକ ରହିବ, ସେଥିପ୍ରତି ତାଙ୍କର ଯତ୍ନକରିବା କର୍ତ୍ତବ୍ୟ । ଉତ୍କଳର ପୁଣ୍ୟଭୂମି ସାଗରବିଧୌତ ନୀଳାଚଳ ଶ୍ରୀକ୍ଷେତ୍ର ଶ୍ରୀ ଜଗନ୍ନାଥ ଦେବଙ୍କର ଯେ ପ୍ରଧାନ ପଟ୍ଟପୁରୋଧା-ସ୍ୱରୂପ ବିଦ୍ୟମାନ । ମୁସଲ୍‌ମାନମାନେ ନମାଜବେଳେ ପଶ୍ଚିମଦିଗସ୍ଥ ଆରବ ଦେଶୀୟ କାବା ପଥର ଆଡ଼କୁ ମୁହଁକରି ସ୍ତବପାଠ କଲା ପରି ମଧ୍ୟ ପ୍ରାନ୍ତବାସୀ ଓଡ଼ିଆ-ମାନେ ସର୍ବଦା ନୀଳାଚଳ କ୍ଷେତ୍ରକୁ ଚାହିଁ ବସିଅଛନ୍ତି ।



Digitized by srujanika@gmail.com

ସେ ସ୍ରୋତରେ ଏହି ଚଳନ୍ତି ବିଷ୍ଣୁ ଙ୍କପରି ଓଡ଼ିଆଜାତି ଉପରେ ନୈତିକ ଓ ଆଧ୍ୟାତ୍ମିକ ପ୍ରଭାବ ବିସ୍ତାରକରି ତାଙ୍କୁ ପ୍ରକୃତ ଲକ୍ଷ୍ୟପଥ ଦେଖାନ୍ତୁ ଏହାହିଁ ଭଗବାନଙ୍କ ନିକଟରେ ପ୍ରାର୍ଥନା—

ଶ୍ରୀ ବ୍ରଜବନ୍ଧୁ ଦାସ

## ଭୁବନେଶ୍ୱର ମନ୍ଦିରର ଜୀର୍ଣ୍ଣୋଦ୍ଧାର ।

ପୁରୀ ଏମାରମଠର ବଦାନ୍ୟ ମହନ୍ତ ମହାରାଜଙ୍କ ଯତ୍ନରେ ଏ କାର୍ଯ୍ୟ ଆରବ୍ଧ ହେବା କଥା ଏଥିଆଗରୁ ଅନେକବାର ଶୁଣିଥିଲେ ସୁଦ୍ଧା ଦେଖିବାର ସୁବିଧା ମିଳି ନ ଥିଲା । କେବଳ ସମ୍ବାଦଟି ଶୁଣି ମନରେ ଯଥେଷ୍ଟ ଆଶା ପୋଷିଥିଲୁଁ । କେତେକଦିନ ପୂର୍ବେ କାର୍ଯ୍ୟ ଉପଲକ୍ଷରେ ଚକ୍ଷୁଷରେ ଦେଖିବାର ସୁଯୋଗ ଘଟିଲା । ଜୀର୍ଣ୍ଣୋଦ୍ଧାର କାର୍ଯ୍ୟ ଜଣେ 'ପଗଡ଼ିଧାରୀ' କଚ୍ଛିଙ୍କ ତତ୍ତ୍ୱାବଧାନରେ ହେଉଥିବାର ଶୁଣିଲୁଁ, ମନ୍ଦିର ଭିତରେ ସେଦିନ କଚ୍ଛି-ପୁଙ୍ଗବଙ୍କୁ ମଧ୍ୟ ଦେଖିଲୁ । କଣ୍ଟ୍ରାକ୍ଟ ( Contract ) କାର୍ଯ୍ୟଟା ଯେପରି ଏହି ଜାତିଟାର ଏକଚେଟିଆ, ଅନ୍ୟ କୌଣସି ଜାତିର ସେଠି ପ୍ରବେଶାଧିକାର ନାହିଁ । କିନ୍ତୁ ସାଧାରଣ ଘରବାଡ଼ି ମରାମତି କଣ୍ଟ୍ରାକ୍ଟଠାରୁ ମନ୍ଦିର ମରାମତି-- ବିଶେଷରେ ଭୁବନେଶ୍ୱରପରି ମନ୍ଦିର ମରାମତି କଣ୍ଟ୍ରାକ୍ଟରେ ଯେ ଆକାଶ ପାତାଳ ପ୍ରଭେଦ, କର୍ମକର୍ତ୍ତା ଏ କଥା ପାଶୋରି ଯାଇଥିବାପରି ଜଣାପଡ଼େ । ଏତ ଆଉ ଇଟା ଚୂନରେ କରଣିଯସା ନୁହେଁ ଯେ ପବ୍ଲିକ୍ ଓ୍ୱାର୍କ ଡିପାର୍ଟମେଣ୍ଟ ( P. W. D. ) ଙ୍କ ଉପରେ କାର୍ଯ୍ୟର ଭାର ଥୋଇଦେଇ ନିଶ୍ଚିନ୍ତ ହେବାକୁ ହେବ । ରୁଚିବିଜ୍ଞାନ ( Esthatics ) ପରପ୍ରେକ୍ଷିତ ବିଜ୍ଞାନ (Perspective) ଓ ହିନ୍ଦୁଙ୍କର ସ୍ଥାପତ୍ୟର ଅବଲମ୍ବନ ଯେ ଏପରି କାର୍ଯ୍ୟରେ ପଦେ ପଦେ ଲୋଡ଼ା । P. W. D. ର କର୍ତ୍ତାମାନେ ଏ ସବୁ କାର୍ଯ୍ୟରେ ଯେପରି ସମ୍ପୂର୍ଣ୍ଣ ଅଜ୍ଞ ତାଙ୍କର ଆରବ୍ଧ କାର୍ଯ୍ୟ ମଧ୍ୟ ତଦ୍ରୂପ ଅସମଞ୍ଜସ ଓ ସ୍ଥୂଳ ହେଉଛି । ଏତେ ବଡ଼ ଗୁରୁ ଦାୟିତ୍ୱପୂର୍ଣ୍ଣ କାର୍ଯ୍ୟ P. W. D. କୁ ନ ଦେଇ ଭାରତ ଆର୍କୋଲଜିକ୍ୟାଲ ସୋସାଇଟି ଉପରେ ଦେଇଥିଲେ କ'ଣ ମନ୍ଦ ହୋଇଥାନ୍ତା ? P. W. D. ବିଭାଗରେ ରମାପ୍ରସାଦ ଚନ୍ଦଙ୍କ ପରି କେତେକଜଣ ଯୋଗ୍ୟ ଲୋକ ଅଛନ୍ତି—କଳାବିଦ୍ୟାର ମୂଲ୍ୟ ଯେଉଁମାନେ ବୁଝନ୍ତି ।

ପୁଣି ଶୁଣିଲୁଁ, ଭୁବନେଶ୍ୱରର ଶ୍ରେଷ୍ଠ ଜୀବିତ ସ୍ଥପତିର ବୈରାଗୀ ମହାରଣାଙ୍କୁ ସୁଦ୍ଧା ଏଡ଼େ ବଡ଼ କାର୍ଯ୍ୟରେ ନିଯୁକ୍ତ କରିହୋଇନାହିଁ—ଖୁବ୍ ସମ୍ଭବ ବେଶି ମଜୁରୀ ପଡ଼ିବ ବୋଲି । କେବଳ କଚ୍ଛିପୁଙ୍ଗବ ଓ ତାଙ୍କ ସଙ୍ଗେ କେତେଜଣ ଅନାଡ଼ୀ ଓଡ଼ିଆ କାରିଗର ମନ୍ଦିରର ଶ୍ରୀ ସମ୍ପାଦନରେ ବ୍ରତୀ ହୋଇଛନ୍ତି, ଏଥିଆଗରୁ ଯେଉଁମାନଙ୍କର ସ୍ଥାପତ୍ୟ ଚର୍ଚ୍ଚା ସମ୍ଭବତଃ 'ଚକି ଶିଳ'କୁ ଟପି ନ ଥିଲା । ମହନ୍ତ ମହାରାଜ କ'ଣ ଏ କଥା ଜାଣନ୍ତିନାହିଁ ଅଥବା ଜାଣି ନୀରବ ରହିଛନ୍ତି ?

ମନ୍ଦିରସମ୍ମୁଖସ୍ଥ ଭୋଗମଣ୍ଡପ ଗାତ୍ରର ଅତୁଳନୀୟ ସ୍ଥାପତ୍ୟ, ଯାହା ବହୁଦିନରୁ ଚୂନ ପଲସ୍ତରା ତଳେ ସମାଧି ଲଭିଥିଲା, ସଂପ୍ରତି ତାହା ଦେହରୁ ଚୂନ ଛଡ଼ାହୋଇ ସରିଛି । ଏଟା ଅବଶ୍ୟ ଯଥେଷ୍ଟ ପ୍ରଶଂସାଯୋଗ୍ୟ କାର୍ଯ୍ୟ । ଯଦି ନବାବିଷ୍କୃତ ଭିତ୍ତିଗାତ୍ରର ସୂକ୍ଷ୍ମ ତକ୍ଷଣ (Itching) ଗୁଡ଼ିକ ଉପରେ କଚ୍ଛିପୁଙ୍ଗବ କିମ୍ବା ତାଙ୍କର ଅର୍ବାଚୀନ ଶିଳ୍ପିବୃନ୍ଦ ଯେପରି ତାହା ଉପରେ ନିଜବିଦ୍ୟା 'ଜାରି' କରିବାକୁ ଚେଷ୍ଟା ନ କରନ୍ତି ।

ପ୍ରଧାନ ମନ୍ଦିରର ଉତ୍ତରରେ ମନ୍ଦିରର ବନ୍ଧ-ଦେଶରେ ଅନେକ ଗୁଡ଼ିଏ ନରନାରୀ ମୂର୍ତ୍ତି ବିକଳାଙ୍ଗ, ପ୍ରାୟ ହସ୍ତ ପଦବିହୀନ । ସେଥିମଧ୍ୟରୁ ଗୋଟିଏ କୁବେର ମୂର୍ତ୍ତି ଦେହର ନିମ୍ନାଂଶ ଏହିମାନଙ୍କ ଦ୍ୱାରା ଜୋଡ଼ା ହୋଇଥିବାର ଦେଖିଲୁଁ । ଦେଖି ମନରେ ସ୍ୱତଃ ବୈରାଗ୍ୟ ଜାତହେଲା, ମନେହେଲା, ହାୟ ! କି ହାସ୍ୟୋଦ୍ଦୀପକ ଚେଷ୍ଟା ଏ ଜୀର୍ଣ୍ଣୋଦ୍ଧାରର କାର୍ଯ୍ୟ । ମୂର୍ତ୍ତିଟିର ଊର୍ଦ୍ଧ୍ୱାଂଶ ସଙ୍ଗେ ଅଧଃଅଂଶର ତ ଆଦୌ ସାମଞ୍ଜସ୍ୟ ରକ୍ଷିତ ହୋଇନାହିଁ, ତାହା ଛଡ଼ା ଯେଉଁ କାରିଗର ଏହାକୁ ଯୋଡ଼ିଛି, ଅଙ୍ଗ ପରିମାଣ ଓ ଶରୀର ସ୍ଥାନ ବିଦ୍ୟା ( Anatomy ) ବିଷୟରେ ସେ ସମ୍ପୂର୍ଣ୍ଣ ଅଜ୍ଞ । ଯୋଡ଼ିବାଦ୍ୱାରା ଭଗ୍ନ ମୂର୍ତ୍ତିଟିର ସୌଷ୍ଠବ ସଂପାଦନ କରିବାକୁ ଯାଇ 'ବଗୁର କାରିଗର' ତାହାକୁ ଅଧିକ ବିକୃତ କରିଦେଇଛି । ମୂର୍ତ୍ତିଟିର ପ୍ରାଚୀନ ଊର୍ଦ୍ଧ୍ୱାଂଶର ଅପୂର୍ବ ଭଙ୍ଗୀମା ( Attitude ) ଓ କମନୀୟତା ଏହି ଯୋଡ଼ ଲଗାଇବା ଦ୍ୱାରା ଏକାବେଳେକେ ନଷ୍ଟହୋଇଛି ।

Digitized by srujanika@gmail.com


ପାଙ୍ଗଟଙ୍କ ମନ୍ଦିର ଗାତ୍ରର କେତେକ ଭଗ୍ନ କାରୁକାର୍ଯ୍ୟ ମଧ୍ୟ ଏହିପରି ଯୋଡ ଦିଆହୋଇଛି—ଖଣ୍ଡେ ୨ ସାଦା ଅନଳଂକୃତ ପଥରଦେଇ । ଏ ପ୍ରକାର ଚେଷ୍ଟା ବରଂ ଉତ୍ତମ । ମନ୍ଦିରଗାତ୍ରରେ ପୂର୍ବେ ଯେ କାରୁକାର୍ଯ୍ୟ ହୋଇଥିଲା ତାହା ଯେତେବେଳେ ବହୁବ୍ୟୟ ସାପେକ୍ଷ, ମନ୍ଦିରଟିର ଆୟୁବୃଦ୍ଧି କଳେ ଶୂନ୍ୟସ୍ଥାନମାନ ଏହିଭଳି ସାଦାପଥର ଖଣ୍ଡଦ୍ୱାରା ଅବଶ୍ୟ ପୂରଣ କରାଯାଇପାରେ; ଏହା ବୋଲି ମନ୍ଦିର ଗାତ୍ରର କମନୀୟ, ସୁକୁମାର ମୂର୍ତ୍ତି ଗୁଡ଼ିକ ଦେହରେ ଅପଟୁହସ୍ତର ଏପରି ବିଦ୍ୟା 'ଜାରି' କରିବା ଚେଷ୍ଟା ଯେପରି ହାସ୍ୟୋଦ୍ଦୀପକ, ଅବୈଧ ମଧ୍ୟ ସେହିପରି ।

ପୂଜନୀୟ ମହନ୍ତ ମହାରାଜଙ୍କୁ କଟାକ୍ଷ କରିବା ମୋର ଉଦ୍ଦେଶ୍ୟ ନୁହେଁ, କେବଳ ମନ୍ଦିରସ୍ଥ ମୂର୍ତ୍ତିଗୁଡ଼ିକର ଦୁର୍ଦ୍ଦଶା ଦେଖି ମନରେ ଦୁଃଖ ହେଲା ବୋଲି ଦୁଇ ଗୁଟିକଥା କହିଲି । ଭଗ୍ନମୂର୍ତ୍ତି ଗୁଡ଼ିକର ଅବୟବମାନ ପୁନର୍ଗଠନର ଚେଷ୍ଟା ନକରି ସେହି ୨ ସ୍ଥାନମାନଙ୍କରେ କେବଳ ଖଣ୍ଡେ ୨ ସାଦା ପଥର ଯୋଡଦେଇ କାମ ସାରିଦେଲେ ପୂର୍ବପୁରୁଷଙ୍କର ଶିଳ୍ପ ଗୌରବ ଅକ୍ଷୁଣ୍ଣ ରହନ୍ତା, ଜୀର୍ଣ୍ଣୋଦ୍ଧାରକ ମଧ୍ୟ ସମଗ୍ର ଓଡ଼ିଆ ଜାତିର କୃତଜ୍ଞତାଭାଜନ ହୁଅନ୍ତେ ।

ଶ୍ରୀ ରାଜକିଶୋର ମହାନ୍ତି ।

## ବିୟୋଗ ବାର୍ତ୍ତା ।

୧ । ସତ୍ୟବାଦୀ ବନ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଉତ୍କଳର ବିଖ୍ୟାତ ଐତିହାସିକ ପଣ୍ଡିତ ଶ୍ରୀ କୃପାସିନ୍ଧୁ ମିଶ୍ର ଏମ୍, ଏ, ମହାଶୟ ଗତ ଫେବୃୟାରୀ ତା ୧୩ ରିଖ ପୂର୍ବାହ୍ନରେ ପରଲୋକ ଗମନକଲେ । ସେ ଦିନ ୩ ମାତ୍ର ରୋଗରେ ଶଯ୍ୟାଶାୟୀ ହୋଇଥିଲେ ।



୰ ପଣ୍ଡିତ କୃପାସିନ୍ଧୁ ମିଶ୍ର

ସେ ଜଣେ ଅଧ୍ୟବସାୟୀ ଓ ଅନୁସନ୍ଧିତ୍ସୁ ଥିଲେ । ତାର ଫଳସ୍ୱରୂପ ସେ ସାମୟିକ ପତ୍ର ପତ୍ରିକାମାନଙ୍କରେ ଉପାଦେୟ ପ୍ରବନ୍ଧ ମାନ ଲେଖିଥିଲେ । ବାରୁଣୀ ତାଙ୍କ ଠାରୁ ବହୁତ ଭରସା ପାଇଥିଲା, ଉତ୍କଳବାସୀ ମଧ୍ୟ ତାଙ୍କଠାରୁ ବିଶେଷ ଆଶା ପୋଷଣ କରିଥିଲେ କିନ୍ତୁ ସମସ୍ତ ଆଶା ତାଙ୍କର 'କୋଣାର୍କ' 'ବାରବାଟୀ ଦୁର୍ଗ' ଓ 'ଉତ୍କଳ ଇତିହାସ'ରେହିଁ ସରିଗଲା ।

୨ । କଟକର ଓକିଲ ଶ୍ରୀଯୁକ୍ତ ସତ୍ୟବ୍ରତ ପଟ୍ଟନାୟକଙ୍କ ଆକସ୍ମିକ ମୃତ୍ୟୁରେ ବାରୁଣୀ ଅନ୍ତରରୁ ଦୁଃଖ ପ୍ରକାଶ କରୁଅଛି । ସତ୍ୟବ୍ରତ ବାବୁ କେବଳ ଜଣେ ଭଲ ଓକିଲ ନ ଥିଲେ—କ୍ରୀଡା ବ୍ୟାୟାମ ( Sports ) ରେ ତାଙ୍କପରି ଉତ୍ସାହୀ ଓ ଉତ୍କୃଷ୍ଟ ନେତା ଓଡ଼ିଶାରେ ଖୁବ୍ କମ ଦେଖିବାକୁ ମିଳେ । କ୍ରୀଡା ପ୍ରତିଯୋଗିତାରେ ୧୯୧୦ ମସିହାରେ ଭାରତବିଖ୍ୟାତ ମୋହନବାଗାନ ଟିମ୍‌ରୁ ସେ ଗୋଟିଏ ସ୍ୱର୍ଣ୍ଣ ପଦକ ପାଇଥିଲେ । ଦେଶବ୍ୟାପୀ ବସନ୍ତ ରୋଗରେ ଗତ ଫେବୃୟାରୀ ତା ୧୩ ରିଖରେ ତାଙ୍କର ଆକସ୍ମିକ ମୃତ୍ୟୁ ଘଟିଅଛି । ଆମ୍ଭେମାନେ ଏ ଦାରୁଣ ସମ୍ବାଦରେ ତାଙ୍କର ଶୋକସନ୍ତପ୍ତ ପରିବାରଙ୍କ ସଙ୍ଗେ ସମବେଦନା ପ୍ରକାଶ କରୁଅଛୁଁ ।



୰ ସତ୍ୟବ୍ରତ ପଟ୍ଟନାୟକ ।

୩ । ରାୟବାହାଦୂର ନିମାଇଚରଣ ମିତ୍ରଙ୍କର ଗତ ୨୮।୧।୨୬ ତାରିଖ ଶୁକ୍ରବାର ରାତ୍ରି ୩ ଘଣ୍ଟା ସମୟରେ ପରଲୋକ ପ୍ରାପ୍ତି ସମ୍ବାଦ ଆମ୍ଭମାନଙ୍କୁ ଅତ୍ୟନ୍ତ ଦୁଃଖର ସହିତ ଜଣାଇବାକୁ ହେଉଅଛି । ସେ ନାନାଭାବରେ ସାଧାରଣଙ୍କ ନିକଟରେ ପରିଚିତ ଥିଲେ । ତାଙ୍କପରି ନିଷ୍ଠାବାନ୍, ସତ୍ୟପ୍ରିୟ, ବିନୟୀ ଲୋକ ଉତ୍କଳରେ ବିରଳ । ମିତବ୍ୟୟିତା ତାଙ୍କ ଜୀବନର ପ୍ରଧାନ ଓ ମହତ୍ତ୍ୱଗୁଣ ଥିଲା । ଉତ୍କଳର ନାନା ସାଧାରଣ ଅନୁଷ୍ଠାନକୁ ସେ ଯଥେଷ୍ଟ ପରିମାଣରେ ଦାନକରି ଯାଇଅଛନ୍ତି ଓ ଆହୁରି କେତେକ ଦାନ କରିବାର ପ୍ରତିଶ୍ରୁତି ଦେଇଥିଲେ ସୁଦ୍ଧା ଉତ୍କଳ ଭାଗ୍ୟକୁ ତାହା ଘଟିଲାନାହିଁ । ସେ କିଛିଦିନ କଟକ ମ୍ୟୁନିସିପାଲିଟିର କମିସନର ଓ କଟକଜିଲ୍ଲା ବୋର୍ଡର ଭାଇସଚେୟାରମାନ୍ ଓ ପରିଶେଷରେ ଚେୟାରମାନ୍ ସ୍ୱରୂପ ପାରଦର୍ଶିତା ସହ କାର୍ଯ୍ୟ କରିଯାଇଅଛନ୍ତି । ଭଗବାନ୍ ତାଙ୍କ ଆତ୍ମାର ସଦ୍‌ଗତି ବିଧାନକରନ୍ତୁ—ବାରୁଣୀର ଏତିକି ମାତ୍ର କାମନା ।

Digitized by srujanika@gmail.com

# ଇନ୍ଦୋର—ମମତାଜ ରହସ୍ୟ ।

ଇନ୍ଦୋରର ମହାରାଜା ତୁକାଜୀ ରାଓ ହୋଲକର ସିଂହାସନ ପରିତ୍ୟାଗ କଲେ ତାଙ୍କ ପରିବର୍ତ୍ତରେ ତାଙ୍କର ଏକମାତ୍ର ପୁତ୍ର ମହାରାଜା ଯଶୋବନ୍ତ ରାଓ ହୋଲକାର ଗତ ତା ୧୧ ରିଖରେ ସିଂହାସନାରୂଢ଼ ହେଲେ । ସେ ବର୍ତ୍ତମାନ ପ୍ରାପ୍ତବୟସ୍କ ନ ଥିବାରୁ ସରକାରଙ୍କ ତରଫରୁ ଜଣେ Regent ଇନ୍ଦୋର ପରିଚାଳନା କରୁଅଛନ୍ତି ।



ଇନ୍ଦୋରର ଭୂତପୂର୍ବ ମହାରାଜା ତୁକାଜୀରାଓ ହୋଲକାର

ଇନ୍ଦୋର ମନେପଡିଲେ ମମତାଜ ବେଗମଙ୍କ କଥା ଏଡ଼ାଇ ଯାଇ ହୁଏନାହିଁ । ଇନ୍ଦୋରର ପୂର୍ବ ମହାରାଜା ବାଳିକା ମମତାଜଙ୍କୁ ହାଇଦ୍ରାବାଦଠାରୁ ଗୋଟେଇ ଆଣିଥିଲେ ।

ମମତାଜ ବ୍ରାହ୍ମଣୀଗର୍ଭରେ ଜଣେ ମୁସଲମାନଙ୍କର ଝିଅ । ଇନ୍ଦୋର ଅନ୍ତଃପୁରରେ ରହି ତାଙ୍କର ଗୋଟିଏ ମୃତ ସନ୍ତାନ ଜନ୍ମେ । ସନ୍ତାନଟିକୁ ହତ୍ୟା କରି ହୋଇଅଛି—ମମତାଜଙ୍କ ମନରେ ଏହି ଧାରଣା । ସେହି ଅସନ୍ତୋଷର ବଶବର୍ତ୍ତୀ ହୋଇ ମମତାଜ ମହାରାଜାଙ୍କର ଜଣେ ବିଶ୍ୱସ୍ତ କର୍ମଚାରୀଙ୍କ ସଙ୍ଗରେ ନହରରୁ ବାହାରି ଆସନ୍ତି । ବମ୍ବେକୁ ଯାଇଁ ସେଠାରେ ଜଣେ କ୍ରୋଡପତି ମୁସଲମାନ ବ୍ୟବସାୟୀ ବାଉଲା ସଙ୍ଗରେ ରହନ୍ତି । ନାନା ଚକ୍ରଚକ୍ରାନ୍ତରେ ପଡି ବାଉଲାଙ୍କର ମଧ୍ୟ ଜୀବନ ବିନଷ୍ଟ ହେଲା—କିନ୍ତୁ ମହାରାଜା ମମତାଜଙ୍କୁ ଆଉ ଫେରାଇ



ମମତାଜ ବେଗମ



ବୋମ୍ବାଇର ଧନକୁବେର ମି, ବାଉଲା

Digitized by srujanika@gmail.com

ଆଣି ପାରିଲେନାହିଁ । ବାଉଲା ହତ୍ୟା ଅପରାଧରେ ଅଭିଯୁକ୍ତ ହୋଇ ଇନ୍ଦୋରର ଅନେକ ଉଚ୍ଚପଦସ୍ଥ କର୍ମ୍ମଚାରୀ କାରାବାସ ଭୋଗକଲେ



ଇନ୍ଦୋରର ଗାଦିନସିନ ତରୁଣ ମହାରାଜ
ଶ୍ରୀ ଯଶୋବନ୍ତ ରାଓ ହୋଲକାର ।

ମହାରାଜାଙ୍କୁ ସରକାର କହିଲେ ବାଉଲା ହତ୍ୟା ସମ୍ବନ୍ଧୀୟ ଗୋଟିଏ ଅନୁସନ୍ଧାନ କମିଟି ସରକାର ତରଫରୁ ଇନ୍ଦୋରକୁ ଯିବ । ମହାରାଜା ଅସ୍ୱୀକୃତ ହୋଇ ସିଂହାସନ ଛାଡ଼ିଦେଇ ବସିଲେ ।

ମହାରାଜା ବର୍ତ୍ତମାନ ତାଙ୍କର ପୁତ୍ରଙ୍କର ଶାସନାଧୀନରେ ଜଣେ ପ୍ରଧାନ ସର୍ଦ୍ଦାର ହୋଇ ଇନ୍ଦୋରରେ ବାସ କରିବେ ମାତ୍ର । କେହି କେହି କହନ୍ତି ଭୂତପୂର୍ବ ମହାରାଜା ସସ୍ତ୍ରୀକ ଇଂଲଣ୍ଡ ଯାତ୍ରା କରିବେ । ସେଠାରେ ତାଙ୍କ ଲାଗି ଜମି ଓ ଘର ଖରିଦ ହୋଇସାରିଛି ।

Digitized by srujanika@gmail.com

# ଚିତ୍ର ପରିଚୟ ।

୧—ନୂରଜାହାଁଙ୍କ ପରାଜୟ— ( ତ୍ରିବର୍ଣ୍ଣଚିତ୍ର )
ମୟୂରଭଞ୍ଜର ଚିତ୍ରଶିଳ୍ପୀ ଶ୍ରୀଯୁକ୍ତ ପୂର୍ଣ୍ଣଚନ୍ଦ୍ର ସିଂହଙ୍କ ଅଙ୍କିତ ।

ପୂର୍ଣ୍ଣଚନ୍ଦ୍ର କଲିକତା Art school ରେ ମୟୂରଭଞ୍ଜ ମହାରାଜାଙ୍କର ବୃତ୍ତିଭୋଗୀ ଛାତ୍ର । ସେ ଏଥିମଧ୍ୟରେ ବେଶ୍ ପ୍ରତିଷ୍ଠା ଅର୍ଜ୍ଜନ କଲେଣି । 'ଭାରତବର୍ଷ' ଓ 'ମାନସୀ' ପ୍ରଭୃତି ବଙ୍ଗଳା ମାସିକପତ୍ରରେ ଅନେକ ସମୟରେ ତାଙ୍କର ଅଙ୍କିତ ଚିତ୍ର ପ୍ରକାଶ ପାଇଥାଏ । ଓଡ଼ିଆ ଚିତ୍ରଶିଳ୍ପୀ ପକ୍ଷରେ ଏହା ଗୌରବର ବିଷୟ ଓ ଓଡ଼ିଆଙ୍କ ପକ୍ଷରେ ଯଥେଷ୍ଟ ମର୍ଯ୍ୟାଦା । ପୂର୍ଣ୍ଣଚନ୍ଦ୍ର ନିଜର ଶିଳ୍ପକଳାଶିକ୍ଷା ବିଦେଶ ( Italy ) ରେ ସଂପୂର୍ଣ୍ଣ କରିବାର ଆକାଂକ୍ଷା ପୋଷଣ କରନ୍ତି । ମୟୂରଭଞ୍ଜର ବିଦ୍ୟୋତ୍ସାହୀ ମହାରାଜା ଶିଳ୍ପିଙ୍କର ଉଚ୍ଚକାମନା ପୂରଣକରି ଦେଶର ଗୌରବବୃଦ୍ଧି କରନ୍ତୁ ।

ନୂରଜାହାନ୍ ସମ୍ରାଟ ଜାହାଙ୍ଗିରଙ୍କ ପ୍ରାସାଦରେ ରହିବା ଉତ୍ତାରେ ସମ୍ରାଟଙ୍କ ଜ୍ୟେଷ୍ଠପୁତ୍ର ଯୁବରାଜ ଖୁରମ୍ ସେନାପତି ମହାବତ୍ ଖାଁଙ୍କ ସାହାଯ୍ୟରେ ପଥରେ ସମ୍ରାଟ ଓ ସାମ୍ରାଜ୍ଞୀଙ୍କ ଶିବିର ଅବରୋଧ କରିଥିଲେ । ଇତିପୂର୍ବରୁ ନୂରଜାହାନ୍ ନିଜ ଜାମାତାଙ୍କୁ ସିଂହାସନ ଦେବାର ଚେଷ୍ଟା କରୁଥିଲେ । ମାତ୍ର ପରିଶେଷରେ ତାଙ୍କର ପରାଜୟ ହେଲା । ଚିତ୍ରରେ ତାଙ୍କର ମୁଖରେ ପରାଜୟର ତୀବ୍ର ବେଦନା ଓ ଅଭିମାନର ଦୃପ୍ତ ଭାବ ସ୍ପଷ୍ଟ ପରିଲକ୍ଷିତ ହୁଏ ।

୨—ପ୍ରତୀକ୍ଷମାଣା ( ତ୍ରିବର୍ଣ୍ଣଚିତ୍ର )

ଶ୍ରୀ ଉପେନ୍ଦ୍ରକିଶୋର ଦାସଙ୍କ ଅଙ୍କିତ—ଚିତ୍ରଶିଳ୍ପୀ ସାଧାରଣରେ ବିଶେଷ ପରିଚିତ ନ ହେଲେମଧ୍ୟ ତାଙ୍କର ଚିତ୍ରାଙ୍କନଚାତୁରୀ ଅନନ୍ୟସାମାନ୍ୟ ଏବଂ ପ୍ରଶଂସାର୍ହ । ତାଙ୍କର ସ୍ୱହସ୍ତ ଅଙ୍କିତ ଅନେକଚିତ୍ର ତାଙ୍କର ଆବାସ ଗୃହର ଶୋଭାବର୍ଦ୍ଧନ କରୁଅଛି । ଚିତ୍ରାଙ୍କନ କ୍ଷେତ୍ରରେ ନବାଗତ ଏହି ଶିଳ୍ପିଙ୍କୁ ଆମ୍ଭେମାନେ ଆଗ୍ରହରେ ଅଭିନନ୍ଦନ କରୁଅଛୁଁ ।

ଓଡ଼ିଶାର ମନ୍ଦିରମାନଙ୍କର ଚତୁର ଭାସ୍କର୍ଯ୍ୟ ପର୍ଯ୍ୟବେକ୍ଷଣ କଲେ, ଅଯନ୍ତାର ଉଜ୍ଜ୍ୱଳ ପ୍ରାଚୀର—ଚିତ୍ରଣମାନ ବିଶ୍ଳେଷଣ କଲେ ଏ ଜାତୀୟ ଶିଳ୍ପର ପରିଚୟ ମିଳେ—ସଂପୂର୍ଣ୍ଣ ଉଲଗ୍ନ ମୂର୍ତ୍ତି ରୋମ ଓ ଗ୍ରୀସର ଚିତ୍ର ଓ ଭାସ୍କର୍ଯ୍ୟ ଶିଳ୍ପର ଆଦରର ଧନ । ଓଡ଼ିଶାରେ ଏଜାତୀୟ ଅର୍ଦ୍ଧ ଉଲଗ୍ନ ମୂର୍ତ୍ତି ଦେବଦେବୀମାନଙ୍କ ମୂର୍ତ୍ତିରେ ପରିଲକ୍ଷିତ ହୁଏ ।

* *

ନିଶୀଥରେ ସିଦ୍ଧାର୍ଥ ଗୃହତ୍ୟାଗ କରି ଚାଲିଗଲେ । ଗୋପା ମନେକଲେ ରାଜକାର୍ଯ୍ୟରେ ସେ ନଗର ଭିତରକୁ କୁଆଡ଼େ ଯାଇଛନ୍ତି । ସନ୍ଧ୍ୟାହେଲା, ସିଦ୍ଧାର୍ଥ ଫେରିଲେ ନାହିଁ । ଉତ୍କଣ୍ଠିତା ଗୋପା ନିରାଶାର ଶେଷ ମୋହଟିକି ହୃଦୟରେ ସଞ୍ଚରି ପ୍ରାସାଦ ଅଳିନ୍ଦରେ ଠିଆ ହୋଇଛନ୍ତି ସେହି ଚିରପ୍ରିୟ ଦେବତାଟିର ବାଟଚାହିଁ—

୩—ପୁରୀର ଗଜପତି ରାଜା ଶ୍ରୀ ରାମଚନ୍ଦ୍ରଦେବ—

ଗଜପତି ରାଜା ଶ୍ରୀ ରାମଚନ୍ଦ୍ରଦେବ ଉଜ୍ଜ୍ୱଳ ଗଙ୍ଗବଂଶ ସଂଭୂତ । ସେ ପୁଣ୍ୟଶ୍ଳୋକ ୰ ସ୍ୟାର ବାସୁଦେବ ସୁଢ଼ଳଦେବଙ୍କର ପୌତ୍ର ୯ଂ ୰ ରାଜା ସଚ୍ଚିଦାନନ୍ଦ ତ୍ରିଭୁବନ ଦେବଙ୍କର କନିଷ୍ଠ ପୁତ୍ର । ବାମଣ୍ଡାର ରାଜବଂଶ ବଂଶପରମ୍ପରା ସ୍ୱଦେଶହିତୈଷୀ, ବିଦ୍ୟୋତ୍ସାହୀ, ସାହିତ୍ୟ ଏବଂ ଚିତ୍ର-ଶିଳ୍ପ ନିପୁଣ । ସେହି ବଂଶର ଅଙ୍କୁର ଆଜି ଓଡ଼ିଶାର ଗଜପତି ସିଂହାସନରେ ପ୍ରତିଷ୍ଠିତ ହେବାରୁ ଅନେକ ଲୋକଙ୍କର ଦୃଷ୍ଟି ଆକର୍ଷଣ କରିଅଛନ୍ତି । ଆମ୍ଭମାନଙ୍କର ଭରସା ରାଜା ରାମଚନ୍ଦ୍ର ନିଜବଂଶର ଏବଂ ଗଜପତି ସିଂହାସନର ଟେକ ଅକ୍ଷୁଣ୍ଣ ରଖି ଦେଶର ମୁଖ ଉଜ୍ଜ୍ୱଳକରିବେ ଏବଂ ଭାରତର ସମଗ୍ର ହିନ୍ଦୁଜାତିର ସମ୍ମାନ ଓ ଭକ୍ତି ଅର୍ଜ୍ଜନକରିବେ ।



Digitized by srujanika@gmail.com

କାଚମୂଲ୍ୟରେ କାଞ୍ଚନ ବିକ୍ରୟ !

ଅପୂର୍ବ ସୁଯୋଗ ! ( ଅଳ୍ପଧନ ପାଇଁ ) ଅପୂର୍ବ ସୁଯୋଗ ! !

ସ୍ୱର୍ଗୀୟ ୰ କୃଷ୍ଣସିଂହଙ୍କ କୃତ

# ମହାଭାରତ ।

| | | | |
|---|---|---|---|
| ଆଦିପର୍ବ | ଟ ୩ ୮ | ଦ୍ରୋଣପର୍ବ | ଟ ୨ ୮ |
| ସଭାପର୍ବ | ଟ ୦ ୬ | କର୍ଣ୍ଣପର୍ବ | ଟ ୦ ୬ |
| ବନପର୍ବ | ଟ ୧ ୫ | ଶଲ୍ୟାଦି ପର୍ବଚତୁଷ୍ଟୟ | ଟ ୧ ୮ |
| ବିରାଟ ପର୍ବ | ଟ ୦ ୭ | ଶାନ୍ତିପର୍ବ | ଟ ୨ ୮ |
| ଉଦ୍ୟୋଗ ପର୍ବ | ଟ ୧ । | ଅନୁଶାସନ ପର୍ବ | ଟ ୧ ୮ |
| ଭୀଷ୍ମପର୍ବ | ଟ ୧ ୮ | ଅଶ୍ୱମେଧାଦିପଞ୍ଚପର୍ବ... | ଟ ୦ ୬ |

ଏକୁନ ଟ ୧୬୭

ଉତ୍କଳ ପ୍ରଚ୍ଛରପାଇଁ ଆମ୍ଭେମାନେ ଏହି ମହାଗ୍ରନ୍ଥକୁ ଫେବୃୟାରି ତା ୨୭ ରିଖ ପର୍ଯ୍ୟନ୍ତ ଟ ୧୬୭ ସ୍ଥଳେ ଟ ୧୦୭ ରେ ଦେଉଥିଲୁଁ । ଏଣିକି ଆଉ ସେପରି ନ ଦେଇ ଗ୍ରାହକମାନଙ୍କୁ ଆଉ ଏକ ବିଶେଷ ସୁବିଧା ଓ ସୁଯୋଗ ଦେଉଅଛୁଁ । ଯେଉଁମାନେ ଏହି ମହାଭାରତରୁ ୧ ସେଟ୍ ମଗାଇବେ, ସେମାନେ ତାହାସହିତ ନିମ୍ନରେ ଦିଆଯାଉଥିବା ପୁରସ୍କାରମାନଙ୍କ ମଧ୍ୟରୁ ଯେ କୌଣସି ପୁରସ୍କାର ଇଚ୍ଛାକରିବେ ତାହା ପାଇପାରିବେ ।

୧ମ ପୁରସ୍କାର—(୧) ପଣ୍ଡିତ ୰ କପିଳେଶ୍ୱର ବିଦ୍ୟାଭୂଷଣଙ୍କ କୃତ । ସଚିତ୍ର ସପ୍ତକାଣ୍ଡ ରାମାୟଣ— ଟ ୨୬, ଏଥିରେ ସାତଖଣ୍ଡି ବିରଙ୍ଗ ଓ ଏକରଙ୍ଗ ଚିତ୍ର ଅଛି । ଭାଷା ଅତି ପ୍ରାଞ୍ଜଳ ଓ ମଧୁର । (୨) ଅମରକୋଷ (ସଟୀକ) ଟ ୧୮ (୩) ବତିଶ ସିଂହାସନ ଟ ୦ ୭

୨ୟ ପୁରସ୍କାର—(୧) ଉତ୍କଳ ପ୍ରକୃତି ଟ ୧୮ (୨) ଦାକ୍ଷିଣାତ୍ୟ ଭ୍ରମଣ ଟ ୧। (୩) ମହାତ୍ମା-ଗାନ୍ଧୀଙ୍କ ଜୀବନୀ ଟ ୦ ୭୵ (୪) ରୂପାରୁଣ୍ଡୀ (ଉପନ୍ୟାସ) ଟ ୧୮

୩ୟ ପୁରସ୍କାର—(୧)ସେ ୧ ଟ ଭାଗବତ ଟ୪୮ (୨) ଖାଣ୍ଡ ଓଡ଼ିଆ ପକେଟ ଅଭିଧାନ ଟ ୧।

୪ର୍ଥ ପୁରସ୍କାର—ସେ ୧ ଟ ନୃସିଂହପୁରାଣ ଟ ୨୮

କେଉଁ ଗ୍ରାହକଙ୍କର କେଉଁ ପୁରସ୍କାର ଲୋଡ଼ା, ସ୍ପଷ୍ଟ ଲେଖିବେ । ଯେଉଁମାନେ ପୁରସ୍କାର ସହିତ ପୁସ୍ତକ ନେବେ ସେମାନେ ଅଗ୍ରୀମ ଟ ୩୮ ପଠାଇବେ । ଅଥବା ଯେଉଁମାନେ କେବଳ ମହାଭାରତ ମଗାଇବେ, ପୁରସ୍କାର ନେବାକୁ ଇଚ୍ଛୁକ ହେବେନାହିଁ ସେମାନେ ପ୍ରତି ଟଙ୍କାରେ ଟ ୦ ୵ ଲେଖାଏ କମିଶନ ପାଇବେ । ଇତି ।

ପ୍ରାପ୍ତିସ୍ଥାନ

ପଣ୍ଡିତ ଶ୍ରୀ ଆକୁଳ ମିଶ୍ର କାବ୍ୟତୀର୍ଥ, ମେନେଜର କଟକ ଟ୍ରେଡିଂକୋମ୍ପାନୀ, ବାଲୁବଜାର ପୋଃ ଅଃ ଚାନ୍ଦନୀଚୌକ କଟକ ।

# THE SAHAKAR.

Editor—Annapurna Devi monthly, in Oriya Illustrated .Its Subjects are new every month.

It has passed its fifth year and is now in its sixth. Do you read Sahakar? Get a copy from *Manager, Sahakar, Idigaparia Cuttack.*

# ସହକାର ।

ସଚିତ୍ର ଓଡ଼ିଆ ମାସିକ-ପତ୍ରିକା ।

ସମ୍ପାଦକା—ଶ୍ରୀ ଅନ୍ନପୂର୍ଣ୍ଣା ଦେବୀ । ସହକାରର ବିଷୟମାନ ସର୍ବଦା ନୂତନ । ଏହା ପଞ୍ଚମ ବର୍ଷ ଅତିକ୍ରମ କରି ୬ଷ୍ଠ ବର୍ଷରେ ପଦାର୍ପଣ କରିଅଛି । ଆପଣ ସହକାର ପଢନ୍ତି ! ନିମ୍ନ ଠିକଣାକୁ ଲେଖନ୍ତୁ—ମ୍ୟାନେଜର୍, ସହକାର, ଇଦଗାପଡିଆ, କଟକ ।

# VAITARANI.

*An English Monthly.*

The First and the Newest of Venture If you are a patriot you ought to help the cause by immediately subscribing to it. Remove the shame that Orissa should at this day of the year be without an English Monthly. *Write, to Manage Vaitarani, Idigapari. Cuttack.*

---

# HINDUSTHAN

Co-Operative Insurance Society; Ltd.
Head Office:—Hindusthan Buildings,
CALCUTTA.
Bonus Declared Rs, 75/- per Rs. 1000 /- insured
Enables you to insure your life with all bright prospects.
Write to-day for Prospectus.
For a descent earning influential gentlemen are invited for Agency.

*Please Apply to:—*

Mr. S. E. Biswas; Inspector of Agents
*Balu Bazar, Cuttack*

# Orissa Gold, Silver and Jewellery Works

Estd. 1921

*Proprietor:-Radha govind Ray.*
*Firm:-Chandni chauk*
*Cuttack.*

AGRICULTURAL & INDUSTRIAL EXHIBITION-BALASORE 1911—

This Certificate and a gold medal is awarded to Babu Radhagovinda Ray, Cuttack in recognition of the excellence of his filgree works.

*S. K. Augus*
*Magistrate of Presidents*

Bihar & Orissa Exhibition, Patna, 1919—

Special prize of silver medal has been awarded to Babu Radha gobinda Ray of Cuttack for exhibitting gold and silver work.

P. K. Singha.
Secretary.

THE BHAGALPUR EXHIBITION, 1922:—

Gold medal has been Awarded to Babu Radhagovinda Ray of Cuttack for exhibiting gold and Jewellery works.

J. Sen
President.

IMPORTANT ANNOUNCEMENT:—

We buy back, old and used gold and silver Ornaments at our manufacture at full current Value of gold and silver. without deducting soldering(ପାନ)depreciation

Right Quality and true value of our things are the causes at our prosperity.

A TRIAL ORDER IS MUCH SOLICITED.

Digitized by srujanika@gmail.com

# S A. QUDDOOS.

## Photographic Artist

BUXI BAZAR, CUTTACK.

Oldest and Cheapest House in Orissa.

*Photograph at Night can also be taken.*

## Developing and Printing for Amteurs

CAREFULLY DONE

Potraits of Children by instantaneous exposure.
ILFORD ROLL FILM
&
High Class Picture Framing are always kept ready.

## Life-Like Permanent Bromide.

ENLARGEMENT.

*Highly finished with Cut-out Mount.*
*Ever ready at*
Always immitated but never equalled.

LOWEST RATES OF PREMIUM ABSOLUTE SECURITY

# N A T I O N A L.

## *INSURANCE Co., Ld.*

HEAD OFFICE—7, Church Lane, *CALCUTTA.*
PROGRESIVE INDIAN INSURANCE COMPANY
*(Established—1906)*

## NEW LIFE BUSINESS

| | |
|---|---|
| 1922 | Rs. 57, 31, 000/- |
| 1923 | Rs. 59, 04, 000/- |
| 1924 | Rs. 62, 93, 500/- |

*FOR ORISSA:--CHIEF AGENT Mr. J. C SEN, CUTTACK.*

*Please apply for Prospectus & Forms.*


Digitized by srujanika@gmail.com



ଅଳ୍ପ ବୟସରେ ନାରୀର ମସ୍ତକର କେଶ ଉପୁଡିଗଲେ

ତାହା କେତେ ଅସୁନ୍ଦର କଥା ତାହା

ସେହିମାନେ ଜାଣନ୍ତୁ

କିନ୍ତୁ

# କ୍ୟାନ୍ଥାରାଇଡିନ୍ ହେଆର ଅୟେଲ

ଲଗାଇଲେ କେଶମୂଳ ସବଳ ହୁଏ, କେଶ ପୁଷ୍ଟ, କୃଷ୍ଣ, ଘନ ଓ ସତେଜ ହୁଏ; ତାହାଛଡା ମୁଣ୍ଡବ୍ୟଥା, ଅଧାକପାଳି, ଅକାଳପକ୍ୱତା ଆଦି ଯାବତୀୟ କେଶ ଓ ଶିରରୋଗ ସମ୍ପୂର୍ଣ୍ଣ ଆରୋଗ୍ୟ ହୁଏ । କେଶବର୍ଦ୍ଧନର ଉପଯୋଗୀ ଏପରି ସୁଗନ୍ଧ ତୈଳ ଆଉ ନାହିଁ ।

ମୂଲ୍ୟ ଗୃରଆଉନ୍ସ ଶିଶି ଟ ୧ ୲

କେଶପାଇଁ ଯାହାଙ୍କର ଔଷଧ ବ୍ୟବହାରର ପ୍ରୟୋଜନ ନାହିଁ ସେମାନେ

# ସୁରଭିତ ନାରିକେଳ ତୈଳ

ବ୍ୟବହାର କରନ୍ତୁ

ତିଳତେଲ ଶୀଘ୍ର ବିକୃତହୋଇ ଦୁର୍ଗନ୍ଧ ଜାତ କରଥାଏ । ଜଡାତେଲ ସ୍ୱଭାବତଃ ଘନ—ଏଣୁ ମୁଣ୍ଡରେ ଧୂଳିଜମି ମୁଣ୍ଡ ଅପରିଷ୍କାର କରେ କିନ୍ତୁ ନଡିଆତେଲ ସର୍ବାପେକ୍ଷା—

ଲଘୁ! ସ୍ନିଗ୍ଧ!! ଅବିକାରୀ!!!

ଧମ୍ୟକ୍ ପରିଶୁଦ୍ଧ ନାରିକେଳ ତୈଳରୁ ଏହି ତେଲ ପ୍ରସ୍ତୁତହୋଇଛି ।

ଶେଯ୍, ଲ୍ୟାଭେଣ୍ଡର, ବେ, କଲୋନ, ପ୍ରତ୍ୟେକଶିଶି ଟ ୧ ୲

**ବେଙ୍ଗଲ କେମିକ୍ୟାଲ ଏଣ୍ଡ ଫର୍ମାସିଉଟିକ୍ୟାଲ ୱ୍ୟାର୍କସ ଲିମିଟେଡ଼**

୧୫ କାଲେଜ ସ୍କୋୟାର କଲିକତା ।

Digitized by srujanika@gmail.com

ଦେଶୀ ଓ ବିଲାତୀ ବସ୍ତ୍ରମାନଙ୍କର ପ୍ରସିଦ୍ଧ ଓ ବହୁ ପୁରାତନ ବ୍ୟବସାୟୀ

ଟେଲିଗ୍ରାମ ଭଗବତୀ

# ମେସର୍ସ ରାଧାକୃଷ୍ଣ ଗିରିଧାରୀ ଲାଲ

ଟେଲିଫୋନ ୪୪

ନୟାସଡ଼କ— କଟକ

ବିଲାତି, ମାନ୍ଦ୍ରାଜୀ, ସିଲମ, ଉପାଡୁ ଚନ୍ଦ୍ରକଣା, ଗୋଦାବରୀ, ବନାରସୀ, ମୁର୍ଶିଦାବାଦୀ ଓ ଅନ୍ୟାନ୍ୟ ସେଣ୍ଡମାନଙ୍କର ସମସ୍ତପ୍ରକାର ଲୁଗା, ଶାଢ଼ୀ, ଚଦର, ପୋଷାକକନା ଇତ୍ୟାଦି ବିକ୍ରୟପାଇଁ ବହୁଲ ପରିମାଣ ଓ ବହୁଲ ପ୍ରକାରରେ ସର୍ବଦା ଗଚ୍ଛିତ ଥାଏ ।

• କାନପୁର ଉଲ ମିଲର୍ କଟକରେ ଆମ୍ଭେମାନେ ଏକମାତ୍ର ଏଜେଣ୍ଟ

ବିବାହ ମଙ୍ଗଳକୃତ୍ୟ ଓ ସାଧାରଣ ଉତ୍ସବ ପାଇଁ ଲୁଗା କିଣିବାକୁ ହେଲେ ଥରେ ଆମ୍ଭ ଦୋକାନରେ ଆସି ପରୀକ୍ଷା କରନ୍ତୁ ।

ଜିନିଷ ଭଲ ଓ ଦାମ ଶସ୍ତାରେ ପାଇବେ ।

---

ଉତ୍କଳର ଭଦ୍ରମଣ୍ଡଳ ଓ ରାଜନ୍ୟବର୍ଗଙ୍କର ସୁପରିଚିତ

ଆୟୁର୍ବେଦୀୟ ଆରୋଗ୍ୟ ନିକେତନ

ବିଖ୍ୟାତନାମା

# ଶ୍ରୀ ବାଲୁକେଶ୍ୱର ଆଚାର୍ଯ୍ୟ

ଭିଷକ୍‌ରତ୍ନ

ଆଲମଚାନ୍ଦ ବଜାର, କଟକ ।

ବର୍ତ୍ତମାନ ଉତ୍କଳ କଂଗ୍ରେସ କର୍ମୀ ଶ୍ରୀ ଗୋପବନ୍ଧୁ ଦାସ ବି, ଏଲ୍ କହନ୍ତି ଚିକିତ୍ସା ତାଙ୍କର କେବଳ ଜୀବନୋପାୟ ବ୍ୟବସାୟ ନୁହେ । ଏହାଦ୍ୱାରା ଯେ ମାନବର ଅଶେଷ ହିତ କରାଯାଇପାରେ ଏହି ଜ୍ଞାନରେ ସେ ରୋଗୀମାନଙ୍କର ଚିକିତ୍ସା କରଥାନ୍ତି । ଯେଉଁମାନେ ତାଙ୍କର ଚିକିତ୍ସାର ସୁଯୋଗ ଥରେ ପାଇଛନ୍ତି ତାଙ୍କୁ କେବେ ଛାଡ଼ି ପାରିବେନାହିଁ । ଇତି । ୧୦—୭—୧୯

ଶ୍ରୀଯୁକ୍ତ ରାଜକିଶୋର ଦାସ, ରାଏବାହାଦୁର କହନ୍ତି—ସେ ରୋଗ ନିର୍ଣ୍ଣୟ କରିବା ବିଷୟରେ ବିଶେଷ ସାବଧାନ ଓ ଯତ୍ନବାନ୍ ଏବଂ ବାସ୍ତବରେ ଜଣେ ବିଶ୍ୱାସୀ ଲୋକ ✱ ✱ ✱ ଅନ୍ୟାନ୍ୟ ବହୁ ଚିକିତ୍ସକଙ୍କର ସାଧ୍ୟାତୀତ ଗୋଟିଏ ବହୁଦିନର ଦୁଃସାଧ୍ୟ ରୋଗ ଆରୋଗ୍ୟ କରିଅଛନ୍ତି ✱ ✱ ✱ ।

ରୋଗର ବିବରଣ ଲେଖିଲେ ମଫସଲକୁ ମଧ୍ୟ ଔଷଧ ପଠାଇଥାଉଁ, ଔଷଧ ତାଲିକା ପାଇଁ ପତ୍ରଲେଖନ୍ତୁ ।

Digitized by srujanika@gmail.com

# FASHION-HOUSE.

BANKA BAZAR CUTTACK.

NO MORE TO CALCUTTA, NO MORE TO EUROPEAN FIRMS

*to beg Fashion.*

We have succeeded in the Art to Challenge the foreign market

*Orders are pouring forth every day.*

Young-men of education are invited to take their training in the art from our *L. Mohanty*-who after passing the art in the College of Calcutta Tailoring took his training in the renowned firms there for years to-gether.

*Trial Orders will Support Own Statement.*

---

# ଲକ୍ଷ୍ମୀଭଣ୍ଡାର ।

ଜେ, ମହାପାତ୍ର ଓ ଡି, କେ, ଦାସ ପ୍ରୋପାଇଟରସ୍

ନୟାସଡ଼କ—କଟକ

# ରେସମୀ ଓ ସୂତାଲୁଗା ।

ବିଶୁଦ୍ଧ ଅରଣ୍ଠକଣ୍ଠା ସୂତାର ସବୁ ରକମ ଖଦଡ଼ ବିକ୍ରୟହୁଏ ।
ଗୋଦାବରୀ, ଉପାଡା, ସେଲମ, ବନାରସୀ ଓ ମୁର୍ଶିଦାବାଦୀ ଶାଢ଼ୀ ।
ବଙ୍ଗଲକ୍ଷ୍ମୀ, କାନପୁର, ମୋହିନୀ ଓ ଶ୍ରୀରାମପୁର ମଲଲୁଗା ।
ଆମ୍ଭମାନଙ୍କର ସହିତ କାରବାରକଲେ ଆମ୍ଭମାନଙ୍କର ମୂଲ୍ୟାଦି କେତେ
ସସ୍ତା ଓ ସୁବିଧା ବୁଝିପାରିବେ ।

ପତ୍ର ଲେଖିଲେ ଜିନିସ ପାର୍ଶେଲ ଦ୍ୱାରା ପଠାଇଦେଉଁ ।

ପରୀକ୍ଷା ପ୍ରାର୍ଥନୀୟ ।

Digitized by srujanika@gmail.com

# —ବିଧାନ—

**ପ୍ରଚାର**—ବାରୁଣୀ ନିର୍ଦ୍ଦିଷ୍ଟ ସଂଖ୍ୟକ ଛପା, ତେଣୁ ବର୍ଷକପାଇଁ ଗ୍ରାହକ ନୋହିଲେ ଖୁଚରା ସଂଖ୍ୟା ଦିଆ ଯାଏନାହିଁ ।

ଏବର୍ଷପାଇଁ ବାରୁଣୀ ପ୍ରତିଋତୁରେ ଖଣ୍ଡେ ଲେଖାଏଁ ବାହାରିବ । ପ୍ରତି ସଂଖ୍ୟା ସେହି ଋତୁ ଆରମ୍ଭର ପ୍ରଥମ ସଂକ୍ରାନ୍ତିରେ ବାହାରିବା କଥା ।

**ଗ୍ରାହକ**—ସ୍ଥାନୀୟ ଗ୍ରାହକମାନଙ୍କପାଇଁ ବାର୍ଷିକ ମୂଲ୍ୟ ତିନିଟଙ୍କା, ଅନ୍ୟଥା ତିନିଟଙ୍କା ବାରଣା ଓ ଭିଃ ପିଃରେ ନେଲେ ଚାରିଟଙ୍କା ।

ବାରୁଣୀ ବାର୍ଷିକ ମୂଲ୍ୟ ସର୍ବଥା ନିର୍ଦ୍ଦିଷ୍ଟ ଓ ଅଗ୍ରୀମ । ଛାତ୍ର ବା ପାଠାଗାର ନିମନ୍ତେ ଅଳ୍ପ ମୂଲ୍ୟ ନାହିଁ ।

ମଫସଲର ଗ୍ରାହକମାନେ କୌଣସି ସଂଖ୍ୟା ନ ପାଇଲେ ଆଗେ ସ୍ଥାନୀୟ ଡାକଘରେ ସନ୍ଧାନ କରି, ଡାକଘର ଉତ୍ତର ସହିତ ଆମ୍ଭମାନଙ୍କ ପାଖକୁ ଲେଖିବେ ।

ଡାକଘର ଗୋଳମାଳରୁ ଯେଉଁମାନଙ୍କର ବାରୁଣୀ ପାଇବାରେ ବରାବର ଗୋଳମାଳ ଘଟେ ସେମାନଙ୍କର ରେଜେଷ୍ଟ୍ରୀ ଡାକରେ ନେବା ଉଚିତ ।

ପତ୍ରିକା ପଠାଯିବାର ଦି ୨୦ ଦିନ ମଧ୍ୟରେ ଅପ୍ରାପ୍ତ ସଂଖ୍ୟାପାଇଁ ଆବେଦନ ନ ଆସିଲେ ତତ୍ପରେ ତାହା ଗ୍ରାହ୍ୟ ନୁହେ ।

ସମ୍ବାଦ ଓ ଟଙ୍କା ପଇସା ପଠାଇଲାବେଳେ "କର୍ମ-ସଚିବ—ବାରୁଣୀମନ୍ଦିର, ବାଙ୍କାବଜାର, କଟକ" ଏହି ଠିକଣାରେ ପଠାଇବେ ଓ ସର୍ବଦା ଗ୍ରାହକ ନମ୍ବର ଦେବାକୁ ଯତ୍ନ କରିବେ, ଅନ୍ୟଥା ପତ୍ରୋତ୍ତର କିମ୍ବା ପ୍ରାପ୍ତି ସ୍ୱୀକାର ପାଇବାରେ ବିଳମ୍ବ ଘଟିପାରେ । ଏକମାସ ପାଇଁ ଠିକଣା ପରିବର୍ତ୍ତନ କରିବା ପ୍ରୟୋଜନ ହେଲେ ସ୍ଥାନୀୟ ଡାକଘରେ କରିବେ । ତଦୂର୍ଦ୍ଧ୍ୱ ସମୟପାଇଁ ଆମ୍ଭମାନଙ୍କୁ ଜଣାଇବା ବିଧେୟ ।

**ବିଜ୍ଞାପନ**—

| | |
|---|---|
| ସାଧାରଣ ଏକ ପୃଷ୍ଠା | ଆଠଟଙ୍କା |
| ଅର୍ଦ୍ଧ | ପାଞ୍ଚଟଙ୍କା |
| „ ଚଉଠ „ | ତିନିଟଙ୍କା |
| ଚିତ୍ରର ସମ୍ମୁଖ ଓ ପାଠ୍ୟ ଶେଷର ସମ୍ମୁଖ ଏକପୃଷ୍ଠା | ଦଶଟଙ୍କା |
| „ ଅର୍ଦ୍ଧ „ | ଛଅଟଙ୍କା |
| ମଲାଟର ଚତୁର୍ଥପୃଷ୍ଠା ଏକପୃଷ୍ଠା | କୋଡିଏଟଙ୍କା |
| „ „ ଅର୍ଦ୍ଧପୃଷ୍ଠା | ବାରଟଙ୍କା |
| ମଲାଟର ୨ୟ ଓ ୩ୟ ପୃଷ୍ଠା ଏକପୃଷ୍ଠା | ବାରଟଙ୍କା |
| ଅର୍ଦ୍ଧପୃଷ୍ଠା | ଆଠଟଙ୍କା |

ତିନିଥରପାଇଁ ପ୍ରତ୍ୟେକର ଦୁଇଗୁଣ ଓ ସାରାବର୍ଷପାଇଁ ପ୍ରତ୍ୟେକର ଚାରିଗୁଣ ଦେବାକୁ ପଡ଼େ ।

ଅନ୍ୟାନ୍ୟ ବିଶେଷ ପୃଷ୍ଠା ପରେ ଜ୍ଞାତବ୍ୟ ।

ସାଧାରଣ ପୃଷ୍ଠାରେ ବିଜ୍ଞାପନଦାତାମାନେ କୌଣସି ନିର୍ଦ୍ଦିଷ୍ଟ ପୃଷ୍ଠାରେ ବିଜ୍ଞାପନ ଛପାଇବାକୁ ଦାବି କଲେ ତାହା ଗ୍ରାହ୍ୟ ହେବନାହିଁ ।

ବିଜ୍ଞାପନ ବନ୍ଦ କରିବାକୁ ଇଚ୍ଛାକଲେ ସେ ସଂଖ୍ୟା ପ୍ରକାଶିତ ହେବାର ଅନ୍ତତଃ ପନ୍ଦରଦିନ ଆଗରୁ ଜଣାଇବା ପ୍ରୟୋଜନ । ନୂତନ ବିଜ୍ଞାପନ ବା ବିଜ୍ଞାପନ ପରିବର୍ତ୍ତନ ପକ୍ଷେ ମଧ୍ୟ ଏହି ନିୟମ ପ୍ରଯୁଜ୍ୟ ।

ଅଶ୍ଳୀଳ ବିଜ୍ଞାପନ ଛପାଯାଏନାହିଁ ।

ସ୍ଥୂଳପାଇକା ଅକ୍ଷରରେ ବିଜ୍ଞାପନ ଛପାଯାଏନାହିଁ ।

ବିଜ୍ଞାପନ-ଦାତାମାନଙ୍କର ବିଜ୍ଞାପନସ୍ଥ ବ୍ଲକମାନ ଅତି ସାବଧାନରେ ଛପାଯାଏ । ତଥାପି କୌଣସି କାରଣରୁ ତାହା ଭାଙ୍ଗିଗଲେ କିମ୍ବା ବିଜ୍ଞାପନ ଶେଷ ହେବା ସଙ୍ଗେ ସଙ୍ଗେ ତାହା ଫେରସ୍ତ ନ ନେଲେ ଆମ୍ଭେମାନେ ଦାୟୀ ନୋହୁଁ ।

ବିଜ୍ଞାପନ ମୂଲ୍ୟ ସର୍ବଦା ଅଗ୍ରୀମ ଦେୟ ।

ବିଜ୍ଞାପନରେ ଆମ୍ଭର 'ମୂଲସ୍ଥଳ' ନାହିଁ । ଏହାହିଁ ନିର୍ଦ୍ଦିଷ୍ଟ ନିୟମ ।

କର୍ମ-ସଚିବ
ବାରୁଣୀମନ୍ଦିର, ବାଙ୍କାବଜାର—କଟକ ।

Digitized by srujanika@gmail.com

## ସଂପାଦକୀୟ—

ଲେଖକମାନେ ପ୍ରବନ୍ଧାଦି ଓ ତତ୍ସମ୍ପର୍କିତ ପତ୍ରାଦି 'ସଂପାଦକ ବାରୁଣୀଙ୍କ ନାମରେ ପଠାଇବେ ଓ ସର୍ବଦା ପ୍ରେରିତ ପ୍ରବନ୍ଧର ନକଲ ରଖିବେ—କାରଣ, ଅମନୋନୀତ ପ୍ରବନ୍ଧ ପ୍ରାୟ ଫେରାଇଦେବା ସମ୍ଭବ ହୁଏନା ।

ସମଗ୍ର ପାଣ୍ଡୁଲିପି ହସ୍ତଗତ ନ ହେଲେ କ୍ରମଶଃ ପ୍ରକାଶ୍ୟ ପ୍ରବନ୍ଧ ପତ୍ରିକାରେ ସ୍ଥାନ ଦିଆଯାଏନାହିଁ ।

ଲେଖକମାନଙ୍କର ପ୍ରବନ୍ଧ କାହିଁକି ପ୍ରକାଶିତ ନ ହେଲା, ସମ୍ପାଦକ ସେ କୈଫିୟତ ଦେବାକୁ ଅକ୍ଷମ ।

ସଚିତ୍ର ପ୍ରବନ୍ଧାଦି ପ୍ରୟୋଜନୀୟ ଚିତ୍ରାଦି ସହ ପତ୍ରିକା ପ୍ରକାଶର ଅନ୍ତତଃ ଦେଢ଼ମାସ ପୂର୍ବରୁ ହସ୍ତଗତ ହେବା ଉଚିତ ।

ବହୁବର୍ଣ୍ଣ ଚିତ୍ର ଏକବର୍ଣ୍ଣଚିତ୍ର ଓ ରେଖା-ଚିତ୍ରାଦି ବିଷୟରେ ମଧ୍ୟ ଏହି ବ୍ୟବସ୍ଥା ।

ସଂପାଦକ—ବାରୁଣୀ ମନ୍ଦିର
ବାଙ୍କାବଜାର—କଟକ ।

---

## TO ADVERTISERS

## OF

## BARUNEE.

We have engaged agents all through Orissa and Calcutta Town to gather advertisements for Barunee. These who intend advertising in Barunee may consult with them or directly to our office.

We strictly discourage the habit of paying for Advertisements to our agents. Every payment regarding advertisements must be made directly to the office.

**No payment will be recognised unless it is made to the office and a receipt obtained for it.**

This rule cancells all previons ones.

*Manager.*
*Barunee office*
*Bankabazar, Cuttack.*

---


### ଉତ୍କଳର

ପତ୍ରିକାମାନଙ୍କ ଦ୍ୱାରା ପ୍ରଶଂସିତ ।

ଶ୍ରୀଯୁକ୍ତ ଲକ୍ଷ୍ମୀକାନ୍ତ ମହାପାତ୍ର ବି, ଏଙ୍କ କୃତ

# କୁମାରୀ

ବାଳିକାମାନଙ୍କର ଉପଯୋଗୀ ମନୋହର ଗୀତ ବହି ।
ସରଳ ଭାଷା ! ସୁନ୍ଦର ଭାବ !! ମଧୁର ରାଗ !!!

ଆପଣଙ୍କ ଝିଅ, ଝିଅଣୀ, ଭଉଣୀଙ୍କ ପାଇଁ ଖଣ୍ଡିଏ କିଣନ୍ତୁ । ବାଳିକାମାନେ ଏ ପୁସ୍ତିକା ଖଣ୍ଡି ହାତରେ ପାଇଲେ ଧରୁ ନ ଶିଖି ଛାଡ଼ିବେନାହିଁ ।

ଉତ୍କଳ ନୀଳ କାଗଜରେ ଛପା ୫୦/୦ ମାତ୍ର ।
କଟକର ବହି ଦୋକାନରେ ମିଳେ ।


Digitized by srujanika@gmail.com

# କାର ଏଣ୍ଡ ମହଲାନବିଶ

୩ ଚୌରଙ୍ଗୀ କଲିକତା ।

## ପ୍ରସିଦ୍ଧ ଓ ସମ୍ଭ୍ରାନ୍ତ ଗ୍ରାମୋଫୋନ ବିକ୍ରେତା ।

ଆମ ଦୋକାନର ବିଶେଷତ୍ୱ ଓ କିଣିବାର ସହଜ ଶୋଧ ( Instalment system ) ଉପାୟ ଜାଣିଲେ ସମସ୍ତଙ୍କ ପକ୍ଷରେ ଗ୍ରାମୋଫୋନ କିଣିବା ଅତି ସହଜ ହେବ । ଶୀଘ୍ର ପତ୍ର ଲେଖନ୍ତୁ । ଗ୍ରାମୋଫୋନର ମୂଲ୍ୟ ସବୁ ଦୋକାନରେ ତ ସମାନ ମାତ୍ର ଆମ ଦୋକାନର

## ବିଶେଷତ୍ୱ ପାଇଁ

ସମସ୍ତେ ଆମଠାରୁ କିଣିବାକୁ ଆସନ୍ତି

**ଏହାଛଡ଼ା—**

ଫୁଟବଲ, ଟେନିସ, ହକି, ବ୍ୟାଡ଼ମିଣ୍ଟନ ଆଦି ସମସ୍ତ ପ୍ରକାର ଖେଳର ସରଞ୍ଜାମ ସବୁସମୟରେ ବିକ୍ରୟ ନିମିତ୍ତ ପ୍ରସ୍ତୁତ ଥାଏ ।

## ସଚିତ୍ର ମୂଲ୍ୟତାଲିକା ପାଇଁ ଆଜି ପତ୍ର ଲେଖନ୍ତୁ ।

---

ଉତ୍କଳର ସୁବିଖ୍ୟାତ ଓ ବିଶ୍ୱାସୀ ସୁନାରୁପା ବ୍ୟବସାୟୀ

# ବାଉଚାନ୍ଦ ଏଣ୍ଡ କମ୍ପାନୀ ।

ନୟାସଡ଼କ କଟକ

ସୁନା ରୁପାର ଯାବତୀୟ ଅଳଙ୍କାର, ଜଡ଼ଉ, ପାଲିସ ଓ କଟକର ପ୍ରସିଦ୍ଧ ତାରକସୀ କାମ ସୁଲଭ ମୂଲ୍ୟରେ ଏଠାରେ ସର୍ବଦା ପ୍ରସ୍ତୁତ ଥାଏ ମୋଫସଲର ଅର୍ଡର ଅତି ଯତ୍ନରେ ଓ ଶୀଘ୍ର ପ୍ରସ୍ତୁତ କରି ପଠାଯାଏ ।

## ଗହଣା ପସନ୍ଦ ନୋହିଲେ ଫେରସ୍ତ ନେଉଁ, ଏହା ଆମ୍ଭ ଦୋକାନର ବିଶେଷତ୍ୱ ।

ଉତ୍କଳର ଅନେକ ରାଜା, ମହାରାଜା, ଜମିଦାର ଓ ସମ୍ଭ୍ରାନ୍ତ ବ୍ୟକ୍ତିମାନଙ୍କଠାରୁ ପ୍ରଶଂସା ପ୍ରାପ୍ତ ଏବଂ ଭାରତୀୟ ପ୍ରଦର୍ଶନୀମାନଙ୍କରୁ ସୁପାରିସ ପ୍ରାପ୍ତ ।

## ସଚିତ୍ର ମୂଲ୍ୟ ତାଲିକା ପାଇଁ ଶୀଘ୍ର ପତ୍ର ଲେଖନ୍ତୁ ।

---

ମୁଦ୍ରାକର—ଶ୍ରୀ ଶରତ୍‌ଚନ୍ଦ୍ର ଦେ
କଟକ ପ୍ରିଣ୍ଟିଂକମ୍ପାନୀ ଲିମିଟେଡ
କଟକ—୧୯୨୭


ପ୍ରକାଶକ—ଶ୍ରୀ ଘନକିଶୋର ମହାନ୍ତି
ବାରୁଣୀମନ୍ଦିର, ବାଙ୍କାବଜାର
କଟକ—୧୯୨

Digitized by srujanika@gmail.com

For everything in Jwellery, Gold and Silver
Please Communicate with.


*Telegram: PRECIOU* *Telephone No. 269*

# MESSRS. V. SUBRAMANIA IYER.
## JWELLERS.



Kupumuthu Street, Triplicane,

Madras.



## THE CHEPEST YET THE BEST HOUSE.

FOR

## ORNAMENTS, CURIOS, EMBOSS, POLISH WORKS, & ENAMELLS ON GOLD, PLATINUM. &c. &c.


☞ Cutting and setting of precious stones is our speciality.

*PLEASE ASK FOR PARTICULARS AND CATALOGUE.*

ଆଧୁନିକ ରୁଚିସଙ୍ଗତ ସମସ୍ତ ପ୍ରକାର ଅଳଙ୍କାର ଆମ୍ଭଠାରେ
ସର୍ବଦା ଗଚ୍ଛିତ ଥାଏ ।

ହୀରକ, ପଦ୍ମରାଗ ଓ ପୁଷ୍ପରାଗ ଖଚିତ ନାନାପ୍ରକାର ଜଡ଼ାଉ ଗହଣା ଟ ୬ ଙ୍କା ଠାରୁ ଟ ୧୦୦୦ ଙ୍କା ପର୍ଯ୍ୟନ୍ତ ଗ୍ରାହକମାନଙ୍କର ନିଜ ନିଜର ପସନ୍ଦ ଓ ରୁଚି ଅନୁଯାୟୀ ଅତିଅଳ୍ପ ସମୟ ମଧ୍ୟରେ ପ୍ରସ୍ତୁତ କରାଇ ଦିଆଯାଏ ।







ପତ୍ର ପାଇଲେ ସଚିତ୍ର ମୂଲ୍ୟ ତାଲିକା ପଠାଯାଏ ।

Digitized by srujanika@gmail.com